ନବ ଦିଗନ୍ତର ସନ୍ଧାନରେ

ଗଗନେନ୍ଦ୍ର ନାଥ ଦାଶ



Digitized by srujanika@gmail.com

କଟକର ରେଭେନ୍ସା କଲେଜ୍ ଓ ଶାନ୍ତିନିକେତନର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରିଥିବା ଗଗନେନ୍ଦ୍ର ନାଥ ଦାଶ (ଜନ୍ମ ୧୯୪୦) ତାଙ୍କର ବୈପ୍ଳବିକ ଦୃଷ୍ଟିକୋଣପାଇଁ ବିଭିନ୍ନ ସମୟରେ ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ସାଂସ୍କୃତିକ ଜଗତରେ ସୃଷ୍ଟି କରିପାରିଛନ୍ତି ଆଲୋଡ଼ନ। ଓଡ଼ିଆ ଭାଷାର ଅନୁଶୀଳନ, ଓଡ଼ିଆ ସାହିତ୍ୟ ସମାଲୋଚନା ଓ ଓଡ଼ିଶାର ସାଂସ୍କୃତିକ ଇତିହାସର ଚର୍ଚ୍ଚା - ଏ ପ୍ରତ୍ୟେକଟି କ୍ଷେତ୍ରରେ ସେ ଶୁଣିଛନ୍ତି ନବ ଦିଗନ୍ତର ଆହ୍ୱାନ ଓ ଅକୁତୋଭୟରେ ବାହାରିପଡ଼ିଛନ୍ତି ସେଇ ନବ ଦିଗନ୍ତର ସନ୍ଧାନରେ।

ସଂରଚନାତ୍ମକ ଭାଷାବିଜ୍ଞାନରେ ତାଲିମ ନେଇ ଅର୍ଥକୁ ପରିହାର କରି ଓଡ଼ିଆ ଭାଷାର ରୂପଭିତ୍ତିକ ବ୍ୟାକରଣ ରଚନା କ୍ଷେତ୍ରରେ ସେ ଅନ୍ୟତମ ଅଗ୍ରସୂରୀ। ଉଭୟ ମଧ୍ୟ-ଯୁଗୀୟ ଓ ଆଧୁନିକ ଓଡ଼ିଆ ସାହିତ୍ୟର ପରିବେଶ-କୈନ୍ଦ୍ରିକ ସମାଲୋଚନା ପ୍ରସଙ୍ଗରେ ଇତିହାସ, ନୃତତ୍ତ୍ୱ ଓ ଭାଷାବିଜ୍ଞାନର ସଫଳ ଉପଯୋଗ ମାଧ୍ୟମରେ ସେ କରିଛନ୍ତି ନୂତନ ଦୃଷ୍ଟିକୋଣର ସୂଚନା। ଆଞ୍ଚଳିକ ପରମ୍ପରାର ଅନୁଶୀଳନ ପ୍ରସଙ୍ଗରେ ଓଡ଼ିଶା ଇତିହାସର· କେତେକ ଅନ୍ଧକାରାବୃତ କୋଣ, ଅନୁକୋଣ ଉପରେ ଆଲୋକପାତ କରିବା ସହ ଜନଶ୍ରୁତି ବିଶ୍ଳେଷଣର ଏକ ଅଭିନବ ପଦ୍ଧତି ପ୍ରଚଳନ କରି ସେ ଦେଇଛନ୍ତି ନୂତନ ଦିଗଦର୍ଶନ। ଓଡ଼ିଆ ଅସ୍ମିତାର ସଂରଚନା ବିଷୟକ ତାଙ୍କର ଅନୁଧ୍ୟାନ ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ ଓ ସେ କ୍ଷେତ୍ରରେ ତାଙ୍କ ଅଗ୍ରଗାମୀତ୍ୱ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱୀକୃତ।

ତାହା ବ୍ୟତୀତ ଓଡ଼ିଶା ଭାଷା; ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ଉପାଦାନର ସଂଗ୍ରହ ଓ ପଞ୍ଜୀକରଣ ତଥା ତାଳପତ୍ର ପୋଥି ସମ୍ପାଦନାରେ ମଧ୍ୟ ରହିଛି ତାଙ୍କ କୃତିତ୍ୱର ସ୍ୱାକ୍ଷର।

ଉତ୍କଳ, ବିଶ୍ୱଭାରତୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଓ ଭାଷାବିଜ୍ଞାନ ବିଭାଗରେ କୃତିତ୍ୱର ସହ ଅଧ୍ୟାପନା କରିବା ସହ ହାର୍ଭାର୍ଡ଼-ଭୁବନେଶ୍ୱର ପ୍ରୋଜେକ୍ଟର ସହଯୋଗୀ ଓ ଜର୍ମାନ ରିସର୍ଚ୍ଚ ପ୍ରୋଜେକ୍ଟରେ ସଦସ୍ୟ ତଥା କିଛି କାଳପାଇଁ କ୍ଷେତ୍ରନିର୍ଦ୍ଦେଶକ ଭାବରେ କାମ କରି ସେ ଦେଇଛନ୍ତି ଦକ୍ଷତାର ପରିଚୟ ତଥା ପାଖାପାଖି ଅର୍ଦ୍ଧ-ଶତାବ୍ଦୀ ଧରି ପାଶ୍ଚାତ୍ୟ ଦେଶ ଓ ଓଡ଼ିଶା ମଧ୍ୟରେ ସେ ନିର୍ବାହ କରିଆସିଛନ୍ତି ଏକ ସାଂସ୍କୃତିକ-ସେତୁର ଭୂମିକା।

Digitized by srujanika@gmail.com

ନବ ଦିଗନ୍ତର ସନ୍ଧାନରେ

ଗଗନେନ୍ଦ୍ର ନାଥ ଦାଶ

ପ୍ରକାଶିକା :
ରମାଦେବୀ

Digitized by srujanika@gmail.com

ନବ ଦିଗନ୍ତର ସନ୍ଧାନରେ

ଲେଖକ: ଗଗନେନ୍ଦ୍ର ନାଥ ଦାଶ ♦ **ପ୍ରକାଶିକା ଓ ସ୍ୱତ୍ତ୍ୱାଧିକାରିଣୀ: ରମାଦେବୀ,** ୩୨୪- ଶ୍ରୀରାମ ନଗର, ଭୁବନେଶ୍ୱର-୭୫୧୦୦୨ ♦ **ମୁଦ୍ରଣ:** ଗୋପୀନାଥ ଅଫ୍‌ସେଟ୍, ରସୁଲଗଡ଼, ଭୁବନେଶ୍ୱର ♦ **ପ୍ରଚ୍ଛଦ:** କବିତା ବେହେରା ♦ **ପ୍ରଥମ ପ୍ରକାଶ:** ୧୨ ଫେବୃଆରୀ ୨୦୧୬ ♦ **ମୂଲ୍ୟ:** ଟ. ୨୨୦.୦୦ ♦ **ବିତରକ :** ଶିକ୍ଷାସନ୍ଧାନ, ଏନ୍. ଡି. -୭, ଭି. ଆଇ. ପି. ଏରିଆ, ଆଇ. ଆର୍. ସି. ଭିଲେଜ, ଭୁବନେଶ୍ୱର-୭୫୧୦୧୫, **ଦୂରଭାଷ :** ୦୬୭୪-୨୫୫ ୬୧୯୯,
ଇ.ମେଲ୍: sikshasandhan@gmail.com; www.sikshasandhan.org

Naba Digantara Sandhanare

By: Gaganendra Nath Dash
© & Publisher: Rama Devi, 324 - Sri Ram Nagar, Bhubaneswar-751002, Tel. 2341700
Printed at: **Gopinath Offset, Rasulgarh, Bhubaneswar**
Cover: Kabita Behera
First Edition: 12 February 2016
Price: Rs. 220/-
Distributor: Sikshasandhan, VIP Area, IRC Village, Bhubaneswar, 751015
Tel. 0674-2556109
E-mail: sikshasandhan@gmail.com; www.sikshasandhan.org

ISBN: 978-93-5258-205-1

Digitized by srujanika@gmail.com

ମୋର ଗବେଷଣା ନାମକ ଚଷୁକୁଟିବା କାମରେ ଅସରନ୍ତି ପ୍ରେରଣାର ଉତ୍ସ

ଓ

ନିଜ ନିଜର ଅବଦାନପାଇଁ ଭାରତର ରାଷ୍ଟ୍ରପତିଙ୍କଦ୍ୱାରା 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ

ମୋର ଜର୍ମାନ୍ ବନ୍ଧୁ ଯୁଗଳ

Hermann Kulke ବା ହାମି

ଓ

Heinrich von Stietencron ବା ହେନ୍‌ରୀଙ୍କ

ହାତରେ ଟେକିଦେଉଛି ଜୀବନସାରା କୁଟିଚାଲିଥିବା ତୁଚ୍ଛ ଚଷୁରୁ କିଛି ।

Digitized by srujanika@gmail.com

Digitized by srujanika@gmail.com

ସୂଚିପତ୍ର

କୃତଜ୍ଞତା ।

ଭୂମିକା ।

ଉପୋଦ୍‌ଘାତ ।

୧. ବିକଳ୍ପ ଆଧୁନିକତା :
ଶାରଳା ମହାଭାରତରେ ଏକଲବ୍ୟ ଉପାଖ୍ୟାନ । ୧୯
(ଜନପଦ ଓ ଜଙ୍ଗଲ ମଧ୍ୟରେ ସଂଘର୍ଷର ଚିତ୍ର:
ଏକଲବ୍ୟ ଉପାଖ୍ୟାନରୁ 'ପରଜା' ପର୍ଯ୍ୟନ୍ତ)

୨. ନବୋନ୍ମେଷର ଅଗ୍ରଦୂତ,
ସତ୍ୟବାଦୀ ଚିନ୍ତାସ୍ରୋତର ଗଙ୍ଗୋତ୍ରୀ ପଣ୍ଡିତ ହରିହର । ୭୨

୩. ଉତ୍କଳ ସମ୍ମିଳନୀ (ଉତ୍କଳଗୌରବ ଓ ଉତ୍କଳମଣି) । ୧୦୩

୪. 'ଭାତ' ଓ 'ପରକଲମ'ର ପୃଷ୍ଠଭୂମି ସନ୍ଧାନରେ
(ଦୁଇ ପଣ୍ଡିତ କଥା) । ୧୫୭

କାହାଣୀ : ଜଣେ ଗବେଷକର । ୨୦୭

Digitized by srujanika@gmail.com

କୃତଜ୍ଞତା

ଯେଉଁମାନେ ପ୍ରବନ୍ଧଗୁଡ଼ିକ ଲେଖିବାରେ, ଯଥା ତଥ୍ୟସଂଗ୍ରହରେ ଓ ଅନ୍ୟଭାବରେ, ମତେ ସାହାଯ୍ୟ କରିଛନ୍ତି; ଯେଉଁମାନେ ମତେ ବିଭିନ୍ନ ଅନୁଷ୍ଠାନରେ/ଅବକାଶରେ ପ୍ରବନ୍ଧ ପାଠକରିବାପାଇଁ ଆମନ୍ତ୍ରଣ କରି ପ୍ରବନ୍ଧ ଲେଖିବାର କାରକ ହୋଇଛନ୍ତି; ଯେଉଁ ସାହିତ୍ୟପତ୍ର ବା ସଙ୍କଳନର ସମ୍ପାଦକ/ସଙ୍କଳୟିତା ପ୍ରଥମେ ପ୍ରବନ୍ଧଟିକୁ ଆଲୋକକୁ ଆଣିଛନ୍ତି ଓ ଯେଉଁ ଆଗ୍ରହୀ ଓ ସହୃଦୟ ପାଠକମାନେ ସମୟ ଦେଇ ଓ ଶ୍ରମ ସ୍ୱୀକାର କରି ପ୍ରବନ୍ଧ ପଢ଼ିଛନ୍ତି ତଥା ବିଶେଷ ଭାବରେ ସେମାନଙ୍କ ମଧ୍ୟରୁ ଯେଉଁମାନେ ବ୍ୟକ୍ତିଗତଭାବରେ ପତ୍ରଯୋଗେ, ଦୂରଭାଷଯୋଗେ ବା ଅନ୍ୟଭାବରେ ମତେ ସେମାନଙ୍କର ଅଭିମତ ଜଣାଇ ଉତ୍ସାହିତ ଓ ଅନୁପ୍ରେରିତ କରିଛନ୍ତି ସେ ସମସ୍ତଙ୍କୁ ଜ୍ଞାପନ କରୁଛି ହୃଦୟର ଆନ୍ତରିକ କୃତଜ୍ଞତା । ତା ସହ ଆମ ସମାଜରେ ତଥା ବିଶାଳ ଏଇ ବିଶ୍ୱର ଅନ୍ୟତ୍ର ବି ଥିବା ମୋ ପରି ସମାଜବିଜ୍ଞାନ ଓ ମାନବବିଦ୍ୟାରେ ଗବେଷଣା ନାମକ ଚଷୁକୁଟୁଥିବା ଚଷୁକୁଟାଳିମାନଙ୍କୁ ବି ଜଣାଉଛି ମୋ ହୃଦୟର ଗଭୀର କୃତଜ୍ଞତା ।

ଏହି ସଙ୍କଳନର ଏକମାତ୍ର ପରିବେଷକ ହେବାକୁ ସମ୍ମତ ହୋଇଥିବା ଶିକ୍ଷାସନ୍ଧାନ ଓ ବିଶେଷ ଭାବରେ ତାହାର ସଭାପତି ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଓ ସମ୍ପାଦକ ଶ୍ରୀ ଅନୀଲ ପ୍ରଧାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି ।

ପୁସ୍ତକଟିର ଡି.ଟି.ପି. ତଥା ପ୍ରଚ୍ଛଦପଟ ପ୍ରସ୍ତୁତ କରିଥିବା କୁମାରୀ କବିତା ବେହେରାଙ୍କୁ ମଧ୍ୟ ଏହି ଅବସରରେ ଧନ୍ୟବାଦ ଜଣାଉଛି ।

Digitized by srujanika@gmail.com

ଭୂମିକା

[ଓଡିଶାର ପ୍ରଚଳିତ ଗୋଟିଏ ସାହିତ୍ୟିକ ପରମ୍ପରାରେ ଦ୍ରୌପଦୀ-ସ୍ୱୟମ୍ବରରେ ଲକ୍ଷ୍ୟ ସ୍ଥଳ ଥିଲା ଏକ ଦୀର୍ଘ ସ୍ତମ୍ଭର ଶୀର୍ଷ ଦେଶରେ ସ୍ଥାପିତ ଏକ ମାଛର ଆଖି; ଠିକ ତାର ତଳେ ଅନବରତ ଘୂର୍ଣ୍ଣନଶୀଳ ଗୋଟିଏ ଛିଦ୍ର-ଯୁକ୍ତ-ଚକ୍ର ଥିଲା । ନିମ୍ନରେ ଥିଲା ଏକ ଜଳକୁଣ୍ଡ । ନିମ୍ନକୁ ଦୃଷ୍ଟି କରି ଜଳ ମଧ୍ୟରେ ଲକ୍ଷ୍ୟ ମାଛର ପ୍ରତିବିମ୍ବ ଦେଖି ସେଇ ଚକ୍ରରେ ଥିବା ଛିଦ୍ର ବାଟରେ ନିର୍ଦ୍ଦିଷ୍ଟ ଧନୁରୁ ଶର ସନ୍ଧାନ କରି ମାଛର ଆଖିକୁ ଭେଦ କରିବାର ଆବଶ୍ୟକତା ଥିଲା ଲକ୍ଷ୍ୟଭେଦର ସର୍ତ୍ତ । କିନ୍ତୁ ଶ୍ରୀକୃଷ୍ଣଙ୍କ ଆଜ୍ଞାନୁସାରେ ଉପରେ ଘୂର୍ଣ୍ଣନଶୀଳ ଚକ୍ରର ଠିକ୍ ତଳେ ସୁଦର୍ଶନ ଚକ୍ର ଅଦୃଶ୍ୟ ଭାବରେ ରହି କର୍ଣ୍ଣଙ୍କ ଶରକୁ ପ୍ରତିହତ କରିବାରୁ ହିଁ କର୍ଣ୍ଣ ଲକ୍ଷ୍ୟଭେଦରେ ଅସମର୍ଥ ହେଲେ । କିନ୍ତୁ ଅର୍ଜୁନଙ୍କ କ୍ଷେତ୍ରରେ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରକୁ ଆଡ କରିନେବାରୁ ବା ଅପସାରିତ କରିଦେବାରୁ ସେ ଲକ୍ଷ୍ୟଭେଦରେ ସମର୍ଥ ହୋଇଥିଲେ । ତେବେ ଲକ୍ଷ୍ୟଭେଦରେ ସମର୍ଥ ହୋଇଥିବା ଅର୍ଜୁନ ଓ ଅନ୍ୟ ଚାରି ପାଣ୍ଡବ ପତି ଥିଲେ ମଧ୍ୟ କର୍ଣ୍ଣଙ୍କ ପ୍ରତି ଦ୍ରୌପଦୀଙ୍କର ଦୁର୍ବଳତା ଥିବା ବିଷୟଟି ବି ଜଣାଶୁଣା ।]

କର୍ଣ୍ଣ ମୁଁ ଯାଉଛି ଫେରି ହେ ପାଞ୍ଚାଳୀ ! ପଞ୍ଚାଳ ନଗରୁ,
କର୍ଣ୍ଣ ମୁଁ ଯାଉଛି ଫେରି ଯାଜ୍ଞସେନୀ ! ତୁମ ସ୍ୱୟମ୍ବରୁ,
କର୍ଣ୍ଣ ମୁଁ ଯାଉଛି ଫେରି ଲକ୍ଷ୍ୟଭେଦେ ହୋଇ ଅଶକତ,
ପରାଜୟ ଗ୍ଲାନି ଭାରେ ମସ୍ତକ ମୋ କରି ଅବନତ ।

ଜେତା ଆଜି ଧନଞ୍ଜୟ ଲକ୍ଷ୍ୟଭେଦ ପାରିଅଛି କରି ।
ବାଜିଲା ସହସ୍ର ଶଙ୍ଖ ଅକସ୍ମାତ, ସହସ୍ର ଦୀପାଳୀ
ପ୍ରଜ୍ୱଳିତ ହେଲା; ତୁମେ ବନ୍ଦାଣର ଥାଳି ଧରି ହାତେ,
ଲଜ୍ଜାଅବନତ ମୁଖେ ହେ ପାଞ୍ଚାଳୀ ! ନମ୍ର ପଦପାତେ,
ଅର୍ଜୁନ ସମ୍ମୁଖେ ଆସି ତା ଗଳାରେ ବରଣର ମାଳା
ଲମ୍ବାଇଲ ଯେତେବେଳେ ଏ ନିର୍ଲଜ୍ଜ କର୍ଣ୍ଣ ଦେଖୁଥିଲା ।
ସେହି ପରାଜିତ କର୍ଣ୍ଣ ଆଜି କୃଷ୍ଣା ! ଯାଉଅଛି ଫେରି,
ପରାଜୟ ଗ୍ଲାନି ଭାରେ ମସ୍ତକ ତା ଅବନତ କରି ।

Digitized by srujanika@gmail.com

କର୍ଣ୍ଣର ସମସ୍ତ ଦର୍ପ, ଅହଙ୍କାର ସବୁ ତା ମନରେ
ହୋଇଗଲା ଚୂନା ଯେବେ, ମିଶିଗଲା ପଥର ଧୂଳିରେ,
ସେ ପଥରେ ଗଲାଚାଲି ବରଣର ମାଳା ବିଭୂଷିତ,
ଉଚ୍ଚଶିର, ସ୍ଫୀତବକ୍ଷ ଧନଞ୍ଜୟ ଧରି ତୁମ ହାତ ।
ବିଜୟର, ବିଦ୍ରୂପର ହାସ୍ୟ-ରେଖା ଲେଖା ଥିଲା ହୋଇ,
ଅଧରେ ତା; ହାତରେ ତା ହାତ ରଖି ବେଣୀ ଦୋହଲାଇ,
ଯାଉଥିଲ ଚାଲି ଯେବେ, ସେତେବେଳେ ଜାଣି କି ଗୋ ଥିଲ !
ସ୍ୱୟମ୍ବରସଭା ନୁହେଁ, ଥିଲା ସେ ତ ଛଳନାର ଜାଲ ?

ଲକ୍ଷ୍ୟ ତଳେ ଚକ୍ର ଥିଲା; ଚକ୍ର ତଳେ ଚକ୍ରାନ୍ତ ବି ଥିଲା ।
ଏ ନିର୍ବୋଧ କର୍ଣ୍ଣ କଣ ସେ ଚକ୍ରାନ୍ତ ସ୍ୱପ୍ନେ ଭାବିଥିଲା ?
ଚକ୍ର ହସ୍ତେ ଚକ୍ରୀ ଦେଖି ସନ୍ଦେହ ତ ନ ଥିଲା ତା ମନେ ।
ବୀର କର୍ଣ୍ଣ ପରାଜିତ ବିଧି ନୁହେଁ, ଅବିଧି ବିଧାନେ ।

ଚକ୍ରାନ୍ତର ଚକ୍ରେ ବାଜି କର୍ଣ୍ଣ ଶର ହେଲା ପ୍ରତିହତ ।
ଉତ୍ତାଳ ତରଙ୍ଗରାଶି ସମୁଦ୍ରରେ ନ ହେଲା ଉଦ୍ଧିତ;
ଅନନ୍ତ ନାଗର ଶିରେ ଥରଥର ଧରା ହେଲା ନାହିଁ;
ନ ବହିଲା ଝଞ୍ଜାବାତ ବନସ୍ପତୀ କରି ଭୂମିଶାୟୀ;
ଅଗ୍ନି ଉଦ୍ଗୀରଣ ନାହିଁ ହେଲା, ଯେତେ ଆଗ୍ନେୟଗିରିରୁ;
ବିକ୍ଷିପ୍ତ ତ ନାହିଁ ହେଲେ, ଚନ୍ଦ୍ର, ସୂର୍ଯ୍ୟ ଆପଣା କକ୍ଷରୁ ।
ପରାଜୟ, ଉପହାସ. ଲଜ୍ଜା ହେଲା କର୍ଣ୍ଣର ଭୂଷଣ ।
ଛଳନାରେ ଅବହେଳେ ଲକ୍ଷ୍ୟଭେଦ କରିଲା ଅର୍ଜୁନ ।

ସ୍ୱପ୍ନର ସୁନ୍ଦରୀ ମୋର ହେ ପାଞ୍ଚାଳୀ ! ଏ ଅଭିଯୋଗର
ପ୍ରମାଣ ତ ନାହିଁ କିଛି ! ଅଦୃଶ୍ୟ ସେ ଚକ୍ରାନ୍ତ-ଚକ୍ରର
ବିଶ୍ୱାସ କରିବ କିଏ ଅସ୍ତିତ୍ୱକୁ ? ଅବା ତୁମ ମନ ?
ଅସମ୍ଭବ ଆଗୋ କୃଷ୍ଣା ! ମଥା ପୋତି ଚାଲେ ଆଜି କର୍ଣ୍ଣ ।

Digitized by srujanika@gmail.com

ନିଶ୍ଚୟ ଭାବିବ ତୁମେ, 'ପରାଜିତ ହୋଇ ଈର୍ଷାନ୍ୱିତ,
ରଚନା କରୁଛି କର୍ଣ୍ଣ ମିଥ୍ୟା କଥା; ହେଉଛି କୁଣ୍ଠିତ,
ସ୍ୱୀକାର କରିବାପାଇଁ ଅସାମର୍ଥ୍ୟ, ଅକ୍ଷମତା ତାର;
କଳ୍ପନା କରୁଛି ସିନା ମିଥ୍ୟା ଏକ ଦୂରଭିସନ୍ଧିର ।'
'ବିଜେତାର ବିଜୟକୁ ଅକୁଣ୍ଠିତ ଉଦାର ସ୍ୱୀକୃତି
ଦେଇପାରେ ନାହିଁ କର୍ଣ୍ଣ ।', ମନେ ତୁମ ହୋଇବ ପ୍ରତୀତି ।

ଆହୁରି ବିମୁଖ ହେବ କର୍ଣ୍ଣ ପ୍ରତି । ହେ ଚତୁରୀ ନାରୀ !
ଚକ୍ରାନ୍ତର ଚକ୍ର ତୁମେ ଆବିଷ୍କାର ପାରିଛ ବା କରି ?
ନ ହେଲେ ତା ଉଚ୍ଚ ଶିର ଚିର ଦିନପାଇଁ ଅବନତ
କରି, ଚିତ୍ରାର୍ପିତ ପରି ସଭାପାର୍ଶ୍ୱେ ହୋଇ ଉପେକ୍ଷିତ
ଠିଆ ହୋଇଥିବା କର୍ଣ୍ଣ ଆଖି କୋଣେ ତୁମରି ଆଖିର,
ସଂଘର୍ଷ କିପରି ହେଲା ? ହେ ସୁନ୍ଦରୀ ସହସ୍ର ସ୍ୱପ୍ନର !
ମୁହୂର୍ତ୍ତର ଭଗ୍ନାଂଶରପାଇଁ କିଆଁ ତୁମରି ଚରଣ,
ଥମିଗଲା ସେତେବେଳେ ? ପଢ଼ିଥିଲି ଆଖିରେ ମୁଁ ତୁମ,
ଭାଷା ଅନୁଶୋଚନାର; ବିଷାଦର କରୁଣ ରାଗିଣୀ
ହୃଦୟବୀଣାରେ ତୁମ ମର୍ମରିଲା ପାରିଥିଲି ଶୁଣି ।

ଅସହାୟ କର୍ଣ୍ଣ ହାୟ ! ବନ୍ଦୀ ସେ ତ ଛଳନାର ଜାଲେ ।
ଚକ୍ରାନ୍ତର ଚକ୍ର ଆଜି ଚକ୍ରୀ ହାତେ ଘୂରଇ ଘର୍ଘରେ ।
ପାର୍ଥବଧୂ ଆଜି କୃଷ୍ଣା । ମସ୍ତକ ତା କରି ଅବନତ,
ଯାଉଅଛି ଫେରି କର୍ଣ୍ଣ ପଞ୍ଚାଳରୁ ହୋଇ ପରାଜିତ ।

ଗଗନେନ୍ଦ୍ର ନାଥ ଦାଶ

Digitized by srujanika@gmail.com

ଉପୋଦ୍‌ଘାତ
(ଜଣେ ଚକ୍ଷୁକୁଟାଳିର ବକ୍ତବ୍ୟ)

(୧)

ମୁଁ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଇତିହାସ ଚର୍ଚ୍ଚା କ୍ଷେତ୍ରରେ ନବ ଦିଗନ୍ତର ଆହ୍ୱାନ ବହୁ ବର୍ଷ ପୂର୍ବେ ଶୁଣିଥିବି; ତେବେ ଠିକ୍ କେବେ ପ୍ରଥମେ ଶୁଣିଥିଲି, ତା ଆଜି ଆଉ ମୋର ମନେ ନାହିଁ । ଆଉ ସେହି ଆହ୍ୱାନକୁ ଶୁଣି, ତାକୁ ଗ୍ରହଣ କରିନେଇ ସଚେତନ ଭାବରେ ସେଇ ନବ ଦିଗନ୍ତର ସନ୍ଧାନରେ ବାହାରି ପଡିଥିଲି, ଅବଶ୍ୟ ବହୁତ ପରେ; ମୋର ଆଜି ଯାହା ମନେପଡୁଛି, ତା ବୋଧହୁଏ ସ୍ନାତକୋତ୍ତର ଶ୍ରେଣୀରେ ପଢୁଥିବା ସମୟରେ । ମୋର ସେଇ ସନ୍ଧାନ ଯେ ସବୁ ସମୟରେ ଫଳପ୍ରସୂ ହୋଇପାରିଛି, ତା ବି ନୁହେଁ । କେତେ ଥର ମୁଁ ଅଧା ବାଟରୁ ଫେରିଆସିଛି, ତାର କିଛି ବି ହିସାବ ମୁଁ ରଖିପାରିନାହିଁ । ପୁଣି ବେଳେ ବେଳେ ସେଇ ସେଇ କ୍ଷେତ୍ରରେ ଏକ ନବ ଦିଗନ୍ତର ସନ୍ଧାନ ପାଇଗଲି ବୋଲି ଭାବିବା ପରେ ତା ପ୍ରକୃତରେ ନବ ଦିଗନ୍ତ ନୁହେଁ ବୋଲି ବି ମୁଁ ଜାଣିପାରିଛି ଓ ମୋର ଶ୍ରମ ବାସ୍ତବିକ ପଣ୍ଡଶ୍ରମ ବୋଲି ମଧ୍ୟ ଭାବିଛି । ତା ପରେ ବି କେତେ ଥର ସେଇ ସେଇ କ୍ଷେତ୍ରରେ ମୁଁ ଆଉ ଏକ ନବ ଦିଗନ୍ତର ସନ୍ଧାନ ପାଇଗଲି ବୋଲି ଉଚ୍ଚ କଣ୍ଠରେ ହୁରି ପକାଇଛି ମଧ୍ୟ, ଠିକ୍ ଯିମିତି ସେ ଦିନ ଆର୍କିମିଡିଜ୍ "ଇଉରେକା", "ଇଉରେକା" ବା 'ପାଇଛି', 'ପାଇଛି' ବୋଲି ଆନନ୍ଦରେ ଆତ୍ମହରା ହୋଇ ହୁରି ପକାଇଥିଲେ । ତେବେ ପ୍ରକୃତରେ ମୁଁ କେବେ କୌଣସି ନବ ଦିଗନ୍ତର ସନ୍ଧାନ ପାଇପାରିଛି କି ନାହିଁ ତା ଅନ୍ୟମାନେ, ଅବଶ୍ୟ ନିରପେକ୍ଷ ବିଚାରକମାନେ, ବିଚାର କରନ୍ତୁ, କାରଣ ତାର ବିଚାରର ଅଧିକାର ତ ସେଇମାନଙ୍କ ଉପରେ ନ୍ୟସ୍ତ । ସେମାନଙ୍କର ରାୟକୁ ମୁଁ ତ ଅବନତ ମସ୍ତକରେ ଗ୍ରହଣ କରିନେବି ।

ତେବେ ପ୍ରକୃତରେ ମୁଁ କୌଣସି ନବ ଦିଗନ୍ତର ସନ୍ଧାନ ପାଇପାରିଥାଏ ବା ପାଇପାରିନଥାଏ ଅଥବା ତାର ସନ୍ଧାନ ପ୍ରସଙ୍ଗରେ ଭ୍ରମପ୍ରମାଦ ବି କରିପାରିଥାଏ, କିନ୍ତୁ ସେ ପ୍ରସଙ୍ଗରେ କେବେ ବି ମୋର ନିଷ୍ଠାର ଅଭାବ ନ ଥିଲା । ତେଣୁ ମୁଁ କେବେ କୌଣସି

Digitized by srujanika@gmail.com

ନବ ଦିଗନ୍ତର ସନ୍ଧାନ ପାଇପାରିନାହିଁ ବୋଲି ଯେଉଁମାନେ ସିଦ୍ଧାନ୍ତ କରିବେ, ସେ ସମସ୍ତେ ଅନ୍ତତଃ ସନ୍ଧାନ କରିବା ପ୍ରସଙ୍ଗରେ ମୋର ନିଷ୍ଠାର ତଥା ଅଧ୍ୟବସାୟର ଅଭାବ ଥିଲା ବୋଲି ସନ୍ଦେହ କରିବେ ନାହିଁ ଓ ମୋ ଉପରେ ସେପରି ଦୋଷାରୋପ ବି କରିବେ ନାହିଁ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ଆଉ ସଚେତନ ଭାବରେ ସେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଇତିହାସ ଚର୍ଚ୍ଚା କ୍ଷେତ୍ରରେ ନବ ଦିଗନ୍ତର ସନ୍ଧାନରେ ବାହାରିପଡ଼ିବା ପଛରେ ହୁଏତ ବା ଥିଲା – ଅନ୍ତତଃ ସାମାନ୍ୟ ପରିମାଣରେ – ନିଜର ବୃତ୍ତିଗତ ଉନ୍ନତିର କାମନା । କିନ୍ତୁ ତା ତ ଆସିଲା ପରେ । ପ୍ରକୃତରେ ନବ ଦିଗନ୍ତର ସନ୍ଧାନ କରିବାପାଇଁ ମୂଳରୁ ମୋର ନିଜର ବ୍ୟକ୍ତିଗତ ପ୍ରବୃତ୍ତି ଓ ପ୍ରବଣତା କେବଳ ନ ଥିଲା, ତା ଥିଲା ବୃତ୍ତିଗତ ଉନ୍ନତିକାମନା ସୃଷ୍ଟି ହେବାର ବହୁ ପୂର୍ବରୁ ଓ ବହୁ ଅଧିକ ପରିମାଣରେ । ସେଥିପାଇଁ ବୃତ୍ତିଗତ ଉନ୍ନତିର ଶେଷ ପାହାଚରେ ଗୋଡ ଦେଇସାରିବା ପରେ ବି ମୋର ସେଇ ସେଇ କ୍ଷେତ୍ରରେ ନବ ଦିଗନ୍ତର ସନ୍ଧାନ ଅବ୍ୟାହତ ରହିଥିଲା ଓ ଏପରି କି ସେଥିରେ ଭଟ୍ଟା ପଡ଼ିବା ଦୂରେ ଥାଉ ତାର ପରିମାଣଗତ ଓ ଗୁଣଗତ ଅଭିବୃଦ୍ଧି ବି ହୋଇଥିଲା ।

ତା ବ୍ୟତୀତ ବି ଏପରି ନବ ଦିଗନ୍ତର ସନ୍ଧାନ କରିବା ପଛରେ ତା ସହ ଯୁକ୍ତ ବି ହୋଇଥିଲା – କେତେକଙ୍କୁ ତା ଅତ୍ୟନ୍ତ ଅବିଶ୍ୱାସ୍ୟ ବୋଲି ମନେହେଲେ ହେଁ – ଆମର ସମାଜଜୀବନକୁ ସୁସ୍ଥ, ସୁନ୍ଦର, ସୁନିର୍ମଳ, ସର୍ଜନାତ୍ମକ ବା ସୃଷ୍ଟିଶୀଳ ଓ ସବଳ କରିରଖିବାର ଗୋଟାଏ ଦୁର୍ବାର କାମନା । ଉଦାହରଣ ସ୍ୱରୂପ ଇତିହାସ ଚର୍ଚ୍ଚା ଆମକୁ ଆମର ବର୍ତ୍ତମାନ ତଥା ଭବିଷ୍ୟତର ଯୋଜନା ଓ କର୍ମପନ୍ଥା ସମ୍ପର୍କରେ ଅଧିକ ସଚେତନ ଓ ସାବଧାନ କରିଦେବ; ଅତୀତରେ କରିଥିବା ଭ୍ରମର ପୁନରାବୃତ୍ତି ଆଉ ଯେପରି ନ ହୁଏ ସେ ସମ୍ପର୍କରେ ସଚେତନ କରିଦେବ । ସେହିପରି ସାହିତ୍ୟଚର୍ଚ୍ଚା ସମାଜର ବ୍ୟକ୍ତିବିଶେଷଙ୍କ ମନରେ ମାନବିକତାର ବା ଅନ୍ୟ କଥାରେ କୋମଳତାର ଓ ଚିରନ୍ତନ ମୂଲ୍ୟବୋଧର ସ୍ପର୍ଶ ଦେଇ ସମାଜଜୀବନକୁ ମାନବିକ ଆବେଦନରେ ସିକ୍ତ କରିଦେବ ତଥା ପରିଣାମରେ ତାହାକୁ ସୁସ୍ଥ କରିରଖିବ । ସଂସ୍କୃତିଚର୍ଚ୍ଚା ଆମମାନଙ୍କୁ ଛିନ୍ନମୂଳ ହେବାକୁ ଦେବ ନାହିଁ ଓ ପରିମାଣରେ ଆମମାନଙ୍କୁ ଅଧିକ କ୍ରିୟାଶୀଳ ବା ସର୍ଜନଶୀଳ କରିଦେବ । ଭାଷାଚର୍ଚ୍ଚା ଆମମାନଙ୍କ ମଧ୍ୟରେ ଭାଷାଜନିତ ଭୁଲବୁଝାମଣାର ଅପନୋଦନ ଯେପରି କରିଦେବ, ସେହିପରି ଆମମାନଙ୍କୁ ମଧ୍ୟ କରିଦେବ ଅଧିକ କ୍ରିୟାଶୀଳ ବା ସର୍ଜନଶୀଳ ଇତ୍ୟାଦି ଇତ୍ୟାଦି । ମୋଟ ଉପରେ ମୋର ଏଇ ସବୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଇତିହାସ ଚର୍ଚ୍ଚା ଭିତର ଦେଇ ମୁଁ କେବଳ ନିଜପାଇଁ ନୁହେଁ, ତା ଯେତେ ସାମାନ୍ୟ ହେଲେ ବି ଆମ ସମାଜପାଇଁ ବା

Digitized by srujanika@gmail.com

ଅନ୍ୟମାନଙ୍କପାଇଁ, କିଛି କରୁଛି ବୋଲି ମୋର ଏକ ବିଶ୍ୱାସ ଥିଲା ଓ ତା ବି ମତେ ଦେଇଥିଲା କିଛି ଆତ୍ମସନ୍ତୋଷ ଓ ଆନନ୍ଦ ।

କିନ୍ତୁ ଏ ଗତ କେତେ ବର୍ଷ ଭିତରେ ପରିସ୍ଥିତି ଏତେ ବଦଳିଯାଇଛି ଯେ ମାନବବିଦ୍ୟା ଓ ସମାଜବିଜ୍ଞାନ ସମ୍ପର୍କିତ କୌଣସି ଚର୍ଚ୍ଚା ପ୍ରତି କାହାର କୌଣସି ଆଗ୍ରହ ହେବା ତ ଦୂରର କଥା, ତାହା ପ୍ରତି ଓ ସେପରି କରୁଥିବା ବ୍ୟକ୍ତି ପ୍ରତି କେବଳ ଅବହେଳା ଓ ତାଚ୍ଛଲ୍ୟ ହିଁ ପ୍ରକାଶ ପାଉଛି । ତାର ଏକ କାରଣ ହେଉଛି, ପ୍ରାୟୋଗିକ ବିଦ୍ୟା ପରି ତା ଏତେ ଅର୍ଥକରୀ ନୁହେଁ । ତେଣୁ ତାହା ଅତ୍ୟନ୍ତ ଅନାବଶ୍ୟକ ବୋଲି ଏବେ ବିବେଚିତ ହେଉଛି । କେବଳ ଅନ୍ୟଥା ଅପାରଗ ବ୍ୟକ୍ତିମାନେ ହିଁ ଏପରି କରନ୍ତି ବା କରୁଛନ୍ତି ବୋଲି ଏବେ ଧରିନିଆଯାଉଛି । ମୋର ତ ମନେହୁଏ ଆମ ସମାଜର ଅଧିକାଂଶ ବ୍ୟକ୍ତି ଯେପରି ଛିନ୍ନମୂଳ ତଥା ଗ୍ରୀକ୍ ଉପକଥା ବା ଜନଶ୍ରୁତିର ରାଜା ମିଦାସ ହେବାପାଇଁ ଆପଣା ଆପଣା ମଧ୍ୟରେ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦିତା କରୁଛନ୍ତି ଓ/ବା ନିଜର ସନ୍ତାନସନ୍ତତିମାନଙ୍କୁ ବି ତାହା ହିଁ କରିବାକୁ ଉତ୍ସାହିତ ଓ ଅନୁପ୍ରେରିତ କରିବାରେ ଲାଗିପଡିଛନ୍ତି ଓ ତାହା ଯିଏ କରୁନାହିଁ, ତାହାକୁ ଅପାରଗ ଓ ହେୟ ମନେକରୁଛନ୍ତି । ଏହା ଜୀବନସାରା (ମୋ ପକ୍ଷରେ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି) ସେପରି ଚର୍ଚ୍ଚା କରିଆସୁଥିବା ମୋ ପରି ଲୋକମାନଙ୍କୁ ମର୍ମପୀଡିତ ଯେ କରୁଛି ତାହା ଆଉ ଅଧିକ ବୁଝାଇ କହିବାର କୌଣସି ଆବଶ୍ୟକତା ହିଁ ନାହିଁ । ସେମାନଙ୍କର ଆଚରଣରୁ ମନେ ହେଉଛି, ଜୀବନସାରା ମୁଁ କେବଳ ଚଷୁ ହିଁ କୁଟିଚାଲିଥିଲି ।

ଏଇ ପ୍ରବନ୍ଧ ସଙ୍କଳନରେ ମୋର ସେଇ ସେଇ କ୍ଷେତ୍ରରେ ନବ ଦିଗନ୍ତ ସନ୍ଧାନର ଅର୍ଥାତ୍ ଚଷୁକୁଟାର କିଛି ଫଳ ହିଁ ରହିଛି । କହିଛି ତ, ମୋର ସେଇ ସନ୍ଧାନର ଫଳରେ ପ୍ରକୃତରେ କୌଣସି ନବ ଦିଗନ୍ତ ଆବିଷ୍କୃତ ହୋଇପାରିଛି କି ନାହିଁ ତାର ବିଚାର ଏବେ ଅନ୍ୟମାନେ (ଅର୍ଥାତ୍ ମୋ ପରି ଆଉ କୌଣସି ଚଷୁକୁଟାଳି) କରନ୍ତୁ । ତେବେ ମୁଁ ଯଦି ବା କୌଣସି ନବ ଦିଗନ୍ତର ସନ୍ଧାନ ଦେଇପାରିଛି ବୋଲି କିଏ (ଅର୍ଥାତ୍ ମୋ ପରି ଆଉ କୌଣସି ଚଷୁକୁଟାଳି) ସିଦ୍ଧାନ୍ତ ଦିଏ, ତେବେ ବି ତା ତ ସାମ୍ପ୍ରତିକ ସମାଜର ଦୃଷ୍ଟିରେ ଓ ପରିଭାଷାରେ ସାମାନ୍ୟ କିଛି ଚଷୁ ବ୍ୟତୀତ ଅନ୍ୟ କିଛି ନୁହେଁ । ଅନ୍ୟ କଥାରେ ପ୍ରକୃତରେ ମୁଁ ଯଦି ବା କୌଣସି ନବ ଦିଗନ୍ତର ସନ୍ଧାନ ଦେଇପାରିଛି ତାହା ବି ଆମ ସାମ୍ପ୍ରତିକ ସମାଜର ଦୃଷ୍ଟିରେ ଓ ପରିଭାଷାରେ ଚଷୁ ବା ଚଷୁ ତୁଲ୍ୟ ତୁଚ୍ଛ ବୋଲି ବିବେଚିତ ହେବ ବୋଲି ମୋ ମନରେ ସାମାନ୍ୟ ସନ୍ଦେହ ବି ନାହିଁ ।

ତେବେ ମୋର ଏକ ମାତ୍ର ସାନ୍ତ୍ୱନା ଯେ ସେମାନଙ୍କ ସଂଖ୍ୟା ଯେତେ ନଗଣ୍ୟ ହେଲେ ସୁଦ୍ଧା ମୋ ପରି ଆଉ କେତେକ ଚଷୁକୁଟାଳି ବି ଆମ ସମାଜରେ ତଥା ବିଶାଳ

Digitized by srujanika@gmail.com

ଏଇ ବିଶ୍ୱର ଅନ୍ୟତ୍ର ବି ଅଛନ୍ତି । ଆଉ ଆମ ସମାଜ ତା ସ୍ୱୀକାର କରୁ ବା ନ କରୁ, ସେଇ ତଥାକଥିତ ଚକ୍ଷୁକୁଟିବା ମାଧ୍ୟମରେ ବି ଆମେମାନେ ଆମ ସମାଜପାଇଁ ସାମାନ୍ୟ ହେଲେ ବି କିଛି କରିବାର ପ୍ରଚେଷ୍ଟା ଅନ୍ତତଃ କରିପାରିଛୁ । ତଥାକଥିତ ସେହି ଚକ୍ଷୁ ହିଁ ଆମ ସମାଜଜୀବନର କିଛି ହେଲେ ବି କାମରେ ଲାଗିବ- ଏପରି ବିଶ୍ୱାସ ମୋର ଅଛି । ଅନ୍ୟ ପକ୍ଷରେ କିନ୍ତୁ ମୋ ପରି ଚକ୍ଷୁକୁଟାଳିମାନଙ୍କ ସେଇ ଉଦ୍ୟମକୁ ତୁଚ୍ଛ ଓ ହେୟ ମନେକରୁଥିବା ବ୍ୟକ୍ତିମାନେ ନିଜର ଅଜାଣତରେ ମନୁଷ୍ୟ ହୃଦୟରେ ଥିବା କୋମଳ ପ୍ରବୃତ୍ତିଗୁଡିକୁ ଲୋପ ବା ଦୁର୍ବଳ କରିଦେଇ ସମାଜକୁ ଯେ ଅଧିକରୁ ଅଧିକ ସ୍ୱାର୍ଥପର, ନିଷ୍ଠୁର ଓ ଅପରାଧ-ପ୍ରବଣ କରି ସମାଜର ଅଶେଷ କ୍ଷତି ସାଧନ କରିଚାଲିଛନ୍ତି, ତା ସେମାନେ ଉପଲବ୍ଧି କରିପାରୁନଥିଲେ ବି ସତ୍ୟ ।

ତା ବ୍ୟତୀତ ଏଇ ଗବେଷଣା ରୂପକ ଚକ୍ଷୁକୁଟିବା ଭିତରଦେଇ ମୁଁ ବର୍ଷ ବର୍ଷ ଧରି ପ୍ରଚଳିତ ଓ ପ୍ରତିଷ୍ଠିତ କେତେକ ବିଶ୍ୱାସ ଓ ବିଚାରଧାରାକୁ ଚାଲେଞ୍ଜ୍ କରିଚାଲିଥିବାରୁ ତାହାର କେହି କେହି କ୍ଷମତାସୀନ ପ୍ରବର୍ତ୍ତକ ଓ ସମର୍ଥକମାନେ ମୋ ପ୍ରତି ବିଦ୍ୱେଷ-ପରାୟଣ ହୋଇପାରିଥାନ୍ତି । ତାହା ଅବଶ୍ୟ ମତେ ଆଦୌ ବିସ୍ମିତ, ବିବ୍ରତ ବା ବିଚଳିତ କରିପାରିନାହିଁ । ତେବେ ଓଡିଶାର ବୌଦ୍ଧିକ ଓ ସାଂସ୍କୃତିକ ଜଗତଟି ମୁକ୍ତ ଆଲୋକ-ବାୟୁ-ରହିତ ଅଚଳାୟତନରେ ପରିଣତ ନ ହେଉ, ପ୍ରତ୍ୟେକ ବ୍ୟକ୍ତି ଓ ଏପରି କି ଛାତ୍ରଛାତ୍ରୀମାନେ ବି ଅନ୍ଧ ଭାବରେ ପ୍ରଚଳିତ ଓ ପ୍ରତିଷ୍ଠିତ ବିଶ୍ୱାସକୁ ଗ୍ରହଣ ନ କରି ଚକ୍ଷୁଷ୍ମାନ ହୁଅନ୍ତୁ ତଥା ତାହାକୁ ପ୍ରଶ୍ନ କରିଶିଖନ୍ତୁ, ତଥା ସେପରି ବିଶ୍ୱାସ ଓ ବିଚାରଧାରାର ପ୍ରବର୍ତ୍ତକ ଓ ସମର୍ଥକମାନଙ୍କୁ ବି ପ୍ରଶ୍ନ କରିଶିଖନ୍ତୁ ! ତାହା ଯେ କୌଣସି ବିଶ୍ୱବିଦ୍ୟାଳୟର ନିମ୍ନତମ ଭୂମିକା ହେଉ ! ସେମାନଙ୍କର ସେଇ ପ୍ରଶ୍ନକୁ ସାମ୍ନା କରିବାପାଇଁ ଭୟ କରା ନ ଯାଉ ! ବର୍ଷ ବର୍ଷ ଧରି ଚକ୍ଷୁକୁଟି ଚାଲିବା ଭିତରେ ଏହା ହିଁ ତ ମୋର କାମନା ।

(୨)

ପ୍ରସଙ୍ଗକ୍ରମେ କହିରଖେ, ବିଶିଷ୍ଟ ସାହିତ୍ୟ-ସାଧକ ମହାପାତ୍ର ନୀଳମଣି ସାହୁ ନିଜ ସାହିତ୍ୟ ସାଧନା ସମ୍ପର୍କରେ ଥରେ କହିଥିଲେ, 'ମୁଁ ଯେ ଦିନରେ କୁଟଇ ଚୁଡା, ଆଉ ରାତିରେ ନଚାଏ ଚଇତି-ଘୋଡା ।' ବା ସେହିପରି କିଛି । ସେ ସାହିତ୍ୟ-ରାଜ୍ୟରେ ମୁଖ୍ୟତଃ ଅବଶ୍ୟ ଚଇତି-ଘୋଡା ହିଁ ନଚାଇଛନ୍ତି । ଚଇତି-ଘୋଡା ନଚାଇବା ଲୋକ ତ ସାଧାରଣ ଜନତାଙ୍କର ମନୋରଞ୍ଜନ ହିଁ କରେ । ଆଉ ମହାପାତ୍ର ନୀଳମଣି ସାହୁ ତ ତାଙ୍କର ବହୁ ସାହିତ୍ୟକୃତି – ବିଶେଷଭାବରେ ଗଳ୍ପ ଉପନ୍ୟାସ - ମାଧ୍ୟମରେ ମୁଖ୍ୟତଃ ବହୁ ବ୍ୟକ୍ତିଙ୍କର ମନୋରଞ୍ଜନ ହିଁ କରିଛନ୍ତି । ମୁଁ ବି ଜୀବନସାରା ଦିନରେ ତାଙ୍କ ପରି ଚୁଡା

Digitized by srujanika@gmail.com

ହିଁ କୁଟୁଥିଲି । କିନ୍ତୁ ରାତିରେ ସାହିତ୍ୟ-ରାଜ୍ୟରେ ଚଇତି-ଘୋଡା ନ ନଚାଇ, କେବଳ ଗବେଷଣା କରୁଥିଲି ବା ଚଷୁ କୁଟିଚାଲିଲି । ଚଷୁକୁଟିବା ଲୋକ/ବ୍ୟକ୍ତି ତ କାହାର ବି ମନୋରଞ୍ଜନ କରେ ନାହିଁ, କରିପାରେ ବି ନାହିଁ । ତେଣୁ ମୁଁ ବି ମୋ ଗବେଷଣା ମାଧ୍ୟମରେ କାହାର ମନୋରଞ୍ଜନ ତ କରିପାରିନାହିଁ; ବରଂ ମୋର ଅପ୍ରିୟ ମତବାଦପାଇଁ କେତେକଙ୍କର ଭାବପ୍ରବଣତା ଉପରେ ପ୍ରଚଣ୍ଡ ଆଘାତ ହାଣି ସେମାନଙ୍କର ମନଦୁଃଖ ବା କ୍ଷୋଭର ବା ଏପରି କି କ୍ରୋଧ ବା ଆକ୍ରୋଶର କାରଣ ବି ହୋଇଛି ।

ମଧ୍ୟ-ଯୁଗୀୟ ମାନସିକତାରୁ ମୁକ୍ତ ହୋଇପାରିନଥିବା ଆମର ସାମ୍ପ୍ରତିକ ସମାଜରେ ମୁଖ୍ୟତଃ ମନୋରଞ୍ଜନ କରୁଥିବା ବ୍ୟକ୍ତିମାନେ - ଯଥା ଅଭିନୟ କରୁଥିବା, ନୃତ୍ୟ କରୁଥିବା, ଗୀତ ଗାଉଥିବା, ଖେଳୁଥିବା ବ୍ୟକ୍ତିମାନେ - ଆଦର-ଆପ୍ୟାୟନ ପାଆନ୍ତି; ପ୍ରେମପ୍ରୀତିର ବାରିଧାରାରେ ବି ସିକ୍ତ ହୁଅନ୍ତି ତଥା ସମ୍ମାନ-ସ୍ୱୀକୃତି ଓ ପଦପଦବୀରେ ଭୂଷିତ ମଧ୍ୟ ହୁଅନ୍ତି । ତେଣୁ ଏମ୍. ଜି. ରାମଚନ୍ଦ୍ରନ୍ ବା ସଚିନ୍ ତେନ୍ଦୁଲକର୍‌ମାନେ ହିଁ 'ଭାରତରତ୍ନ' ସମ୍ମାନରେ ସମ୍ମାନିତ ହୁଅନ୍ତି । କିନ୍ତୁ ବିନା ପାରିଶ୍ରମିକରେ ଓ ବିନା-ସହାୟତାରେ ଦୀର୍ଘ ବାଇଶି ବର୍ଷର ଧାରାବାହିକ ଅକ୍ଲାନ୍ତ ପରିଶ୍ରମ ମାଧ୍ୟମରେ ଗୋଟାଏ ପାହାଡକୁ ଦୁଇଫାଳ କରିଦେଇ ତା ମଝିରେ ରାସ୍ତା ହେବାର ସୁଯୋଗ ଦେଇଥିବା Mountain Man ଦଶରଥ ମାଁଝିମାନଙ୍କ ଭାଗ୍ୟରେ ତା ତ ଘଟେ ନାହିଁ, ଘଟିପାରେ ବି ନାହିଁ; ଘଟେନାହିଁ ମଧ୍ୟ ବିଜ୍ଞାନ କ୍ଷେତ୍ରରେ ଅତି ଉଚ୍ଚ ମାନର ଗବେଷଣା କରିଥିବା ବହୁ ବିଶିଷ୍ଟ ବୈଜ୍ଞାନିକଙ୍କ ଭାଗ୍ୟରେ । ଅନ୍ୟ କଥାରେ ସମାଜର ପଥପ୍ରଦର୍ଶକ ବା ଚିନ୍ତାରାଜ୍ୟରେ ଯେଉଁମାନେ ବିପ୍ଳବ ସୃଷ୍ଟି କରନ୍ତି ସେମାନଙ୍କ ଭାଗ୍ୟରେ ତା ପ୍ରାୟ ଘଟେନାହିଁ । ଏହା ଏକ ନିଷ୍ଠୁର ସତ୍ୟ । ସେହିପରି ସାହିତ୍ୟ ରାଜ୍ୟରେ ବି ଯେଉଁମାନେ ମୁଖ୍ୟତଃ କେବଳ ଅନ୍ୟମାନଙ୍କର ମନୋରଞ୍ଜନ କରନ୍ତି ବା ଅନ୍ୟ କଥାରେ ଗଳ୍ପ, ଉପନ୍ୟାସ, ନାଟକ ଓ କାବ୍ୟକବିତା ଆଦି ମନୋରଞ୍ଜନଧର୍ମୀ ଓ ସେ କାରଣରୁ ଲୋକପ୍ରିୟ ସାହିତ୍ୟ ରଚନା କରନ୍ତି, ସେମାନେ ବି ଆଦର-ଆପ୍ୟାୟନ, ସମ୍ମାନ-ସ୍ୱୀକୃତି ଓ ପୁରସ୍କାର ପାଆନ୍ତି ଓ ପ୍ରେମପ୍ରୀତିର ବାରିଧାରାରେ ସିକ୍ତ ହୁଅନ୍ତି ତଥା ପଦପଦବୀରେ ଭୂଷିତ ମଧ୍ୟ ହୁଅନ୍ତି । କିନ୍ତୁ ମୋ ପରି ସମାଜବିଜ୍ଞାନ ଓ ମାନବବିଦ୍ୟାର ଗବେଷକ ବା ସାହିତ୍ୟ ସମାଲୋଚକଙ୍କ – ବା ଅନ୍ୟ କଥାରେ ଚଷୁକୁଟାଳିଙ୍କ - ଭାଗ୍ୟରେ ତା ଯଦି ବି କେବେ କେମିତି ଘଟିଥାଏ, ତା ହେଲେ ତା ତ ହୋଇଥାଏ କ୍ୱଚିତ ତଥା ବ୍ୟତିକ୍ରମ ସୂତ୍ରରେ, ବିଳମ୍ବରେ ଓ ଅତ୍ୟନ୍ତ କୁଣ୍ଠାର ସହ । ତେବେ ମଧ୍ୟ-ଯୁଗୀୟ ମାନସିକତାର ଅନୁବର୍ତ୍ତନ କରିଚାଲିଥିବା ଆମର ସାମ୍ପ୍ରତିକ ସମାଜରେ, ବିଶେଷ ଭାବରେ ଭୋଟବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ, ତା ତ ଅତ୍ୟନ୍ତ ପ୍ରତ୍ୟାଶିତ । କିନ୍ତୁ ସାହିତ୍ୟ କ୍ଷେତ୍ରରେ କେବଳ ସେପରି

Digitized by srujanika@gmail.com

ମନୋରଞ୍ଜନଧର୍ମୀ ଓ ଲୋକପ୍ରିୟ ସାହିତ୍ୟକୁ ହିଁ 'ସର୍ଜନାତ୍ମକ ସାହିତ୍ୟ' କୁହାଯିବା ଏକ ମିଥ୍ୟା ଓ ପ୍ରବଞ୍ଚନା ତଥା ନିଶ୍ଚିତ ଭାବରେ ଦୁର୍ଭାଗ୍ୟଜନକ । କେବଳ ମନୋରଞ୍ଜନଧର୍ମୀ ତଥା ଲୋକପ୍ରିୟ ସାହିତ୍ୟ ସର୍ଜନାତ୍ମକ ନୁହେଁ, ମାନବବିଦ୍ୟା ଓ ସମାଜବିଜ୍ଞାନ କ୍ଷେତ୍ରରେ କରାଯାଉଥିବା ଗବେଷଣା ଓ ସାହିତ୍ୟ-ସମାଲୋଚନା ମଧ୍ୟ ସର୍ଜନାତ୍ମକ ସାହିତ୍ୟ । ଯେଉଁମାନେ ଗବେଷଣା ଓ ସମାଲୋଚନାରେ ସର୍ଜନାତ୍ମକତା/ସର୍ଜନଶୀଳତା ବା କ୍ରିୟାତ୍ମକତା/କ୍ରିୟାଶୀଳତା ନାହିଁ ବୋଲି ଭାବନ୍ତି ଓ କହନ୍ତି, ସେମାନଙ୍କର ଅବବୋଧ ଶକ୍ତିକୁ ତ ଦୟା କରାଯିବା ଉଚିତ । (କେବଳ ମାନବବିଦ୍ୟା ଓ ସମାଜବିଜ୍ଞାନ ସମ୍ପର୍କିତ କୌଣସି ଗବଷଣା ବା ସାହିତ୍ୟ ସମାଲୋଚନା ନୁହେଁ, ଚିକିତ୍ସାବିଜ୍ଞାନ ଓ ପଦାର୍ଥବିଜ୍ଞାନ ପରି ବିଦ୍ୟାରେ ଗବେଷଣା ପ୍ରସଙ୍ଗରେ ଯେ ସର୍ଜନାତ୍ମକତା/ସର୍ଜନଶୀଳତା ବା କ୍ରିୟାତ୍ମକତା/କ୍ରିୟାଶୀଳତା ଥାଏ, ତା କେବଳ ଅବବୋଧଶକ୍ତିରହିତ ବ୍ୟକ୍ତିମାନେ ବୁଝନ୍ତି ନାହିଁ ବା ବୁଝି ବି ପାରନ୍ତି ନାହିଁ ।) ତେବେ କେବଳ ମନୋରଞ୍ଜନଧର୍ମୀ ଓ ସେ ହେତୁ ଲୋକପ୍ରିୟ ସାହିତ୍ୟପାଇଁ ସବୁ ପ୍ରକାର ଆଦର-ଆପ୍ୟାୟନ, ସମ୍ମାନସ୍ୱୀକୃତି, ପୁରସ୍କାର ଓ ପଦପଦବୀ ଉଦ୍ଦିଷ୍ଟ ହେଉ, ଆପତ୍ତି ନାହିଁ । ଆଉ ମଧ୍ୟ-ଯୁଗୀୟ ମାନସିକତାରୁ ତଥାପି ମୁକ୍ତି ଲାଭ କରିପାରିନଥିବା ଆମର ସାମ୍ପ୍ରତିକ ସମାଜରେ ତଥା ଗଣତାନ୍ତ୍ରିକ ବ୍ୟବସ୍ଥାରେ ତାର ଅନ୍ୟଥା ହେବାର ବି ନାହିଁ ବା କୌଣସି ବି ପ୍ରତିକାର ତ ନାହିଁ ଓ ତାହା ଅତ୍ୟନ୍ତ ପ୍ରତ୍ୟାଶିତ । କିନ୍ତୁ 'ଗବେଷଣା ଓ ସାହିତ୍ୟ ସମାଲୋଚନାରେ ସର୍ଜନାତ୍ମକତା/ସର୍ଜନଶୀଳତା ବା କ୍ରିୟାତ୍ମକତା/କ୍ରିୟାଶୀଳତା ନାହିଁ' ବୋଲି ମିଥ୍ୟାଭାଷଣ କରାଯାଇ ଲୋକମାନଙ୍କୁ ଆଉ ବିଭ୍ରାନ୍ତ କରାନଯାଉ । କାରଣ ସେପରି କରିବାର ଅଧିକାର କାହାର ବି ନାହିଁ । ସେପରି ଭିତ୍ତିଶୂନ୍ୟ ବକ୍ତବ୍ୟର ଆଜି ମୁଁ ଦୃଢ଼ ପ୍ରତିବାଦ କରୁଛି ।

■■■

Digitized by srujanika@gmail.com

"A man should never be ashamed to own that he is wrong, which is but saying in other words that he is wiser today than he was yesterday."

Alexander Pope

ନବ ଦିଗନ୍ତର ସନ୍ଧାନରେ

" You know, Count, it is much more honorable to admit one's mistake than to let matters become irreparable. There is no insult on either side."

Leo Tolstoy
(War and Piece, Book IV, Chapter 4)

Digitized by srujanika@gmail.com

Digitized by srujanika@gmail.com

ବିକଳ୍ପ ଆଧୁନିକତା: ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନ

(ଜନପଦ ଓ ଜଙ୍ଗଲ ମଧ୍ୟରେ ସଂଘର୍ଷର ଚିତ୍ର: ଏକଲବ୍ୟ ଉପାଖ୍ୟାନରୁ 'ପରଜା' ପର୍ଯ୍ୟନ୍ତ)

ପ୍ରଥମ ଭାଗ

(୧.୧). ସ୍ମରଣ ରଖିବାପାଇଁ ହେବ ଯେ 'ସାମ୍ପ୍ରତିକତା' ନିଶ୍ଚିତ ଭାବରେ 'ଆଧୁନିକତା' ନୁହେଁ । ଆଧୁନିକ ଚେତନାର ଅର୍ଥ ଏକ ନିର୍ଦ୍ଦିଷ୍ଟ ଧରଣର ଚେତନା, ଜଗତ ପ୍ରତି ଓ ଜୀବନ ପ୍ରତି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ, ଏକ ନିର୍ଦ୍ଦିଷ୍ଟ ବିଚାରଧାରା, ଯାହା ସହ କାଳର ସମ୍ପର୍କ ଓତପ୍ରୋତ ବା ନିବିଡ଼ ନୁହେଁ ବା ତାହା ଏକ ନିର୍ଦ୍ଦିଷ୍ଟ କାଳର ଗଣ୍ଡି ମଧ୍ୟରେ ଆବଦ୍ଧ ରହେ ନାହିଁ । ସେଇ କାରଣରୁ 'ଆଧୁନିକତା'କୁ କେବଳ ସାମ୍ପ୍ରତିକତା ବୋଲି ଗ୍ରହଣ କରାଯାଇପାରେ ନାହିଁ । ପୁଣି ସାମ୍ପ୍ରତିକ (ବା ତଥାକଥିତ ଆଧୁନିକ) କାଳରେ ପାରମ୍ପରିକ ଚେତନାର ପରିପ୍ରକାଶ ମଧ୍ୟ ଯତ୍ରତତ୍ର ଉପଲବ୍ଧ । ସେହିପରି ଅତୀତ କାଳରେ ବା ଆମର ତଥାକଥିତ ମଧ୍ୟଯୁଗରେ ବି ଆଧୁନିକ ଚେତନାର ପରିପ୍ରକାଶ ଘଟିଥାଇପାରେ । କାରଣ ଆମର ଅତୀତ କାଳର ବହୁ ସାହିତ୍ୟ ସ୍ରଷ୍ଟା ପ୍ରକୃତରେ ଥିଲେ ଦିବ୍ୟଦ୍ରଷ୍ଟା । ସେଇ ଦିବ୍ୟଦ୍ରଷ୍ଟାମାନଙ୍କର ସାହିତ୍ୟ କୃତିରେ ତେଣୁ ଆଧୁନିକ ଚେତନାର ପରିସ୍ଫୁରଣକୁ ଅନୁସନ୍ଧାନ ଓ ଆବିଷ୍କାର କରାଯାଇପାରେ । (ମଧ୍ୟଯୁଗର ବଙ୍ଗୀୟ କବି ଚଣ୍ଡୀ ଦାସଙ୍କ ନାମରେ ପ୍ରଚଳିତ "ଶୁଣହ ମାନୁଷ ଭାଇ! ସବାର ଉପରେ ମାନୁଷ ସତ୍ୟ ତାର ପରେ କେହି ନାଇ ।" ମଧ୍ୟ ସେଦିନ ବି ତ ଆଧୁନିକ ଚେତନାର ବାର୍ତ୍ତା ବହନ କରିଥିଲା । କାରଣ ମାନବବାଦ ତ ଆଧୁନିକ ଚେତନାର କେବଳ ଅନ୍ୟତମ ମୌଳିକ ଉପାଦାନ ନୁହେଁ, ତାର ଭିତ୍ତି-ପ୍ରସ୍ତର ମଧ୍ୟ ।) ତାହା ପୁଣି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

Digitized by srujanika@gmail.com

କାରଣ ତାହା ସତ୍ୟ ହୋଇଥିଲେ ଆମେ ଆଧୁନିକ ଚେତନା କେବଳ ପାଶ୍ଚାତ୍ୟ ଜଗତର ସଂସ୍ପର୍ଶରେ ଆସି ପାଇନାହୁଁ । ଆଧୁନିକ ଚେତନାରେ ଆମେ ଅବଗାହନ କରିଛୁ ଆମ ପରମ୍ପରାରୁ ଉତ୍ତରାଧିକାର ସୂତ୍ରରେ ମଧ୍ୟ । ନିମ୍ନରେ ପଞ୍ଚଦଶ ଶତକର ଓଡ଼ିଆ ସାହିତ୍ୟ-ସ୍ରଷ୍ଟା ଓ ଦିବ୍ୟ-ଦ୍ରଷ୍ଟା ସାରଳା ଦାସଙ୍କ ମହାଭାରତକୁ ଓ ସେଥିରେ ପ୍ରତିଫଳିତ ସାମାଜିକ-ଆର୍ଥନୀତିକ ଶକ୍ତି ଓ ପ୍ରତିଶକ୍ତି ମଧ୍ୟରେ ଅହରହ ଚାଲିଥିବା ସଂଘର୍ଷ ଓ ସଂଘାତର ଚିତ୍ରକୁ ଅବଲମ୍ବନ କରି ସଂକ୍ଷେପରେ ତାର ସୂଚନା କରାଯିବ ।

(୧.୨.) ମାତ୍ର ଏବେ ଆମ ମଧ୍ୟରେ ଜଙ୍ଗଲ ତଥା ଜଙ୍ଗଲ-ଅଧିବାସୀମାନଙ୍କ ଓ ଆଦିମ ଜନ-ସମ୍ପ୍ରଦାୟଙ୍କ ଅଧିକାର ସମ୍ପର୍କରେ କିଛି ସଚେତନତା ପ୍ରକାଶ ପାଇଛି । ଅବଶ୍ୟ ସେମାନଙ୍କର ଚଳଣି, ଆଚାରବ୍ୟବହାର, ଖାଦ୍ୟପେୟ, ପରିଧେୟ ଓ ସାମାଜିକ ଦର୍ଶନ ଆମଠାରୁ ବେଶ୍ କିଛି ପରିମାଣରେ ଭିନ୍ନ । କିନ୍ତୁ ସେପରି ଭିନ୍ନତା ସତ୍ତ୍ୱେ ସେମାନଙ୍କର ମଣିଷ ପରି ବା ଆମରି ପରି ବଞ୍ଚିବାର ଅଧିକାର ବି ଅଛି, କାରଣ ସେମାନେ ମଧ୍ୟ ଆମରି ପରି ମଣିଷ । ତେଣୁ ସେମାନଙ୍କର ସମସ୍ତ ଭିନ୍ନତା ସତ୍ତ୍ୱେ ସେମାନଙ୍କୁ ସାମାଜିକ ନ୍ୟାୟ ମିଳିବାର ଆବଶ୍ୟକତା ସମ୍ପର୍କରେ ଆମେ ଏବେ ସଚେତନତା ପ୍ରକାଶ କରୁଛୁ । ଏହା ତ ଆଧୁନିକ ଚେତନା, ଏକ ମାନବବାଦୀ ଚେତନା । ତେବେ ମାତ୍ର କିଛି କାଳ ପୂର୍ବ ପର୍ଯ୍ୟନ୍ତ ସେମାନଙ୍କୁ ଅସଭ୍ୟ ଓ ବର୍ବର ବୋଲି ବିଚାର କରାଯାଉଥିଲା । ଅବାନ୍ତର ମନେହେଲେ ବି ସୂଚାଇଦେବା ଉଚିତ ଯେ ମାନବବାଦ (Humanism) ଇଟାଲୀୟ ରେନେସାଁର ଅନ୍ୟତମ ମୁଖ୍ୟ ବିଭାବ ଥିଲେ ମଧ୍ୟ ତଥାକଥିତ ଆଧୁନିକ କାଳରେ ଏଇ ସେଦିନ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାରେ ଦାସପ୍ରଥା ପ୍ରଚଳିତ ଥିଲା ଓ ଶ୍ୱେତକାୟମାନେ ଆଫ୍ରିକୀୟ କୃଷ୍ଣକାୟ ଆଦିମ ଜନଜାତିର ଲୋକମାନଙ୍କୁ ମଣିଷର ମର୍ଯ୍ୟାଦା ଦେବାକୁ ବି କୁଣ୍ଠିତ ଥିଲେ । ପୁଣି ସେଠାରେ ଦାସପ୍ରଥାର ବିଲୋପ ସାଧନ ପରେ ମଧ୍ୟ ବିଂଶ ଶତକର ପ୍ରଥମାର୍ଦ୍ଧରେ ଐଶ୍ୱର୍ଯ୍ୟପ୍ରାଚୁର୍ଯ୍ୟ ଓ ଜ୍ଞାନବିଜ୍ଞାନରେ ଶୀର୍ଷ ସ୍ଥାନକୁ ଯାଇଥିବା ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡ୍‌ଲୋଫ୍ ହିଟ୍‌ଲର୍ ମଧ୍ୟ ସବୁ ମଣିଷ ସମାନ ନୁହଁନ୍ତି ଓ କେତେକ ମଣିଷ ଉଚ୍ଚ ଶ୍ରେଣୀର (ଆର୍ଯ୍ୟ) ଓ ଆଉ କେତେକ ନିମ୍ନଶ୍ରେଣୀର (ଅନାର୍ଯ୍ୟ ବା Untermenschen ଅର୍ଥାତ୍ subhumans ଓ ଏପରି କି ପଶୁଠାରୁ ମଧ୍ୟ ହୀନ) ବୋଲି ଭ୍ରମାତ୍ମକ ବିଶ୍ୱାସଦ୍ୱାରା ପରିଚାଳିତ ହୋଇ ତାଙ୍କ Mein Kampf (ମୋର ସଂଗ୍ରାମ) ନାମକ ପୁସ୍ତକରେ ଅକୁଣ୍ଠିତ ଭାବରେ ଯେଉଁ ଦୃପ୍ତ ଘୋଷଣା ଓ ନୂତନ ଇତିହାସର ସୂତ୍ରପାତ କରିଥିଲେ ତାହା William L. Shirerଙ୍କ ବିଖ୍ୟାତ

Digitized by srujanika@gmail.com

The Rise and Fall of the Third Reich ନାମକ ପୁସ୍ତକର ୪ର୍ଥ ଅଧ୍ୟାୟରେ ନିମ୍ନ ଭାବରେ ଉଦ୍ଧୃତ ହୋଇଛି, "Thus, for the formation of higher cultures the existence of lower human types was one of the most essential preconditions. ... ... It is certain that the first culture of humanity was based less on the tamed animal than on the use of lower human beings. Only after the enslavement of the subject races did the same fate strike beasts. For first the conquered warrior drew the plough-- and only after him the horse. Hence it is no accident that the first cultures arose in places where the Aryan, in his encounters with lower peoples subjugated them and bent them to his will. ... As long as he ruthlessly upheld the master attitude, not only did he remain master but preserver and increaser of culture." (Shirer, William L., 1963, p.129) । ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ତାଙ୍କର ଏପରି ଦୃଷ୍ଟିକୋଣର ପରିପ୍ରକାଶ ହୋଇଛି । ସେତେବେଳେ ହିଟ୍‌ଲର୍‌ଙ୍କର ଏପରି ମତବାଦକୁ ଶାସ୍ତ୍ରୀୟ ମର୍ଯ୍ୟାଦା ଦେଇଥିବା ସେପରି ଅଭିମତସମ୍ବଳିତ ପ୍ରଜାତିଗତ ନୃତତ୍ତ୍ୱଶାସ୍ତ୍ର (racial ethnology) ତ ପ୍ରଚଳିତ ବି ଥିଲା । ତା ବ୍ୟତୀତ ଦିନେ ତ ବହୁ ପାଶ୍ଚାତ୍ୟ ବୁଦ୍ଧିଜୀବୀ ଓ ଏପରି କି ନୃତତ୍ତ୍ୱବିଦ୍ ମଧ୍ୟ କେତେକ ଆଦିମ ଜନଜାତିଙ୍କୁ ଅସଭ୍ୟ ଓ ବର୍ବର ବୋଲି ବିଚାର କରିଥିଲେ । ପ୍ରଖ୍ୟାତ ନୃତତ୍ତ୍ୱବିଦ୍ Bronislaw Malinowski (1884-1942) ମଧ୍ୟ କେତେକ ଆଦିମ ଜନଜାତିଙ୍କୁ savage ବା 'ବର୍ବର' ଆଖ୍ୟାରେ ଆଖ୍ୟାୟିତ କରିଥିଲେ । (ଓଡ଼ିଶାରେ ଅନ୍ୟଥା ମାନବବାଦୀ ଫକୀରମୋହନ ସେଇ ସବୁ ବୁଦ୍ଧିଜୀବୀଙ୍କ ପ୍ରଭାବରେ ସେ ଦିନ କେନ୍ଦୁଝରର ଭୂୟାଁମାନଙ୍କୁ ଅସଭ୍ୟ ଜାତି ବୋଲି ବି ବିଚାର କରିଥିଲେ ।) ମୋଟଉପରେ ସବୁ ମଣିଷ ସମାନ ଓ ଆଦିମ ଜନଜାତିଙ୍କୁ ମଣିଷର ମର୍ଯ୍ୟାଦା ଦେବା ତଥା ସେମାନଙ୍କର ସାମାଜିକ ଅଧିକାର ସମ୍ପର୍କୀୟ ସାର୍ବଜନୀନ ବା ପ୍ରାୟ-ସାର୍ବଜନୀନ ସଚେତନତା ମାତ୍ର ଅଳ୍ପ ଦିନ ତଳର ।

(୧.୩.କ). ଜଙ୍ଗଲ ଓ ଜନପଦ ମଧ୍ୟରେ – ପ୍ରକୃତରେ ଜଙ୍ଗଲର ଅଧିବାସୀ ଓ ଜନପଦର ଅଧିବାସୀମାନଙ୍କ ମଧ୍ୟରେ – ଦ୍ୱନ୍ଦ୍ୱ ବହୁ ପୁରାତନ । ପ୍ରକୃତରେ ଜଙ୍ଗଲ ଓ ଜନପଦ ମଧ୍ୟରେ ସହାବସ୍ଥାନ ହିଁ କାମ୍ୟ ଓ ସ୍ପୃହଣୀୟ । ଜନପଦ-ବାସୀ ଜଙ୍ଗଲଠାରୁ ଦୂରରେ ଜନପଦ ମଧ୍ୟରେ ରହିପାରନ୍ତା ଓ ସେଇ ଜନପଦ ମଧ୍ୟ ତାର ସମସ୍ତ ଜାଗତିକ

Digitized by srujanika@gmail.com

ଅଭାବ ଓ ଆବଶ୍ୟକତା ପୂରଣ କରିପାରନ୍ତା । କିନ୍ତୁ ଜନପଦବାସୀର କ୍ଷୁଧାର ଅନ୍ତ ହୁଏ ନାହିଁ ଓ ସେ କ୍ଷୁଧା ଅନନ୍ତ । ଜନପଦବାସୀର ଶୋଷର ସଂଜ୍ଞା ନାହିଁ, ସୀମା ନାହିଁ, ଶେଷ ବି ନାହିଁ; ତାହା ତ ଏକ ଶେଷହୀନ ଶୋଷ । ଜନପଦବାସୀଙ୍କ ଅଭାବର, ଆବଶ୍ୟକତାର ଶେଷ ହୁଏ ନାହିଁ; ତାହା କ୍ରମ-ସୃଷ୍ଟ ଓ କ୍ରମ-ବର୍ଦ୍ଧମାନ । ଗୋଟିଏ ଆବଶ୍ୟକତାର ପରିପୂରଣ ସମ୍ପୂର୍ଣ୍ଣ ଭାବରେ ନ ହେଉଣୁ ସେ ଆଉ ଏକ ଅଭାବ, ଆଉ ଏକ ଆବଶ୍ୟକତା ସୃଷ୍ଟି କରେ ବା ସେ ସମ୍ପର୍କରେ ସଚେତନ ହୁଏ ଓ ତାର ପରିପୂରଣର ଯୋଜନା ପ୍ରସ୍ତୁତ କରେ । ଏହି ଅଭାବ ଓ ଆବଶ୍ୟକତାକୁ ପାରମ୍ପରିକ ଦର୍ଶନର ପରିଭାଷାରେ 'ଭୋଗ' ନାମରେ ଅଭିହିତ କରାଯାଇପାରେ । କାରଣ ଏହା ଆଦୌ ତାର ସର୍ବନିମ୍ନ ଆବଶ୍ୟକତା ନୁହେଁ, ଏହା କେବଳ ଅଧିକରୁ ଅଧିକ ସୁଖସ୍ୱାଚ୍ଛନ୍ଦ୍ୟରେ ହିଁ ରହିବାର ଇଚ୍ଛା, ଯାହାର ସଂଜ୍ଞା କି ସୀମା କି ଶେଷ ନ ଥାଏ । ପୁଣି ତାର ଆବଶ୍ୟକତାର ପୂର୍ତ୍ତିପାଇଁ ସେ ବହୁ ପରିମାଣରେ ଜଙ୍ଗଲ (ଅର୍ଥାତ୍ ଜଙ୍ଗଲର ବୃକ୍ଷଲତା) ଓ ଜଙ୍ଗଲ-ବାସୀ ମନୁଷ୍ୟ, ପଶୁ, ପକ୍ଷୀଙ୍କ ଉପରେ ହିଁ ନିର୍ଭର କରେ । ସେ ଆହୁରି ମଧ୍ୟ ଧରିନିଏ ଯେ ତାର ଆବଶ୍ୟକତାର ପରିପୂରଣପାଇଁ ଜଙ୍ଗଲ ଓ ଜଙ୍ଗଲବାସୀଙ୍କ ଉପରେ ନିର୍ଭର କରିବା ତାର ସ୍ୱତଃସିଦ୍ଧ ମୌଳିକ ଅଧିକାର; ଜଙ୍ଗଲ ତ ସୃଷ୍ଟି ହୋଇଛି ଓ ଅଛି ତଥା ଜଙ୍ଗଲବାସୀ ତ ସୃଷ୍ଟ ହୋଇଛନ୍ତି ଓ ଅଛନ୍ତି କେବଳ ତାର ଆବଶ୍ୟକତାର ପରିପୂରଣପାଇଁ । ତାର ଏଇ ରୁଗ୍ଣ ମାନସିକତା, ଏଇ ଆଚରଣର ଯଥାର୍ଥତା ପ୍ରତିପାଦନ କରିବାପାଇଁ ସେ ଶାସ୍ତ୍ର ତିଆରି କରେ ଓ ଜ୍ଞାନ-ବିଜ୍ଞାନର ଦ୍ୱାହୀ ମଧ୍ୟ ଦିଏ । ଆମମାନଙ୍କୁ କେବଳ ଶିକ୍ଷିତ ଓ ସଭ୍ୟ କରିବାର ମହତ ଉଦ୍ଦେଶ୍ୟରେ ହିଁ ସେମାନେ ଆମମାନଙ୍କୁ ସେମାନଙ୍କ ଅଧୀନରେ ରଖିଥିଲେ ବୋଲି ଓ ଆମେ କଳା ଓ ବାଦାମି ବର୍ଣ୍ଣ/ରଙ୍ଗର ଲୋକମାନେ ପ୍ରକୃତରେ ତ ଶ୍ୱେତାଙ୍ଗମାନଙ୍କ ଉପରେ ଲଦାହୋଇଥିବା 'ବୋଝ' ବା Whiteman's Burden ହୋଇପଡ଼ିଛୁ ବୋଲି ଔପନିବେଶିକ ଶକ୍ତି ସେ ଦିନ ବି ଦାବି କରୁଥିଲା ବା ତା ମାଧ୍ୟମରେ ତାର ଅଧିକାରର ଯଥାର୍ଥତା ସାବ୍ୟସ୍ତ କରୁଥିଲା । (ଏପରି ଧାରଣା ଓ ଅଭିବ୍ୟକ୍ତି ଆହୁରି ପୂର୍ବର ହୋଇଥିଲେ ମଧ୍ୟ ପରେ ଅତି ପ୍ରସିଦ୍ଧ ହୋଇପଡ଼ିଥିବା Rudyard Kiplingଙ୍କ ୧୮୯୯ରେ ପ୍ରଥମେ ପ୍ରକାଶିତ The White Man's Burden କବିତାଟି ଏ ପ୍ରସଙ୍ଗରେ ସ୍ମରଣ କରାଯାଇପାରେ ।) ପ୍ରକୃତରେ କିନ୍ତୁ ଜନପଦବାସୀ ହିଁ ହୋଇପଡ଼ିଛନ୍ତି ଜଙ୍ଗଲବାସୀଙ୍କ ଉପରେ ବୋଝ । କାରଣ ଜନପଦବାସୀ ସେହିପରି ତଥାକଥିତ 'ମହତ୍' ଉଦ୍ଦେଶ୍ୟରେ ଜଙ୍ଗଲରେ ଅନୁପ୍ରବେଶ କରେ ଓ ଜଙ୍ଗଲ ତଥା ଜଙ୍ଗଲବାସୀଙ୍କ ଉପରେ ଆକ୍ରମଣ ବି କରେ । ଆଉ ଜଙ୍ଗଲବାସୀ ମଧ୍ୟ ସେଇ ଆକ୍ରମଣର ପ୍ରତିବାଦ କରେ,

Digitized by srujanika@gmail.com

ପ୍ରତିରୋଧ ବି କରେ । ସେ କାରଣରୁ ଜନପଦବାସୀ ଓ ଜଙ୍ଗଲବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘର୍ଷର ସୂତ୍ରପାତ ହୁଏ । ଜଙ୍ଗଲବାସୀ ମାତ୍ର କିଛି ସମୟପାଇଁ ଜନପଦବାସୀର ଆକ୍ରମଣକୁ ପ୍ରତିହତ କରିବାରେ ସମର୍ଥ ହେଉଥିଲେ ହେଁ ଓ ଏପରି କି ବେଳେବେଳେ ଜନପଦବାସୀ ଉପରେ ସାମୟିକ ବିଜୟ ଲାଭ କରୁଥିଲେ ହେଁ ଅବଶେଷରେ ଏହି ସଂଘର୍ଷ-ସଂଘାତର ଶେଷ ଫଳ ଆଜି ପର୍ଯ୍ୟନ୍ତ ପ୍ରାୟ ଜନପଦବାସୀଙ୍କ ସପକ୍ଷରେ ହିଁ ତ ଯାଇଛି । ଏହି ସଂଘର୍ଷ-ସଂଘାତର ଫଳ ସ୍ୱରୂପ ଯୁଗେ ଯୁଗେ, ଦେଶେ ଦେଶେ ଜଙ୍ଗଲବାସୀ ହିଁ ପରାଜିତ ହୋଇ ହୁଏତ ଜନପଦବାସୀଙ୍କ ଅଧୀନତା ସ୍ୱୀକାର କରି ଜନପଦର ନିମ୍ନବର୍ଗ ମଧ୍ୟରେ ସାମିଲ ହୋଇଛନ୍ତି ଅଥବା ଆତ୍ମରକ୍ଷାପାଇଁ ନିଜକୁ ଜନପଦଠାରୁ ଦୂରରୁ ଦୂରକୁ ଯିବାକୁ ଚେଷ୍ଟା କରିଆସିଛନ୍ତି; ଫଳରେ ଜନପଦ କ୍ରମଶଃ ବିସ୍ତାର ଲାଭ କରିଛି ଓ ଜଙ୍ଗଲ ହିଁ କ୍ରମଶଃ ସଙ୍କୁଚିତ ହୋଇଆସିଛି । ତେବେ କେବଳ, ଓଡ଼ିଶା କି ଭାରତ ନୁହେଁ, ପୃଥିବୀରେ ସର୍ବତ୍ର ଏହା ହିଁ ଘଟିଚାଲିଛି । ଜଙ୍ଗଲର କ୍ରମ-ସଙ୍କୋଚନ ଓ ଜନପଦର କ୍ରମ-ବିସ୍ତାର ବା କ୍ରମ-ସମ୍ପ୍ରସାରଣ ବିବରଣ ତ ହୋଇପଡ଼ିଛି ସଭ୍ୟତାର ଇତିହାସରେ । ତାର ପରିଣତି କେତେ ଭୟାବହ ହୋଇପାରେ ତା ଏବେ ମାତ୍ର କେତେକ ପରିବେଶ-ବିଦ୍ ଉପଲବ୍ଧି କରିପାରିଛନ୍ତି ଓ ଅନ୍ୟମାନଙ୍କୁ ସେ ସମ୍ପର୍କରେ ସଚେତନ କରାଇବାପାଇଁ ଅହରହ ଉଦ୍ୟମ କରିଚାଲିଛନ୍ତି ।

(୧.୩.ଖ). ପ୍ରସଙ୍ଗକ୍ରମେ କହିଦେବାର କଥା ଯେ ଓଡ଼ିଶାର ଉତ୍ତରାଞ୍ଚଳୀୟ କେତେକ ଅଷ୍ଟ୍ରୋଏସିଆଟିକ୍ ବା ମୁଣ୍ଡା ଭାଷାପରିବାରର ଭାଷାଭାଷୀ ଜଙ୍ଗଲବାସୀ ଆଦିମ ଜନଜାତିମାନଙ୍କ ଭାଷାରେ 'ଦିକୁ' (*diku*) ବୋଲି ଶବ୍ଦଟିଏ ବା ତାର ରୂପାନ୍ତର ବିଶେଷ ପ୍ରଚଳିତ ଅଛି । ପୁଣି 'ଦିକୁ' ଶବ୍ଦ କେବଳ ଓଡ଼ିଶାର ଉତ୍ତରାଞ୍ଚଳରେ ନୁହେଁ, ଓଡ଼ିଶା ବାହାରର କେତେକ ଜଙ୍ଗଲବାସୀ ଆଦିମ ଜନଜାତି ମଧ୍ୟ ଏ ଶବ୍ଦ ବ୍ୟବହାର କରନ୍ତି । ଏହି ଶବ୍ଦର ଅର୍ଥ ସମ୍ପର୍କରେ ସମାଜଶାସ୍ତ୍ରୀମାନେ ବହୁ ବିଚାରଆଲୋଚନା କରିଛନ୍ତି (ଦ୍ର: Mahapatra, Sitakant, 1986, pp.10-24) । ମୋ ବିନୀତ ମତରେ ଜଙ୍ଗଲରେ ଅନୁପ୍ରବେଶ କରି ସରଳ ଜଙ୍ଗଲବାସୀଙ୍କ ଉପରେ ଅନ୍ୟାୟ ଅଧିକାର ସାବ୍ୟସ୍ତ କରୁଥିବା ଜନପଦବାସୀଙ୍କପାଇଁ ହିଁ ଜଙ୍ଗଲବାସୀମାନେ ଏହି ଶବ୍ଦ ବ୍ୟବହାର କରନ୍ତି । ସେ ଦୃଷ୍ଟିରୁ ଦେଖିଲେ, ରାଜନୀତି-ବିଜ୍ଞାନବେତ୍ତାମାନେ 'ଅସ୍ମିତା' (Identity) ସମ୍ପର୍କୀୟ ଆଲୋଚନା ପ୍ରସଙ୍ଗରେ ଯେଉଁ Political 'Other' ଅଭିବ୍ୟକ୍ତି ବ୍ୟବହାର କରନ୍ତି ଏହା ମୋଟାମୋଟି ତାହାର ସମାର୍ଥକ । 'ଦିକୁ' ପ୍ରତି ଜଙ୍ଗଲବାସୀଙ୍କର

Digitized by srujanika@gmail.com

ବିଦ୍ୱେଷ, ଘୃଣା ଓ ବୈରଭାବ ଏତେ ତୀବ୍ର ଯେ ଏହା କୌଣସି କୌଣସି ଜଙ୍ଗଲବାସୀଙ୍କ ଧର୍ମାଚାର ମଧ୍ୟରେ ବି ସ୍ଥାନପାଇଛି । ଉଦାହରଣ ସ୍ୱରୂପ ଭୂମି-କୈନ୍ଦ୍ରିକ ଏକ ଧର୍ମାଚାର 'ଓଡେଉଲୀ' ପ୍ରସଙ୍ଗରେ ଜଙ୍ଗଲବାସୀ 'ହୋ'-ମାନଙ୍କର ପୂଜକ ବା ଦେହୁରୀ ମନ୍ତ୍ର ବୋଲେ, "ଆମେ ଡାହାଣୀ, ସାପ ଓ 'ଦିକୁ'ମାନଙ୍କୁ ମାରିବା" (Mahapatra, Sitakant, 1986, p.11) । ଏପରି ମନ୍ତ୍ର ହିଁ ପରୋକ୍ଷରେ ଜଙ୍ଗଲବାସୀ ଓ ଜନପଦବାସୀଙ୍କ ମଧ୍ୟରେ ଥିବା ଦ୍ୱିତ୍ୱ ସମ୍ପର୍କୀୟ ସଚେତନତା ଓ ଦ୍ୱନ୍ଦ୍ୱର ସୂଚନା କେବଳ ଦିଏ ନାହିଁ, ଜନପଦବାସୀଙ୍କ ସମ୍ପର୍କରେ ଜଙ୍ଗଲବାସୀଙ୍କ ମନରେ ଥିବା ତୀବ୍ର ବିଦ୍ୱେଷ, ଘୃଣା ଓ ବୈରଭାବର ସୂଚନା ବି ଦିଏ । କେବଳ କେତେକ ବ୍ରିଟିଶ ପ୍ରଶାସକମାନଙ୍କ ଓଡ଼ିଶାର ଉତ୍ତରାଞ୍ଚଳ ସମ୍ପର୍କିତ ରିପୋର୍ଟ ବା ଉକ୍ତି ଉପରେ ନିର୍ଭର କରି ସୀତାକାନ୍ତ ମହାପାତ୍ର ଅବଶ୍ୟ କହନ୍ତି, "... but the hatred, distrust and resentment against the outside world and the *diku* had its begining way back in the 19th century." (Mahapatra, Sitakant, 1986, p.11.) । କିନ୍ତୁ ଏପରି ମନ୍ତବ୍ୟର ଭିତ୍ତିଭୂମି ଦୁର୍ବଳ ବୋଲି ମନେହୁଏ । କାରଣ ମୂଳ ବିଷୟଟିର ଅବବୋଧରେ ବ୍ରିଟିଶ ପ୍ରଶାସକମାନଙ୍କ ଭାଷା ତଥା ସଂସ୍କୃତିଗତ ଜ୍ଞାନର ସୀମାବଦ୍ଧତା ମଧ୍ୟ ଥିଲା । ମୋ ବିନୀତ ମତରେ 'ଦିକୁ' ଅବଧାରଣା ବା ପ୍ରତ୍ୟୟ ଓ ଶବ୍ଦର ବ୍ୟବହାର ଆହୁରି ପୂର୍ବରୁ ଯଦିଓ କୌଣସି ଲିଖିତ ଦଲିଲ-ଭିତ୍ତିରେ ତାହା ପ୍ରମାଣ କରାଯାଇପାରେ ନାହିଁ, ଯାହା ଅବଶ୍ୟ ସ୍ୱାଭାବିକ ।

(୧.୪.କ). ଆପାତତଃ ଅବାନ୍ତର ବୋଲି ମନେ ହେଲେ ହେଁ ବର୍ତ୍ତମାନ ପ୍ରସଙ୍ଗକୁ ଏକ ପୃଷ୍ଠପଟ ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରାକ୍-ଆଧୁନିକ କାଳରେ ଭାରତରେ ରାଜ୍ୟ-ନିର୍ମାଣ ବା ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଗବେଷକମାନେ ଯେଉଁ ଅନୁଶୀଳନ ଓ ଆଲୋଚନା କରିଛନ୍ତି ତାର ସାମାନ୍ୟ ସୂଚନା ଦେବା ଆବଶ୍ୟକ । ସ୍ମରଣ ରଖିବାପାଇଁ ହେବ ଯେ ରାଜ୍ୟ-ସ୍ଥାପନର ଅନ୍ୟ ନାମ ହେଉଛି ଜନପଦ-ନିର୍ମାଣ ବା ସ୍ଥାପନ । ସେ ସମ୍ପର୍କରେ ଅନୁଶୀଳନ କରିଥିବା ଗବେଷକମାନେ ଅବଶ୍ୟ ପରସ୍ପର ସହ ଏକମତ ନୁହଁନ୍ତି ଓ ସେମାନଙ୍କ ମଧ୍ୟରେ ଗୁରୁତର ମତ ପାର୍ଥକ୍ୟ ବି ଅଛି । ପୁଣି ସେହି ସବୁ ଆଲୋଚନାର କ୍ଷେତ୍ର ମଧ୍ୟ ବହୁ ବିସ୍ତାରିତ ତଥା ସେମାନଙ୍କ ଆଭିମୁଖ୍ୟ ଓ ମୂଳ ବକ୍ତବ୍ୟ ବି ଭିନ୍ନଭିନ୍ନ । ସେ ସବୁ ସମ୍ପର୍କରେ ବିସ୍ତାରିତ ଆଲୋଚନାର ସୁଯୋଗ ଏଠାରେ ନାହିଁ କି କୌଣସି ଆବଶ୍ୟକତା ବି ନାହିଁ । ତା ସତ୍ତ୍ୱେ ସେମାନଙ୍କ ମଧ୍ୟରୁ କେହି କେହି ପ୍ରସଙ୍ଗାନୁରୋଧରେ ଓଡ଼ିଶା ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଛନ୍ତି ତାର

Digitized by srujanika@gmail.com

ମାତ୍ର ସଂକ୍ଷିପ୍ତ ସୂଚନା ଦେବା ଆବଶ୍ୟକ । ସେଥିରୁ ମଧ୍ୟ ଏ ପ୍ରବନ୍ଧର ମୂଳ ବକ୍ତବ୍ୟକୁ ସମର୍ଥନ ଅଥବା ଆଂଶିକ ସମର୍ଥନ ମିଳେ । ଉଦାହରଣ ସ୍ୱରୂପ ଐତିହାସିକ Burton Stein ଅତୀତ କାଳରେ ଦକ୍ଷିଣ ଭାରତରେ ଓ Hermann Kulke ବି ସେ ସମ୍ପର୍କୀୟ କେତେକ ବିଷୟରେ ଭିନ୍ନ ମତ ପୋଷଣ କରୁଥିଲେ ମଧ୍ୟ କିଛି ପରିମାଣରେ ତାଙ୍କୁ ହିଁ ଅନୁସରଣ କରି ଓଡ଼ିଶାରେ ପ୍ରାକ୍-ଆଧୁନିକ କାଳରେ ରାଜ୍ୟ-ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଯେଉଁ ଅନୁଶୀଳନ ଓ ଆଲୋଚନା କରିଛନ୍ତି ତା ଉଣାଅଧିକେ ଉପରୋକ୍ତ ବକ୍ତବ୍ୟର ଯଥାର୍ଥତା ହିଁ ପ୍ରତିପାଦନ କରେ । ଦକ୍ଷିଣ ଭାରତ ସମ୍ପର୍କରେ Hermann Kulke ୧୯୭୮ରେ ପ୍ରଥମେ Burton Steinଙ୍କ ଅଭିମତର ସୂଚନା କରି ଓ ପରେ ତାଙ୍କ ଉକ୍ତି ଉଦ୍ଧାର କରି କହିଥିଲେ, "The spatial distribution of these nuclear areas of well-organised and integrated areas of settled, agricultural villages coincided in South India with the lower courses of three major rivers at the Coromandel coast and their gradual extension caused a '<u>sustained displacement of tribally organized, pastoral and hunting society of forests and upland areas by caste-organized village-based societire</u>'." (Kulke, H. 1978, p.126. ଓ ଆହୁରି ମଧ୍ୟ ଦ୍ର: pp.126-30 । ରେଖାଙ୍କନ ବର୍ତ୍ତମାନ ଲେଖକଙ୍କଦ୍ୱାରା) । ଏହି ଉକ୍ତି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଓଡ଼ିଶାର ଜନଜୀବନ ଉପରେ ବିଶେଷ ଅଧ୍ୟୟନ କରିଥିବା Kulke ତା ପରେ ପରେ ଓଡ଼ିଶା ସମ୍ପର୍କରେ ସାମାନ୍ୟ ଭିନ୍ନ ସିଦ୍ଧାନ୍ତ ଦେଇ କହିଥିଲେ, "Although the relationship between the Hindu society and the tribals was never without tensions, its generally peacefull character- especially if we compare it with the annexation of Northern America by the European settles- was certainly one of the greatest achievements of Indian history. Generally speaking, in Orissa it was more a continuous process of indoctrination and partial integration than a process of 'sustained displacement'. During this gradual development the Brahmins played an eminent role. They defined and codified the duties of the tirbes, which, as the Mahabharata puts it, 'reside in the dominion of the (Aryan) kings. According to the Mahabharata they should lead a 'recluse living in the forest... ... and serve their kings, ... dig wells, give water to the thirsty travellers, give away beds, and make other reasonable presents upon the Brahmins.' And

Digitized by srujanika@gmail.com

it was again the task of those Brahmins to whom villages in remote areas had been to propagate this ideal for their own and for their kings' sake." (Kulke 1978, p.128) । ଏହି ଦୀର୍ଘ ଉଦ୍ଧୃତି ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନର ବ୍ୟାଖ୍ୟା ଓ ଅନୁଶୀଳନ କ୍ଷେତ୍ରରେ ବିଶେଷ ପ୍ରାସଙ୍ଗିକ ବୋଲି ମନେହୁଏ । ଏ ପ୍ରସଙ୍ଗରେ ଲକ୍ଷ୍ୟ କରିବାର କଥା ଯେ Kulkeଙ୍କ ମତରେ ଓଡ଼ିଶାରେ ଜନପଦବାସୀ ଓ ଜଙ୍ଗଲବାସୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱର ତୀବ୍ରତା ଅନେକ ପରିମାଣରେ କମ୍ ଥିଲା । ପରେ ୧୯୯୫ରେ Kulke ନିଜ ପୂର୍ବ ମତର ସାମାନ୍ୟ ପରିବର୍ତ୍ତନ ଓ ସମ୍ପ୍ରସାରଣ ମଧ୍ୟ କରିଛନ୍ତି । (ଦ୍ର: Kulke, H. ed. 1995/2004, 233-62) । ତା' *ସତ୍ତ୍ୱେ ତାଙ୍କର ଉପରୋକ୍ତ ବକ୍ତବ୍ୟ ଉଣାଅଧିକେ ଗ୍ରହଣୀୟ ହୋଇ ରହିଅଛି ।* ସେ ପ୍ରସଙ୍ଗରେ ପୂର୍ବେ ଓ ପରେ ସୁରଜିତ ସିହ୍ନା ଓ Akio Tanabe ଆଦି ମଧ୍ୟ ଆଲୋଚନା କରିଛନ୍ତି । ସେ ସବୁ ସମ୍ପର୍କରେ ଅଧିକ ଆଲୋଚନାର ସୁଯୋଗ ଏଠାରେ ନାହିଁ, କାରଣ ତା ହେବ ଦେଉଳକୁ ମୁଖଶାଳା ବଳେଇଯିବା ପରି କଥା ।

(୧.୪ଖ). ତେବେ ଓଡ଼ିଶାରେ ରାଜ୍ୟସ୍ଥାପନ ପ୍ରକ୍ରିୟା ସହ ଆଉ ଏକ ପ୍ରଥା ମଧ୍ୟ ଓତପ୍ରୋତ ଭାବରେ ଜଡ଼ିତ ଯାହା Kulke ତାଙ୍କର ଆଉ ଏକ ପ୍ରବନ୍ଧ Tribal Deities at princely Courts: The Feudatory Rajas of Central Orissa and their Tutelary Deities (*istadevatas)* ମାଧ୍ୟମରେ ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ ପ୍ରବନ୍ଧର ଏକ ଦୀର୍ଘ ଉଦ୍ଧୃତି ଏଠାରେ ଦିଆଯାଇପାରେ, "According to the legendary accounts, several founders of raj families entered their future realms as strangers, ... Several of the *rajvamsabalis* relate as the first act of the future raja the 'ritual killing' of a member of a tribe of that region. His ritual killing usually took place after he himself had told the founder of the dynasty about some miracles which had ocurred in this place and after advising to construct his new fort at this spot. In all cases the victim, before being killed, requested the future rajas to worship his head as the *istadevata* of his family. These 'heads' of the victims usually in form of an aniconic stone-have been worshipped till recently in minor shrines near the palaces." (Kulke, 1993, p.117. ରେଖାଙ୍କନ ବର୍ତ୍ତମାନ ଲେଖକଙ୍କଦ୍ୱାରା) ।

Digitized by srujanika@gmail.com

Kulkeଙ୍କ ସୂଚିତ ଏହି ସବୁ ଜନଶ୍ରୁତି ଓଡ଼ିଶାରେ ମଧ୍ୟଯୁଗରେ କେତେକ ରାଜ୍ୟ-ସ୍ଥାପନ ପ୍ରକ୍ରିୟା ଓ ରାଜବଂଶ ସହ ସମ୍ପର୍କାନ୍ୱିତ । ସଂକ୍ଷେପରେ ସେଗୁଡ଼ିକର ବକ୍ତବ୍ୟ ହେଉଛି: ନିର୍ଦ୍ଦିଷ୍ଟ ଅଞ୍ଚଳର ଜଙ୍ଗଲ ମଧ୍ୟରେ ଜଙ୍ଗଲବାସୀଙ୍କ ଜଣେ ସର୍ଦ୍ଦାର ବା ମୁଖିଆ ଜଣେ (ବେଳେବେଳେ ନିଜ ରାଜ୍ୟରୁ ତୀର୍ଥ ଉଦ୍ଦେଶ୍ୟରେ ବହିର୍ଗତ ବା ଅନ୍ୟ କାରଣରୁ ବିତାଡ଼ିତ) ଜନପଦବାସୀ (କ୍ଷତ୍ରୀୟ) ଆଗନ୍ତୁକକୁ ଆଶ୍ରୟ ଓ ସହାୟତା ପ୍ରଦାନ କରନ୍ତି । ସେ ସ୍ଥାନରେ କପୋତ ଛଞ୍ଚାଣକୁ ଅଥବା ମୂଷିକା/ବେଙ୍ଗ ସର୍ପକୁ ଆକ୍ରମଣ କରିବା (ଓ ପରାସ୍ତ କରିବା) ପରି ଅଦ୍ଭୁତ କାର୍ଯ୍ୟ ହୋଇଥିବା ଜାଣି ଜନପଦବାସୀ ଆଗନ୍ତୁକ ସ୍ଥାନର ମାହାତ୍ମ୍ୟ ବିଷୟରେ ଅବହିତ ହୋଇ ସେଠାରେ ରାଜ୍ୟ-ସ୍ଥାପନ (ଓ ଗଡ଼ ନିର୍ମାଣ) କରିବାର ଯୋଜନା କରନ୍ତି । ସେ ପରେ ଅନୁଗ୍ରହ ପ୍ରାର୍ଥନା (ବା ବେଳବେଳେ ଛଳନା) ମାଧ୍ୟମରେ ସେ ସ୍ଥାନର ଅଧିକାରୀ ନିଜର ଆଶ୍ରୟଦାତାଙ୍କୁ ହତ୍ୟା କରି ସେଠାରେ ରାଜ୍ୟ-ସ୍ଥାପନ କରନ୍ତି ଓ ମୃତ ଜଙ୍ଗଲବାସୀ ଆଶ୍ରୟଦାତାଙ୍କ ମୁଣ୍ଡକୁ ଇଷ୍ଟଦେବୀ/ଦେବର ସ୍ୱୀକୃତି ପ୍ରଦାନ କରନ୍ତି ଓ ଆରାଧନା କରନ୍ତି । ଉଦାହରଣରେ ଭୋଇ ୧ମ ରାମଚନ୍ଦ୍ରଙ୍କଦ୍ୱାରା ଖୋର୍ଦ୍ଧା ରାଜ୍ୟ ଓ ବରୁଣେଇ ଗଡ଼ ସ୍ଥାପନ ସମ୍ପର୍କରେ ଚକଡ଼ାପୋଥି କହେ, "କଟକ ଓ ପୁରୁଷୋତ୍ତମ ମଧ୍ୟସ୍ଥ ଶୁଦ୍ଧ ଶୌରି ବଳୀବିକ୍ରମ ସିଂହର ଖୋରଧା ବୋଲି ପଲ୍ଲୀ ଗୋଟିଏ ଥିଲା । ତାହା ରାଜା ବିକ୍ରମ ସିଂହକୁ ମାଗି ତାହା ନାମ ଜଗନ୍ନାଥପୁର କଟକ ବୋଲି ଶୁଭ ଦେଲେ । ସେ ବଳୀ ବିକ୍ରମ ସିଂହର ମୁଣ୍ଡ କାଟି ବଡ଼ ଅବକାଶ ଭଦ୍ର ତଳେ ପୋତିଲେ ।" (ପଟ୍ଟନାୟକ, ସୁଧାକର, ୧୯୫୯, ପୃ.୬ । ଏଠାରେ ସୂଚାଇଦେବା ଉଚିତ ହେବ ଯେ ବୋଧହୁଏ 'ଶୁଦ୍ଧ ଶୌରି' ଅଭିବ୍ୟକ୍ତି 'ସୁଦା/ସୁଧ ସଉରା' ଅଭିବ୍ୟକ୍ତିର ରୂପାନ୍ତର ବା ସଂସ୍କୃତାୟନ ଓ ତାଦ୍ୱାରା ଶବରମାନଙ୍କ ଗୋଟିଏ ଉପଗୋଷ୍ଠୀ ହିଁ ସୂଚିତ ହୁଏ । ଦ୍ର: ଦାଶ, ଗଗନେନ୍ଦ୍ର ନାଥ, ୧୯୯୮, ପୃ.୪୩-୭୦) । ସେହିପରି ଢେଙ୍କାନାଳ ରାଜ୍ୟ ସ୍ଥାପନ ସମ୍ପର୍କରେ ଆହୁରି ସ୍ପଷ୍ଟ ଭାବରେ କୁହାଯାଇଛି, "The state is said to derive its name from an aborgin of Savar caste, named Dhenka Sawara, who was in possession of a strip of land, about a couple of miles in area, upon which the present residence of the Chief stands. There still exists to the west of the Chief's residence a stone, commonly known as the *Dhenka Sawara Munda* (head), to which worship is rendered once or twince in a year. About the middle of the 17th century, one Singha Bidyadhar, a

Digitized by srujanika@gmail.com

scion of the then Khurda (Puri) Raj family, is said to have conquered the country and founded the State. Legend relates that the conquered Savar, when put to death, prayed that his head should always be worshipped." (Cobden Ramsay, 1910/1982, p.164) । ଏହିସବୁ ଜନଶ୍ରୁତି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଜଙ୍ଗଲବାସୀ ଓ ଜନପଦବାସୀ ମଧ୍ୟରେ ଥିବା ବହୁ ପୁରାତନ ଦ୍ୱନ୍ଦ୍ୱର ସୂଚନା କେବଳ ଏହା ମଧ୍ୟରେ ନାହିଁ, ଅଛି ମଧ୍ୟ ଜନପଦବାସୀର ସ୍ୱାର୍ଥପରତାର (ଓ କପଟତାର) ସୂଚନା । ତେବେ ତା ସତ୍ତ୍ୱେ ମୃତ ଆଶ୍ରୟଦାତାଙ୍କ କଟା ମୁଣ୍ଡକୁ ଇଷ୍ଟଦେବୀ/ଦେବର ମାନ୍ୟତା ଦେବା ମାଧ୍ୟମରେ ଜନପଦବାସୀ ରାଜା ରାଜ୍ୟ-ସ୍ଥାପନପାଇଁ ଏକାନ୍ତ ଆବଶ୍ୟକ ଜଙ୍ଗଲବାସୀଙ୍କ ଅନୁରକ୍ତି ଓ ଆନୁଗତ୍ୟ ମଧ୍ୟ ଲାଭ କରନ୍ତି । ଫଳରେ ଆଗନ୍ତୁକ ଜନପଦବାସୀ ଓ ଜଙ୍ଗଲବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱର ନିରାକରଣ ହୁଏ ବା ଅନ୍ତତଃ ତାର ତୀବ୍ରତା ହ୍ରାସ ପାଏ, ଯାହା Kulke ମଧ୍ୟ ଲକ୍ଷ୍ୟ କରିଛନ୍ତି । Burkhard Schnepel ମଧ୍ୟ ଦକ୍ଷିଣ ଓଡ଼ିଶାର ଜଙ୍ଗଲ-ରାଜ୍ୟ ବିଷୟକ ତାଙ୍କ ଅଧ୍ୟୟନ ପ୍ରସଙ୍ଗରେ ତାହା ହିଁ କହନ୍ତି, "Most if not all the south Orissan jungle kings sought to gain legitimacy in the eyes of the tribal population of their various realms, winning their loyality and integrating them into the Hindu fold of power by patronizing tribal goddess and establishing them as their tutelary deities (*istadevatas*)." (Schnepel 1997, p.271) । *ଓଡ଼ିଶାରେ ଜନପଦବାସୀ ଓ ଜଙ୍ଗଲବାସୀମାନଙ୍କ ମଧ୍ୟରେ* ଦ୍ୱନ୍ଦ୍ୱର ତୀବ୍ରତା ହ୍ରାସ ପାଇବାର ଅନ୍ୟ କାରଣ ମଧ୍ୟ ଅଛି, ଯଥା: (କ)*ଓଡ଼ିଶାରେ ଆଦିମ ଜନଜାତି ବା ଆଦିବାସୀମାନଙ୍କର ସଂଖ୍ୟା ଓ ଅନ୍ୟାନ୍ୟ ଅଧିବାସୀମାନଙ୍କ ତୁଳନାରେ ଅନୁପାତ ଅଧିକ ଥିଲା;* (ଖ) ଓଡ଼ିଶାରେ ଆଦିମ ଜନଜାତିମାନେ ପ୍ରଥମେ ସମାଜର ନିମ୍ନବର୍ଗର ବୋଲି ବିବେଚିତ ନ ହୋଇ ସିଧାସଳଖ କ୍ଷତ୍ରୀୟ ହୋଇପାରୁଥିଲେ; (ଗ) *ଓଡ଼ିଶାର ଦେଶୀୟ ବା Burkhard Schnepel ଙ୍କ ପରିଭାଷାରେ jungle kings ବା ଜଙ୍ଗଲ-ରାଜାମାନେ ଏକ ଦିଗରେ ଯେପରି ସେମାନଙ୍କ ସାମରିକ-ଶକ୍ତିର ଉତ୍ସ ଆଦିମ ଜନଜାତି ବା ଜଙ୍ଗଲବାସୀଙ୍କ ଉପରେ ନିର୍ଭରଶୀଳ ଥିଲେ ସେହିପରି ଅନ୍ୟ ଦିଗରେ ସମାନ୍ତରାଳ ସ୍ୱୀକୃତିପାଇଁ କେନ୍ଦ୍ରାଞ୍ଚଳର ଗଜପତି ରାଜାମାନଙ୍କ ଉପରେ ବି ନିର୍ଭରଶୀଳ ଥିଲେ* ଓ ଶେଷରେ (ଘ) ସେମାନଙ୍କର ଦେବତା/ଦେବୀଙ୍କର ଆର୍ଯ୍ୟୀକରଣ ହେବା ସହ (ଏ କ୍ଷେତ୍ରରେ କେବଳ ଜଗନ୍ନାଥ ନୁହଁନ୍ତି, ଆହୁରି ବହୁ ଉଦାହରଣ ମିଳିବ ଯଥା, ବଡମ୍ବାର ଭଟ୍ଟାରିକା ଓ *ରଣପୁରର ଖିଲାମୁଣ୍ଡା)* ସେମାନଙ୍କ ଆଦିମ ଜନଜାତି

Digitized by srujanika@gmail.com

ପୂଜକମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସେଇ ପୂଜାକର୍ମରୁ ବହିଷ୍କୃତ କରାନଯାଇ ପୂଜକର ସ୍ୱୀକୃତି ଓ ମାନ୍ୟତା ବି ମିଳୁଥିଲା (ଦ୍ର: ଦାଶ, ଗଗନେନ୍ଦ୍ର ନାଥ, ୧୯୯୮) ।

(୧.୫). ପୁଣି ଓଡ଼ିଶାରେ ତାର ତୀବ୍ରତା ଅପେକ୍ଷାକୃତ କମ୍ ଥିଲେ ମଧ୍ୟ ଜଙ୍ଗଲ ଓ ଜନପଦ ମଧ୍ୟରେ ଦ୍ୱନ୍ଦ୍ୱ ଯେ ଥିଲା, ସଂଘାତ-ସଂଘର୍ଷ ଯେ ହେଉଥିଲା ତା ଅସ୍ୱୀକାର କରାଯାଇପାରେ ନାହିଁ ବୋଲି 'ସାରଳା ମହାଭାରତ' ଅନ୍ତର୍ଗତ ଏକଲବ୍ୟ ଉପାଖ୍ୟାନର ଅନୁଶୀଳନରୁ ହିଁ ପରୋକ୍ଷରେ ଜଣାଯାଏ, ଯାହା ପରବର୍ତ୍ତୀ ଆଲୋଚନା ପ୍ରସଙ୍ଗରେ ସ୍ପଷ୍ଟ ହୋଇଯିବ ।

ଦ୍ୱିତୀୟ ଭାଗ

(୨.୦). ପଞ୍ଚଦଶ ଶତକର ଓଡ଼ିଆ ସାହିତ୍ୟ-ସ୍ରଷ୍ଟା ଓ ଦିବ୍ୟଦ୍ରଷ୍ଟା ସାରଳା ଦାସ ମଧ୍ୟ ଜଙ୍ଗଲ-ଅଧିବାସୀ ଓ ଜନପଦ-ଅଧିବାସୀଙ୍କ ମଧ୍ୟରେ ଥିବା ଏହି ବହୁ ପୁରାତନ ଦ୍ୱନ୍ଦ୍ୱ ଓ ସଂଘର୍ଷ-ସଂଘାତ ସମ୍ପର୍କରେ ଯେ ସଚେତନ ଥିଲେ ଓ ତା ଭିତରଦେଇ ଆଧୁନିକ ଚେତନାର ବାର୍ତ୍ତାବହ ଥିଲେ ତାର ପ୍ରମାଣ ହେଉଛି ତାଙ୍କ ମହାଭାରତର 'ଏକଲବ୍ୟ ଉପାଖ୍ୟାନ' । ଏହି ଉପାଖ୍ୟାନ ମଧ୍ୟରେ ଜଙ୍ଗଲ-ବାସୀ ଓ ଜନପଦ-ବାସୀଙ୍କ ମଧ୍ୟରେ ଥିବା ଏହି ବହୁ ପୁରାତନ ଦ୍ୱନ୍ଦ୍ୱ ଓ ସଂଘର୍ଷ-ସଂଘାତର ବହୁ-ଦିଗ-ସମ୍ପନ୍ନ ଚିତ୍ର ତାର ସମସ୍ତ ଜଟିଳ ବିଭାବ ସହ ପ୍ରତିଫଳିତ ହୋଇଛି, ତାହା ଦିବ୍ୟଦ୍ରଷ୍ଟା ସାରଳା ଦାସଙ୍କର ଜ୍ଞାତସାରରେ ହେଉ ବା ଏପରି କି ତାଙ୍କ ଅଜ୍ଞାତସାରରେ ବି ହେଉ ।

(୨.୧.୧). ସଂସ୍କୃତ ମହାଭାରତରେ ମଧ୍ୟ ସେଇ ଏକଲବ୍ୟ ଉପାଖ୍ୟାନ ଅଛି ଓ ସାରଳା ମହାଭାରତରେ ଥିବା ସେଇ ଉପାଖ୍ୟାନର ଅନୁଶୀଳନ ପୂର୍ବରୁ ପ୍ରଥମେ ସଂସ୍କୃତ ମହାଭାରତରେ ଥିବା ସେଇ ଉପାଖ୍ୟାନର ଅନୁଧ୍ୟାନ ଆବଶ୍ୟକ । ତେବେ ସଂସ୍କୃତ ମହାଭାରତରେ ଥିବା ସେ ଉପାଖ୍ୟାନଟି କିନ୍ତୁ ଅତ୍ୟନ୍ତ ସଂକ୍ଷିପ୍ତ ଓ 'ଆଦି ପର୍ବ'ର ମାତ୍ର ତିରିଶ ଗୋଟି ଶ୍ଲୋକରେ ବର୍ଣ୍ଣିତ (ଦ୍ର: ଆଦିପର୍ବ, ଶୁଦ୍ଧ ସଂସ୍କରଣ ବା Critical Edition ୧୨୩ ଅଧ୍ୟାୟ, ୧୦ରୁ ୩୯ ଶ୍ଲୋକ ଓ ଗୀତା ପ୍ରେସ, ଗୋରଖପୁର ସଂସ୍କରଣ ୧୩୧ ଅଧ୍ୟାୟ, ୩୧ରୁ ୬୦ ଶ୍ଲୋକ । ଏହି ଉପାଖ୍ୟାନର ଶୁଦ୍ଧ ସଂସ୍କରଣର ପାଠ ଓ ଗୀତା ପ୍ରେସ ସଂସ୍କରଣର ପାଠ ପ୍ରାୟ ସମାନ । ନିମ୍ନରେ ଶୁଦ୍ଧ ସଂସ୍କରଣ ଅନୁଯାୟୀ ସୂଚନା ଦିଆଯିବ ।)

Digitized by srujanika@gmail.com

(୨.୧.୨). ପୁନଶ୍ଚ ସଂସ୍କୃତ ମହାଭାରତରେ ଥିବା ଏକଲବ୍ୟ ଉପାଖ୍ୟାନର ସହଜ ଅବବୋଧପାଇଁ ତାହା ବର୍ଣ୍ଣିତ ହେବାର ପୂର୍ବେ ସେଥିରେ ବିବୃତ ଆଉ କେତେକ ବିଷୟକୁ ବିଚାରକୁ ନେବା ଆବଶ୍ୟକ । ଗୁରୁ ଦ୍ରୋଣଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ନିଜର ଶିଷ୍ୟମାନଙ୍କ ସହାୟତାରେ ରାଜା ଦ୍ରୁପଦଙ୍କ ଉପରେ ପ୍ରତିହିଂସା ସାଧନ । ଯୁଦ୍ଧବିଦ୍ୟାରେ ନିପୁଣ ହେଲେ ତାଙ୍କ ଇଚ୍ଛା ପୂରଣରେ କୌରବ-ପାଣ୍ଡବ ଶିଷ୍ୟମାନେ ସହାୟତା କରିବେ କି ନାହିଁ ବୋଲି ଦ୍ରୋଣ ଦିନେ ଯେତେବେଳେ ସେମାନଙ୍କୁ ପ୍ରଶ୍ନ କଲେ ସେତେବେଳେ ଅର୍ଜୁନଙ୍କ ବ୍ୟତୀତ ଅନ୍ୟମାନେ ନିରବ ରହନ୍ତି । କିନ୍ତୁ କେବଳ ଅର୍ଜୁନ ହିଁ ସେ ଇଚ୍ଛା ପୂରଣ କରିବେ ବୋଲି ପ୍ରତିଜ୍ଞା କରନ୍ତି । ଦ୍ରୋଣ ଅର୍ଜୁନଙ୍କର ଏ ପ୍ରତିଜ୍ଞା ଶୁଣି ଅର୍ଜୁନଙ୍କୁ ଆଲିଙ୍ଗନ ଓ ତାଙ୍କ ମସ୍ତକକୁ ବାରମ୍ବାର ଆଘ୍ରାଣ କରି ଆନନ୍ଦରେ କାନ୍ଦି ପକାଇଥିଲେ । ମହାଭାରତର ଭାଷାରେ,

"ତତୋଽର୍ଜୁନଂ ତଦା ମୂର୍ଦ୍ଧ୍ନି ସମାଘ୍ରାୟ ପୁନଃ ପୁନଃ ।
ପ୍ରୀତିପୂର୍ବଂ ପରିଷ୍ୱଜ୍ୟ ପ୍ରରୁରୋଦ ମୁଦା ତଦା ।"

(ଆଦିପର୍ବ, ୧/୧୨୨/୪୪)

ଏଥିରୁ ଦ୍ରୋଣଙ୍କ ପ୍ରତିହିଂସାପରାୟଣ ମନୋଭାବର ତୀବ୍ରତା ଜଣାଯାଏ । ସେହି ଦିନଠାରୁ ହିଁ ଅର୍ଜୁନ ଦ୍ରୋଣଙ୍କର ପ୍ରିୟତମ ଶିଷ୍ୟ ହୋଇଗଲେ । ପୁଣି ରାତିରେ ଖାଇବା ବେଳେ ଅନ୍ଧାର ହୋଇଗଲେ ବି ଅଭ୍ୟାସବଶତଃ ଯେପରି ହାତ ଆପେ ଆପେ ମୁହଁ ନିକଟକୁ ଚାଲିଯାଏ, ସେହିପରି ଅଭ୍ୟାସସିଦ୍ଧ ହେଲେ ରାତିରେ ବି ଶରସନ୍ଧାନ କରି ଲକ୍ଷ୍ୟଭେଦ କରିହେବ- ଏହା ଥରେ ଦ୍ରୋଣ ବ୍ୟଞ୍ଜନାରେ ଅର୍ଜୁନଙ୍କୁ ସୂଚାଇଥିଲେ ମାତ୍ର । ଅର୍ଜୁନ ଏ ବ୍ୟଞ୍ଜନାର ଅର୍ଥ ବୁଝିପାରି ରାତିରେ ବି ଧନୁର୍ବିଦ୍ୟା ଅଭ୍ୟାସ କରିବାପାଇଁ ଲାଗିଲେ । ଦିନେ ରାତିରେ ଅର୍ଜୁନଙ୍କ ଧନୁର ଟଙ୍କାର ଶୁଣି (ଅର୍ଥାତ୍ ସେ ରାତିରେ ବି ଅଭ୍ୟାସ କରୁଥିବାର ଜାଣି) ଦ୍ରୋଣ ତାଙ୍କୁ ପୃଥିବୀର ଅନନ୍ୟ (ସର୍ବଶ୍ରେଷ୍ଠ) ଧନୁର୍ଦ୍ଧର କରିବେ ବୋଲି ସତ୍ୟ କରି କହିଥିଲେ-

"ପ୍ରୟତିଷ୍ୟେ ତଥା କର୍ତ୍ତୁଂ ଯଥା ନାନ୍ୟୋ ଧନୁର୍ଦ୍ଧରଃ ।
ତ୍ୱତ୍ସମୋ ଭବିତା ଲୋକେ ସତ୍ୟମେତଦ୍ ବ୍ରବିମୀ ତେ ।"

(ଆଦିପର୍ବ, ୧/୧୨୩/୬)

ସଂସ୍କୃତ ମହାଭାରତରେ ଥିବା ଏକଲବ୍ୟ ଉପାଖ୍ୟାନର ଅନୁଶୀଳନରେ ତଥା ତାର ସହଜ ଅବବୋଧପାଇଁ ଉପରୋକ୍ତ ସୂଚନାର ବିଶେଷ ପ୍ରାସଙ୍ଗିକତା ରହିଛି ।

Digitized by srujanika@gmail.com

(୨.୧.୩). ବର୍ତ୍ତମାନ ସଂସ୍କୃତ ମହାଭାରତରେ ଥିବା ଏକଲବ୍ୟ ଉପାଖ୍ୟାନର ସଂକ୍ଷିପ୍ତ ଅନୁଶୀଳନ କରାଯାଉ । ହସ୍ତିନାପୁରରେ ରାଜକୁମାରମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଉଥିବା ଗୁରୁ ଦ୍ରୋଣଙ୍କର ଖ୍ୟାତି ବ୍ୟାପିଯିବାରୁ ବହୁ ସଂଖ୍ୟକ ରାଜା ଓ ରାଜପୁତ୍ରମାନେ ତାଙ୍କ ନିକଟରେ ଶିକ୍ଷା କରିବାପାଇଁ ଆସିପହଞ୍ଚନ୍ତି । ନିଷାଦରାଜ ହିରଣ୍ୟଧନୁଙ୍କ ପୁତ୍ର ରାଜକୁମାର ଏକଲବ୍ୟ ମଧ୍ୟ ଗୁରୁ ଦ୍ରୋଣଙ୍କ ନିକଟରେ ଧନୁର୍ବିଦ୍ୟା ଶିକ୍ଷା ଲାଭ କରିବାପାଇଁ ଆସିପହଞ୍ଚନ୍ତି । ନିଷାଦରାଜ ହିରଣ୍ୟଧନୁଙ୍କ ପୁତ୍ର ରାଜକୁମାର ଏକଲବ୍ୟ ମଧ୍ୟ ଗୁରୁ ଦ୍ରୋଣଙ୍କ ନିକଟରେ ଧନୁର୍ବିଦ୍ୟା ଶିକ୍ଷା କରିବାପାଇଁ ଆସି ଉପସ୍ଥିତ ହୁଅନ୍ତେ, ଦ୍ରୋଣ ତାଙ୍କୁ ସେ ନିଷାଦ ବୋଲି ଭାବି ପ୍ରତ୍ୟାଖ୍ୟାନ କରନ୍ତି । ଏ ମଧ୍ୟରେ ବ୍ରାହ୍ମଣ୍ୟ ଧର୍ମର ନିମ୍ନବର୍ଗ ପ୍ରତି ହେୟ ମନୋଭାବ ନୁହେଁ, କେବଳ ଗୁରୁ ଦ୍ରୋଣଙ୍କର ଅଧର୍ମାଚରଣ ବା ନୀତିହୀନତା ହିଁ ଦର୍ଶିତ ହୋଇଛି । କାରଣ ନିଜେ ମହାଭାରତକାର ଲେଖିଛନ୍ତି,

"ନ ସ ତଂ ପ୍ରତିଜଗ୍ରାହ ନୈଷାଦିରିତି ଚିନ୍ତୟନ ।
ଶିଷ୍ୟଂ ଧନୁଷି ଧର୍ମଜ୍ଞସ୍ତେଷାମେଓ୍ୱାନ୍ୱେକ୍ଷୟା ।" (ଆଦିପର୍ବ, ୧/୧୨୩/୧୧)

ଅର୍ଥାତ୍ ଦ୍ରୋଣ 'ଧର୍ମଜ୍ଞ' ହୋଇ ମଧ୍ୟ ଏପରି (ଅଧର୍ମାଚରଣ) କଲେ ବା ନୀତିହୀନ ଆଚରଣ କଲେ । ଅନ୍ୟ କଥାରେ ମହାଭାରତକାରଙ୍କ ବକ୍ତବ୍ୟ ଅନୁଯାୟୀ ଦ୍ରୋଣଙ୍କ ଆଚରଣ ଆଦୌ ବ୍ରାହ୍ମଣ୍ୟ ଧର୍ମାନୁମୋଦିତ ନଥିଲା ବା ନ ଥିଲା ତା ପଛରେ ବ୍ରାହ୍ମଣ୍ୟ ଧର୍ମର ସମର୍ଥନ । ଏଥିରେ ଗୁରୁ ଦ୍ରୋଣଙ୍କ ଏକଲବ୍ୟଙ୍କର ନିଷାଦତ୍ୱ ପ୍ରତି ଅସୂୟା ହୁଏତ ସୂଚିତ, କିନ୍ତୁ ତା ସହ ମଧ୍ୟ ସୂଚିତ କୌରବ-ପାଣ୍ଡବ ଶିଷ୍ୟବର୍ଗଙ୍କ ପ୍ରତି, ବିଶେଷ ଭାବରେ ତାଙ୍କର ପ୍ରିୟତମ ଶିଷ୍ୟ ଅର୍ଜୁନଙ୍କ ପ୍ରତି, ପକ୍ଷପାତିତା । ତେଣୁ ଏକଲବ୍ୟ ସେ ବିଦ୍ୟାରେ (କାଳକ୍ରମେ) ତାଙ୍କ ସବୁ ଶିଷ୍ୟମାନଙ୍କ ଅପେକ୍ଷା, (ଏପରି କି ତାଙ୍କର ପ୍ରିୟତମ ଶିଷ୍ୟ ଅର୍ଜୁନଙ୍କ ଅପେକ୍ଷା) ଅଧିକ ପାରଦର୍ଶୀ ହୋଇଯିବେ ବୋଲି ଆଶଙ୍କାରୁ ହିଁ ଦ୍ରୋଣ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ । ପୂର୍ବେ କୁହାଯାଇଛି ଯେ ଅର୍ଜୁନ କେବଳ ଦ୍ରୋଣଙ୍କର ପ୍ରିୟତମ ଶିଷ୍ୟ ନଥିଲେ, ତାଙ୍କୁ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର କରିବେ ବୋଲି ତ ଦ୍ରୋଣ ତାଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇସାରିଥିଲେ । (ଅର୍ଜୁନଙ୍କ ପ୍ରତି ଦ୍ରୋଣଙ୍କର ପକ୍ଷପାତିତା ଉପାଖ୍ୟାନର ପର ଅଂଶରେ ଆହୁରି ସ୍ପଷ୍ଟ ଭାବରେ ବିବୃତ ହୋଇଛି ।) ସ୍ମରଣ ରଖିବାପାଇଁ ହେବ ଯେ ହୁଏତ ଗୁରୁ ଦ୍ରୋଣ ନିଜର ବିଦ୍ୟାବୁଦ୍ଧିକୁ କେବଳ ନିଜର ପ୍ରତିହିଂସା ସାଧନରେ ନିୟୋଜିତ କରିବାପାଇଁ ଦୃଢ଼ ପ୍ରତିଜ୍ଞ ଥିଲେ ଓ ଅର୍ଜୁନ ସେ କାର୍ଯ୍ୟରେ ତାଙ୍କୁ ସହାୟତା କରିବାପାଇଁ ପ୍ରତିଜ୍ଞା କରିଥିବାରୁ ହିଁ ଏପରି ଅଧର୍ମାଚରଣ ଓ ପକ୍ଷପାତିତା କରିଥିଲେ । କିନ୍ତୁ ଏପରି ଭାବରେ ପ୍ରତ୍ୟାଖ୍ୟାତ ହେବା

Digitized by srujanika@gmail.com

ପରେ ବି ଏକଲବ୍ୟ ଅବନତ ମସ୍ତକରେ ଦ୍ରୋଣଙ୍କର ପଦ ସ୍ପର୍ଶ କରି ଜଙ୍ଗଲ ମଧ୍ୟକୁ ଫେରିଯାଆନ୍ତି ଓ ସେଠାରେ ଦ୍ରୋଣଙ୍କର ଏକ ମାଟିର ମୂର୍ତ୍ତି ନିର୍ମାଣ କରନ୍ତି ଓ ତାହାକୁ ଗୁରୁ ଦ୍ରୋଣ ବୋଲି ମନରେ ଭାବି ଶ୍ରଦ୍ଧା ସହ ତା ସମ୍ମୁଖରେ ଅଧ୍ୟବସାୟ ସହ ଧନୁର୍ବିଦ୍ୟା ଅଭ୍ୟାସ କରନ୍ତି । ତାଙ୍କର ଗୁରୁଙ୍କ ପ୍ରତି ଶ୍ରଦ୍ଧା ଓ ସାଧନା ହେତୁ ସେ କ୍ଷିପ୍ରତାର ସହ ଧନୁରେ ଶର ସଂଯୋଜନ, ନିକ୍ଷେପଣ ଓ ଲକ୍ଷ୍ୟଭେଦ ବିଦ୍ୟାରେ ପାରଦର୍ଶୀ ହୋଇଉଠନ୍ତି ।

ଦିନେ ଦ୍ରୋଣଙ୍କର ଅନୁମତି ନେଇ ପାଣ୍ଡବମାନେ ମୃଗୟା ଉଦ୍ଦେଶ୍ୟରେ ଜଙ୍ଗଲକୁ ଗଲେ । ଜଣେ ପରିଚାରକ ଓ ଗୋଟିଏ କୁକୁର ମଧ୍ୟ ସେମାନଙ୍କ ସମଭିବ୍ୟାହାରରେ ଚାଲିଲେ । ଜଙ୍ଗଲ ମଧ୍ୟରେ ସେଇ କୁକୁରଟି ଏକୁଟିଆ ଇତସ୍ତତଃ ବୁଲୁବୁଲୁ ନିଷାଦ ଏକଲବ୍ୟଙ୍କ ନିକଟରେ ପହଞ୍ଚିଲା ଓ ତାଙ୍କ ଅଦ୍ଭୁତ ରୂପ ଓ ବେଶଭୂଷା ଦେଖି ଭୁକିବାରେ ଲାଗିଲା । (କୁକୁର ଭୁକିବାରେ ବିରକ୍ତ) ଏକଲବ୍ୟ ଶର ନିକ୍ଷେପଣରେ ନିଜର କ୍ଷିପ୍ରତାର ପରିଚୟ ଦେବାକୁ କୁକୁର ତା ପାଟି ବନ୍ଦ କରିବା ପୂର୍ବରୁ ତା ପାଟି ଭିତରକୁ ଏକ ସାଙ୍ଗରେ ସାତଗୋଟି ଶର ନିକ୍ଷେପ କଲେ । କୁକୁର ଆଉ ପାଟି ବନ୍ଦ କରିପାରିଲା ନାହିଁ କି ଭୁକିବିପାରିଲା ନାହିଁ ଓ ଶରପୂର୍ଣ୍ଣ ପାଟିରେ ପାଣ୍ଡବମାନଙ୍କ ନିକଟକୁ ଫେରିଆସିଲା । ସେମାନେ ତାହା ଦେଖି ବିସ୍ମିତ ତଥା ଧନୁର୍ବିଦ୍ୟାରେ ନିଜର ଅପାରଗତାରେ ଲଜ୍ଜିତ ହୋଇ କ୍ଷିପ୍ରତାର ସହ ଅବ୍ୟର୍ଥ ଶବ୍ଦ-ଲକ୍ଷ୍ୟ-ଭେଦ କରିପାରିଥିବା ବୀରଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ତା ପରେ ସେମାନେ ବନ ମଧ୍ୟରେ ସେ ବନବାସୀଙ୍କ (ବା ଜଙ୍ଗଲ ମଧ୍ୟରେ ସେ ଜଙ୍ଗଲବାସୀଙ୍କ) ଅନ୍ୱେଷଣ କରି କ୍ଷିପ୍ରତାର ସହ ଅବିରତ ଶର ବିନ୍ଧିବାରେ ଲାଗିଥିବା ଏକଲବ୍ୟଙ୍କୁ ଦେଖିଲେ । ସେମାନେ ତାଙ୍କୁ ଚିହ୍ନିନପାରି ତାଙ୍କର ପରିଚୟ ପଚାରିଲେ । ଉତ୍ତରରେ ଏକଲବ୍ୟ ନିଷାଦାଧିପତି ହିରଣ୍ୟଧନୁଙ୍କ ପୁଅ ଓ ଦ୍ରୋଣଙ୍କ ଶିଷ୍ୟ ବୋଲି ନିଜର ପରିଚୟ ଦେଇ ସେ ଆୟାସ ସହକାରେ ଧନୁର୍ବିଦ୍ୟା ଶିକ୍ଷା କରିଥିବାର ପ୍ରକାଶ କଲେ । ତାହା ଜାଣିବା ପରେ ପାଣ୍ଡବମାନେ ଫେରିଆସିଲେ ଓ ବନରେ ଘଟିଥିବା ଅଦ୍ଭୁତ ଘଟଣା ଗୁରୁ ଦ୍ରୋଣଙ୍କୁ ଜଣାଇଲେ । ତା ପରେ କିନ୍ତୁ ମନ ମଧ୍ୟରେ ଏକଲବ୍ୟଙ୍କୁ ସ୍ମରଣ କରୁଥିବା (ଅର୍ଥାତ୍ ଏକଲବ୍ୟଙ୍କ ପ୍ରତି ଈର୍ଷାଜର୍ଜର ହେବାରୁ ତାଙ୍କୁ ଭୁଲିପାରୁନଥିବା) ଅର୍ଜୁନ ଏକାନ୍ତରେ ଦ୍ରୋଣଙ୍କୁ ସାକ୍ଷାତ କରି ବିନୟ ସହକାରେ କହିଲେ, "ଆପଣ ତ (ଧନୁର୍ବିଦ୍ୟାରେ) ମୋ ସହ ସମାନ ହୋଇପାରିବା ପରି ଶିଷ୍ୟ ହେବେ ନାହିଁ ବୋଲି ମତେ କଥା ଦେଇଥିଲେ ବା ପ୍ରତିଶ୍ରୁତି ଦେଇଥିଲେ । ତେବେ ନିଷାଦାଧିପତିଙ୍କ ପୁଅ ଏକଲବ୍ୟ ଧନୁର୍ବିଦ୍ୟାରେ ମୋ ଅପେକ୍ଷା ଅଧିକ ନିପୁଣ ତଥା ବୀର୍ଯ୍ୟବାନ ଓ ସେ ବି ତ ଆପଣଙ୍କର ଶିଷ୍ୟ ।"

Digitized by srujanika@gmail.com

ମହାଭାରତକାରଙ୍କ ଭାଷାରେ-

"ନନ୍ୱହଂ ପରିରଭ୍ୟୈକଃ ପ୍ରୀତିପୂର୍ଣ୍ଣମିଦଂ ବଚଃ ।
ଭବତୋକ୍ତୋ ନ ମେ ଶିଷ୍ୟସ୍ତଦବିଶିଷ୍ଟୋ ଭବିଷ୍ୟତି ।

(ଆଦିପର୍ବ, ୧/୧୨୩/୨୭)

ଅଥ କସ୍ମାନମଦବିଶିଷ୍ଟୋ ଲୋକାଦପି ଚ ବୀର୍ଯ୍ୟବାନ୍ ।
ଅସ୍ତ୍ୟନ୍ୟୋ ଭବତଃ ଶିଷ୍ୟୋ ନିଷାଦାଧିପତେଃ ସୁତଃ ।"

(ଆଦିପର୍ବ, ୧/୧୨୩/୨୮)

ଏହା ଶୁଣି ଦ୍ରୋଣ ମୁହୂର୍ତ୍ତକପାଇଁ ଚିନ୍ତା କରି ତାଙ୍କର କର୍ତ୍ତବ୍ୟ ସ୍ଥିର କଲେ ଓ ଅର୍ଜୁନଙ୍କୁ ସାଙ୍ଗରେ ନେଇ ଏକଲବ୍ୟଙ୍କ ନିକଟକୁ ଚାଲିଲେ । ସେ ଦେଖିଲେ ଯେ ଏକଲବ୍ୟ ହାତରେ ଧନୁ ଧରି ଅବିରାମ ଶର ନିକ୍ଷେପ କରିବାରେ ବ୍ୟସ୍ତ (ବା ଧନୁର୍ବିଦ୍ୟା ଅଭ୍ୟାସ କରୁଛନ୍ତି) । ଦ୍ରୋଣ ତାଙ୍କ ନିକଟକୁ ଆସିବା ଦେଖି ଏକଲବ୍ୟ ତାଙ୍କ ଆଡ଼କୁ ଆଗେଇଗଲେ; ତାଙ୍କର ପଦସ୍ପର୍ଶ କରି ଓ ମସ୍ତକରେ ଭୂମିସ୍ପର୍ଶ କରି ପ୍ରଣାମ କଲେ । ତା ପରେ ସେ ଦ୍ରୋଣଙ୍କୁ ବିଧିସମ୍ମତ ଭାବରେ ପୂଜା କରି ତାଙ୍କର ଶିଷ୍ୟ ବୋଲି ନିଜର ପରିଚୟ ଦେଲେ ଓ କୃତାଞ୍ଜଳି ପୁଟରେ ଦଣ୍ଡାୟମାନ ରହିଲେ (ଅର୍ଥାତ୍ ଦ୍ରୋଣଙ୍କ ଆଦେଶକୁ ଅପେକ୍ଷା କଲେ) । ତା ପରେ ଦ୍ରୋଣ ଏକଲବ୍ୟଙ୍କୁ କହିଲେ "ତୁମେ ଯଦି ପ୍ରକୃତରେ ମୋର ଶିଷ୍ୟ ତେବେ ମତେ ମୋର 'ବେତନ' ଦିଅ ।" ଉତ୍ତରରେ ଏକଲବ୍ୟ ବ୍ରହ୍ମବିତ୍ ଗୁରୁଙ୍କୁ ତାଙ୍କର ଅଦେୟ କିଛି ନାହିଁ ବୋଲି ଆନନ୍ଦରେ କହି ତାଙ୍କୁ କଣ ଦେବାକୁ ହେବ ତାହା କହିବାପାଇଁ ଦ୍ରୋଣଙ୍କୁ କହିଲେ । ଦ୍ରୋଣ ତା ପରେ

"ତମବ୍ରୱୀତ ତ୍ୱୟାଙ୍ଗୁଷ୍ଠୋ ଦକ୍ଷିଣୋ ଦୀୟତାଂ ମମ ।"

(ଆଦିପର୍ବ,୧/୧୨୩/୩୫)

ଏକଲବ୍ୟଙ୍କୁ ଡାହାଣ (ହାତର) ଆଙ୍ଗୁଳି (ବୃଦ୍ଧାଙ୍ଗୁଳି) ଦେବାକୁ କହିଲେ । ଦ୍ରୋଣଙ୍କର ଏପରି ନିର୍ଦ୍ଦୟ କଥା ଶୁଣି ମଧ୍ୟ ସତ୍ୟଶୀଳ ଓ ଦୃଢ଼ପ୍ରତିଜ୍ଞ ଏକଲବ୍ୟ ପ୍ରସନ୍ନ ମୁଖରେ ଓ ଚିତ୍ତରେ ନିଜର ଡାହାଣ ହାତର ବୁଢ଼ା ଆଙ୍ଗୁଳି କାଟି ତାଙ୍କୁ ଅର୍ପଣ କଲେ । ଏଥିରେ ଦ୍ରୋଣ ଆନନ୍ଦିତ ହେଲେ । ଏହା ପରେ ଏକଲବ୍ୟ ତର୍ଜନୀ ଓ ମଧ୍ୟମାଙ୍ଗୁଳି ସହାୟତାରେ ଶର ନିକ୍ଷେପଣ କଲେ ମଧ୍ୟ ପୂର୍ବ ପରି କ୍ଷିପ୍ର ଭାବରେ ତା କରିପାରିଲେ ନାହିଁ ।

"ତତୋଽର୍ଜୁନଃ ପ୍ରୀତମନା ବଭୁବ ବିଗତଜ୍ୱରଃ ।
ଦ୍ରୋଣସ୍ୟ ସତ୍ୟବାଗାସୀନ୍ ନାନ୍ୟୋଽଭିଭବିବାତାର୍ଜୁନମ୍ ।"

(ଆଦିପର୍ବ, ୧/୧୨୩/୩୯)

Digitized by srujanika@gmail.com

ଅର୍ଥାତ୍ ଏହାଦ୍ୱାରା ଅର୍ଜୁନ ଅନନ୍ୟ ବୀର ହେବେ ବୋଲି ଦ୍ରୋଣ ଯେଉଁ ସତ୍ୟ ଦିନେ କରିଥିଲେ ସେ ତାହାକୁ ରକ୍ଷା କଲେ । ଏହା ପରେ ହିଁ ଅର୍ଜୁନ ପ୍ରୀତମନସ୍କ ହୋଇ (ଈର୍ଷା ରୂପକ) ଜ୍ୱରରୁ ମୁକ୍ତ ହେଲେ ବୋଲି ମହାଭାରତକାର କହନ୍ତି ।

(୨.୧.୪). ଉପାଖ୍ୟାନଟିର ପ୍ରକୃତ ବା ମୂଳ ବକ୍ତବ୍ୟ ବା ସନ୍ଦେଶ କଣ ଥିଲା ତା ବର୍ତ୍ତମାନ ଆଲୋଚନା କରାଯାଉ । ତାଙ୍କ 'ବେତନ' ବା ପାରିଶ୍ରମିକ (କିନ୍ତୁ ଗୁରୁ-ଦକ୍ଷିଣା ନୁହେଁ) ସ୍ୱରୂପ ବୃଦ୍ଧାଙ୍ଗୁଳି ମାଗିବା ମଧ୍ୟରେ ସମାଜର ନିମ୍ନବର୍ଗମାନଙ୍କ (ନିଷାଦ ବା ଦଳିତମାନଙ୍କ) ପ୍ରତି ବ୍ରାହ୍ମଣ୍ୟ ସମାଜର ତାଚ୍ଛଲ୍ୟ ବା ବିଦ୍ୱେଷ ଥିଲା ବୋଲି ଏବେ ଯେପରି ସାଧାରଣତଃ ବ୍ୟାଖ୍ୟା କରାଯାଉଛି, ତାହା ଭ୍ରମାତ୍ମକ । ସଂସ୍କୃତ ମହାଭାରତର ଉପାଖ୍ୟାନଟିକୁ ପୂର୍ବ ଓ ପର ପ୍ରସଙ୍ଗ ସହ ଭଲ ଭାବରେ ଅନୁଶୀଳନ କଲେ ମନେହୁଏ ଯେ ଏକଲବ୍ୟ ନିଷାଦ ନ ହୋଇ ଜଣେ ବ୍ରାହ୍ମଣ ବା କ୍ଷତ୍ରୀୟ ଓ ଜଙ୍ଗଲବାସୀ ନ ହୋଇ ଆଉ ଏକ ଜନପଦବାସୀ ହୋଇଥିଲେ ମଧ୍ୟ ଗୁରୁ ଦ୍ରୋଣ ଠିକ୍ ତାହା ହିଁ କରିଥାଆନ୍ତେ, ଯାହା ସେ ଏକଲବ୍ୟଙ୍କ ପ୍ରତି କଲେ । ଉପାଖ୍ୟାନଟିରେ ମୂଳତଃ ଜଣେ ସମଧର୍ମା କିନ୍ତୁ ଶସ୍ତ୍ର-ବିଦ୍ୟାରେ ଅଧିକ ପାରଦର୍ଶୀ ପ୍ରତି ଅର୍ଜୁନଙ୍କର ତୀବ୍ର ଈର୍ଷା ଓ ବିଦ୍ୱେଷ; ଦ୍ରୋଣଙ୍କର ବହୁ ଶିଷ୍ୟଙ୍କ ମଧ୍ୟରେ ଜଣେ ଶିଷ୍ୟ ଅର୍ଜୁନଙ୍କ ପ୍ରତି ଦୁର୍ବଳତା ଓ ପକ୍ଷପାତିତା ତଥା (ତାଙ୍କ ପ୍ରତିହିଂସା ସାଧନରେ ତାଙ୍କୁ ସହାୟତା କରିବାପାଇଁ ପ୍ରତିଜ୍ଞାବଦ୍ଧ) ଅର୍ଜୁନଙ୍କୁ ଦେଇଥିବା ନିଜର ପ୍ରତିଶ୍ରୁତି ରକ୍ଷାର ମନୋବୃତ୍ତି ହିଁ ଦର୍ଶିତ । କାରଣ ଉଚ୍ଚବର୍ଗ/ନିମ୍ନବର୍ଗ, ଉଚ୍ଚବଂଶଜ/ନିମ୍ନବଂଶଜ, ଉଚ୍ଚପଦାଧିକାରୀ/ନିମ୍ନପଦାଧିକାରୀ, ଶିକ୍ଷିତ/ଅଶିକ୍ଷିତ ଓ ନାରୀ/ପୁରୁଷ ନିର୍ବିଶେଷରେ ମଣିଷ ମନରେ - *ଏପରି କି ତଥାକଥିତ ମହାନ ବ୍ୟକ୍ତି ଓ ଈଶ୍ୱରଙ୍କ ଅବତାର ବୋଲି ପରିଗଣିତ ହେଉଥିବା ବ୍ୟକ୍ତିଙ୍କ ମନରେ ମଧ୍ୟ* - ବହୁ ଦୁର୍ବଳ ଦିଗ ଓ ଅନ୍ଧାରି କୋଣ ଅନୁକୋଣ ଥାଏ; ଥାଏ କାମ, କ୍ରୋଧ, ଲୋଭ, ଈର୍ଷା, ଦ୍ୱେଷ, ପକ୍ଷପାତିତା ଓ ବିଶେଷ ଭାବରେ ପ୍ରତିହିଂସାପରାୟଣତା ଆଦି କୁପ୍ରବୃତ୍ତିସବୁ । ସେ ସବୁ ଆତ୍ମପ୍ରକାଶ କରିବାର ବାଟ ଖୋଜିବୁଲୁଥାଏ ଓ ସୁଯୋଗ ପାଇବା ମାତ୍ରେ, ବିଶେଷ ଭାବରେ ଆପାତ କର୍ତ୍ତବ୍ୟ-ବିରୋଧ ସମୟରେ, ଆତ୍ମପ୍ରକାଶ କରେ । ଆଉ ତାହା ଦେଖାଇଦେବା ତ ସଂସ୍କୃତ ମହାଭାରତର ଅନ୍ୟତମ ବା ମୁଖ୍ୟ ଉଦ୍ଦେଶ୍ୟ ଥିଲା; କିନ୍ତୁ ନ ଥିଲା ଜଙ୍ଗଲ ଓ ଜନପଦ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଓ ସଂଘର୍ଷର ଚିତ୍ର ଆଙ୍କିବା । *ସେ ସବୁ ସମ୍ପର୍କରେ ସଚେତନତା ସୃଷ୍ଟି ହେଲେ ଜନସାଧାରଣଙ୍କ ମନରେ ସେଇ ସବୁ ପ୍ରବୃତ୍ତି ଜାଗ୍ରତ ହେବାର ସମ୍ଭାବନା ବୃଦ୍ଧିପାଇବା ଆଶଙ୍କାରୁ ହିଁ ମହାଭାରତର ପାଠ ବା ପାରାୟଣକୁ ନିଷିଦ୍ଧ କରାଯାଇଥିଲା ।* ତେଣୁ ମୋ ବିନୀତ ମତରେ ସଂସ୍କୃତ ମହାଭାରତରେ

Digitized by srujanika@gmail.com

ଜଙ୍ଗଲ ଓ ଜନପଦ ମଧ୍ୟରେ ଥିବା ସେଇ ବହୁ ପୁରାତନ ଦ୍ୱନ୍ଦ୍ୱ ଓ ସଂଘର୍ଷ ସମ୍ପର୍କୀୟ ସଚେତନତାର ପ୍ରତିଫଳନ ନାହିଁ ବା ଥିଲେ ବି ତା ଆଦୌ ସ୍ପଷ୍ଟ ବା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଲକ୍ଷ୍ୟ କରିବାର କଥା ଯେ *ସଂସ୍କୃତ ମହାଭାରତର ଏକଲବ୍ୟ ଉପାଖ୍ୟାନରେ ଦୁର୍ଯ୍ୟୋଧନ, ଦୁଃଶାସନ ପ୍ରଭୃତି କୌରବ ଭ୍ରାତାବୃନ୍ଦଙ୍କ ଉଲ୍ଲେଖ ବି ନାହିଁ ।*

(୨.୨.୦). ତେବେ *'ସାରଳା ମହାଭାରତ'*ରେ ଏକଲବ୍ୟ ଉପାଖ୍ୟାନଟି ଦୁଇଭାଗବିଶିଷ୍ଟ ଓ ଦୁଇଟି ସ୍ୱତନ୍ତ୍ର ସ୍ଥାନରେ ଉପଲବ୍ଧ । *ଏହା ସଂସ୍କୃତି ବିଭାଗ ସଂସ୍କରଣ, ଆଦି ପର୍ବ, ପ୍ରଥମ ଖଣ୍ଡ, ୧୯୬୫ 'ଜାରା ଶବର ଉପାଖ୍ୟାନ' ନାମକ ୫୨ତମ ଅଧ୍ୟାୟ, ପୃ.୩୦୮-୧୧ ଓ 'ଏକଲବ୍ୟ ଉପାଖ୍ୟାନ' ନାମକ ୬୮ତମ ଅଧ୍ୟାୟ, ପୃ.୩୩୧-୩୯ରେ ସ୍ଥାନିତ । ଅବଶ୍ୟ ସାରଳା ଦାସ ତାଙ୍କ ମହାଭାରତକୁ ବିଭିନ୍ନ ଅଧ୍ୟାୟରେ ବିଭକ୍ତ ଓ ସେଗୁଡ଼ିକର ନାମକରଣ କରିନଥିଲେ ବୋଲି ମୋର ବିଶ୍ୱାସ । ସେହିପରି ଏହା ଧର୍ମଗ୍ରନ୍ଥ ଷ୍ଟୋର ସଂସ୍କରଣ, ଆଦି ପର୍ବ, ପୃ. ୧୦୦-୦୧ ଓ ପୃ. ୧୦୩-୦୬ରେ ସ୍ଥାନିତ । କେବଳ ସେତିକି ନୁହେଁ, ଏହା ସଂସ୍କୃତ ମହାଭାରତର ଉପାଖ୍ୟାନଠାରୁ ଅଧିକ ବିସ୍ତାରିତ ଓ ବହୁ ଭାବରେ ଭିନ୍ନ ।* ତେବେ ଉପାଖ୍ୟାନଟି ପ୍ରକୃତରେ ଗୋଟିଏ ହୋଇଥିବାରୁ ଏହି ଉଭୟ ଭାଗକୁ ଏକତ୍ର ଓ ସଂସ୍କୃତି ବିଭାଗ ସଂସ୍କରଣ ଅନୁସରଣରେ ଆଲୋଚନା କରାଯିବ । ସାରଳା ମହାଭାରତରେ ଏକଲବ୍ୟ ନାମଟି ଆଦୌ ବ୍ୟବହୃତ ହୋଇନାହିଁ ଓ ତାଙ୍କୁ କେବଳ 'ଜାରା' ନାମରେ ହିଁ ଅଭିହିତ କରାଯାଇଛି । (ମନେହୁଏ, 'ଜାରା' ନାମଟି ସାରଳା ଦାସଙ୍କର ଅତି ପ୍ରିୟ ଥିଲା ଓ ଆଦିମ ଜନଜାତିର ଏକାଧିକ ବ୍ୟକ୍ତିଙ୍କପାଇଁ ସେ ଏହି ନାମ ହିଁ ବ୍ୟବହାର କରିଛନ୍ତି । ସେ କାରଣରୁ ଉପାଖ୍ୟାନଟିକୁ 'ଜାରା ଶବର ଉପାଖ୍ୟାନ' ନାମରେ ଅଭିହିତ କଲେ ପାଠକମାନଙ୍କ ମନରେ ଭ୍ରମ ଧାରଣା ସୃଷ୍ଟି ହେବାର ଆଶଙ୍କା ହେତୁ ଓ ସଂସ୍କୃତ ମହାଭାରତ ତଥା ସାଧାରଣ ବା ଲୋକପ୍ରିୟ ଧାରଣାର ଅନୁବର୍ତ୍ତନରେ ହିଁ ଉପାଖ୍ୟାନଟିକୁ ଏ ପ୍ରବନ୍ଧରେ 'ଏକଲବ୍ୟ ଉପାଖ୍ୟାନ' ନାମରେ ଅଭିହିତ କରାଯାଇଛି ।) ପୁଣି ତାଙ୍କ ପିତାଙ୍କ ନାମ ହିରଣ୍ୟଧନୁ ନ ହୋଇ ହୋଇଛି ଅଜପତି । ତା ବ୍ୟତୀତ ସେଥିରେ ତାଙ୍କର ପତ୍ନୀଙ୍କ ଅବତାରଣା କରାଯାଇ ୫୨ତମ ବିଭାଗରେ ତାହାଙ୍କୁ ତାରା ଓ ୬୮ତମ ବିଭାଗରେ ଶିରିୟା ନାମରେ ଅଭିହିତ କରାଯାଇଛି । *ସଂସ୍କୃତ ମହାଭାରତରେ ତାହାଙ୍କୁ ଆଦିମ ଜନଜାତିଙ୍କ ମଧ୍ୟରେ ନିଷାଦ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ କରାଯାଇଥିଲେ ହେଁ ସାରଳା ମହାଭାରତରେ* ସ୍ଥଳ ବିଶେଷରେ ଶବର ବା କୀରାତ ବୋଲି ତାହାଙ୍କ ପରିଚୟ ଦିଆଯାଇଛି ଓ ତାଙ୍କ ସମ୍ପ୍ରଦାୟର ଆଦିମ ଜନଜାତିଙ୍କ (ଇଷ୍ଟ) ଦେବୀଙ୍କ ନାମ 'ପଟ୍ଟାଇ'

Digitized by srujanika@gmail.com

ଥିବାର ମଧ୍ୟ ସୂଚନା ଦିଆଯାଇଛି (ଆଦିପର୍ବ, ପ୍ରଥମ ଖଣ୍ଡ, ୬୮/୪୭) । ଓଡ଼ିଶାରେ ଅଧିବାସୀମାନଙ୍କ ମଧ୍ୟରେ ଆଦିମ ଜନଜାତିଙ୍କର ସଂଖ୍ୟା ଓ ଅନୁପାତ ଅଧିକ ଓ ଗୁରୁତ୍ୱପୂର୍ଣ୍ଣ । ତେବେ ସାରଳା ଦାସ ଆଦିମ ଜନଜାତିଙ୍କ ସୂଚନା ଦେବା ପ୍ରସଙ୍ଗରେ ଶବର ଶବ୍ଦଟିକୁ ଅଧିକ ବ୍ୟବହାର କରିଥିବାରୁ ସେ ଓଡ଼ିଶାର ଜଙ୍ଗଲବାସୀ ବହୁ ଆଦିମ ଜନଜାତିଙ୍କ ମଧ୍ୟରେ ଶବର ସମ୍ପ୍ରଦାୟକୁ ଅଧିକ ବା ଗୁରୁତ୍ୱ ଦେଇଥିବାର ମନେହୁଏ । ତାର କାରଣ ମଧ୍ୟ ରହିଛି । ଓଡ଼ିଶାର ଉପକୂଳ ଅଞ୍ଚଳରେ ଉତ୍ତରରୁ ଆରମ୍ଭ କରି ଦକ୍ଷିଣ ପର୍ଯ୍ୟନ୍ତ ବହୁ ଶବର ପଲ୍ଲୀ ବା ଶଅର ସାହି ଅଛି । ସେଥିରେ ଶବର ବା ଶଅରମାନେ ହିଁ ବସବାସ କରନ୍ତି । ଏବେ ସେମାନେ ପ୍ରାୟ ସମସ୍ତେ ଯଦିଓ ଓଡ଼ିଆ ଭାଷାଭାଷୀ, ପୂର୍ବେ ସେମାନେ ଅଷ୍ଟ୍ରୋ-ଏସିଆଟିକ୍ ବା ମୁଣ୍ଡା ଭାଷାଭାଷୀ ଶବର ସମ୍ପ୍ରଦାୟର ଥିଲେ ବୋଲି ବିଶ୍ୱାସ କରିବାର କାରଣ ଅଛି । ଏଠାରେ ସାରଳା ଦାସ କୀରାତ ଶବ୍ଦଟିକୁ ମଧ୍ୟ ଶବର ଶବ୍ଦଟିର ପ୍ରତିଶବ୍ଦ ଭାବରେ ବ୍ୟବହାର କରିଛନ୍ତି । ଅନ୍ୟତ୍ର ମୂଷଳୀ ପର୍ବରେ ବି ସେ ସେହିପରି କୀରାତ ଶବ୍ଦକୁ ଶବର ଶବ୍ଦଟିର ପ୍ରତିଶବ୍ଦ ଭାବରେ ବ୍ୟବହାର କରିଛନ୍ତି । (ଏହି ମୁଣ୍ଡା ଭାଷାଭାଷୀ ଦାସ ଶବରମାନଙ୍କ ବ୍ୟତୀତ ଦ୍ରାବିଡ଼ ଭାଷାଭାଷୀ ଆଦିମ ଜନଜାତି ବା ଜଙ୍ଗଲବାସୀମାନଙ୍କ ସମ୍ପର୍କରେ ସାରଳା ଦାସ କେତେଦୂର ସଚେତନ ଥିଲେ ତା ବର୍ତ୍ତମାନ କହିବା ସମ୍ଭବ ନୁହେଁ ।) ତା ବ୍ୟତୀତ ସାରଳା ମହାଭାରତର ବିଭିନ୍ନ ସ୍ଥାନରେ (ଯଥା ଆଦିପର୍ବ, ପ୍ରଥମ ଖଣ୍ଡ, ୫୨/୭, ୫୨/୯, ୫୨/୨୧ ଓ ୫୨/୨୫ ତଥା ୬୮/୨୫ ଓ ୬୮/୪୬ରେ) ଜାରାଙ୍କୁ 'ବନଚର' (ବା ଜଙ୍ଗଲବାସୀ) ବୋଲି ଚିହ୍ନିତ କରାଯାଇଛି । ସେ ମଧ୍ୟରେ ଜାରାଙ୍କ ପତ୍ନୀ ତାରା ବି 'ବନଚର' ବୋଲି ଆପଣାର ପରିଚୟ ଦେଇ କହିଛନ୍ତି-

"ଆମ୍ଭେ 'ବନଚର' ଲୋକ ବନଜୀବ ଆହାରୀ ।୫୨/୨୧,"

(ଆଦିପର୍ବ, ପ୍ରଥମ ଖଣ୍ଡ, ପୃ.୩୧୦)

ଓ ଆହୁରି ମଧ୍ୟ ସେ ଜାରାଙ୍କୁ ସମ୍ବୋଧନ କରି କହିଛନ୍ତି,

"ମୂର୍ଖ ପାମର ହୋ ତୁ 'ବନଚର' ଜାତ ।୫୨/୨୫"

(ଆଦିପର୍ବ, ପ୍ରଥମ ଖଣ୍ଡ, ପୃ.୩୧୦),

ଯାହା ତାତ୍ପର୍ଯ୍ୟପୂର୍ଣ୍ଣ । ଜାରା ନିଜେ ମଧ୍ୟ ନିଜକୁ 'ବନଚର' ବା ଜଙ୍ଗଲବାସୀ ବୋଲି କହି ଅର୍ଜୁନଙ୍କୁ ନିଜର ପରିଚୟ ଦେଇଛନ୍ତି,

"ମୁହିଂ 'ବନଚର' ମୋହୋର ଆଶ୍ରମେ କିନା ଭେଟୁ ।୬୮/୪୬"

(ଆଦିପର୍ବ, ପ୍ରଥମ ଖଣ୍ଡ, ପୃ.୩୩୫),

Digitized by srujanika@gmail.com

ଯାହା ଆହୁରି ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ତାଙ୍କର ଏହି 'ବନଚର' (ବା ଜଙ୍ଗଲବାସୀ) ପରିଚୟ ହେଉଛି ତାଙ୍କର ମୁଖ୍ୟ ପରିଚୟ ଓ ଅନ୍ୟ ପରିଚୟ ଗୌଣ । ଅର୍ଥାତ୍ ସେ ପ୍ରଥମେ ଜଣେ ଜଙ୍ଗଲବାସୀ ଓ ପରେ ଶବର ବା କୀରାତ ।

(୨.୨.୧). ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନ ଅନୁଶୀଳନର କେତେକ ମାର୍ଗଦର୍ଶକ ଶଙ୍କୁ ଉପରେ ବର୍ତ୍ତମାନ ଆଲୋକପାତ କରାଯାଉ । 'ସାରଳା ମହାଭାରତ'ରେ ଏକଲବ୍ୟ ଉପାଖ୍ୟାନଟି କେବଳ ବିସ୍ତାରିତ ନୁହେଁ, ତାହା ମଧ୍ୟ ବହୁଦିଗ-ସମ୍ପନ୍ନ ଓ ସେଥିରେ ଗଭୀରତା ଓ ଜଟିଳତାର ସ୍ପର୍ଶ ଦିଆଯାଇ ତାହାକୁ ବାସ୍ତବାୟିତ ତଥା ଯେପରି ତତ୍କାଳୀନ ଓଡ଼ିଶାର ମାଟିରେ ଓ ସମାଜସଂସ୍ଥାରେ ରୋପଣ କରାଯାଇଛି । ଏଥିରେ ପୁଣି ଦିଆଯାଇଛି ଜଙ୍ଗଲ ଓ ଜନପଦ ମଧ୍ୟରେ ଥିବା ବହୁ ପୁରାତନ ଦ୍ୱନ୍ଦ୍ୱର ପ୍ରାମାଣିକ ଚିତ୍ର । ଆହୁରି ପୁଣି 'ସାରଳା ମହାଭାରତ'ରେ ଏହି ଉପାଖ୍ୟାନ ମଧ୍ୟରେ ରହିଛି ସାରଳା ଦାସଙ୍କର ଜଙ୍ଗଲ-ବାସୀ ବା ଆଦିମ ଜନଜାତି (ଯେଉଁମାନେ ନିମ୍ନବର୍ଗର ବୋଲି ବିବେଚିତ ହେଉଥିଲେ) ପ୍ରତି ପ୍ରୀତିର ସ୍ୱଷ୍ଟ ପ୍ରତିଫଳନ ଓ ସେମାନଙ୍କର ସମସ୍ୟା ସମ୍ପର୍କରେ ସ୍ୱଷ୍ଟ ସଚେତନତା ତଥା ସେମାନଙ୍କ ପ୍ରତି ମମତ୍ୱବୋଧ । ତେଣୁ ମନେହୁଏ ଆଦିମ ଜନଜାତିଙ୍କୁ ସାମାଜିକ ନ୍ୟାୟ ମିଳିବା ଉଚିତ ବୋଲି ସାରଳା ଦାସ ସେ ଦିନ କେବଳ ସଚେତନ ନ ଥିଲେ, ତାହାକୁ ଏହି ଏକଲବ୍ୟ ଉପାଖ୍ୟାନ ମାଧ୍ୟମରେ ସ୍ୱଷ୍ଟ ଭାବରେ ପ୍ରକାଶ ମଧ୍ୟ କରିଥିଲେ । ଅର୍ଥାତ୍ ସଂସ୍କୃତ ମହାଭାରତର ଏକ ଉପାଖ୍ୟାନକୁ ସାରଳା ଦାସ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ହିଁ ବ୍ୟବହାର କରିଥିଲେ, ସେଥିରେ କେତେକ ଆବଶ୍ୟକ ପରିବର୍ତ୍ତନ ଓ ପରିବର୍ଦ୍ଧନ କରି । ନିମ୍ନରେ ସାରଳା ମହାଭାରତରେ ସ୍ଥାନ ପାଇଥିବା ସେଇ ଉପାଖ୍ୟାନର କେତେକ ବିଶେଷତ୍ୱ ଓ ନୂତନ ସଂଯୋଜନ ସମ୍ପର୍କୀୟ ଆଲୋଚନା ମାଧ୍ୟମରେ ଉପରୋକ୍ତ ବକ୍ତବ୍ୟର ସୂଚନା କରାଯିବ । ତେବେ ପ୍ରଥମରୁ ସ୍ୱଷ୍ଟ କରିଦେବା ଉଚିତ ହେବ ଯେ ସାରଳା ମହାଭାରତର ଚରିତ୍ରଗୁଡ଼ିକ ଉଣାଅଧିକେ ଥିଲେ ତତ୍କାଳୀନ ଓଡ଼ିଶାର ବିଭିନ୍ନ ଶ୍ରେଣୀର ବା ବର୍ଗର ଲୋକଙ୍କ ପ୍ରତିନିଧି ମାତ୍ର । ତେଣୁ ସେଥିରେ ଜାରା (ଓ ତାଙ୍କ ପତ୍ନୀ ତାରା ଓରଫ ଶିରିୟା) ବନଚର ବା ଜଙ୍ଗଲବାସୀଙ୍କର ବା ଜଙ୍ଗଲର ଆଦିମ ଅଧିବାସୀଙ୍କର ପ୍ରତିନିଧି, ଦୁର୍ଯ୍ୟୋଧନ (ଓ ତାଙ୍କ କୌରବ ଭ୍ରାତାବୃନ୍ଦ) ଜନପଦର କ୍ଷମତାସୀନ ନେତୃବର୍ଗଙ୍କର ପ୍ରତିନିଧି, ଗୁରୁ ଦ୍ରୋଣ ଜନପଦର ବିଦ୍ୟାଜୀବୀ-ବୁଦ୍ଧିଜୀବୀମାନଙ୍କର ପ୍ରତିନିଧି ଓ ବିଭିନ୍ନ ବିଦ୍ୟାରେ ନିପୁଣ ହୋଇଥିଲେ ମଧ୍ୟ ଯୁଧିଷ୍ଠିର, ଭୀମ, ଅର୍ଜୁନ ଆଦି ସେଇ ଜନପଦର ଶକ୍ତିହୀନ ବା

Digitized by srujanika@gmail.com

କ୍ଷମତାହୀନ ଜନ ସାଧାରଣଙ୍କର ପ୍ରତିନିଧି ରୂପେ ଚିତ୍ରିତ ହୋଇଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ହିଁ ସାରଳା ମହାଭାରତର ବକ୍ତବ୍ୟ ସ୍ପଷ୍ଟ ହୋଇଯିବ ।

(୨.୨.୧କ). ଶିଷ୍ୟ ଭାବରେ ଶବର ଜାରାଙ୍କୁ ଗ୍ରହଣ କରିବାପାଇଁ ଦ୍ରୋଣ ସମ୍ମତ ହୋଇଥିଲେ ତଥା ତା ପଛରେ ଯୁଧିଷ୍ଠିର ଓ ଅର୍ଜୁନଙ୍କର ସମର୍ଥନ ରହିଥିଲେ ମଧ୍ୟ ଦୁର୍ଯ୍ୟୋଧନଙ୍କ ନିର୍ଦ୍ଦେଶରେ ଦ୍ରୋଣଙ୍କ ଆଖଡ଼ାଶାଳରୁ (ଅର୍ଥାତ୍ ଯୁଦ୍ଧବିଦ୍ୟା ଶିକ୍ଷାଗାରରୁ) ସେ ବହିଷ୍କୃତ ହୁଅନ୍ତି, ଯାହା ସଂସ୍କୃତ ମହାଭାରତରେ ନାହିଁ । ଏହା ମଧ୍ୟରେ ଜଙ୍ଗଲ-ବାସୀଙ୍କୁ ଶିକ୍ଷାଠାରୁ, ଜ୍ଞାନବିଜ୍ଞାନଠାରୁ ବଞ୍ଚିତ କରି ସର୍ବଦା ଦୂରରେ ରଖିବାରେ ଜନପଦ-ବାସୀମାନଙ୍କର, ବିଶେଷ ଭାବରେ, ଜନପଦକୁ ନିୟନ୍ତ୍ରଣାଧୀନ କରିରଖିଥିବା ଜନପଦର ଶକ୍ତିମାନ ଓ କ୍ଷମତାସୀନ ନେତୃବର୍ଗଙ୍କର ଇଚ୍ଛା ଓ ଉଦ୍ୟମର ସୂଚନା ଅଛି । କାରଣ ତାହା ମାଧ୍ୟମରେ ସେମାନେ ତ ଜଙ୍ଗଲବାସୀଙ୍କୁ ସବୁଦିନପାଇଁ ଶକ୍ତିହୀନ ରଖି ନିଜେ ରହିପାରିବେ ଶକ୍ତିମାନ, ଶକ୍ତିଧର ହୋଇ । (ଏଠାରେ ମନେ ରଖିବାପାଇଁ ହେବ ଯେ ଜ୍ଞାନ ହିଁ ଶକ୍ତି ବା Knowledge is Power ତେଣୁ ଜଙ୍ଗଲବାସୀଙ୍କୁ ଶିକ୍ଷାରୁ ବଞ୍ଚିତ କରିବା ତ ସେମାନଙ୍କୁ ଶକ୍ତିହୀନ କରିରଖିବା ।) ସେଥିରେ ପୁଣି ଜାରାଙ୍କୁ ଶିକ୍ଷା ଦେବାକୁ ପ୍ରଥମେ ସମ୍ମତ ହୋଇ ମଧ୍ୟ ଦୁର୍ଯ୍ୟୋଧନଙ୍କ ନିକଟରେ ଅସହାୟ ହୋଇ ତାଙ୍କ କାର୍ଯ୍ୟର ପ୍ରତିବାଦ କରିବାରେ ଅସମର୍ଥ ଗୁରୁ ଦ୍ରୋଣଙ୍କ ଚରିତ୍ର ମଧ୍ୟରେ ରହିଛି ଜନପଦର ବିଦ୍ୟା-ବୁଦ୍ଧିଜୀବୀମାନଙ୍କ ଦୁର୍ବଳ ସୁବିଧାବାଦୀ ଓ ଅସହାୟ ଭୂମିକାର ଚିତ୍ର । ସଂସ୍କୃତ ମହାଭାରତରେ ଦ୍ରୋଣ ନିଜେ ଏକଲବ୍ୟଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିନାହାଁନ୍ତି । ଅନ୍ୟ ପକ୍ଷରେ ସାରଳା ମହାଭାରତର ଦ୍ରୋଣଙ୍କ ମନ ମଧ୍ୟରେ ଜଙ୍ଗଲ-ବାସୀଙ୍କ ପ୍ରତି କୌଣସି ବିରୋଧ ଭାବ ନ ଥିଲା । ଏପରି କି ଜଙ୍ଗଲବାସୀଙ୍କ ପ୍ରତି ସେ ମୂଳତଃ ସହାନୁଭୂତିଶୀଳ ଥିବାର ଚିତ୍ର ସାରଳା ଦାସ ଦେଇଛନ୍ତି । ତା ସତ୍ତ୍ୱେ ଜନପଦର କ୍ଷମତାସୀନ ନେତୃବର୍ଗଙ୍କ ନିକଟରେ ନିଜର କ୍ଷୁଦ୍ର ସ୍ୱାର୍ଥପାଇଁ ନିଜର ବିଦ୍ୟାବୁଦ୍ଧିକୁ ପଣ୍ୟ କରିଦେଇଥିବା ଜନପଦ-ସମାଜର କେତେକ ସୁବିଧାବାଦୀ ଓ ଅସହାୟ ବିଦ୍ୟାବୁଦ୍ଧିଜୀବୀମାନଙ୍କ ପ୍ରତିନିଧି ଭୂମିକାରେ ଗୁରୁ ଦ୍ରୋଣଙ୍କୁ ଅବତୀର୍ଣ୍ଣ କରାଇଛନ୍ତି ସାରଳା ଦାସ । ସେ ଦ୍ରୋଣଙ୍କ ଚରିତ୍ରରେ ଏହିପରି ଦୁଇ ପରସ୍ପର ବିରୋଧୀ ଭାବଧାରାର ସହାବସ୍ଥାନର ଚିତ୍ର ଦେଇ ତାଙ୍କୁ ପରିଣତ କରିଛନ୍ତି ଏକ ଜଟିଳ, ଜୀବନ୍ତ ଓ ବାସ୍ତବ ଚରିତ୍ରରେ ।

(୨.୨.୧ଖ). ଦ୍ରୋଣଙ୍କ ପତ୍ନୀ କୃପୀଙ୍କର ଶ୍ରାଦ୍ଧ ଉପଲକ୍ଷେ ଗଣ୍ଡାମାଂସର ପ୍ରୟୋଜନୀତାର ଉଲ୍ଲେଖ ସଂସ୍କୃତ ମହାଭାରତରେ ନାହିଁ, ସେଥିରେ କେବଳ ମୃଗୟା

Digitized by srujanika@gmail.com

ଉଦ୍ଦେଶ୍ୟରେ ହିଁ ଉଭୟ କୌରବ ଓ ପାଣ୍ଡବମାନେ ଅର୍ଥାତ୍ ଜନପଦବାସୀମାନେ ଜଙ୍ଗଲରେ (ଅକାରଣ) ଅନୁପ୍ରବେଶ କରିଛନ୍ତି । ଅନ୍ୟ କଥାରେ ଜଙ୍ଗଲ ଓ ଜଙ୍ଗଲ-ବାସୀଙ୍କ ଉପରେ ଜନପଦବାସୀଙ୍କ ଅଧିକାର ସ୍ୱତଃସିଦ୍ଧ ବୋଲି ସେଥିରେ ଧରିନିଆଯାଇଛି । କିନ୍ତୁ ସାରଳା ମହାଭାରତର ଚିତ୍ର ଅଧିକ ଗଭୀରତା-ସମ୍ପନ୍ନ (sophisticated) । ସାରଳା ମହାଭାରତରେ ଜନପଦବାସୀଙ୍କର ଜଙ୍ଗଲରେ ଅନୁପ୍ରବେଶ କରିବାର ଏକ ଶାସ୍ତ୍ରୀୟ ଯଥାର୍ଥତା ପ୍ରତିପାଦନ କରାଯାଇଛି । ସେମାନଙ୍କର ଜଙ୍ଗଲରେ ଅକାରଣ ଅନୁପ୍ରବେଶ ଓ ଜଙ୍ଗଲ-ଆକ୍ରମଣକୁ ସକାରଣ ଓ ଶାସ୍ତ୍ର-ସିଦ୍ଧ କରିବାପାଇଁ ଦ୍ରୋଣଙ୍କ ପତ୍ନୀ କୃପୀଙ୍କର ଶ୍ରାଦ୍ଧ ଉପଲକ୍ଷେ ହିଁ ଗଣ୍ଡାମାଂସ ପ୍ରୟୋଜନୀତାର ପରିକଳ୍ପନା କରାଯାଇଛି, ଜନପଦବାସୀମାନେ ସେଥିପାଇଁ ଗ୍ରହଣ କରୁଥିବା କୌଶଳ (strategy)ଗୁଡ଼ିକର ଏକ ଉଦାହରଣ ରୂପରେ । ମନେହୁଏ ଯେପରି ସାରଳା ମହାଭାରତର ବକ୍ତବ୍ୟ ହେଉଛି, କେବଳ <u>*ଶାସ୍ତ୍ରୀୟ (ritualistic)*</u> ଆବଶ୍ୟକତାର ପରିପୂରଣପାଇଁ ହିଁ ଜନପଦବାସୀ ଜଙ୍ଗଲରେ ଅନୁପ୍ରବେଶ କରେ ଓ ତାହା ତ ତାର ଶାସ୍ତ୍ରସିଦ୍ଧ ଅଧିକାର । ସେ କାରଣରୁ ତାହା ତ ଆଦୌ ଦୋଷାବହ ହୋଇପାରେ ନାହିଁ । ପୁଣି ପ୍ରକୃତରେ ଜନପଦର କ୍ଷମତାସୀନ ନେତୃବର୍ଗଙ୍କ ନିକଟରେ ନିଜର ବିଦ୍ୟାବୁଦ୍ଧିକୁ ତଥା ନିଜକୁ ପଣ୍ୟ କରିଦେଇଥିବା ବିଦ୍ୟା-ବୁଦ୍ଧିଜୀବୀମାନେ ତ ସୁବିଧାବାଦୀ ଭୂମିକା ଗ୍ରହଣ କରି ସେଇ ଜନପଦବାସୀଙ୍କ ଜଙ୍ଗଲରେ ଅନୁପ୍ରବେଶ ଓ ଜଙ୍ଗଲରେ ଅଧିକାର ଓ ଆଧିପତ୍ୟ ସାବ୍ୟସ୍ତ କରିବାପାଇଁ ଶାସ୍ତ୍ର ବା ଜ୍ଞାନବିଜ୍ଞାନର ଦ୍ୱାହୀ ଦେଇ ତାର ଉପଯୋଗିତାର ଯଥାର୍ଥତା ପ୍ରତିପାଦନ କରନ୍ତି । ଦ୍ରୋଣ ଠିକ ତାହା ହିଁ କରିଛନ୍ତି ।

(୨.୨.୧ଗ). ସାରଳା ମହାଭାରତରେ ଜଣେ ନାରୀର ଚରିତ୍ର, ଜାରାଙ୍କ ପତ୍ନୀ ତାରା/ଶିରିୟା ଚରିତ୍ର, କେବଳ ପରିକଳ୍ପିତ ହୋଇନାହିଁ, ତାଙ୍କୁ ବଳ ପୂର୍ବକ ଧର୍ଷଣ କରିବାରେ କୌରବମାନଙ୍କର ଉଦ୍ୟମ ବି ପରିକଳ୍ପିତ, ଯାହା ସଂସ୍କୃତ ମହାଭାରତରେ ନାହିଁ । ଜନପଦବାସୀଙ୍କର ତଥାକଥିତ ଅଭାବ ଓ ଆବଶ୍ୟକତାକୁ ପୂର୍ବେ ପାରମ୍ପରିକ ଦର୍ଶନର ପରିଭାଷାରେ 'ଭୋଗ' ନାମରେ ଅଭିହିତ କରାଯାଇଛି । ଭୋଗ-ସ୍ପୃହାର କଣ କେବେ ଶେଷ ଥାଏ, କେବେ ଅନ୍ତ ହୁଏ ? ପୁଣି ସେପରି ଭୋଗ ମଧ୍ୟରେ ଜନପଦର କ୍ଷମତାସୀନ ନେତୃବର୍ଗ ପୁରୁଷମାନଙ୍କ ପକ୍ଷରେ ନାରୀ-ଭୋଗ ତ ଅନ୍ୟତମ ଶ୍ରେଷ୍ଠ ଭୋଗ । ଜଙ୍ଗଲ ପରି ଜଙ୍ଗଲ-ବାସୀ ତ ଜନପଦ-ବାସୀଙ୍କପାଇଁ ହିଁ ସୃଷ୍ଟ । ତେଣୁ ଜଙ୍ଗଲବାସୀଙ୍କ ନାରୀ ତ ଜନପଦବାସୀ, ବିଶେଷ ଭାବରେ ଜନପଦକୁ ନିୟନ୍ତ୍ରଣ

Digitized by srujanika@gmail.com

କରୁଥିବା କ୍ଷମତାସୀନ ନେତୃବର୍ଗଙ୍କର ଅଧିକାରଭୁକ୍ତ ଓ ତେଣୁ ସେମାନଙ୍କର ଭୋଗ୍ୟା । ଏଠାରେ ସୂଚାଇ ଦେବା ଆବଶ୍ୟକ ଯେ ନାରୀ-ଭୋଗ ସ୍ପୃହା ପଛରେ କେବଳ ପୁରୁଷର ଯୌନ-କାମନା ନ ଥାଏ । କାଳ କାଳ ଧରି ଶକ୍ତିହୀନଙ୍କ ବା ବିଜିତ ତଥା ଅଧିକାରଭୁକ୍ତ ଜନସମାଜର ନାରୀମାନଙ୍କ ଧର୍ଷଣ (Rape of Women) ହିଁ ଶକ୍ତିମାନର ଶକ୍ତି ପ୍ରଦର୍ଶନ ଅଥବା ବିଜୟୀ ଶକ୍ତିର ବିଜୟର ଉଦ୍‌ଘୋଷଣା ତଥା ବିଜିତ ଉପରେ ବିଜୟୀର ଅଧିକାର ସାବ୍ୟସ୍ତ ଓ ଏପରି କି ପ୍ରତିହିଂସା-ସାଧନ ସୂଚକ ପ୍ରଥା ରୂପେ ବିବେଚିତ ହୋଇଆସିଛି ବୋଲି କେତେକ ସମାଜବିଜ୍ଞାନୀ ଗବେଷଣା କରି ପ୍ରତିପାଦନ କରିଛନ୍ତି । ସାରଳା ଦାସଙ୍କ ମହାଭାରତରେ ଜନପଦର କ୍ଷମତାସୀନ ନେତୃବର୍ଗଙ୍କ ପ୍ରତିଭୂ ଦୁଃଶାସନଙ୍କର ଜାରାଙ୍କ ପ୍ରତି ଉକ୍ତିରେ ନାରୀ-ଧର୍ଷଣ ଉଦ୍ୟମ ପଛରେ ଥିବା ଏ ସମସ୍ତ ମାନସିକତା ଓ ଚିନ୍ତାଧାରା ଯେପରି ସମ୍ମିଳିତ ଭାବରେ ହିଁ ଅତି ସ୍ପଷ୍ଟ ଭାଷାରେ ପ୍ରକାଶ କରାଯାଇଛି,

"ବନଚର ଲୋକ ହୋଇ କିଂପା ତୋର ଏମନ୍ତ ଘରଣୀ ।
ରାଜାର ଅବିଷେକକୁ ଯେ ଯୋଗାଇ ପାଟରାଣୀ ।।୬୮/୨୫
ଆମ୍ଭେ ସୋମବଂଶୀ ପୃଥୀକି ଆଧିପତି ।
ଯେହାର ନିମନ୍ତେ ତୁ ରେ ହୋଇବୁ ପ୍ରାଣେ କ୍ଷତି ।।୬୮/୨୬,"

(ଆଦିପର୍ବ, ପ୍ରଥମ ଖଣ୍ଡ, ପୃ.୩୩୩)

ଏଠାରେ ଲକ୍ଷ୍ୟ କରିବାର କଥା ଯେ ଦୁଃଶାସନ ଜାରାଙ୍କୁ 'ବନଚର' ବା ଜଙ୍ଗଲବାସୀ ବୋଲି ଅଭିହିତ କରି ସେ ଜନପଦବାସୀଙ୍କଠାରୁ ସ୍ୱତନ୍ତ୍ର ଓ ନିମ୍ନ ବର୍ଗର ମନୁଷ୍ୟ ବୋଲି ସୂଚନା ଦେଇ ଜନପଦବାସୀଙ୍କ ଅନ୍ୟାୟ ଅଧିକାର ସାବ୍ୟସ୍ତ ପ୍ରକ୍ରିୟାର ଯାଥାର୍ଥ୍ୟ ପ୍ରତିପାଦନର (legitimation) ପ୍ରଚେଷ୍ଟା କରିଛନ୍ତି । ଜନପଦବାସୀଙ୍କର ଏପରି ଅନ୍ୟାୟ ଦାବିକୁ ତଥା ଅନ୍ୟାୟ ଅଧିକାର ସାବ୍ୟସ୍ତ ପ୍ରଚେଷ୍ଟାକୁ ଜଙ୍ଗଲବାସୀ କାଳେ କାଳେ ପ୍ରତିରୋଧ କରିଆସିଛି ଓ ତେଣୁ ଜନପଦବାସୀ ଓ ଜଙ୍ଗଲବାସୀଙ୍କ ମଧ୍ୟରେ ସଂଘର୍ଷ, ସଂଘାତର ଉଦ୍ଭବ ହୋଇଛି । ସାରଳା ଦାସ ଠିକ୍ ତାହା ହିଁ ଦେଖାଇଦେବାର ଉଦ୍ୟମ କରିଛନ୍ତି ।

(୨.୨.୧ଘ). ଜାରାଙ୍କ ପତ୍ନୀ ପାଣି ଆଣିବାପାଇଁ ଯାଇ ଦୁଃଶାସନ ଓ ତାଙ୍କ କୌରବ ଭ୍ରାତାମାନଙ୍କ କବଳରେ ପଡ଼ିବା; ସେମାନଙ୍କ ବଳତ୍କାର ଉଦ୍ୟମ ଓ ପତ୍ନୀଙ୍କ ଆହ୍ୱାନରେ ଜାରାଙ୍କର ଆଗମନ ଓ କୌରବମାନଙ୍କ ଆଚରଣର ପ୍ରତିବାଦ;

Digitized by srujanika@gmail.com

କିନ୍ତୁ ଦୁଃଶାସନର ଦାମ୍ଭିକତା ଓ ଫଳରେ କୌରବମାନଙ୍କ ସହ ଜାରାଙ୍କର ଯୁଦ୍ଧରେ ଦୁଃଶାସନ ତଥା ତାଙ୍କ କୌରବ ଭ୍ରାତାମାନଙ୍କର ନିଧନ; ବାର ଦିନ ଅପେକ୍ଷା କରିବା ପରେ ସେମାନଙ୍କ ଅନ୍ୱେଷଣରେ ଅର୍ଜୁନ ଭୀମ ଓ କର୍ଣ୍ଣଙ୍କ ସହ ଆସି ଦ୍ରୋଣଙ୍କଦ୍ୱାରା ସେମାନଙ୍କ ମୃତ ଦେହର ଆବିଷ୍କାର; ଦ୍ରୋଣଙ୍କ ନିର୍ଦ୍ଦେଶରେ ଅର୍ଜୁନ ଯୁଦ୍ଧବିଦ୍ୟାରେ ଏପରି ପାରଦର୍ଶୀ ବୀରର ସନ୍ଧାନରେ ଯାଇ ଜାରାଙ୍କୁ ଭେଟିବା; ତାଙ୍କର ଭ୍ରାତାମାନଙ୍କୁ କିଏ ଶସ୍ତ୍ରାଘାତ କରିଛି ବୋଲି ଅର୍ଜୁନଙ୍କ ପ୍ରଶ୍ନରେ ଜାରା ଅର୍ଜୁନଙ୍କୁ ଆକ୍ରମଣ କରିବାରୁ ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଛି । ଏ ସବୁ, ବିଶେଷ ଭାବରେ କୌଣସି ଯୁଦ୍ଧର ବିବରଣ, ସଂସ୍କୃତ ମହାଭାରତରେ ନାହିଁ । ଏପରି ଯୁଦ୍ଧର ପରିକଳ୍ପନା ମଧ୍ୟରେ ହିଁ ରହିଛି ଏକ ଦିଗରେ ଜନପଦବାସୀ ଓ ଅନ୍ୟ ଦିଗରେ ଜଙ୍ଗଲବାସୀମାନଙ୍କ ମଧ୍ୟରେ ସଂଘର୍ଷ ଓ ସଂଘାତର ଚିତ୍ର । କେବଳ ଏଇ କାରଣରୁ ତ ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନ ଜନପଦ-ଜଙ୍ଗଲ ମଧ୍ୟରେ ହେଉଥିବା ସଂଘର୍ଷ ଓ ସଂଘାତର ଚିତ୍ର ବହନ କରେ ବୋଲି ଦାବି କରାଯାଇପାରେ । ଆଉ ଏପରି ଯୁଦ୍ଧର ବିବରଣ ନଥିବାରୁ ହିଁ ସଂସ୍କୃତ ମହାଭାରତରେ ଜନପଦ ଓ ଜଙ୍ଗଲ ମଧ୍ୟରେ ଦ୍ୱନ୍ଦ୍ୱ, ସଂଘର୍ଷ ଓ ସଂଘାତର ପରିକଳ୍ପନା କରାଯାଇନାହିଁ କି ସେପରି ଚିତ୍ର ନାହିଁ ବୋଲି ସ୍ପଷ୍ଟ ହୋଇଯାଏ ।

(୨.୨.୧୦). ଅର୍ଜୁନ ଓ ଜାରାଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ କେହି କାହାକୁ ପରାସ୍ତ କରିପାରିନାହାନ୍ତି । ଯୁଦ୍ଧଜନିତ ଶବ୍ଦରେ ଆକର୍ଷିତ ହୋଇ ହିଁ ସେଠାକୁ କର୍ଣ୍ଣ ଓ ଭୀମଙ୍କ ସହ ଆସନ୍ତି ଗୁରୁ ଦ୍ରୋଣ । *କେଉଁ ଗୁରୁଙ୍କଠାରୁ ଜାରା ଏପରି ବିଦ୍ୟା ଶିଖିଲେ ବୋଲି ଦ୍ରୋଣଙ୍କର* ପ୍ରଶ୍ନର ଉତ୍ତରରେ ଜାରା "ମୋହର ବିଦ୍ୟାଗୁରୁ ଅଟନ୍ତି ହାଦେ ଦ୍ରୋଣ" ବୋଲି ଉତ୍ତର ଦିଅନ୍ତି । ଏ ଉତ୍ତରରେ

"ଗୁରୁ ଥମ୍ଭୀଭୂତ ହୋଇଲେ କିରାତ ବଚନେ ।
ଆମ୍ଭେ ସେ ଦ୍ରୋଣ ହୋ ବାବୁ ଅଟୁ ବିଦ୍ୟମାନେ ॥ *୬୮/୬୨*
ବଦୟନ୍ତି ଦ୍ରୋଣେ କାହିଁ ଅଛନ୍ତି ତୋର ଗୁରୁ ।
ଆମ୍ଭଙ୍କୁ ଦେଖାନି ତୁ କାହାକୁ ସେବା କରୁ ॥ *୬୮/୬୩* "

(ଆଦିପର୍ବ, ପ୍ରଥମ ଖଣ୍ଡ, ପୃ.୩୩୬)

ଜାରା ତାଙ୍କୁ ଦ୍ରୋଣଙ୍କର ମାଟିର ପ୍ରତିମା ଦେଖାଇ ଅତୀତରେ ସେ ବିଦ୍ୟାଶିକ୍ଷାପାଇଁ ବାରୁଣାବନ୍ତ ଯିବା, ଦୁର୍ଯ୍ୟୋଧନଙ୍କଦ୍ୱାରା ଅପମାନିତ ହୋଇ ଫେରିଆସିବା, ପତ୍ନୀଙ୍କ ପରାମର୍ଶରେ ଦ୍ରୋଣଙ୍କର ମାଟିର ପ୍ରତିମା ନିର୍ମାଣ କରି ଓ ତାଙ୍କୁ ଗୁରୁ ବୋଲି ମାନି ଅଭ୍ୟାସ ବଳରେ ଯୁଦ୍ଧବିଦ୍ୟା ଶିକ୍ଷା କରିଥିବା କହନ୍ତି । ତା ପରେ ଦ୍ରୋଣଙ୍କ ନିର୍ଦ୍ଦେଶରେ ସେ

Digitized by srujanika@gmail.com

ଜୀବନ୍ୟାସ ଶର ପ୍ରୟୋଗ କରି ମୃତ କୌରବ ଶତଭ୍ରାତାଙ୍କୁ ପୁନର୍ଜୀବନ ଦିଅନ୍ତି । ନାଟକୀୟତାର ସ୍ପର୍ଶ-ସମୃଦ୍ଧ ଏ ସବୁ ଘଟଣା ସଂସ୍କୃତ ମହାଭାରତରେ ନାହିଁ ।

(୨.୨.୧ଚ). ଏହା ପରେ ସେ ଅପରାଜେୟ ହେବେ ବୋଲି ଦ୍ରୋଣ ତାଙ୍କୁ ଆଶୀର୍ବାଦ କରନ୍ତି ସ୍ୱତଃପ୍ରବୃତ୍ତ ହୋଇ । ଅର୍ଥାତ୍ ଜାରାଙ୍କ ପ୍ରତି ଦ୍ରୋଣଙ୍କର କୌଣସି ବ୍ୟକ୍ତିଗତ ବା ଅନ୍ୟ ପ୍ରକାର ଅସୂୟା ନ ଥିଲା, ବରଂ ଥିଲା ସଦିଚ୍ଛା । ତେଣୁ ସଂସ୍କୃତ ମହାଭାରତର 'ବେତନ' ମଧ୍ୟ ସେ ଜାରାଙ୍କୁ ମାଗିନାହାଁନ୍ତି । କିନ୍ତୁ ଅନ୍ୟପକ୍ଷରେ ଜାରା ମଧ୍ୟ ସ୍ୱତଃପ୍ରବୃତ୍ତ ହୋଇ ତାଙ୍କୁ 'ଗୁରୁ-ଦକ୍ଷିଣା' ଦେବାକୁ ଇଚ୍ଛା ପ୍ରକାଶ କରନ୍ତି ।

"ଦ୍ରୋଣେ ବୋଇଲେ ଜାରାରେ ତୁ ଯେ ବନେ ଥାଅ ନିଭ୍ରାନ୍ତି ।୬୮/୮୯

*** *** *** ***

ଆମ୍ଭର ବୋଲେ ତୋତେ ସମସ୍ତ ପ୍ରାପତ ହୋଉ ।
ତୋତେ ତ ସମରେ ଜିଣନ୍ତା କେହି ନୋହୁ ଆଉ ॥ ୬୮/୯୧
ଉଷତ ହୋଇ ପଡ଼ିଲା କିରାତ ଗୁରୁଙ୍କ ଚରଣେ ।
ଦକ୍ଷିଣା ମାଗ ହୋ ମୁକୁ ଗୁରୁ ଦେବଇଁ ଯେହିକ୍ଷଣେ ॥୬୮/୯୨"

(ଆଦିପର୍ବ, ପ୍ରଥମ ଖଣ୍ଡ,)

ଦ୍ରୋଣ ତାଙ୍କୁ ଯାହା ମାଗିବେ ସେ ତାହା ଦେବେ ବୋଲି ସତ୍ୟ କରିବାରୁ ଦ୍ରୋଣ ଦକ୍ଷିଣା ସ୍ୱରୂପ ତାଙ୍କ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ମାଗନ୍ତି । ତା ପରେ ଦ୍ରୋଣଙ୍କ ଅନୁଜ୍ଞାକୁ ସମ୍ମାନ ଜଣାଇ ଜାରା ତାହା ଛେଦନ କରି ଦ୍ରୋଣଙ୍କୁ ପ୍ରଦାନ କରନ୍ତି । ଏହି ବୃଦ୍ଧାଙ୍ଗୁଳି-ଛେଦନ ମୋଟିଫ୍‌ଟି ସାରଳା ଦାସ ମୂଳ ସଂସ୍କୃତ ମହାଭାରତରୁ ଗ୍ରହଣ କରିଥିଲେ ମଧ୍ୟ ସେଥିରେ ଆବଶ୍ୟକ ପରିବର୍ତ୍ତନ କରିଦେଇଛନ୍ତି । ସେ ମଧ୍ୟରେ ଶବର/ କୀରାତଙ୍କ ପ୍ରତି (ବା ଦଳିତମାନଙ୍କ ପ୍ରତି) ବ୍ରାହ୍ମଣ୍ୟ ସମାଜର ତାଚ୍ଛଲ୍ୟ ବା ବିଦ୍ୱେଷର ସୂଚନା ପ୍ରକୃତରେ ନାହିଁ, ଯାହା ଉପରଠାଉରିଆ (simplistic) ଭାବରେ ସାଧାରଣତଃ ବ୍ୟାଖ୍ୟା କରାଯାଏ । ଉପରେ ପ୍ରଦତ୍ତ ଉଦାହରଣରୁ ତାହା ହିଁ ସ୍ପଷ୍ଟ । ଏହି ପରିବର୍ତ୍ତିତ ମୋଟିଫ୍‌ଟିର ପ୍ରକୃତ ଅର୍ଥ ହେଉଛି, ଜନପଦର କ୍ଷମତାସୀନ ନେତୃବର୍ଗଙ୍କ ଦାକ୍ଷିଣ୍ୟରେ ପ୍ରତିପାଳିତ ଜନପଦର ବିଦ୍ୟା-ବୁଦ୍ଧିଜୀବୀମାନେ ସେମାନଙ୍କ ନିକଟରେ ନିଜର ବିଦ୍ୟାବୁଦ୍ଧିକୁ ପଣ୍ୟ କରିଦେଇ ଓ ସେମାନଙ୍କ ହାତବାରିସିରେ ପରିଣତ ହୋଇ ସେଇମାନଙ୍କ ସ୍ୱାର୍ଥରକ୍ଷାପାଇଁ ହିଁ ଜଙ୍ଗଲବାସୀଙ୍କ ଉଦାରତାର ସୁଯୋଗରେ ସେମାନଙ୍କୁ ଜ୍ଞାନବିଜ୍ଞାନଠାରୁ ଦୂରରେ ତଥା ଶକ୍ତିହୀନ କରିରଖିବା କାର୍ଯ୍ୟରେ ନିଜକୁ ନିୟୋଜିତ

Digitized by srujanika@gmail.com

କରିଦେବା ରୂପକ ଏକ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ସୁବିଧାବାଦୀ ଓ ନିନ୍ଦନୀୟ ଭୂମିକା ଗ୍ରହଣ କରିବା । କାରଣ ପ୍ରକୃତରେ ଦୁର୍ଯ୍ୟୋଧନଙ୍କ ସ୍ୱାର୍ଥରକ୍ଷାପାଇଁ ତ ଜାରାଙ୍କୁ କହି ତାଙ୍କୁ ପୁନର୍ଜୀବନ ଦିଆଇଥିବା ଗୁରୁ ଦ୍ରୋଣ ହିଁ ତାଙ୍କୁ ଭବିଷ୍ୟତରେ ନିଷ୍କଣ୍ଟକ କରିବାପାଇଁ ଜାରାଙ୍କ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ଦକ୍ଷିଣା ସ୍ୱରୂପ ମାଗି ଗ୍ରହଣ କରିଛନ୍ତି । ଏଥିରେ ଜାରାଙ୍କ ପ୍ରତି ଅର୍ଜୁନଙ୍କର ଈର୍ଷାର ସୂଚନା ନାହିଁ କି ଦ୍ରୋଣଙ୍କର (ତାଙ୍କ ପ୍ରତିହିଂସା ସାଧନରେ ସହାୟତା କରିବାପାଇଁ ପ୍ରତିଜ୍ଞାବଦ୍ଧ) ଜଣେ ଶିଷ୍ୟ ପ୍ରତି ପକ୍ଷପାତିତାର ବିବରଣ ନାହିଁ, ଯାହା ସଂସ୍କୃତ ମହାଭାରତର ବକ୍ତବ୍ୟ । <u>*ଈର୍ଷାପରାୟଣ ପ୍ରିୟ ଶିଷ୍ୟ ଅର୍ଜୁନଙ୍କୁ ସନ୍ତୁଷ୍ଟ କରିବା ନୁହେଁ,*</u> କେବଳ ଜନପଦର କ୍ଷମତାସୀନ ନେତୃବର୍ଗ ଦୁର୍ଯ୍ୟୋଧନ ଓ କୌରବମାନଙ୍କର ସ୍ୱାର୍ଥରକ୍ଷା ହିଁ ସାରଳା ମହାଭାରତରେ ଗୁରୁ ଦ୍ରୋଣଙ୍କର ପରମ ଧ୍ୟେୟ ହୋଇପଡ଼ିଛି, ଯାହା ସେଇ ଉପାଖ୍ୟାନରେ ଜାରା ମଧ୍ୟ ସ୍ପଷ୍ଟ ଭାବରେ ବୁଝିପାରିଛନ୍ତି । ସେଥିପାଇଁ ଜାରାଙ୍କ ମୁଖରେ ସାରଳା ଦାସ କୁହାଇଛନ୍ତି,

"ଜାରା ବୋଇଲା ଗୁରୁ ହେ ଯେବେ ଭୟ କଲ ମୁକୁ ।
ମୁକୁଇଁ କଳଙ୍କ କରି ଉଦ୍ଧରିଲ ଯେମାନଙ୍କୁ ॥ ୬୮/୯୯
ଯେବଣ ଅଭିମାନ କଲେ ମୋତେ ବାରୁଣାବନ୍ତେ ।
ସେ କଥା ଖଣ୍ଡକ ମୁଁ ଧରିଥିଲି ହୃଦଗତେ ॥ ୬୮/୧୦୦
ମୁହିଁ ଯେ ନାଶ କରନ୍ତି ଦ୍ରିଯୋଧନର ବଂଶ/
କୁରୁବଳମାନନ୍ତ ସବୁନ୍ତି କରନ୍ତି ଯେ ଧ୍ୱଂସ ॥ ୬୮/୧୦୧
ଜାଣି ତ ରକ୍ଷା କଲ ଯେମାନଙ୍କୁ ଗୁରୁ ହେ /
ପରମ ମହାତ୍ମା ତୁ ସଞ୍ଚିଲୁ ସନ୍ଦେହେ ॥ ୬୮/୧୦୨ "

(ଆଦିପର୍ବ, ପ୍ରଥମ ଖଣ୍ଡ, ପୃ. ୩୩୯)

ମୋଟଉପରେ ସଂସ୍କୃତ ମହାଭାରତରୁ ଗୃହୀତ ଜାରାଙ୍କର ଏହି ବୁଢ଼ା ଆଙ୍ଗୁଳି କଟାଯିବା ମୋଟିଫ୍‌ଟି ଓ ବିଶେଷ ଭାବରେ ଜାରାଙ୍କର ଏହି ବକ୍ତବ୍ୟ ମାଧ୍ୟମରେ ବି ସାରଳା ଦାସ ଏକ ଦିଗରେ ଜନପଦବାସୀ ଓ ଅନ୍ୟ ଦିଗରେ ଜଙ୍ଗଲବାସୀମାନଙ୍କ ମଧ୍ୟରେ ସଂଘର୍ଷ ଓ ସଂଘାତର ବ୍ୟଞ୍ଜନା ସୂଚାଇ ବା ଆରୋପ କରି ଅପୂର୍ବ ସର୍ଜନଶୀଳତା ବା କ୍ରିୟାଶୀଳତାର (creativityର) ପରିଚୟ ଦେଇଛନ୍ତି । ଜଙ୍ଗଲବାସୀଙ୍କୁ ପଦାନତ କରିବା ତ ଜନପଦର ନେତୃବର୍ଗଙ୍କ ମୂଳ ଉଦ୍ଦେଶ୍ୟ ଓ ସେ ଉଦ୍ଦେଶ୍ୟ ସାଧନପାଇଁ ଯେ କୌଣସି ଉପାୟ ଅବଲମ୍ବନ କରିବା ତଥା ଏପରିକି ଲଜ୍ଜାହୀନ ଭାବରେ ସମସ୍ତ ନୀତିନିୟମକୁ ବିସର୍ଜନ ଦେଇ ସରଳ ଜଙ୍ଗଲବାସୀଙ୍କ ଉଦାରତାର ସୁଯୋଗ ନେବାରେ

Digitized by srujanika@gmail.com

ମଧ୍ୟ ଜନପଦର ସେଇ ନେତୃବର୍ଗଙ୍କର କୌଣସି ଦ୍ୱିଧା ବା ସଙ୍କୋଚ ନଥାଏ ବୋଲି ହିଁ ଯେପରି ସାରଳା ଦାସ ଏହି ବୃଦ୍ଧାଙ୍ଗୁଳି-କାଟିବା ମୋଟିଫ୍ ଓ ଜାରାଙ୍କ ବକ୍ତବ୍ୟ ଭିତରେ ସୂଚନା କରିଛନ୍ତି । *ସଂସ୍କୃତ ମହାଭାରତରେ ଦ୍ରୋଣ ଅର୍ଜୁନଙ୍କ ସ୍ୱାର୍ଥରକ୍ଷା କରିଥିବା ସମୟରେ ସାରଳା ମହାଭାରତରେ ସେ କରିଛନ୍ତି ଜନପଦର ଶକ୍ତିଧର ଦୁର୍ଯ୍ୟୋଧନଙ୍କର ସ୍ୱାର୍ଥରକ୍ଷା ।* ତେଣୁ ଜନପଦର ନେତୃବର୍ଗଙ୍କ ହାତବାରିସି ହୋଇଥିବା ଅନ୍ୟଥା ପରମ ସମ୍ମାନାସ୍ପଦ ଗୁରୁ ଦ୍ରୋଣ ଜଙ୍ଗଲବାସୀ ଜାରାଙ୍କ ଉଦାରତା ଓ ମହାନୁଭବତା ନିକଟରେ ଅତି କ୍ଷୁଦ୍ରମନା ବା ସଙ୍କୀର୍ଣ୍ଣମନା ବୋଲି ପ୍ରତିପାଦିତ ହୋଇଯାଇଛନ୍ତି ।

[ସାମାନ୍ୟ ଅବାନ୍ତର ହେଲେ ମଧ୍ୟ ଏଠାରେ ସୂଚାଇଦେବା କଥା, ୧୯୩୩ରେ ପ୍ରକାଶ ପାଇଥିବା 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ତୃତୀୟ ଖଣ୍ଡରେ 'ଚୋହାଡ' ଶବ୍ଦ ତଳେ ପ୍ରଦତ୍ତ ନିମ୍ନୋକ୍ତ ବିବରଣ ଦିଆଯାଇଛି, "ହାଜାରୀବାଗ ଆଦିର ଧାଙ୍ଗଡ ଜାତି ଆମ ଦେଶର ହାଡ଼ି ଜାତି ପରି । ଏମାନେ ମହାଭାରତୋକ୍ତ ଏକଲବ୍ୟର ସ୍ୱଜାତୀୟ ଏବଂ ବଂଶପରମ୍ପରାକ୍ରମେ ଧାନୁକୀ । ଏ ଜାତିର ପ୍ରଧାନ ଶାଖା ମଧ୍ୟରେ ଅବଧି ବୃଦ୍ଧାଙ୍ଗୁଳି କାଟିବାର ବିଧି ଅଛି । ଯେଉଁମାନେ ବୁଢ଼ା ଆଙ୍ଗୁଠି କାଟନ୍ତି ନାହିଁ ସେମାନଙ୍କ ମଧ୍ୟରେ ମଧ୍ୟ ଶର ନିକ୍ଷେପ କାଳରେ ଡାହାଣ ହାତ ବୁଢ଼ା ଆଙ୍ଗୁଠି ଛଡ଼ା ଅନ୍ୟ ଚାରି ଆଙ୍ଗୁଠି ବ୍ୟବହାର କରନ୍ତି ।" କେଉଁ ସୂତ୍ରରୁ ଭାଷାକୋଷକାର ଏ ତଥ୍ୟ ସଂଗ୍ରହ କରିଥିଲେ ତାର କୌଣସି ସୂଚନା ସେଥିରେ ନାହିଁ । ଏପରି କରୁଥିବା ଚୋହାଡମାନେ ଏହା ଭିତର ଦେଇ ଯେପରି ପରମ୍ପରାକ୍ରମେ ଶହ ଶହ ବର୍ଷ ଧରି ଏକାଧାରରେ ଏକଲବ୍ୟଙ୍କଦ୍ୱାରା ଜନପଦବାସୀଙ୍କ ଜଙ୍ଗଲ ଅନୁପ୍ରବେଶକୁ ବିରୋଧର ଓ ଜନପଦବାସୀଙ୍କ ଅବିଚାରର ନିରବ ପ୍ରତିବାଦର (ବର୍ତ୍ତମାନର ପରିଭାଷାରେ କହିଲେ 'ସତ୍ୟାଗ୍ରହ') ତଥା ଜଙ୍ଗଲବାସୀଙ୍କ ଉଦାରତାର ପୁନରୁଜ୍ଜୀବନ କରିଚାଲିଛନ୍ତି ବୋଲି ମନେହୁଏ । ଭାଷାକୋଷରେ ଏପରି ବିବରଣୀ ଦିଆଯାଇଥିଲେ ମଧ୍ୟ ସେଥିରେ 'ଚୋହାଡ'ମାନଙ୍କୁ ଅନ୍ୟଥା ଅସଭ୍ୟ ବର୍ବର ଜାତି ବା ଅତି ନୀଚ ଜାତି ବୋଲି କୁହାଯାଇଛି ଓ ତାହା ମଧ୍ୟରେ ଜଙ୍ଗଲବାସୀ ପ୍ରତି ଜନପଦବାସୀର ଦୃଷ୍ଟିକୋଣ ବା ହେୟ ମନୋଭାବ ପ୍ରତିଫଳିତ ।

(୨.୨.୧ଛ). ସମ୍ପୂର୍ଣ୍ଣ ନୂତନ ଏକ ନାରୀ ଚରିତ୍ରର ଅବତାରଣା, ତାଙ୍କୁ ଅସମ୍ମାନ କରିଥିବା କୌରବ ଶତଭ୍ରାତଙ୍କ ସହ ତାଙ୍କର ସ୍ୱାମୀ ଏକଲବ୍ୟଙ୍କ ଯୁଦ୍ଧ,

Digitized by srujanika@gmail.com

ପରିଣତିରେ ଏକଲବ୍ୟଙ୍କଦ୍ୱାରା କୌରବ ଶତଭ୍ରାତଙ୍କ ନିଧନ ଓ ପରେ ଦ୍ରୋଣଙ୍କ ଇଚ୍ଛାନୁଯାୟୀ ସେମାନଙ୍କର ପୁନର୍ଜୀବନ ଲାଭ ଆଦି ଘଟଣା-ଘନଘଟାର ପରିକଳ୍ପନା ମାଧ୍ୟମରେ ତଥା ତାହାକୁ ନାଟକୀୟତାର ସ୍ପର୍ଶରେ ରସସିକ୍ତ କରି ଓ ନିଜ କ୍ରିୟାଶୀଳତାର ପରିଚୟ ଦେଇ ସାରଳା ଦାସ ସଂସ୍କୃତ ମହାଭାରତର ଏକଲବ୍ୟ ଉପାଖ୍ୟାନ ଅପେକ୍ଷା ନିଜ ମହାଭାରତରେ ଥିବା ଏକଲବ୍ୟ ଉପାଖ୍ୟାନକୁ ଅଧିକ ଚିତ୍ତାକର୍ଷକ ଓ ହୃଦୟଗ୍ରାହୀ କରି ତାର ସାହିତ୍ୟିକ ମୂଲ୍ୟ ବୃଦ୍ଧି କରିପାରିଛନ୍ତି । କେବଳ ସେତିକି ନୁହେଁ, ଏହି ଏକଲବ୍ୟ ଉପାଖ୍ୟାନ ମଧ୍ୟରେ ମହାଭାରତରେ ଘଟିବାକୁ ଯାଉଥିବା ଘଟଣାବଳୀର ସୂଚନା ବି ଗର୍ଭିତ ହୋଇଛି । କାରଣ ଆଉ ଏକ ନାରୀ ଦ୍ରୌପଦୀଙ୍କୁ ଅସମ୍ମାନ କରିଥିବା ସେଇ କୌରବ ଶତଭ୍ରାତଙ୍କ ସହ ତାଙ୍କର ପଞ୍ଚସ୍ୱାମୀଙ୍କ ଯୁଦ୍ଧ ଓ ପରିଣତିରେ ସେଇ କୌରବ ଶତଭ୍ରାତଙ୍କ ନିଧନର ଚିତ୍ର ତ ମହାଭାରତର ମୂଳ ବିଷୟବସ୍ତୁ । ତେଣୁ ମହାଭାରତର ସେହି ମୂଳ ବିଷୟବସ୍ତୁ ହିଁ ସଂକ୍ଷେପରେ ଗର୍ଭିତ ହୋଇଛି ଏହି ଏକଲବ୍ୟ ଉପାଖ୍ୟାନ ମଧ୍ୟରେ । ସେଥିରେ ପୁଣି ଉପାଖ୍ୟାନଟିରେ ଜାରା ଓ ଅର୍ଜୁନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ କେହି କାହାକୁ ପରାସ୍ତ କରିପାରିନାହାଁନ୍ତି । ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଏଥିରେ ଜାରା ଓ ଅର୍ଜୁନଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପିତ । ଉପାଖ୍ୟାନଟିର ଅପରାଜେୟ ଧନୁର୍ଦ୍ଧର ଜାରା ଯେପରି ମହାଭାରତ ଯୁଦ୍ଧରେ ପରିଣତ ହୋଇଛନ୍ତି ଅପରାଜେୟ ଧନୁର୍ଦ୍ଧର ଅର୍ଜୁନରେ । ଏହା ମଧ୍ୟ ସାରଳା ଦାସଙ୍କ ସର୍ଜନଶୀଳତାର ପରିଚାୟକ ।

(୨.୨.୨). ସାରଳା ମହାଭାରତରେ ଥିବା ଏକଲବ୍ୟ ଉପାଖ୍ୟାନର ଉପରୋକ୍ତ ବ୍ୟାଖ୍ୟାକୁ ପରୋକ୍ଷ ସମର୍ଥନ ମିଳିଯାଏ ସାରଳା ମହାଭାରତର ଅନ୍ୟାନ୍ୟ ପ୍ରସଙ୍ଗରୁ । ଉଦାହରଣ ସ୍ୱରୂପ ସଂସ୍କୃତ ସ୍କନ୍ଦ ପୁରାଣର ଅନୁବର୍ତ୍ତନରେ ହେଉ ପଛକେ ପରେ ଓଡ଼ିଆ ଜାତୀୟତାବାଦ/ଅସ୍ମିତାର ପ୍ରତୀକରେ ପରିଣତ ହୋଇପଡ଼ିଥିବା ଜଗନ୍ନାଥ ମୂଳତଃ ନୀଳ-ମାଧବ ରୂପରେ ଜଙ୍ଗଲବାସୀ ଶବର-ପୂଜିତ ଦେବତା ଥିଲେ ବୋଲି ସାରଳା ଦାସଙ୍କ ମହାଭାରତର ମୂଷଳୀ ପର୍ବରେ ଥିବା ବିବରଣୀ ଏ ପ୍ରସଙ୍ଗରେ ମଧ୍ୟ ପ୍ରଣିଧାନ ଯୋଗ୍ୟ । କାରଣ ସେ ନୀଳ-ମାଧବ ଉପାଖ୍ୟାନଟି ମୂଳ ସଂସ୍କୃତ ମହାଭାରତରେ ନାହିଁ । ତାହାକୁ ନିଜ ମହାଭାରତରେ ସଂଯୋଜନ କରିବା ମଧ୍ୟରେ ସାରଳା ଦାସଙ୍କ ଜଙ୍ଗଲ ଓ ଜଙ୍ଗଲବାସୀଙ୍କ ସମ୍ପର୍କୀୟ ସଚେତନତା ପ୍ରତିଫଳିତ । ଯାହା ଜଣାଯାଏ, ସୁଦୂର ଅତୀତରେ ଓଡ଼ିଶାର ଉପକୂଳ ଅଞ୍ଚଳ ଥିଲା ଜଙ୍ଗଲବାସୀ ଶବର ଅଧ୍ୟୁଷିତ ନିବିଡ଼

Digitized by srujanika@gmail.com

ଜଙ୍ଗଲ । ସେଥି ମଧ୍ୟରେ ବର୍ତ୍ତମାନର ପୁରୀ ଅଞ୍ଚଳ ଥିଲା ସୁଦା/ସୁଧ ଗୋଷ୍ଠୀୟ ଶବରମାନଙ୍କ ଅଧ୍ୟୁଷିତ । ପରବର୍ତ୍ତୀ କାଳରେ ଆର୍ଯ୍ୟ ଭାଷାଭାଷୀମାନଙ୍କ ଆଗମନ ଓ ସେମାନଙ୍କଦ୍ୱାରା ଜଙ୍ଗଲ କଟାଯାଇ ଜନପଦ ସ୍ଥାପନ ଫଳରେ ସେଇ ଜଙ୍ଗଲବାସୀମାନଙ୍କ ମଧ୍ୟରୁ କେତେକ ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ ଥିବା ଜଙ୍ଗଲକୁ କ୍ରମେ ଅପସରି ଗଲେ ଆଉ କେତେକ ଭାରତୀୟ-ଆର୍ଯ୍ୟ ମୂଳକ ଓଡ଼ିଆ ଭାଷା ଗ୍ରହଣ କରି ଉପକୂଳ ଅଞ୍ଚଳର ଜନପଦଗୁଡ଼ିକରେ ବା ତାର ନିକଟରେ ବାସ କରିବାପାଇଁ ଲାଗିଲେ । ଉତ୍ତରଠାରୁ ଦକ୍ଷିଣ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ଏବେ ବି ଅବସ୍ଥିତ ବହୁ ଶବରପଲ୍ଲୀ (ଶଅର ସାହି) ତାହାର ପ୍ରମାଣ । କେବଳ ସେତିକି ନୁହେଁ, ଉଭୟ ସଂସ୍କୃତ ଓ ଓଡ଼ିଆରେ ଉପଲବ୍ଧ ନୀଳ-ମାଧବ ଜନଶ୍ରୁତିର ବିଚାର ବିଶ୍ଳେଷଣରୁ ମଧ୍ୟ ଏହାର ସମର୍ଥନ ମିଳେ । କାରଣ ଜଗନ୍ନାଥଙ୍କ 'ଦଇତା' ଓ 'ସୁଦା/ସୁଧଶୁଆର' (ଯାହା ମୂଳ ସୁଦା/ସୁଧ-ସଉରା ଶବ୍ଦରୁ ବ୍ୟୁତ୍ପନ୍ନ) ସେବକମାନେ ସେଇ ଶବରମାନଙ୍କ ବଂଶଧର (ଦ୍ର: ଦାଶ, ଗଗନେନ୍ଦ୍ର ନାଥ, ୧୯୯୮, ପୃ.୪୩-୭୦) । ସାରଳା ଦାସଙ୍କ ପରେ ଅବଶ୍ୟ 'ଦେଉଳତୋଳା' କୃତିମାଳା (group of texts) ମାଧ୍ୟମରେ ତାହା ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରାଯାଇଛି (ତତ୍ରୈବ) । ତା ସତ୍ତ୍ୱେ ଉପରେ ସାରଳା ମହାଭାରତସ୍ଥ ଏକଲବ୍ୟ ଉପାଖ୍ୟାନର ଯେପରି ବ୍ୟାଖ୍ୟା କରାଯାଇଛି ସେ ପ୍ରସଙ୍ଗରେ ବି ଏହି ସାଂସ୍କୃତିକ ଇତିହାସକୁ ବିଚାରକୁ ନେବାର ଆବଶ୍ୟକତା ଅଛି ।

କେବଳ ସେତିକି ନୁହେଁ, ସଂସ୍କୃତ ସ୍କନ୍ଦ ପୁରାଣରୁ ଆନୀତ ସେଇ ନୀଳ-ମାଧବ ଉପାଖ୍ୟାନର ଅଂଶବିଶେଷରେ ନୂତନ ସଂଯୋଜନ ଓ ତା ଭିତରେ ନିର୍ଦ୍ଦିଷ୍ଟ ଉକ୍ତି ମାଧ୍ୟମରେ ସାରଳା ଦାସ ଜଙ୍ଗଲବାସୀଙ୍କ ପ୍ରତି ତାଙ୍କ ମମତ୍ୱର ସ୍ପଷ୍ଟ ପରିଚୟ ଦେଇଛନ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନ ଶବରମାନଙ୍କୁ ହତ୍ୟା କରିଥିବାରୁ ତାଙ୍କୁ ନୀଳମାଧବ-ଜଗନ୍ନାଥ ସ୍ୱପ୍ନରେ ନିଜର ଅସନ୍ତୋଷ ଜଣାଇ ଓ ଜଙ୍ଗଲବାସୀ ଶବରମାନଙ୍କୁ ନିଜର ପୁତ୍ର ବୋଲି ଚିହ୍ନିତ କରି କହିଥିଲେ,

"ମାଧବେ ବୋଇଲେ ରାଜା ତୁ ମନ୍ଦ କୃତ୍ୟ କଲୁ,
ଶବର ପୁତ୍ରନ୍ତ ମୋର କିଂପାଇ ମାଇଲୁ ।" (ମୂଷଳୀ ପର୍ବ, ୯/୮୩)

ଅର୍ଥାତ୍ ସାରଳା ଦାସଙ୍କ ଦୃଷ୍ଟିରେ ଆରଣ୍ୟକ ଶବରମାନେ ନୀଳମାଧବ-ଜଗନ୍ନାଥଙ୍କ ସନ୍ତାନ ସଦୃଶ । ସେହିପରି ସମୁଦ୍ରରୁ ଦାରୁ-ଉତ୍ତୋଳନ ପ୍ରସଙ୍ଗରେ ସେଥିରେ କୁହାଯାଇଛି ଯେ ରାଜାଙ୍କର ସମସ୍ତ ସୈନ୍ୟବଳ ଯେତେବେଳେ ଦାରୁ-ଉତ୍ତୋଳନରେ ଅସମର୍ଥ ହେଲେ ସେତେବେଳେ କେବଳ ବସୁ ବ୍ରାହ୍ମଣ ଓ ବସୁ ଶବର (ବା ବିଶ୍ୱାବସୁ)

Digitized by srujanika@gmail.com

ତାହାକୁ ଉତ୍ତୋଳନ କରିବାପାଇଁ ହିଁ ସମର୍ଥ ହେଲେ ଓ ସେଥିରେ ପୁଣି ଜଙ୍ଗଲବାସୀ ବସୁ ଶବର ହିଁ ତାହାକୁ ସହଜରେ ଉତ୍ତୋଳନ କରିପାରିଥିଲେ । ଯଥା-

"ବ୍ରାହ୍ମଣ ଆଢ଼େ ତଡ଼ଇ, ଶବର ଆଢ଼େ ଉଠଇ,
ଶ୍ରୀକୃଷ୍ଣ ଆଜ୍ଞାରେ ସେ ଉଞ୍ଚ କନିଷ୍ଠଇ ।" (ମୂଷଳୀ ପର୍ବ, ୯/୯୩)

ଏପରି ଉକ୍ତି ମାଧ୍ୟମରେ ଜଙ୍ଗଲବାସୀ ଶବର ହିଁ ଶ୍ରୀକୃଷ୍ଣ ବା ନୀଳମାଧବ-ଜଗନ୍ନାଥଙ୍କର ପ୍ରିୟତମ ବୋଲି ହିଁ ପ୍ରତିପାଦିତ ହେଲା । ଏ ସବୁ ଜଙ୍ଗଲବାସୀଙ୍କ ପ୍ରତି ସାରଳା ଦାସଙ୍କ ମମତ୍ୱର ନିଦର୍ଶନ (ଅଧିକ ଆଲୋଚନା ପାଇଁ ଦ୍ର: ଦାଶ, ଗଗନେନ୍ଦ୍ର ନାଥ, ୧୯୭୮କ., ପୃ.୧୬୬-୬୮/୨୦୧୪କ., ପୃ.୨୩୨-୩୪; ୧୯୮୨; ୧୯୯୮, ପୃ.୭୧-୧୦୦ ଓ ୨୦୦୫ ପୃ.୩୨-୫୧) । <u>*ତା ବ୍ୟତୀତ ଅନୁରୂପ ଭାବରେ ମୂଷଳୀ ପର୍ବରେ ବି ସାରଳା ଦାସ ଶବରମାନଙ୍କୁ 'ବନଚର' ରୂପେ ଅଭିହିତ କରିଛନ୍ତି, ଯଥା: ମୂଷଳୀ ପର୍ବ, ୫/୧୨, (ପୃ.୪୬), ୬/୨୭ (ପୃ.୫୨) ଓ ୬/୩୩ (ପୃ.୫୩) ଯାହା ବି ତାତ୍ପର୍ଯ୍ୟପୂର୍ଣ୍ଣ ।*</u> ଏହି ଉଦାହରଣରୁ ମଧ୍ୟ ସେଥିରେ ଥିବା ଏକଲବ୍ୟ ଉପାଖ୍ୟାନର ଉପରୋକ୍ତ ବ୍ୟାଖ୍ୟାକୁ ପରୋକ୍ଷ ସମର୍ଥନ ମିଳିଯାଏ ।

ମୋଟଉପରେ ସାରଳା ଦାସଙ୍କ ଏକଲବ୍ୟ ଉପାଖ୍ୟାନ ମଧ୍ୟରେ ଜଙ୍ଗଲ-ଜନପଦ ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘର୍ଷର ଚିତ୍ର ତ ଅଛି ତଥା ସେଥିରେ ଜଙ୍ଗଲବାସୀଙ୍କୁ ସାମାଜିକ ନ୍ୟାୟବିଚାର ମିଳୁ ବୋଲି ଦାବି କରାଯାଇଥିବାର ସମ୍ଭାବନା ଯଥେଷ୍ଟ ଅଛି ବୋଲି ବି ମନେହୁଏ ।

(୨.୨.୩). ସାରଳା ମହାଭାରତ ତୁଳନାରେ କାଶୀରାମ ଦାସଙ୍କ ବଙ୍ଗ ଭାଷାରେ ରଚିତ 'ମହାଭାରତେର ପାଁଚାଲୀ'ରେ ମଧ୍ୟ ଏକଲବ୍ୟ ଉପାଖ୍ୟାନ ବର୍ଣ୍ଣିତ । ଏହା ମୂଳତଃ ସଂସ୍କୃତ ମହାଭାରତ-ଅନୁସାରୀ ଓ ଏଥିରେ ବିଶେଷ କିଛି ନୂତନତା ନାହିଁ । ସାରଳା ଦାସଙ୍କ ବହୁ ପରବର୍ତ୍ତୀ କାଶୀରାମ ଦାସ ଓଡ଼ିଶାରେ କିଛି କାଳ କଟାଇଥିଲେ । କିନ୍ତୁ ସେ କୌଣସି ନୂତନତା ନ ଦେଖାଇ ମୂଳତଃ ସଂସ୍କୃତ ମହାଭାରତର ଅନୁସରଣ କରିଛନ୍ତି, ଯାହା ତାତ୍ପର୍ଯ୍ୟପୂର୍ଣ୍ଣ । (ଦ୍ର: କାଶୀଦାସୀ ମହାଭାରତ, ୧୩୯୦, ଆଦି ପର୍ବ, ପୃ.୧୩୫-୩୬)

(୨.୨.୪). ସାରଳା ମହାଭାରତରେ ଥିବା ଏକଲବ୍ୟ ଉପାଖ୍ୟାନର ଯେପରି ବ୍ୟାଖ୍ୟା ଉପରେ କରାଯାଇଛି ତାହା ଯେ ଉପାଖ୍ୟାନଟିର ପ୍ରକୃତ ବା ଅନ୍ତର୍ନିହିତ

Digitized by srujanika@gmail.com

ବ୍ୟାଖ୍ୟା ତାହାର ଆଉ ଏକ ପରୋକ୍ଷ ସମର୍ଥନ ଆଧୁନିକ ଓଡ଼ିଆ ସାହିତ୍ୟରୁ ମିଳେ । କାରଣ ଗଭୀର ଅନୁଶୀଳନରୁ ଜଣାଯାଏ ଯେ ଆପାତ ପାର୍ଥକ୍ୟ ଓ ପରିଣତିରେ ଭିନ୍ନତା ସତ୍ତ୍ୱେ ସେଇ ଏକଲବ୍ୟ ଉପାଖ୍ୟାନର କଥାବସ୍ତୁ ସହ କେତେକ ଆଧୁନିକ ସାହିତ୍ୟ କୃତିର ବିଷୟବସ୍ତୁଗତ ବା ସଂରଚନାଗତ ସାମଞ୍ଜସ୍ୟ (structural similarity) ତ ରହିଛି ପୁଣି ସେ ସବୁଗୁଡ଼ିକର ବକ୍ତବ୍ୟ - ହୁଏତ ବା ପ୍ରତ୍ୟକ୍ଷ ଭାବରେ ଅଥବା ପରୋକ୍ଷ ଭାବରେ - ମଧ୍ୟ ଊଣାଅଧିକେ ସମାନ । ଅର୍ଥାତ୍ ମଧ୍ୟଯୁଗରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ସେଇ ଗୋଟିଏ ସମସ୍ୟା ବିଭିନ୍ନ ପ୍ରତିଭାଶାଳୀ ଓଡ଼ିଆ ସାହିତ୍ୟ-ସ୍ରଷ୍ଟାମାନଙ୍କୁ ଆକର୍ଷଣ କରିଚାଲିଛି ଓ ସେମାନଙ୍କ ସାହିତ୍ୟକୃତିରେ ସ୍ଥାନ ପାଇଛି । ଏହା ନିଶ୍ଚିତ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ସମ୍ପର୍କରେ ନିମ୍ନରେ ସାମାନ୍ୟ ବିସ୍ତାରିତ ଭାବରେ ସୂଚନା ଦିଆଯିବ ।

(୨.୨.୫). ତେବେ ତା ପୂର୍ବରୁ କହିଦେବାର କଥା ଯେ ପ୍ରଖ୍ୟାତ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରଚଣ୍ଡ ପ୍ରଭାବରେ ଗତ ପ୍ରାୟ ଅର୍ଦ୍ଧ-ଶତାବ୍ଦୀରୁ ଅଧିକ କାଳ ହେବ ସାରଳା ମହାଭାରତ ସମ୍ପର୍କୀୟ ବିଚାରଆଲୋଚନା ଅନ୍ତତଃ କିଛି ପରିମାଣରେ ଦିଗ୍‌ଭ୍ରଷ୍ଟ ହୋଇଯାଇଛି ବୋଲି କହିଲେ ହୁଏ । ଅନ୍ୟାନ୍ୟ ବିଭିନ୍ନ ସୂତ୍ର ଭିତ୍ତିରେ ଜଣାଯାଇଥିବା ରାଜନୀତିକ-ସାମରିକ ଶକ୍ତି-ପ୍ରତିଶକ୍ତି ମଧ୍ୟରେ ହୋଇଥିବା ସଂଘାତ ଓ ସଂଘର୍ଷର ଇତିହାସକୁ ସାରଳା ମହାଭାରତରୁ ଓ ବିଶେଷ ଭାବରେ ସେଥିରେ ଥିବା ବିଭିନ୍ନ ପୌରାଣିକ ଉପାଖ୍ୟାନରୁ ଆବିଷ୍କାର କରିବାରେ ହିଁ ପାଣିଗ୍ରାହୀ ବିଶେଷ ପ୍ରବଣତା ଦେଖାଇଥିଲେ (ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର, ୧୯୫୪, ୧୯୫୯-୬୦, ୧୯୭୫ ଓ ୧୯୭୬) । କିନ୍ତୁ ଏ ଇତିହାସ ପ୍ରକୃତରେ କେବଳ ବାହ୍ୟିକ ଇତିହାସ ନୁହେଁ, ତାହାକୁ ପୁଣି ସାରଳା ମହାଭାରତରୁ ଆବିଷ୍କାର କରିପାରିବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ ବା ନାହିଁ କହିଲେ ଚଳେ । ତେବେ ସାରଳା ମହାଭାରତରୁ ପ୍ରକୃତ ଇତିହାସ ଆବିଷ୍କାର କରିବାପାଇଁ ଗଭୀରତର ଅନୁଶୀଳନର ଆବଶ୍ୟକତା ଅଛି ଓ ବିଶେଷ ଭାବରେ ସେଥିରେ ଥିବା ଉପାଖ୍ୟାନଗୁଡ଼ିକରେ ସାରଳା ଦାସଙ୍କ ସମକାଳୀନ ସାମାଜିକ-ଆର୍ଥନୀତିକ ଶକ୍ତି ଓ ପ୍ରତିଶକ୍ତି ମଧ୍ୟରେ ହୋଇଥିବା ସଂଘାତ ଓ ସଂଘର୍ଷର ଯେଉଁ ଇତିହାସ ଅନ୍ତଃସଲୀଳା ଫଲ୍‌ଗୁ ପରି ଲୁକ୍କାୟିତ ଭାବରେ ରହିଛି ତାହାକୁ ଆବିଷ୍କାର କରିବା ହିଁ ଅତ୍ୟାବଶ୍ୟକ । ପାଣିଗ୍ରାହୀ କିନ୍ତୁ ସେ ସମ୍ପର୍କରେ ବିଶେଷ କୌଣସି ସଚେତନତା ପ୍ରକାଶ କରିନାହାଁନ୍ତି । ପାଣିଗ୍ରାହୀଙ୍କ ଦୃଷ୍ଟିକୋଣ ଓ ଚିନ୍ତାଧାରା ଯେ ଭ୍ରମାତ୍ମକ ମୁଁ ତା ବିଭିନ୍ନ ସମୟରେ (ଦାଶ, ୧୯୭୯; ୧୯୮୮; ୨୦୦୫, ପୃ.୧-୩୧ ଓ ୨୦୧୨, ପୃ.୧୭୧-୭୪)

Digitized by srujanika@gmail.com

ଦର୍ଶାଇଛି । ମୋ ପରେ ସଚ୍ଚିଦାନନ୍ଦ ମିଶ୍ର ମଧ୍ୟ ତା କରିବାର ପ୍ରଚେଷ୍ଟା କରିଛନ୍ତି (ମିଶ୍ର, ସଚ୍ଚିଦାନନ୍ଦ, ୨୦୦୬, ପୃ.୨୭୦-୭୮) । କେବଳ ସେତିକି ନୁହେଁ, ସମକାଳୀନ ସାମାଜିକ-ଆର୍ଥନୀତିକ ଶକ୍ତି ପ୍ରତି-ଶକ୍ତିର ସଂଘାତ ଓ ସଂଘର୍ଷର ଚିତ୍ର କିପରି ସାରଳା ମହାଭାରତରେ ଥିବା ପୁରୀରେ ଜଗନ୍ନାଥଙ୍କ ଉପାସନା ସମ୍ପର୍କୀୟ ଉପାଖ୍ୟାନରେ ଲୁକ୍କାୟିତ ଭାବରେ ରହିଛି ମୁଁ ତା ମଧ୍ୟ ଦର୍ଶାଇଦେଇଥିଲି (ଦାଶ, ୧୯୯୮ ଓ ୨୦୦୫, ପୃ.୩୨-୫୧) । ତା ସତ୍ତ୍ୱେ ପାଣିଗ୍ରାହୀଙ୍କ ପ୍ରଚଣ୍ଡ ପ୍ରଭାବରୁ ଏ ପର୍ଯ୍ୟନ୍ତ ଓଡ଼ିଆ ବୁଦ୍ଧିଜୀବୀ ଓ ଗବେଷକମାନେ ମୁକ୍ତି ଲାଭ କରିପାରିନାହାଁନ୍ତି ବୋଲି ମନେହୁଏ । ଆଜି ତାକୁ ସଜାଡ଼ି ପ୍ରକୃତ ମାର୍ଗରେ ଅବସ୍ଥାପିତ କରାଇବା ଏକାନ୍ତ ଆବଶ୍ୟକ ।

ତୃତୀୟ ଭାଗ

(୩.୦). ଜଙ୍ଗଲ-ଜନପଦ ମଧ୍ୟରେ ଦ୍ୱନ୍ଦ୍ୱ, ସଂଘର୍ଷ ଓ ସଂଗ୍ରାମର ଚିତ୍ର ବହନ କରି ଜଙ୍ଗଲ-ବାସୀଙ୍କୁ ସାମାଜିକ ନ୍ୟାୟ ମିଳୁ ବୋଲି ଦାବି ହିଁ ଯେ ସାରଳା ମହାଭାରତର ପୌରାଣିକ ଏକଲବ୍ୟ ଉପାଖ୍ୟାନର ମୂଳ ବକ୍ତବ୍ୟ ଥିଲା ତାହାକୁ ସ୍ପଷ୍ଟ କରିଦେବାପାଇଁ ସାମ୍ପ୍ରତିକ କାଳର ସାହିତ୍ୟରେ ଅନୁରୂପ ଭାବଧାରାର ପ୍ରତିଫଳନ କିପରି ହୋଇଛି ତାର ସଂକ୍ଷିପ୍ତ ସୂଚନା ଦେବା ଆବଶ୍ୟକ । କହିରଖିବା ଉଚିତ ଯେ ସାମ୍ପ୍ରତିକ କାଳରେ ଜଙ୍ଗଲ ଓ ଜନପଦ ମଧ୍ୟରେ ଥିବା ସେଇ ବହୁ ପୁରାତନ ଦ୍ୱନ୍ଦ୍ୱ ଓ ସଂଘର୍ଷ ହ୍ରାସ ପାଇବା ପରିବର୍ତ୍ତେ ବରଂ ତୀବ୍ରତର ହୋଇଛି ଓ ବେଳେବେଳେ ତାହା ସାମ୍ପ୍ରତିକ କାଳର - ଅର୍ଥାତ୍ ବିଂଶ ଶତକର - କେତେକ ପ୍ରତିନିଧିମୂଳକ ସ୍ରଷ୍ଟାଙ୍କ ଓଡ଼ିଆ ସାହିତ୍ୟ କୃତିରେ ଯଥା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରଚିତ ଗାଥା-କବିତା 'ଅର୍ଜୁନ ସିଂହ', ଭଗବତୀ ଚରଣ ପାଣିଗ୍ରାହୀଙ୍କ କ୍ଷୁଦ୍ରଗଳ୍ପ 'ଶିକାର' ଓ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ 'ପରଜା'ରେ - ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ - ପ୍ରତିଫଳିତ ମଧ୍ୟ ହୋଇଛି । ଲକ୍ଷ୍ୟ କରିବାର କଥା ଯେ ସାରଳା ଦାସଙ୍କ ଏକଲବ୍ୟ ଉପାଖ୍ୟାନ ସହ ଏହି ସାହିତ୍ୟ-କୃତିଗୁଡ଼ିକର କଥାବସ୍ତୁଗତ ଓ ସଂରଚନାଗତ ସାମଞ୍ଜସ୍ୟ (structural similarity) ତ ରହିଛି ପୁଣି ସେ ସବୁଗୁଡ଼ିକର ବକ୍ତବ୍ୟ ମଧ୍ୟ ଉଣାଅଧିକେ ସମାନ ।

(୩.କ.୦) ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ଆଲେଖିକା' ଗାଥା-କବିତା ସଙ୍କଳନରେ ଥିବା ଜନଶ୍ରୁତି ବା କିମ୍ବଦନ୍ତୀମୂଳକ ଗାଥା 'ଅର୍ଜୁନ ସିଂହ'ରେ

Digitized by srujanika@gmail.com

ଜଙ୍ଗଲ ଓ ଜନପଦ ମଧ୍ୟରେ ଥିବା ସେଇ ବହୁ ପୁରାତନ ଦ୍ୱନ୍ଦ୍ୱ ଓ ସଂଘର୍ଷର ଚିତ୍ର ରହିଛି । ୧୯ଶ ଶତକର ସିଂହଭୂମିର ରାଜା ଅର୍ଜୁନ ସିଂହ (୧୮୨୮/୩୦-୧୮୯୦) ହିଁ ଏ ଗାଥାର ନାୟକ । ଏ ଗାଥା ପଛରେ ଥିବା କିମ୍ବଦନ୍ତୀର ଅନ୍ତତଃ କିଛି ପରିମାଣରେ ଐତିହାସିକ ଭିତ୍ତିଭୂମି ଥିବାର ଅନୁମିତ ହୁଏ । ଏହା ଯେବେ ରଚିତ ଓ ପ୍ରକାଶିତ ହୋଇଥିଲେ ମଧ୍ୟ ୧୯୨୧ରୁ ୧୯୨୪ ମଧ୍ୟରେ ପଣ୍ଡିତ ଗୋଦାବରୀଶଙ୍କ ସିଂହଭୂମିରେ ରହଣୀ କାଳ ମଧ୍ୟରେ ଏ ଜନଶ୍ରୁତିଟି ତାଙ୍କର ଶ୍ରୁତିଗୋଚର ହୋଇଥିବାର ଅନୁମିତ ହୁଏ । ସାମ୍ପ୍ରତିକ କାଳରେ ବହୁ ଚର୍ଚ୍ଚିତ ଭଗବତୀଚରଣଙ୍କ 'ଶିକାର' କ୍ଷୁଦ୍ରଗଳ୍ପ ଓ ଗୋପୀନାଥଙ୍କ 'ପରଜା' ଉପନ୍ୟାସ ତୁଳନାରେ ବହୁ ପାଠକ ଏ ଗାଥା ସହିତ ପରିଚିତ ନ ଥିବା ଆଶଙ୍କାରୁ ବହୁ ଉଦ୍ଧୃତି ସହ ସାମାନ୍ୟ ବିସ୍ତାରିତ ଭାବରେ ନିମ୍ନରେ ତାର କଥାବସ୍ତୁ ବିବୃତ ହେବ ।

(୩.କ.୧). ଜନପଦବାସୀ କିପରି ଜଙ୍ଗଲ ଜଙ୍ଗଲବାସୀଙ୍କ ଉପରେ ବଳପୂର୍ବକ ଅଧିକାର ସାବ୍ୟସ୍ତ କରେ ତାହାହିଁ ଗାଥାରେ ପ୍ରାରମ୍ଭରେ ସୂଚାଇ ଦିଆଯାଇଛି । ଜଙ୍ଗଲ ପରିବୃତ୍ତ ସିଂହଭୂମିର ରାଜା ଅର୍ଜୁନ ସିଂହ ସୁରାଖ ନାମକ ଏକ ଜଙ୍ଗଲବାସୀ ଆଦିମ ଜନଗୋଷ୍ଠୀର ସହାୟତାରେ ହିଁ ସିଂହଭୂମିରେ ନିଜର ଅଧିକାର ସାବ୍ୟସ୍ତ ବା ଆଧିପତ୍ୟ ବିସ୍ତାର କରିପାରିଥିଲେ । ପରେ ସେ ସେଇ ସୁରାଖମାନଙ୍କ ସାହାଯ୍ୟରେ ଆଉ ଏକ ଜଙ୍ଗଲବାସୀ ଆଦିମ ଜନଗୋଷ୍ଠୀ କୋହ୍ଲମାନଙ୍କ ଉପରେ ମଧ୍ୟ ନିଜର ଆଧିପତ୍ୟ ସାବ୍ୟସ୍ତ କଲେ । କୋହ୍ଲମାନେ କିନ୍ତୁ ଏ ଅନ୍ୟାୟ ଅଧିକାରକୁ ସହ୍ୟ କରିବାପାଇଁ ପ୍ରସ୍ତୁତ ନ ଥିଲେ । କବିଙ୍କ ଭାଷାରେ,

"ସିଂହଭୂଇଁ ରଜା ଅର୍ଜୁନ ସିଂହ ଯେ ରାଜୁତି କରନ୍ତି ଭଲେ;
ବନସ୍ଥର ସିଂହ ସଙ୍ଗତେ ଯୁଝି ଲୋ ନାମ ଖ୍ୟାତ ମହୀତଳେ ।"
"ସିଂହଭୂଇଁ ଦେଶ ଓଡ଼ିଶା ରାଇଜେ ବେଳହୁଁ ପୁରାଖ୍ୟ ଅଛି;
ସୁରାଖ ସଇନେ ବାହୁ ପ୍ରତାପେ ଲୋ, ମର୍ଦ୍ଦେ ଟେକିଛନ୍ତି ଛତି ।

*** *** *** *** *** ***

ହାରିବା ବୋଲି ଯା ବୋଲନ୍ତି ସଂସାରେ, ସୁରାଖେ ଜାଣନ୍ତି ନାହିଁ;
କାଟି ମୁଣ୍ଡ ପଛେ ଫିଙ୍ଗନ୍ତି ବେକୁଁ ଲୋ, ନିନ୍ଦା ନ ପାରନ୍ତି ସହି ।
ବଳ ଯାର ଯେତେ ଏ ମହୀମଣ୍ଡଳେ ବଳୁଆର ବଶ ପୁଣି-
ଅର୍ଜୁନ ସିଂହଙ୍କୁ ପିଅର ପ୍ରାୟେ ଲୋ ସୁରାଖେ ଥାଆନ୍ତି ମାନି ।"

Digitized by srujanika@gmail.com

"ଜିଣି କୋହ୍ଲ ଦେଶ ଆପଣା ରାଇଜେ ମିଶାଇଥିଲେ ସେ ନିକି;
କୋହ୍ଲେ ସେଥିପାଇଁ ସଜ ଉଣ୍ଡନ୍ତି ଲୋ ମେଲି କରିବାପାଇଁକି ।

*** *** *** *** *** *** ***

ହେଲେ, କି ହେବ; ସେ ଅର୍ଜୁନ ସିଂହ ତ ମର୍ତ୍ତ୍ୟେ ବଡ଼ ପରାକ୍ରମୀ;
କଳି ନିଜ ବଳ ମେଲି ନ କରି ଲୋ କୋହ୍ଲେ ହୋଇଥାନ୍ତି ତୁନି ।
ବରଷକେ ଥରେ ଖଜଣାମୁଠାକ ଗଡ଼େ ସେ ଯାଆନ୍ତି ଦେଇ,
ନେତ୍ର ଲୁହ ହାତେ ପୋଛି କହନ୍ତି ଲୋ କି ଦୁଃଖ ନ ଦେଲୁ ବିହି ।"

ଏଥିରେ ସ୍ୱାଧୀନତା-ପ୍ରିୟ ଜଙ୍ଗଲବାସୀ କୋହ୍ଲଙ୍କର କାରୁଣ୍ୟ ଅତି ସ୍ୱଷ୍ଟ ଭାବରେ ଓ ଭାଷାରେ ଚିତ୍ରିତ ।

(୩.କ.୨). ଗାଥାର ପରବର୍ତ୍ତୀ ଅଂଶରେ ଅର୍ଜୁନ ସିଂହ ଜଙ୍ଗଲବାସୀଙ୍କ ନାରୀକୁ ତାଙ୍କର ଅଧିକାରଭୁକ୍ତ ଓ ଭୋଗ୍ୟା ବୋଲି ମନେ କରନ୍ତି । କବିଙ୍କ ଭାଷାରେ,

"ସୁରାଖ ସଇନେ ବଡ଼ ସଇନି ସେ ବିଶୋୟୀ ଭୁଜେନ୍ଦ୍ର ଯାନୀ,
ଶହେ କୋଶ ଦେଶେ ନାଆଁ ତା ଖ୍ୟାତ ଲୋ ସୁରାଖ ମଉଡ଼ମଣି ।

*** *** *** *** *** *** ***

'ସିଂହାସନୀ' ନାମେ ଝିଅଟି କୋଳକୁ ଏକଇ ବାଳୁତ ତାର,
ସିଂହ କ୍ରୋଟ ମୁହେଁ ଜନମ ତାର ଲୋ ବୟସ ଷୋଳ ସତର ।"

"ପାରିଧିରେ ଦିନେ ସୁରାଖ ରାଇଜେ ବିଜେ ସେ ହୋଇ ରାଜନ,
ସିଂହାସନୀ ରୂପ ଦେଖିଲେ ନେତ୍ରେ ଲୋ ଛନ୍ନ ହୋଇଗଲା ମନ ।
କହିଲେ 'ବିଧାତା କେଡ଼େ ଅବିବେକ ଏ ଛାର ସୁରାଖ ପୁରେ,
ସ୍ୱର୍ଗ ଅପସରୀ ଜନମ ଦେଇଛି; କି ଦୁଃଖ ଲିହି ତା ଭାଲେ;
ରାଜ ଉଆସକୁ ଯୋଗ୍ୟ ଏକା ବାଳୀ; ହେବାର ହେଉ ଯା ପଛେ,
ସିଂହଭୂଇଁ ଗଡ଼େ ହେବ ଏହୁ ରାଣୀ ଏ ଜୀବ ଥାଉ ମୋ ମଞ୍ଚେ' ।"

ଅର୍ଜୁନ ସିଂହଙ୍କର ଏପରି ଭାବନା 'ସାରଳା ମହାଭାରତ'ର ଜାରାଙ୍କ ପତ୍ନୀ ଶିରିୟାଙ୍କୁ ଦେଖି ଜାରାଙ୍କ ପ୍ରତି କୌରବ ଦୁଃଶାସନର ସ୍ୱର୍ବିତ ଉକ୍ତି

Digitized by srujanika@gmail.com

"ବନଚର ଲୋକ ହୋଇ କିଂପା ତୋର ଏମନ୍ତ ଘରଣୀ/
ରାଜାର ଅବିଷେକକୁ ଯେ ଯୋଗାଇ ପାଟରାଣୀ // ୬୮/୨୫
ଆମ୍ଭେ ସୋମବଂଶୀ ପୃଥୀକି ଆଧିପତି/
ଯେହାର ନିମନ୍ତେ ତୁ ରେ ହୋଇବୁ ପ୍ରାଣେ କ୍ଷତି // ୬୮/୨୬"

(ଆଦି ପର୍ବ, ପ୍ରଥମ ଖଣ୍ଡ, ପୃ.୩୩୩)

ସ୍ମରଣ କରାଇଦିଏ । ସୁରାଖ କନ୍ୟା ସିଂହାସିନୀକୁ ଅର୍ଜୁନ ସିଂହ ତାର ଇଛା ବିରୁଦ୍ଧରେ ବଳପୂର୍ବକ ଅପହରଣ କରନ୍ତି ।

(୩.କ.୩). ରାଜାଙ୍କର ଅର୍ଥାତ୍ ଜନପଦବାସୀ ସର୍ବଶକ୍ତିମାନ ନେତାଙ୍କ ଏପରି ଅନ୍ୟାୟ ଅତ୍ୟାଚାରର ପ୍ରତିବାଦରେ ଜଙ୍ଗଲବାସୀ ସୁରାଖମାନଙ୍କର ପ୍ରଥମ ପ୍ରତିକ୍ରିୟା ହେଲା,

"ଗାଦିରେ ସେ ବସି ରଜା ବୋଲାଉଛି ହୋଇଛି ଜଗତ୍ରଜିତା;
ଧର୍ମ ଏକା ତାକୁ ଛାଡ଼ିଲାଟି ଚାଲ ଘେନିବା ତା ରକ୍ତଚିତା ।"

*** *** *** *** *** ***

"ଆସ ଏବେ ଯିବା ସୁରାଖ ସଇନେ ଭାଙ୍ଗିବା ଗରବ ତାର;
ଗଡ଼ ପାଚେରୀରୁ ଚୁରିବା କାଢ଼ି ହେ ଗୋଟିକି ଗୋଟି ପଥର ।" କିନ୍ତୁ ଜଣେ ବୁଢ଼ା ସୁରାଖ ସେମାନଙ୍କୁ ସେଥିରୁ ନିବୃତ୍ତ କରାଇ କହିଲା,

"ରଜା ଅନ୍ନଜଳ ଖାଇ ଏତେ କାଳ ବଞ୍ଚିଛେଁ ମହୀରେ ପରା;
ବାପ ସେହୁ, ଆମେ ପୁଅଟି ସୁରାଖେ ବୁଝି କି ନ ପାର ଭଲା ?"

*** *** *** *** *** *** ***

ହେଲେ ଆଉ ଧର୍ମ ନାହିଁଛି କିଞ୍ଚିତେ ଏ ସିଂହଭୂଇଁ ରାଇଜେ;
ଉଠ ପଳାଇବା ଆନ ଦେଶେ, ରଜା ସଢ଼ି ମରୁ ପାପ ଲାଜେ ।"

ଲକ୍ଷ୍ୟ କରିବାର କଥା ଯେ ଏପରି ଉକ୍ତି ମଧ୍ୟରେ ଜଙ୍ଗଲବାସୀଙ୍କ ଉପରେ ରାଜାଙ୍କର ଅଧିକାରକୁ ସ୍ୱୀକୃତି ଦିଆଯାଇଥିଲେ ମଧ୍ୟ ସେ ସ୍ୱୀକୃତିର ଅଲିଖିତ ସର୍ତ୍ତ ହେଉଛି ଜନପଦବାସୀ ଶକ୍ତିମାନ ରାଜା ଓ ଜଙ୍ଗଲବାସୀଙ୍କ ମଧ୍ୟରେ ଥିବା ସମ୍ପର୍କ ପ୍ରକୃତପକ୍ଷେ ବାପ-ପୁଅର ସମ୍ପର୍କ ଯେଉଁ ସମ୍ପର୍କର ନିୟମାନୁଯାୟୀ ଜଙ୍ଗଲବାସୀଙ୍କ ରକ୍ଷଣାବେକ୍ଷଣ, ସୁରକ୍ଷା ଓ ଏପରି କି ସେମାନଙ୍କ ସାମାଜିକ ପ୍ରଥାକୁ ସମ୍ମାନ ଦେବା ମଧ୍ୟ ରାଜାଙ୍କର କର୍ତ୍ତବ୍ୟ । ଅର୍ଥାତ୍ ଏ ସମ୍ପର୍କରେ ପରସ୍ପର ପରସ୍ପରର ଅଧିକାରକୁ ମଧ୍ୟ

Digitized by srujanika@gmail.com

ସମ୍ମାନ ଓ ସ୍ୱୀକୃତି ଦେବେ ଓ କେହି କାହାର ଅଧିକାରର ସୀମାକୁ (ସୁରାଖଙ୍କ ଭାଷାରେ ଧର୍ମକୁ) ଲଂଘନ କରିବେ ନାହିଁ । ତେଣୁ ସେହି ବୁଢ଼ା ସୁରାଖଙ୍କ ପରାମର୍ଶକୁ ସୁରାଖମାନେ ଗ୍ରହଣ କରି ସିଂହଭୂମି ରାଜ୍ୟ ପରିତ୍ୟାଗ କରି ଚାଲିଯାଆନ୍ତି । ଏଠାରେ ଜାରାଙ୍କ ପରି ସୁରାଖମାନଙ୍କର ଉଦାରତା ପ୍ରଣିଧାନଯୋଗ୍ୟ । ଏହା ହେଉଛି, ଜଙ୍ଗଲବାସୀ ସୁରାଖମାନଙ୍କର ନୀରବ ପ୍ରତିବାଦ, ସେ ଦିନର ଅହିଂସା ଅସହଯୋଗର ସତ୍ୟାଗ୍ରହ ।

(୩.କ.୪). ଅର୍ଜୁନ ସିଂହଙ୍କ ସାମରିକ ଶକ୍ତିର ଉତ୍ସ ସୁରାଖମାନେ ରାଜ୍ୟ ଛାଡ଼ି ପଳାୟନ କରିବାରୁ ପରାଧୀନ ହୋଇ ରହିବାପାଇଁ ସଦା ବିମୁଖ କୋହ୍ଲମାନେ ମେଳି କଲେ ବା ସ୍ୱାଧୀନତା ଘୋଷଣା କଲେ । ଜନପଦବାସୀ ଉପରେ ବିଶ୍ୱାସ ହରାଇଥିବା କୋହ୍ଲମାନେ ପ୍ରତିଶୋଧପରାୟଣ ହୁଅନ୍ତି-

"ଲୁଗାପିନ୍ଧା ଯେତେ, ଧୋବଧାଉଳିଆ ଦେଖନ୍ତି କୋହ୍ଲେ ସେ କାହିଁ,
'ଏଇ ରଜାଚର, ଧର ମାର ହାଣ' ଗର୍ଜି ଆସନ୍ତି ଗୋଡ଼ାଇ ।
କୋଡ଼ି କୋଡ଼ି ଗଣି ଶହକୁ ଶହ ସେ ବାନ୍ଧି ତ ଆଣନ୍ତି ଧରି;
ଶିଙ୍ଗିବୁଙ୍ଗା ଆଗେ ଦିଅନ୍ତି ଛେଦି ଲୋ 'ଯାଆ ମା' ଖାଇଯା ବୋଲି' ।"

ଶେଷରେ ଶକ୍ତିହୀନ ଅର୍ଜୁନ ସିଂହ କୋହ୍ଲମେଳି ଦମନ କରିବାକୁ ଅସମର୍ଥ ହୋଇ ତାଙ୍କର ଚିର ଶତ୍ରୁ ବଣେଇ ରାଜାଙ୍କର ସାହାଯ୍ୟ ଭିକ୍ଷା କରନ୍ତି । ବଣେଇ ରାଜା ଅର୍ଜୁନ ସିଂହଙ୍କ ସହାୟତାପାଇଁ ପଠାଇଲେ ମାତ୍ର ଜଣେ ବ୍ୟକ୍ତିଙ୍କୁ । ସେ ହେଉଛନ୍ତି ଶ୍ରୀପତି ଓତା । ତାଙ୍କୁ ବଣେଇ ରାଜାଙ୍କର ନିର୍ଦ୍ଦେଶ ଥିଲା,

"ଯାଅ ଓତା ବେଗେ, ସିଂହଭୂଇଁ ରଜା ଅଛନ୍ତି ଏବେ ଡକାଇ;
କୋହ୍ଲେ ପରା ଦେଶେ ମେଳି କରିଛନ୍ତି ନ ଭାଙ୍ଗି ଫେରିବ ନାହିଁ ।"

(୩.କ.୫). ଏ ଗାଥାରେ ଦ୍ରୋଣଙ୍କ ପରି ସୁବିଧାବାଦୀ ବୁଦ୍ଧିଜୀବୀର ଭୂମିକା ନେଇଥିଲେ କୋହ୍ଲମେଳି ଦମନର ଦାୟିତ୍ୱ ନେଇଥିବା ଶ୍ରୀପତି ହୋତା । ତାଙ୍କର ପରିଚୟ ଦେଇ କବି କହନ୍ତି,

"ବଡ଼ ପାରଙ୍ଗମ ମର୍ତ୍ତ୍ୟେ ଓତାପୁଅ ବୁଦ୍ଧି ବଳ କଉଶଳେ;
'ଭେଦିଆ ଶ୍ରୀପତି' ବୋଲି ନାଆଁ ତା ଲୋ ପ୍ରଖ୍ୟାତ ବଣେଇ ଗଡ଼େ ।
ଗାଈ ପାଖୁ ବଛା ଛଡ଼ାଇ ପାରଇ, ପିଅର କୋଳରୁ ପୁତ,
ମୂଷାବିରାଡିକି ବାଘମିରିଗି ଲୋ ବସାଇ ପାରେ ସଙ୍ଗାତ ।"

Digitized by srujanika@gmail.com

ଏଠାରେ 'ଭେଦିଆ' ବିଶେଷଣ ପ୍ରୟୋଗ କରି ତଥା ତାଙ୍କ ପାରିବାର ପଣିଆର ସୂଚନା ଦେଇ କବି ଶ୍ରୀପତି ଓତାର ସ୍ୱରୂପ ଓ ଭୂମିକାକୁ ଅତି ସ୍ପଷ୍ଟ ଭାବରେ ଦେଖାଇପାରିଛନ୍ତି । ଶ୍ରୀପତି କୋହ୍ଲଙ୍କ ଛଦ୍ମବେଶ ଧାରଣ କରି କୋହ୍ଲପିଢ଼ରେ ପଶନ୍ତି ଓ ଜଙ୍ଗଲବାସୀ ସରଳବିଶ୍ୱାସୀ କୋହ୍ଲମାନେ ଶ୍ରୀପତିଙ୍କ ଛଳନାକୁ ବୁଝିବାରେ ଅସମର୍ଥ ହୁଅନ୍ତି । ସେଇ ଜଙ୍ଗଲବାସୀଙ୍କ ପ୍ରତି ସହାନୁଭୂତିଶୀଳ କବିଙ୍କ ଭାଷାରେ,

"କୋହ୍ଲେ ତ ବାଳୁତ ପିଲାଙ୍କ ସମାନ ସରଳବିଶ୍ୱାସୀ ଅତି;
କୂଟ କପଟେ ଯେ ଚାଲିବ, କେମନ୍ତେ ବୁଝିବେ ସେ ଜନ ଗତି ?"

ସେଇ ସୁଯୋଗରେ ଶ୍ରୀପତି କୋହ୍ଲମାନଙ୍କର ସମସ୍ତ ଭେଦ ବା କୋହ୍ଲପିଢ଼ଗୁଡ଼ିକର ଦୁର୍ବଳ ସ୍ଥାନ ଓ ସମୟ ଜାଣି ସେମାନେ ପ୍ରସ୍ତୁତ ନଥିବା ସମୟରେ ରାତ୍ରୀ କାଳରେ ଅର୍ଜୁନ ସିଂହଙ୍କର ସୈନ୍ୟମାନଙ୍କୁ ସେଠାକୁ କଢ଼ାଇନିଅନ୍ତି । ଏପରି ଅପ୍ରତ୍ୟାଶିତ ଆକ୍ରମଣରେ କୋହ୍ଲମାନେ ପରାସ୍ତ ହୁଅନ୍ତି ଓ କୋହ୍ଲମେଳି ଭାଙ୍ଗିଯାଏ ।

(୩.କ.୬.) ଏହା ପରେ ଗାଥାଟିର ବକ୍ତବ୍ୟ ଅତି ସଂକ୍ଷିପ୍ତ । ଅର୍ଜୁନ ସିଂହଙ୍କ ପଛରେ ସୁରାଖ ବା କୋହ୍ଲ ସାମରିକ ଶକ୍ତି ନଥିବାରୁ ଦୂରାଗତ ବ୍ରିଟିଶ ସୈନ୍ୟମାନେ ସହଜରେ ତାଙ୍କୁ (ପରାସ୍ତ ଓ) ବନ୍ଦୀ କରି ନେଇ କାଶୀରେ ରଖିଲେ । ପ୍ରକୃତରେ କିନ୍ତୁ ଅର୍ଜୁନଙ୍କ ପକ୍ଷରେ ସୁରାଖ ବା କୋହ୍ଲ ସାମରିକ ଶକ୍ତି ଥିଲେ ମଧ୍ୟ ପରିଣତି ଭିନ୍ନ ହେବାର ସମ୍ଭାବନା ଅବଶ୍ୟ ନ ଥିଲା । ତେବେ ଜନଶ୍ରୁତିର ବା ଗାଥାକାରଙ୍କ ବିଶ୍ୱାସ ମଧ୍ୟ ହିଁ ଏ ଗାଥାରେ ପ୍ରତିଫଳିତ ହୋଇଛି, ଯାହା ଅନ୍ତତଃ କିଛି ପରିମାଣରେ ତାତ୍ପର୍ଯ୍ୟପୂର୍ଣ୍ଣ ।

(୩.କ.୭.) କୃତକର୍ମର ଫଳଭୋଗ (poetic justice) ବା ଆଉ ଯାହା କିଛି ଏ ଗାଥା-କବିତାର ମୂଳ ବକ୍ତବ୍ୟ ବୋଲି ବିବେଚିତ ହେଉ ନା କାହିଁକି, ପ୍ରକୃତରେ ଜଙ୍ଗଲବାସୀଙ୍କ ପ୍ରତି ହେଉଥିବା ଜନପଦବାସୀଙ୍କର ଅତ୍ୟାଚାର ବିରୋଧରେ ପ୍ରତିବାଦ ତଥା ଜଙ୍ଗଲବାସୀଙ୍କୁ ସାମାଜିକ ନ୍ୟାୟ ମିଳିବାର ଆବଶ୍ୟକତା ମଧ୍ୟ ପରୋକ୍ଷ ଭାବରେ ଯେପରି ଏ ଗାଥାର ପ୍ରାଣକେନ୍ଦ୍ରରେ ପରିଣତ ହୋଇଯାଇଛି ବୋଲି ମନେହୁଏ । ଏ ଗାଥାରେ ଜନପଦବାସୀଙ୍କର ପ୍ରତିଭୂ ରୂପେ ଚିତ୍ରିତ ଅର୍ଜୁନ ସିଂହ ଓ ଶ୍ରୀପତି ଓତାଙ୍କର ବ୍ୟକ୍ତିତ୍ୱ ଓ ଚରିତ୍ର ଭୋଗସ୍ପୃହା, ଅନ୍ୟାୟଅତ୍ୟାଚାର ଓ କୂଟକପଟତା ବ୍ୟାଧିରେ ଆକ୍ରାନ୍ତ । ଅନ୍ୟପକ୍ଷରେ ଜଙ୍ଗଲବାସୀଙ୍କ ପ୍ରତିଭୂ ରୂପେ ଚିତ୍ରିତ ସୁରାଖ ଓ କୋହ୍ଲମାନଙ୍କ ସରଳତା,

Digitized by srujanika@gmail.com

ସ୍ୱାଧୀନତାପ୍ରିୟତା, ନୀତିନିଷ୍ଠତା (ବା ଧର୍ମପରାୟଣତା) ତଥା ବୀରତ୍ୱ ମଧ୍ୟ ପ୍ରଦର୍ଶିତ । ସାରଳା ଦାସଙ୍କ ଏକଲବ୍ୟ ଉପାଖ୍ୟାନ ପରି ଜନପଦବାସୀର ଅନ୍ୟାୟରେ ଜଙ୍ଗଲବାସୀଙ୍କ ଉପରେ ଆଧିପତ୍ୟ ବିସ୍ତାର ଓ ସେମାନଙ୍କ ନାରୀକୁ ନିଜର ଅଧିକାରଭୁକ୍ତ ଓ ଭୋଗ୍ୟା ବୋଲି ବିଚାର କରିବାର ପ୍ରତିବାଦ ହିଁ ଏ ଗାଥାରେ କରାଯାଇଛି । ଏ ଦୃଷ୍ଟିରୁ ଏ ଗାଥା ସହ ସାରଳା ଦାସଙ୍କ ଏକଲବ୍ୟ ଉପାଖ୍ୟାନର ତୁଳନା କରାଯାଇପାରେ । ଜଙ୍ଗଲବାସୀଙ୍କ ପ୍ରତି କବିଙ୍କ ସହାନୁଭୂତିଶୀଳତା ଗାଥାଟିର ବିଭିନ୍ନ ସ୍ଥାନରେ ଅତି ସ୍ପଷ୍ଟ ଭାବରେ ଧରାଯାଇଛି । ଉଦାହରଣରେ ଶ୍ରୀପତି ଓତାର କପଟତା ଫଳରେ ଅର୍ଜୁନ ସିଂହଙ୍କଦ୍ୱାରା କୋହ୍ଲମେଳି ଦମନର ପରେ ବହୁ କୋହ୍ଲଙ୍କ ପ୍ରାଣଦାନରେ ରୁଧିରାକ୍ତ ଓ ସିକ୍ତ କୋହ୍ଲପିଢ଼ର ବର୍ଣ୍ଣନା କରୁଣ ରସାପ୍ଲୁତ ହୋଇପାରିଛି । (ଅର୍ଜୁନ ସିଂହଙ୍କ ସମ୍ପର୍କରେ ଅଧିକ ଜାଣିବାପାଇଁ ଦ୍ର: ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର, ୧୯୯୪, ପୃ.୭୭-୯୩ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅବଶ୍ୟ କୌଣସି କାରଣ ନ ଦେଇ ପଣ୍ଡିତ ଗୋଦାବରୀଶଙ୍କ ଗାଥା-କବିତାର ବା ଜନଶ୍ରୁତି/କିମ୍ବଦନ୍ତୀଟିର ଐତିହାସିକ ସତ୍ୟତାକୁ ଗ୍ରହଣ କରିବାକୁ କୁଣ୍ଠିତ ହୋଇପଡ଼ିଛନ୍ତି । ତେବେ ସମସ୍ତ କାବ୍ୟିକ ଅତିରଞ୍ଜନ ସତ୍ତ୍ୱେ ଜନଶ୍ରୁତିଟି ମୂଳତଃ ସତ୍ୟାଶ୍ରିତ ବୋଲି ହିଁ ମନେହୁଏ । ଏ ଜନଶ୍ରୁତିର ଐତିହାସିକ ଭିତ୍ତିଭୂମି ଥିଲା ବୋଲି ଗ୍ରହଣ କରିବାରେ ପାଣିଗ୍ରାହୀଙ୍କର ଏପରି କୁଣ୍ଠା ପ୍ରକୃତରେ ତାଙ୍କ ଜାତୀୟତାବାଦୀ ଚେତନାଦ୍ୱାରା ହିଁ ପ୍ରଭାବିତ । ବ୍ରିଟିଶମାନଙ୍କୁ ବିରୋଧ କରିଥିବା ଅର୍ଜୁନ ସିଂହଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱରେ କୌଣସି କଳୁଷକାଳିମାର ଦାଗକୁ ସ୍ୱୀକାର କରିବାରେ କୁଣ୍ଠା ହେତୁ ହିଁ ପାଣିଗ୍ରାହୀ ଜନଶ୍ରୁତିଟିର ଐତିହାସିକ ଭିତ୍ତିଭୂମିକୁ ବି ଅସ୍ୱୀକାର କରିଛନ୍ତି ବୋଲି ମନେହୁଏ । ତେଣୁ ତାଙ୍କର ବକ୍ତବ୍ୟ ଗ୍ରହଣୀୟ ନୁହେଁ । ଏ ସମ୍ପର୍କରେ ସ୍ମରଣ ରଖିବା ଉଚିତ ଯେ ଗାଥାର ଲେଖକ ପଣ୍ଡିତ ଗୋଦାବରୀଶ ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିବା ଜଣେ ଜାତୀୟତାବାଦୀ ଥିଲେ । ତା ସତ୍ତ୍ୱେ ସେ ଅର୍ଜୁନ ସିଂହଙ୍କ ସମ୍ପର୍କରେ ଲୋକମୁଖରୁ ଶୁଣିଥିବା ଜନଶ୍ରୁତିକୁ ତାଙ୍କ ଗାଥାକବିତାର କଥାବସ୍ତୁ ରୂପେ ଗ୍ରହଣ କରିଛନ୍ତି ।)

(୩.ଖ). ଭଗବତୀଚରଣ ପାଣିଗ୍ରାହୀଙ୍କର ୧୯୩୬ରେ ଲିଖିତ ଓ ସାମ୍ପ୍ରତିକ କାଳରେ ବହୁ ଚର୍ଚ୍ଚିତ 'ଶିକାର' ନାମକ କ୍ଷୁଦ୍ରଗଳ୍ପରେ ମଧ୍ୟ ଗର୍ଭିତ ହୋଇଛି ଜନପଦ ଓ ଜଙ୍ଗଲ ମଧ୍ୟରେ ସଂଘର୍ଷର ଚିତ୍ର, ଅବଶ୍ୟ ସଂକ୍ଷେପରେ ଓ ବ୍ୟଞ୍ଜନାତ୍ମକ ଭାବରେ । ଏହା ପ୍ରକୃତରେ ଏକ ଅତି କ୍ଷୁଦ୍ର କ୍ଷୁଦ୍ରଗଳ୍ପ । ଏଥିରେ ସାନ୍ତାଳ ଘିନୁଆ ଜଙ୍ଗଲବାସୀଙ୍କର

Digitized by srujanika@gmail.com

ପ୍ରତିନିଧିତ୍ୱ କରେ । ସାରଳା ଦାସଙ୍କ 'ବନଚର' ଅଭିଧା ପରି ଗାଳ୍ପିକ ଭଗବତୀଚରଣ ତାକୁ 'ବଣୁଆ' ଅଭିଧାରେ ଅଭିହତ କରି ଯଥାର୍ଥରେ ଜଙ୍ଗଲବାସୀ ବୋଲି ତଥା ଜଙ୍ଗଲବାସୀଙ୍କର ପ୍ରତିନିଧି ରୂପେ ଚିହ୍ନିତ କରିଛନ୍ତି । ଘିନୁଆ ଚରିତ୍ର ମାଧ୍ୟମରେ ସେଇ ଜଙ୍ଗଲବାସୀର ସରଳତାର ପରିଚୟ ଗଳ୍ପଟିର ମୂଳରୁ ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ତେଣୁ ଘିନୁଆ ଶେଷ ପର୍ଯ୍ୟନ୍ତ ଜନପଦବାସୀର ଜଟିଳ ଜୀବନଯାତ୍ରା ପଦ୍ଧତିକୁ ବୁଝିପାରିନାହିଁ । ଏଥିରେ ଗୋବିନ୍ଦ ସରଦାର ଓ ବ୍ରିଟିଶ ଡେପୁଟି କମିଶନର, ଜଜ୍ ସାହେବ, ସରକାରୀ ଓକିଲ, ଡେପୁଟି କମିଶନରଙ୍କ ଅର୍ଦ୍ଦଲୀ ଆଦି ଜନପଦର ପ୍ରତିନିଧିତ୍ୱ କରିଛନ୍ତି । ସବୁବେଳେ ମଟର ଚଢୁଥିବା ଓ ହାତରେ ବନ୍ଧୁକ ଧରୁଥିବା ଅର୍ଥାତ୍ ଜନପଦର ଶକ୍ତିଶାଳୀ ନେତୃବର୍ଗଙ୍କ ମଧ୍ୟରୁ ଜଣେ ଗୋବିନ୍ଦ ସରଦାର ଜଙ୍ଗଲରେ ଅନୁପ୍ରବେଶ କରି ଜଙ୍ଗଲବାସୀଙ୍କ ଉପରେ ତାର ଅଧିକାର ସାବ୍ୟସ୍ତ କରିବା ଓ ଜଙ୍ଗଲବାସୀର ନାରୀକୁ ତାର ଭୋଗ୍ୟା ମନେକରିବା କାର୍ଯ୍ୟର ପ୍ରତିରୋଧ କରିବା ତ ଜଙ୍ଗଲବାସୀର ସ୍ୱାଭାବିକ କାର୍ଯ୍ୟ, ତାହାର ଧର୍ମ । 'ବନଚର' ଜାରା ଦିନେ ଯାହା କରିଥିଲା ବୋଲି ଏକଲବ୍ୟ ଉପାଖ୍ୟାନରେ ସାରଳା ଦାସ ଦେଖାଇଛନ୍ତି ଭଗବତୀଚରଣଙ୍କ ଗଳ୍ପରେ 'ବଣୁଆ' ଘିନୁଆ ଠିକ ତାହା ହିଁ କରିଛି । ପରିଣତି ଭିନ୍ନ ହୋଇଥିଲେ ମଧ୍ୟ ଉପାଖ୍ୟାନ ଓ ଗଳ୍ପ ତଥା ଜାରା ଓ ଘିନୁଆ ଚରିତ୍ର ମଧ୍ୟରେ ସାମଞ୍ଜସ୍ୟ ସହଜରେ ଦୃଷ୍ଟି ଆକର୍ଷଣ କରେ । ଜଟିଳ "ଆଇନର ସୂକ୍ଷ୍ମଜାଲ ଭିତରେ" ପଶିଥିବା ଜନପଦବାସୀର ଆଇନ ଓ ବିଚାରଠାରୁ ସରଳ ଜଙ୍ଗଲବାସୀର ଆଇନ ଓ ବିଚାର କିପରି ସ୍ୱତନ୍ତ୍ର ତାହାକୁ ଏ ଗଳ୍ପରେ ଅତି ସ୍ୱଷ୍ଟ ଭାବରେ ବ୍ୟକ୍ତ କରାଯାଇଛି । ଜଙ୍ଗଲବାସୀର ଆଇନ ଓ ବିଚାରରେ (ଯାହାକୁ Natural Justice ବା ପ୍ରାକୃତିକ ନ୍ୟାୟବିଚାର ବୋଲି ଅଭିହିତ କରାଯାଇପାରେ) ଯେଉଁ କାର୍ଯ୍ୟର ପ୍ରାପ୍ୟ ପୁରସ୍କାର ବା ବକ୍ସିସ୍, ଜନପଦବାସୀର ଆଇନ ଓ ବିଚାରରେ ଠିକ୍ ସେଇ କାର୍ଯ୍ୟର ପ୍ରାପ୍ୟ ପ୍ରାଣଦଣ୍ଡ । ତେଣୁ ସେଇ ତଥାକଥିତ 'ବିଚାର' ଅଥବା ସେଇ 'ବିଚାରର ପ୍ରହସନ' ଭିତରେ ତ ଏଇ କ୍ଷୁଦ୍ରଗଳ୍ପର ସନ୍ଦେଶ ବା ବକ୍ତବ୍ୟ ଗର୍ଭିତ ହୋଇଛି; ଆଉ ତା ହେଉଛି ଜଙ୍ଗଲବାସୀକୁ ସାମାଜିକ ନ୍ୟାୟ ମିଳୁନାହିଁ ।

(୩.ଗ). ସାମ୍ପ୍ରତିକ କାଳରେ ବହୁ ପରିଚିତ, ବହୁ ଚର୍ଚ୍ଚିତ ଓ ଏପରି କି ଚଉଠ ଶତାବ୍ଦୀ ପୂର୍ବେ ଇଂରାଜୀରେ ଅନୁଦିତ ହୋଇ ବିଦେଶରେ ପ୍ରକାଶିତ ଓ ପ୍ରସାରିତ, ଗୋପୀନାଥ ମହାନ୍ତିଙ୍କ 'ପରଜା' ଉପନ୍ୟାସରେ ମଧ୍ୟ ରହିଛି ଜଙ୍ଗଲ-ଜନପଦ ମଧ୍ୟରେ ସଂଘାତ ଓ ସଂଘର୍ଷର ବିସ୍ତୀର୍ଣ୍ଣ ପୃଷ୍ଠଭୂମି ସମ୍ବଳିତ, ବହୁ ଦିଗ ସମନ୍ୱିତ ଓ ବହୁ ବର୍ଣ୍ଣବିଭାରେ

Digitized by srujanika@gmail.com

ବିଭାସିତ ଚିତ୍ର । ('ପରଜା'ର ଲେଖା ସମାପ୍ତ ହୁଏ ୧୯୪୩ରେ ଓ ତାହା ପ୍ରଥମ ଥରପାଇଁ ପ୍ରକାଶିତ ହୁଏ ୧୯୪୫ରେ।) ଏଠାରେ ସ୍ମରଣ ରଖିବାପାଇଁ ହେବ ଯେ ଏଇ ଚିତ୍ର ଯେଉଁ ସମୟରେ ପରିକଳ୍ପିତ - ଅର୍ଥାତ୍ ବିଂଶ ଶତକର ମଧ୍ୟଭାଗରେ - ତାର ଠିକ ପାଞ୍ଚ ଶହ ବର୍ଷ ପୂର୍ବେ - ଅର୍ଥାତ୍ ପଞ୍ଚଦଶ ଶତକର ମଧ୍ୟଭାଗରେ - ସାରଳା ଦାସଙ୍କ ସମୟରେ ଏକଲବ୍ୟ ଉପାଖ୍ୟାନଟି ପରିକଳ୍ପିତ । ଦୁଇଟି ଭିନ୍ନ ସମୟର ଛାପ ସେ ଚିତ୍ର ଦୁଇଟିରେ ରହିଯାଇଥିବା ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକ କାରଣ ସମୟର ଏହି ବ୍ୟବଧାନ ମଧ୍ୟରେ କାଳର ପ୍ରବାହରେ ବହୁ ଘଟଣା ଓ ବହୁ ରାଜନୀତିକ-ପ୍ରଶାସନିକ, ସାମାଜିକ-ଆର୍ଥନୀତିକ ପରିବର୍ତ୍ତନ ଘଟିଯାଇଥିଲା । ସାରଳା ଦାସଙ୍କ ସମୟରେ ଜନପଦର ଆକ୍ରମଣରେ ଅପସୃୟମାନ ଜଙ୍ଗଲ ତଥାପି ବହୁ ବିସ୍ତୀର୍ଣ୍ଣ ଥିଲା, ଭାରତରେ, ବିଶେଷ ଭାବରେ ଓଡ଼ିଶାରେ । ସେତେବେଳେ ଜନପଦ ତୁଳନାରେ ଜଙ୍ଗଲର ବ୍ୟାପ୍ତି ବହୁ ଗୁଣରେ ଅଧିକ ଥିଲା ତଥା ଜଙ୍ଗଲ ମଧ୍ୟରେ ଜନପଦର ଅନୁପ୍ରବେଶ ଓ ତା ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାର ଶକ୍ତି ଓ ସ୍ୱରୂପ ବା କୌଶଳ (strategy) ମଧ୍ୟ ସୀମିତ ଥିଲା । ତା ପୁଣି ସର୍ବଦା ସମ୍ପୂର୍ଣ୍ଣ ଭାବରେ ସାମୟିକ ହୋଇନଥିଲେ ବି ପ୍ରାୟ ସାମୟିକ ବୋଲି ହିଁ ମନେହେଉଥିଲା । କିନ୍ତୁ ପାଞ୍ଚ ଶହ ବର୍ଷ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଯାଇଥିଲା । ରାଜନୀତିକ-ପ୍ରଶାସନିକ କର୍ତ୍ତବ୍ୟ ସମ୍ପାଦନ ତଥା ଜଙ୍ଗଲବାସୀର ମଙ୍ଗଳ ସାଧନ ଦ୍ୱାହୀରେ ଜନପଦବାସୀର ଆନୁଷ୍ଠାନିକ ଭାବରେ ଜଙ୍ଗଲରେ ଅନୁପ୍ରବେଶ ତଥା ତାହା ଉପରେ ଅଧିକାର ଓ ଆଧିପତ୍ୟ ବିସ୍ତାରର ଉଦ୍ୟମ ଫଳରେ ଜଙ୍ଗଲ ଆସନ୍ନ-ବିଲୟର ଆଶଙ୍କାରେ ତଥାପି ମଳିନ ପଡ଼ିନଥିଲେ ମଧ୍ୟ, ଜନପଦବାସୀର ଅନ୍ତହୀନ କ୍ଷୁଧା ଓ ଶେଷହୀନ ଶୋଷର ରାହୁଗ୍ରାସରେ ତାହା ତଥାପି ସମ୍ପୂର୍ଣ୍ଣ ଭାବରେ କବଳିତ ହୋଇନଥିଲେ ମଧ୍ୟ ତାର ପୂର୍ବସୂଚନା, ତାର ସତର୍କ ଓ ଅସ୍ପଷ୍ଟ ପଦପାତର ଅନୁରଣନ ଅନ୍ୟମାନଙ୍କର ନ ହେଲେ ବି ଦିବ୍ୟଦ୍ରଷ୍ଟା ସାହିତ୍ୟ ସ୍ରଷ୍ଟାଙ୍କ ଦୃଷ୍ଟି ଓ ଶ୍ରୁତିଗୋଚର ହେଉଥିଲା । ଜନପଦବାସୀଙ୍କ ପ୍ରଭାବର କୃଷ୍ଣଛାୟା ତଳେ - ତାହା ରାଜନୀତିକ ବା ପ୍ରଶାସନଗତ, ଶିକ୍ଷାଗତ, ଆର୍ଥନୀତିକ ଓ ଧର୍ମଗତ ଯାହାହିଁ ହେଉ ନା କାହିଁକି - ବର୍ତ୍ତମାନ ବହୁ ଜଙ୍ଗଲବାସୀଙ୍କର ଅଧୋପତନ ଘଟିସାରିଥିଲା ବା ସେମାନଙ୍କ ମଧ୍ୟରୁ ଅନେକ ଜଙ୍ଗଲବାସୀର ଆଦିମ ମୂଲ୍ୟବୋଧରୁ ବିଚ୍ୟୁତ ହୋଇପଡ଼ିଥିଲେ । ଜନପଦବାସୀର ଅନ୍ତହୀନ କ୍ଷୁଧା ଓ ଶେଷହୀନ ଶୋଷ ଗୋଟାଏ ଡିଆଁରୋଗ ପରି ତା ସଂସ୍ପର୍ଶରେ ଆସୁଥିବା ଜଙ୍ଗଲବାସୀଙ୍କ ମଧ୍ୟରୁ କେତେକଙ୍କୁ ଆକ୍ରାନ୍ତ କରିବାରେ ବିସ୍ମିତ ହେବାର କିଛି ନଥିଲା । ସେ ବିଚ୍ୟୁତି ପୁଣି ସମସ୍ତଙ୍କ ପକ୍ଷରେ

Digitized by srujanika@gmail.com

ସମାନ ପରିମାଣର ନ ଥିଲା; ବିଚ୍ୟୁତିର ମାତ୍ରା ଓ ଅନୁପାତକୁ ନେଇ ସ୍ତରବିଭାଗ ଥିବାରୁ ସେମାନେ ବହୁଧା ବିଭକ୍ତ ହୋଇପଡ଼ିଥିଲେ । ଜଙ୍ଗଲବାସୀଙ୍କ ଆଦିମ ମୂଲ୍ୟବୋଧକୁ ଯେଉଁମାନେ ଜାବୁଡ଼ି ଧରିଥିଲେ ସେମାନଙ୍କ ସଂଖ୍ୟା କେବଳ ସୀମିତ ନ ଥିଲା, ତା କ୍ରମଶଃ ହ୍ରାସ ପାଇବାରେ ହିଁ ଲାଗିଥିଲା ।

ଶହ ଶହ ବର୍ଷ ଧରି ଜଙ୍ଗଲବାସୀ ଜୀବିକା ଅର୍ଜନପାଇଁ ବା ଆନନ୍ଦଉତ୍ସବ କରିବାପାଇଁ ଯାହା ସବୁ କରିଆସୁଥିଲା ଯଥା, ଜଙ୍ଗଲରେ ଗୋରୁ ଚରେଇବା, ଜଙ୍ଗଲରୁ ମହୁ ସଂଗ୍ରହ କରିବା, ଅପନ୍ତରା ଅନାବାଦି ଜମିକୁ ଚାଷ କରିବା, କାଠ କାଟି ଜଙ୍ଗଲରୁ ଜାଳ ସଂଗ୍ରହ କରିବା, ପୋଡୁ ଚାଷ କରିବା, ମଦ ରାନ୍ଧିବା ଆଦି ସେ ସବୁକୁ ଜଙ୍ଗଲରେ ଅନୁପ୍ରବେଶ କରିଥିବା ଜନପଦବାସୀ ଜଙ୍ଗଲବାସୀର ଉପକାର କରିବାର ଦ୍ୱାହୀଦେଇ ବେଆଇନ ବୋଲି ଘୋଷଣା କଲା ଓ ପୁଣି ସେ ଆଇନକୁ କାର୍ଯ୍ୟକାରୀ କରିବାପାଇଁ ଯେଉଁମାନଙ୍କୁ ଦାୟିତ୍ୱ ଦେଲା ସେମାନେ ଓ ସେପରି ବେଆଇନ୍ କାମ କଲେ ଯେଉଁ ସବୁ ଦଣ୍ଡର ବ୍ୟବସ୍ଥା ଖଞ୍ଜିଲା ସେ ସବୁ ଜଙ୍ଗଲବାସୀର କେତେ ଅହିତ ସାଧନ ବା କ୍ଷତି କଲେ ସେ ବିଷୟରେ ଟିକିଏ ବି ଭାବିଲା ନାହିଁ । କାରଣ ପ୍ରକୃତରେ ଜନପଦବାସୀ ଏ ସବୁ ତ କରୁଥିଲା କେବଳ ନିଜର ଅନ୍ତହୀନ କ୍ଷୁଧା ଓ ଶେଷହୀନ ଶୋଷର ନିରାକରଣ ଉଦ୍ଦେଶ୍ୟରେ । ସେହିପରି ଜଙ୍ଗଲବାସୀର ସୁବିଧା କରିବାର ଦ୍ୱାହୀରେ କିନ୍ତୁ ପ୍ରକୃତରେ ଜଙ୍ଗଲ ଓ ଜଙ୍ଗଲବାସୀକୁ ନିୟନ୍ତ୍ରଣାଧୀନ କରିରଖିବାପାଇଁ ତଥା ନିଜ ଗମନାଗମନର ସୁବିଧା ଉଦ୍ଦେଶ୍ୟରେ ଜଙ୍ଗଲ ମଧ୍ୟରେ ଯେଉଁ ରାସ୍ତା-ନିର୍ମାଣ (Road ବା ରୋଟ୍ ପାଇଟି) ଯୋଜନା ସେ କଲା ସେଥିରେ ଜଙ୍ଗଲବାସୀଙ୍କ ସ୍ୱାଭିମାନ, ପ୍ରଥା, ମୂଲ୍ୟବୋଧ ଓ ନାରୀର ଇଜ୍ଜତକୁ ବଳିପକାଇଦେବାକୁ ସେ ତ କୁଣ୍ଠିତ ବି ହେଲା ନାହିଁ । ଏ ସବୁ ଅତି ବିସ୍ତାରିତ ଓ ସ୍ପଷ୍ଟ ଭାବରେ ବ୍ୟକ୍ତ କରାଯାଇଛି 'ପରଜା'ରେ ।

ଜନପଦର ଜଣେ ପ୍ରତିନିଧି ବଣ ଗାରଡ଼ (Forest Guard) ବା ଜଙ୍ଗଲ ଜମାନ ବନ୍ଧୁକ ଧରି ଶିକାରୀ ବେଶରେ ଜଙ୍ଗଲରେ ଅନୁପ୍ରବେଶ କରି ଏକ ପାଣି ଘାଟରେ ସ୍ନାନରତା ଜଙ୍ଗଲବାସୀ ନାରୀ ଜିଲିକୁ ଦେଖି ତାର ରୂପ ଲାବଣ୍ୟରେ କାମାତୁର ହୋଇପଡ଼ିଥିବାର ଚିତ୍ର ସେ ଦିନ ପରଜା ଉପନ୍ୟାସର ପ୍ରାରମ୍ଭରେ ଆଙ୍କିଥିଲେ ଗୋପୀନାଥ (ପରଜା, ପୃ.୫), ଠିକ୍ ଯେପରି ପାଞ୍ଚ ଶହ ବର୍ଷ ପୂର୍ବେ ଜଙ୍ଗଲରେ ଅନୁପ୍ରବେଶ କରି ଶିକାରକୁ ପ୍ରତୀକ୍ଷା କରିଥିବା ଧନୁଶରଧାରୀ ଦୁଃଶାସନ ଓ ତାଙ୍କ କୌରବ ଭ୍ରାତାବୃନ୍ଦ ଏକ ପାଣି ଘାଟରେ ଜାରାଙ୍କ ପତ୍ନୀ ଶିରିୟାଙ୍କୁ ଦେଖି ତାଙ୍କର ରୂପଲାବଣ୍ୟରେ କାମାତୁର ହୋଇପଡ଼ିଥିବା ଚିତ୍ରର ପରିକଳ୍ପନା କରିଥିଲେ ସାରଳା ଦାସ । ଅବଶ୍ୟ ଏକଲବ୍ୟ

Digitized by srujanika@gmail.com

ଉପାଖ୍ୟାନର ଶିକାର ବ୍ୟପଦେଶରେ ଜଙ୍ଗଲରେ ଅନୁପ୍ରବେଶ କରିଥିବା ଦୁଃଶାସନ ଆଦି କୌରବ ଭ୍ରାତାବୃନ୍ଦଙ୍କ ପରି ଶିକାରୀ ବେଶରେ ଜଙ୍ଗଲରେ ଅନୁପ୍ରବେଶ କରିଥିବା କେବଳ ଜଙ୍ଗଲ ଜମାନ ନୁହେଁ, ପରେ ସ୍ଥାନକାଳ ଭେଦରେ ରୋଟ୍ ଗୁମାସ୍ତା ଓ ସାହୁକାର ଆଦି ବିଭିନ୍ନ ରୂପ ଧାରଣ କରି ଜଙ୍ଗଲରେ ଅନୁପ୍ରବେଶ କରିଛନ୍ତି 'ପରଜା'ରେ । ଚିତ୍ର ଆଙ୍କିବାରେ ଦୀର୍ଘ ପାଞ୍ଚ ଶହ ବର୍ଷର ବ୍ୟବଧାନ ହେତୁ ଓ ସେ ମଧ୍ୟରେ ଉପରେ ସୂଚିତ ପରିବର୍ତ୍ତନ ହୋଇସାରିଥିବାରୁ ତଥା ଉଭୟ ଭିନ୍ନ ବର୍ଗର ସାହିତ୍ୟକୃତି ହୋଇଥିବାରୁ ଏକଲବ୍ୟ ଉପାଖ୍ୟାନଠାରୁ 'ପରଜା'ରେ ବିବରଣୀ ପ୍ରଦାନର କୌଶଳ (technique of narration) ତ ଭିନ୍ନ ହୋଇଛି; ପୁଣି କଥାବସ୍ତୁର ପରିଣତି ମଧ୍ୟ ଭିନ୍ନ ମୋଡ଼ ନେଇଛି । ସେହିପରି କ୍ଷୁଦ୍ର 'ଶିକାର' ଗଳ୍ପରେ ଯାହା ସଂକ୍ଷେପରେ ଓ ବ୍ୟଞ୍ଜନା ମାଧ୍ୟମରେ ବ୍ୟକ୍ତ ତାହାକୁ ବିସ୍ତାରିତ ଭାବରେ ଓ ନିଖୁଣ ବର୍ଣ୍ଣନା ମାଧ୍ୟମରେ ପ୍ରକାଶ କରିବାପାଇଁ ସୁଯୋଗ ଦେଇଛି ବିଶାଳକାୟ 'ପରଜା' ଉପନ୍ୟାସ । ସମସ୍ତ ପାର୍ଥକ୍ୟ ସତ୍ତ୍ୱେ 'ଶିକାର'ର ମଟର ଚଢୁଥିବା ଗୋବିନ୍ଦ ସରଦାର ତ ଘୋଡ଼ା ଚଢୁଥିବା ରାମଚନ୍ଦ୍ର ସାହୁକାରର ବେଶରେ ଆବିର୍ଭୂତ ହୋଇଛି 'ପରଜା' ଉପନ୍ୟାସରେ ଓ ସେହିପରି 'ଶିକାର'ର ଘିନୁଆ ତ ପରିଣତ ହୋଇଯାଇଛି 'ପରଜା'ରେ ସୁକ୍ରୁ, ମାଣ୍ଡିଆ ଓ ଟିକ୍ରା ଏଇ ତ୍ରିମୂର୍ତ୍ତିରେ ।

ଜନପଦର ପ୍ରତିନିଧି ଓ ବନ୍ଧୁକଧରି ଶିକାରୀ-ବେଶଧାରୀ ଜଙ୍ଗଲ ଜମାନ ଜଙ୍ଗଲରେ ଅନୁପ୍ରବେଶ କରି ସେ ଦିନ ପାଣି ଘାଟରେ (ସ୍ନାନରତା) ଜଙ୍ଗଲବାସୀ ନାରୀ ଜିଲିକୁ (ଓ ବିଲିକୁ) ଦେଖି (ପରଜା, ପୃ,୫, ୧୭-୧୯) ତାର ରୂପ ଲାବଣ୍ୟରେ ("ଲହୁଣୀ ପରି ନରମ ନରମ ହାତଗୋଡ଼, ପାହାଡ଼ ପରି ଛାତି, ବିଜୁଳି ପରି ଦେହର ରଙ୍ଗ । ପରଜା କୁଳରେ ଏମିତି ତ କାହିଁ ଦେଖି ନାହିଁ ।" ପରଜା, ପୃ.୨୧) କାମାତୁର ହୁଏ । ଏହା ସାରଳା ମହାଭାରତର ଦୁଃଶାସନର ସେଇ ସ୍ୱର୍ବିତ ଉକ୍ତି

"ବନଚର ଲୋକ ହୋଇ କିଂପା ତୋର ଏମନ୍ତ ଘରଣୀ /
ରାଜାର ଅବିଷେକକୁ ଯେ ଯୋଗାଇ ପାଟରାଣୀ //" (ଆଦିପର୍ବ, ପ୍ରଥମ ଖଣ୍ଡ, ୬୮/୨୬, ପୃ.୩୩୩) ପୁଣି ଥରେ ସ୍ମରଣ କରାଇଦିଏ ।

ପରଜା ଉପନ୍ୟାସରେ କଥାବସ୍ତୁର ଆରମ୍ଭ ହୁଏ ଏହିଠାରୁ । ସେଇ ଗୋଟିଏ କ୍ଷୁଦ୍ର ଘଟଣାରୁ ଉପନ୍ୟାସର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ ଘଟିଯାଇଛି, ଯେପରି କ୍ଷୁଦ୍ର ବୀଜରୁ ଜନ୍ମ ନେଇଥିବା ଚାରାଟି ବା ଗଛ କ୍ରମେ ତାର ଶାଖାପ୍ରଶାଖା ମେଲାଇ ଶେଷରେ ବୃହତ ବନସ୍ପତିରେ ପରିଣତ ହୋଇଯାଇଥାଏ । ସେଇ ଗୋଟିଏ କ୍ଷୁଦ୍ର ଘଟଣା ହିଁ ଆମ୍ବଟାକୁଆ ଓ ମାଣ୍ଡିଆ ଜାଉଖାଇ ତଥା କୌପୁନୀ ପିନ୍ଧି ତଥାପି ଆନନ୍ଦରେ କାଳ କଟାଉଥିବା ସୁକ୍ରୁ

Digitized by srujanika@gmail.com

ଜାନି ଓ ତାର ପରିବାର ଉପରେ କୃଷ୍ଣଛାୟାର ସୂତ୍ରପାତ କରେ ଯାହାର ପରିଣତି ଉପନ୍ୟାସର ଶେଷରେ ହିଁ ଦେଖିବାପାଇଁ ମିଳେ । ଜଙ୍ଗଲ ନାରୀକୁ ନିଜର ଭୋଗ୍ୟା ବୋଲି ବିଚାର କରିଥିବା କାମାତୁର ଜମାନର ପ୍ରସ୍ତାବକୁ ଉଭୟ ଜିଲି ଓ ଜିଲିର ପିତା ସୁକ୍ରୁ ଜାନି ପ୍ରତ୍ୟାଖ୍ୟାନ କରିଛନ୍ତି; କରିଛନ୍ତି ଏପରି ପ୍ରସ୍ତାବର ପ୍ରତିବାଦ ଓ ଏପରି କାର୍ଯ୍ୟର ପ୍ରତିରୋଧ । ନାରୀ ଭୋଗ ଉଦ୍ୟମରେ ବ୍ୟର୍ଥକାମ ଜନପଦବାସୀ ଭାବିଲା ଯେ ସେ ଯେପରି ତାର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ହେଲା । ସେ ପ୍ରତିହିଂସାପରାୟଣ ହୋଇଉଠେ । ଜଙ୍ଗଲବାସୀ ସୁକ୍ରୁ ଓ ତାର ପରିବାରବର୍ଗଙ୍କୁ ଏପରି ପ୍ରତ୍ୟାଖ୍ୟାନ, ପ୍ରତିବାଦ ଓ ପ୍ରତିରୋଧ ରୂପକ 'ଅପରାଧ' ପାଇଁ ନିଷ୍ଠୁର ଜନପଦବାସୀର ମିଥ୍ୟାଚାର ଓ 'ଆଇନ' ('ଶିକାର' ଗଳ୍ପର "ଆଇନର ସୂକ୍ଷ୍ମଜାଲ ଭିତରେ" ଅଭିବ୍ୟକ୍ତି ଏଠାରେ ସ୍ମରଣୀୟ) ରୂପକ ଯୂପକାଠରେ ଯେପରି ବଳି ପକାଇଦିଆଗଲା । ଏପରି ପ୍ରତ୍ୟାଖ୍ୟାନ, ପ୍ରତିବାଦ ଓ ପ୍ରତିରୋଧ ରୂପକ 'ଅପରାଧ' ବା 'ପାପ' କରିଥିବାରୁ ପ୍ରତିହିଂସାପରାୟଣ ଜମାନର ମିଥ୍ୟାଚାର ଓ ଷଡ଼ଯନ୍ତ୍ରର ଜାଲରେ ଛନ୍ଦି ହୋଇ ଶେଷରେ ସୁକ୍ରୁ ଓ ଟିକ୍ରା ବାପପୁଅ ଦୁଇଜଣଙ୍କୁ ଶୁଣ୍ଢି ସାହୁକାର ରାମ ବିଶେଇର ଗୋତି ହୋଇ ରହିବାକୁ ପଡ଼ିଲା । ସେହି ପ୍ରତ୍ୟାଖ୍ୟାନ, ପ୍ରତିବାଦ ଓ ପ୍ରତିରୋଧ ରୂପକ 'ପାପ' ଶେଷକୁ ଲେଲିହାନ ଅଗ୍ନିଶିଖାରେ ପରିଣତ ହୋଇଛି ଓ ସୁକ୍ରୁ ଓ ତାର ପରିବାରର ଅଧିକାଂଶ ସେଥିରେ ନିଜକୁ ତିଳ ତିଳ କରି ଜାଳି ପ୍ରାୟଶ୍ଚିତ କରିଛନ୍ତି ।

'ପରଜା'ରେ ଜନପଦବାସୀ ଗାରଡ଼ୁ ବା ଜମାନ କେବଳ ଜଙ୍ଗଲରେ ଅନୁପ୍ରବେଶ କରିଛି ତା ନୁହେଁ, ତା ପରେ ପରେ ଅନୁପ୍ରବେଶ କରିଛନ୍ତି ସାହୁକାର ତଥା ରେବିଣି, ଅମିନ, ରୋଟ୍‌-ଗୁମାସ୍ତା, ସାଲ୍‌ଟୁ ଆଦି ଜନପଦର ବହୁ ପ୍ରତିନିଧି । ସେମାନେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଜଙ୍ଗଲ ଓ ଜଙ୍ଗଲବାସୀଙ୍କ ଉପରେ ଅଧିକାର ଓ ଆଧିପତ୍ୟ ସାବ୍ୟସ୍ତ କରିଛନ୍ତି; ଜଙ୍ଗଲ ଉପରେ କାଳ କାଳ ଧରି ଥିବା ଜଙ୍ଗଲବାସୀର ଅଧିକାରକୁ କଳେ ବଳେ କୌଶଳେ ଛଡ଼ାଇନେଇଛନ୍ତି । ଫଳରେ ସୁକ୍ରୁର ବଡ଼ ପୁଅ ମାଣ୍ଡିଆଜାନିକୁ ବି ମଦରନ୍ଧା ଅପରାଧର ଜୋରିମାନା ଟଙ୍କା ଦେବାପାଇଁ ପୁଣି ସେଇ ରାମ ବିଶେଇର ଗୋତି ହେବାକୁ ପଡ଼ିଛି ।

ଏପରି ନୂତନ ପରିସ୍ଥିତିର ଉଦ୍ଭବ ହେବା ପରେ ଜିଲିର ପ୍ରଣୟୀ ବାଗ୍ଲା ଓ ମାଣ୍ଡିଆର ପ୍ରଣୟିନୀ ଜାକୋଡ଼ି ଉଭୟ ଜିଲି ଓ ମାଣ୍ଡିଆଙ୍କୁ ପ୍ରତାରଣା କରି ପରସ୍ପରକୁ 'ଉଦୁଲିଆ' ବିବାହ କରିଛନ୍ତି । ଏହା ପରିବାରର ସମସ୍ତଙ୍କ ପକ୍ଷରେ କିନ୍ତୁ ବିଶେଷ ଭାବରେ ଜିଲି ଓ ମାଣ୍ଡିଆଙ୍କ ପାଇଁ ଅସହ୍ୟ ମନୋବେଦନାର କାରଣ ହୋଇଛି । ବାପ ଓ ଭାଇମାନେ ଗୋତି ହୋଇ ଦୂରରେ ରହିବାରୁ ନିଃସଙ୍ଗତାବୋଧ ଓ ବ୍ୟର୍ଥପ୍ରଣୟ-

Digitized by srujanika@gmail.com

ଜନିତ ମନୋବେଦନା ସହ କିଛି ପରିମାଣରେ ପେଟର ଭୋକର ଦାଉରେ ଅନ୍ୟ କେତେକ ଜଙ୍ଗଲବାସୀଙ୍କ ପରି ଜିଲି ଓ ତାର ପ୍ରରୋଚନାରେ ବିଲି ମଧ୍ୟ ଯେପରି ସେମାନଙ୍କ ଇଚ୍ଛା ବିରୁଦ୍ଧରେ ରାସ୍ତା ନିର୍ମାଣରେ କୁଲି କାମ କରିବାପାଇଁ ଚାଲିଯାଇଛନ୍ତି, ବାପଭାଇ କାହାକୁ ନ ଜଣାଇ, କାହାର ଅନୁମତି ନ ଲୋଡ଼ି ।

ମୁଖ୍ୟତଃ ତାର ପ୍ରତିକାର ଉଦ୍ଦେଶ୍ୟରେ ତଥା ପରେ ଝିଅମାନଙ୍କ ମୁକ୍ତିର ବାଟ ଫିଟାଇବାପାଇଁ ସୁକୃ ବାଧ୍ୟ ହୋଇ କିଛି ପରିମାଣରେ ନିଜର ଇଚ୍ଛା ବିରୁଦ୍ଧରେ ନିଜର ଜମିକୁ ସାହୁକାର ନିକଟରେ ବନ୍ଧକ ରଖି କେବଳ ନିଜକୁ ଗୋତିତ୍ୱରୁ ମୁକ୍ତି କରିଛି । କାରଣ, "ଏଇ ବେଢ଼ା ଦି'ଖଣ୍ଡ ଆଉ ଚାରିଖଣ୍ଡ ଡିପ ଭୂଇଁ, ଏଇ ଛ'ଖଣ୍ଡି ତା ବୁଢ଼ା ବାପର ପଞ୍ଜରା ହାଡ଼ ବୋଲି ମାଣ୍ଡିଆଜାନି ବୁଝିଥିଲା ତା ସବୁ ସେ ସହିବ, ସହିବ ନାଇଁ ଖାଲି ଏଇ ଛ ଖଣ୍ଡ ଜମି ଛଡ଼ାଇଦେବାକୁ ।" (ପରଜା, ପୃ.୧୯୦) । କିନ୍ତୁ ଝିଅମାନଙ୍କ ପାଇଁ ହା' ହା'କାର କରୁଥିବା ତାର ବ୍ୟାକୁଳ ପିତୃ ହୃଦୟ, "ସକାଳୁ ଉଠି ନିଶ୍ଚୟ କଲା, ଆଜି ହେଲେ ସାହୁକାରକୁ ମଙ୍ଗେଇ ଦେଖିବ ଜମି ବନ୍ଧା ରଖିବାକୁ । ଲୁହାର ଶିକୁଳିରେ ପଞ୍ଜରା ଦି'ଖଣ୍ଡି ତା'ର ସେଇ ଜମି ଦି'ଖଣ୍ଡି ସାଙ୍ଗେ ବନ୍ଧା ହୋଇଛି ସତ, କିନ୍ତୁ ଜିଲି ବିଲି କୁଲି କରି ଗଲେ ପାଦର ଆଘାତରେ ସେଇ ବନ୍ଧନ ଛିଣ୍ଡେଇଦେଇ ।" (ପରଜା, ପୃ.୨୧୭) । ତେଣୁ ସେ ସାହୁକାର ନିକଟରେ ତାର ସେଇ ଜମି, ତାର ସେଇ ପଞ୍ଜରା ହାଡ଼ ଦି'ଖଣ୍ଡ ବନ୍ଧକ ଦେଲା । ସର୍ତ୍ତ ରହିଲା, "... ସାହୁକାର ଜମି ଖାଇ ରଜା ଘରେ ଶିସ୍ତୁ ବାନ୍ଧିବ । ଯେଉଁଦିନ ଏକକାଳୀନ ଗୋଟାଏ ଗୋତିର ପଚିଶ ଟଙ୍କା ସାହୁକାରକୁ ଶୁଝେଇ ଦିଆଯିବ, ସେହି ଦିନ ସେ ଜମି ଛାଡ଼ିଦେବ । ସର୍ତ୍ତ ଏତିକି ।" (ପରଜା, ପୃ.୨୪୭) । ତାର ସାକ୍ଷୀ ମଧ୍ୟ ଥିଲେ, "ଉପରେ ଧର୍ମ, ତଳେ ବସୁମତୀ ଓ ପାଖରେ ଗୋତି ଦଶ ପାଞ୍ଚ ଜଣ" (ପରଜା, ପୃ.୨୪୭) । ଜଙ୍ଗଲବାସୀର ଏକମାତ୍ର ଆଇନ୍ ଥିଲା ଧର୍ମ ।

ଜଙ୍ଗଲ ଉପରେ ଅଧିକାର ଓ ଆଧିପତ୍ୟ ବିସ୍ତାର କରିଥିବା ଜନପଦର ସେଇ ପ୍ରତିନିଧିବର୍ଗ ଜଙ୍ଗଲବାସୀର ନାରୀକୁ ମଧ୍ୟ କେବଳ ତାଙ୍କର ଭୋଗ୍ୟା ବୋଲି ହିଁ ବିଚାର କରିଛନ୍ତି । ରୋଟ୍ ପାଇଟି କରୁଥିବା ଜିଲି ଓ ବିଲିଙ୍କୁ ମନର ଭୋକ ତଥା କିଛି ପରିମାଣରେ ଦେହର ଭୋକ ମଧ୍ୟ ଟାଣିନେଇଛି ଜନପଦର ନାରୀଦେହଲୋଲୁପ ପ୍ରତିନିଧିର, ରାସ୍ତା (ରୋଟ୍) ଗୁମାସ୍ତାର, ବ୍ୟାଦିତ ମୁଖ ଗହ୍ୱର ଭିତରକୁ । ସାହୁକାରର ଗୋତିତ୍ୱରୁ ମୁକ୍ତି ଲାଭ କରି ସୁକୃ ଜଣେ ବୀର ପୁରୁଷ ପରି ଜିଲିକୁ (ଓ ବିଲିକୁ) ପୁଣି ଥରେ ନାରୀଦେହଲୋଲୁପ ଜନପଦବାସୀର ସେଇ ବ୍ୟାଦିତ ମୁଖ ଗହ୍ୱର ମଧ୍ୟରୁ ଅତୁଳ ବିକ୍ରମରେ ଟାଣି ବାହାର କରିଆଣିଛି । ଝିଅମାନଙ୍କ ପାଇଁ ତାର ତ୍ୟାଗର ତ ପଟାନ୍ତର ନାହିଁ ।

Digitized by srujanika@gmail.com

ପରେ କିନ୍ତୁ ରାମ ବିଶେଇର କରାଳ ଗ୍ରାସରୁ ଜିଲିକୁ ରକ୍ଷା କରିବା ତା ପକ୍ଷରେ ସମ୍ଭବ ହୋଇପାରିନାହିଁ । କେବଳ ସେତିକି ନୁହଁ, ସୁକ୍ରୁ ସୁଧ ସହ ଟଙ୍କା ଫେରସ୍ତ ଦେଇ ସର୍ତ୍ତ ପୂରଣ କଲେ ବି ସାହୁକାର ଚଞ୍ଚକତା କରି ଜମି ହଡ଼ପ କରିନେଇଛି । ଆଇନ ମଧ୍ୟ ସୁକ୍ରୁର ସହାୟତା କରିପାରିନାହିଁ, କାରଣ ଜନପଦବାସୀ ତ ଆଇନ୍ ତିଆରି କରିଛି ଅଧିକରୁ ଅଧିକ ତାର ଅନ୍ତହୀନ କ୍ଷୁଧା ଓ ଶେଷହୀନ ଶୋଷର ନିରାକରଣ ଉଦ୍ଦେଶ୍ୟରେ । ଶେଷରେ ସୁକ୍ରୁର ଝିଅ ଜିଲି ତ ଗଲା, ଜମି ବି ଗଲା ।

ଜିଲି ତ ଯାଇଥିଲା । ଜମିକୁ ଅନ୍ତତଃ ଫେରାଇ ଦେବାପାଇଁ, ସୁକ୍ରୁ, ମାଣ୍ଡିଆ ଓ ଟିକ୍ରା, ବାପପୁଅ ତିନି ଜଣ ସାହୁକାରର ଖମାର ଘରକୁ ଯାଇ କାକୁତିମିନତି ହୋଇ ତାକୁ ଯେତେବେଳେ ଅନୁରୋଧ କରିଛନ୍ତି, ସେତେବେଳେ ତାର ପଦାଘାତରେ ବୁଢ଼ା ସୁକ୍ରୁ ଓଲଟିପଡ଼ିଛି । ସେତିକି ବେଳେ ସାହୁକାରର ଘରୁ ହଠାତ୍ ଜିଲି ବାହାରି ଆସିବାର ଦେଖି ବିସ୍ମିତ ଓ/ବା ବ୍ୟଥିତ ସୁକ୍ରୁ ପାଟି କରିଛି, 'ଜିଲି' ବୋଲି ଓ ମାଣ୍ଡିଆ ଓ ଟିକ୍ରା ମଧ୍ୟ ଚିର୍ଚ୍ଚିରେଇ ଉଠିଛନ୍ତି 'ଜିଲି' କହି । ଆଉ ସାହୁକାର ଆସ୍ଫାଳନ କରି ହାଙ୍କିଛି, "ହଁ ଜିଲି, ଆଉ ଗୋଟାଏ ବିଲି ଅଛି ପରା ? ତାକୁ ବି ଆଣି ମତେ ଦେଇ ଯାଅ । ଜମି ନେଲି, ଗୋଟାଏ ଭଉଣୀକି ନେଲି, ଆହୁରି ଗୋଟାଏ ଭଉଣୀକି ବି ନେବି, ଆଉ ଯେତେ ଯେତେ ବିଭା ହେବ ସମସ୍ତିଙ୍କି ନେବି, ଦାବା ଦରବାର ଲଗେଇ ଦେଇ କୋର୍ଟରୁ କୋର୍ଟ ରାଜ୍ୟଯାକ ବୁଲେଇବି, ଗୋଡି ଖଟେଇ ଖଟେଇ ଜୀବନଯାକ ନାକକୁ ତଳେ ଘୋଷାରୁଥିବି, ତେବେ ଯାଇ ମୋର ନାଁ ରାମଚନ୍ଦ୍ର ସାହୁକାର ।" (ପରଜା, ପୃ.୪୪୪) ।

ଏ ଆସ୍ଫାଳନ ଫଳରେ କିନ୍ତୁ ବିତ୍ତହୀନ, ଶିକ୍ଷାଦୀକ୍ଷାହୀନ, ଖଳବୁଦ୍ଧିହୀନ, ନିରୀହ ଓ ଉଦାର ଜଙ୍ଗଲବାସୀର ଚେତନା, ସୁପ୍ତ ସ୍ୱାଭିମାନ ଓ ଆହତ ପୌରୁଷ ଜାଗ୍ରତ ହୋଇଛି; ପ୍ରତିବାଦର ସ୍ୱର ଗର୍ଜି ଉଠି, "ଅଧର୍ମ କରି ଭୂମି ନେଲୁ ସିନା ସାହୁକାର, ଭୋଗ କରି ପାରିବୁ ନାହିଁ, ଭୋଗ କରିପାରିବୁ ନାହିଁ ।" (ପରଜା, ପୃ.୪୪୫) ଶେଷରେ ପ୍ରତିରୋଧରେ ପରିଣତ ହୋଇଯାଇଛି ମାଣ୍ଡିଆ ଓ ତାର ବାପ ଭାଇଙ୍କ ଟାଙ୍ଗିଆ ଚୋଟ ମଧ୍ୟରେ । ସାହୁକାର ଟଳିପଡ଼ିଛି, ଠିକ୍ ଜାରାଙ୍କ ଅବ୍ୟର୍ଥ ଶରସନ୍ଧାନରେ ଦୁଃଶାସନ ଆଦି ଶରାହତ କୌରବ ଭ୍ରାତୃବୃନ୍ଦ ସେ ଦିନ ଯେପରି ଟଳିପଡ଼ିଥିଲେ ।

ତେବେ ସେଦିନ ବିଳମ୍ବିତ ଅପରାହ୍ନରେ ଆପେ ଆପେ (ନିଜେ ନିଜେ) ଲକ୍ଷ୍ମୀପୁର ଥାନାରେ ହାଜର ହୋଇ ସୁକ୍ରୁ, ମାଣ୍ଡିଆ ଓ ଟିକ୍ରା, ବାପ ପୁଅ ତିନି ଜଣ ସ୍ପର୍ଦ୍ଧାର ସହ ଜନପଦର ଆଇନକୁ ହିଁ ଆହ୍ୱାନ କରି କହିଛନ୍ତି, "ଆମେ ମଣିଷ ମାରିଛୁଁ, ଆମକୁ ଯୋଉ ଦଣ୍ଡ ଅଛି ସେହି ଦଣ୍ଡ ଦିଅ ।" (ପରଜା, ପୃ.୪୪୬) । ତାଙ୍କର ଏପରି

Digitized by srujanika@gmail.com

ସ୍ୱର୍ଦ୍ଧିତ ଉକ୍ତି ସେ ଦିନ ଜନପଦର ଆଇନ୍‌କୁ (ସେମାନଙ୍କ ଦୃଷ୍ଟିରେ ଅଧର୍ମକୁ) ଉପହାସ ହିଁ କରିଥିଲା । କାରଣ ସେ ଦିନ ତ ସେମାନେ ମାନିଥିଲେ ଜନପଦବାସୀର ଆଇନ୍‌କୁ ନୁହେଁ, ଜଙ୍ଗଲବାସୀର ଆଇନ୍‌କୁ, ଧର୍ମକୁ । କାରଣ ଜଙ୍ଗଲବାସୀର ଆଇନରେ ସେମାନେ ତ ଥିଲେ, ନିରପରାଧ, ନିର୍ଦ୍ଦୋଷ (କିନ୍ତୁ ସାହୁକାର ହିଁ ଥିଲା ପ୍ରକୃତ ଦୋଷୀ ଓ ଅପରାଧୀ) । ସେଇଠାରେ ହିଁ ପରଜା ଉପନ୍ୟାସର ଶେଷ ଯବନିକା ପଡ଼ିଛି ।

ତେବେ ସେ ଦିନ ଜଙ୍ଗଲ ଉପରେ ଅଧିକାର ସାବ୍ୟସ୍ତକାମୀ ଜନପଦର ପଦକ୍ଷମତାମଦମତ୍ତଙ୍କ ନିକଟରେ ନିଜର ବିଦ୍ୟାବୁଦ୍ଧିକୁ ପଣ୍ୟ କରିଥିବା ସୁବିଧାବାଦୀ ଗୁରୁ ଦ୍ରୋଣଙ୍କଠାରୁ ତାଙ୍କର ଏକନିଷ୍ଠ ଶିଷ୍ୟ ଜାରା ତ ନ୍ୟାୟବିଚାର ପାଇପାରିନଥିଲା । ତେଣୁ ଜନପଦର ବିଚାରାଳୟରେ ସୁକୃ, ମାଣ୍ଡିଆ ଓ ଟିକ୍ରାଙ୍କପାଇଁ କି ନ୍ୟାୟବିଚାର ହୋଇଥିବ ତା ଔପନ୍ୟାସିକ ଗୋପୀନାଥ ସ୍ପଷ୍ଟ କରି କହିନଥିଲେ ମଧ୍ୟ ତା ଯେ କୌଣସି ଚିନ୍ତାଶୀଳ ପାଠକ ସହଜରେ ଅନୁମାନ କରିପାରେ । ଅର୍ଥାତ୍ ଜଙ୍ଗଲ-ବାସୀଙ୍କୁ ସାମାଜିକ ନ୍ୟାୟ ସାରଳା ଦାସଙ୍କ ସମୟରେ ଯେପରି ମିଳି ନ ଥିଲା ତାର ପାଞ୍ଚ ଶହ ବର୍ଷ ପରେ ମଧ୍ୟ ମିଳିପାରୁ ନାହିଁ । ତାହା ହିଁ ତ 'ପରଜା'ର ମୁଖ୍ୟ ସନ୍ଦେଶ ବା ବକ୍ତବ୍ୟ ।

ଗାଁ ନାଇକ (ମୁଖିଆ)ର ବକ୍ତବ୍ୟ ଥିଲା "ସେ ହେଲା ବଡ଼ ଲୋକ, ଆମେ ସାନ ଲୋକ । .. ... ତା ସାଙ୍ଗେ କଜିଆ କଲେ ସବୁବେଳେ ଜିତିବ ସେ, ହାରିବା ଆମେ । ବଡ଼ ଲୋକ ଯାହା କରିବାର କରିବେ, ଆମେ ସାନ ଲୋକ, ତୁଣ୍ଡ ଫିଟେଇ ପଦେ କହିଦେଲେ ସେଇଟା ଆମକୁ ଦୋଷ ଘଟିଯିବ, କୋଉ ବାଟେ ହେଲେ ଆଉ ଫିଟିବ ନାହିଁ ।" (ପରଜା, ପୃ.୩୬୩) । ଏପରି ଯୁକ୍ତିକୁ ତାର ଜାତିଭାଇମାନେ ଗ୍ରହଣ କଲେ ବି ସୁକୃ ଗ୍ରହଣ କରିପାରିନାହିଁ । ଯେ କୌଣସି ସଫଳ ସାହିତ୍ୟକୃତିର ନାୟକ ପରି ସେ ହୋଇଉଠିଛି ଏକା ଓ ଅନନ୍ୟ ।

ବିତ୍ତହୀନ, ଶିକ୍ଷାଦୀକ୍ଷାହୀନ, ସରଳ ବା ଖଳବୁଦ୍ଧିହୀନ ସୁକୃ ଜାନି ତ ଥିଲା ଜଙ୍ଗଲବାସୀଙ୍କ ଆଦିମ ମୂଲ୍ୟବୋଧକୁ ଜାବୁଡ଼ି ଧରିରଖିଥିବା ଜଣେ ବୀର ପୁରୁଷ । "ଜମି ନାହିଁ, ସାଙ୍ଗକୁ ସାହାଭରସା ନାହିଁ, ଏକୁଟିଆ ବୁଢ଼ା ଲୋକଟିଏ- ନିଦରବୀ, ହୀନବଳ ।" (ପରଜା, ପୃ.୨୪୭) । ସେଇ ହୀନବଳ ବୁଢ଼ା ସୁକୃ ଜାନି ଜନପଦବାସୀର ଅନ୍ତହୀନ କ୍ଷୁଧା, ଶେଷହୀନ ଶୋଷ ଓ ଷଡ଼ଯନ୍ତ୍ରର ଶରବ୍ୟ ହୋଇ ବୀର ପୁରୁଷ ପରି ନିଜର ଧର୍ମ, ନିଜର ନୀତି, ନିଜର ଆଦିମ ମୂଲ୍ୟବୋଧକୁ ଜାବୁଡ଼ି ଧରି ତାର ଦୁଇ ପୁତ୍ରଙ୍କ ହାତ ଧରି ପତନର ଅତଳ ଗହ୍ୱର ମଧ୍ୟକୁ ଦ୍ୱିଧାହୀନ କିନ୍ତୁ ଦୃଢ଼ ପଦକ୍ଷେପରେ

Digitized by srujanika@gmail.com

ଧାପେ ଧାପେ ଓହ୍ଲାଇଯାଉଥିବାର ଚିତ୍ର ଭିତରେ ଯେଉଁ ମହନୀୟ ବର୍ଣ୍ଣବିଭା ଫୁଟିଉଠିଛି ତାହା ପ୍ରକୃତରେ ଅସାଧାରଣ, ତାର ପଟାନ୍ତର ସତରେ ଦୁର୍ଲଭ ।

'ପରଜା'ରେ ଏକ ଦିଗରେ ସୁକ୍ରୁ ଓ ତାର ପରିବାର ଓ ଅନ୍ୟ ଦିଗରେ ଜମାନ, ଗୁମାସ୍ତା, ସାହୁକାର ଆଦିଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ପ୍ରକୃତରେ କୌଣସି ବ୍ୟକ୍ତିଗତ ସଂଘର୍ଷ ନ ଥିଲା, ଥିଲା ଏକ ଦିଗରେ ଜଙ୍ଗଲବାସୀ ଓ ଅନ୍ୟ ଦିଗରେ ଜନପଦବାସୀ ମଧ୍ୟରେ ହୋଇଥିବା ପ୍ରଶାସନିକ, ସାମାଜିକ ଓ ଆର୍ଥନୀତିକ ସଂଘର୍ଷ । ଏ ସଂଘର୍ଷ ତ ହୋଇଥିଲା ପ୍ରଶାସନିକ, ସାମାଜିକ ଓ ଆର୍ଥନୀତିକ କ୍ଷେତ୍ରରେ । ଏ ସଂଘର୍ଷରେ ପ୍ରତ୍ୟେକ କ୍ଷେତ୍ରରେ ଶକ୍ତିଶାଳୀ, 'ମାୟା-ଯୁଦ୍ଧ'ରେ ଅଭ୍ୟସ୍ତ ଓ କୌଶଳୀ ଜନପଦବାସୀ ନିକଟରେ ପରାସ୍ତ ହେବା ତ ସରଳ ଜଙ୍ଗଲବାସୀ ପକ୍ଷରେ ଅବଧାରିତ ଥିଲା । ବହୁ ଜଙ୍ଗଲବାସୀ ଏ ପରାଜୟରେ ଜନପଦବାସୀ ନିକଟରେ ବାଧ୍ୟ ହୋଇ ଆତ୍ମ-ସମର୍ପଣ କରିଥିବାର ଚିତ୍ର ମଧ୍ୟ 'ପରଜା'ରେ ରହିଛି । କିନ୍ତୁ ସୁକ୍ରୁ ଓ ତାର ଦୁଇ ପୁଅ ଏ ପରାଜୟକୁ ଶେଷ ପର୍ଯ୍ୟନ୍ତ ସ୍ୱୀକାର କରିନାହାଁନ୍ତି କି ଜନପଦବାସୀ ନିକଟରେ ପ୍ରଶାସନିକ, ସାମାଜିକ ଓ ଆର୍ଥନୀତିକ କ୍ଷେତ୍ରରେ ଆତ୍ମ-ସମର୍ପଣ କରିନାହାଁନ୍ତି; ପଛଘୁଞ୍ଚା ବି ଦେଇନାହାଁନ୍ତି । ସେମାନେ ତ ଥିଲେ ବୀର । "ବୀର ମାରେ ଅବା ମରେ କରି ରଣ ।" ସେମାନେ କିନ୍ତୁ ଉଭୟ ମାରିଛନ୍ତି ଓ ମରିଛନ୍ତି ।

ଚତୁର୍ଥ ଭାଗ

ସାହିତ୍ୟ ସମାଲୋଚନା ପ୍ରସଙ୍ଗରେ ତୁଳନାମୂଳକ ଅଧ୍ୟୟନର ଉପଯୋଗିତା ଓ ଆବଶ୍ୟକତା ସମ୍ପର୍କରେ ବିଦ୍ୱାନମାନେ ବହୁ ବିଚାର ଆଲୋଚନା କରିଛନ୍ତି । ଏଠାରେ ସେ ସବୁର ପୁନରୁଲ୍ଲେଖ ସମ୍ପୂର୍ଣ୍ଣ ଭାବରେ ଅନାବଶ୍ୟକ । ଏଠାରେ କେବଳ ଏତିକି ଦୋହରାଇବାର କଥା ଯେ ତୁଳନାମୂଳକ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ନିର୍ଦ୍ଦିଷ୍ଟ କାଳ, ଭାଷା ଓ ସାହିତ୍ୟିକ-ବର୍ଗର ଗଣ୍ଡି ଅତିକ୍ରମ କରିବା ମଧ୍ୟ ସ୍ପୃହଣୀୟ ହୋଇପାରେ । ସାରଳା ମହାଭାରତ ସହ ଏକ ଦିଗରେ ସଂସ୍କୃତ ମହାଭାରତ ଓ ଅନ୍ୟଦିଗରେ ଆଧୁନିକ ଓଡ଼ିଆ ସାହିତ୍ୟର ତୁଳନା ଫଳରେ ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନଟି ବହୁ ଅଧିକ ପରିମାଣରେ ଓ ଅଧିକ ଭାବରେ ସ୍ୱଷ୍ଟ ଓ ଅର୍ଥଦ୍ୟୋତକ ହୋଇପାରିଛି । ପୁଣି ସ୍ରୋତମୁଖ ବା ସ୍ରୋତର ଆବିର୍ଭାବ ସ୍ଥାନରେ ସ୍ରୋତସ୍ୱିନୀର ଯେଉଁ ଆକାର ଓ ପ୍ରକାର ତାହା ସ୍ରୋତସ୍ୱିନୀର ଗତିପଥରେ ଥିବା

Digitized by srujanika@gmail.com

ଗିରି-ସଙ୍କଟ ବା ବିସ୍ତୀର୍ଣ୍ଣ ବାଲୁକା-ଶଯ୍ୟାରେ ଭିନ୍ନ ଆକାର ଓ ପ୍ରକାର ଧାରଣ କରିପାରେ । ସେହିପରି ସଂସ୍କୃତ ମହାଭାରତର ଏକଲବ୍ୟ ଉପାଖ୍ୟାନ ଯେଉଁ ସନ୍ଦେଶ ଦିଏ ସାରଳା ମହାଭାରତର ସେଇ ଏକଲବ୍ୟ ଉପାଖ୍ୟାନ ଠିକ୍ ସେହି ସନ୍ଦେଶ ଦିଏ ନାହିଁ, ଭିନ୍ନ ଏକ ସନ୍ଦେଶ ଦିଏ । ଆଉ ଏହି ଭିନ୍ନତା ଉଭୟ ମହାଭାରତର ତୁଳନା ଫଳରେ ହିଁ ଅଧିକ ସ୍ପଷ୍ଟ ଓ ଅବବୋଧଗମ୍ୟ ହୋଇଯାଏ । ଅନ୍ୟ ପକ୍ଷରେ ପୁଣି ସାରଳା ମହାଭାରତର ସେଇ ଏକଲବ୍ୟ ଉପାଖ୍ୟାନ ତଥା ଆଧୁନିକ ଓଡ଼ିଆ ସାହିତ୍ୟର ଗାଥାକବିତା 'ଅର୍ଜୁନ ସିଂହ', କ୍ଷୁଦ୍ରଗଳ୍ପ 'ଶିକାର' ଓ ଉପନ୍ୟାସ 'ପରଜା' ଭିନ୍ନ କାଳର, ଭିନ୍ନ ବର୍ଗର ଓ ଭିନ୍ନ ଘଟଣା ବା କଥାବସ୍ତୁ ତଥା ଭିନ୍ନ ଭିନ୍ନ ଚରିତ୍ର ସମ୍ବଳିତ ସାହିତ୍ୟ କୃତି ହୋଇଥିଲେ ହେଁ, ସେ ଚାରିଗୋଟିଯାକ ଓଡ଼ିଆ ସାହିତ୍ୟ କୃତି ମଧ୍ୟରେ ଅଦ୍ଭୁତ ସଂରଚନାଗତ ସାମଞ୍ଜସ୍ୟ (structural similarity) ରହିଛି, ଯାହା ତାତ୍ପର୍ଯ୍ୟପୂର୍ଣ୍ଣ ଓ ଦୃଷ୍ଟିଆକର୍ଷଣ କରେ । ସେଇ ସଂରଚନାର କେତୋଟି ପ୍ରଧାନ ଅଙ୍ଗ (constituents) ହେଉଛି: (୧) ଶିକାର ବ୍ୟପଦେଶରେ ବା ଶିକାରୀର ବେଶ ଧାରଣ କରିଥିବା କ୍ଷମତାସୀନ ଜନପଦବାସୀ ବା ତାର ପ୍ରତିନିଧି ଜଙ୍ଗଲରେ ଅନୁପ୍ରବେଶ କରି ଜଙ୍ଗଲ ଉପରେ ଅଧିକାର ବିସ୍ତାର ଓ ସାବ୍ୟସ୍ତ କରିବାର ଉଦ୍ୟମ ସହ ଜଙ୍ଗଲବାସୀର ନାରୀକୁ ନିଜର ଅଧିକାରଭୁକ୍ତ ଓ - ନିଜର ଶକ୍ତି ବା ସମ୍ପଦବଳରେ - ଭୋଗ୍ୟା ବୋଲି ବିଚାର କରିବା; (୨) ଜଙ୍ଗଲବାସୀ ତାର ପ୍ରତିବାଦ ଓ ସଶସ୍ତ୍ର ପ୍ରତିରୋଧ କରି ଜନପଦବାସୀକୁ ମୃତ୍ୟୁ ବା ମୃତ୍ୟୁବତ୍ ("ରଜା ସଢ଼ି ମରୁ ପାପ ଲାଗେ", 'ଅର୍ଜୁନ ସିଂହ') ଦଣ୍ଡ ବିଧାନ କରିବା ଓ (୩) ଜଙ୍ଗଲବାସୀମାନଙ୍କର ପ୍ରାଥମିକ ବିଜୟ ସତ୍ତ୍ୱେ ପରିଣତିରେ ଜନପଦବାସୀ ନିକଟରେ ଜଙ୍ଗଲବାସୀର - ପ୍ରତ୍ୟକ୍ଷ ବା ପରୋକ୍ଷରେ - ପରାଜୟର ସୂଚନା (ଯଥା: ଜାରାଙ୍କ ଡାହାଣ ହାତର ବୁଢ଼ା ଆଙ୍ଗୁଳି କଟାଯାଇଛି; ସୁରାକ ଓ କୋହ୍ଲୁମାନଙ୍କର ପରିଣତି ମଧ୍ୟ ଦୁଃଖଦାୟକ ହୋଇଛି; ଘିନୁଆ ଫାଶୀ ଖୁଣ୍ଟରେ ଝୁଲିଛି ଓ ସୁକ୍ରୁ, ମାଣ୍ଡିଆ ଓ ଟିକ୍ରାଙ୍କର ପରିଣତି ଲେଖକ ସ୍ପଷ୍ଟ କରି କହିନଥିଲେ ମଧ୍ୟ ତା ସହଜରେ ଅନୁମାନଗମ୍ୟ) ଭିତରେ ବି ଜଙ୍ଗଲବାସୀ ନାୟକମାନଙ୍କ ମହାନୁଭବତା ଓ ମହନୀୟତା ଅତି ଉଜ୍ଜ୍ୱଳ ବର୍ଣ୍ଣବିଭାରେ ଫୁଟିଉଠିଛି । ହୁଏତ ସେହି କାରଣରୁ ସମସ୍ତ ପାର୍ଥକ୍ୟ ସତ୍ତ୍ୱେ ସେଇ ଚାରିଗୋଟିଯାକ ସାହିତ୍ୟକୃତି ମଧ୍ୟ ପାଖାପାଖି ସେଇ ଏକା ସନ୍ଦେଶ ବହନ କରେ ।

ତେଣୁ ଗାଥାକବିତା 'ଅର୍ଜୁନ ସିଂହ', କ୍ଷୁଦ୍ରଗଳ୍ପ 'ଶିକାର' ଓ ଉପନ୍ୟାସ 'ପରଜା' ସହ ତୁଳନାମୂଳକ ଅନୁଶୀଳନରୁ ପ୍ରତିପାଦିତ ହୁଏ ଯେ ସାରଳା ଦାସଙ୍କ

Digitized by srujanika@gmail.com

ଏକଲବ୍ୟ ଉପାଖ୍ୟାନର ଯେପରି ବ୍ୟାଖ୍ୟା ଉପରେ କରାଯାଇଛି, ତାହା ହିଁ ପ୍ରକୃତ ବ୍ୟାଖ୍ୟା । ଅନ୍ୟ କଥାରେ ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନର ଉପରେ କରାଯାଇଥିବା ବ୍ୟାଖ୍ୟାକୁ 'ଅର୍ଜୁନ ସିଂହ', 'ଶିକାର' ଓ 'ପରଜା'ର କଥାବସ୍ତୁରୁ ପ୍ରତ୍ୟକ୍ଷ ବା ପରୋକ୍ଷ ସମର୍ଥନ ହିଁ ମିଳେ ।

ଏକ ଦିଗରୁ ଦେଖିଲେ ଅବଶ୍ୟ ସେଇ ଗୋଟିଏ ସମସ୍ୟାର ଚିତ୍ର, ବା ଆହୁରି ସ୍ପଷ୍ଟ ଭାଷାରେ କହିଲେ ସେଇ ବହୁ ପୁରାତନ ଜଙ୍ଗଲ-ଜନପଦ ଦ୍ୱନ୍ଦ୍ୱ, ସଂଘର୍ଷ ଓ ସଂଗ୍ରାମର ଚିତ୍ର ବହନ କରି ତଥା ଜଙ୍ଗଲ-ବାସୀଙ୍କୁ ସାମାଜିକ ନ୍ୟାୟ ମିଳୁ ବୋଲି ଦାବି ପରୋକ୍ଷରେ ଉପସ୍ଥାପନ କରି ମଧ୍ୟଯୁଗର ସାରଳା ମହାଭାରତ ଅନ୍ତର୍ଗତ ଏକଲବ୍ୟ ଉପାଖ୍ୟାନ, ସାମ୍ପ୍ରତିକ କାଳର, 'ଅର୍ଜୁନ ସିଂହ' ଗାଥାକବିତା, 'ଶିକାର' ଗଳ୍ପ ଓ 'ପରଜା' ଉପନ୍ୟାସ ଏକ ସରଳ ରେଖାରେ ଅବସ୍ଥିତ । ଏକଲବ୍ୟ ଉପାଖ୍ୟାନର ଏକ ମହାଭାରତୀୟ ବା ପୌରାଣିକ ଭିତ୍ତିଭୂମି ଉପରେ ପରିକଳ୍ପିତ ହୋଇଥିବା ସମୟରେ ଅର୍ଜୁନ ସିଂହ ଗାଥାକବିତାର ଜନଶ୍ରୁତି-ନିର୍ଭର ଭିତ୍ତିଭୂମି ତ ଅଛି ଓ ଏପରି କି ଐତିହାସିକ-ଭିତ୍ତିଭୂମି ଥିବାର ଉଜ୍ଜ୍ୱଳ ସମ୍ଭାବନା ମଧ୍ୟ ରହିଛି । ଯେତେଦୂର ଜଣାଯାଏ 'ଶିକାର'ର ଭିତ୍ତିଭୂମି କାଳ୍ପନିକ । କିନ୍ତୁ 'ପରଜା'ର ଅନ୍ତତଃ କିଛି ପରିମାଣରେ ବାସ୍ତବ-ଭିତ୍ତିଭୂମି ଅଛି ବୋଲି ଲେଖକ ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ'ରୁ ଜଣାଯାଏ (ମିଶ୍ର, ରାଜକିଶୋର, ୨୦୦୭, ପୃ.୨୩-୨୫) । ଏକ ସରଳ ରେଖାରେ ଅବସ୍ଥିତ ଏହି ସାହିତ୍ୟ-କୃତିଗୁଡ଼ିକର ଉତ୍ସମୁଖ ବିଭିନ୍ନ ହୋଇଥିଲେ ହେଁ, ମନେହୁଏ ଯେ ସେଗୁଡ଼ିକରେ ଉପସ୍ଥାପିତ ସମସ୍ୟାଟି ଏକ ପ୍ରକୃତ କିନ୍ତୁ ପୁରାତନ ସମସ୍ୟା ।

ପରିଶେଷରେ କିନ୍ତୁ ମନେହୁଏ ଯେ 'ଅର୍ଜୁନ ସିଂହ' ଓ 'ଶିକାର' ତୁଳନାରେ ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନ ଓ 'ପରଜା' ମଧ୍ୟରେ ପ୍ରଦତ୍ତ ଜଙ୍ଗଲ-ଜନପଦ ଦ୍ୱନ୍ଦ୍ୱ, ସଂଘର୍ଷ ଓ ସଂଗ୍ରାମର ଚିତ୍ର ତୁଳନାତ୍ମକ ଭାବରେ ଅଧିକ ବ୍ୟାପକ ଓ ଅଧିକ ଦିଗ-ସମନ୍ୱିତ, ଅଧିକ ଜଟିଳ ଓ ଅଧିକ ଗଭୀରତା-ସମ୍ପନ୍ନ ଓ ତେଣୁ ଅଧିକ ଅର୍ଥଦ୍ୟୋତକ ତଥା ଅଧିକ କଳାତ୍ମକ ବା କଳା ଦୃଷ୍ଟିରୁ ଅଧିକ ସଫଳ ସାହିତ୍ୟ କୃତି । ଉଦାହରଣରେ ଏକଲବ୍ୟ ଉପାଖ୍ୟାନ ମଧ୍ୟରେ ତ ଅଛି ଯୁଧିଷ୍ଠିର, ଅର୍ଜୁନ, ଭୀମ ଆଦିଙ୍କ ଚରିତ୍ର ଯେଉଁମାନେ ଜଙ୍ଗଲବାସୀଙ୍କ ପ୍ରତି ମୂଳତଃ ସହାନୁଭୂତିଶୀଳ କିନ୍ତୁ ଶକ୍ତିହୀନ ଜନପଦର ଜନସାଧାରଣଙ୍କର ପ୍ରତିନିଧିତ୍ୱ କରନ୍ତି, ଯାହା ଉପରୋକ୍ତ ଦୁଇଟିଯାକ ସାହିତ୍ୟ-କୃତି ଓ ଏପରି କି କିଛି ପରିମାଣରେ 'ପରଜା'ରେ ମଧ୍ୟ ଅନୁପଲବ୍ଧ । ସେହିପରି ଏକଲବ୍ୟ ଉପାଖ୍ୟାନ ମଧ୍ୟରେ ତ ଅଛି ସେହି ସଂଘାତ ଓ ସଂଘର୍ଷରେ ଜନପଦର କ୍ଷମତାସୀନ

Digitized by srujanika@gmail.com

ନେତୃବର୍ଗଙ୍କ ନିକଟରେ ଦ୍ରୋଣଙ୍କ ପରି ବିଦ୍ୟା-ବୁଦ୍ଧିଜୀବୀ ଜନପଦବାସୀମାନଙ୍କର ନିଜର ବିଦ୍ୟା ଓ ବୁଦ୍ଧିକୁ ପଣ୍ୟ କରିଦେଇ ସେମାନଙ୍କ ହାତବାରିସି ହେବାର, ସେମାନଙ୍କର ସହାୟକ ଭୂମିକା ଗ୍ରହଣ କରିବାର ଅର୍ଥାତ୍ ସୁବିଧାବାଦୀ ଓ ନିନ୍ଦନୀୟ ଭୂମିକାରେ ଅବତୀର୍ଣ୍ଣ ହେବାର ଚିତ୍ର ଯାହା 'ଶିକାର' ବା 'ପରଜା'ରେ ବି ଅନୁପଲବ୍ଧ । ଜନପଦବାସୀ ବିଦ୍ୟା-ବୁଦ୍ଧିଜୀବୀମାନଙ୍କ ନିନ୍ଦନୀୟ ଓ ସୁବିଧାବାଦୀ ଭୂମିକା ପ୍ରତି କେବଳ ଏକଲବ୍ୟ ଉପାଖ୍ୟାନ ତଥା ଅର୍ଜୁନ ସିଂହ ଗାଥା-କବିତାରେ (ଶ୍ରୀପତି ଓତା ଚରିତ୍ର ମାଧ୍ୟମରେ) ହିଁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ପୁଣି ଉଭୟ 'ଶିକାର' ଓ 'ପରଜା'ରେ ପ୍ରଦତ୍ତ ଜଙ୍ଗଲ-ଜନପଦ ସଂଘର୍ଷର ଚିତ୍ର ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟକ୍ଷ (direct), ଆବରଣହୀନ ବା ସିଧାସଳଖ । ତୁଳନାତ୍ମକ ଭାବରେ କିନ୍ତୁ ସାରଳା ମହାଭାରତରେ ସମସ୍ୟାଟିର, ଜଙ୍ଗଲ ଓ ଜନପଦ ମଧ୍ୟରେ ସଂଘର୍ଷର ଚିତ୍ର ପରୋକ୍ଷରେ ଓ ବ୍ୟଞ୍ଜନାରେ ହିଁ ଦିଆଯାଇଛି, ରୂପକାତ୍ମକ (allegorical) ଭାବରେ, ଏକ ପୌରାଣିକ ଆଖ୍ୟାନ ମାଧ୍ୟମରେ, ଯାହା ଅଧିକ କଳାତ୍ମକ । ତେଣୁ ସେଥିରେ ଜଙ୍ଗଲ-ବାସୀଙ୍କୁ ସାମାଜିକ ନ୍ୟାୟ ମିଳିବାର ଦାବି ଅଧିକ ମନୋଜ୍ଞ ଓ ଶକ୍ତିଶାଳୀ ଭାବରେ ହିଁ ଉପସ୍ଥାପନ କରାଯାଇପାରିଛି ବୋଲି ମନେହୁଏ ।

ତା ବ୍ୟତୀତ ବିଶାଳ ସଂସ୍କୃତ ମହାଭାରତରେ ମାତ୍ର ତିରିଶଗୋଟି ଶ୍ଳୋକବିଶିଷ୍ଟ କ୍ଷୁଦ୍ରାଦପି କ୍ଷୁଦ୍ର ଏକଲବ୍ୟ ଉପାଖ୍ୟାନକୁ ବିଶେଷ ଭାବରେ ବିସ୍ତାରିତ କରିବାରେ ତଥା ତାହାକୁ ଏକ ନିର୍ଦ୍ଦିଷ୍ଟ ପରିଣତି ଆଡ଼କୁ ଟାଣି ନେବାରେ ସାରଳା ଦାସଙ୍କର ସମ୍ପୂର୍ଣ୍ଣ ସ୍ୱାଧୀନତା ବି ତ ନ ଥିଲା । ତେଣୁ ଆଦିମ ମୂଲ୍ୟବୋଧରୁ ବିଭିନ୍ନ ସ୍ତରରେ ବିଚ୍ୟୁତ ବହୁଧା ବିଭକ୍ତ ଜଙ୍ଗଲବାସୀର ଯେଉଁ ବିସ୍ତାରିତ ପରିଚୟ 'ପରଜା'ରେ ଦିଆଯାଇଛି ତା ମଧ୍ୟ ସ୍ୱାଭାବିକ କାରଣରୁ ସାରଳାଙ୍କ ଏକଲବ୍ୟ ଉପାଖ୍ୟାନ ଦେଇପାରେ ନାହିଁ । ସେହିପରି ଜଙ୍ଗଲରେ ଅନୁପ୍ରବେଶ କରୁଥିବା ଜନପଦର ବିଭିନ୍ନ ବର୍ଗର ପ୍ରତିନିଧିମାନଙ୍କର ପରିଚୟ ସାରଳାଙ୍କ ଏକଲବ୍ୟ ଉପାଖ୍ୟାନରେ ମିଳେ ନାହିଁ, ଯାହା ସ୍ୱାଭାବିକ । ତେବେ ସମସ୍ତ ସୀମାବଦ୍ଧତା ମଧ୍ୟରେ ସାରଳା ଦାସ ମଧ୍ୟ କମ୍ କୃତିତ୍ୱର ଅଧିକାରୀ ନୁହଁନ୍ତି ।

ପୁଣି ଆଧୁନିକ କାଳର ତିନୋଟିଯାକ ସାହିତ୍ୟକୃତିର ପରିଣତିରେ ଜଙ୍ଗଲବାସୀର ସାମୟିକ ବିଜୟ ପରେ ପରାଜୟର ଇଙ୍ଗିତ, ପରାଜୟର ବ୍ୟଞ୍ଜନା ମଧ୍ୟ ରହିଛି । 'ଶିକାର' ଓ 'ପରଜା'ରେ ତାହା ଔପନିବେଶିକ ବ୍ରିଟିଶ ଶାସନ ଓ ବିଚାର-ବ୍ୟବସ୍ଥାର ଅବଶ୍ୟମ୍ଭାବୀ ପରିଣତି ବୋଲି ସୂଚନା ବି ରହିଛି । କିନ୍ତୁ ଟିକିଏ ତଳେଇ

Digitized by srujanika@gmail.com

କରି ଅନୁଧ୍ୟାନ କଲେ ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନରେ ସେ ପରାଜୟ ବିଜୟ ମଧ୍ୟରେ ଯେପରି ଗର୍ଭିତ ହୋଇଯାଇ ଏ ଶେଷ ତିନୋଟି ସାହିତ୍ୟ କୃତି ଅପେକ୍ଷା ଅଧିକ ମନୋଜ୍ଞ ହୋଇପାରିଛି ବୋଲି ମନେହୁଏ ।

ସାମ୍ପ୍ରତିକ କାଳର 'ଅର୍ଜୁନ ସିଂହ', 'ଶିକାର' ଓ 'ପରଜା' ସାହିତ୍ୟ କୃତିଗୁଡ଼ିକ (ଏ ମଧ୍ୟରେ ବିଶେଷ ଭାବରେ ଶେଷ ଦୁଇଟି) ଜଙ୍ଗଲ-ବାସୀଙ୍କପାଇଁ ସହାନୁଭୂତିଶୀଳ ଓ ମାନବିକ ଆବେଦନରେ ସିକ୍ତ ହୋଇ ତ ଆଧୁନିକ ଚେତନାର ବାର୍ତ୍ତାବହ ହୋଇପାରିଛି ଓ ସେଥିପାଇଁ ପ୍ରକାଶ୍ୟ ସ୍ୱୀକୃତି ମଧ୍ୟ ପାଇଛି । କିନ୍ତୁ ଟିକିଏ ତଳେଇକରି ବିଚାର କଲେ ମନେହୁଏ ଯେ ଏ ତିନୋଟି ସାହିତ୍ୟ କୃତିର ପ୍ରାୟ ପାଞ୍ଚ ଶହ ବର୍ଷ ପୂର୍ବେ ରଚିତ ସାରଳା ମହାଭାରତର ଏକଲବ୍ୟ ଉପାଖ୍ୟାନ ଏ ଦୁଇଟି ସାହିତ୍ୟ-କୃତି ଅପେକ୍ଷା ଜଙ୍ଗଲ-ବାସୀଙ୍କପାଇଁ କୌଣସି ଗୁଣରେ କମ୍ ସହାନୁଭୂତିଶୀଳ ଓ ମାନବିକ ଆବେଦନରେ କମ୍ ସିକ୍ତ ନୁହେଁ । ତେଣୁ ସେଥିରେ ତ ଜଙ୍ଗଲ-ବାସୀଙ୍କୁ ସାମାଜିକ ନ୍ୟାୟ ମିଳିବାର ଦାବି ଅଧିକ ଶକ୍ତିଶାଳୀ ଭାବରେ ଉପସ୍ଥାପନ କରାଯାଇପାରିଛି । ତେଣୁ ଆଜିକୁ ପାଞ୍ଚ ଶହ ବର୍ଷରୁ ଅଧିକ କାଳ ପୂର୍ବେ ରାଜନୀତିକ କ୍ଷମତାକେନ୍ଦ୍ରଠାରୁ ତଥା ତାହାକୁ ମୁଖ୍ୟତଃ ଆଶ୍ରୟ କରି ବାସ କରୁଥିବା ସେ କାଳର ବିଦ୍ୟା-ବୁଦ୍ଧିଜୀବୀଙ୍କଠାରୁ ଦୂରରେ ଓଡ଼ିଶାର ଏକ ଗାଁ'ରେ ରହୁଥିବା ସାରଳା ଦାସ ତ ଥିଲେ ଆଧୁନିକ ଚେତନାର ଆହୁରି ଶକ୍ତିଶାଳୀ ବାର୍ତ୍ତାବହ ଓ ତାଙ୍କ ମହାଭାରତ ବହନ କରିଥିଲା ସେଇ ବାର୍ତ୍ତା । ସେଇଥିପାଇଁ ତ ଦିବ୍ୟ-ଦ୍ରଷ୍ଟା ସାହିତ୍ୟ ସ୍ରଷ୍ଟା ସାରଳା ଦାସଙ୍କ ମହାଭାରତ ହୋଇପାରିଛି ଜାତୀୟ ମହାକାବ୍ୟ, ଗୋଟିଏ ଜାତିର ଜୀବନ ଗାଥା । ଆଉ ଆଜି ତାଙ୍କୁ ସେଇ ସ୍ୱୀକୃତି ଦେବାରେ କୌଣସି କୁଣ୍ଠା ନ ରହୁ ।

[ବି.ଦ୍ର.: ଏ ପ୍ରବନ୍ଧରେ ବିଭିନ୍ନ ସ୍ଥାନରେ ହୋଇଥିବା ବିଭିନ୍ନ ଉଦ୍ଧୃତିର ଅଂଶବିଶେଷକୁ ଏ ପ୍ରବନ୍ଧର ଲେଖକ ହିଁ ରେଖାଚିହ୍ନିତ କରିଛି । ଏହା ପ୍ରଥମେ ୨୦୧୩ରେ 'ଝଙ୍କାର'ର ଏପ୍ରିଲ୍ (୬୫/୧) ମେ' (୬୫/୨) ଓ ଜୁନ୍ (୬୫/୩) ସଂଖ୍ୟା ତିନୋଟିରେ ପ୍ରକାଶ ପାଇଥିଲା । ଏଥିପାଇଁ ତଥ୍ୟ ସଂଗ୍ରହରେ ସାହାଯ୍ୟ କରିଥିବାରୁ ଲେଖକ ସନ୍ତୋଷ କୁମାର ମହାନ୍ତି, ବନମାଳୀ ବାରିକ ଓ ପ୍ରଭାତ କୁମାର କରଙ୍କ ନିକଟରେ କୃତଜ୍ଞ ।]

■■

Digitized by srujanika@gmail.com

ଉପାଦାନ ପଞ୍ଜିକା

(କ)

- କାଶୀଦାସୀ ମହାଭାରତ, ୧୩୯୦ ସାଲ, ଅକ୍ଷୟ ଲାଇବ୍ରେରୀ । କଲକତା ।
- ପରଜା, ୧୯୮୩, ମହାନ୍ତି ଗୋପୀନାଥ । କଟକ, ବିଦ୍ୟାପୁରୀ ।
- ମହାଭାରତ (ପ୍ରଥମ ଖଣ୍ଡ) ଆଦି ପର୍ବ ଔର ସଭା ପର୍ବ, ସଚିତ୍ର ହିନ୍ଦୀ-ଅନୁବାଦ ସହିତ । ୨୦୬୭ ସମ୍ବତ୍ । ଗୀତାପ୍ରେସ୍, ଗୋରଖପୁର ।
- ସାରଳା ମହାଭାରତ, ଆଦିପର୍ବ (ପ୍ରଥମ ଖଣ୍ଡ) । ୧୯୬୫, ସଂସ୍କୃତି ବିଭାଗ, ଓଡ଼ିଶା ସରକାର ।
- ସାରଳା ମହାଭାରତ, ଆଦିପର୍ବ । (ପ୍ରକାଶନ କାଳର ସୂଚନା ନାହିଁ), ଧର୍ମଗ୍ରନ୍ଥ ଷ୍ଟୋର ସଂସ୍କରଣ ।
- ସାରଳା ମହାଭାରତ, ମୂଷଳୀପର୍ବ । ୧୯୬୮, ସଂସ୍କୃତି ବିଭାଗ, ଓଡ଼ିଶା ସରକାର ।
- Paraja, 1987/1997, Tr. Bikram K. Das (OUP)
- The Mahabharata, Vol.I, The Adiparva, 1933, Ed. V.S. Sukthankar, Poona, Bhandarakar Oriental Research Institute.

(ଖ)

- ଦାଶ, ଗଗନେନ୍ଦ୍ର ନାଥ ୧୯୭୮/୨୦୧୪, Evolution of Priestly Power: Gangavamsa Period. in: A. Eschmann et al. (eds) 1978/2014. New Delhi, Manohar
- ଦାଶ, ଗଗନେନ୍ଦ୍ର ନାଥ, ୧୯୭୯, ଜନଶ୍ରୁତି କାଞ୍ଚିକାବେରୀ । ବ୍ରହ୍ମପୁର, ପୁସ୍ତକ ଭଣ୍ଡାର ।
- ଦାଶ, ଗଗନେନ୍ଦ୍ର ନାଥ ୧୯୮୨ ଜନଶ୍ରୁତି ଓ ସାମାଜିକ ଇତିହାସ (ଦେଉଳତୋଳାରେ ଲଳିତା ଚରିତ୍ର ସୃଷ୍ଟିର ମୂଳକଥା) । (ଝଙ୍କାର ୩୪/୪, ୧୯୮୨)
- ଦାଶ, ଗଗନେନ୍ଦ୍ର ନାଥ, ୧୯୮୮, ଶାରଳା ମହାଭାରତ ଓ ଇତିହାସ । ଏଷଣା-୧୭ ।

Digitized by srujanika@gmail.com

- ଦାଶ, ଗଗନେନ୍ଦ୍ର ନାଥ ୧୯୯୮, Hindus and Tribals. New Delhi, Decent Books.
- ଦାଶ, ଗଗନେନ୍ଦ୍ର ନାଥ ୨୦୦୫, ନିର୍ବାଚିତ ପ୍ରବନ୍ଧ ସଙ୍କଳନ । କଟକ, ବିଦ୍ୟାପୁରୀ ।
- ଦାଶ, ଗଗନେନ୍ଦ୍ର ନାଥ, ୨୦୧୨, Soma-vamsi Yayati in Tradition and Medieval Odia Literature. in: Studies in History, 28/2, pp.151-77.

ଦାଶ, ଗଗନେନ୍ଦ୍ର ନାଥ, ୨୦୧୪, ପୁନଶ୍ଚ ଜନଶ୍ରୁତି କାଞ୍ଚିକାବେରୀ । ଭୁବନେଶ୍ୱର, ରମା ଦେବୀ ।

- ପଟ୍ଟନାୟକ, ସୁଧାକର, ୧୯୫୯, ଚକଡ଼ାପୋଥି ଓ ଚକଡ଼ା ବସାଣ ବା ଚୟନୀ ଚକଡ଼ା ।
- ପଢ଼ିହାରୀ, ବିଜୟକୁମାର, ୧୯୯୯, ଭଗବତୀ ପାଣିଗ୍ରାହୀଙ୍କ ଶ୍ରେଷ୍ଠ ଗଳ୍ପ । କଟକ, ନବଯୁଗ ଗ୍ରନ୍ଥାଳୟ ।
- ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର, ୧୯୫୪, ସାରଳା ମହାଭାରତର ଐତିହାସିକ ଉପାଦାନ । (ସାରଳା ସ୍ମରଣିକା), ୧୯୫୪, କଟକ, ପ୍ରଜାତନ୍ତ୍ର ପ୍ରଚାର ସମିତି ।
- ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର, ୧୯୫୯-୬୦, Battle of Devarakonda as described in a story in Oriya Mahabharata. Journal Andhra Historical Research Society, Vol.XXX, pp.19-27.
- ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର, ୧୯୭୫, Sarala Dasa. New Delhi, Sahitya Akademi.
- ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର, ୧୯୭୬, ସାରଳା ସାହିତ୍ୟର ଐତିହାସିକ ଚିତ୍ର । କଟକ, ପ୍ରଜାତନ୍ତ୍ର ପ୍ରଚାର ସମିତି ।
- ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର, ୧୯୯୪, ସାହିତ୍ୟ ଓ ସଂସ୍କୃତି । କଟକ, ପ୍ରଜାତନ୍ତ୍ର ପ୍ରଚାର ସମିତି ।
- ମିଶ୍ର, (ପଣ୍ଡିତ) ଗୋଦାବରୀଶ, ୧୯୫୫, ଆଲେଖିକା । କଟକ, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ (ପଞ୍ଚମ ମୁଦ୍ରଣ) ।
- ମିଶ୍ର, ରାଜକିଶୋର, ୨୦୦୭, ଗୋପୀନାଥଙ୍କ ଉପନ୍ୟାସର ମରମକଥା । କଟକ, ବିଦ୍ୟାପୁରୀ ।
- ମିଶ୍ର, ସଚ୍ଚିଦାନନ୍ଦ, ୨୦୦୬, ସାରଳା ଦାସ: ଏକ ଅଧ୍ୟୟନ । କଟକ, ଗ୍ରନ୍ଥ ମନ୍ଦିର ।

Digitized by srujanika@gmail.com

- Cobden Ramsay, L. E. B., 1910/1982, the Feudatory States of Orissa. Calcutta, Firma KLM.
- Eschmann, A, H. Kulke, G C. Tripathi. (eds), 1978/2014, The Cult of Jagannath and the Regional Tradition of Orissa. New Delhi, Manohar.
- Kimura, Masaaki, and Akio Tanabe, (eds.), 2006, The State in India. Past and Present. (OUP)
- Kulke, H. 1978/2014, Royal Temple Policy and the Structure of Medieval Hindu Kingdoms. in: A. Eschmann et al (eds.) 1978/2014.
- Kulke, H. 1993, Kings and Cults. State Formation and Legitimation in India and Southeast Asia. New Delhi, Manohar.
- Kulke, H. (ed.) 1995/2004, The State in India 1000-1700. OUP.
- Kulke, H., 2004, The Early and the Imperial Kingdom: A Processural Model of Integrative State Formation in Early Medieval India. in: Kulke (ed.) 1995/2004.
- Kulke, H., 2006, The Integrative Model of State Formation in Early Medieval India: Some Historiographic Remarks. in: Masaaki Kimura and Akio Tanabe (eds.) 2006.
- Mahapatra, Sitakant, 1986, Modernization and Ritual. Identity and Change in Santal Society. OUP.
- Schnepel, Burkhart, 1997. Die Dschungelkoenige. Stuttgart, Franz Steiner.
- Sinha, Surajit, 1962/2004, State Formation and Tribal Myth in Tribal Central India. in: Kulke (ed.) 1995/2004.
- Shirer, William L. (Fifth Crest Printing 1963, January) The Rise and Fall of the Third Reich.
- Tanabe, Akio, 2006, Early Modernity and Colonial Transformation. Rethinking of the Role of the King in Eighteenth and Nineteenth Century Orissa, India. in: Masakki Kimura and Akio Tanabe (eds.) 2006.

■■

Digitized by srujanika@gmail.com

ନବୋନ୍ମେଷର ଅଗ୍ରଦୂତ, ସତ୍ୟବାଦୀ-ଚିନ୍ତାସ୍ରୋତର ଗଙ୍ଗୋତ୍ରୀ: ପଣ୍ଡିତ ହରିହର

୧. ପ୍ରାକ୍‌ସୂଚନା:

ପୁରୀ ଶ୍ରୀରାମଚନ୍ଦ୍ରପୁର ଶାସନର ଅଧିବାସୀ କୌଶିକ ଗୋତ୍ରୀୟ ଜଗନ୍ନାଥ ଦାଶଙ୍କ ପୁତ୍ର ପଣ୍ଡିତ ହରିହର ଦାଶ ଯେତେଦୂର ସମ୍ଭବ ୧୮୪୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ ଓ ୧୮୭୪ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କରିଥିଲେ । ଏଇ ହରିହରଙ୍କୁ କିଏ 'ମହାତ୍ମା' ବୋଲି କହିଛନ୍ତି ତ ଆଉ କିଏ କହିଛନ୍ତି 'ଆଦିଜ୍ୟୋତି' । ଆଉ କିଏ ବା ତାଙ୍କୁ 'ନବଯୁଗର ନାନ୍ଦିକାର' ରୂପରେ ଗ୍ରହଣ କରିଛନ୍ତି ତ ଆଉ କିଏ ତାଙ୍କୁ 'ସଂସ୍କାରକ' ରୂପରେ ଆବିଷ୍କାର କରିଛନ୍ତି ।

(୨.୦). ଏହାଙ୍କ ସମ୍ପର୍କରେ ବୌଦ୍ଧିକ ଆଗ୍ରହର ପରିଚୟ

ଏଇ ହରିହରଙ୍କ ସମ୍ପର୍କରେ ଏ ପର୍ଯ୍ୟନ୍ତ ଦେଖାଦେଇଥିବା ବୌଦ୍ଧିକ ଆଗ୍ରହର ସଂକ୍ଷିପ୍ତ ପରିଚୟ ବା ସୂଚନା ନିମ୍ନରେ ଦିଆଗଲା ।

(୨.୧). ଊନବିଂଶ ଶତକ

ତାଙ୍କ ସମସାମୟିକ ସମ୍ବାଦପତ୍ର ଓ ସରକାରୀ କାଗଜପତ୍ରକୁ ଛାଡ଼ିଦେଲେ ଏ ଶତକରେ ହରିହରଙ୍କୁ କେନ୍ଦ୍ର କରି ବୌଦ୍ଧିକ ଆଗ୍ରହ ପ୍ରକାଶ କରିଥିଲେ ଓଡ଼ିଆ ସାହିତ୍ୟ ଜଗତର ତିନିତିନି ଜଣ ଅତି ବିଶିଷ୍ଟ ବ୍ୟକ୍ତି । ଏଥିରୁ ହିଁ ଊନବିଂଶ ଶତକର ଓଡ଼ିଆ ସମାଜରେ ଏହାଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ଭୂମିକାକୁ ଅନୁମାନ କରାଯାଇପାରେ । ପୁଣି ଏଇ ବୌଦ୍ଧିକ ଆଗ୍ରହର ପରିପ୍ରକାଶ ଘଟିଥିଲା କେବଳ ପଦ୍ୟରେ, ଯାହା ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ପଦ୍ୟକୁ ମାଧ୍ୟମ କରାଯାଇଥିବାରୁ ହରିହରଙ୍କ ବ୍ୟକ୍ତିତ୍ୱର ବସ୍ତୁନିଷ୍ଠ ଆକଳନ ଅପେକ୍ଷା ତାଙ୍କ ସମ୍ପର୍କରେ ଓଡ଼ିଆମାନଙ୍କ ବିଶେଷ ଭାବରେ

Digitized by srujanika@gmail.com

ବ୍ୟକ୍ତିବିଶେଷଙ୍କ ମନରେ ଥିବା ଆବେଗ ଓ ଉଚ୍ଛ୍ୱାସର ଉଦ୍‌ବେଳନ ହିଁ ଏହି ସବୁ ପଦ୍ୟ ବା ସାହିତ୍ୟ କୃତିରେ ସ୍ଥାନ ପାଇଥିଲା । ପୁଣି ତା ଥିଲା ସ୍ୱାଭାବିକ ଭାବରେ ସୂଚନାତ୍ମକ । ଏଇ ତିନିଜଣ ସାହିତ୍ୟ-ସ୍ରଷ୍ଟା ଓ ତାଙ୍କ ସୃଷ୍ଟି ହେଉଛି:

(୨.୧.୧). ଭକ୍ତକବି ମଧୁସୂଦନ ରାଓ

(କ) 'ଶ୍ମଶାନ' ଶୀର୍ଷକ କବିତା । ଏହା ଅଷ୍ଟମ ଦଶକର କୌଣସି ସମୟରେ ରଚିତ ଓ ପରେ ୧୮୭୬ରେ ପ୍ରଥମେ ପ୍ରକାଶିତ ରାଧାନାଥ ଓ ମଧୁସୂଦନ ଉଭୟଙ୍କ ଯୌଥ ରଚନା ସଙ୍କଳନ 'କବିତାବଳୀ' ୧ମ ଭାଗର ଅନ୍ତର୍ଗତ ହୋଇଥିଲା । ମଧୁସୂଦନ ଛାତ୍ରାବସ୍ଥାରେ ପଣ୍ଡିତ ହରିହରଙ୍କ ସଂସ୍ପର୍ଶରେ ଆସିଥିଲେ; ତାଙ୍କ ମତବାଦ ବିଷୟରେ ସମ୍ୟକ ଅବହିତ ଥିଲେ ଓ ତାଙ୍କ ଉପଦେଶ ଲାଭ କରିଥିଲେ ତଥା ତାଙ୍କ ବ୍ୟକ୍ତିତ୍ୱଦ୍ୱାରା ପ୍ରଭାବିତ ମଧ୍ୟ ହୋଇଥିଲେ । ଏ କବିତାରେ ସେ ହରିହରଙ୍କୁ "ମୃତ ଜ୍ଞାନଦାତା" ରୂପେ ଅଭିହିତ କରିଛନ୍ତି । ଏଥିରୁ ଅନୁମିତ ହୁଏ ଯେ ପଣ୍ଡିତ ହରିହରଙ୍କ ମୃତ୍ୟୁର ଅବ୍ୟବହିତ କାଳ ପରେ ଶ୍ମଶାନ ଦର୍ଶନରେ କବିଙ୍କ ମନରେ ମୃତ ଜ୍ଞାନଦାତା(ହରିହର)ଙ୍କ ସ୍ମୃତି ଜାଗରୂକ ହେବାରୁ କବିତାଟି ରଚିତ ହୋଇଥିଲା । ପୁଣି ଏଥିରୁ ଜଣାଯାଏ ଭକ୍ତକବି ମଧୁସୂଦନଙ୍କ ମନ ଉପରେ ତାଙ୍କ ବ୍ୟକ୍ତିତ୍ୱ, ମତବାଦ ତଥା ଜୀବନଦର୍ଶନର ପ୍ରଭାବ ଥିଲା ଗୁରୁତ୍ୱପୂର୍ଣ୍ଣ ଓ ଶକ୍ତିଶାଳୀ । ବୋଧହୁଏ ମଧୁସୂଦନ ସେତେବେଳେ ଆଂଶିକ ଭାବରେ ଏ ପ୍ରଭାବରୁ ବାହାରି ଯିବାପାଇଁ ଓ ପ୍ରଭାବକୁ ପ୍ରତିହତ କରିବାପାଇଁ ମାନସ ରାଜ୍ୟରେ ଅହରହ ପ୍ରଚେଷ୍ଟା ଚଳାଇ ରଖିଥିଲେ ତଥା ମାନସିକ ସଂଗ୍ରାମ କରୁଥିଲେ । ଏ କବିତାରୁ ତାର କିଞ୍ଚିତ ପରୋକ୍ଷ ସୂଚନା ମିଳେ ।

(ଖ) ୧୮୯୭ରେ 'ଉତ୍କଳ ସାହିତ୍ୟ' (୧/୧୧)ରେ ପ୍ରକାଶିତ ଓ ପରେ ୧୯୦୨ରେ ପ୍ରକାଶିତ 'ବସନ୍ତଗାଥା' ସଙ୍କଳନ ଅନ୍ତର୍ଗତ 'ପରମ ପ୍ରମାଣ' କବିତା । ଏଥିରେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ବ୍ୟକ୍ତି ବା ପଣ୍ଡିତମାନଙ୍କ ପ୍ରତି କୁହାଯାଇଥିଲା, "ହେ ପଣ୍ଡିତ ! କ୍ଷୁଦ୍ର ତବ ବୁଦ୍ଧି ମାନଦଣ୍ଡେ" ଇତ୍ୟାଦି । ଆଉ ମଧୁସୂଦନଙ୍କ ଦୃଷ୍ଟିରେ ହରିହର ଠିକ୍ ସେଇ ଶ୍ରେଣୀର ବ୍ୟକ୍ତି ବା ପଣ୍ଡିତ ଥିବାରୁ ବା ସେଇ ଶ୍ରେଣୀର ପ୍ରତିନିଧିତ୍ୱ କରୁଥିବାରୁ ମନେହୋଇପାରେ ଯେ ଏହି ଉକ୍ତି ଯେପରି ତାଙ୍କରି ଉଦ୍ଦେଶ୍ୟରେ ବା ତାଙ୍କୁ ଆଖି ଆଗରେ ରଖି ବ୍ୟକ୍ତ କରାଯାଇଥିଲା । ପଣ୍ଡିତ ହରିହରଙ୍କ ମୃତ୍ୟୁର ବହୁ ବର୍ଷ ପରେ ଲିଖିତ ଏ କବିତାଟି ହରିହରଙ୍କ ବ୍ୟକ୍ତିତ୍ୱ, ମତବାଦ ତଥା ଜୀବନଦର୍ଶନ ପ୍ରତି ମଧୁସୂଦନଙ୍କ ପ୍ରତିକୂଳାତ୍ମକ ମନୋଭାବର ପ୍ରତିଫଳନ ବହନ କରେ । ଅର୍ଥାତ୍ ଏତେବେଳକୁ ମଧୁସୂଦନଙ୍କ ମାନସରାଜ୍ୟରେ କିଛିଦିନପାଇଁ ଚାଲିଥିବା ଦ୍ୱନ୍ଦ୍ୱର ଅବସାନ ହୋଇସାରିଲାଣି

Digitized by srujanika@gmail.com

ଓ ସେ ହରିହରଙ୍କ ପ୍ରଭାବକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିହତ କରି ନିଜସ୍ୱ ଜୀବନଦର୍ଶନ ଉପରେ ଠିଆ ହେଲେଣି । ତା'ସତ୍ତ୍ୱେ ହିନ୍ଦୁ ଧର୍ମାଚାର ମଧ୍ୟରୁ ବାହାରି ଯାଇ ବ୍ରାହ୍ମ ଧର୍ମ ଗ୍ରହଣ କରିବାରେ ତଥା ସେ ପ୍ରସଙ୍ଗରେ ମଧୁସୂଦନ ଦେଖାଇଥିବା ବୈପ୍ଳବିକ ସାହସିକତା ପଛରେ ପଣ୍ଡିତ ହରିହରଙ୍କ ପରୋକ୍ଷ ପ୍ରଭାବ ଯେ ରହିଥିଲା ତା ସ୍ୱୀକାର କରିବାପାଇଁ ହେବ ।

ଉଲ୍ଲେଖଯୋଗ୍ୟ ଯେ ଉପରୋକ୍ତ କବିତା ଦୁଇଟିରେ କିନ୍ତୁ ହରିହରଙ୍କ ନାମୋଲ୍ଲେଖ ନାହିଁ । ପରବର୍ତ୍ତୀ କାଳରେ ମୃତ୍ୟୁଞ୍ଜୟ ରଥ - ମଧୁସୂଦନଙ୍କ ବ୍ୟକ୍ତିଗତ ଜୀବନ ଜାଣିଥିବାରୁ ତଥା ତାଙ୍କ ଜୀବନୀ ଓ ଅବଦାନର ଆଲୋଚନା ପ୍ରସଙ୍ଗରେ - ଏ କବିତାଦ୍ୱୟରେ ହରିହରଙ୍କ ସୂଚନା ରହିଛି ବୋଲି ପ୍ରକାଶ କରିନଥିଲେ କବିତାଦ୍ୱୟର ସୂଚନାରୁ ହରିହରଙ୍କୁ ଅନ୍ୟ କେହି ଏ ପର୍ଯ୍ୟନ୍ତ ଆବିଷ୍କାର କରିପାରିଥାନ୍ତେ କି ନାହିଁ କହିହେବନାହିଁ । ହୁଏତ ବା ତା ଏପର୍ଯ୍ୟନ୍ତ ଅଜ୍ଞାତ ରହିଯାଇଥାଆନ୍ତା । ପୁଣି ମୃତ୍ୟୁଞ୍ଜୟଙ୍କ ଉକ୍ତି ବ୍ୟତୀତ ଏ କଥାର ଆଉ କିଛି ପ୍ରମାଣ ମଧ୍ୟ ନାହିଁ ।

୨.୧.୨. ଫକୀରମୋହନ ସେନାପତି

୧୮୯୨ ମାର୍ଚ୍ଚ ମାସରେ ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ 'ଉତ୍କଳ ଭ୍ରମଣଂ'ରେ ହରିହରଙ୍କ ସମ୍ପର୍କରେ ସୂଚନା ମିଳେ (ଦ୍ର: ଦାଶ କୈଳାସ ଚନ୍ଦ୍ର, ୨୦୦୨, ପୃ.୫୯୭) । ସେଥିରୁ ଅନୁମିତ ହୁଏ ୧୮୯୧ରେ ପ୍ରକାଶିତ 'ଉତ୍କଳ ଭ୍ରମଣଂ'ର ପ୍ରଥମ ସଂସ୍କରଣରେ ମଧ୍ୟ ଏ ସୂଚନା ଥିଲା । କିନ୍ତୁ ପରବର୍ତ୍ତୀ ସଂସ୍କରଣଗୁଡ଼ିକରେ ହରିହରଙ୍କ ସମ୍ପର୍କିତ ସୂଚନା ପରିତ୍ୟକ୍ତ ହୋଇଛି । ଏଥିରେ ପ୍ରାସଙ୍ଗିକ ଭାବରେ ସେ ହରିହରଙ୍କୁ ଅସାଧାରଣ ବିଦ୍ୱାନ - ସଂସ୍କୃତ ଭାଷା ଓ ନ୍ୟାୟଶାସ୍ତ୍ରରେ ବିଶେଷ ବିଦ୍‌ବତ୍ତାସମ୍ପନ୍ନ - ଓ ବାଗ୍ମୀ ତଥା ତାଙ୍କ ତିରୋଧାନ ଓଡ଼ିଶା ପକ୍ଷରେ ଦୁର୍ଭାଗ୍ୟଜନକ ବୋଲି ଉଲ୍ଲେଖ କରିଥିଲେ ।

୨.୧.୩. ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ

୧୮୯୯ରେ ପ୍ରକାଶିତ 'ଅବକାଶ ଚିନ୍ତା' କବିତା ସଙ୍କଳନ ଅନ୍ତର୍ଗତ 'ପଣ୍ଡିତ ହରିହର ଦାଶ ଶର୍ମା' କବିତା ଓ ସେଥିସହ ଦିଆଯାଇଥିବା ପୂର୍ବଟୀକା ଓ ପାଦଟୀକା । (ଦ୍ର: ଦାସ, ପଣ୍ଡିତ ଗୋପବନ୍ଧୁ, ୨୦୦୪ ଓ 'ଅବକାଶ ଚିନ୍ତା') । ମଧୁସୂଦନ ଓ ଫକୀରମୋହନଙ୍କ ସାହିତ୍ୟକୃତିଠାରୁ ଏ କବିତାଟିର ପ୍ରକୃତି ଭିନ୍ନ ଥିଲା କାରଣ ଏହା ସମ୍ପୂର୍ଣ୍ଣ ଭାବରେ ହରିହରଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା । ଶତାବ୍ଦୀର ପ୍ରାନ୍ତରେ ରଚିତ ଏ କବିତାରେ ହରିହରଙ୍କୁ ଉତ୍କଳମାତାର ଯୋଗ୍ୟ ପୁତ୍ର ରୂପେ ଅଭିହିତ କରାଯାଇ ତାଙ୍କ ସମାଜ ସଂସ୍କାର

Digitized by srujanika@gmail.com

ପ୍ରବଣତା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା, ଯଥା: "ଆସ ହରିହର ପଣ୍ଡିତ ପ୍ରବର ସମାଜସଂସ୍କାର କର ।" ସେ ପ୍ରସଙ୍ଗରେ ନବ୍ୟ ଓ ପୁରାତନ ରୁଚିର ସମନ୍ୱୟ ସାଧନରେ ହରିହରଙ୍କ ଅଗ୍ରଗାମୀତ୍ୱର ସୂଚନା ଭିତରେ ଓଡ଼ିଆ ସମାଜରେ ନବଯୁଗର ପ୍ରବର୍ତ୍ତକ ରୂପେ ତାଙ୍କୁ ଯେପରି ସ୍ୱୀକୃତି ହିଁ ଦିଆଯାଇଥିଲା, ସେହିପରି ତାଙ୍କ ଅକାଳ ମୃତ୍ୟୁ ହୋଇ ନଥିଲେ ସେ ଓଡ଼ିଆ ଜାତିର ଅଧିକ ଉନ୍ନତି କରିଥାନ୍ତେ ବୋଲି ମଧ୍ୟ କୁହାଯାଇଥିଲା । ପୁଣି ସେ କବିତାରେ ତାଙ୍କ ପାଣ୍ଡିତ୍ୟ ଓ ସ୍ୱାର୍ଥତ୍ୟାଗର ସୂଚନା ବି ରହିଥିଲା ।

ଏ ପ୍ରସଙ୍ଗରେ ସୂଚାଇଦେବା ଆବଶ୍ୟକ ଯେ ମଧୁସୂଦନ ତାଙ୍କ କବିତାଦ୍ୱୟରେ ହରିହରଙ୍କ ପ୍ରସଙ୍ଗରେ ନିଜର ବ୍ୟକ୍ତିଗତ ଅନୁଭୂତି, ଜୀବନଦର୍ଶନ, ମାନସିକତା ଓ ଦୃଷ୍ଟିକୋଣର କଥା କହିଥିଲେ । କିନ୍ତୁ ସେ କବିତାଦ୍ୱୟରେ ମଧୁସୂଦନଙ୍କ ଓଡିଆ ଜାତି ସମ୍ପର୍କୀୟ ସଚେତନତା ନ ଥିଲା । କିନ୍ତୁ ଉଭୟ ଫକୀରମୋହନ ଓ ଉତ୍କଳମଣି ଗୋପବନ୍ଧୁ ବୃହତ୍ତର ଓଡ଼ିଆଜାତିର - ବିଶେଷ ଭାବରେ ଓଡ଼ିଆ ଜାତିର ସଂରଚନା ବା ଗଠନ - ଦୃଷ୍ଟିକୋଣରୁ ହିଁ ହରିହରଙ୍କ ଉଜ୍ଜ୍ୱଳ ଭୂମିକାର ସୂଚନା ଦେଇ ତାଙ୍କ ଅକାଳ ମୃତ୍ୟୁ ଓଡ଼ିଆ ଜାତିପାଇଁ କ୍ଷତିକାରକ ବୋଲି କହିଥିଲେ । ମନେରଖିବାପାଇଁ ହେବ ଯେ ଏ ଉଭୟ ଓଡ଼ିଆ ଜାତିର ସଂରଚନାରେ ଗ୍ରହଣ କରିଥିଲେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା । ତେଣୁ ସେମାନଙ୍କ ବକ୍ତବ୍ୟକୁ ଗୁରୁତ୍ୱର ସହ ବିଚାର କରାଯିବା ଉଚିତ । ଏହା ବ୍ୟତୀତ ୧୮୮୩ର ଜୁନ୍ ୧୬ ତାରିଖ 'ଉତ୍କଳ ଦୀପିକା'ରେ ପ୍ରକାଶିତ ଆହୁରି ଏକ କବିତାରେ ମଧ୍ୟ ଓଡ଼ିଶାର କେତେକ ବରପୁତ୍ରଙ୍କ ସହ ହରିହରଙ୍କ ତିରୋଧାନରେ ଓଡ଼ିଶା ଶ୍ରୀଚ୍ୟୁତ ହୋଇଥିବା ଅର୍ଥାତ୍ ଓଡ଼ିଶାର ପ୍ରଭୂତ କ୍ଷତି ହୋଇଥିବା କୁହାଯାଇଥିଲା । (ଦ୍ର: ଦାଶ, କୈଳାସଚନ୍ଦ୍ର, ୨୦୦୨, ପୃ.୬୦୭)

୨.୨.୦. ବିଂଶ ଓ ଏକବିଂଶ ଶତକ

ପକ୍ଷାନ୍ତରରେ ବିଂଶ ଓ ଏକବିଂଶ ଶତକରେ ହରିହରଙ୍କୁ କେନ୍ଦ୍ରକରି ଦେଖାଯାଇଥିବା ବୌଦ୍ଧିକ ଆଗ୍ରହର ପରିପ୍ରକାଶ ଘଟିଛି ଗଦ୍ୟରେ । ମନେହୁଏ ସମସ୍ତ ଭାବପ୍ରବଣତା ମଧ୍ୟରେ ହରିହରଙ୍କ ସମ୍ପର୍କରେ ପରିଚୟାତ୍ମକ ବିବରଣୀ ପ୍ରଦାନ ତଥା ତାଙ୍କ ବ୍ୟକ୍ତିତ୍ୱର ବସ୍ତୁନିଷ୍ଠ ଆକଳନ ଥିଲା ଏସବୁ ବୌଦ୍ଧିକ ଆଗ୍ରହର ମୂଳରେ । ତାର କାରଣ ଏଇ ଦୁଇ ଶତକ ମଧ୍ୟରୁ ବିଂଶ ଶତକରେ ହିଁ ତାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବାଲୋକଙ୍କ ସଂଖ୍ୟା କ୍ରମେ ହ୍ରାସ ପାଉଥିଲା ଓ ଅବଶେଷରେ ଶୂନ୍ୟରେ ପହଞ୍ଚିଯାଇଥିଲା ଓ ହରିହର କ୍ରମେ ପରିଣତ ହୋଇଯାଇଥିଲେ ଏକ ଐତିହାସିକ

Digitized by srujanika@gmail.com

ବ୍ୟକ୍ତିରେ । ତେଣୁ ଏ ବୌଦ୍ଧିକ ଆଗ୍ରହ ହେଉଛି ପ୍ରକୃତରେ ଏକ ପ୍ରକାର ଐତିହାସିକ ଆଗ୍ରହ । ତେବେ ମୋ ଜାଣିବାରେ ଏ ଦୁଇ ଶତକ ମଧ୍ୟରେ ହରିହରଙ୍କ ସମ୍ପର୍କରେ ବିଶେଷ ଆଗ୍ରହ ଦେଖାଇଥିବା ମୁଖ୍ୟତଃ ଆଠଜଣଙ୍କ ମଧ୍ୟରୁ ତିନିଜଣ ହରିହରଙ୍କ ଗାଁ'ର ତାଙ୍କ ଉତ୍ତର କାଳର ଜ୍ଞାତି, କୁଟୁମ୍ବ, ହୁଏତ ନିକଟ ଅଥବା ସାମାନ୍ୟ ଦୂର ସମ୍ପର୍କୀୟ । ଅନ୍ୟମାନଙ୍କ ତୁଳନାରେ ଏ ତିନି ଜଣଙ୍କର ଅପେକ୍ଷାକୃତ ଅଧିକ ଭାବପ୍ରବଣତା ରହିଥିବାର ସମ୍ଭାବନା ଅଛି । ତା'ସତ୍ତ୍ୱେ ଏ ଦୁଇ ଶତକରେ ହିଁ ବସ୍ତୁନିଷ୍ଠ ଭାବରେ ଆଧୁନିକ ଓଡ଼ିଶାର ଓ ଓଡ଼ିଆ ଜାତିର ଗଠନରେ ହରିହରଙ୍କ ସୁଦୂରପ୍ରସାରୀ ବ୍ୟକ୍ତିତ୍ୱ ଓ ଅବଦାନ ଆଦି କଳନାର ଗୁରୁତ୍ୱପୂର୍ଣ୍ଣ ପ୍ରଚେଷ୍ଟା କରାଯାଇଛି । ତାଙ୍କ ସମ୍ପର୍କରେ ବୌଦ୍ଧିକ ଆଗ୍ରହ ଦେଖାଇଥିବା ଏ ମୁଖ୍ୟ ଆଠ ଜଣ ଓ ସେମାନଙ୍କ ଉଦ୍ୟମର ପରିଚୟ ନିମ୍ନରେ ଦିଆଯାଉଛି:

୨.୨.୧. ଗୋପୀନାଥ ଦାସ

'ମୁକୁର' ୫/୬ ସଂଖ୍ୟା (? ୧୯୧୧)ରେ ପ୍ରକାଶିତ 'ମହାତ୍ମା ହରିହର' ଶୀର୍ଷକ ପ୍ରବନ୍ଧ । ଏ ପ୍ରବନ୍ଧରୁ ହରିହରଙ୍କ ଜନ୍ମ, ବାଲ୍ୟଜୀବନ ଓ ବିଦ୍ୟାଶିକ୍ଷା ସମ୍ପର୍କରେ ମୂଲ୍ୟବାନ ବିବରଣୀ ମିଳିଥାଏ (ଦ୍ର: ଦାଶ, କୈଳାସ ଚନ୍ଦ୍ର, ୨୦୦୨) । ଲେଖକ ଗୋପୀନାଥ ଦାଶ ଥିଲେ ପଣ୍ଡିତ ହରିହରଙ୍କ ଗାଁ'ର ତଥା ତାଙ୍କର ଜ୍ଞାତି । ତେଣୁ ତାଙ୍କ ପ୍ରଦତ୍ତ ବିବରଣ ହରିହରଙ୍କ ନିକଟ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କ ସୂତ୍ରରୁ ସଂଗୃହୀତ ହୋଇଥିବ ।

୨.୨.୨. ମୃତ୍ୟୁଞ୍ଜୟ ରଥ

'ଉତ୍କଳ ସାହିତ୍ୟ'ର ୧୬/୧ ସଂଖ୍ୟା ଓ ୧୮/୧୨ ସଂଖ୍ୟା ମଧ୍ୟରେ ଚଉଦ ଗୋଟି ସଂଖ୍ୟାରେ ପ୍ରକାଶିତ ହୋଇଥିଲା ପଣ୍ଡିତ ମୃତ୍ୟୁଞ୍ଜୟଙ୍କ 'ବ୍ରହ୍ମଜ୍ଞ ମଧୁସୂଦନ' ନାମକ ଦୀର୍ଘ ପ୍ରବନ୍ଧ । ସେ ମଧ୍ୟରୁ ପ୍ରଥମ ଦୁଇଗୋଟି ସଂଖ୍ୟା ୧୬/୧୦ ଓ ୧୬/୧୧ ସଂଖ୍ୟାରେ (୧୯୧୩) ମୃତ୍ୟୁଞ୍ଜୟ ଆନୁଷଙ୍ଗିକ ଭାବରେ ପଣ୍ଡିତ ହରିହରଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ (ଦ୍ର. ରଥ, ମୃତ୍ୟୁଞ୍ଜୟ, ୨୦୦୫, ପୃ.୯, ୧୪-୧୬) । ମୃତ୍ୟୁଞ୍ଜୟ ପଣ୍ଡିତ ହରିହରଙ୍କ ସମ୍ପର୍କରେ ପରିଚୟାତ୍ମକ ସଂକ୍ଷିପ୍ତ ସୂଚନା ଦେଇ ତାଙ୍କର ଆହାର ଓ ଆଚାରରେ ବିକାରହୀନତା, ନିର୍ଭୀକତା, ଇଂରାଜୀ ପ୍ରଶାସକ ମହଲରେ ସୁଖ୍ୟାତି, ପାଣ୍ଡିତ୍ୟ, ବାଗ୍ମିତା ଓ ଶିକ୍ଷାବିସ୍ତାର ପ୍ରୟାସର ଉଲ୍ଲେଖ କରିଥିଲେ । ତା ସହ ମଧୁସୂଦନ ଛାତ୍ରାବସ୍ଥାରେ ଓ ପରେ ମଧ୍ୟ ପଣ୍ଡିତ ହରିହରଙ୍କ ନିକଟ ସଂସ୍ପର୍ଶରେ ଆସିଥିବା, ହରିହରଙ୍କ ପ୍ରଚଣ୍ଡ ବ୍ୟକ୍ତିତ୍ୱ ଓ ଦାର୍ଶନିକ ମତବାଦର ପ୍ରଭାବରେ ପ୍ରଥମେ ପ୍ରଭାବିତ ହୋଇ ପରେ ସେ ପ୍ରଭାବରୁ ମୁକ୍ତ ହୋଇଥିବା, ତାଙ୍କର ଦୁଇଟି କବିତାରେ ହରିହରଙ୍କ ସୂଚନା ରହିଥିବା

Digitized by srujanika@gmail.com

- ଯାହାର କିଛି ସୂଚନା ପୂର୍ବେ ଦିଆଯାଇଛି - ତଥା ସେ ଥରେ ସ୍ୱପ୍ନରେ ହରିହରଙ୍କୁ ଜ୍ୱଳନ୍ତ ଦାରୁ ସ୍କନ୍ଧରେ ବହନ କରି ପୁରୀର ବଡ଼ଦାଣ୍ଡରେ ବ୍ୟାକୁଳ ହୋଇ ଦୌଡ଼ିବା ଅବସ୍ଥାରେ ଦେଖିଥିବା ଓ ତାର ଅଳ୍ପ ଦିନ ପରେ ହରିହର ଅଗ୍ନିଦଗ୍ଧ ହୋଇ ଅକାଳରେ ପ୍ରାଣତ୍ୟାଗ କରିଥିବାର ସୂଚନା ଓ ବିବରଣ ମଧ୍ୟ ସେ ଦେଇଛନ୍ତି ।

ହରିହର ଓ ଭକ୍ତକବି ମଧୁସୂଦନଙ୍କ ବ୍ୟକ୍ତିତ୍ୱ ଓ ଜୀବନଦର୍ଶନର ତୁଳନା ପ୍ରସଙ୍ଗରେ ମଧୁସୂଦନଙ୍କୁ ଲକ୍ଷ୍ୟକରି ମୃତ୍ୟୁଞ୍ଜୟ କହିଥିଲେ, "ଜ୍ଞାନ ବିଚାରରେ ସେ ହରିହରଙ୍କର ଯଥାର୍ଥ ଶିଷ୍ୟ ଥିଲେ ସତ୍ୟ, ମାତ୍ର ଭକ୍ତି ହିସାବରେ ସେ ତାଙ୍କ ଗୁରୁସ୍ଥାନୀୟ ଥିଲେ ।" (ରଥ, ମୃତ୍ୟୁଞ୍ଜୟ, ବ୍ରହ୍ମଜ୍ଞ ମଧୁସୂଦନ, ୨୦୦୫, ପୃ.୧୫) । ମୃତ୍ୟୁଞ୍ଜୟଙ୍କ ଏହି ବକ୍ତବ୍ୟକୁ ପରବର୍ତ୍ତୀ କାଳରେ କେତେକ ଆଲୋଚକ ଗ୍ରହଣ କରିଥିଲେ ମଧ୍ୟ ଏହା ସମସ୍ତଙ୍କ ପକ୍ଷରେ ଗ୍ରହଣୀୟ ହୋଇ ନପାରେ । ମୃତ୍ୟୁଞ୍ଜୟ ଯେ ହରିହରଙ୍କୁ ସ୍ପଷ୍ଟ ଭାବରେ 'ନାସ୍ତିକ' ବୋଲି କହିନାହାଁନ୍ତି ତାହା ଏ ପ୍ରସଙ୍ଗରେ ସ୍ମରଣ ରଖିବା ଉଚିତ ହେବ । କିନ୍ତୁ ଆହାର ଓ ଆଚରଣରେ ବହୁ ହିନ୍ଦୁ ଧର୍ମାଚାରକୁ ବର୍ଜନ କରିଥିବା ହରିହରଙ୍କୁ ଯେତେଦୂର ସମ୍ଭବ ତାଙ୍କ ଜୀବଦ୍ଦଶାରେ ବି ନାସ୍ତିକ ବୋଲି ବିଶ୍ୱାସ କରାଯାଉଥିଲା ଓ ସେପରି ସମ୍ଭାବନା ଦୃଷ୍ଟେ ମୃତ୍ୟୁଞ୍ଜୟଙ୍କ ଉକ୍ତିରୁ ସେଇ ବିଶ୍ୱାସର ସମର୍ଥନ ମିଳୁଛି ବୋଲି କେହି କେହି ଭାବିପାରନ୍ତି । କିନ୍ତୁ ହରିହର ନାସ୍ତିକ ଥିଲେ ବୋଲି ସେପରି କୌଣସି ପ୍ରମାଣ ନାହିଁ । ତେବେ ମୃତ୍ୟୁଞ୍ଜୟ ଯାହା କୁହନ୍ତୁ ନା କାହିଁକି, ମଧୁସୂଦନ ହିନ୍ଦୁ ଧର୍ମାଚାର ବର୍ଜନ କରିବା ଓ ହିନ୍ଦୁଧର୍ମର ଗଣ୍ଡି ମଧ୍ୟରୁ ବାହାରି ଯାଇ ବ୍ରାହ୍ମ ଧର୍ମ ଗ୍ରହଣ କରିବାରେ ତଥା ତା ମଧ୍ୟଦେଇ ମଧୁସୂଦନ ଦେଖାଇଥିବା ବୈପ୍ଳବିକ ସାହସିକତା ପଛରେ ପଣ୍ଡିତ ହରିହରଙ୍କ ପରୋକ୍ଷ ପ୍ରଭାବ, ଅଦୃଶ୍ୟ ପ୍ରେରଣା ଯେ ରହିଥିଲା ତା ସ୍ୱୀକାର କରିବାପାଇଁ ହେବ ଯାହା ପୂର୍ବେ କୁହାଯାଇଛି ।

ହରିହରଙ୍କ ସମ୍ପର୍କରେ ମଧୁସୂଦନ ଦେଖିଥିବା ସ୍ୱପ୍ନର ବର୍ଣ୍ଣନା ଉଦ୍ଧୃତି ଚିହ୍ନ ମଧ୍ୟରେ ଦିଆଯାଇଥିବାରୁ ତାହାକୁ ମଧୁସୂଦନଙ୍କ ଦିନଲିପି ବା ତାଙ୍କ ଲିଖିତ ଅନ୍ୟ କୌଣସି ପ୍ରାମାଣିକ ସୂତ୍ରରୁ ମୃତ୍ୟୁଞ୍ଜୟ ସଂଗ୍ରହ କରିଥିବାର ସମ୍ଭାବନା ରହିଛି । ଏ ସ୍ୱପ୍ନ ମଧୁସୂଦନଙ୍କ ମନରେ ଗଭୀର ରେଖାପାତ କରିଥିବାର ମନେହୁଏ ।

ଏହାବ୍ୟତୀତ ୧୯୧୫ରେ ପ୍ରକାଶିତ ମଧୁସୂଦନ ଗ୍ରନ୍ଥାବଳୀର ପ୍ରଥମ ସଂସ୍କରଣରେ ମଧ୍ୟ ମଧୁସୂଦନଙ୍କ ସଂକ୍ଷିପ୍ତ 'ଜୀବନବୃତ୍ତାନ୍ତ' ଲେଖିବା ଅବକାଶରେ ମୃତ୍ୟୁଞ୍ଜୟ ମାତ୍ର ଗୋଟିଏ ବାକ୍ୟରେ ପୁରୀ ଜିଲ୍ଲା ସ୍କୁଲ୍‌ରେ ତାଙ୍କ ଶିକ୍ଷକ ରାଧାନାଥଙ୍କ ସହ ମଧୁସୂଦନଙ୍କ ଘନିଷ୍ଠତା ପ୍ରସଙ୍ଗରେ, "ଏହି ସମୟରେ ଏ ଉଭୟେ ସୁପ୍ରସିଦ୍ଧ ପଣ୍ଡିତ

Digitized by srujanika@gmail.com

ହରିହର ଦାସଙ୍କ ନିକଟରେ ସଂସ୍କୃତ ଚର୍ଚ୍ଚା କରିବାରେ ସୁଯୋଗ ଲାଭ କରିଥିଲେ” ବୋଲି କହିଥିଲେ ।

ପରବର୍ତ୍ତୀ କାଳରେ ଆଉ ଯେଉଁମାନେ ସ୍ୱନାମରେ ବା ନାମ ନ ଦେଇ ଭକ୍ତକବି ମଧୁସୂଦନଙ୍କ ଜୀବନୀ - ତା ସ୍ୱତନ୍ତ୍ର ଭାବରେ ହେଉ ବା ତାଙ୍କ ଗ୍ରନ୍ଥାବଳୀର ଅଙ୍ଗସ୍ୱରୂପ ହେଉ ବା ଅନ୍ୟଥା - ଲେଖିଛନ୍ତି ସେ ସମସ୍ତେ ମୃତ୍ୟୁଞ୍ଜୟ ପ୍ରଦତ୍ତ ବିବରଣୀ ଉପରେ ଉଣାଅଧିକେ ନିର୍ଭର କରିଛନ୍ତି ।

୨.୨.୩. ନାରାୟଣ ଶିରୋମଣି

‘ପ୍ରଦୀପ’ ପତ୍ରିକାର ୩/୪ ସଂଖ୍ୟାରେ (ସିଂହ ୧୩୩୨) (ବର୍ଷଗଣନା ସୁନିଆଠାରୁ କରାଗଲେ ଏହା ୧୯୨୫ ହେବ) ପ୍ରକାଶିତ ‘ପଣ୍ଡିତ ହରିହର ଦାସ ଓ ଓଡ଼ିଆ ସଂସ୍କୃତ କଲେଜ’ ନାମକ ପ୍ରବନ୍ଧ । ଏ ପ୍ରବନ୍ଧର ପ୍ରଧାନ ବକ୍ତବ୍ୟ ଥିଲା ପଣ୍ଡିତ ହରିହରଙ୍କ ପ୍ରାୟ ଏକକ ପ୍ରଚେଷ୍ଟା ବଳରେ ପୁରୀ ସଂସ୍କୃତ ବିଦ୍ୟାଳୟର ପ୍ରତିଷ୍ଠା, ଯାହାକୁ ଆଶ୍ରୟ ଓ ଅବଲମ୍ବନ କରି ପରେ ପୁରୀ ସଂସ୍କୃତ କଲେଜ ଗଢ଼ିଉଠିଥିଲା । ତେବେ ଆନୁଷଙ୍ଗିକ ଭାବରେ ଏଥିରେ ହରିହରଙ୍କ ସଂକ୍ଷିପ୍ତ ପରିଚୟ ଦିଆଯାଇଥିଲା ଓ ତାଙ୍କର ପାଣ୍ଡିତ୍ୟ ତଥା ତାଙ୍କର ଓଡ଼ିଆ-ଜାତି-ଓ ଭାଷାପ୍ରୀତି ସମ୍ପର୍କରେ ସୂଚନା ଦିଆଯାଇଥିଲା । ପୁଣି ଓଡ଼ିଶାର ଉନ୍ନତି କଳ୍ପେ ନୂତନ ଶିକ୍ଷା ବା ପାଶ୍ଚାତ୍ୟ ଶିକ୍ଷାର ଉପଯୋଗିତା ସେ ଉପଲବ୍ଧି କରିଥିବାର ସୂଚନା ବି ଏ ପ୍ରବନ୍ଧରେ ଦିଆଯାଇଥିଲା । ତେବେ ପ୍ରବନ୍ଧଟି କିଛି ପରିମାଣରେ ଜନଶ୍ରୁତି-ଭିତ୍ତିକ ଓ ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧ ତଥ୍ୟ ସମର୍ଥିତ ନୁହେଁ । କାରଣ ଏ ପ୍ରବନ୍ଧ ଅନୁଯାୟୀ କାଶୀର କେତେଜଣ ସନ୍ନ୍ୟାସୀଙ୍କୁ ହରିହର କଲିକତାଠାରେ ଶାସ୍ତ୍ରବିଚାରରେ ପରାଜିତ କରିଥିବାରୁ <u>ସେମାନଙ୍କ ଅଭିଶାପରେ ହିଁ ସେ ମୂକ ହୋଇ</u> ସ୍ୱଦେଶକୁ ଫେରିଲେ, ଆଉ ବିଦେଶ ଯାତ୍ରା କରିପାରିନାହାଁନ୍ତି । ପୁଣି କେବଳ ସେତିକି ନୁହେଁ, ସେ “ପରେ ଜିଲ୍ଲାର ଅଧକ୍ଷ (ମାଜିଷ୍ଟ୍ରେଟ) ଓ କେତେକ ଭଦ୍ରବ୍ୟକ୍ତିଙ୍କ ଏକତାରେ ଗୋଟିଏ ସମିତି କରାଇ ତାହାଙ୍କ ଉପରେ ନିଜର ଜୀବନବ୍ୟାପୀ ଶ୍ରମର ଫଳ ସ୍ୱରୂପ ଏହି ବିଦ୍ୟାଳୟର କାର୍ଯ୍ୟଭାର ଅର୍ପଣ କରିଥିଲେ” ବୋଲି ମଧ୍ୟ ବର୍ଣ୍ଣିତ ଅଛି ।

ଏଥିରେ ଥିବା ବିବରଣୀରୁ ପୁରୀ ସଂସ୍କୃତ ବିଦ୍ୟାଳୟର ସ୍ଥାପନା ସମ୍ପର୍କରେ ଅନେକ ତଥ୍ୟ ମିଳେ । ପ୍ରଥମେ ହରିହର କଲିକତାରେ ବିଭିନ୍ନ ଭାଷାରେ ବକ୍ତୃତା ଦେଇ ଓ ସେଥିରୁ ସାମାନ୍ୟ ଅର୍ଥ ସଂଗ୍ରହ କରି ଓ ପରେ ବଳରାମପୁର ରାଜାଙ୍କଠାରୁ ୫,୫୦୦ ଟଙ୍କା ଆଣି ତାହାର କଳନ୍ତରରେ ସଂସ୍କୃତ ବିଦ୍ୟାଳୟ ବସାଇଥିଲେ । ସେଥିପାଇଁ ପୁଣି ଘୋଡ଼ା ଚଢ଼ି ଗାଁରୁ ଗାଁ ବୁଲି ଲୋକମାନଙ୍କୁ ସ୍କୁଲରେ ପାଠ ପଢ଼ିଲେ

Digitized by srujanika@gmail.com

ଜାତି ଯିବ ନାହିଁ ବୋଲି ବୁଝାଇ, କଷ୍ଟ ସହ୍ୟ କରି ଛାତ୍ର ସଂଗ୍ରହ କରିଥିଲେ । ସେ ବିଦ୍ୟାଳୟରେ ନିଜେ କିଛିଦିନ ପାଇଁ ଶିକ୍ଷକତା କରି ଆଉ ତିନିଜଣ ପଣ୍ଡିତଙ୍କ ଦରମା (ଓ କେତେକ ଛାତ୍ରଙ୍କ ବୃତ୍ତି) ନିମିତ୍ତ ବଲରାମପୁର ମହାରାଜା ବାର୍ଷିକ ଯେଉଁ ୧୩୦୦ ଟଙ୍କା ଦରିଦ୍ରଙ୍କ ସଦାବର୍ତ୍ତରେ ଲଗାଇବାକୁ ପ୍ରସ୍ତାବ କରିଥିଲେ ତାହାକୁ 'ସଂସ୍କୃତ ପଢୁଆ ବ୍ରାହ୍ମଣ ବିଦ୍ୟାର୍ଥୀଙ୍କ ବ୍ୟୟରେ ବିନିଯୋଗ କରାହେଉ' ବୋଲି ମହାରାଜାଙ୍କୁ ରାଜି କରାଇଥିଲେ । ଚାନ୍ଦା ଓ ଭେଦା ସଂଗ୍ରହ କରି ଏ ବିଦ୍ୟାଳୟପାଇଁ ଏକ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା ମଧ୍ୟ କରିଥିଲେ । ତା ବ୍ୟତୀତ ଢେଙ୍କାନାଳ ରାଜା ଭଗୀରଥ ମହେନ୍ଦ୍ର ବାହାଦୂରଙ୍କ ଆନୁକୂଲ୍ୟରେ ଏ ବିଦ୍ୟାଳୟପାଇଁ ଏକ ବଡ଼ ପୁସ୍ତକାଳୟର ସ୍ଥାପନ କରାଇଥିଲେ । ପରେ ଏଥିସହ ମୂଲିଆ ଓ ଛାତ୍ରମାନଙ୍କୁ ଇଂରାଜୀ ଶିକ୍ଷା ଦେବାକୁ ଏକ ନୈଶ ବିଦ୍ୟାଳୟର ବ୍ୟବସ୍ଥା କରିଥିଲେ । ତାଙ୍କର ସ୍ୱପ୍ନ ଥିଲା, ଏ ବିଦ୍ୟାଳୟରେ ସଂସ୍କୃତର ବିଭିନ୍ନ ବିଭାଗର ସ୍ୱତନ୍ତ୍ର ଭାବରେ ଅଧ୍ୟାପନା ତଥା ମାଟ୍ରିକ୍ୟୁଲେସନ୍ ପର୍ଯ୍ୟନ୍ତ ଇଂରାଜୀ ଓ ଓଡ଼ିଆ ଭାଷା ଅଧ୍ୟାପନାର ସମନ୍ୱିତ ବ୍ୟବସ୍ଥା କରାଇବା । ଏହାବ୍ୟତୀତ ପରେ ଏହି ବିଦ୍ୟାଳୟର ଶ୍ରୀବୃଦ୍ଧି କୁଳପତି ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କ ଉଦ୍ୟମରେ ହୋଇ ତାହା ଏକ ପୂର୍ଣ୍ଣାଙ୍ଗ କଲେଜରେ ପରିଣତ ହୋଇଥିବାରୁ ତାଙ୍କୁ ଭୂୟସୀ ପ୍ରଶଂସା କରାଯାଇଥିଲେ ମଧ୍ୟ ଏ ଅନୁଷ୍ଠାନରେ ହରିହରଙ୍କ କୌଣସି ସ୍ମୃତି ରକ୍ଷିତ ହୋଇନଥିବାରୁ ଦୁଃଖପ୍ରକାଶ କରାଯାଇଥିଲା ।

ଏହାବ୍ୟତୀତ ଏ ବିଦ୍ୟାଳୟ ସମ୍ପର୍କରେ ପଣ୍ଡିତ ହରିହର ପ୍ରସ୍ତୁତ କରିଥିବା ଓ କାଶୀର Medical Hall Press, Benares ରେ ମୁଦ୍ରିତ ଏକ ହିନ୍ଦୀ ବିଜ୍ଞାପନର ଓଡ଼ିଆ ଅନୁବାଦ ମଧ୍ୟ ଏ ପ୍ରବନ୍ଧରେ ଦିଆଯାଇଥିଲା (ଏଥିରୁ ଜଣାଯାଏ ଯେ ଏବେ ଦୁର୍ଲଭ ମୂଳ ହିନ୍ଦୀ ବିଜ୍ଞାପନଟିରୁ ଅନ୍ତତଃ ଗୋଟିଏ ନାରାୟଣ ଶିରୋମଣିଙ୍କ ନିକଟରେ ଥିଲା ।) ଏହି ବିଜ୍ଞାପନଟି ଦୀର୍ଘ ହୋଇଥିଲେ ହେଁ ବର୍ତ୍ତମାନ ଦୁର୍ଲଭ । ତେଣୁ ତାହାକୁ ଅର୍ଥାତ୍ ନାରାୟଣ ଶିରୋମଣିକୃତ ତାର ଅନୁବାଦକୁ ନିମ୍ନରେ ଦିଆଗଲା । ପରବର୍ତ୍ତୀକାଳୀନ ଓଡ଼ିଆ ଗଦ୍ୟରେ ହୋଇଥିବା ଅନୁବାଦ ମାଧ୍ୟମରେ ହେଲେ ମଧ୍ୟ ଏହା ଭିତରେ ମିଳିବ ପଣ୍ଡିତ ହରିହରଙ୍କ ଲେଖାର ତଥା ବିଶାଳ ଓ ମହାନ ପରିକଳ୍ପନାର ନମୁନା ତଥା ସଂସ୍କୃତ ବିଦ୍ୟାଳୟ ଇତିହାସ ସମ୍ପର୍କିତ କେତେକ ପ୍ରାମାଣିକ ତଥ୍ୟ ।

"ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ ୧୯୬୫ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥ ପୁରୀରେ ବଲରାମପୁର ମହାରାଜ ମୋର ପ୍ରାର୍ଥନାନୁସାରେ ପୁରୁଷୋତ୍ତମ ନିବାସୀ ବ୍ରାହ୍ମଣ ବାଳକମାନଙ୍କର ବିଦ୍ୟା ଉପାର୍ଜନ ଏବଂ ମୋର ନିର୍ବାହ ସକାଶ

Digitized by srujanika@gmail.com

ଗୋଟିଏ ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରି ଉକ୍ତ ବିଦ୍ୟାଳୟର ପରିଚାଳନ ନିମିତ୍ତ ୫୫୦୦ ଅତ୍ରତ୍ୟ କଲେକ୍ଟରିରେ ଏପରି ଜମା କରିଥିଲେ ଯେ ଯାହାର ଜଳନ୍ତର ଦ୍ୱାରା ବିଦ୍ୟାଳୟର କାର୍ଯ୍ୟ ଉତ୍ତମରୂପେ ପରିଚାଳିତ ହେଉଥିଲା । କିନ୍ତୁ କେତେକ ଦିନ ପରେ ଛାତ୍ରସଂଖ୍ୟା ବୃଦ୍ଧି ହେବାରୁ ମୁଁ ପୁରୀ "ଲୋକାଲ କମିଟି" ଦ୍ୱାରା ଶ୍ରୀ ଶ୍ରୀ ବଳରାମପୁର ମହାରାଜାଙ୍କ ନିକଟରେ ୩ଗୋଟି ଉପଯୁକ୍ତ ପଣ୍ଡିତ ଓ କତିପୟ ଛାତ୍ରବୃତ୍ତି ସ୍ଥାପନ କରାଇବା ସକାଶ ପୁଣି ପ୍ରାର୍ଥୀ ହୋଇଥିଲି । ଗୁଣଗ୍ରାହକ ଦୟାମୟ ମହାରାଜ ଯେଉଁ ୧୩୦୦ ଟଙ୍କା ବାର୍ଷିକ ପଣ୍ଡାଦ୍ୱାରା ଦରିଦ୍ରମାନଙ୍କୁ ସଦାବର୍ତ୍ତ ଦେବା ସକାଶେ ନିଶ୍ଚୟ କରିଥିଲେ ପରେ ପଣ୍ଡାର ଦୋଷ ଦେଖି ଉକ୍ତ ଟଙ୍କା ସଂସ୍କୃତ ବିଦ୍ୟାଳୟରେ ଦେବାକୁ ଆଦେଶ ଦେଲେ । ସେହି ସମୟରୁ ଉକ୍ତ ବିଦ୍ୟାଳୟ ଉନ୍ନତି ପଥରେ ଧାବିତ ହେବାକୁ ଲାଗିଲା ଏବଂ ୩ ଗୋଟି ଯୋଗ୍ୟ ପଣ୍ଡିତ କେତେଗୋଟି ଛାତ୍ରବୃତ୍ତି ସ୍ଥାପିତ ହୋଇ ଅତ୍ୟୁତ୍କୃଷ୍ଟ ଭାବରେ ପାଠଶାଳାର କାର୍ଯ୍ୟ ପରିଚାଳିତ ହେବାକୁ ଲାଗିଲା ।

ପୁନଶ୍ଚ ୧୮୬୫ ଖ୍ରୀଷ୍ଟାବ୍ଦରେ ପୁରୀର ମାଜିଷ୍ଟ୍ରେଟ୍ ବକ୍‌ବେଲ୍ ସାହେବ ବାହାଦୂରଙ୍କ ଯତ୍ନରେ ଉକ୍ତ ବିଦ୍ୟାଳୟପାଇଁ ଗୋଟିଏ ଗୃହ ନିର୍ମିତ ହେଲା । ଉକ୍ତ ଗୃହ ନିର୍ମାଣ ହେବା ପୂର୍ବରୁ ଇଙ୍ଗଲିସ୍ ସ୍କୁଲର ଏକ ପାର୍ଶ୍ୱରେ ଅଧ୍ୟାପନାଦି କାର୍ଯ୍ୟ ନିର୍ବାହିତ ହେଉଥିଲା । ୧୮୭୫ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ ଆସିଷ୍ଟେଣ୍ଟ ମାଜିଷ୍ଟ୍ରେଟ୍ ଗ୍ରେବିସ୍ ସାହେବଙ୍କ ଉଦ୍ୟମରେ ସଂସ୍କୃତ ସ୍କୁଲରୁ ଛାତ୍ରବୃତ୍ତି ପରୀକ୍ଷା ଦେବା ନିମନ୍ତେ ବନ୍ଦୋବସ୍ତ ହେଲା ।

ଆହୁରି ମଧ୍ୟ ଶ୍ରୀଯୁକ୍ତ କଲେକ୍ଟର ସାହେବ ପୁରୀ ସଂସ୍କୃତ ସ୍କୁଲ ଛାତ୍ରମାନଙ୍କୁ ଓଡ଼ିଆ ଓ ବଙ୍ଗଳା ସାହିତ୍ୟ ପରିବର୍ତ୍ତରେ ସଂସ୍କୃତରେ ପରୀକ୍ଷା ଦେବାକୁ ଆଦେଶ ଦେଲେ । ସେହି ହେତୁ ସେହି ସମୟର ସଂସ୍କୃତ ସ୍କୁଲ ଛାତ୍ରମାନଙ୍କର ଅବସ୍ଥାଗତ ନିୟମ ମଧ୍ୟ ଉଠିଗଲା । ତତ୍ପର ବର୍ଷ ସଂସ୍କୃତ ସ୍କୁଲରୁ ପରୀକ୍ଷୋତୀର୍ଣ୍ଣ ୬ ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୨ ଜଣ ବିଦ୍ୟାର୍ଥୀ ବୃତ୍ତି ପାଇ ଇଙ୍ଗଲିଶ୍ ସ୍କୁଲରେ ଅଧ୍ୟୟନ କରୁଅଛନ୍ତି ।

ବର୍ତ୍ତମାନ ଉକ୍ତ ସ୍କୁଲରେ ଶ୍ରୀଶ୍ରୀଢେଙ୍କାନାଳ ମହାରାଜାଙ୍କ ଉତ୍ସାହ ଓ ବଦାନ୍ୟତାରୁ ଗୋଟିଏ ପୁସ୍ତକାଳୟର ସୃଷ୍ଟି ହେଲା । ଏହି ପୁସ୍ତକାଳୟର କଳେବର ପୁଷ୍ଟି ସକାଶ ପୁରୀର କେତେକ ବିଦ୍ୟାନୁରାଗୀ ପ୍ରାୟ ୫୦୦ ଟଙ୍କା ଅର୍ପଣ କରି ସହାନୁଭୂତି ପ୍ରକାଶ କରିଥିଲେ ।

୧୮୭୦ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ ଆସିଷ୍ଟେଣ୍ଟ ମାଜିଷ୍ଟ୍ରେଟ୍ ଗ୍ରେବିସ୍ ସାହେବଙ୍କ ଉତ୍ସାହ ଓ ଉଦ୍ୟମରେ ଉକ୍ତ ବିଦ୍ୟାଳୟରେ ଗୋଟିଏ ରାତ୍ରି ବିଦ୍ୟାଳୟ ସ୍ଥାପନ କରି ତହିଁରେ ରାତିରେ ଇଙ୍ଗଲିସ୍ ପଠନର ସୁବନ୍ଦୋବସ୍ତ କରାଇଥିଲେ, ଯାହାଦ୍ୱାରାକି ଛାତ୍ରବୃତ୍ତି

Digitized by srujanika@gmail.com

ପାଇଥିବା ଛାତ୍ରମାନେ ଇଂଗଲିସ୍ ସ୍କୁଲକୁ ଗଲେ । ସେମାନଙ୍କ ପକ୍ଷରେ ଉପକାର ହେବ, ଅନ୍ତତଃ ୩ ବର୍ଷ ମଧ୍ୟରେ ପ୍ରବେଶିକା ପରୀକ୍ଷା ଦେଇପାରିବେ ।

ପୁଣି ଏହା ମଧ୍ୟ ଜଣାଉଅଛୁ ଯେ ସଂସ୍କୃତ ସ୍କୁଲ ସ୍ଥାପିତ ହେବା ପୂର୍ବରୁ ପୁରୀର ବ୍ରାହ୍ମଣ ବାଳକମାନେ କୌଣସି ସ୍କୁଲରେ ଅଧ୍ୟୟନ କରୁନଥିଲେ, ଯେଉଁ ସମୟରୁ ଉକ୍ତ ସ୍କୁଲ ସ୍ଥାପିତ ହେଲା ସେହି ସମୟରୁ କେହି କେହି ପଢ଼ିବାକୁ ଲାଗିଲେ । ବର୍ତ୍ତମାନ ୬୦ଜଣ ଛାତ୍ର ସଂସ୍କୃତ ସ୍କୁଲରେ, ୨୫ ଜଣ ଛାତ୍ର ବଙ୍ଗୋକ୍ଲଳ ବିଦ୍ୟାଳୟରେ ଓ ୮ ଜଣ ବ୍ରାହ୍ମଣ ବାଳକ ଇଂଗଲିସ୍ ସ୍କୁଲରେ ବିଦ୍ୟାଭ୍ୟାସ କରୁଅଛନ୍ତି । ଏଥିରୁ ବଳରାମପୁର ମହାରାଜ ବାହାଦୂରଙ୍କର ଅକ୍ଷୟ ପୁଣ୍ୟ ହେଉଅଛି ସତ୍ୟ କିନ୍ତୁ ଦେଖନ୍ତୁ ନିଖିଳ ହିନ୍ଦୁଧର୍ମାବଲମ୍ବୀ ଲୋକମାନେ ପୁଣ୍ୟ କ୍ଷେତ୍ରରେ ବହୁତ ଦାନ କରୁଅଛନ୍ତି ମାତ୍ର ଦେଶର ଉପକାର ସକାଶ କେହି କେହି ଉଚ୍ଚମନା ବିଦ୍ୟାମନ୍ଦିରରେ ଧନ ପ୍ରଦାନ କରୁଅଛନ୍ତି କି ? ମୁଁ ଧନ୍ୟବାଦ ପୁରଃସର ପ୍ରକାଶ କରୁଅଛି ଯେ ପୁରୀରେ ଜ୍ଞାନ ବୃଦ୍ଧି ନିମନ୍ତେ ଆମ୍ଭମାନଙ୍କର ବଳରାମପୁର ମହାରାଜ ଯେଉଁ କାର୍ଯ୍ୟ କରିଅଛନ୍ତି ସେ ଅତୀବ ପ୍ରଶଂସନୀୟ ଅଟେ ।

ବର୍ତ୍ତମାନ ବିଦ୍ୟାଳୟର ଯେଉଁ ଅବସ୍ଥା ଘଟିଅଛି ଏହାର ପରିଚାଳନ ସକାଶ ମହାରାଜଙ୍କ ପ୍ରଦତ୍ତ ଧନ ଯଥେଷ୍ଟ ହୋଇଅଛି । କିନ୍ତୁ ପୁରୀର ନିର୍ଦ୍ଧନତା ଏବଂ ବ୍ରାହ୍ମଣମାନଙ୍କର ସଂଖ୍ୟା ଦେଖିଲେ ଅବଶ୍ୟ ପ୍ରତୀୟମାନ ହୁଏ ଯେ ବିଦ୍ୟାଳୟରେ ବିଦ୍ୟାବିସ୍ତାର ନ କରାଇଲେ ସର୍ବସାଧାରଣ ସଭ୍ୟତା ହେବା କଠିନ ହେବ । ଓଡ଼ିଶା ଗୋଟିଏ ନିତାନ୍ତ ଧନହୀନ ପ୍ରଦେଶ । ଏହାର ୧୮୬୬ ଖ୍ରିଷ୍ଟାବ୍ଦରେ ଘଟିଥିବା ଦୁର୍ଭିକ୍ଷ ଜ୍ୱଳନ୍ତ ଉଦାହରଣ । ଅତଏବ ମୋର ଇଚ୍ଛା ଏହି ଯେ ବିଦେଶୀଙ୍କ ସହାୟତାରେ ବର୍ତ୍ତମାନ ପୁରୀ ସଂସ୍କୃତ ସ୍କୁଲ ସଂସ୍କୃତ କଲେଜରେ ପରିଣତ ହୋଇ ଏଥିରେ ଇଂଗଲିସ୍ ଏଣ୍ଟ୍ରାନ୍ସ ପର୍ଯ୍ୟନ୍ତ ଏବଂ ସଂସ୍କୃତର ସବୁପ୍ରକାର ଉଚ୍ଚ ଶିକ୍ଷାମାନ ଦିଆଯାଉ । ଏହି କାର୍ଯ୍ୟ ନିର୍ବାହ ନିମନ୍ତେ ମାସିକ ୬୩୦ ଟଙ୍କା ଆୟ ହେବା ଆବଶ୍ୟକ । ଏହିସବୁ ବିଷୟ ଓଡ଼ିଶାର କମିଶନର ରେଭାନାସା ସାହେବଙ୍କ ସହିତ ମୁଁ ଲୋକାଲ କମିଟି ମଧ୍ୟରେ ସ୍ଥିର କରିଅଛି । ମାତ୍ର ଏଥିମଧ୍ୟରୁ ୧୩୦ ଟଙ୍କା ଶ୍ରୀଶ୍ରୀ ବଳରାମପୁର ମହାରାଜ ବନ୍ଦୋବସ୍ତ କରିଅଛନ୍ତି; ବାକି ୫୦୦ ଟଙ୍କା ସଂଗ୍ରହ ସକାଶ ମୁଁ ୨ ବର୍ଷ ଛୁଟି ନେଇ ଏଥିରେ କଲିକତା, ବମ୍ବେଇ, ମାନ୍ଦ୍ରାଜ, ଜମ୍ମୁ, ନେପାଳ, ଗ୍ୱାଲିୟର, ଇନ୍ଦୋର, ଜୟପୁର, ଯୋଧପୁର, ଉଦୟପୁର, ବିକାନେର, ପଟିୟାଲା, ଭରତପୁର, ମହୀଶୂର, ବିଜୟନଗରଂ, ରାମନଗରଂ, ଡୁମରା ବର୍ଦ୍ଧମାନ ଆଉ ପ୍ରଧାନ ପ୍ରଧାନ ନଗର ଓ ରାଜଧାନୀମାନଙ୍କୁ ଯାଇ ବିଜ୍ଞାପନ ପ୍ରକାଶ କରିବି ।

Digitized by srujanika@gmail.com

ନିଶ୍ଚୟ କରିଅଛି ଯେ ଉକ୍ତ ଦେଶାଧିକାରୀମାନେ ଭାରତର ପୁଣ୍ୟ ପୀଠ ଓ ତୀର୍ଥ ସ୍ଥାନ ପୁରୀରେ ସଂସ୍କୃତ ବିଦ୍ୟାର ପ୍ରଧାନତା ରଖିବା ସକାଶ ଏବଂ ଗରିବମାନଙ୍କର ସାମୟିକ ଶିକ୍ଷା ସହିତ ପ୍ରଧାନ ସଂସ୍କୃତ ବିଦ୍ୟାର ଦାନ ନିମିତ୍ତ ଅବଶ୍ୟ ସାହାଯ୍ୟ ଦାନ କରିବେ । ମୁଁ ଏହି ପ୍ରତ୍ୟାଶାରେ ମନୋରଥ କରିଅଛି ଯେ ଗୋଟିଏ ବିସ୍ତୃତ ପକ୍କା ବିଦ୍ୟାଳୟ, ଗୋଟିଏ ବଡ଼ ପୁସ୍ତକାଳୟ, କତିପୟ ଉପଯୁକ୍ତ ପଣ୍ଡିତ, କେତେଜଣ ମାଷ୍ଟର ଏବଂ କେତେଗୋଟି ଛାତ୍ରବୃତ୍ତି ସ୍ଥାପନ କରାଇ ତେବେ ମୋର ଆତ୍ମାକୁ କୃତାର୍ଥ ମନେକରିବି । ବର୍ତ୍ତମାନ ତତ୍ ଦେଶୀୟ ଅଧିକାରୀମାନଙ୍କ ନିକଟରେ ଏହି ପ୍ରାର୍ଥନା ଯେ ମୋର ଦେଶ ହିତୈଷିଣୀ ଆଶାଲତାକୁ ସତ୍ୱର ଫଳବତୀ କରନ୍ତୁ ।

ଗ୍ରନ୍ଥ ପ୍ରକାଶକମାନଙ୍କ ନିକଟରେ ଏହି ନିବେଦନ ଯେ ସେମାନେ ସ୍ୱରଚିତ ବାସ୍ୱ ପ୍ରକାଶିତ ପୁସ୍ତକମାନଙ୍କ ଦ୍ୱାରା ଏହି ପୁସ୍ତକାଳୟର କଳେବର ପୁଷ୍ଟି କରାଇବାକୁ ବିଶେଷ ଉତ୍ସାହୀ ହୁଅନ୍ତୁ ।”

ଏହି ବିଜ୍ଞାପନରୁ ମିଳିଥାଏ ହରିହରଙ୍କ ବ୍ୟକ୍ତିତ୍ୱର, ବିଦ୍ୟାଳୟ ସମ୍ପର୍କରେ ତାଙ୍କ ପୁରୋଦୃଷ୍ଟିର ଓ ସାରା ଭାରତ ଭ୍ରମଣପାଇଁ ତାଙ୍କର ସଙ୍କଳ୍ପ, ସାହସ ଓ ନିର୍ଭୀକତାର ପରିଚୟ ।

୨.୨.୪. ନୀଳକଣ୍ଠ ଦାସ

(କ) ‘ସଂସ୍କୃତ ଓ ସଂସ୍କୃତି’ (୧୯୫୧) ପୁସ୍ତକର ଗୋଟିଏ ଅଧ୍ୟାୟ । ଏହା ପୂର୍ବେ ୧୯୪୭ରେ ପୁରୀ ସଂସ୍କୃତ କଲେଜରେ ପ୍ରଦତ୍ତ ବକ୍ତୃତାର ସମ୍ପ୍ରସାରିତ ଓ ଲିଖିତ ରୂପ । ଏହା ବହୁ ତଥ୍ୟର ସୂଚନାଗର୍ଭିତ ଅପେକ୍ଷାକୃତ ଏକ ଦୀର୍ଘ ଆଲୋଚନା ଓ ଏହା ହିଁ ସାମ୍ପ୍ରତିକ କାଳରେ ପଣ୍ଡିତ ହରିହରଙ୍କ ପ୍ରତି ବହୁ ଗବେଷକ ଓ ବିଦ୍ୱାନମାନଙ୍କ ଦୃଷ୍ଟି ଆକର୍ଷଣ କରିଛି ତଥା ମୁଖ୍ୟତଃ ଏହାହିଁ ହୋଇଛି ପଣ୍ଡିତ ହରିହରଙ୍କ ସମ୍ପର୍କରେ ସାମ୍ପ୍ରତିକ କାଳରେ ସୃଷ୍ଟି ହୋଇଥିବା ବୌଦ୍ଧିକ ଆଗ୍ରହର ମୂଳରେ ।

ନୀଳକଣ୍ଠଙ୍କ ବକ୍ତବ୍ୟ ମୂଳତଃ ଶ୍ରୁତି-ଭିତ୍ତିକ ଓ ତାଙ୍କର ସ୍ମୃତି-ନିର୍ଭରଶୀଳ ହୋଇଥିବାରୁ ଏଥିରେ କେତେକ ତଥ୍ୟଗତ ପ୍ରମାଦ ମଧ୍ୟ ରହିଛି । ତା ବ୍ୟତୀତ ହରିହର ଥିଲେ ନୀଳକଣ୍ଠଙ୍କ ନିକଟ ସମ୍ପର୍କୀୟ ଜ୍ଞାତିଭାଇ, ତାଙ୍କ ପିତୃବ୍ୟ । ତେଣୁ ନୀଳକଣ୍ଠଙ୍କର ବକ୍ତବ୍ୟରେ ଭାବପ୍ରବଣତାଜନିତ ଅତିରଞ୍ଜନର ସ୍ପର୍ଶ ଅବଶ୍ୟ ଲାଗିଛି । ଏ ପ୍ରସଙ୍ଗରେ ନିଜେ ନୀଳକଣ୍ଠ କହିଥିଲେ, “ଏହା ସ୍ମରଣ କଲେ, ବ୍ୟକ୍ତିଗତ ଭାବରେ ମଧ୍ୟ ଆଜି ମୋ ଛାତି ଫୁଲିଉଠୁଛି । କାରଣ, ସେ ଥିଲେ ଆମ ଗ୍ରାମର, ଆମ ଜ୍ଞାତିଭାଇ, ମୋ ପିତାଙ୍କର କନିଷ୍ଠ, ମୋର ନମସ୍ୟ ପିତୃବ୍ୟ ।” (ଦାସ, ପଣ୍ଡିତ ନୀଳକଣ୍ଠ, ୧୯୫୧,

Digitized by srujanika@gmail.com

ପୃ.୮୩) । ତା'ସତ୍ତ୍ୱେ ନୀଳକଣ୍ଠଙ୍କ ଏ ଲେଖା ଭବିଷ୍ୟତ ଗବେଷକ/ଆଲୋଚକମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶନ ଦେଇପାରିଛି ବୋଲି ମନେହୁଏ । ତେବେ ନୀଳକଣ୍ଠଙ୍କ ଲେଖାରେ ଥିବା ତଥ୍ୟଗତ ପ୍ରମାଦ ହେତୁ (– ଯଥା ବୀମ୍‌ସ ପୁରୀର କଲେକ୍ଟର ଥିଲେ ବୋଲି ନୀଳକଣ୍ଠ କହିଥିଲେ ମଧ୍ୟ ତା ସତ୍ୟ ନୁହେଁ କାରଣ ବୀମ୍‌ସ କେବେ ବି ପୁରୀର କଲେକ୍ଟର ନଥିଲେ –) ତଥା ବୀମ୍‌ସ ତାଙ୍କ ସ୍ମୃତିକଥାରେ ହରିହରଙ୍କ ବା ତାଙ୍କ ସଂସ୍କୃତ ବିଦ୍ୟାଳୟ ସମ୍ପର୍କରେ ନୀରବ ରହିଥିବାରୁ ନୀଳକଣ୍ଠଙ୍କ ବକ୍ତବ୍ୟ ଓ ବସ୍ତୁନିଷ୍ଠତାପ୍ରତି 'କୋଣାର୍କ' ପୃଷ୍ଠାରେ କଟାକ୍ଷ କରିଛନ୍ତି ରବୀନ୍ଦ୍ର ପ୍ରସାଦ ପଣ୍ଡା (ଦ୍ର: ପଣ୍ଡା, ରବୀନ୍ଦ୍ର ପ୍ରସାଦ, ୧୯୮୭, ପୃ. ୪୦-୪୨) । ହରିହର ଇଂରାଜୀ ବ୍ୟତୀତ ଗ୍ରୀକ୍ ଓ ଲାଟିନ୍ ଭାଷା ଜାଣିଥିବା ବିଷୟକ ନୀଳକଣ୍ଠଙ୍କ ବକ୍ତବ୍ୟ ସମ୍ପର୍କରେ ଶ୍ରୀ ପଣ୍ଡାଙ୍କର ମଧ୍ୟ ସନ୍ଦେହ ରହିଛି ବୋଲି ମନେହୁଏ ।) କିନ୍ତୁ ଔପନିବେଶିକ ପ୍ରଶାସକ ତଥା ବୌଦ୍ଧିକ ଅହଂକାରସମ୍ପନ୍ନ ବୀମ୍‌ସ ଓଡ଼ିଶାର ବହୁ ଘଟଣା ଓ ବହୁ ବ୍ୟକ୍ତିଙ୍କ ସମ୍ପର୍କରେ ନୀରବ ରହିଥିବାର ଭିନ୍ନକାରଣ ଥାଇପାରେ । ଆଉ ଶ୍ରୀ ପଣ୍ଡାଙ୍କ ନିକଟରେ ଥିବା ଏକମାତ୍ର ପ୍ରାମାଣିକ ଉପାଦାନ ହେଉଛି ବୀମ୍‌ସଙ୍କ ସ୍ମୃତିକଥା । କିନ୍ତୁ ବୀମସ୍‌ଙ୍କ ସ୍ମୃତିକଥାକୁ ସେ ଯେତିକି ପ୍ରାମାଣିକ ବୋଲି ଗ୍ରହଣ କରନ୍ତି ତା ଆଦୌ ସେତିକି ପ୍ରାମାଣିକ ନୁହେଁ (ଦ୍ର: ଦାଶ, ଗଗନେନ୍ଦ୍ର ନାଥ, ୨୦୦୬, ପୃ.୨୩୫-୪୨) । ତେଣୁ ନୀଳକଣ୍ଠଙ୍କ ଲେଖାରେ ଥିବା ସମସ୍ତ ତଥ୍ୟଗତ ପ୍ରମାଦ ସତ୍ତ୍ୱେ ବୀମ୍‌ସଙ୍କ ସହ ହରିହରଙ୍କ ଆଦୌ କୌଣସି ବୌଦ୍ଧିକ ସମ୍ପର୍କ ନଥିଲା ବୋଲି ମଧ୍ୟ ଦୃଢ଼ ଭାବରେ ଦାବି କରାଯାଇପାରେ ନାହିଁ । ସେ ବିଚାର ଅଧିକ ଗବେଷଣାସାପେକ୍ଷ । ତା ପରେ ହରିହର ଇଂରାଜୀ ବ୍ୟତୀତ ଗ୍ରୀକ୍ ଓ ଲାଟିନ୍ ଭାଷା ଜାଣିଥିଲେ ବୋଲି ସମସାମୟିକ ସମ୍ବାଦପତ୍ରରୁ ମଧ୍ୟ ଜଣାଯାଏ, ଯଦିଓ ସେସବୁ ଭାଷାରେ ତାଙ୍କର କେତେ ଦକ୍ଷତା ଥିଲା, ତା କହିବା ସମ୍ଭବ ନୁହେଁ ।

(ଖ) ପୁଣି ପ୍ରାୟ ଏହି ସମୟରେ (ବୋଧହୁଏ ୧୯୪୭/୧୯୪୮ରେ) ପଣ୍ଡିତ ନୀଳକଣ୍ଠ ଉତ୍କଳ ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରବେଶିକା (Matriculation) ପରୀକ୍ଷାର ଛାତ୍ରମାନଙ୍କ ପାଇଁ ପ୍ରସ୍ତୁତ ଏକ ଗଦ୍ୟସଙ୍କଳନରେ ବଳରାମପୁର ରାଜାଙ୍କ ସହ ହରିହରଙ୍କ ପ୍ରଥମ ସାକ୍ଷାତର ବର୍ଣ୍ଣନା କରି ଏକ ଲେଖା ବି ପ୍ରକାଶ କରିଥିଲେ ।

(ଗ) ୧୯୫୦ରେ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କପାଇଁ ଲିଖିତ ଏକ ପାଠ୍ୟପୁସ୍ତକ 'ସରସ ପାଠ', ପ୍ରଥମ ଭାଗରେ 'ପଣ୍ଡିତ ହରିହର ଦାସ' ଶୀର୍ଷକ ଏକ ଲେଖା ଲେଖି ତାଙ୍କ ସମ୍ପର୍କରେ ସଂକ୍ଷିପ୍ତ ବିବରଣ ପ୍ରଦାନ କରିଥିଲେ ପଣ୍ଡିତ ନୀଳକଣ୍ଠ ।

Digitized by srujanika@gmail.com

(ଘ) ଚନ୍ଦ୍ରଶେଖର ମିଶ୍ରଙ୍କ 'ସତ୍ୟବାଦୀରେ ସାତବର୍ଷ' ପୁସ୍ତକର 'ପ୍ରାରମ୍ଭ' (୧୯୫୩) ଲେଖିବା ଅବକାଶରେ ପଣ୍ଡିତ ନୀଳକଣ୍ଠ ଦୁଇଟି ଅନୁଚ୍ଛେଦରେ (ପୃ.୧୩-୧୪) ପଣ୍ଡିତ ହରିହରଙ୍କ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ । ସେଥିରେ ସତ୍ୟବାଦୀ ବନବିଦ୍ୟାଳୟର ପରିକଳ୍ପନା ଓ ସ୍ଥାନ ନିର୍ବାଚନ ପଛରେ ପଣ୍ଡିତ ହରିହରଙ୍କ ପୁଣ୍ୟ ପ୍ରେରଣା ଓ ସ୍ମୃତି ଥିବାର ତଥା ତାହା କିପରି ଉତ୍କଳମଣି ଗୋପବନ୍ଧୁଙ୍କୁ ତଥା ତାଙ୍କ ଦୀକ୍ଷାଗୁରୁ ମୁକ୍ତାର ରାମଚନ୍ଦ୍ର ଦାସ ଓ ଭକ୍ତକବି ମଧୁସୂଦନଙ୍କୁ ପ୍ରଭାବିତ ଓ ଉଦ୍‌ବୁଦ୍ଧ କରିଥିଲା ତାର ଉଲ୍ଲେଖ କରିଥିଲେ । ପ୍ରସଙ୍ଗକ୍ରମେ ହରିହରଙ୍କ ଉପରେ ଗୋପବନ୍ଧୁ ଲେଖିଥିବା କବିତାର ସୂଚନା ନୀଳକଣ୍ଠ ତ ଦେଇଥିଲେ, ପୁଣି ସେଥିରୁ ଗୋଟିଏ ପଙ୍‌କ୍ତି ମଧ୍ୟ ଉଦ୍ଧାର କରି ଭ୍ରମକ୍ରମେ କବିତାଟି ପ୍ରଥମେ 'ମୁକୁର'ରେ ପ୍ରକାଶ ପାଇଥିଲା ବୋଲି ମଧ୍ୟ କହିଥିଲେ । (ତେବେ ଓଡ଼ିଆ ସାହିତ୍ୟରେ 'ମୁକୁର'ର ଆବିର୍ଭାବ ପରବର୍ତ୍ତୀ କାଳର ଘଟଣା ।)

(ଙ) ପ୍ରଥମ ଥରପାଇଁ ୧୯୬୩ରେ ପ୍ରକାଶ ପାଇଥିବା ପଣ୍ଡିତ ନୀଳକଣ୍ଠଙ୍କ 'ଆତ୍ମଜୀବନୀ'ର ସତ୍ୟବାଦୀ ବନବିଦ୍ୟାଳୟ ବିଷୟକ ବିବରଣରେ, 'ସତ୍ୟବାଦୀର ପରିକଳ୍ପନା' ଓ 'ସ୍ଥାନ ବିଚାର' ଶୀର୍ଷକ ଦୁଇଟି ଅଂଶ/ଅଧ୍ୟାୟରେ, ମଧ୍ୟ ହରିହରଙ୍କ ସମ୍ପର୍କରେ ସୂଚନା ଦିଆଯାଇଥିଲା । ସେ ପୂର୍ବେ 'ସତ୍ୟବାଦୀରେ ସାତବର୍ଷ' ପୁସ୍ତକର ପ୍ରାରମ୍ଭରେ ଦେଇଥିବା ସୂଚନା ସହ ଏହି ସୂଚନାର ବହୁତ ସାମଞ୍ଜସ୍ୟ ରହିଛି । ତେବେ 'ସତ୍ୟବାଦୀରେ ସାତବର୍ଷ'ର 'ପ୍ରାରମ୍ଭ'ରେ ପଣ୍ଡିତ ହରିହରଙ୍କ ମୃତ୍ୟୁ ୧୮୭୪ ବୋଲି ଉଲ୍ଲେଖ ଥିବାବେଳେ 'ଆତ୍ମଜୀବନୀ'ରେ ତାହା ହୋଇଛି ୧୮୭୨, ଯାହା ଭ୍ରମାତ୍ମକ (ଦାସ, ପଣ୍ଡିତ ନୀଳକଂଠ, ୨୦୦୩, ପୃ.୬୬-୬୯) ।

ମୋଟଉପରେ ସାମ୍ପ୍ରତିକ କାଳରେ ବିସ୍ମୃତପ୍ରାୟ ହରିହରଙ୍କୁ ଲୋକଲୋଚନକୁ ଆଣିବାପାଇଁ ତାଙ୍କ ଗାଁର ତାଙ୍କ ଉତ୍ତର କାଳର ଜ୍ଞାତିମାନେ ତ ବିଶେଷ ଉଦ୍ୟମ କରିଛନ୍ତି; ପୁଣି ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଛନ୍ତି । ହରିହରଙ୍କ ପ୍ରତି ପଣ୍ଡିତ ନୀଳକଣ୍ଠଙ୍କର ଏ ତୀବ୍ର ଆକର୍ଷଣର କାରଣ ହେଉଛି ସେ ଥିଲେ ପଣ୍ଡିତ ନୀଳକଣ୍ଠଙ୍କର ଆଦର୍ଶପୁରୁଷ (role model) ତଥା ପ୍ରେରଣାର ଅଦୃଶ୍ୟ ଉତ୍ସ । ପଣ୍ଡିତ ନୀଳକଣ୍ଠଙ୍କ ଦେଶପ୍ରେମ, ପ୍ରଥା-ବିମୁକ୍ତ ବୈପ୍ଳବିକ ଚିନ୍ତାଧାରା ଓ ପାରମ୍ପରିକ ବିଧିବିଧାନରୁ ମୁକ୍ତ ନୂତନ ଦୃଷ୍ଟିକୋଣ – ଯାହା ତାଙ୍କ ସାହିତ୍ୟ ସମାଲୋଚନା ତଥା ଏପରି କି ଭାଷାଚର୍ଚ୍ଚାରେ ମଧ୍ୟ ପ୍ରତିଫଳିତ ହୋଇଛି – ପଶ୍ଚାଦ୍‌ଦେଶରେ ଆଜି ଏଇ ପଣ୍ଡିତ ହରିହରଙ୍କୁ ଆବିଷ୍କାର କରାଯାଇପାରେ ।

Digitized by srujanika@gmail.com

୨.୨.୫. ମହେଶ ଚନ୍ଦ୍ର ମହାପାତ୍ର

'ଆଧୁନିକ ଶିକ୍ଷା ଓ ଓଡ଼ିଶା', ୧୯୯୫ (ପ୍ରଥମ ସଂସ୍କରଣ ୧୯୭୭) ପୁସ୍ତକ । ମୁଖ୍ୟତଃ ଆଧୁନିକ କାଳରେ ଓଡ଼ିଶାରେ ସଂସ୍କୃତ ଶିକ୍ଷା, ବିଶେଷ ଭାବରେ ପୁରୀ ସଂସ୍କୃତ ବିଦ୍ୟାଳୟ ପ୍ରସଙ୍ଗରେ ପଣ୍ଡିତ ହରିହରଙ୍କ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରିଛନ୍ତି ମହେଶ ଚନ୍ଦ୍ର ମହାପାତ୍ର (ମହାପାତ୍ର, ମହେଶ ଚନ୍ଦ୍ର, ୧୯୯୫, ପୃ.୧୫୮-୬୦) । ତେବେ ସେ ପୁଣି 'ଉତ୍କଳ ଦୀପିକା', ପଣ୍ଡିତ ନୀଳକଣ୍ଠଙ୍କ ପୂର୍ବୋକ୍ତ ଆଲୋଚନା ସହ ସରକାରୀ କାଗଜପତ୍ରରୁ କେତେକ ମୂଲ୍ୟବାନ ତଥ୍ୟ (ଯଥା ପୁରୀ ସଂସ୍କୃତ ବିଦ୍ୟାଳୟ ଓ ହରିହରଙ୍କ ସମ୍ପର୍କରେ କମିଶନର ରାଭେନ୍‌ଶଙ୍କ ମନ୍ତବ୍ୟ) ସଂଗ୍ରହ କରି ହରିହରଙ୍କ ସମ୍ପର୍କରେ ଅଧିକ ଆଲୋକପାତ କରିବାର ପ୍ରଶଂସନୀୟ ଉଦ୍ୟମ ମଧ୍ୟ କରିଛନ୍ତି ।

୨.୨.୬. ଜଗନ୍ନାଥ ପ୍ରସାଦ ଦାସ

'ଦେଶ କାଳ ପାତ୍ର', (୧୯୯୨) ପୁସ୍ତକ । ପ୍ରଥମରୁ କହି ରଖିବା ଉଚିତ ହେବ ଯେ 'ଦେଶ କାଳ ପାତ୍ର' ଆଲୋଚନାତ୍ମକ ସାହିତ୍ୟକୃତି ନୁହେଁ । ଏହା ପ୍ରକୃତରେ ଏକ ମନୋରଞ୍ଜନଧର୍ମୀ ସର୍ଜନାତ୍ମକ ସାହିତ୍ୟକୃତି, ଯେଉଁଥିରେ ସଚେତନ ଭାବରେ କଳ୍ପନାର ଆଶ୍ରୟ ନିଆଯାଏ ଓ ଲେଖକଙ୍କର ସେପରି ଅଧିକାର ସିଦ୍ଧ ତଥା ସ୍ୱୀକୃତ । ଏଥିରେ ହରିହରଙ୍କ ବ୍ୟକ୍ତିତ୍ୱ ଓ ଅବଦାନ ଆବିଷ୍କାରର ପ୍ରଶଂସନୀୟ ପ୍ରଚେଷ୍ଟା ଓ ସେଥିପାଇଁ କେତେକ ମୌଳିକ ଗବେଷଣା ତଥା କେତେକ ପ୍ରାଥମିକ ଉପାଦାନର ଉପଯୋଗ ଅବଶ୍ୟ କରାଯାଇଛି । ନୀଳକଣ୍ଠଙ୍କ ଲେଖାରେ ଥିବା ତଥ୍ୟଗତ ପ୍ରମାଦକୁ ପରିହାର କରିବା ଉଦ୍ୟମରେ ବୀମ୍‌ସ ପୁରୀର କଲେକ୍ଟର ଥିଲେ ବୋଲି ଏଥିରେ କୁହାଯାଇ ନାହିଁ । କିନ୍ତୁ ନୀଳକଣ୍ଠଙ୍କ ଅନୁସରଣରେ ବୀମ୍‌ସ ଓ ହରିହରଙ୍କ ମଧରେ ବୌଦ୍ଧିକ ସମ୍ପର୍କକୁ ସ୍ୱୀକାର କରାଯାଇଛି । ମୃତ୍ୟୁଞ୍ଜୟ ରଥ ତାଙ୍କ ପୂର୍ବୋକ୍ତ 'ବ୍ରହ୍ମଜ୍ଞ ମଧୁସୂଦନ' ଶୀର୍ଷକ ଦୀର୍ଘ ପ୍ରବନ୍ଧର ନିର୍ଦ୍ଦିଷ୍ଟ ଅଂଶରେ ଭକ୍ତକବି ମଧୁସୂଦନ ଦେଖିଥିବା ଦୁଇଗୋଟି ସ୍ୱପ୍ନର ଉଲ୍ଲେଖକରି ମାତ୍ର ଗୋଟିଏ ସ୍ୱପ୍ନ ସହ ହରିହରଙ୍କୁ ସଂଯୁକ୍ତ କରି (ଦ୍ରଃ ରଥ, ମୃତ୍ୟୁଞ୍ଜୟ, ବ୍ରହ୍ମଜ୍ଞ ମଧୁସୂଦନ, ୨୦୦୫, ପୃ.-୧୫) କହିଥିଲେ, "ଏହି ସ୍ୱପ୍ନର ଅଳ୍ପ ଦିନ ପରେ ପଣ୍ଡିତ ମହାଶୟ ସେହିପରି ଦଗ୍ଧ ହୋଇ ଅକାଳରେ ପ୍ରାଣତ୍ୟାଗ କଲେ ।" (ତତ୍ରୈବ, ପୃ. ୧୫-୧୬) । ହରିହରଙ୍କ ମୃତ୍ୟୁ ହୁଏ ୧୮୭୪ ଫେବୃଆରୀ ମାସରେ । ତେଣୁ ତାର ଅଳ୍ପ କାଳ ପୂର୍ବେ ମଧୁସୂଦନ ସେଇ ସ୍ୱପ୍ନରେ ହରିହରଙ୍କୁ ଦେଖିଥିବା ସମ୍ଭବ । କିନ୍ତୁ 'ଦେଶ କାଳ ପାତ୍ର'ରେ ଏହି ସ୍ୱପ୍ନର ସମୟ ୧୮୭୦ ମାର୍ଚ୍ଚର ଆଖପାଖ (ଦାସ, ଜଗନ୍ନାଥ ପ୍ରସାଦ, ୧୯୯୨, ୬/୧୧, ପୃ.୨୪୮) ବୋଲି ସୂଚିତ । ଅର୍ଥାତ୍ ହରିହରଙ୍କ

Digitized by srujanika@gmail.com

ମୃତ୍ୟୁର "ଅନେକ ଦିନ ତଳେ" ବା ପୂର୍ବେ ମଧୁସୂଦନ ଏହା ଦେଖିଥିଲେ (ତତ୍ରୈବ ୭/୪ ପୃ. ୨୮୦) ବୋଲି ସେଥିରେ କୁହାଯାଇଛି । କେବଳ ସେତିକି ନୁହେଁ, ମୃତ୍ୟୁଞ୍ଜୟ ଭକ୍ତକବି ଦେଖିଥିବା ଅନ୍ୟ ସ୍ୱପ୍ନଟି ସହ ହରିହରଙ୍କୁ ସଂଯୁକ୍ତ କରି ନଥିଲେ ମଧ୍ୟ 'ଦେଶ କାଳ ପାତ୍ର'ରେ ତା ସହ ମଧ୍ୟ ହରିହରଙ୍କୁ ସଂଯୁକ୍ତ କରିଦିଆଯାଇଛି (ତତ୍ରୈବ, ୧/୮, ପୃ.୫୫) । ମୃତ୍ୟୁଞ୍ଜୟଙ୍କ ବକ୍ତବ୍ୟକୁ ଏପରି ପରିବର୍ତ୍ତିତ ଭାବରେ ଉପସ୍ଥାପନ କରିବା କେତେଦୂର ସ୍ପୃହଣୀୟ ତା' ଏ ପ୍ରସଙ୍ଗରେ ବିଚାର୍ଯ୍ୟ । ସ୍ୱପ୍ନ ଦୁଇଟିକୁ ମୃତ୍ୟୁଞ୍ଜୟ ଯେଉଁ କ୍ରମରେ ଉପସ୍ଥାପନ କରିଥିଲେ 'ଦେଶ କାଳ ପାତ୍ର'ରେ ସେଇ କ୍ରମ ପରିବର୍ତ୍ତନର କାରଣ ଅବଶ୍ୟ ଦିଆଯାଇପାରେ ଓ ତେଣୁ ତା' ସେପରି ଆପତ୍ତିଜନକ ନୁହେଁ । ତେବେ 'ଦେଶ କାଳ ପାତ୍ର' ଅତ୍ୟନ୍ତ ଲୋକପ୍ରିୟ ହୋଇଥିବାରୁ ତା ମାଧ୍ୟମରେ ହରିହର ବହୁ ସାଧାରଣ ପାଠକଙ୍କ ନିକଟରେ ପହଞ୍ଚିବାର ସୁଯୋଗ ପାଇପାରିଛନ୍ତି ।

୨.୨.୭. ବିକ୍ରମ ଦାସ

'ଆଦିଜ୍ୟୋତି ହରିହର' (୧୯୯୨) ନାମକ ଏହା ଏକ କ୍ଷୁଦ୍ର ପୁସ୍ତିକା । ଏହା ହରିହରଙ୍କ ଜୀବନୀକୁ କେନ୍ଦ୍ରକରି ରଚିତ ହୋଇଥିବା ପ୍ରଥମ ଓ ଏକମାତ୍ର ପୁସ୍ତକ ତଥା ଏକ ପୂର୍ଣ୍ଣାଙ୍ଗ ଜୀବନୀ ରଚନାର ପ୍ରଥମ ପ୍ରଚେଷ୍ଟା । ପଣ୍ଡିତ ନୀଳକଣ୍ଠଙ୍କ ଶ୍ରୁତି-ଭିତ୍ତିକ-ଓ ସ୍ମୃତି-ନିର୍ଭର ବକ୍ତବ୍ୟକୁ ମୂଳତଃ ଆଶ୍ରୟ କରି ଏ ପୁସ୍ତିକା ଲେଖାଯାଇଥିଲେ ମଧ୍ୟ ସେଥିରେ ସେ ପର୍ଯ୍ୟନ୍ତ ଉପଯୋଗ କରାଯାଇନଥିବା କେତେକ ନୂତନ ତଥ୍ୟର ଅବତାରଣା ବି କରାଯାଇଥିଲା, ଯଥା 'ଉତ୍କଳପୁତ୍ର' ଓ 'ଉତ୍କଳଦୀପିକା'ରେ ପ୍ରକାଶିତ କେତେକ ସମ୍ବାଦ । ଲେଖକ ନୀଳକଣ୍ଠଙ୍କ ପୁତ୍ର ଓ ସେ କାରଣରୁ ହରିହରଙ୍କ ଉତ୍ତର କାଳର ଜ୍ଞାତି । ପୁଣି ଏଥିରେ ପଣ୍ଡିତ ନୀଳକଣ୍ଠଙ୍କ ସମସ୍ତ ବକ୍ତବ୍ୟକୁ ବିନାଦ୍ୱିଧାରେ ଗ୍ରହଣ କରିବାର ପ୍ରବଣତା ଲକ୍ଷ୍ୟ କରାଯାଇପାରେ । ତେଣୁ ଏଥିରେ ଭାବପ୍ରବଣତା ଜନିତ ଅତିରଞ୍ଜନ ଓ କଳ୍ପନାବିଳାସ ସହ କେତେକ ତଥ୍ୟଗତ ପ୍ରମାଦ ମଧ୍ୟ ସ୍ଥାନପାଇ ଏହାର ପ୍ରମାଣିକତାକୁ ବହୁ ପରିମାଣରେ କ୍ଷୁଣ୍ଣ କରିଛି । ଏଥିରେ ଏପରି କେତେକ କଥା କୁହାଯାଇଛି ଯାହାର କୌଣସି ପ୍ରମାଣ ନାହିଁ । ପୁଣି ଏହାର ଉପସ୍ଥାପନା ଶୈଳୀ ବା ପଦ୍ଧତି ବି ଅତ୍ୟନ୍ତ ଦୁର୍ବଳ । ତେବେ ଏଥିରେ ହରିହରଙ୍କୁ 'ନବଯୁଗର ପ୍ରବର୍ତ୍ତା' ରୂପେ ସ୍ୱୀକୃତି ଦିଆଯାଇ ତାଙ୍କୁ ଓଡ଼ିଶାର ଅନ୍ଧକାର ଯୁଗର 'ଆଦିଜ୍ୟୋତି' ବୋଲି ସମ୍ମାନିତ କରାଯାଇଛି ।

ପ୍ରସଙ୍ଗକ୍ରମେ ସୂଚାଇଦେବା ଉଚିତ ହେବ ଯେ ପଣ୍ଡିତ ନୀଳକଣ୍ଠଙ୍କ ବକ୍ତବ୍ୟ ଅନୁଯାୟୀ ହରିହର ତାଙ୍କ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଗୋଟିଏ ଶ୍ଳୋକ ଆବୃତ୍ତି

Digitized by srujanika@gmail.com

କରିଥିଲେ । ସେ ଶ୍ଳୋକର ପ୍ରଥମ ଚରଣଟି ଥିଲା, "ନ ଧ୍ୟାତଂ ପଦମୀଶ୍ୱରସ୍ୟ ବିଧିବତ୍ ସଂସାର-ବିଚ୍ଛିତ୍ତୟେ", ଓ ତୃତୀୟ ଚରଣଟି ଥିଲା "ନାରୀପୀନପୟୋଧରଯୁଗଳଂ ସ୍ୱପ୍ନେପି ନାଲିଙ୍ଗିତଂ" (ଦାସ, ପଣ୍ଡିତ ନୀଳକଣ୍ଠ, ୧୯୫୧, ପୃ.୯୭) । ହରିହର ନାସ୍ତିକ ଥିଲେ ବୋଲି ବିଶ୍ୱାସରୁ ଓ ପ୍ରଥମ ଚରଣଟିରୁ ତାର ପରୋକ୍ଷ ସମର୍ଥନ ମିଳୁଥିବାରୁ ଏ ଶ୍ଳୋକ ମାଧ୍ୟମରେ ହରିହର ମୃତ୍ୟୁ ପୂର୍ବରୁ ନିଜ ଜୀବନର ଆତ୍ମସମୀକ୍ଷଣ ବା ଆତ୍ମପର୍ଯ୍ୟାଲୋଚନା କରୁଥିଲେ ବୋଲି ଧରି ନେଇ ଓ ତୃତୀୟ ଚରଣଟିର ଆକ୍ଷରିକ ଅର୍ଥକୁ ଗ୍ରହଣ କରି ତଥା ଅନୁମାନ କରି ପଣ୍ଡିତ ନୀଳକଣ୍ଠ ଅନ୍ୟତ୍ର କହିଛନ୍ତି, "ଏପରିକି ଯୁବତୀ ପତ୍ନୀ ମଧ୍ୟ ସ୍ୱାମୀଙ୍କୁ ସ୍ୱାମୀ ବୋଲି ଜାଣିଥିଲେ କି ନା ସନ୍ଦେହ । ଅନ୍ତତଃ ପାଖେ ଥିବା ଆତ୍ମୀୟ ସ୍ୱଜନମାନଙ୍କର ଏହାଇ ଧାରଣା ଥିଲା ।" (ତତ୍ରୈବ, ପୃ.୯୪) । ଆଉ ପଣ୍ଡିତ ନୀଳକଣ୍ଠଙ୍କ ଏପରି ଅନୁମାନକୁ ବିକ୍ରମ ଦାସ କେବଳ ଗ୍ରହଣ କରିନାହାଁନ୍ତି ତାକୁ ସମ୍ପ୍ରସାରଣ କରି ହରିହର 'ବ୍ରହ୍ମଚର୍ଯ୍ୟ ବ୍ରତ' ଓ 'ସନ୍ନ୍ୟାସ ବ୍ରତ' ଧାରଣ କରିଥିବାର ଚିତ୍ରଟିଏ ଦେବାର ଚେଷ୍ଟା କରିଛନ୍ତି (ଦାସ, ବିକ୍ରମ, ୧୯୯୨, ମୁଖବନ୍ଧ ପୃ.ଙ ଓ ପୃ.୨୫ ଓ ୩୪) । ବିକ୍ରମ ଦାସ ପୁଣି ପଣ୍ଡିତ ନୀଳକଣ୍ଠଙ୍କ ସୂଚନାର ଅନୁବର୍ତ୍ତନରେ ହରିହର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ନିଜ ଜୀବନର ପର୍ଯ୍ୟାଲୋଚନା ପୂର୍ବକ ଉପରୋକ୍ତ ଶ୍ଳୋକଟି ଯେପରି ନିଜେ ରଚନାପୂର୍ବକ ଆବୃତ୍ତି କରିଥିଲେ ବୋଲି ଧାରଣାଟିଏ ଦେଇଛନ୍ତି ସେ ପୁସ୍ତକରେ, ଯଦିଓ ନୀଳକଣ୍ଠ ସ୍ପଷ୍ଟଭାବରେ ସେପରି ଦାବି କରିନଥିଲେ । କିନ୍ତୁ ଶ୍ଳୋକଟି ବହୁପୂର୍ବେ, ୧୪ଶ ଶତକରେ, ଲିଖିତ 'ଶାର୍ଙ୍ଗଧର ପଦ୍ଧତି'ର ଏକ ପ୍ରସିଦ୍ଧ ଶ୍ଳୋକ । ତାହା ବହୁଶାସ୍ତ୍ରଜ୍ଞ ହରିହର ଅବଶ୍ୟ ଜାଣିଥିଲେ ଓ ତା ତାଙ୍କ ସ୍ମୃତିରେ ଥିଲା । ଉନ୍ମାଦ ହୋଇଯାଇଥିବା ହରିହର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାହାକୁ ଆବୃତ୍ତି କରିଥିବାରୁ ତା ଉପରେ କୌଣସି ବିଶେଷ ଅର୍ଥ ଆରୋପ କରିବା ବୋଧହୁଏ ଉଚିତ ହେବନାହିଁ । କାରଣ ହରିହରଙ୍କ ଦୁଇଗୋଟି ଝିଅ ଥିଲେ ବୋଲି ଶୁଣାକଥାଟିଏ ମଧ୍ୟ ଅଛି (ଓ ହରିହରଙ୍କ ଅତି ନିକଟ ସମ୍ପର୍କୀୟ ଜ୍ଞାତିଭାଇ ତଥା ପୂର୍ବେ ସୂଚିତ 'ମୁକୁର'ରେ ୧୯୧୧ରେ ହରିହରଙ୍କ ଉପରେ ପ୍ରବନ୍ଧ ଲେଖିଥିବା ଗୋପୀନାଥ ଦାଶଙ୍କ ପୁତ୍ର ଓ ଅବସରପ୍ରାପ୍ତ ପ୍ରଫେସର ସର୍ବେଶ୍ୱର ଦାଶ ଏପରି ଶୁଣିଥିବାର ମତେ କହିଛନ୍ତି ।) ହରିହର 'ବ୍ରହ୍ମଚର୍ଯ୍ୟ ବ୍ରତ' ଓ 'ସନ୍ନ୍ୟାସ ବ୍ରତ' ଧାରଣ କରିଥିବାର ଗୋଟିଏ ଭିତ୍ତିହୀନ ବିଶ୍ୱାସ ସୃଷ୍ଟି ହୋଇଥିବା ପଛରେ ବଙ୍କିମଚନ୍ଦ୍ରଙ୍କ ପ୍ରସିଦ୍ଧ ଉପନ୍ୟାସ 'ଆନନ୍ଦ ମଠ'ର ପରୋକ୍ଷ ପ୍ରଭାବ ଥିବାର ଅନୁମିତ ହୁଏ । (ନିଜେ ପଣ୍ଡିତ ନୀଳକଣ୍ଠ ମଧ୍ୟ ଅବିବାହିତ ରହି ଦେଶସେବା କରିବାର ପରିକଳ୍ପନା କରିଥିଲେ ବୋଲି ଜଣାଯାଏ ଓ ଏହା ପଛରେ 'ଆନନ୍ଦ ମଠ'ର ସମ୍ଭାବ୍ୟ

Digitized by srujanika@gmail.com

ପ୍ରଚ୍ଛନ୍ନ ପ୍ରଭାବକୁ ସେ ଦୃଢ଼ ଭାବରେ ଅସ୍ୱୀକାର ମଧ୍ୟ କରିପାରିନାହାଁନ୍ତି । ଦ୍ର: ଦାସ, ପଣ୍ଡିତ ନୀଳକଣ୍ଠ, ୨୦୦୩, ପୃ.୫୨-୫୩)

ଏହାବ୍ୟତୀତ ହରିହରଙ୍କ ମୃତ୍ୟୁପଛରେ ଗଭୀର ଷଡ଼ଯନ୍ତ୍ର ଥିବା, ସେ ଷଡ଼ଯନ୍ତ୍ରରେ ବଙ୍ଗର ଓ ଉତ୍କଳପ୍ରବାସୀ ବ୍ରାହ୍ମଣମାନେ ଜଡ଼ିତ ଥିବା, ସେ ଷଡ଼ଯନ୍ତ୍ର ଫଳରେ ତାଙ୍କ ଦେହରେ ଅଗ୍ନିସଂଯୋଗ କରାଯାଇଥିବା ଓ ଶେଷରେ ଭକ୍ତକବି ମଧୁସୂଦନ ପୂର୍ବରୁ ସେ ଷଡ଼ଯନ୍ତ୍ରର ଆଭାସ ପାଇଥିବା ଆଦି ଯେଉଁ ବିଷୟ ଏହି ପୁସ୍ତିକାରେ ଅଛି ତାର କୌଣସି ପ୍ରମାଣ ନାହିଁ, କି ସେ ସବୁ ଆଦୌ ବିଶ୍ୱାସଯୋଗ୍ୟ ନୁହେଁ । ଲକ୍ଷ୍ୟକରିବାର କଥା ଯେ ପୂର୍ବରୁ ହରିହରଙ୍କ ସମ୍ପର୍କରେ ଆଗ୍ରହ ପ୍ରକାଶ କରିଥିବା କେହି - ଏପରି କି ପଣ୍ଡିତ ନୀଳକଣ୍ଠ ମଧ୍ୟ - ଏପରି ଅନୁମାନ କରିନଥିଲେ । ପ୍ରକୃତରେ ଏପରି ଅନୁମାନର କୌଣସି କାରଣ ମଧ୍ୟ ନାହିଁ । ସେହିପରି ଭକ୍ତକବି ମଧୁସୂଦନ ଦେଖିଥିବା ସ୍ୱପ୍ନ ଉପରେ କୌଣସି ବିଶେଷ ଅର୍ଥ ଆରୋପ କରିବାର କାରଣ ବି ନାହିଁ । ସେ ସବୁ ଲେଖକଙ୍କ ଅତ୍ୟଧିକ କଳ୍ପନାପ୍ରବଣତାର ଫଳ ମାତ୍ର । ହୁଏତ ବା ଏବେ ବକ୍ସି ଜଗବନ୍ଧୁ ଓ ଜୟୀ ରାଜଗୁରୁଙ୍କୁ ଶହୀଦ ଆଖ୍ୟାରେ ଆଖ୍ୟାୟିତ କରିବାର ପ୍ରତିସ୍ପର୍ଦ୍ଧାରେ ସେ କହିଛନ୍ତି ଏପରି ଷଡ଼ଯନ୍ତ୍ରର ପରିକଳ୍ପନା ମାଧ୍ୟମରେ ହରିହରଙ୍କୁ ମଧ୍ୟ 'ସହିଦ' କରିବାର ପ୍ରଚେଷ୍ଟା । ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ ଏହା ଏକ ପ୍ରକାରର 'ଭାକ୍ତିକ ମିଥ୍ୟା' ମାତ୍ର ।

୨.୨.୮ କୈଳାସ ଚନ୍ଦ୍ର ଦାଶ

'ଓଡ଼ିଶାରେ ନବଯୁଗର ନାନ୍ଦିକାର: ପଣ୍ଡିତ ହରିହର ଦାସ', (ଝଙ୍କାର, ୫୪/୫) ୨୦୦୨ । ଏହା ହରିହରଙ୍କ ସମ୍ପର୍କରେ ଏ ପର୍ଯ୍ୟନ୍ତ ଦେଖାଦେଇଥିବା ବୌଦ୍ଧିକ ଆଗ୍ରହର ସର୍ବଶେଷ ପରିପ୍ରକାଶ ଓ ଉଦାହରଣ । କେବଳ ସେତିକି ନୁହେଁ, ଏହା ମଧ୍ୟ ସମସ୍ତ ପ୍ରକାର ଭାବପ୍ରବଣତାର ଊର୍ଦ୍ଧ୍ୱରେ ରହି କେବଳ ପ୍ରାମାଣିକ ତଥ୍ୟଭିତ୍ତିରେ ହରିହରଙ୍କ ବ୍ୟକ୍ତିତ୍ୱ ଓ ଅବଦାନ ଆବିଷ୍କାର ଓ ଆକଳନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ଉଦ୍ୟମ । ଏଥିରେ ଅବଶ୍ୟ ପଣ୍ଡିତ ନୀଳକଣ୍ଠ ଓ ବିକ୍ରମ ଦାସଙ୍କ ପ୍ରଦତ୍ତ ମୁଖ୍ୟତଃ ଶ୍ରୁତି-ଭିତ୍ତିକ ଓ ସେମାନଙ୍କ ସ୍ମୃତି-ନିର୍ଭରଶୀଳ ତଥା ଭାବପ୍ରବଣତାର ସ୍ପର୍ଶଯୁକ୍ତ ବିବରଣକୁ ସମ୍ପୂର୍ଣ୍ଣ ଭାବରେ ଅଗ୍ରାହ୍ୟ ବା ଉପେକ୍ଷା କରାଯାଇନାହିଁ ଓ ଏପରିକି କେତେକ ସ୍ଥାନରେ ଉପଯୋଗ କରାଯାଇଛି । ତେବେ ମନେହୁଏ ତା କେବଳ କରାଯାଇଛି କେତେକ ଶୂନ୍ୟସ୍ଥାନ ପୂରଣ ପାଇଁ । ପୁଣି ଆବଶ୍ୟକ ମନେହେଲେ ସେ ସେମାନଙ୍କ ବକ୍ତବ୍ୟକୁ ତଥ୍ୟ-ଭିତ୍ତିରେ ଅଗ୍ରାହ୍ୟ ମଧ୍ୟ କରିଛନ୍ତି, ଯେପରି ତାରାନାଥ ତର୍କବାଚସ୍ପତିଙ୍କ ଶାଲ୍ ବିକ୍ରି ସମ୍ପର୍କୀୟ ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାଖ୍ୟାକୁ ସେ ଅଗ୍ରାହ୍ୟ କରି ପ୍ରକୃତ ବିଷୟଟିକୁ ବୁଝାଇଦେଇଛନ୍ତି ।

Digitized by srujanika@gmail.com

ପୂର୍ବବର୍ତ୍ତୀ ଆଲୋଚକମାନେ ସେ ପର୍ଯ୍ୟନ୍ତ କରିପାରିନଥିବା ମୂଳତଃ ସମସାମୟିକ ସମ୍ବାଦପତ୍ରରୁ ବହୁ ମୂଲ୍ୟବାନ ତଥ୍ୟ ଆହରଣ କରିଛନ୍ତି କୈଳାସ ଚନ୍ଦ୍ର ଦାଶ, ଯଦିଓ ମହେଶଚନ୍ଦ୍ର ମହାପାତ୍ରଙ୍କ ପରି ସମସାମୟିକ ସରକାରୀ କାଗଜପତ୍ର, ପୂର୍ବବର୍ତ୍ତୀ ଲେଖକମାନଙ୍କ ସର୍ଜନାତ୍ମକ (ଯଥା ଫକୀରମୋହନଙ୍କ 'ଉତ୍କଳ ଭ୍ରମଣଂ) ଓ ଆଲୋଚନାତ୍ମକ ଲେଖାର ଉପଯୋଗ କରିବାର ଉଦ୍ୟମ ମଧ କରିଛନ୍ତି । ସେ ପ୍ରସଙ୍ଗରେ 'ଉତ୍କଳ ଦୀପିକା'ରେ ପ୍ରକାଶିତ ପଣ୍ଡିତ ହରିହରଙ୍କ (କେତେକ ସମ୍ପାଦକଙ୍କୁ ଲିଖିତ) ପତ୍ରର ସୂଚନା ମଧ ଦେଇଛନ୍ତି, ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ତାହାହିଁ ଏବେ ମିଳୁଥିବା ସ୍ୱୟଂ ହରିହରଙ୍କ ଲେଖାର ଅନ୍ୟତମ ନମୁନା ।

ସେ ଆଙ୍କିଥିବା ଚିତ୍ରଟିରେ ପଣ୍ଡିତ ହରିହରଙ୍କ ବହୁବର୍ଣ୍ଣବିଭା-ବିଭାସିତ ବହୁମୁଖୀ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଯଥା, ପାଣ୍ଡିତ୍ୟ, ବାଗ୍ମୀତା, ଶିକ୍ଷାବିସ୍ତାର-କାର୍ଯ୍ୟକ୍ରମ - ଯାହା ଥିଲା ଉଭୟ ପାରମ୍ପରିକ ଓ ନୂତନ ଶିକ୍ଷାର ଏକ ସମନ୍ୱିତ ରୂପ - ଦେଶସେବା, ପାଠ୍ୟପୁସ୍ତକ ରଚନାରେ ଆଗ୍ରହ, ସମାଜସଂସ୍କାର ପ୍ରବଣତା ଓ ସର୍ବୋପରି ଓଡ଼ିଆ ଅସ୍ମିତା ବା (identity)ର ସଂରଚନା ବା ଗଠନରେ ତାଙ୍କର ଅଗ୍ରଗାମୀତ୍ୱ ଯେପରି ଉଭାସିତ ହୋଇଉଠିଛି । ତାଙ୍କ ପୂର୍ବରୁ ପଣ୍ଡିତ ହରିହରଙ୍କ ବ୍ୟକ୍ତିତ୍ୱର ଏ ସମସ୍ତ ଦିଗ ଆଉ କେହି ଆଲୋଚକ ଆବିଷ୍କାର କରିପାରିନଥିଲେ । ତେଣୁ ଏ ଆଲୋଚନାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏସବୁ ଦିଗରୁ ବିଚାର କରି ସେ ହରିହରଙ୍କୁ 'ନବଯୁଗର ନାନ୍ଦିକାର' ଅଭିଧାରେ ଅଭିହିତ କରିଥିଲେ ।

୨.୨.୯. ଅନ୍ୟାନ୍ୟ ଲେଖକଙ୍କ ଆଗ୍ରହ

ଉପରୋକ୍ତ ଆଠଜଣଙ୍କ ବ୍ୟତୀତ ଆଉ କେତେକ ଅନ୍ୟ ପ୍ରସଙ୍ଗରେ - ଅର୍ଥାତ୍ ଭକ୍ତକବି ମଧୁସୂଦନଙ୍କ ଜୀବନୀ ଲେଖିବା ଅବକାଶରେ - ପଣ୍ଡିତ ହରିହରଙ୍କ ସମ୍ପର୍କରେ ଆନୁଷଙ୍ଗିକ ଭାବରେ ଆଗ୍ରହ ପ୍ରକାଶ କରିଛନ୍ତି, ଯେପରି ପ୍ରଥମେ ମୃତ୍ୟୁଞ୍ଜୟ ରଥ କରିଥିଲେ ତାଙ୍କ 'ବ୍ରହ୍ମଜ୍ଞ ମଧୁସୂଦନ' ପ୍ରବନ୍ଧରେ । ଏମାନଙ୍କ ମଧ୍ୟରେ ଅଛନ୍ତି 'ଭକ୍ତକବି ମଧୁସୂଦନ' (୧୯୨୮) ପୁସ୍ତକର ଲେଖକ କାଳିନ୍ଦୀଚରଣ ପାଣିଗ୍ରାହୀ, 'ଭକ୍ତକବି ମଧୁସୂଦନ ରାଓ ଓ ଉତ୍କଳେ ନବଯୁଗ' (୧୩୭୦ = ୧୯୬୩) ନାମକ ବଙ୍ଗଳା ପୁସ୍ତକର ଲେଖିକା ଅବନ୍ତୀ ଦେବୀ ଓ 'ଭକ୍ତକବି ଜୀବନ ସମୀକ୍ଷା' (୧୯୬୫)ର ଲେଖକ ଚିନ୍ତାମଣି ଦାଶ । ତାହା ଫିଟାଇ କରି କହିଥାଆନ୍ତୁ ବା ନାହିଁ ଏମାନେ ମୁଖ୍ୟତଃ ମୃତ୍ୟୁଞ୍ଜୟ ରଥଙ୍କ ଉପରୋକ୍ତ 'ବ୍ରହ୍ମଜ୍ଞ ମଧୁସୂଦନ' ପ୍ରବନ୍ଧ ଅବଲମ୍ବନରେ ହିଁ ପଣ୍ଡିତ ହରିହରଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ଅଧିକା କେବଳ ଚିନ୍ତାମଣି ଦାଶ

Digitized by srujanika@gmail.com

ଉତ୍କଳମଣି ଗୋପବନ୍ଧୁଙ୍କ କବିତାର ସୂଚନା ଓ ପଣ୍ଡିତ ନୀଳକଣ୍ଠଙ୍କ ବକ୍ତବ୍ୟ ଉପରେ ମଧ୍ୟ ଆଂଶିକଭାବରେ ନିର୍ଭର କରିଛନ୍ତି । ତେଣୁ ଏମାନଙ୍କ ବକ୍ତବ୍ୟରେ ବିଶେଷ କିଛି ନୂତନତା ନଥିବା ସ୍ୱାଭାବିକ । ପୁଣି ପଣ୍ଡିତ ହରିହରଙ୍କ ପ୍ରତି ଏମାନଙ୍କ ଦୃଷ୍ଟିକୋଣରେ ମଧ୍ୟ ବିଭିନ୍ନତା ଅଛି । ତାହା କିନ୍ତୁ ସେପରି ଗୁରୁତ୍ୱପୂର୍ଣ୍ଣ ବୋଲି ମନେହୁଏନାହିଁ । କେବଳ ସେତିକି ନୁହେଁ, ପରବର୍ତ୍ତୀ କାଳରେ କୌଣସି କୌଣସି ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ 'ମଧୁସୂଦନ ଗ୍ରନ୍ଥାବଳୀ'ରେ କୌଣସି ନାମ ନଥିବା ଲେଖକଙ୍କଦ୍ୱାରା ଲିଖିତ ଭକ୍ତକବି ମଧୁସୂଦନଙ୍କ ଜୀବନୀରେ ମଧ୍ୟ ପଣ୍ଡିତ ହରିହରଙ୍କ ସମ୍ପର୍କରେ ଅନୁରୂପ ସୂଚନା ଗର୍ଭିତ । ତେଣୁ ସେଥିରେ ବି ବିଶେଷ କିଛି ନୂତନତା ନାହିଁ । ସେହିପରି ୧୯୧୬ର 'ଉତ୍କଳ ସାହିତ୍ୟ'ର 'ବିବିଧ ପ୍ରସଙ୍ଗ'ରେ ସମ୍ପାଦକ ଓଡ଼ିଶାର ବରପୁତ୍ରମାନଙ୍କର ପ୍ରତିକୃତି ପୁରୀର ଚନ୍ଦ୍ରଶେଖର ହଲ୍‌ରେ ସ୍ଥାନ ପାଇବାର ସ୍ପୃହଣୀୟତା ଦର୍ଶାଇବା ପ୍ରସଙ୍ଗରେ ମାତ୍ର ଗୋଟିଏ ବାକ୍ୟରେ ହରିହରଙ୍କ ଖଣ୍ଡିଏ ପ୍ରତିକୃତି ସଂଗ୍ରହ କରିବାର ଉପାଦେୟତା ସୂଚାଇଥିଲେ (ଦ୍ର: ଉତ୍କଳ ସାହିତ୍ୟ, ୨୦/୩; ଆଷାଢ଼, ୧୩୨୩, ପୃ.୧୫୧) । ମୋଟ୍ ଉପରେ ଏଇସବୁ ସୂଚନା ମାଧ୍ୟମରେ ପଣ୍ଡିତ ହରିହର - ଅନ୍ତତଃ କିଛି ପରିମାଣରେ - ଲୋକଲୋଚନକୁ ଆସିପାରିଛନ୍ତି ।

୩. ଔପନିବେଶିକ ପ୍ରଶାସନ ଓ ପଣ୍ଡିତ ହରିହର

୩.୦. ପଣ୍ଡିତ ହରିହରଙ୍କ ସମ୍ପର୍କରେ ଏପର୍ଯ୍ୟନ୍ତ ଦେଖାଦେଇଥିବା ଉପରୋକ୍ତ ବୌଦ୍ଧିକ ଆଗ୍ରହ ଫଳରେ ବର୍ତ୍ତମାନ ତାଙ୍କ ସମ୍ପର୍କିତ ବହୁ ତଥ୍ୟ ପଦାକୁ ଆସିଛି ଓ ସେ କାରଣରୁ ତାଙ୍କ ବ୍ୟକ୍ତିତ୍ୱର ପରିଚୟ ବହୁ ପରିମାଣରେ ସ୍ପଷ୍ଟ ଓ ସ୍ୱଚ୍ଛ ତଥା ତାଙ୍କ ଅବଦାନର ଆକଳନ ବହୁ ପରିମାଣରେ ସମ୍ଭବ ଓ ଏପରି କି ସହଜ ହୋଇପାରିଛି । ତେବେ ବି ତାଙ୍କ ସମ୍ପର୍କିତ ଆହୁରି କେତେକ ତଥ୍ୟ ପଦାକୁ ଆସିପାରିନାହିଁ । ନିମ୍ନରେ ସେ ମଧ୍ୟରୁ ମାତ୍ର କେତେକ ନୂତନ ପରିପୋଷକ କିନ୍ତୁ ପ୍ରାମାଣିକ ତଥ୍ୟର ମାଧ୍ୟମରେ ତାଙ୍କ ବ୍ୟକ୍ତିତ୍ୱ ଓ ଅବଦାନର ସାମାନ୍ୟ ଅଧିକ ସ୍ପଷ୍ଟ ଚିତ୍ର ଆଙ୍କିବାର ପ୍ରଚେଷ୍ଟା କରାଯିବ ।

(୩.୧). ଓଡ଼ିଶାର ଶିକ୍ଷା ତଥା ସରକାରୀ ଚାକିରିପାଇଁ ମିଳୁଥିବା ଶିକ୍ଷିତ ତଥା ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କ ସମ୍ପର୍କରେ କଟକର (= ଓଡ଼ିଶାର) କମିଶନର ଟ୍ରେଭର (E.T. Trevor) ବଙ୍ଗ ସରକାରଙ୍କ ସଚିବଙ୍କ ନିକଟକୁ ପଠାଇଥିବା ୧୮୦ ନମ୍ବର ଥିବା ୧୮୬୧ର ମେ' ମାସ ୧୩ ତାରିଖର ଏକ ରିପୋର୍ଟରେ ଲେଖିଥିଲେ, "12. Of course, the priests and others connected with the Temple of

Digitized by srujanika@gmail.com

Juggernath would not allow their children to learn English. I believe one Pandah sent his boy to the Pooree School, but he was removed immediately the other Pandahs heard of it. People told me over and over again that the Natives dislike English as leading to Christianity; and one Native gentleman, a Hindoo Unitarian, who really takes a very great interest in the spread of English, looks forward with a perfect contentment, if not satisfaction, to his son becoming a Christian, by bis acquaintance with English. The step from Hindoo Unitarianism to Christianity is not, in his opinion, so great as that from bigoted Hindooism, into which he was himself born, to its more enlightened phase of Unitarianism." (Proccedings of the Lt. Governor of Bengal, in the Education Department, June 1862 [No.15]) ଅର୍ଥାତ୍ 'ଜଗନ୍ନାଥ ମନ୍ଦିର ସହ ସମ୍ପୃକ୍ତ ପୂଜକ ତଥା ଅନ୍ୟମାନେ ତାଙ୍କ ପିଲାମାନଙ୍କୁ ଇଂରାଜୀ ଶିଖିବାକୁ ଅବଶ୍ୟ ଅନୁମତି ଦେବେନାହିଁ । ମୁଁ ଜାଣେ ଯେ ଜଣେ ପଣ୍ଡା ତାର ପୁଅକୁ ପୁରୀ ସ୍କୁଲକୁ ପଠାଇଥିଲା, କିନ୍ତୁ ଅନ୍ୟ ପଣ୍ଡାମାନେ ଏ କଥା ଶୁଣିବା ମାତ୍ରେ ସେଠାରୁ ତାକୁ କାଢ଼ି ଅଣାଗଲା । ଇଂରାଜୀ ଶିକ୍ଷାର ପରିଣତି ହିଁ ଖ୍ରୀଷ୍ଟିୟାନ ହେବା - ଏହି ବିଶ୍ୱାସରୁ ଲୋକେ ତାହା ପ୍ରତି ବିତୃଷ୍ଣ ବୋଲି ଦେଶୀୟ ଲୋକମାନେ ମତେ ବାରମ୍ବାର କହିଛନ୍ତି । ତାଙ୍କ ପୁଅ ଇଂରାଜୀ ଶିକ୍ଷାର ସଂସ୍ପର୍ଶରେ ଆସି ଖ୍ରୀଷ୍ଟିୟାନ ହେବ ବୋଲି ଇଂରାଜୀ ଶିକ୍ଷା ବିସ୍ତାରରେ ପ୍ରକୃତରେ ଅତି ଆଗ୍ରହୀ ଜଣେ ଏକେଶ୍ୱରବାଦୀ ଦେଶୀୟ ଭଦ୍ରଲୋକ ଆଶା କରି ବସିଛନ୍ତି, ଯଦିଓ ଠିକ ଆନନ୍ଦର ସହ ନୁହେଁ । ତାଙ୍କ ମତରେ ସେ ଜନ୍ମ ନେଇଥିବା ଅନ୍ଧବିଶ୍ୱାସଭିତ୍ତିକ ହିନ୍ଦୁ ଧର୍ମ ଓ ଜ୍ଞାନାଲୋକରେ ଆଲୋକିତ ହିନ୍ଦୁଧର୍ମର ଏକେଶ୍ୱରବାଦୀ ପର୍ଯ୍ୟାୟ ମଧ୍ୟରେ ଥିବା ପାର୍ଥକ୍ୟଠାରୁ ହିନ୍ଦୁ ଏକେଶ୍ୱରବାଦ ଓ ଖ୍ରୀଷ୍ଟିୟାନ ଧର୍ମ ମଧ୍ୟରେ ଥିବା ପାର୍ଥକ୍ୟ ଅନେକ କମ୍ ।'

କମିଶନର ତାଙ୍କ ରିପୋର୍ଟରେ ଏହି ହିନ୍ଦୁ ଏକେଶ୍ୱରବାଦୀଙ୍କ ନାମ ବା କୌଣସି ପରିଚୟ ଅବଶ୍ୟ ଦେଇନାହାଁନ୍ତି । ତେବେ ସେ ପୁରୀ ପ୍ରସଙ୍ଗରେ ଏକଥା କହିଥିବାରୁ ଏହି ହିନ୍ଦୁ ଏକେଶ୍ୱରବାଦୀ ପୁରୀର ଅଧିବାସୀ ହୋଇଥିବାର ସମ୍ଭାବନା ତ ରହିଛି । ପୁଣି ସେ କାଳରେ ତାଙ୍କର ଏପରି ମତବାଦ ଥିବାରୁ ସେ ପଣ୍ଡିତ ହରିହର ମଧ୍ୟ ହୋଇପାରି ଥାଆନ୍ତି, କାରଣ ସେ ସମୟରେ ଏପରି ମତବାଦୀ ଲୋକଙ୍କ ସଂଖ୍ୟା ଅତ୍ୟନ୍ତ କମ୍ ତ ଥିଲା, ଆଉ ଏପରି ଏକେଶ୍ୱରବାଦୀଙ୍କୁ ନାସ୍ତିକ ବୋଲି ମନେ କରିବା ଅଜ୍ଞ ଓ ରକ୍ଷଣଶୀଳ /କୁସଂସ୍କାରାଚ୍ଛନ୍ନ ହିନ୍ଦୁମାନଙ୍କ ପକ୍ଷରେ ମଧ୍ୟ ଥିଲା ଏକାନ୍ତ ସ୍ୱାଭାବିକ । ପୁଣି ଏତେବେଳକୁ

Digitized by srujanika@gmail.com

ହରିହର ମଧ୍ୟ ୧୯ ବର୍ଷ ବୟସ୍କ ଯୁବକ ଥିଲେ, ଯେତେବେଳେ ଜଣେ ବ୍ୟକ୍ତି ପ୍ରଚଳିତ ପ୍ରଥା ବିରୋଧରେ ସଂଗ୍ରାମୀ ମନୋବୃତ୍ତିସମ୍ପନ୍ନ ହେବାର ବହୁ ସମ୍ଭାବନା ଥାଏ । କିନ୍ତୁ ଏହି ଏକେଶ୍ୱରବାଦୀ ହିନ୍ଦୁ ଯେ ହରିହର ତାର ସମ୍ଭାବନା ଥିବା ସତ୍ତ୍ୱେ ତାହା ନିଶ୍ଚିତ ଭାବରେ ଦାବି ଅବଶ୍ୟ କରାଯାଇପାରେ ନାହିଁ ।

(୩.୨). ୧୮୭୦ ଜୁଲାଇ ୧୪ ତାରିଖରେ ଓଡ଼ିଶାର ତତ୍କାଳୀନ କମିଶନର ରାଭେନ୍‌ଶ (T.E. Ravenshaw) ବଙ୍ଗ ସରକାରଙ୍କ ନିକଟକୁ ୧୮୬୯-୭୦ ପାଇଁ ଓଡ଼ିଶାର ଶିକ୍ଷା ସମ୍ପର୍କିତ ଏକ ଦୀର୍ଘ ରିପୋର୍ଟ ପଠାଇଥିଲେ । ଏହି ରିପୋର୍ଟରେ (Paragraph, 13) ପୁରୀର ଥିବା ତିନୋଟି ସ୍କୁଲ ଯଥା the Government English School, the aided Anglo-vernacular school and the Sanscrit established and endowed by the Maharajah of Bulrampore ବିଷୟରେ ସୂଚନା ଦେଇ ସଂସ୍କୃତ ସ୍କୁଲ ସମ୍ପର୍କରେ ଲେଖିଥିଲେ, "The Sanscrit school has increased in numbers since its removal from the Government school into a new building raised by subscription. There was a strong prejudice amongst the Brahmins toit being held under the same roof with the Government school. The pundit is well spoken of by the Collector. He has to some extent disabused the minds of the Brahmins of the idea that their sons suffer degradation by entering the Government school-house." (Proccedings of the Lt. Governor of Bengal, in the Education Department, August 1870 [No.31) ଅର୍ଥାତ୍ ସରକାରୀ (ଇଂରାଜୀ) ସ୍କୁଲଗୃହରୁ ଚାନ୍ଦା-ଭେଦାଦ୍ୱାରା ନିର୍ମିତ ତାର ନୂତନ କୋଠାଘରକୁ ଉଠିଯିବା ପରଠାରୁ ସଂସ୍କୃତ ବିଦ୍ୟାଳୟର ଛାତ୍ରସଂଖ୍ୟା ବୃଦ୍ଧିପାଇଛି । ସରକାରୀ ସ୍କୁଲ ସହ ଏକା ଛାତ ତଳେ ଏହା (ସଂସ୍କୃତ ବିଦ୍ୟାଳୟ) ହେବା ବ୍ରାହ୍ମଣମାନଙ୍କ ପକ୍ଷରେ ଗ୍ରହଣୀୟ ନୁହେଁ । (ସଂସ୍କୃତ ବିଦ୍ୟାଳୟର) ପଣ୍ଡିତଙ୍କ ସମ୍ପର୍କରେ କଲେକ୍ଟର ଅନୁକୂଳ ମତ ଦିଅନ୍ତି । ସରକାରୀ ସ୍କୁଲ-ଗୃହ ମଧ୍ୟକୁ ପ୍ରବେଶ କଲେ ପତିତ ହେବାକୁ ପଡ଼ିବ, ବ୍ରାହ୍ମଣମାନଙ୍କ ଏପରି ଧାରଣାକୁ ସେ (ସଂସ୍କୃତ ବିଦ୍ୟାଳୟର ପଣ୍ଡିତ) କିଛି ପରିମାଣରେ ତିରୋହିତ କରିପାରିଛନ୍ତି ।

ଏହି ରିପୋର୍ଟରେ ମଧ୍ୟ କମିଶନର ରାଭେନ୍‌ଶ ପୁରୀ ସଂସ୍କୃତ ବିଦ୍ୟାଳୟର ପଣ୍ଡିତଙ୍କ ନାମ ଉଲ୍ଲେଖ କରିନାହାଁନ୍ତି । କିନ୍ତୁ ଏହି ପଣ୍ଡିତ ଯେ ହରିହର ତାହା ଅନ୍ୟାନ୍ୟ ଆନୁଷଙ୍ଗିକ ସୂତ୍ରରୁ ତ ଜଣାଯାଏ, ପୁଣି ସେଇ କମିଶନର ରାଭେନ୍‌ଶଙ୍କ ଏହାର ପରବର୍ତ୍ତୀ

Digitized by srujanika@gmail.com

ଦୁଇବର୍ଷର ଶିକ୍ଷା ସମ୍ପର୍କିତ ବାର୍ଷିକ ରିପୋର୍ଟରୁ ମଧ୍ୟ ତା' ସ୍ପଷ୍ଟ ହୋଇଯାଏ ଯାହା ନିମ୍ନରେ ଉଦ୍ଧାର କରିଦିଆଯିବ । ତେବେ ଏଠାରେ କେବଳ ସୂଚାଇ ଦେବାର କଥା ଯେ ସେତେବେଳେ ପୁରୀର ରକ୍ଷଣଶୀଳ ହିନ୍ଦୁ ସମାଜରେ 'ଦେବଭାଷା' ବା 'ଗୀର୍ବାଣବାଣୀ' ସଂସ୍କୃତର ଅଧ୍ୟୟନ ପାଇଁ ମଧ୍ୟ ଇଂରାଜୀ ସ୍କୁଲର ଛାତ ତଳକୁ ଗଲେ ପତିତ ହେବାର ଆଶଙ୍କା ବା ସମ୍ଭାବନା ଥିଲା ଯାହା ପୂର୍ବେ ଉଦ୍ଧୃତ କମିଶନର ଟ୍ରେଭରଙ୍କ ୧୮୬୧ର ରିପୋର୍ଟରେ ବି ସୂଚିତ ହୋଇଥିଲା । ସେଇ ରକ୍ଷଣଶୀଳ ସମାଜର ସଂସ୍କାର ପାଇଁ ଅଣ୍ଟା ଭିଡ଼ିବା ହରିହରଙ୍କ ଅକୁତୋଭୟତା ଓ ସାହସର ପରିଚୟ ଦିଏ ।

(୩.୩). ଏହାପରେ ୧୮୭୧ର ଅଗଷ୍ଟ ୧୧ ତାରିଖରେ ସେଇ କମିଶନର ରାଭେନ୍‌ଶ ବଙ୍ଗ ସରକାରଙ୍କ ନିକଟକୁ ୧୮୭୦-୭୧ର ଶିକ୍ଷା ସମ୍ପର୍କିତ ବାର୍ଷିକ ରିପୋର୍ଟ ପଠାନ୍ତି । ଏଥିରେ ପୁରୀ ସଂସ୍କୃତ ବିଦ୍ୟାଳୟ ବିଷୟରେ ବିସ୍ତୃତ ବିବରଣୀ ତଥା ସେ ପ୍ରସଙ୍ଗରେ ପଣ୍ଡିତ ହରିହରଙ୍କ ସମ୍ପର୍କରେ ମନ୍ତବ୍ୟ ଦିଆଯାଇଥିଲା । ଏହି ବିବରଣୀରେ କୁହାଯାଇଥିଲା, "30.The Sanskrit school was founded by the Maharajah of Bulrampore in 1865. This school was until last year only a class of English school. It was thought proper to erect separate building, and sum of Rs. 365 was collected. A large and commodious bungalow has been erected. The number of pupils has considerably increased and the course of their study extended. The Director of Public Instruction has conferred on it the privilege of sending candidates to compete for vernacular scholarships. A night school has been established in the Sanskrit school-house. There are 22 attendants. The subjects taught are English, Geography and arithmetic. The irregularity with which the sum of Rs. 1,300 granted annually by the Maharajah for support of the school, was brought to my notice. I have written to the Maharajah calling his attention to the matter, and urging more punctual payments; he promptly replied, and will, I trust, ere long provide a permanent endowment in place of an annual subscription.

The following is an extract from the Maharajah's letter:-

'My dear Sir,

"very many thanks for your kind letter of the 7th instant, and the suggestions contained therein as regards a sum of money

Digitized by srujanika@gmail.com

to be invested in Government securities that will yield an annual income of rupees 1,300 towards the suport of the Pooree Sanskrit school. I am on the look-out for promissory notes, and soon after, I think, I will be able to comply with your wishes. Meanwhile I have made arrangements for the regular monthly remmittance of the sum of money sufficient to meet all the charges of the said school.

"camp Lucknow Sd. Drigbejoy Singh,
"The 25th January 1871" "Maharajah of Bulrampore"

"The school is much indebted to Pundit Hurryhur Doss, at whose pressing request and earnest solicitation, it is said this school was established by the Maharajah on his visit to Pooree some years ago. The pundit is head-master of the school, and an active and energetic promoter of education generally among the people. The Sanskrit school meets a demand for education among the Brahmins of Pooree, who have scruples about sending their sons to the English school. The pundit is an advanced scholar and an enlightened man and is doing much good among the Pooree Brahmins, who are exceptionally ignorant and superstitious. I have myself visited the school, and was satisfied with its management and progress."(Proccedings of the Lt. Governor of Bengal, in the Education Department for the month of October, 1871 [No.34-35])

ଏଥିରୁ ଜଣାଯାଏ ଯେ ବଳରାମପୁରର ମହାରାଜା ପୁରୀ ଆସିଥିବା ସମୟରେ ପଣ୍ଡିତ ହରିହରଙ୍କ ସନିର୍ବନ୍ଧ/ବିଶେଷ ଅନୁରୋଧ ହେତୁ ହିଁ ତାଙ୍କ ଆର୍ଥିକ ସହାୟତାରେ ୧୮୬୫ରେ ପୁରୀ ସଂସ୍କୃତ ବିଦ୍ୟାଳୟଟି ସ୍ଥାପିତ ହୋଇଥିଲା । (ପ୍ରଚଳିତ ଜନଶ୍ରୁତି ଅନୁଯାୟୀ ବଳରାମପୁର ମହାରାଜାଙ୍କ ସହ ପଣ୍ଡିତ ହରିହରଙ୍କ ପ୍ରଥମ ସାକ୍ଷାତ ବଳରାମପୁରରେ ହୋଇଥିଲା । ତା ସତ ହୋଇଥିଲେ ତା ପରେ ମହାରାଜା ନିଜେ ପୁରୀ ପରିଦର୍ଶନରେ ଆସି ପୁରୀରେ ସଂସ୍କୃତ ବିଦ୍ୟାଳୟଟିଏପାଇଁ ଆର୍ଥିକ ସହାୟତା ଦେବେ ବୋଲି ମନ ସ୍ଥିର କରିଥିବେ । ତେବେ ଉଭୟଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ ମହାରାଜାଙ୍କ ପୁରୀ ପରିଦର୍ଶନ ସମୟରେ ମଧ୍ୟ ହୋଇଥାଇପାରେ ଯାହାର ସୂଚନା ରାଭେନ୍‌ଶଙ୍କ ରିପୋର୍ଟରୁ ମିଳେ ।) ମହାରାଜାଙ୍କ ବାର୍ଷିକ ଅନୁଦାନର ପରିମାଣ ଥିଲା

Digitized by srujanika@gmail.com

୧୩୦୦ ଟଙ୍କା ତା ପୁଣି ନିୟମିତ ଭାବରେ ମିଳୁନଥିଲା । ୧୮୭୦ ପର୍ଯ୍ୟନ୍ତ ସଂସ୍କୃତ ବିଦ୍ୟାଳୟଟି ସରକାରୀ ଇଂରାଜୀ ବିଦ୍ୟାଳୟରେ ଚାଲୁଥିଲା । କିନ୍ତୁ ପୁରୀର ରକ୍ଷଣଶୀଳ ବ୍ରାହ୍ମଣମାନେ ଏଥିରେ ସନ୍ତୁଷ୍ଟ ନଥିଲେ, ଏପରି କି ସରକାରୀ ଇଂରାଜୀ ସ୍କୁଲ-ଗୃହ ମଧ୍ୟକୁ ପ୍ରବେଶ କଲେ ହିନ୍ଦୁ ସମାଜରୁ ପତିତ ହେବାର ଆଶଙ୍କା ମଧ୍ୟ ଦେଖାଦେଇଥିଲା । ତେଣୁ ତାର ଛାତ୍ର ସଂଖ୍ୟା ମଧ୍ୟ କମ୍ ଥିଲା । କିନ୍ତୁ ଚାନ୍ଦା-ଭେଦାଦ୍ୱାରା ୩୬୫ ଟଙ୍କା ସଂଗ୍ରହ କରାଯାଇ ବିଦ୍ୟାଳୟପାଇଁ ଏକ ସ୍ଥାୟୀ ଓ ପ୍ରଶସ୍ତ ଗୃହ ନିର୍ମାଣ କରାଯାଇ ୧୮୭୦ରେ ବିଦ୍ୟାଳୟକୁ ସେଠାକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହା ଫଳରେ ବିଦ୍ୟାଳୟର ଛାତ୍ରସଂଖ୍ୟା ବୃଦ୍ଧିପାଇଥିଲା ଓ ପାଠ୍ୟ ବିଷୟର ସମ୍ପ୍ରସାରଣ ହୋଇଥିଲା । ପୁଣି ଏହି ବିଦ୍ୟାଳୟର ପରିସରରେ ଏକ ନୈଶ ବିଦ୍ୟାଳୟ ମଧ୍ୟ ଚାଲୁଥିଲା । ଶିକ୍ଷା ବିଭାଗର ନିର୍ଦ୍ଦେଶକ ମଧ୍ୟ ଛାତ୍ରବୃତ୍ତି ପରୀକ୍ଷାପାଇଁ ପ୍ରାର୍ଥୀ/ପରୀକ୍ଷାର୍ଥୀ ପଠାଇବାର ସୁଯୋଗ ଏ ବିଦ୍ୟାଳୟକୁ ଦେଇଥିଲେ । ପୁରୀର ବ୍ରାହ୍ମଣମାନଙ୍କ ଶିକ୍ଷାର ଆବଶ୍ୟକତାକୁ ଏ ବିଦ୍ୟାଳୟ କିଛି ପରିମାଣରେ ପୂରଣ କରୁଥିଲା, କାରଣ ସେମାନେ ଇଂରାଜୀ ସ୍କୁଲକୁ ନିଜ ପିଲାମାନଙ୍କୁ ପଠାଇବାପାଇଁ କୁଣ୍ଠିତ ଥିଲେ । ନିଜେ କମିଶନର ରାଭେନ୍‌ଶ୍ ମଧ୍ୟ ଏ ସଂସ୍କୃତ ବିଦ୍ୟାଳୟ ପରିଦର୍ଶନ କରି ଏହାର ପରିଚାଳନା ଓ ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ । ପଣ୍ଡିତ ହରିହର ଦାଶ (Hurryhur Doss) ଏ ବିଦ୍ୟାଳୟର ହେଡ୍-ମାଷ୍ଟର ଥିଲେ । ରାଭେନ୍‌ଶ ତାଙ୍କୁ ଜଣେ ଅତ୍ୟନ୍ତ କର୍ମଠ/ସକ୍ରିୟ, ଶିକ୍ଷା ବିସ୍ତାରରେ ଉତ୍ସାହୀ, ଅଗ୍ରଗାମୀ ବିଦ୍ୱାନ ତଥା ଆଲୋକପ୍ରାପ୍ତ ବ୍ୟକ୍ତି ବୋଲି ମନେ କରୁଥିଲେ । ସେ ପୁରୀର ରକ୍ଷଣଶୀଳ, ଅଜ୍ଞ ଓ କୁସଂସ୍କାରାଚ୍ଛନ୍ନ ବ୍ରାହ୍ମଣମାନଙ୍କ ଉନ୍ନତି ପାଇଁ ଚେଷ୍ଟିତ ଥିଲେ ।

ମୋଟ ଉପରେ ପଣ୍ଡିତ ହରିହରଙ୍କ ପାଣ୍ଡିତ୍ୟ, ଶିକ୍ଷା ବିସ୍ତାରରେ ଉତ୍ସାହ ଓ ଆଗ୍ରହ, ବିଦ୍ୟାଳୟ ପରିଚାଳନାରେ ଦକ୍ଷତା ଓ କୁସଂସ୍କାର ବିରୋଧରେ ସଂଗ୍ରାମୀ ମନୋଭାବ ତଥା ସର୍ବୋପରି ତାଙ୍କ ବ୍ୟକ୍ତିତ୍ୱରେ ଓଡ଼ିଶାର ସର୍ବୋଚ୍ଚ ଶାସନକର୍ତ୍ତା କମିଶନର ସ୍ୱୟଂ ରାଭେନ୍‌ଶ ମୁଗ୍ଧ ହୋଇଥିଲେ । ଏହା ପୁରୀର ଜଣେ ସାଧାରଣ ଶାସନୀ ବ୍ରାହ୍ମଣ ହରିହରଙ୍କ ପକ୍ଷରେ କମ୍ କୃତିତ୍ୱ ନୁହେଁ ।

(୩.୪). କମିଶନର ରାଭେନ୍‌ଶ ବଙ୍ଗ ସରକାରଙ୍କୁ ଏହାର ପର ବର୍ଷର ଅର୍ଥାତ୍ ୧୮୭୧-୭୨ର ଶିକ୍ଷା ସମ୍ପର୍କିତ ବାର୍ଷିକ ରିପୋର୍ଟ ପଠାଇଥିଲେ ୧୮୭୨ ଜୁଲାଇ ୨୩ ତାରିଖରେ । ଏହି ରିପୋର୍ଟ ପ୍ରକୃତପକ୍ଷେ ଇନ୍‌ସପେକ୍ଟର ମାର୍ଟିନ (R.L. Martin)ଙ୍କ ରିପୋର୍ଟ ଉପରେ ଆଧାରିତ ଥିଲା । ବଙ୍ଗ ସରକାର ଶିକ୍ଷା ବିଭାଗର

Digitized by srujanika@gmail.com

ନିର୍ଦ୍ଦେଶକଙ୍କୁ ୧୮୭୨ ଏପ୍ରିଲ ୮ ତାରିଖରେ ଲେଖିଥିବା ଚିଠିର ଫଳ ସ୍ୱରୂପ ମାର୍ଟିନ ୧୮୭୨ ଜୁନ୍ ୧୯ ତାରିଖରେ ତାଙ୍କ ରିପୋର୍ଟ ପ୍ରେରଣ କରିଥିଲେ । ମାର୍ଟିନ୍‌ଙ୍କ ଏହି ରିପୋର୍ଟକୁ ପୁଣି ଆଉ ଥରେ ନିଜ ଭାଷାରେ ଉପସ୍ଥାପନ ନ କରି ରାଭେନ୍‌ଶ ତାର ପାର୍ଶ୍ୱରେ ସମାନ୍ତରାଳ ସ୍ତମ୍ଭରେ ପ୍ରତ୍ୟେକ ବିଷୟରେ ନିଜର ଅଭିମତ ଓ ମନ୍ତବ୍ୟ ପ୍ରକାଶ କରି ତାହାକୁ ବଙ୍ଗ ସରକାରଙ୍କ ନିକଟକୁ ପ୍ରେରଣ କରିଥିଲେ । ରାଭେନ୍‌ଶଙ୍କ ଏପରି କାର୍ଯ୍ୟକୁ ବଙ୍ଗର ଛୋଟଲାଟ ମଧ୍ୟ ପସନ୍ଦ କରିଥିଲେ ।

ଏହି ରିପୋର୍ଟରେ ମଧ୍ୟ ପୁରୀ ସଂସ୍କୃତ ବିଦ୍ୟାଳୟ ପ୍ରସଙ୍ଗରେ ପଣ୍ଡିତ ହରିହରଙ୍କ ଉଲ୍ଲେଖ ମିଳେ । ମାର୍ଟିନ୍ ତାଙ୍କ ରିପୋର୍ଟରେ ଲେଖିଥିଲେ, "The Sanskrit school at Pooree supported by the Maharajah of Bulrampore in Oudh has done a very great deal to break through the strong religious prejudices which existed at Pooree. Great praise is due to the Head pundit (Harihar Dass), who first induced a number of Oriya Brahmins to join and learn Sanskrit only, but who has gone on to introduce by degrees all the studies of the vernacular scholarship course. The students of this school did better at the last examination than did those of any other school in Orissa, so that a great step in advance has been made." ଏଥିରୁ ଜଣାଯାଏ ପୁରୀର ହିନ୍ଦୁ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ହରିହରଙ୍କ ଉଦ୍ୟମ କିପରି ଫଳପ୍ରସୂ ହୋଇଥିଲା ଓ ପୁରୀର ବ୍ରାହ୍ମଣମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷାର ଆଲୋକ ବିତରଣ କରିବାପାଇଁ ସେ କି କୌଶଳ (strategy) ଅବଲମ୍ବନ କରିଥିଲେ । ପ୍ରଥମେ କେବଳ ସଂସ୍କୃତ ପଢ଼ାଯିବାରୁ ତାଙ୍କ ବିଦ୍ୟାଳୟକୁ ପୁରୀର ବ୍ରାହ୍ମଣମାନେ ବିରୋଧ କରି ନ ଥିଲେ ଓ ନିଜ ନିଜର ସନ୍ତାନମାନଙ୍କୁ ସଂସ୍କୃତ ପଢ଼ିବାପାଇଁ ପଠାଇଥିଲେ । କିନ୍ତୁ କ୍ରମେ ବିଦ୍ୟାଳୟର ପାଠ୍ୟକ୍ରମରେ ଭର୍ଣ୍ଣାକୁଲର୍ ଛାତ୍ରବୃତ୍ତିର ଅନ୍ୟାନ୍ୟ ସମସ୍ତ ବିଷୟବସ୍ତୁ ସ୍ଥାନ ପାଇଲା । ତେଣୁ ଛାତ୍ରମାନେ ଆଧୁନିକ ଶିକ୍ଷାର ଅନ୍ୟାନ୍ୟ ଦିଗର ପରିଚୟ ପାଇପାରିଲେ । (ପ୍ରଥମରୁ ସେ ସବୁ ବିଷୟ ପାଠ୍ୟକ୍ରମରେ ସ୍ଥାନ ଦେଇଥିଲେ ବ୍ରାହ୍ମଣ ଘରର ପିଲାମାନେ ସେଇ ବିଦ୍ୟାଳୟକୁ ଆସିବାର ସମ୍ଭାବନା ଅନେକ କମ୍ ଥିଲା ।) କେବଳ ସେତିକି ନୁହେଁ, ପୂର୍ବ ବର୍ଷର ଭର୍ଣ୍ଣାକୁଲର ଛାତ୍ରବୃତ୍ତି ପରୀକ୍ଷାରେ ଏ ବିଦ୍ୟାଳୟର ଛାତ୍ରମାନେ ଓଡ଼ିଶାର ଅନ୍ୟାନ୍ୟ ସ୍କୁଲର ଛାତ୍ରମାନଙ୍କ ଅପେକ୍ଷା ଅଧିକ କୃତିତ୍ୱ ପ୍ରଦର୍ଶନ କରିଥିଲେ । ଏହା ବି ହରିହରଙ୍କ ପକ୍ଷରେ ଅତ୍ୟନ୍ତ ଗୌରବର ବିଷୟ ଥିଲା ।

Digitized by srujanika@gmail.com

ମାର୍ଟିନ୍‌ଙ୍କ ଉପରୋକ୍ତ ରିପୋର୍ଟ ଉପରେ ମନ୍ତବ୍ୟ ପ୍ରକାଶ କରି ରାଭେନ୍‌ଶ ଲେଖିଥିଲେ, "27. The Sanskrit school is doing much good, and the energy and popularity of the pundit, Harihar Dass, an advanced and enlightened scholar, has tended much to draw together pupils from the most bigoted class of Pooree Brahmins. The Maharajaha's donation has been paid as usual, but so far he has not concluded any arangement for permanent endowment, though he has expressed his intention to do so. The pundit, who is an enthusiast, has now taken leave, and has gone to visit the Rajah personally and to urge the claims of his school, he also intends, during a pilgrimage to Upper India, to canvass several of the wealthy Rajahs and Zemindars for fund to endow this Brahminical school." (Proceedings of the Lt. Governor of Bengal, Education Department, Calcutta, October 1872[No.80]) ଅର୍ଥାତ୍ ରାଭେନ୍‌ଶ ସଂସ୍କୃତ ବିଦ୍ୟାଳୟ ପ୍ରଭୂତ ଭଲ କାମ କରୁଛି ବୋଲି କହିବା ସହ ଜଣେ ଅଗ୍ରଗାମୀ ଓ ଜ୍ଞାନାଲୋକରେ ଆଲୋକିତ ପଣ୍ଡିତ ହରିହରଙ୍କ ଅଦମ୍ୟ ଉତ୍ସାହ ଓ ଲୋକପ୍ରିୟତା ଫଳରେ ଅତ୍ୟନ୍ତ ରକ୍ଷଣଶୀଳ ବ୍ରାହ୍ମଣ ସମାଜରୁ ବି ଛାତ୍ରମାନେ ଏ ବିଦ୍ୟାଳୟ ପ୍ରତି ଆକର୍ଷିତ ହେଉଥିଲେ ବୋଲି ସ୍ୱୀକାର କରିଥିଲେ । (ବଳରାମପୁର) ମହାରାଜ ତାଙ୍କର ଅନୁଦାନ ଦେଇଚାଲିଥିଲେ ହେଁ ଓ ଏଥିପାଇଁ ଏକ ସ୍ଥାୟୀ ବନ୍ଦୋବସ୍ତ କରିବେ ବୋଲି ଇଚ୍ଛା ପ୍ରକାଶ କରିଥିଲେ ହେଁ ତାହା କରିପାରିନାହାଁନ୍ତି । (ଏ ବିଷୟରେ) ଅତ୍ୟନ୍ତ ଉତ୍ସାହୀ ହୋଇଥିବାରୁ ପଣ୍ଡିତ ମହାଶୟ ମହାରାଜାଙ୍କୁ ବ୍ୟକ୍ତିଗତ ଭାବରେ ଭେଟି ତାଙ୍କ ବିଦ୍ୟାଳୟର ଆବଶ୍ୟକତା ଜଣାଇବାପାଇଁ ଛୁଟି ନେଇ (ସେଠାକୁ) ଯାଇଛନ୍ତି ଓ ଉତ୍ତର ଭାରତରେ ଏକ ତୀର୍ଥଯାତ୍ରା କରିବା ଅବକାଶରେ ବିଦ୍ୟାଳୟପାଇଁ ଅନୁଦାନ ଦେବାକୁ ସେଠାରେ ଧନୀ ରାଜା ଓ ଜମିଦାରମାନଙ୍କୁ ପ୍ରବର୍ତ୍ତାଇବେ ।

କେବଳ ସେତିକି ନୁହେଁ, ପଣ୍ଡିତ ହରିହରଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ସଂସ୍କୃତ ବିଦ୍ୟାଳୟ ଓ ତାର ପଛରେ ଥିବା ପୁରୋଦୃଷ୍ଟି ମଧ୍ୟ ବଙ୍ଗସରକାର ବା ସ୍ୱୟଂ ଛୋଟଲାଟ୍‌ଙ୍କ ଦୃଷ୍ଟି ଆକର୍ଷଣରେ ବି ସମର୍ଥ ହୋଇପାରିଥିଲା । ଇନ୍‌ସପେକ୍ଟର ମାର୍ଟିନ୍ ଓ କମିଶନର ରାଭେନ୍‌ଶଙ୍କ ରିପୋର୍ଟ ଉପରେ ବଙ୍ଗ ସରକାର ତାଙ୍କ ରିଜଲ୍ୟୁସନ୍‌ରେ କହିଥିଲେ, "The account given by the Commissioner and Mr.

Digitized by srujanika@gmail.com

Martin of the Sanscrit school at Pooree supported by the Maharajah of Bulrampore is very interesting. The Commissioner remarks that no arrangement has yet been made for a permanent endowment, but the Lieutnant-Governor feels confident from what he knows of the Maharajah that he will full fill what he has undertaken." (Dated Calcutta 15th October 1872. Resulution by the Govt. of Bengal[No.81]) ଏହି ରିଜଲ୍ୟୁସନରୁ ଜଣାପଡ଼େ ସ୍ୱୟଂ ଛୋଟଲାଟ୍ ହରିହରଙ୍କୁ ଓ ତାଙ୍କ ଉଦ୍ୟମକୁ ଅତ୍ୟନ୍ତ ଶ୍ରଦ୍ଧା ଓ ଗୁରୁତ୍ୱର ସହ ବିଚାର କରି ବଳରାମପୁର ରାଜାଙ୍କ ସାହାଯ୍ୟ ଅବ୍ୟାହତ ରହିବ ତଥା ହରିହରଙ୍କ ଉଦ୍ୟମ ସ୍ଥାୟୀ ହେବ ବୋଲି ବିଶ୍ୱାସ କରିଥିଲେ ।

(୩.୫). ମୋଟଉପରେ ପୁରୀ ସଂସ୍କୃତ ବିଦ୍ୟାଳୟ ସମ୍ପର୍କିତ କେତେକ ଏ ପର୍ଯ୍ୟନ୍ତ ଅଜ୍ଞାତ କିନ୍ତୁ ଅତ୍ୟନ୍ତ ଉପାଦେୟ ତଥ୍ୟ ତ ଉପରେ ଦିଆଯାଇଥିବା ଉପାଦାନଗୁଡ଼ିକରୁ ମିଳେ; ତା ବ୍ୟତୀତ ମିଳେ ମଧ୍ୟ ଔପନିବେଶିକ ପ୍ରଶାସକମାନେ ହରିହରଙ୍କୁ କି ଦୃଷ୍ଟିରେ ଦେଖୁଥିଲେ (ତଥା ସେମାନେ କିପରି ଓଡ଼ିଶାରେ ଶିକ୍ଷାବିସ୍ତାରରେ ଆଗ୍ରହୀ ଥିଲେ) ତାର କିଞ୍ଚିତ ପିରଚୟ । ଏହା ପୂର୍ବରୁ ମହେଶ ଚନ୍ଦ୍ର ମହାପାତ୍ର ପଣ୍ଡିତ ହରିହରଙ୍କ ସମ୍ପର୍କରେ ରାଭେନ୍‌ଶ ଲେଖିଥିବା ଗୋଟିଏ ଚିଠିର ଅନୁବାଦ ପ୍ରକାଶ କରିଥିଲେ (ମହାପାତ୍ର, ୧୯୯୫, ପୃ.୧୫୮) ଓ କୈଳାସ ଚନ୍ଦ୍ର ଦାଶ ମଧ୍ୟ ଲୋକାଲ ସେକ୍ରେଟାରୀ ଗ୍ରୀଭ୍‌ସ (Greaves) ହରିହରଙ୍କ ସ୍ଥାପିତ ସଂସ୍କୃତ ବିଦ୍ୟାଳୟ ସମ୍ପର୍କରେ ବଳରାମପୁର ରାଜାଙ୍କ ନିକଟକୁ ଲେଖିଥିବା ଚିଠିର ସୂଚନା ଦେଇ ତାର କେତେକାଂଶ ଉଦ୍ଧାର କରିଥିଲେ (ଦାଶ, କୈଳାସ ଚନ୍ଦ୍ର ୨୦୦୨, ପୃ.୫୯୯) । ସମକାଳୀନ ଓ ପରବର୍ତ୍ତୀ କାଳର ଓଡ଼ିଆମାନେ କେବଳ ନୁହଁନ୍ତି, ଏ ସବୁଥିରୁ ଔପନିବେଶିକ ଶାସନକର୍ତ୍ତାମାନେ ହରିହରଙ୍କ ସମ୍ପର୍କରେ ଅତ୍ୟୁଚ୍ଚ ଧାରଣା ପୋଷଣ କରୁଥିବାର ଜଣାଯାଏ । ସମକାଳୀନ ଔପନିବେଶକ ଶାସନକର୍ତ୍ତାମାନେ ମାତ୍ର କ୍ୱଚିତ ଓଡ଼ିଆମାନଙ୍କ ସମ୍ପର୍କରେ ଏତିକି ଆଗ୍ରହ ଓ ଶ୍ରଦ୍ଧା ପ୍ରକାଶ କରିଥିଲେ । ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । (ପୁଣି ସମକାଳୀନ କ୍ୱଚିତ୍ ଓଡ଼ିଆ ମଧ୍ୟ ହରିହରଙ୍କ ପରି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବାହାରେ ଏପରି ଶ୍ରଦ୍ଧା ଓ ସମ୍ମାନଭାଜନ ହୋଇପାରିଥିଲେ ।) ଏଥିରୁ ମିଳେ ହରିହରଙ୍କ ଉଜ୍ଜ୍ୱଳ ଓ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ପୁଷ୍କଳ ପରିଚୟ ।

Digitized by srujanika@gmail.com

୪. ଉପସଂହାର

ଏପର୍ଯ୍ୟନ୍ତ କରାଯାଇଥିବା ଅନୁଶୀଳନରୁ ମନେହୁଏ ଯେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ପୁଣ୍ୟଶ୍ଳୋକ ପଣ୍ଡିତ ହରିହର ହୋଇପଡ଼ିଥିଲେ ଓଡ଼ିଶାରେ ନବୋନ୍ମେଷର ବା ନବଜାଗରଣର ଅନ୍ୟତମ ଅଗ୍ରଦୂତ । ପୂର୍ବେ ପଡ଼ୋଶୀ ବଙ୍ଗରେ ହେନ୍‌ରୀ ଡିରୋଜିଓ (H. L.V. Derozio, 1809-1831) ଗ୍ରହଣ କରିଥିବା ଭୂମିକାକୁ ଓଡ଼ିଶାରେ, ଅନୁରୂପ ଭାବରେ ସ୍ୱଳ୍ପାୟୁ, ପଣ୍ଡିତ ହରିହର ହିଁ ଅନ୍ତତଃ କିଛି ପରିମାଣରେ ଗ୍ରହଣ କରିଥିଲେ । ସେ ପ୍ରସଙ୍ଗରେ ସୂଚନା ଦେବା ଆବଶ୍ୟକ ଯେ ହରିହର ନାସ୍ତିକ ଥିଲେ ବୋଲି କୌଣସି ବଳିଷ୍ଠ ପ୍ରମାଣ ମଧ୍ୟ ନାହିଁ । ସେ ଥିଲେ ନ୍ୟାୟଶାସ୍ତ୍ରରେ ପ୍ରବୀଣ ଜଣେ ନୈୟାୟିକ । ପ୍ରତ୍ୟେକ ବିଷୟକୁ ଜଣେ ହେତୁବାଦୀ ପରି ଦେଖିବା ଥିଲା ତାଙ୍କର ସ୍ୱଭାବ । ପୁଣି ସେ କାଳର ସମାଜରେ ପ୍ରଚଳିତ ବହୁ ହିନ୍ଦୁ ଆଚାରକୁ ହରିହର ମଧ୍ୟ ସେଇ ବିଚାରର ମାନଦଣ୍ଡରେ ମାପି ଓ ଲୋକମତକୁ ବେଖାତିର କରି ବର୍ଜନ କରିଥିଲେ । ସେ ମଧ୍ୟରେ ଅବଶ୍ୟ ଥିଲା ତାଙ୍କର ସମାଜ-ସଂସ୍କାର ଅଭୀପ୍ସା ଓ ନିର୍ଭୀକତାର ପ୍ରତିଫଳନ । କିନ୍ତୁ କେବଳ ସେଇ କାରଣରୁ ତାଙ୍କୁ ନାସ୍ତିକ ବୋଲି ଧରିନିଆଯାଉଥିବାର ଓ ସେପରି ବିଶ୍ୱାସଟିଏ ସୃଷ୍ଟି ହୋଇଥିବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇ ପାରେ ନାହିଁ । ଓଡ଼ିଶାରେ ଶିକ୍ଷାର ପ୍ରସାର, ବିଶେଷ ଭାବରେ ଆଧୁନିକ ଶିକ୍ଷାର ପ୍ରସାର ଓ ସମାଜ-ସଂସ୍କାର ତଥା ଓଡ଼ିଆ ଜାତିର ସଂରଚନା (in the construction of Oriya identity) ଆଦି ବହୁ କ୍ଷେତ୍ରରେ ତାଙ୍କର ଉଜ୍ଜ୍ୱଳ ଅବଦାନ ଅଛି । ତା'ବ୍ୟତୀତ ପରବର୍ତ୍ତୀ କାଳରେ ସତ୍ୟବାଦୀ ବିଦ୍ୟାଳୟର ପରିକଳ୍ପନା, ସ୍ଥାପନ ଏପରିକି ସତ୍ୟବାଦୀ ସାହିତ୍ୟ ସୃଷ୍ଟିର ଅନ୍ତରାଳରେ ସେ ହିଁ ଥିଲେ, ଏକମାତ୍ର ନହେଲେ ମଧ୍ୟ, ଅନ୍ୟତମ ପ୍ରେରଣାର ଉତ୍ସ । ସେ ହିଁ ଥିଲେ ସତ୍ୟବାଦୀ-ଚିନ୍ତାସ୍ରୋତର ଗଙ୍ଗୋତ୍ରୀ ବା ପ୍ରଚ୍ଛନ୍ନ ଆଦିଉତ୍ସ । ସତ୍ୟବାଦୀ ସାହିତ୍ୟ ସୃଷ୍ଟିର ଅନ୍ତରାଳରେ ତାଙ୍କ ପୁଣ୍ୟ ପ୍ରେରଣା ଆଜି ଆଉ ଅସ୍ୱୀକାର କରିବା ସମ୍ଭବ ନୁହେଁ ଯଦିଓ ତାର ସ୍ୱରୂପ ଓ ଭୂମିକା ଆବିଷ୍କାରର ବିଶେଷ ଉଦ୍ୟମ ଓ ସେ ଦୃଷ୍ଟିକୋଣର ବିଷୟଟିର ଅଧିକ ବିଚାର ଅନୁଶୀଳନ ଏକାନ୍ତ ଆବଶ୍ୟକ ।

[ଏ ପ୍ରବନ୍ଧ ପ୍ରଥମେ 'ଝଙ୍କାର' ୨୦୦୬ ଏପ୍ରିଲ (୫୮/୧) ସଂଖ୍ୟାରେ ପ୍ରକାଶ ପାଇଥିଲା । ଏ ପ୍ରବନ୍ଧ ପ୍ରକାଶ ପାଇବା ପରେ ଡକ୍ଟର ରବିନାରାୟଣ ଦାଶ ମତେ ଟେଲିଫୋନ କରି ସେ ମଧ୍ୟ ପୂର୍ବେ ପୁରୀର ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଅର୍ଦ୍ଧଶତାବ୍ଦୀ ଉତ୍ସବ 'ସ୍ମରଣିକା'ରେ, ୧୯୭୩ରେ ଦୈନିକ 'ସମାଜ'ର ପୃଷ୍ଠାରେ ଓ

Digitized by srujanika@gmail.com

୧୯୭୫ରେ 'ମାନସ'ର ୩/୭ ସଂଖ୍ୟାରେ ପଣ୍ଡିତ ହରିହରଙ୍କ ସମ୍ପର୍କରେ ତଥ୍ୟଭିତ୍ତିକ ଆଲୋଚନା କରିଥିବାର କହିଥିଲେ । ମୋ ପ୍ରବନ୍ଧ ଲେଖିବା ପୂର୍ବରୁ ସେଗୁଡିକ ମୋ ଆଖିରେ ପଡିନଥିବା ଗବେଷକ ଭାବରେ ମୋର ବିଫଳତା ବୋଲି ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି ଓ ସେଥିପାଇଁ ଦୁଃଖ ପ୍ରକାଶ ମଧ୍ୟ କରୁଛି । ତା ପରେ ତାଙ୍କ ଲିଖିତ 'ପଣ୍ଡିତ ହରିହର ଦାସ' ପୁସ୍ତକ ଓଡିଶା ସାହିତ୍ୟ ଏକାଡେମୀଙ୍କଦ୍ୱାରା ୨୦୦୮ରେ ପ୍ରକାଶିତ ହୋଇଛି । ଏ ପୁସ୍ତକରେ ମୁଁ ମୋ ପ୍ରବନ୍ଧରେ ବ୍ୟବହାର କରିଥିବା ନୂତନ ତଥ୍ୟର ଉପଯୋଗ କରାଯାଇଛି ତଥା ମୋର କେତେକ ଅଭିମତକୁ ମଧ୍ୟ ଗ୍ରହଣ କରାଯାଇଛି । ତା ସତ୍ତ୍ୱେ ମୋ ପ୍ରବନ୍ଧରେ ତଥାପି ବି କିଛି ନୂତନତା ସହ କିଛି ଐତିହାସିକ ମୂଲ୍ୟ ଥିବାରୁ ତାହାକୁ ଏଠାରେ ପୁନଃପ୍ରକାଶ କରାଯାଉଛି । ତା ସହ ସାମାନ୍ୟ ନୂତନ ତଥ୍ୟ ସହ ପୂର୍ବେ ଦିଆଯାଇଥିବା ନୂତନ ତଥ୍ୟର ମୂଳ ଉତ୍ସ ଦର୍ଶାଇ ବି ଦିଆଯାଉଥିବାରୁ ଏହାର ପୁନଃପ୍ରକାଶର ଯଥାର୍ଥତା ବୃଦ୍ଧି କରାଯାଇଛି । ଏ ପ୍ରବନ୍ଧ ଲେଖିବାପାଇଁ ଉପାଦାନ ସଂଗ୍ରହରେ ସାହାଯ୍ୟ କରିଥିବାରୁ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ ଓ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟଙ୍କ ନିକଟରେ ଲେଖକ କୃତଜ୍ଞ । ତା ବ୍ୟତୀତ ୨୦୦୪ରେ ଲଣ୍ଡନସ୍ଥ British Library ରୁ ଏ ସମ୍ପର୍କୀୟ ତଥ୍ୟ ସଂଗ୍ରହର ସୁଯୋଗ କରାଇଦେଇଥିବାରୁ ଲେଖକ Orissa/German Research Project II ଓ ତାର Co-ordinator Prof. Hermann Kulke ଙ୍କ ନିକଟରେ ମଧ୍ୟ କୃତଜ୍ଞ ।]

ଉପାଦାନ ପଞ୍ଜିକା

ଅବକାଶ ଚିନ୍ତା, ଗୋପବନ୍ଧୁ ଦାସ, ସଂ. ସ୍ମରଣ କୁମାର ନାୟକ

ଉତ୍କଳ ସାହିତ୍ୟ ୨୦/୩ (୧୩୨୩, ଆଷାଢ଼)

ଦାଶ, କୈଳାସ ଚନ୍ଦ୍ର

୨୦୦୨, ଓଡ଼ିଶାରେ ନବଯୁଗର ନାନ୍ଦିକାର ପଣ୍ଡିତ ହରିହର ଦାଶ । ଝଙ୍କାର, ୫୭/୫, ଅଗଷ୍ଟ, ୨୦୦୫ ।

ଦାଶ, ଗଗନେନ୍ଦ୍ର ନାଥ

୨୦୦୬, ଦାଶରଥିବାବୁଙ୍କ ଫକୀରମୋହନ । (ଦ୍ର:ସରସ୍ୱତୀ ଫକୀରମୋହନ:ସାହିତ୍ୟ ଓ ବ୍ୟକ୍ତିତ୍ୱ । ଗଗନେନ୍ଦ୍ର ନାଥ ଦାଶ,୨୦୦୬, ପୃ.୧୮୪-୨୪୭ । କଟକ, ଗ୍ରନ୍ଥମନ୍ଦିର ।)

Digitized by srujanika@gmail.com

ଦାସ, (ଉତ୍କଳମଣି ପଣ୍ଡିତ) ଗୋପବନ୍ଧୁ

୨୦୦୪, ପଣ୍ଡିତ ଗୋପବନ୍ଧୁ ଗ୍ରନ୍ଥାବଳୀ (କାବ୍ୟ କବିତା) । ସଂ.ସ୍ମରଣ କୁମାର ନାୟକ । କଟକ, ଜଗନ୍ନାଥ ରଥ ।

ଦାସ, ଜଗନ୍ନାଥପ୍ରସାଦ

୧୯୯୨, ଦେଶ କାଳ ପାତ୍ର । ଭୁବନେଶ୍ୱର ଓ ନୂଆଦିଲ୍ଲୀ, ପ୍ରାଚୀ ପ୍ରକାଶନ ।

ଦାସ, (ପଣ୍ଡିତ) ନୀଳକଣ୍ଠ,

୧୯୫୦, ସରସ ପାଠ, ପ୍ରଥମ ଭାଗ । କଟକ, କଟକ ପବ୍ଲିଶିଂ ହାଉସ୍ ।

ଦାସ, (ପଣ୍ଡିତ) ନୀଳକଣ୍ଠ,

୧୯୫୧, ସଂସ୍କୃତ ଓ ସଂସ୍କୃତି । ବ୍ରହ୍ମପୁର ଓ କଟକ, ନିଉଷ୍ଟୁଡେଣ୍ଟସ୍ ଷ୍ଟୋରସ୍, ଲିମିଟେଡ୍ ।

ଦାସ, (ପଣ୍ଡିତ) ନୀଳକଣ୍ଠ,

୧୯୬୬, ପ୍ରାରମ୍ଭ । ଚନ୍ଦ୍ରଶେଖର ମିଶ୍ରଙ୍କ 'ସତ୍ୟବାଦୀରେ ସାତବର୍ଷ' । କଟକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, ଦ୍ୱିତୀୟ ମୁଦ୍ରଣ, (ପ୍ରଥମ ମୁଦ୍ରଣ ୧୯୫୩) ।

ଦାସ, (ପଣ୍ଡିତ) ନୀଳକଣ୍ଠ,

୨୦୦୩, ଆତ୍ମଜୀବନୀ, (୩ୟ ସଂସ୍କରଣ) । କଟକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, (ପ୍ରଥମ ସଂସ୍କରଣ ୧୯୬୩) ।

ଦାସ, ବିକ୍ରମ

୧୯୯୨- ଆଦିଜ୍ୟୋତି ହରିହର । କଟକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ।

ପଣ୍ଡା, ରବୀନ୍ଦ୍ରପ୍ରସାଦ

୧୯୮୭- ବୀମ୍ସ ସାହେବ ଓ ରିଙ୍ଗ ଲିଡର ଓଡ଼ିଆ । (କୋଣାର୍କ-୬୫)

ମହାପାତ୍ର, ମହେଶଚନ୍ଦ୍ର

୧୯୯୫- ଆଧୁନିକ ଶିକ୍ଷା ଓ ଓଡ଼ିଶା । କଟକ, ଗ୍ରନ୍ଥ ମନ୍ଦିର, ଦ୍ୱିତୀୟ ସଂସ୍କରଣ, (ପ୍ରଥମ ସଂସ୍କରଣ ୧୯୭୭) ।

ମିଶ୍ର, ଚନ୍ଦ୍ରଶେଖର

୧୯୬୬- ସତ୍ୟବାଦୀରେ ସାତବର୍ଷ । କଟକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ଦ୍ୱିତୀୟ ମୁଦ୍ରଣ, (ପ୍ରଥମ ମୁଦ୍ରଣ ୧୯୫୩) ।

Digitized by srujanika@gmail.com

ରଥ, ମୃତ୍ୟୁଞ୍ଜୟ

୨୦୦୫- ବ୍ରହ୍ମଙ୍କ ମଧୁସୂଦନ । ସଂ. ମହେଶ୍ୱର ମହାନ୍ତି ଓ ସ୍ମରଣ କୁମାର ନାୟକ । କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ ।

ରାଓ, ମଧୁସୂଦନ

୧୯୧୫- ମଧୁସୂଦନ ଗ୍ରନ୍ଥାବଳୀ । କଟକ, ପ୍ରଶାନ୍ତ ରାଓ ।

ଶିରୋମଣି, ନାରାୟଣ

୧୩୩୨ (ଅର୍ଥାତ୍ ୧୯୨୪) ପଣ୍ଡିତ ହରିହର ଦାସ ଓ ଓଡ଼ିଶା ସଂସ୍କୃତ କଲେଜ । ପ୍ରଦୀପ ୩/୫ ।

■■

Digitized by srujanika@gmail.com

ଉତ୍କଳ ସମ୍ମିଳନୀ

(ଉତ୍କଳଗୌରବ ଓ ଉତ୍କଳମଣି)

(୦)

(୦). ଊନବିଂଶ ଓ ଆଦ୍ୟ-ବିଂଶ ଶତକରେ ଓଡ଼ିଶାର ରାଜନୀତି ତଥା ଅନ୍ୟାନ୍ୟ ବହୁ କ୍ଷେତ୍ରରେ ଦୁଇ ତୁଙ୍ଗ ଦିଗଦର୍ଶକ, କର୍ଣ୍ଣଧାର ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଉତ୍କଳଗୌରବ ମଧୁସୂଦନ (୧୮୪୮-୧୯୩୪) ଓ ଉତ୍କଳମଣି ଗୋପବନ୍ଧୁ (୧୮୭୭-୧୯୨୮) । ସେ କାରଣରୁ ସେଇ ଦୁଇ ଜଣଙ୍କ ସମ୍ପର୍କରେ ବହୁ ଐତିହାସିକ ଓ ଗବେଷକ ଆଗ୍ରହ ପ୍ରକାଶ କରିଛନ୍ତି ଓ କରୁଛନ୍ତି; ବହୁ ବିଭିନ୍ନ ଦିଗରୁ ବିଚାର-ଆଲୋଚନା କରିଛନ୍ତି ଓ କରୁଛନ୍ତି । ତା ସ୍ୱାଗତଯୋଗ୍ୟ । ସେ ଦୁଇ ଜଣଙ୍କ ବ୍ୟକ୍ତିତ୍ୱ, ରାଜନୀତିକ ଅଭୀପ୍ସା ବା ଆଦର୍ଶ ଓ କର୍ମଯୋଜନା, ରାଜନୀତି-କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ତାର ପରିଣାମର ଆକଳନ ଓ ତୁଳନା କରି ଐତିହାସିକ ଓ ଗବେଷକମାନେ ଭିନ୍ନ ଭିନ୍ନ ମତ ପୋଷଣ କରିବା ଅତ୍ୟନ୍ତ ସ୍ୱାଭାବିକ; ଅତ୍ୟନ୍ତ ସ୍ୱାଭାବିକ ମଧ୍ୟ ସେମାନଙ୍କ ମଧ୍ୟରେ ମତଭେଦ ରହିବା ।

(୧.୧). ୨୦୦୩ରେ ପ୍ରକାଶ ପାଇଥିଲା ଦେବେନ୍ଦ୍ର କୁମାର ଦାଶଙ୍କଦ୍ୱାରା ସମ୍ପାଦିତ ହୋଇ 'ଉତ୍କଳମଣି ଗୋପବନ୍ଧୁ ଗ୍ରନ୍ଥାବଳୀ' (ପ୍ରଥମ ଖଣ୍ଡ । କବିତା) ଓ ଏହାର ପୁନର୍ମୁଦ୍ରଣ ହୋଇଛି ୨୦୧୦ରେ । ଏହାର ଭୂମିକାରେ ସମ୍ପାଦକ ସ୍ୱାଭାବିକ ଭାବରେ ମୁଖ୍ୟତଃ ଉତ୍କଳମଣି ଗୋପବନ୍ଧୁଙ୍କ ସମ୍ପର୍କରେ କେତେକ ନୂତନ ଉପାଦାନ ଭିତ୍ତିକ ଆଲୋକପାତ କରିଛନ୍ତି । ଏଥିରେ ଗୋପବନ୍ଧୁଙ୍କ ରାଜନୀତିକ ଭୂମିକାର କେତେକ ନୂତନ ଦିଗ ପ୍ରତି ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ତା ଫଳରେ ଓଡ଼ିଶାର ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ, ରାଜନୀତିକ ଅଭୀପ୍ସା ବା ଆଦର୍ଶ ଓ କର୍ମଯୋଜନା ତଥା ସେ କ୍ଷେତ୍ରରେ ତାଙ୍କ ଭୂମିକା ଓ ତାର ସୁଦୂରପ୍ରସାରୀ ପରିଣାମ ଅନୁଶୀଳନ କରିବା ସହଜସାଧ

Digitized by srujanika@gmail.com

ହୋଇପାରିଛି । ତା ସହ ସେଥିରେ ପ୍ରାସଙ୍ଗିକ ଭାବରେ ମଧ୍ୟ ଉତ୍କଳଗୌରବ ମଧୁସୂଦନଙ୍କ ସମ୍ପର୍କରେ ମାତ୍ର କେତେକ ସୂଚନା ବି ଦିଆଯାଇଛି ।

(୧)

(୧.୨). ତା ପରେ ପୁଣି ୨୦୦୫ରେ ପ୍ରକାଶ ପାଇଛି ସେଇ ଦେବେନ୍ଦ୍ର କୁମାର ଦାଶଙ୍କ ଦ୍ୱାରା ସମ୍ପାଦିତ 'ଉତ୍କଳ ସମ୍ମିଳନୀ, (୧୯୦୩-୧୯୩୬)', ପ୍ରଥମ ଖଣ୍ଡ । ଏହାର ବିଶେଷତ୍ୱ ହେଉଛି, ଏଥିରେ ଉତ୍କଳ ସମ୍ମିଳନୀ ସମ୍ପର୍କିତ - ବିଶେଷ ଭାବରେ ଆରମ୍ଭରୁ ଚକ୍ରଧରପୁର ଅଧିବେଶନ ପର୍ଯ୍ୟନ୍ତ – ଏ ଯାବତ ସହଜରେ ଅନୁପଲବ୍ଧ ବହୁ ତଥ୍ୟର ସଂଗ୍ରହ, ସଙ୍କଳନ ଓ ସମ୍ପାଦନା କରାଯାଇଛି । ଫଳରେ ଉତ୍କଳ ସମ୍ମିଳନୀ ସମ୍ପର୍କିତ ବହୁ ତଥ୍ୟ ଏ ପୁସ୍ତକର ଅନ୍ତର୍ଗତ ହୋଇ ଆଜି ସାଧାରଣ ପାଠକ ଓ ଗବେଷକମାନଙ୍କ ହାତପାଆନ୍ତାକୁ ଆସିଛି । ତା ଭିତର ଦେଇ ବି ଉଭୟ ମଧୁସୂଦନ ଓ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ର ଆକଳନ କରିବା ହୋଇଛି ବହୁ ପରିମାଣରେ ସହଜସାଧ୍ୟ ।

ଶ୍ରୀ ଦାଶ ତାଙ୍କ 'ଉତ୍କଳ ସମ୍ମିଳନୀ' ପୁସ୍ତକର 'ଗ୍ରନ୍ଥପ୍ରବେଶ'ରେ ତଥା 'ପ୍ରାନ୍ତସୂଚନା'ରେ ଉତ୍କଳ ସମ୍ମିଳନୀ ତଥା ଉତ୍କଳଗୌରବ ମଧୁସୂଦନଙ୍କ ସମ୍ପର୍କରେ କେତେକ ମନ୍ତବ୍ୟ ପ୍ରକାଶ କରିଛନ୍ତି, ବହୁ ପ୍ରଶ୍ନ ଓ ସମସ୍ୟା ଉତ୍‌ଥାପନ କରିଛନ୍ତି ତଥା ସେ ସମ୍ପର୍କିତ କେତେକ ଧାରଣା ଓ ବିଶ୍ୱାସରେ ଥିବା ଅସଙ୍ଗତି ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ତାଙ୍କର ଏପରି ଉଦ୍ୟମ ଫଳରେ ସେ ଉତ୍‌ଥାପନ କରିଥିବା ପ୍ରଶ୍ନଗୁଡ଼ିକର ଉତ୍ତର ମିଳିବା ତଥା ସମସ୍ୟା ସମାଧାନର ସୂତ୍ର ବାହାରିବା ସହଜ ହୋଇପାରିବ ତଥା ସେ ସମ୍ପର୍କିତ ବହୁ ଅଜ୍ଞାତ ବିଷୟ ଜଣାଯାଇ ଚିତ୍ରଟି ସ୍ପଷ୍ଟ ହେବ ବୋଲି ତାଙ୍କର ଆଶା ଓ ବିଶ୍ୱାସ ରହିଛି, ଯାହା ନ କହିଲେ ମଧ୍ୟ ଚଳିବ ଓ ତାହା ବହୁ ପରିମାଣରେ ଯଥାର୍ଥ । ତେବେ, "ଉତ୍କଳ ସମ୍ମିଳନୀର ଆରମ୍ଭ, ନାମକରଣ, ଉତ୍କଳସଭା ଓ ଭାରତୀୟ ଜାତୀୟ କଂଗ୍ରେସ ସହ ଏହାର ସମ୍ପର୍କ, ଚକ୍ରଧରପୁର ଓ ତାର ପରବର୍ତ୍ତୀ ଅଧିବେଶନଗୁଡ଼ିକର ଭୂମିକା, ଉତ୍କଳ ସମ୍ମିଳନୀ ସହ ସମ୍ପୃକ୍ତ ଓଡ଼ିଆ ନେତାମାନଙ୍କର ବ୍ୟକ୍ତିଗତ ବିଚାରଧାରା, ସେମାନଙ୍କର ଆତ୍ମଦ୍ୱନ୍ଦ୍ୱ ଓ ଓଡ଼ିଶାର ରାଜନୈତିକ ଇତିହାସରେ ସେମାନଙ୍କର ବାସ୍ତବ ଭୂମିକା ତଥା ଓଡ଼ିଆ ଜାତୀୟତା ନିର୍ମାଣରେ ଉତ୍କଳ ସମ୍ମିଳନୀର ଗୁରୁତ୍ୱ ସମ୍ପର୍କରେ ଯେଉଁ ପ୍ରଶ୍ନସବୁ ଉତ୍‌ଥାପିତ- ତାହାର ଉତ୍ତର ଉତ୍କଳ ସମ୍ମିଳନୀ ସମ୍ପର୍କରେ ଏ ପର୍ଯ୍ୟନ୍ତ ହୋଇଥିବା ପରିଚର୍ଚ୍ଚାରୁ ମିଳେ ନାହିଁ ।" (ଦାଶ, ଦେବେନ୍ଦ୍ର କୁମାର, ୨୦୦୫,

Digitized by srujanika@gmail.com

ପୃ.ବ) ବୋଲି ସେ ଦାବି କରନ୍ତି । କିନ୍ତୁ ତାଙ୍କର ଏ ଦାବି ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ, ଯାହା ଅନ୍ତତଃ କିଛି ପରିମାଣରେ ପରବର୍ତ୍ତୀ ଆଲୋଚନାରୁ ସ୍ପଷ୍ଟ ହୋଇଯିବ ।

ଅବଶ୍ୟ ଏ ପର୍ଯ୍ୟନ୍ତ ସେ ସମ୍ପର୍କରେ ଯେଉଁ ଧାରଣା ଓ ବିଶ୍ୱାସ ରହିଛି ସେ ସମସ୍ତକୁ ସେ ପ୍ରାୟ ସନ୍ଦେହଚକ୍ଷୁରେ ଦେଖିଛନ୍ତି ଓ ସେସବୁ ସମ୍ପର୍କରେ ବହୁ ପ୍ରଶ୍ନ ଓ ଆପତ୍ତି ଉତ୍‌ଥାପନ କରିଛନ୍ତି । ଓଡ଼ିଶାରେ (ତଥା ଅନ୍ୟତ୍ର) ଯେଉଁପରି ଭାବରେ ଭିତ୍ତିଶୂନ୍ୟ ଜନଶ୍ରୁତିର ସଂରଚନା ଓ ବିକାଶ ଦ୍ରୁତଭାବରେ ହୁଏ ସେପରି ବାତାବରଣରେ ଏପରି ସନ୍ଦେହ ଚକ୍ଷୁରେ ପ୍ରତ୍ୟେକ ବିଷୟକୁ ପରୀକ୍ଷାନିରୀକ୍ଷା ବା ନିରୀକ୍ଷଣ ନ କଲେ ମିଥ୍ୟାର କୁହେଳିକା ଭେଦ କରି ସତ୍ୟକୁ ଆବିଷ୍କାର କରିବା କଷ୍ଟକର ହୋଇପଡ଼େ । ତେଣୁ ସେ ସର୍ବଦା କେବଳ ପ୍ରାଥମିକ ଉପାଦାନ - ସମସାମୟିକ ଲିଖିତ ପ୍ରମାଣ - ଉପରେ ନିର୍ଭର କରିବାପାଇଁ ଉଚିତ ବୋଲି ମନେ କରନ୍ତି । ତେବେ ବେଳେବେଳେ ଘଟଣାଟି ଘଟିଥିଲେ ମଧ୍ୟ ତାର କୌଣସି ଲିଖିତ ପ୍ରମାଣ ବା ତାଙ୍କ ଭାଷାରେ 'ପ୍ରାଥମିକ ପ୍ରମାଣ' ନ ଥାଇପାରେ ବା ଥିଲେ ମଧ୍ୟ ତା ବି (ହଠାତ୍) ଉପଲବ୍ଧ ହୋଇନପାରେ । ସେ ପରି କ୍ଷେତ୍ରରେ ଜନଶ୍ରୁତି ଉପରେ - ଯାହାକୁ ମୌଖିକ ଇତିହାସ ବା oral history ଆଖ୍ୟା ଦିଆଯାଇପାରେ - ନିର୍ଭର କରିବାପାଇଁ ପଡ଼େ । ପୁଣି ଲିଖିତ ପ୍ରମାଣ ବେଳେବେଳେ ଏକପାଖିଆ ହୋଇଥିବାର ସମ୍ଭାବନା ଥାଏ ଓ ତେଣୁ ତାହା ବି ପୂର୍ଣ୍ଣାଙ୍ଗ ଚିତ୍ର ଦେଇପାରେନାହିଁ । ଅନ୍ୟ ପକ୍ଷରେ କେତେକ ଜନଶ୍ରୁତି ମଧ୍ୟ ସତ୍ୟଭିତ୍ତିକ ହୋଇଥାଏ ଓ ତା ମଧ୍ୟରୁ ମଧ୍ୟ ସତ୍ୟର ଆବିଷ୍କାର କରାଯାଇପାରେ । ସେ କାରଣରୁ ତଥା ଅନ୍ୟଥା ମଧ୍ୟ ଜନଶ୍ରୁତି ବି ଇତିହାସର ଅନ୍ୟତମ ଉପାଦାନ ରୂପେ ବିବେଚିତ ହୁଏ ଓ ଇତିହାସ ରଚନାରେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଉପେକ୍ଷା କରାଯାଇପାରେନାହିଁ ।

କିନ୍ତୁ ସେ ସ୍ୱୀକାର କରନ୍ତୁ ବା ନ କରନ୍ତୁ, ଉତ୍କଳ ସମ୍ମିଳନୀ ତଥା ମଧୁସୂଦନଙ୍କ ସମ୍ପର୍କରେ ସେ ଉତ୍‌ଥାପନ କରିଥିବା ଅନ୍ତତଃ କେତେକ ପ୍ରଶ୍ନର ଆଂଶିକ ଉତ୍ତର ନିଶ୍ଚିତ ଭାବରେ ଉପଲବ୍ଧ ଓ ଏ ମଧ୍ୟରୁ କେତେକ ସତ୍ୟର ଅତ୍ୟନ୍ତ ନିକଟବର୍ତ୍ତୀ । ଅବଶ୍ୟ କେତେକ କ୍ଷେତ୍ରରେ ତାଙ୍କର ଏଇ ପ୍ରଶଂସନୀୟ ଉଦ୍ୟମ ହିଁ ପୂର୍ବରୁ ବିଶ୍ୱାସ କରାଯାଉଥିବା ବା ଜଣାଥିବା କଥାକୁ ମଧ୍ୟ ଦୃଢ଼ ପ୍ରମାଣ ଯୋଗାଇଦେଇପାରିଛି ।

(୨)

(୨). ତେବେ ଏ ପ୍ରବନ୍ଧର ଉଦ୍ଦେଶ୍ୟ ସୀମିତ । ମୁଁ ମଧ୍ୟ ପ୍ରାୟ ତିନି ଦଶନ୍ଧି ପୂର୍ବେ ଆନୁଷଙ୍ଗିକ ଭାବରେ ଉଭୟ ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି

Digitized by srujanika@gmail.com

ଗୋପବନ୍ଧୁଙ୍କ ସମ୍ପର୍କରେ ସାମାନ୍ୟ କିଛି ଆଗ୍ରହ ପ୍ରକାଶ କରିଥିଲି ଓ ସେତେବେଳେ ମୋ ପକ୍ଷରେ ସହଜରେ ଉପଲବ୍ଧ ଉପାଦାନ ମାଧ୍ୟମରେ ସୂଚନାତ୍ମକ ଭାବରେ କେତେକ ସିଦ୍ଧାନ୍ତରେ ଉପନୀତ ହୋଇଥିଲି । ବର୍ତ୍ତମାନ ମୋର ସେ ଦିନର ସେଇ ସିଦ୍ଧାନ୍ତକୁ ଆଉ ଥରେ ଏବେ ଦେବେନ୍ଦ୍ର କୁମାର ଦାଶଙ୍କ ମାଧ୍ୟମରେ ଉପଲବ୍ଧ ନୂତନ ଉପାଦାନର ଆଲୋକରେ ଦେଖି ପରଖି ନେବାର ତଥା ମୁଁ ସେତେବେଳେ ସତ୍ୟର କେତେକ ଦୂର ନିକଟବର୍ତ୍ତୀ ବା ଦୂରବର୍ତ୍ତୀ ଥିଲି ତା ଜାଣିବାର ପ୍ରଚେଷ୍ଟା କରାଯିବ । ଅବଶ୍ୟ ମୋର ଓ ଦେବେନ୍ଦ୍ର କୁମାର ଦାଶଙ୍କ ମଧ୍ୟରେ କେତେକ ଦୃଷ୍ଟିକୋଣଗତ ପାର୍ଥକ୍ୟ ଥିବାରୁ ମୋର କେତେକ ଅଭିମତ ଓ ସିଦ୍ଧାନ୍ତ ତାଙ୍କର କେତେକ ଅଭିମତ ଓ ସିଦ୍ଧାନ୍ତଠାରୁ ଭିନ୍ନ ହେବାର ସମ୍ଭାବନା ମଧ୍ୟ ରହିଛି । ତା ସହ ଆନୁଷଙ୍ଗିକ ଭାବରେ ସେଇ ଦେବେନ୍ଦ୍ର କୁମାର ଦାଶଙ୍କ ସୂଚିତ ମାତ୍ର ଅଳ୍ପ କେତୋଟି ପ୍ରଶ୍ନ ଓ ସେ ଦେଇଥିବା ଅଭିମତର ସଂକ୍ଷିପ୍ତ ପର୍ଯ୍ୟାଲୋଚନା ବି କରାଯିବ ।

(୩)

(୩). ଏକ ଦିଗରେ ତାଙ୍କ 'ଉତ୍କଳ ସମ୍ମିଳନୀ', (୧୯୦୩-୧୯୩୬), ପ୍ରଥମ ଖଣ୍ଡର 'ଗ୍ରନ୍ଥପ୍ରବେଶ'ରେ ମଧୁସୂଦନଙ୍କ ସମ୍ପର୍କରେ ତାଙ୍କର ପ୍ରତିକୂଳ ମନୋଭାବର ପ୍ରତିଫଳନ ଆବିଷ୍କାର କରାଯାଇପାରେ । ମଧୁସୂଦନଙ୍କ ସମ୍ପର୍କରେ ସେ ମନ୍ତବ୍ୟ ଦେଇ କହନ୍ତି, "ପେଟର ଚିନ୍ତା ନଥିବାରୁ ମଧୁବାବୁ ଓଡ଼ିଶା ସହ ଭାରତର ଦୁରବସ୍ଥାର ପ୍ରତିକାରପାଇଁ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ଉତ୍କଳସଭାର ପ୍ରତିନିଧି ଭାବରେ ଯୋଗ ଦେଇଥିଲେ ।" (ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ପୃ.ଦ) । ସେହିପରି ୧୯୧୫ରେ ମଧୁବାବୁ ଉତ୍କଳ ସମ୍ମିଳନୀରେ ଯୋଗ ନ ଦେଇ ସର୍ବ-ଭାରତୀୟ ଖ୍ରୀଷ୍ଟିଆନ୍ ସମ୍ମିଳନୀରେ ଯୋଗ ଦେଇଥିବାରୁ ମଧ୍ୟ ତାଙ୍କ ପ୍ରତି କଟାକ୍ଷ କରିବାପାଇଁ ଛାଡ଼ିନାହାଁନ୍ତି (ତତ୍ରୈବ, ପୃ.ମ) । ତେଣୁ ସେ ସମ୍ପୂର୍ଣ୍ଣ ଭାବରେ ବସ୍ତୁନିଷ୍ଠ ହୋଇ ମଧୁସୂଦନଙ୍କ ବ୍ୟକ୍ତିସତ୍ତାର ଆକଳନ କରିପାରି ନାହାଁନ୍ତି ବୋଲି ଧାରଣା ହୁଏ । କିନ୍ତୁ ଅନ୍ୟ ଦିଗରେ ଶ୍ରୀ ଦାଶ ୧୯୦୩ର ରମ୍ଭା ବୈଠକ/ସମ୍ମିଳନୀର ଅସ୍ତିତ୍ୱକୁ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିବା (ତତ୍ରୈବ, ପୃ. ୧୨୯-୩୧) ଓ ୧୯୦୩ ଏପ୍ରିଲରେ ବ୍ରହ୍ମପୁରରେ ଅନୁଷ୍ଠିତ ଗଞ୍ଜାମ ଜାତୀୟ ସମ୍ମିଳନୀର ପ୍ରେରଣାରୁ ଉତ୍କଳ ସମ୍ମିଳନୀର ସୃଷ୍ଟି ହୋଇନାହିଁ ତଥା ଉତ୍କଳ ସମ୍ମିଳନୀ ତାର ସମ୍ପ୍ରସାରଣ ନୁହେଁ ବୋଲି ଦାବି କରିବା (ତତ୍ରୈବ, ପୃ. ୧୩୧) ମଧ୍ୟରେ ଓ ବୈକୁଣ୍ଠନାଥ ଦେ'ଙ୍କ ସ୍ମାରକପତ୍ରକୁ

Digitized by srujanika@gmail.com

ବିଶେଷ ଗୁରୁତ୍ୱ ନ ଦେବା (ତତ୍ରୈବ, ପୃ. ୧୩୨) ଭିତରେ ମଧୁସୂଦନଙ୍କ ଅଗ୍ରଗାମୀତ୍ୱ ଓ ନେତୃତ୍ୱକୁ ସ୍ୱୀକୃତି ଦେବାରେ ତାଙ୍କର କୌଣସି କୁଣ୍ଠା ଥିବା ଦୂରେ ଥାଉ ପ୍ରବଣତା ବା ଉତ୍ସାହ ହିଁ ସୂଚିତ ହୁଏ । ତେବେ ମୋଟଉପରେ ମଧୁବାବୁଙ୍କ ପ୍ରତି ତାଙ୍କର ଦୃଷ୍ଟିକୋଣ କିଞ୍ଚିତ ଅଧିକ ତୀର୍ଯ୍ୟକ ଥିବା ପରି ମନେହୁଏ ।

କିନ୍ତୁ ସ୍ମରଣ କରିବା ଉଚିତ ଯେ ସେତେବେଳେ ଓଡ଼ିଶାରେ କେବଳ ମଧୁବାବୁ କାହିଁକି, ଆହୁରି ବହୁ ବ୍ୟକ୍ତିଙ୍କର ମଧ ପେଟର ଚିନ୍ତା ନଥିଲା । ପ୍ରଶ୍ନ ଉଠେ, ସେମାନଙ୍କ ମଧ୍ୟରୁ କେତେ ଜଣ ଓଡ଼ିଶା ସହ ଭାରତର ଦୁରବସ୍ଥାର ପ୍ରତିକାରପାଇଁ ଆଗଭର ହୋଇଥିଲେ ? ତେଣୁ ଏପରି ମନ୍ତବ୍ୟ କେବଳ ଏକ ପ୍ରତିକୂଳାତ୍ମକ ଦୃଷ୍ଟିଭଙ୍ଗୀର ପ୍ରତିଫଳନ ମାତ୍ର, ବସ୍ତୁନିଷ୍ଠ ଭାବରେ ବ୍ୟକ୍ତିତ୍ୱର ଆକଳନ ନୁହେଁ । କେବଳ ସେତିକି ନୁହେଁ, ଯେତେବେଳେ ସେ ନିଃସ୍ୱ ହୋଇ ଅତି ବୃଦ୍ଧ ବୟସରେ ମଧ ପେଟଚିନ୍ତାରେ ଆଇନ ବ୍ୟବସାୟ କରିବାପାଇଁ ବାଧ ହୋଇଥିଲେ ସେତେବେଳେ ମଧ ସେ ଦେଶ ଓ ଦଶ ଚିନ୍ତାରୁ ବିରତ ହୋଇନଥିଲେ । ସେହିପରି ୧୯୧୫ର ସର୍ବ-ଭାରତୀୟ ଖ୍ରୀଷ୍ଟିଆନ ସମ୍ମିଳନୀରେ ସେ କାର୍ଯ୍ୟକାରୀ ସଭାପତି (executive president) ଥିବାରୁ ଜଣେ ଓଡ଼ିଆ ଖ୍ରୀଷ୍ଟିଆନ ଭାବରେ ସେଥିରେ ଯୋଗଦେଇ, ଓ ସଭାପତିଙ୍କର ଅବର୍ତ୍ତମାନରେ ସଭାପତିର ଦାୟିତ୍ୱ ଗ୍ରହଣ କରି ତଥା ଦକ୍ଷତାର ସହ ତା ନିର୍ବାହ କରି (ଦାଶ, ସୂର୍ଯ୍ୟନାରାୟଣ, ୧୯୮୮, ପୃ.୩୦୨-୦୩) ମଧୁସୂଦନ କୌଣସି ଓଡ଼ିଆ ଜାତୀୟତାବାଦ-ବିରୋଧୀ ଗର୍ହିତ କାର୍ଯ୍ୟ କରିନାହାଁନ୍ତି, ବିଶେଷଭାବରେ ସେଇ ବର୍ଷର ଉତ୍କଳସମ୍ମିଳନୀର ସେ ଯେତେବେଳେ କୌଣସି କର୍ମକର୍ତ୍ତା ନ ଥିଲେ । ଅନ୍ୟ ପକ୍ଷରେ ଏପରି କରି ଓ ତା ଫଳରେ ପର ବର୍ଷର ନିଖିଳ ଭାରତ ଖ୍ରୀଷ୍ଟିଆନ ସମ୍ମିଳନୀର ସଭାପତି ଭାବରେ ନିର୍ବାଚିତ ହୋଇ ସେ ଓଡ଼ିଆମାନଙ୍କର ମର୍ଯ୍ୟାଦା, ଆତ୍ମପ୍ରତ୍ୟୟ ଓ ଗୌରବ ବୃଦ୍ଧି କରିଛନ୍ତି ବୋଲି ମଧ୍ୟ ଦାବି କରାଯାଇପାରେ । ସେହିପରି ଆଉ ଗୋଟିଏ ପ୍ରଶ୍ନ ହେଉଛି, ଗଞ୍ଜାମ ଜାତୀୟ ସମ୍ମିଳନୀର ପୃଷ୍ଠପୋଷକ ଖଲ୍ଲିକୋଟର ରାଜା ହରିହର ମର୍ଦ୍ଧରାଜ ଗଞ୍ଜାମ ଜାତୀୟ ସମ୍ମିଳନୀ ପୂର୍ବରୁ ରମ୍ଭାସ୍ଥ ତାଙ୍କ ପ୍ରାସାଦରେ ଏକ ପ୍ରସ୍ତୁତି-ବୈଠକର ଆୟୋଜନ କରିଥିବା କଣ ସମ୍ପୂର୍ଣ୍ଣ ଭାବରେ ଅବାସ୍ତବ ବା ଅସମ୍ଭବ ? ବରଂ ଏପରି ଏକ ପ୍ରସ୍ତୁତି-ବୈଠକ ହୋଇଥିବାର ବେଶ୍ ସମ୍ଭାବନା ଅଛି । ତାହାର କୌଣସି ପ୍ରମାଣ ଥାଇପାରେ ବା ନ ଥାଇ ବି ପାରେ । ଏ କ୍ଷେତ୍ରରେ The Oriya Movemnet ପୁସ୍ତକର ବକ୍ତବ୍ୟକୁ ସନ୍ଦେହ କରିବାର କାରଣ କଣ ? 'ରମ୍ଭା ବୈଠକ'ର ମାତ୍ର ୧୭ ବର୍ଷ ପରେ ପ୍ରକାଶିତ ଏ ପୁସ୍ତକରେ ଏପରି ଭିତ୍ତିଶୂନ୍ୟ ଓ

Digitized by srujanika@gmail.com

ଭ୍ରମାତ୍ମକ ଦାବି କରାଯାଇଥିଲା କିପରି ଓ କାହିଁକି, ଯେତେବେଳେ ପୁଣି 'ରମ୍ଭା ବୈଠକ'ରେ ଯୋଗ ଦେଇଥିବା କେତେକ ବ୍ୟକ୍ତି ଜୀବିତ ବି ଥିଲେ । ଅବଶ୍ୟ ବାଇକୋଳି ମହାପାତ୍ର ସେ ଘଟଣାର ବହୁ ପରେ ଖଲ୍ଲିକୋଟ ରାଜପରିବାର ପ୍ରତି ତାଙ୍କର ଆନୁଗତ୍ୟର ଆତିଶଯ୍ୟ ପ୍ରଦର୍ଶନପୂର୍ବକ କେତେକ ଶୁଣାକଥା ଉପରେ ଅତିରଞ୍ଜନ ଓ ମିଥ୍ୟାର ପ୍ରଲେପ ଦେଇ ଏକ ଜନଶ୍ରୁତି ନିର୍ମାଣ କରିବାର ପ୍ରଚେଷ୍ଟା କରିଛନ୍ତି ବୋଲି ଶ୍ରୀ ଦାଶ ସଫଳତାର ସହ ଦେଖାଇଦେଇପାରିଛନ୍ତି । (ପୁଣି ବାଇକୋଳିଙ୍କ ବିବରଣୀ ଭ୍ରମବଶତଃ ୧୯୦୪ ମାର୍ଚ୍ଚ ୧୨ର 'ଉତ୍କଳ ଦୀପିକା'ରେ ପ୍ରକାଶିତ ସେହି ୧୯୦୪ର ଫେବୃଆରୀ ୨୪ ତାରିଖ ଦିନ ରମ୍ଭାଠାରେ ଦେଶମିଶ୍ରଣ ଓ ସମ୍ମାନ ସଭା ବିବରଣୀକୁ ଆଧାରକରି ଲେଖାଯାଇଥିବାର ସମ୍ଭାବନା ମଧ୍ୟ ବିଚାର୍ଯ୍ୟ ।)

(୪)

(୪). ବୋଧହୁଏ ଭାରତୀୟ ଜାତୀୟ କଂଗ୍ରେସର ବିବରଣୀ ଭିତ୍ତିରେ ପୁରୁଷୋତ୍ତମ କରଙ୍କ ବକ୍ତବ୍ୟ ଅନୁସରଣରେ ମଧୁସୂଦନଙ୍କ ସମ୍ପର୍କରେ ଦେବେନ୍ଦ୍ର କୁମାର ଦାଶ କହନ୍ତି, "ମାଡ୍ରାସ ଅଧିବେଶନରୁ ଫେରିଲାପରେ ... ... ୧୯୦୧ ମସିହା ପର୍ଯ୍ୟନ୍ତ ସେ ଅନ୍ୟ କୌଣସି ଅଧିବେଶନରେ ଯୋଗ ଦେଇନାହାଁନ୍ତି ।" (ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ପୃ. ଧ) ଓ "ଦୀର୍ଘ ଦିନ ଧରି ମଧୁସୂଦନ କୌଣସି ଅଜ୍ଞାତ କାରଣରୁ ୧୯୦୧ ମସିହା ପର୍ଯ୍ୟନ୍ତ ଅନ୍ୟ କୌଣସି ଅଧିବେଶନକୁ ଯାଇନଥିଲେ କାହିଁକି ?" (ତତ୍ରୈବ, ପୃ.ନ) । କିନ୍ତୁ ପ୍ରଭାତ ମୁଖର୍ଜୀଙ୍କ ବକ୍ତବ୍ୟାନୁଯାୟୀ ସେ ଭାରତୀୟ ଜାତୀୟ କଂଗ୍ରେସର ୧୮୯୪, ୧୮୯୫ ଓ ୧୮୯୬ ଅଧିବେଶନଗୁଡିକରେ ଯୋଗ ଦେଇଥିଲେ (ଦ୍ରଃ Mukherjee, Prabhat, 1957, p.123) । ଅବଶ୍ୟ ମୁଖର୍ଜୀ ତାଙ୍କ ବକ୍ତବ୍ୟର ପଛରେ ଥିବା କୌଣସି ପ୍ରାଥମିକ ଉପାଦାନର ସୂଚନା ଦେଇନଥିଲେ ମଧ୍ୟ ତାଙ୍କ ଉକ୍ତିକୁ ବିନା ପରୀକ୍ଷାରେ ଅଗ୍ରାହ୍ୟ କରିବା ଉଚିତ ହେବ କି ? ବିଶେଷ ଭାବରେ ସେ ସେହି ସେହି ବର୍ଷର କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ଓଡ଼ିଆମାନଙ୍କ ତାଲିକା ମଧ୍ୟରେ ମଧୁବାବୁଙ୍କ ନାମୋଲ୍ଲେଖ କରିଥିବାରୁ ତାହାକୁ ଅଗ୍ରାହ୍ୟ କରିବାକୁ କୁଣ୍ଠା ହୁଏ । କାରଣ ପ୍ରଶ୍ନ ଉଠେ ଏପରି ତାଲିକା କଣ ଶ୍ରୀ ମୁଖର୍ଜୀ ମନରୁ ପ୍ରସ୍ତୁତ କରିଥିଲେ ? ଭାରତୀୟ ଜାତୀୟ କଂଗ୍ରେସର ବିବରଣୀରେ ନ ଥିଲେ ସୁଦ୍ଧା ଅନ୍ୟତ୍ର ତାହାର ସୂଚନା ଥାଇପାରେ । ତେଣୁ ସେ ବିଷୟରେ ଅଧିକ ଅନୁସନ୍ଧାନର ଆବଶ୍ୟକତା ଅଛି ।

Digitized by srujanika@gmail.com

(୫)

(୫.କ). ଭାରତୀୟ ଜାତୀୟ କଂଗ୍ରେସ ପରିତ୍ୟାଗ କରି ମଧୁସୂଦନ ଉତ୍କଳ ସମ୍ମିଳନୀ ସ୍ଥାପନ କରିବାର କାରଣ ପ୍ରସଙ୍ଗରେ ସର୍ବସାଧାରଣରେ ଯାହା କୁହାଯାଇଥାଏ ବା ବିଶ୍ୱାସ କରାଯାଏ ସେ ସମ୍ପର୍କରେ ସୁରେନ୍ଦ୍ର ମହାନ୍ତିଙ୍କ 'ଶତାବ୍ଦୀର ସୂର୍ଯ୍ୟ'ର "ଏଥର ମାନ୍ଦ୍ରାଜରେ କଂଗ୍ରେସର ଊନବିଂଶ ଅଧିବେଶନ, ମଧୁସୂଦନଙ୍କ ସେ ମୋହଭଙ୍ଗକୁ ଚୂଡ଼ାନ୍ତ କରିଦେଲା ।" ଉକ୍ତିକୁ ଉଦ୍ଧାର କରି (ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ପୃ. ନ) ତାହାକୁ ବ୍ୟାଖ୍ୟା କରିବା ପ୍ରସଙ୍ଗରେ ସେ କହନ୍ତି, "ରିସଲେ ସର୍କୁଲାରରେ ଓଡ଼ିଶାର ଅଞ୍ଚଳଗୁଡ଼ିକୁ ଏକଶାସନାଧୀନ କରିବାର ପ୍ରସ୍ତାବକୁ କଂଗ୍ରେସ ଦୃଢ଼ ବିରୋଧ କରିବା ମଧୁସୂଦନଙ୍କର କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିବାର ଅନ୍ୟତମ କାରଣ ଭାବରେ ଉପସ୍ଥାପନ କରାଯାଇଥାଏ । ... .. ଲାଲମୋହନ ଘୋଷଙ୍କ ସଭାପତିତ୍ୱରେ ଡିସେମ୍ବର ୨୮-୩୦ରେ ମାଡ୍ରାସରେ ବସିଥିବା କଂଗ୍ରେସର ଊନବିଂଶ ଅଧିବେଶନରେ ରିସଲେ ସର୍କୁଲାରକୁ ବିରୋଧ କରି ପ୍ରସ୍ତାବ ଗ୍ରହଣ କରାଯାଇଛି ।" (ତତ୍ରୈବ, ପୃ. ପ) । ତା'ପରେ ସେ ସମ୍ପର୍କରେ ମନ୍ତବ୍ୟ ଦେଇ ଓ ସେଥିରେ ଥିବା ଅସଙ୍ଗତି ପ୍ରତି ଦୃଷ୍ଟି ଆକର୍ଷଣ କରି ସେ ପୁଣି କହନ୍ତି, "କଂଗ୍ରେସରେ ଏଭଳି ପ୍ରସ୍ତାବ ଗୃହୀତ ହେବା ଓ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ଅନୁଷ୍ଠାନ ପ୍ରାୟତଃ ଏକ ସମୟରେ ଚାଲିଥିଲା । ତେବେ ଏଠାରେ ପ୍ରଶ୍ନ ଆସେ, ମଧୁସୂଦନ ବା ଓଡ଼ିଶାର ପ୍ରମୁଖ ନେତାଗଣ ଏଭଳି ନିର୍ଦ୍ଧାରଣ ଗୃହୀତ ହେବ ବୋଲି ଜାଣି ଉତ୍କଳ ସମ୍ମିଳନୀ ଆରମ୍ଭ କଲେ କିପରି ?" (ତତ୍ରୈବ, ପୃ. ଫ) ।

ତେବେ ଏପରି ଅସଙ୍ଗତି ପ୍ରତି ତାଙ୍କର ୨୩ ବର୍ଷ ପୂର୍ବରୁ ସମାଜବିଜ୍ଞାନୀ ସୁଧୀର ଚନ୍ଦ୍ର ମଧ ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରିସାରିଥିଲେ । ୧୯୭୫-୭୬ରେ ଲିଖିତ ଓ ୧୯୭୮ରେ ପ୍ରକାଶିତ ମୋର Jagannatha and Oriya Nationalism ପ୍ରବନ୍ଧରେ ମୁଁ ଆନୁଷଙ୍ଗିକ ଭାବରେ ଉତ୍କଳ ସମ୍ମିଳନୀ ସମ୍ପର୍କରେ ସାମାନ୍ୟ ସୂଚନା ମାତ୍ର ଦେଇଥିଲି । ମୁଁ ଲେଖିଥିଲି, "But 1903 A.D. was a turning point in the history of Indian nationalism in Orissa, the very year in which the Utkala Sammilani came into being. It received a serious jolt when Mr. M. S. Das parted his way from Indian National Congress because 'the proposed separation of the district of Ganjam with its Agency tracts and Vizagapatam Agency from the Madras Presidency and its amalgamation with Orissa' was opposed in its Madras session the same year. After severing his connection with

Digitized by srujanika@gmail.com

the Congress, Mr. Das founded Utkal Sammilani." (Dash, G.N., 1978, p. 372/2014, p. 467) ମୁଁ ମଧ୍ୟ ମୋର ଏଇ ମନ୍ତବ୍ୟପାଇଁ ସେଇ ସୁରେନ୍ଦ୍ର ମହାନ୍ତିଙ୍କ ଇଂରାଜୀରେ ଲିଖିତ ଓ ୧୯୭୨ରେ ପ୍ରକାଶିତ ଅନ୍ୟ ଏକ ପୁସ୍ତକ Madhusudan Das ଉପରେ (ପୃ. ୭୫-୭୬) ନିର୍ଭର କରିଥିଲି । ସୁଧୀର ଚନ୍ଦ୍ର ମୋ ଲେଖାରେ ଥିବା ଅସଙ୍ଗତି ପ୍ରତି ପ୍ରଥମେ ୧୯୮୨ରେ Economic and Political Weeklyରେ ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ "He misses the simple point that the maiden session of the Sammilani at Cuttack and the Madras session of congress were held almost simultaneously in the last week of December." (ଦ୍ର: Chandra, Sudhir, 1982, p. 1284, f.n. No. 29) । ପରେ ସେ ତାଙ୍କ 'The Oppressive Present : Literature and Social Consciousness in Colonial India' ପୁସ୍ତକରେ ତାର ପୁନରୁଲ୍ଲେଖ ମଧ୍ୟ କରିଛନ୍ତି (Chandra, Sudhir, 1994, pp. 184-85, f.n. no. 103) । ସୁଧୀର ଚନ୍ଦ୍ର (ଓ ପରେ ଦେବେନ୍ଦ୍ର କୁମାର ଦାଶ) ଦେଖାଇଥିବା ଅସଙ୍ଗତିକୁ ଅସ୍ୱୀକାର କରାଯାଇପାରେନାହିଁ । (ତେବେ ଯେଉଁ The Cult of Jaganath and Regional Tradition of Orissa ପୁସ୍ତକରେ ମୋ ପ୍ରବନ୍ଧଟି ଗର୍ଭିତ, ସେହି ପୁସ୍ତକର ପରିବର୍ଦ୍ଧିତ ଓ ପରିମାର୍ଜିତ ଦ୍ୱିତୀୟ ସଂସ୍କରଣ ଏବେ ୨୦୧୪ରେ ପ୍ରକାଶ ପାଇଛି ଓ ସେଥିରେ ପୂର୍ବୋକ୍ତ ଅସଙ୍ଗତିକୁ ସ୍ୱୀକାର କରାଯାଇ ତାର ପରିମାର୍ଜନର ପ୍ରଚେଷ୍ଟା ବି କରାଯାଇଛି ।)

(୫.ଖ). ପ୍ରାୟ ଏକ ସମୟରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ଗୃହୀତ ପ୍ରସ୍ତାବ ଓ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନକୁ କେନ୍ଦ୍ର କରି ସର୍ବସାଧାରଣରେ ଓ ଗବେଷକମାନଙ୍କ ମଧ୍ୟରେ ଏପରି ଏକ ଭ୍ରମ ଧାରଣା ସୃଷ୍ଟି ହେବାର ସମ୍ଭାବ୍ୟ କାରଣ ଅନୁସନ୍ଧାନ ତଥା ସତ୍ୟ ଆବିଷ୍କାର ପ୍ରସଙ୍ଗରେ ତାହା ସହ ସମ୍ପର୍କାନ୍ୱିତ ତତ୍କାଳୀନ (ଅର୍ଥାତ୍ ୧୯୦୨ରେ ଅହମଦାବାଦରେ ଅନୁଷ୍ଠିତ ଅଧିବେଶନର) ଭାରତୀୟ ଜାତୀୟ କଂଗ୍ରେସର ସଭାପତି ସୁରେନ୍ଦ୍ର ନାଥ ବନ୍ଦ୍ୟୋପାଧ୍ୟାୟଙ୍କ ସହ ମଧୁସୂଦନଙ୍କ ମତଭେଦ ସମ୍ପର୍କରେ ଦେବେନ୍ଦ୍ର କୁମାର ଉତ୍ଥାପନ କରିଥିବା ଆଉ ଏକ ପ୍ରଶ୍ନର ବିଚାର କରାଯାଉ ।

ଶ୍ରୀ ଦାଶ ପ୍ରଶ୍ନ ଉଠାଇଛନ୍ତି, "ପ୍ରାଦେଶିକ କଂଗ୍ରେସ ଅଧିବେଶନ ନେଇ ସୁରେନ୍ଦ୍ରନାଥଙ୍କ ସହ ତାଙ୍କର ମତଭେଦର ଶୈଳବାଳା ଦାସ ଯେଉଁ ବିବରଣୀ ଦେଇଛନ୍ତି,

Digitized by srujanika@gmail.com

ତାହାର ସତ୍ୟତା କେତେ ? ଅନ୍ୟ କୌଣସି ପ୍ରାଥମିକ ଉପାଦାନ ସାହାଯ୍ୟରେ ତାର ସତ୍ୟତା କେବେ ପରୀକ୍ଷା କରାଯାଇଛି କି ? ... ... ବଡ଼ ଆଶ୍ଚର୍ଯ୍ୟର କଥା ଗ୍ରାଣ୍ଡ ହୋଟେଲରେ ସୁରେନ୍ଦ୍ରନାଥ ଓ ମଧୁସୂଦନଙ୍କ ମଧ୍ୟରେ ଆଲୋଚନା ହେବା କଥା ଶୈଳବାଳା କହିଛନ୍ତି ଯଦିଓ ସୁରେନ୍ଦ୍ରନାଥ ଓ ମଧୁସୂଦନ ଉଭୟଙ୍କର କଲିକତାରେ ଘର ଥିଲା । ୨୮, ବାଲିଗଞ୍ଜରେ ଆପଣାର ନିଜସ୍ୱ ଘର ଥିଲାବେଳେ ମଧୁସୂଦନଙ୍କର ଗ୍ରାଣ୍ଡ ହୋଟେଲରେ ରହିବାର ବିଶେଷ ଆବଶ୍ୟକତା ଥିଲା କି ?" ଇତ୍ୟାଦି (ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ପୃ. ନ-ପ) ।

ଶୈଳବାଳା ଦାସଙ୍କ ବିବରଣୀରେ କିଛି ଭ୍ରମପ୍ରମାଦ ହୁଏତ ଅଛି, କିନ୍ତୁ ମନେହୁଏ, ତା ମଧ୍ୟରେ ସତ୍ୟ ଲୁକ୍କାୟିତ ଭାବରେ ଅଛି । ଶୈଳବାଳା ଦାସଙ୍କ ବିବରଣୀ ସହ ପଣ୍ଡିତ ନୀଳକଣ୍ଠଙ୍କ ବକ୍ତବ୍ୟ, ସୁଧାକର ପଟ୍ଟନାୟକଙ୍କର ବକ୍ତବ୍ୟ ଓ ୧୯୦୩ ଏପ୍ରିଲ ୧୮ ତାରିଖର 'ଉତ୍କଳ ଦୀପିକା'ରେ ପ୍ରକାଶିତ 'ବଙ୍ଗପ୍ରାଦେଶିକ ସମିତି' ଶୀର୍ଷକ ବିବରଣୀକୁ ମିଳାଇ ଦେଖିଲେ ଏପରି ଧାରଣା ହୁଏ । ଶୈଳବାଳା ଦାସଙ୍କ ବିବରଣୀ ୧୯୫୬ରେ ପ୍ରଥମଥରପାଇଁ ପ୍ରକାଶିତ ତାଙ୍କଦ୍ୱାରା ସଙ୍କଳିତ Madhusudan Das As Seen by Many Eyes ପୁସ୍ତକରେ ସ୍ଥାନିତ (ଦ୍ର: Dash, D. K. 1998, p. 117 ଓ ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ପୃ.୧୩୬) । ପଣ୍ଡିତ ନୀଳକଣ୍ଠଙ୍କ ବକ୍ତବ୍ୟ ପ୍ରଥମେ ୧୯୫୬ରେ ପ୍ରକାଶିତ ଶୈଳବାଳା ଦାସଙ୍କ ସଙ୍କଳିତ ସେଇ Madhusudan Das As Seen by Many Eyes ପୁସ୍ତକରେ ସ୍ଥାନିତ (Dash, D. K., 1998, p.178) ହୋଇଥିଲେ ମଧ୍ୟ ତାହା ମଧୁସୂଦନଙ୍କ ମୃତ୍ୟୁର ଅବ୍ୟବହିତ ପରେ ଲିଖିତ ହୋଇଥିବ । ତେବେ ପରେ ଲିଖିତ ତାଙ୍କ 'ଆତ୍ମଜୀବନୀ'ରେ ମଧ୍ୟ ଅନୁରୂପ ବକ୍ତବ୍ୟ ଉପସ୍ଥାପିତ (ଦ୍ର: ଦାସ, ପଣ୍ଡିତ ନୀଳକଣ୍ଠ, ୨୦୦୩, ପୃ.୨୭-୨୮, ୩୫-୩୬) । ସୁଧାକର ପଟ୍ଟନାୟକ ମଧ୍ୟ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଅନୁରୂପ ସିଦ୍ଧାନ୍ତରେ (- କିନ୍ତୁ ସମାନ ସିଦ୍ଧାନ୍ତରେ ନୁହେଁ, କାରଣ ତାଙ୍କ ସିଦ୍ଧାନ୍ତ ଓ ଉଭୟ ଶୈଳବାଳା ଦାସ ତଥା ପଣ୍ଡିତ ନୀଳକଣ୍ଠଙ୍କ ବକ୍ତବ୍ୟ ମଧ୍ୟରେ ରହିଛି ପାର୍ଥକ୍ୟ -) ପହଞ୍ଚିଛନ୍ତି (ଦ୍ର: Patnaik, Sudhakar, 1957, Appendix-A, p.10) । ସେ ଯଦିଓ ତାଙ୍କ ସିଦ୍ଧାନ୍ତ ପଛରେ ଥିବା ପ୍ରାଥମିକ ଉପାଦାନର ସୂଚନା ଦେଇନାହାଁନ୍ତି ତେବେ ମନେହୁଏ ତାଙ୍କ ସିଦ୍ଧାନ୍ତର କୌଣସି ଗୋଟିଏ ଭିତ୍ତିଭୂମି ନିଶ୍ଚୟ ଥିବ ଓ ତାଙ୍କ ସିଦ୍ଧାନ୍ତକୁ ସମ୍ପୂର୍ଣ୍ଣଭାବରେ ଅଗ୍ରାହ୍ୟ କରିବା ଉଚିତ ହେବ ନାହିଁ । 'ଉତ୍କଳ ଦୀପିକା'ର ବିବରଣୀ ମଧ୍ୟ ପରୋକ୍ଷରେ ସେପରି ବକ୍ତବ୍ୟକୁ ସମର୍ଥନ କରେ (ଦ୍ର: ଦାଶ, ଦେବେନ୍ଦ୍ର କୁମାର,

Digitized by srujanika@gmail.com

୨୦୦୫, ପୃ.୧୦-୧୨)। ଏସବୁ ବକ୍ତବ୍ୟ ଓ ବିବରଣୀ ମଧ୍ୟରେ କେତେକ ଭ୍ରମପ୍ରମାଦ ତଥା ପାର୍ଥକ୍ୟ ରହିଛି ଓ ଏପରି କି ପଣ୍ଡିତ ନୀଳକଣ୍ଠଙ୍କ ତିନୋଟିଯାକ ବକ୍ତବ୍ୟ ମଧ୍ୟ ସର୍ବତୋଭାବେ ସମାନ ନୁହେଁ। ତେବେ ଏସବୁ ସାହାଯ୍ୟରେ ସେଥିରେ ରହିଯାଇଥିବା ଭ୍ରମପ୍ରମାଦର ନିରାକରଣପୂର୍ବକ ଚିତ୍ରଟିର ପୁନର୍ଗଠନର ପ୍ରଚେଷ୍ଟା କରାଯାଇପାରେ; ଏସବୁକୁ ମିଳାଇ ସତ୍ୟ ଆବିଷ୍କାରର ପ୍ରଚେଷ୍ଟା କରାଯାଇପାରେ।

ତେବେ ଏସବୁ ମିଳାଇ ସତ୍ୟ ଆବିଷ୍କାରର ପ୍ରଚେଷ୍ଟା ପୂର୍ବରୁ ପ୍ରଥମେ ଅନ୍ୟ ଏକ ଆନୁଷଙ୍ଗିକ ପ୍ରଶ୍ନ ସମ୍ପର୍କରେ ସାମାନ୍ୟ ଆଲୋଚନା କରାଯାଉ। ସୁରେନ୍ଦ୍ରନାଥ ଓ ମଧୁସୂଦନ ଉଭୟଙ୍କର କଲିକତାରେ ଘର ଥିଲେ ମଧ୍ୟ ଏକ ତୃତୀୟ ସ୍ଥାନ ଗ୍ରାଣ୍ଡ ହୋଟେଲରେ ଉଭୟଙ୍କ ମଧ୍ୟରେ ଗୁରୁତର ରାଜନୀତିକ ଆଲୋଚନା ହୋଇଥିବା ଆଦୌ ଅସ୍ୱାଭାବିକ ବୋଧହୁଏ ନାହିଁ। ତାହାକୁ ଶ୍ରୀ ଦାଶ ଯେତେ ଅସ୍ୱାଭାବିକ ବୋଲି ମନେ କରନ୍ତି ତା ଆଦୌ ସେତିକି ଅସ୍ୱାଭାବିକ ନୁହେଁ। ତା ପରେ ମଧୁବାବୁଙ୍କର କଲିକତାରେ ଘର ଥିଲେ ମଧ୍ୟ ସେ ବର୍ଷ ଅହମଦାବାଦର ଭାରତର ଜାତୀୟ କଂଗ୍ରେସରେ ସେ ସଭାପତିତ୍ୱ କରିବାର ଅବ୍ୟବହିତ ପୂର୍ବରୁ ଭାରତର ଅନ୍ୟତମ ବିଶିଷ୍ଟ ରାଜନୀତିକ ନେତା ସୁରେନ୍ଦ୍ରନାଥଙ୍କୁ ଗୁରୁତର ରାଜନୀତିକ ବିଚାର ଆଲୋଚନାପାଇଁ ଗ୍ରାଣ୍ଡ ହୋଟେଲକୁ ଆମନ୍ତ୍ରଣ କରିବା ମଧୁସୂଦନଙ୍କ ପକ୍ଷରେ ଅତ୍ୟନ୍ତ ସ୍ୱାଭାବିକ ଥିଲା। ଜଣେ କୃପାପ୍ରାର୍ଥୀ ଅସହାୟ ଓଡ଼ିଆ ନୁହେଁ, ସ୍ପର୍ଦ୍ଧାର ସହ ଉନ୍ନତ ଶିରରେ ନିଜର ହକ୍ ଦାବି କରୁଥିବା ଜଣେ ଓଡ଼ିଆର ଭୂମିକାରେ ହିଁ ମଧୁସୂଦନ ସୁରେନ୍ଦ୍ରନାଥଙ୍କ ସହ ବିଚାରଆଲୋଚନା କରିବାପାଇଁ ଚାହୁଁଥିଲେ। ସବୁବେଳେ ଗ୍ରାଣ୍ଡ ବା ବିରାଟତ୍ୱ ପ୍ରତି ସ୍ୱତଃ ଆକର୍ଷିତ ହେଉଥିବା ମଧୁସୂଦନଙ୍କ ଚରିତ୍ର ସହ ଏପରି ଆଚରଣ ବରଂ ଖାପ ଖାଉଛି।

ସୁରେନ୍ଦ୍ରନାଥ ଓ ମଧୁସୂଦନଙ୍କ ମଧ୍ୟରେ ଆଲୋଚନାର ସ୍ଥାନ ପରେ ଆଲୋଚନାର ସମ୍ଭାବ୍ୟ କାରଣ ବା ବିଷୟବସ୍ତୁ ଉପରେ ପ୍ରଥମେ ଆଲୋକପାତ କରାଯାଉ। ଯେତେଦୂର ସମ୍ଭବ ୧୯୦୨ରେ 'ବଙ୍ଗୀୟ ପ୍ରାଦେଶିକ ସମିତି'ର କଟକରେ ହେବାକୁ ଥିବା ଅଧିବେଶନ ସମ୍ପର୍କରେ ହିଁ ସୁରେନ୍ଦ୍ରନାଥ ଓ ମଧୁସୂଦନଙ୍କ ମଧ୍ୟରେ ବିଚାରଆଲୋଚନା ହୋଇଥିଲା ବୋଲି ଉପରୋକ୍ତ ବକ୍ତବ୍ୟ ଓ ବିବରଣୀକୁ ମିଳାଇ ଅନୁମାନ ଓ ଏପରିକି ଆପାତତଃ ସିଦ୍ଧାନ୍ତ କରାଯାଇପାରେ। ୧୮୮୮ରେ 'ବଙ୍ଗୀୟ ପ୍ରାଦେଶିକ ସମିତି' ସ୍ଥାପିତ ହୋଇଥିଲା ଓ ୧୮୯୫ରୁ ବଙ୍ଗର ବିଭିନ୍ନ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ତାର ବାର୍ଷିକ ଅଧିବେଶନ ହୋଇଆସୁଥିଲା (ଓ ଏହା ମୋଟାମୋଟି ପ୍ରାଦେଶିକ କଂଗ୍ରେସ କମିଟିର ଭୂମିକା ନିର୍ବାହ କରୁଥିଲା)। ଏହି ସମିତିର ୧୯୦୧ର

Digitized by srujanika@gmail.com

ବାର୍ଷିକ ଅଧିବେଶନ ହୋଇଥିଲା ମେଦିନୀପୁରରେ । ୧୯୦୨ର ବାର୍ଷିକ ଅଧିବେଶନ କଟକରେ ହେବାର ଥିଲା, କିନ୍ତୁ ହୋଇପାରିନଥିଲା (ଦ୍ର: ମୁଖୋପାଧ୍ୟାୟ, ପ୍ରଭାତକୁମାର, ୧୯୬୧, ପୃ.୧୮୨) । ସୁରେନ୍ଦ୍ର ନାଥ କଟକରେ ଏପରି ଗୋଟିଏ ଅଧିବେଶନ ହେବା ଚାହୁଁଥିଲେ । କାରଣ ରାଜନୈତିକ ଓଡ଼ିଶା ସେ ପର୍ଯ୍ୟନ୍ତ ବଙ୍ଗ ସହ ଯୁକ୍ତ ହୋଇ ତାହାର ପରିଶିଷ୍ଟ ରୂପେ ରହିଥିଲା ଓ ଓଡ଼ିଶାରେ କର୍ମ ଉପଲକ୍ଷେ ତଥା ଅନ୍ୟାନ୍ୟ ବହୁ ବଙ୍ଗାଳୀ ବସବାସ କରୁଥିଲେ । କିନ୍ତୁ ମଧୁବାବୁଙ୍କ ସାହାଯ୍ୟ ବିନା ଏପରି ଏକ ଅଧିବେଶନର ସାଫଲ୍ୟ ବିଷୟରେ ସୁରେନ୍ଦ୍ର ନାଥ ସନ୍ଦିହାନ ଥିଲେ । ମଧୁସୂଦନ ବଙ୍ଗରେ ବହୁ ବର୍ଷ କଟାଇ ଜଣେ ବଙ୍ଗୀୟାଙ୍କୁ ବିବାହ କରିଥିବାରୁ, ଓଡ଼ିଶାରେ ଅନୌପଚାରିକ ପରିବେଶରେ ଓ ଘରେ ସର୍ବଦା ବଙ୍ଗଳା ଭାଷା ବ୍ୟବହାର କରୁଥିବାରୁ ତଥା ବଙ୍ଗଭାଷାଭାଷୀ ଶୈଳବାଳା ଓ ସୁଧାଂଶୁବାଳା ଆଦିଙ୍କ ଅଭିଭାବକର ଦାୟିତ୍ୱ ବହନ କରୁଥିବାରୁ ଏପରି ଏକ ଅଧିବେଶନର ଆୟୋଜନ କରିବାରେ ସେ କୁଣ୍ଠିତ ହେବା ପରିବର୍ତ୍ତେ ହୁଏତ ଆଗ୍ରହ ପ୍ରକାଶ କରିବେ ବୋଲି ସୁରେନ୍ଦ୍ର ନାଥ ଆଶା କରିଥିବା ବି ସ୍ୱାଭାବିକ ଥିଲା । ହୁଏତ ପ୍ରଥମେ ମଧୁବାବୁ ଏପରି ଏକ ଅଧିବେଶନପାଇଁ ରାଜି ହୋଇ ଆମନ୍ତ୍ରଣ ମଧ୍ୟ କରିଥିଲେ । କିନ୍ତୁ ମଧୁବାବୁ ବିନା ସର୍ତ୍ତରେ ଏପରି ଏକ ଅଧିବେଶନ ଆୟୋଜନ କରିବାପାଇଁ ପ୍ରସ୍ତୁତ ନ ଥିଲେ । ତାଙ୍କର ସର୍ତ୍ତ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକଶାସନାଧୀନ-କରଣ ପ୍ରସ୍ତାବ ଏହି କଟକ ଅଧିବେଶନରେ ହିଁ ଗ୍ରହଣ କରାଯାଉ । ତା ହେଲା ପରେ ହିଁ ସେ ପ୍ରସ୍ତାବ ବିଧିବଦ୍ଧଭାବରେ ଭାରତୀୟ ଜାତୀୟ କଂଗ୍ରେସରେ ଉତ୍‌ଥାପନ କରାଯାଇପାରିଥାଆନ୍ତା ବୋଲି ମଧୁସୂଦନ ଭାବିବା ସ୍ୱାଭାବିକ ଥିଲା । କାରଣ ସେପରି ପ୍ରସ୍ତାବକୁ ଆନୁଷ୍ଠାନିକ ଭାବରେ ଭାରତୀୟ ଜାତୀୟ କଂଗ୍ରେସରେ ଉତ୍‌ଥାପନ ଓ ଗୃହୀତ କରାଇବା ପୂର୍ବରୁ ପ୍ରଥମେ ପ୍ରାଦେଶିକ ସ୍ତରରେ ସେପରି ସ୍ୱୀକୃତିର ଆବଶ୍ୟକତା ନିଶ୍ଚୟ ଥିଲା ।

କିନ୍ତୁ ସୁରେନ୍ଦ୍ର ନାଥ (ଓ ଅନ୍ୟାନ୍ୟ ବଙ୍ଗୀୟ ନେତୃବର୍ଗ) ତା ଚାହୁଁ ନ ଥିଲେ । କାରଣ ସେତେବେଳେ ମଧ୍ୟ ବହୁ ବଙ୍ଗୀୟ ବୁଦ୍ଧିଜୀବୀ ଏକ ବୃହତ୍ତର ବଙ୍ଗ (Greater Bengal)ର ସ୍ୱପ୍ନ ଦେଖିବାରୁ ବିରତ ନ ଥିଲେ ଯେଉଁ ବଙ୍ଗ ମଧ୍ୟରେ ଓଡ଼ିଶା ଓ ଆସାମ (ଅର୍ଥାତ୍ ଓଡ଼ିଆ ଓ ଅହମିୟା ଭାଷାଭାଷୀ ଅଞ୍ଚଳ) ମଧ୍ୟ ଅଙ୍ଗୀଭୂତ ଥିଲା । ଉଦାହରଣ ସ୍ୱରୂପ ତାର ମାତ୍ର ପାଞ୍ଚ ବର୍ଷ ପୂର୍ବେ ୧୮୯୮ରେ ପ୍ରକାଶିତ ରବୀନ୍ଦ୍ରନାଥଙ୍କ 'ଭାଷାବିଚ୍ଛେଦ' ପ୍ରବନ୍ଧର ଉଲ୍ଲେଖ କରାଯାଇପାରେ । ସେଥିରେ ଡାରୱିନ୍‌ଙ୍କ ବିବର୍ତ୍ତନବାଦର ପ୍ରାକୃତିକ ନିର୍ବାଚନ (natural selection) ଓ ଶକ୍ତିଶାଳୀର ବିଜୟ

Digitized by srujanika@gmail.com

(survival of the fittest) ତତ୍ତ୍ୱର ଦ୍ୱାହି ଦେଇ ଅଚିରେ ଓଡ଼ିଶା ଓ ଆସାମରେ ଯଥାକ୍ରମେ ଓଡ଼ିଆ ଓ ଅହମିୟା ପରିବର୍ତ୍ତେ ବଙ୍ଗଭାଷାର ପ୍ରଚଳନ ହେବ ବୋଲି ସେ ପ୍ରକାରାନ୍ତରରେ ଭବିଷ୍ୟତବାଣୀ ମଧ୍ୟ ଶୁଣାଇ କହିଥିଲେ, "... ଭାଷାସମ୍ବନ୍ଧେ ଭାରତବର୍ଷେ ଯଦି ପ୍ରାକୃତିକ ନିର୍ବାଚନେର ସ୍ୱାଧୀନ ହସ୍ତ ଥାକେ ତବେ ବାଂଲା ଭାଷାର ପରାଭବେର କୋନୋ ଆଶଙ୍କା ନାଇ।" (ଠାକୁର, ରବୀନ୍ଦ୍ର ନାଥ, ୧୯୬୧ଖ, ପୃ.୮୦)। କେବଳ ସେତିକି ନୁହେଁ, ସେ ଆହୁରି ମଧ୍ୟ କହିଥିଲେ, "... ଆସାମ ଓ ଉଡ଼ିଷ୍ୟାୟ ବାଂଲା ଯଦି ଲିଖନପଠନେର ଭାଷା ହୟ ତବେ ତାହା ଯେମନ ବାଂଲା ସାହିତ୍ୟେର ପକ୍ଷେ ଶୁଭଜନକ ହଇବେ ତେମନଇ ସେଇ ଦେଶେର ପକ୍ଷେଓ।" (ଠାକୁର, ରବୀନ୍ଦ୍ର ନାଥ, ୧୯୬୧ଖ, ପୃ.୮୧)। ଏହା ଥିଲା ଠିକ୍ ତିରିଶ ବର୍ଷ ପୂର୍ବେ, ୧୮୬୮ ଡିସେମ୍ବରରେ, କଟକ ଡିବେଟିଂ କ୍ଲବରେ ରାଜେନ୍ଦ୍ର ଲାଲ ମିତ୍ରଙ୍କ ବକ୍ତବ୍ୟର ପ୍ରତିଧ୍ୱନି ମାତ୍ର। (ସେ ସମ୍ପର୍କରେ ଅଧିକ ଆଲୋଚନାପାଇଁ ଦ୍ର: ଦାଶ, ଗଗନେନ୍ଦ୍ର ନାଥ, ୨୦୧୪ଖ, ପୃ.୧୦୨-୨୮)। ରାଜେନ୍ଦ୍ରଲାଲଙ୍କ କଳଙ୍କିତ ଭୂମିକାର ତିରିଶ ବର୍ଷ ପରେ ମଧ୍ୟ ବହୁ ବଙ୍ଗୀୟ ବୁଦ୍ଧିଜୀବୀମାନଙ୍କ ମନୋବୃତ୍ତିରେ ବିଶେଷ ପରିବର୍ତ୍ତନ ଘଟି ନ ଥିଲା ବୋଲି ଏଥିରୁ ସ୍ପଷ୍ଟ ଜଣାଯାଏ। ପୁଣି କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରବେଶର ଅଧିକାର ନ ଦେବାପାଇଁ ଉଦ୍ୟମ ସେ ପର୍ଯ୍ୟନ୍ତ ଅବ୍ୟାହତ ଥିଲା ଓ ଏପରି କି ତା ପରେ ବି ଉତ୍କଳମଣି ଗୋପବନ୍ଧୁ ଓ ବ୍ରଜସୁନ୍ଦରଙ୍କୁ ମଧ୍ୟ ସେଥିପାଇଁ ସଂଗ୍ରାମ କରିବାପାଇଁ ପଡ଼ିଥିଲା (ଦ୍ର: ଦାଶ, ଦେବେନ୍ଦ୍ର କୁମାର, ୨୦୧୦କ, ପୃ.୧୦-୧୩)।

ଏହି ପୃଷ୍ଠଭୂମିରେ ବିଚାର କଲେ ସୁରେନ୍ଦ୍ର ନାଥଙ୍କ ରାଜନୀତିକ ବିଚାରଧାରାର ପ୍ରକୃତ ଅବବୋଧ ହୋଇପାରିବ। ମନେହୁଏ କଟକର ପ୍ରସ୍ତାବିତ ବାର୍ଷିକ ଅଧିବେଶନରେ ଏପରି ଏକ ପ୍ରସ୍ତାବ ଆଗତ କରିବାର ସୁଯୋଗ ମଧ୍ୟ ସେମାନେ ମଧୁବାବୁଙ୍କୁ ଦେବାକୁ ପ୍ରସ୍ତୁତ ନ ଥିଲେ। ଯେତେଦୂର ସମ୍ଭବ ୧୯୦୧ର କଲିକତା କଂଗ୍ରେସ ଓ/ବା 'ବଙ୍ଗୀୟ ପ୍ରାଦେଶିକ ସମିତି'ର ମେଦିନୀପୁର ଅଧିବେଶନପରଠାରୁ ସୁରେନ୍ଦ୍ରନାଥ ଓ ମଧୁସୂଦନଙ୍କ ମଧ୍ୟରେ ଏ ସମ୍ପର୍କୀୟ ବିଚାରଆଲୋଚନା ଚାଲିରହିଥିଲା। ମନେହୁଏ, ସୁରେନ୍ଦ୍ରନାଥ ୧୯୦୨ର ଅହମଦାବାଦ କଂଗ୍ରେସ ଅଧିବେଶନରେ ଯୋଗ ଦେବାର ଅବ୍ୟବହିତ ପୂର୍ବରୁ ସେ ଓ ମଧୁବାବୁଙ୍କ ମଧ୍ୟରେ ଗୋଟାଏ ଶେଷ ବୁଝାମଣାର ପ୍ରଚେଷ୍ଟା କରାଯାଇଥିଲା କଲିକତାର ଗ୍ରାଣ୍ଡ ହୋଟେଲ୍‌ରେ, ଯାହା ସଫଳ ହୋଇନଥିଲା। ଫଳରେ କଟକରେ

Digitized by srujanika@gmail.com

ହେବାକୁ ଥିବା 'ବଙ୍ଗୀୟ ପ୍ରାଦେଶିକ ସମିତି'ର ବାର୍ଷିକ ଅଧିବେଶନପାଇଁ ଆମନ୍ତ୍ରଣ ମଧୁବାବୁ ପ୍ରତ୍ୟାହାର କରିନେଲେ ଓ ୧୯୦୨ରେ 'ବଙ୍ଗୀୟ ପ୍ରାଦେଶିକ ସମିତି'ର ଅଧିବେଶନ କଟକରେ ନ ହୋଇ ତା ପରିବର୍ତ୍ତେ ତା ପର ବର୍ଷ ୧୯୦୩ର ଏପ୍ରିଲ ୮-୧୦ରେ ବଙ୍ଗର ବ୍ରହ୍ମପୁରରେ (ମୁରଶିଦାବାଦ୍ ଜିଲ୍ଲାର ବହରମ୍ପୁରରେ) ଅନୁଷ୍ଠିତ ହୋଇଥିଲା । ୧୯୦୩ ଏପ୍ରିଲ ୧୮ ତାରିଖର 'ଉତ୍କଳ ଦୀପିକା'ର 'ବଙ୍ଗପ୍ରାଦେଶିକ ସମିତି' ଶୀର୍ଷକ ବିବରଣୀରୁ ତାର ପରୋକ୍ଷ ସମର୍ଥନ ମିଳେ (ଦ୍ର.: ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ପୃ.୧୦-୧୨) ।

ଲକ୍ଷ୍ୟ କରିବାର କଥା ସେଇ 'ବଙ୍ଗୀୟ ପ୍ରାଦେଶିକ ସମିତି'ର ଅଧିବେଶନ ଶେଷ ହେବାର ପର ପର ଦୁଇଦିନ ହିଁ ଅର୍ଥାତ୍ ଏପ୍ରିଲ ୧୧-୧୨ରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର (ଅବଶ୍ୟ ତତ୍କାଳୀନ ରାଜନୀତିକ ଓଡ଼ିଶାର ବାହାରେ) ବ୍ରହ୍ମପୁରରେ ଅନୁଷ୍ଠିତ ହେଲା ଗଞ୍ଜାମ ଜାତୀୟ ସମ୍ମିଳନୀ । ଏଇଠି ପ୍ରଶ୍ନ ଉଠେ ଉଭୟ ସ୍ଥାନର ନାମ (ବ୍ରହ୍ମପୁର) ମଧ୍ୟରେ ଥିବା ସାମ୍ୟ ତଥା ଗୋଟିଏ ସ୍ଥାନରେ ଅଧିବେଶନ ଶେଷ ହେବାର ପର ଦିନ ହିଁ ଅନ୍ୟ ସ୍ଥାନରେ ଅଧିବେଶନର ଆରମ୍ଭ କଣ ସମ୍ପୂର୍ଣ୍ଣ ଭାବରେ ଆକସ୍ମିକ ନା ବଙ୍ଗର ବ୍ରହ୍ମପୁରରେ ଅନୁଷ୍ଠିତ ସମ୍ମିଳନୀର ପ୍ରତିଦ୍ୱନ୍ଦ୍ୱୀରେ କଣ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ସମାନ ନାମ ଥିବା ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା ଗଞ୍ଜାମ ଜାତୀୟ ସମ୍ମିଳନୀ ? ଅନ୍ୟ କଥାରେ ଉଭୟ ମଧ୍ୟରେ କିଛି ଗୋଟାଏ ଯୋଗସୂତ୍ର ଥିଲା କି ? ପୁଣି ଯଦି ଉଭୟ ମଧ୍ୟରେ କିଛି ଯୋଗସୂତ୍ର ଥିଲା ତେବେ ତାର ଅନ୍ତରାଳରେ ମଧୁବାବୁଙ୍କ ଆବିଷ୍କାର କରାଯିବାର ସମ୍ଭାବନା ନାହିଁକି ?

ସେ ଯାହାହେଉ, ଏହା ପରେ ମଧୁସୂଦନଙ୍କର ଅନୁଭବ ଓ ଅବବୋଧ ହେଲା ଯେ ସର୍ବ ପ୍ରଥମେ ଯେ କୌଣସି ସର୍ବଭାରତୀୟ ଅନୁଷ୍ଠାନରେ ଓ ବିଶେଷଭାବରେ ଭାରତୀୟ ଜାତୀୟ କଂଗ୍ରେସରେ ଓଡ଼ିଆମାନଙ୍କର ସ୍ୱତନ୍ତ୍ର ସ୍ଥିତି ଓ ଉପସ୍ଥିତିକୁ ସୂଚାଇଦେବା ତଥା ଅନୁଭୂତ କରାଇବା ଏକାନ୍ତ ଆବଶ୍ୟକ ଓ ସେଥିପାଇଁ ଓଡ଼ିଆମାନଙ୍କର ସ୍ୱରକୁ ମଜବୁତ ବା ଶକ୍ତିଶାଳୀ କରିବା ଅପରିହାର୍ଯ୍ୟ । ସେଥିପାଇଁ ପୁଣି ଆବଶ୍ୟକ ଓଡ଼ିଆ ଜାତୀୟତାବାଦ/ଅସ୍ମିତାକୁ କେନ୍ଦ୍ର କରି ସବୁ ସ୍ତରର ବା ସବୁ ବର୍ଗର ଓଡ଼ିଆମାନଙ୍କ ମନରେ ଏକ ରାଜନୀତିକ ଚେତନାର ସୃଷ୍ଟି ଓ ତାର ପୁଷ୍କଳ ବିକାଶ । ତା କରାଯାଇପାରେ ପୁଣି ଏକ ଶକ୍ତିଶାଳୀ ଅନୁଷ୍ଠାନ ମାଧ୍ୟମରେ । ସେପରି ହୋଇପାରିଲେ ହିଁ ଓଡ଼ିଆମାନଙ୍କର ଦାବିକୁ ଅନ୍ୟମାନେ ଗୁରୁତ୍ୱ ଦେବାକୁ ବାଧ୍ୟ ହେବେ । (ଅବାନ୍ତର ହେଲେ ମଧ୍ୟ ଏଠାରେ ସୂଚାଇ ଦେବା ଉଚିତ ଯେ ଯେତେଦୂର ସମ୍ଭବ ଏଇ ଉଦ୍ଦେଶ୍ୟରେ ହିଁ ମଧୁବାବୁ ୧୯୧୫

Digitized by srujanika@gmail.com

ଓ ୧୯୧୬ରେ ଉତ୍କଳ ସମ୍ମିଳନୀରେ ଯୋଗ ନ ଦେଇ ସର୍ବ-ଭାରତୀୟ ଖ୍ରୀଷ୍ଟାନ ସମ୍ମିଳନୀରେ ଯୋଗ ଦେଇଥିଲେ । ତେଣୁ ତାଙ୍କୁ ସେଥିପାଇଁ ସମାଲୋଚନା କରିବା ଅନୁଚିତ ।) ଆଉ ତାହା ହିଁ ହେଲା ତାଙ୍କର ପ୍ରାଥମିକ କର୍ତ୍ତବ୍ୟ ଓ ଯୋଜନା ଓ ଜନ୍ମ ନେଲା ଉତ୍କଳ ସମ୍ମିଳନୀ ।

ତେବେ ଓଡ଼ିଆମାନଙ୍କର ଜାତୀୟଚେତନାକୁ ଏକ ଶକ୍ତିଶାଳୀ ଅନୁଷ୍ଠାନ ମାଧ୍ୟମରେ ରାଜନୀତିକ ରୂପରେଖ ଦେବା ତାଙ୍କର ପ୍ରାଥମିକ କର୍ତ୍ତବ୍ୟ ବୋଲି ମନେ କଲେ ହେଁ ମଧୁବାବୁ ଭାରତୀୟ ଜାତୀୟ କଂଗ୍ରେସ ସହ ସମ୍ପର୍କ ସବୁଦିନପାଇଁ ଛିନ୍ନ କରିନଥିଲେ କି ସେପରି ଯୋଜନା ବି ତାଙ୍କର ନ ଥିଲା । ଶୈଳବାଳା ଦାସ ଓ ପଣ୍ଡିତ ନୀଳକଣ୍ଠଙ୍କର ସେପରି ବକ୍ତବ୍ୟ କେବଳ ସେମାନଙ୍କର ସ୍ମୃତିବିଭ୍ରମଜନିତ ମିଥ୍ ବା କଳ୍ପନାପ୍ରବଣତା ବ୍ୟତୀତ ଆଉ କିଛି ନୁହେଁ । ଶକ୍ତିଶାଳୀ ହୋଇ ସର୍ବାଭରେ ଉନ୍ନତ ଶିରରେ ସସମ୍ମାନେ ଭାରତୀୟ ଜାତୀୟ କଂଗ୍ରେସର ମଞ୍ଚରେ ପୁଣି ଆବିର୍ଭୁତ ହେବା ଯେତେଦୂର ସମ୍ଭବ ମଧୁସୂଦନଙ୍କ ଭବିଷ୍ୟତ କର୍ମଯୋଜନାର ଅନ୍ତର୍ଗତ ଥିଲା । ୧୯୧୨ରେ ବଙ୍ଗଠାରୁ ବିହାର-ଓଡ଼ିଶା ବିଚ୍ଛିନ୍ନ ହେବାପରେ କଂଗ୍ରେସର ବାଙ୍କିପୁର ଅଧିବେଶନ ସମୟରେ ଓଡ଼ିଆମାନଙ୍କର ପ୍ରତିନିଧିରୂପେ ଏକ ସମ୍ମାନଜନକ ଆସନ ପାଇବାରୁ ହିଁ ସେ ପୁଣି କଂଗ୍ରେସ ସହ ଯୁକ୍ତ ହେଲେ, ଯେଉଁ ସମ୍ମାନଜନକ ଆସନ ବଙ୍ଗୀୟ ନେତୃବୃନ୍ଦ, ବିଶେଷଭାବରେ ସୁରେନ୍ଦ୍ର ନାଥ, ତାଙ୍କୁ ଦେବାକୁ ପ୍ରସ୍ତୁତ ନ ଥିଲେ । ସେଥିରୁ ପ୍ରମାଣ ମିଳେ ଯେ ବଙ୍ଗୀୟ ନେତାମାନଙ୍କ କଂଗ୍ରେସରେ ଆଧିପତ୍ୟ ତଥା ଓଡ଼ିଆମାନଙ୍କ ଦାବି ପ୍ରତି ଉପେକ୍ଷା ହିଁ ଥିଲା କଂଗ୍ରେସ ସହ ତାଙ୍କର ସମ୍ପର୍କ ସାମୟିକ ଭାବରେ ଶୀତଳ ହେବାର କାରଣ । ବଙ୍ଗୀୟ ନେତାମାନଙ୍କ କଂଗ୍ରେସରେ ଆଧିପତ୍ୟ ଥିବା ପର୍ଯ୍ୟନ୍ତ ଓଡ଼ିଆ ଭାଷାଭାଷୀମାନେ ଓ ସେମାନଙ୍କର ସ୍ୱାର୍ଥ ଉପେକ୍ଷିତ ଓ ଅବହେଳିତ ରହିବ ଏପରି ବିଶ୍ୱାସରୁ ହିଁ ସେ ସାମୟିକ ଭାବରେ କଂଗ୍ରେସରୁ ଦୂରେଇଯାଇଥିଲେ ମାତ୍ର । (୧୮୮୫ରୁ ୧୯୦୨ ମଧ୍ୟରେ ଅନୁଷ୍ଠିତ ୧୮ ଗୋଟି କଂଗ୍ରେସ ଅଧିବେଶନରେ ୬ଜଣ ବଙ୍ଗୀୟ ନେତା ସଭାପତିତ୍ୱ କରିଥିଲେ । ସୁରେନ୍ଦ୍ର ନାଥ ମଧ୍ୟ ୧୯୦୨ ପୂର୍ବରୁ ୧୮୯୫ରେ ପୁନା ଅଧିବେଶନରେ ସଭାପତିତ୍ୱ କରିସାରିଥିଲେ । ଏଥିରୁ କଂଗ୍ରେସରେ ବଙ୍ଗୀୟମାନଙ୍କ ଆଧିପତ୍ୟର କିଞ୍ଚିତ ସୂଚନା ମିଳେ ।) ମଧୁବାବୁ ଯେପରି ଦିବ୍ୟଦୃଷ୍ଟିରେ ଜାଣିପାରିଥିଲେ କଂଗ୍ରେସ ମଞ୍ଚରୁ ଓଡ଼ିଆମାନେ ନ୍ୟାୟବିଚାର ପାଇବାପାଇଁ ସମୟ ତଥାପି ଆସିନାହିଁ । ସେଥିପାଇଁ ଓଡ଼ିଆମାନଙ୍କର ପ୍ରଥମେ ଏକ ଶକ୍ତିଶାଳୀ ରାଜନୀତିକ ସଙ୍ଗଠନ ଆବଶ୍ୟକ ।

Digitized by srujanika@gmail.com

ଯାହା ଜଣାଯାଏ ଏପରି ଅବବୋଧ ପରେ ସେ କଲିକତାରୁ ଫେରିଆସି ୧୯୦୩ର ଜାନୁଆରୀ ୬ ତାରିଖରେ କଟକରେ ଦରବାର ଉପଲକ୍ଷେ ସମବେତ ହୋଇଥିବା ଓଡ଼ିଶାର ବିଭିନ୍ନ ଅଞ୍ଚଳର ରାଜାମହାରାଜା, ଜମିଦାର ଓ ଶିକ୍ଷିତ ସମ୍ଭ୍ରାନ୍ତ ଲୋକମାନଙ୍କୁ ନିଜ ବାସଭବନକୁ ଆମନ୍ତ୍ରଣ କରି ଏକ ସାନ୍ଧ୍ୟମିଳନର ଆୟୋଜନ ମାଧ୍ୟମରେ ଓଡ଼ିଆମାନଙ୍କ ରାଜନୀତିକ ଚେତନାର ଭିତ୍ତିଭୂମିକୁ ଦୃଢ଼ୀଭୂତ ତଥା ବିସ୍ତାରିତ କରାଇବାର ଉଦ୍ୟମ କରିଥିଲେ । ସେଇ ବର୍ଷ ମାର୍ଚ୍ଚ ମାସରେ ମୟୂରଭଞ୍ଜ ମହାରାଜାଙ୍କ ସମ୍ମାନାର୍ଥେ ମଧ୍ୟ ସେ ଆଉ ଏକ ଅନୁରୂପ ସାନ୍ଧ୍ୟମିଳନର ଆୟୋଜନ କରିଥିଲେ ସେଇ ଉଦ୍ଦେଶ୍ୟରେ (‘ଉତ୍କଳ ଦୀପିକା’ ୨୧ ମାର୍ଚ୍ଚ, ୧୯୦୩, ଦ୍ର: ଦାଶ, ୨୦୦୫, ପୃ.୭-୯) । ଓଡ଼ିଆ ଜାତୀୟତାବାଦ/ଅସ୍ମିତାକୁ କେନ୍ଦ୍ର କରି ଧର୍ମ, ବର୍ଣ୍ଣ, ଜାତି ଓ ବର୍ଗ ନିର୍ବିଶେଷରେ ଓଡ଼ିଆମାନଙ୍କ ମନରେ ଏପରି ଏକ ବୃହତ୍ତର ରାଜନୀତିକ ଚେତନାର ପୁଷ୍କଳ ବିକାଶପାଇଁ ଇତିହାସର ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଥମେ ଆବଶ୍ୟକ ଥିଲା ସେହି ଉଚ୍ଚବର୍ଗର ଲୋକଙ୍କ ସାହାଯ୍ୟ ଓ ସହାୟତା ।

ମନେରଖିବାପାଇଁ ହେବ ଯେ ସେତେବେଳକୁ ସାମନ୍ତବାଦ ଉପରେ ଆସନ୍ନ-ବିଲୟର ଛାୟାପାତ ବି ହୋଇନଥିଲା, ନା ଭାରତରେ, ନା ଇଉରୋପରେ । ତେଣୁ ମଧୁବାବୁ ଦୁଇ ହସ୍ତ ପ୍ରସାରି ସେମାନଙ୍କଠାରୁ ସେଇ ସାହାଯ୍ୟ ଓ ସହାୟତା ଭିକ୍ଷା କଲେ ଓ ଅକୁଣ୍ଠିତ ଚିତ୍ତରେ ତାହାକୁ ଗ୍ରହଣ ମଧ୍ୟ କଲେ । (ସେ ପ୍ରସଙ୍ଗରେ ସୂଚାଇ ଦେବା ଉଚିତ ଯେ ଓଡ଼ିଆ ରାଜାମାନେ ବେଳେବେଳେ ଅନ୍ୟ ଭାଷାଭାଷୀ ରାଜପରିବାରରେ ବିବାହ କରୁଥିବାରୁ ସେମାନଙ୍କୁ ଓଡ଼ିଆ ଜାତୀୟତାବାଦରେ ଉଦ୍‌ବୁଦ୍ଧ କରାଇବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା ।) ଆଉ ସେଇ ଉଚ୍ଚବର୍ଗର ଲୋକେ ପ୍ରଥମେ ପଦାକୁ ବାହାରିଲେ ହିଁ ତାଙ୍କ ପଛରେ ଅଗଣିତ ନାମହୀନ ଜନତା ଯେ ଅକୁତୋଭୟରେ ବାହାରିପଡ଼ିବେ ସେ ବିଷୟରେ ମଧୁସୂଦନଙ୍କର ମନରେ କୌଣସି ସନ୍ଦେହ ନ ଥିଲା । ଏହା ଥିଲା ତାଙ୍କର ଦ୍ରଷ୍ଟାସୁଲଭ ଚେତନା ଓ ଅନୁଭବ । ସୁରେନ୍ଦ୍ର ମହାନ୍ତିଙ୍କର ‘ଅନ୍ଧ ଦିଗନ୍ତ’ ଉପନ୍ୟାସର ବରଜା ଚମାର ଚରିତ୍ରର ଭାଷାରେ, “ସାଆନ୍ତମାନେ ଆଗଭର ହୋଇ ବାହାରିଲେ, ସାହେବମାନଙ୍କୁ ଆମର ଆଉ କି ଡର ?” (୯ମ ପରିଚ୍ଛେଦ) । ବରଜା ଚମାରର ଏ ଉକ୍ତି ୧୯୦୩ର ଉତ୍କଳ ସମ୍ମିଳନୀର ଅନ୍ତତଃ ଚଉଠ-ଶତାବ୍ଦୀ ପରର ଓ ୧୯୨୧ର କେତେ ବର୍ଷ ପରବର୍ତ୍ତୀ ଓଡ଼ିଶାର ରାଜନୀତିକ ପୃଷ୍ଠଭୂମିରେ ପରିକଳ୍ପିତ ବୋଲି ଏଠାରେ ସ୍ମରଣ ରଖିବା ଉଚିତ ହେବ । ତା ସହ ସ୍ମରଣ ରଖିବାପାଇଁ ହେବ ଯେ ୧୯୨୧ ପରେ ହିଁ ସାରା ଭାରତରେ ରାଜନୀତିକ ଚେତନା କ୍ଷେତ୍ରରେ ଏକ ଆଲୋଡନ ସୃଷ୍ଟି

Digitized by srujanika@gmail.com

ହୋଇଥିଲା । ତେଣୁ ବରଜା ଚମାରର ଏପରି କଳ୍ପିତ ଉକ୍ତିର ଚଉଠ-ଶତାବ୍ଦୀ ପୂର୍ବେ ହିଁ ମଧୁସୂଦନଙ୍କର ପ୍ରଥମ କାର୍ଯ୍ୟକ୍ରମ 'ସାଆନ୍ତମାନଙ୍କୁ ଆଗଭର' କରାଇବା ପ୍ରକୃତରେ ଯଥାର୍ଥ ଯେ ଥିଲା ସେଥିରେ ସନ୍ଦେହ ରହିବାର କୌଣସି ଯଥାର୍ଥ କାରଣ ନାହିଁ । ଇତିହାସର ସେହି ସନ୍ଧିକ୍ଷଣରେ, ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ତାହାର ଏକାନ୍ତ ଆବଶ୍ୟକତା ହିଁ ଥିଲା । ଆଉ ସେଥିପାଇଁ ମଧୁସୂଦନଙ୍କୁ ଯେଉଁମାନେ ପ୍ରତିକୂଳ ସମାଲୋଚନା କରନ୍ତି ସେମାନେ ଇତିହାସର ସେଇ ପ୍ରେକ୍ଷାପଟକୁ ଆକଳନ କରିବାପାଇଁ ଅସମର୍ଥ ତଥା ୧୯୦୩ ଓ ୧୯୨୦ ମଧ୍ୟରେ ଥିବା ପାର୍ଥକ୍ୟ ବୁଝିବାପାଇଁ ଅକ୍ଷମ ।

ପ୍ରାସଙ୍ଗିକ ଭାବରେ ଏଠାରେ ସୂଚାଇ ଦିଆଯାଇପାରେ ଯେ ୧୯୦୩ରେ ଉତ୍କଳ ସମ୍ମିଳନୀ ସ୍ଥାପନର ମାତ୍ର କେତେ ବର୍ଷ ପୂର୍ବରୁ ୧୮୯୬ ଏପ୍ରିଲ ମାସର ଏକ ଅପରାହ୍ଣରେ କିଲ୍ଲା ପଡ଼ିଆରେ ଅଶ୍ୱାରୋହଣ କରି ପରିଭ୍ରମଣରତ କଟକ ରେଭେନ୍‌ସା କଲେଜିଏଟ ସ୍କୁଲର ଛାତ୍ର ନରସିଂହପୁର ଓ ପାଲଲହଡ଼ାର ନାବାଳଗ ରାଜାଦ୍ୱୟ ଖଣ୍ଡେ ଦୂରରେ ଯାଉଥିବା ରେଭେନ୍‌ସା କଲେଜର ପ୍ରିନ୍‌ସପାଲ ହଲଓ୍ୱାର୍ଡ଼ (N. L. Hallward)ଙ୍କୁ - ହୁଏତ ନ ଦେଖି ଅଥବା ଅନ୍ୟମନସ୍କ ଥିବାରୁ - ସଲାମ୍ କରିପାରିନଥିଲେ । ମାତ୍ର ସେଇ ଅପରାଧପାଇଁ ତା ପର ଦିନ ପ୍ରିନ୍‌ସପାଲଙ୍କ ଆଦେଶରେ ସ୍କୁଲର ହେଡ଼ମାଷ୍ଟର ସେମାନଙ୍କୁ ବେତ୍ରାଘାତ ଶାସ୍ତି ଦେଇଥିଲେ; ଫଳରେ ରାଜାଦ୍ୱୟ ରେଭେନ୍‌ସା କଲେଜିଏଟ ସ୍କୁଲରୁ ନାମ କଟାଇ ପ୍ୟାରୀମୋହନ ଏକାଡେମୀରେ ନାମ ଲେଖାଇଥିଲେ; 'ଉତ୍କଳ ଦୀପିକା'ରେ ଅବଶ୍ୟ ଏପରି ଘଟଣାର ତୀବ୍ର ପ୍ରତିବାଦ କରାଯାଇଥିଲା । ଏ ଘଟଣାରେ ହଲଓ୍ୱାର୍ଡ଼ଙ୍କୁ ଶାସ୍ତି ଦେଇ ସେ ଅଧ୍ୟକ୍ଷ ହେବାପାଇଁ ଅଯୋଗ୍ୟ ବୋଲି ବଙ୍ଗ ସରକାର ସ୍ଥିର କରିଥିବା ସମ୍ବାଦ ସହ ସେ କିନ୍ତୁ ଅଧ୍ୟକ୍ଷ ପଦରେ ରହିଥିବା ବିଷୟ ବି 'ଉତ୍କଳ ଦୀପିକା'ରେ ପ୍ରକାଶିତ ହୋଇଥିଲା । ତା ପରେ କିନ୍ତୁ ବଙ୍ଗ ପ୍ରାଦେଶିକ ବ୍ୟବସ୍ଥା ସଭାରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସରକାର ହଲଓ୍ୱାର୍ଡ଼ଙ୍କୁ କିପରି ଶାସନ କରିଛନ୍ତି ତା ଗୋପନୀୟ ଓ ତା ପ୍ରକାଶ କରାଯିବ ନାହିଁ ବୋଲି କହିଥିଲେ । ପରିଣାମରେ ପ୍ରିନ୍‌ସପାଲଙ୍କୁ (ମୃଦୁ) ଭର୍ତ୍ସନା ବ୍ୟତୀତ ସରକାର ଆଉ କିଛି କରିଥିବାର ଜଣାଯାଏ ନାହିଁ । ରେଭେନ୍‌ସା କଲେଜର କୁପରିଚାଳନା ସମ୍ପର୍କରେ ମଧୁସୂଦନ ମଧ୍ୟ ବଙ୍ଗ ପ୍ରାଦେଶିକ ବ୍ୟବସ୍ଥା ସଭାରେ ଏକାଧିକ ପ୍ରଶ୍ନ କରିଥିଲେ । କିନ୍ତୁ ତାର ବିଶେଷ କୌଣସି ଫଳ ହେଇନଥିଲା ଓ ଏପରି କି କଲେଜର ପୂର୍ବତନ ପ୍ରିନ୍‌ସପାଲ ଏଜର (S. Ager) ମଧ୍ୟ ହଲଓ୍ୱାର୍ଡ଼ଙ୍କ ସମର୍ଥନରେ ବାହାରିପଡ଼ିଥିଲେ । ('ଉତ୍କଳ ଦୀପିକା'ର ୧୮୯୬ ଏପ୍ରିଲ ୧୮, ମେ' ୨ ଓ ୩୦, ଜୁଲାଇ ୧୧ ଓ

Digitized by srujanika@gmail.com

୧୮, ଅଗଷ୍ଟ ୧ ଓ ୧୫ ଓ ସେପ୍‌ଟେମ୍ବର ୧୯ ତାରିଖରେ ଏ ସମ୍ପର୍କୀୟ ବିବରଣ ଉପଲବ୍ଧ । ହଲୱାର୍ଡ଼ଙ୍କ ଓଡ଼ିଆମାନଙ୍କ ପ୍ରତି ଏପରି ତାଚ୍ଛଲ୍ୟର ଆଉରି ଉଦାହରଣ ପଣ୍ଡିତ ନୀଳକଣ୍ଠ ତାଙ୍କ 'ଆତ୍ମଜୀବନୀ'ରେ ଦେଇଛନ୍ତି, ଦ୍ର: ଦାସ, ପଣ୍ଡିତ ନୀଳକଣ୍ଠ, ୨୦୦୩, ପୃ. ୩୧-୩୨ । ସେହିପରି ତାର ପୂର୍ବେ ୧୮୯୩ରେ ରବୀନ୍ଦ୍ରନାଥ ମଧ୍ୟ ସେହି ହଲୱାର୍ଡ଼ଙ୍କୁ କଟକରେ ଦେଖିଥିଲେ କଟକର ଜିଲ୍ଲା ଜଜ୍ ବିହାରୀଲାଲ ଗୁପ୍ତାଙ୍କ ଘରେ । ସେତେବେଳେ ହଲୱାର୍ଡ଼ ଭାରତୀୟମାନଙ୍କୁ ନିମ୍ନ ଦେଖୁଥିବାର ପରିଚୟ ରବୀନ୍ଦ୍ରନାଥ ମଧ୍ୟ ପାଇଥିଲେ ଓ ହଲୱାର୍ଡ଼ଙ୍କ ସମ୍ପର୍କରେ ତାଙ୍କ ମନ୍ତବ୍ୟ ଅତ୍ୟନ୍ତ ପ୍ରତିକୂଳାତ୍ମକ ଥିଲା, ଦ୍ର: ଠାକୁର, ୧୯୬୧କ, ପୃ. ୮୭-୮୮) ।

ଯେତେବେଳେ ସାହେବ/ସରକାରୀ ପ୍ରଶାସକବର୍ଗ ସମାଜର ଉଚ୍ଚବର୍ଗଙ୍କୁ - ଏପରି କି ବ୍ରିଟିଶ ସରକାରଙ୍କ ସହ ସନ୍ଧିଚୁକ୍ତିରେ ଆବଦ୍ଧ ରାଜାମାନଙ୍କୁ - ଏପରି ଦୁର୍ବ୍ୟବହାର କରି ଭୟଭୀତ କରି ରଖିବାର ପ୍ରଚେଷ୍ଟା ଅବ୍ୟାହତ ରଖିଥିଲେ ସେତେବେଳେ ସାହେବମାନଙ୍କ ପ୍ରତି ସାଧାରଣ ଜନତାର ଭୟ ଭାଙ୍ଗିବାପାଇଁ ପ୍ରଥମେ ଉଚ୍ଚବର୍ଗଙ୍କୁ ସଙ୍ଗଠିତ କରିବାର ଉଦ୍ୟମ ଅତ୍ୟାବଶ୍ୟକ ଥିଲା । ଆଉ ମଧୁସୂଦନ ତାହା ହିଁ କରିଥିଲେ । ମନେ ରଖିବାପାଇଁ ହେବ ଯେ ସେତେବେଳେ ଭାରତୀୟ ଜାତୀୟ କଂଗ୍ରେସରେ ମଧ୍ୟ ବ୍ରିଟିଶ-ବିରୋଧିତାର ଆଭିମୁଖ୍ୟ ସମ୍ପୂର୍ଣ୍ଣଭାବରେ ଫୁଟିନଥିଲା । ସେଥିରେ ବ୍ରିଟିଶ-ବିରୋଧିତାର ଆଭିମୁଖ୍ୟ ପ୍ରଥମେ ସ୍ପଷ୍ଟ ଭାବରେ ଫୁଟାଇବାର ପ୍ରଚେଷ୍ଟା କରାଗଲା ୧୯୦୫ର ବଙ୍ଗବିଭାଜନ ପରେ (ଅର୍ଥାତ୍ ୧୯୦୩ରେ ଉତ୍କଳ ସମ୍ମିଳନୀ ସ୍ଥାପନର ପରେ) । ପୁଣି ସେହିପରି ସେଥିରେ ମଧ୍ୟ ମୋଟାମୋଟି ଉଚ୍ଚବର୍ଗଙ୍କ (ବା ତଥାକଥିତ ରକ୍ଷଣଶୀଳଙ୍କ) ଆଧିପତ୍ୟ ଅକ୍ଷୁଣ୍ଣ ଥିଲା ଓ ତାହା ସେମାନଙ୍କ ପରିଚାଳନାରେ ଥିଲା । ମଧୁବାବୁ ସେ ଦିନ ତେଣୁ ଉତ୍କଳସମ୍ମିଳନୀ କ୍ଷେତ୍ରରେ ପ୍ରାୟ ତାହାର ଅନୁବର୍ତ୍ତନ ହିଁ କରିଥିବାରେ ବିସ୍ମିତ ହେବାର କିଛି ଅଛି କି ?

ପ୍ରସଙ୍ଗକ୍ରମେ କହିବା ଉଚିତ ହେବ ଯେ ଓଡ଼ିଆ ଅସ୍ମିତାର ସଂରଚନାରେ ସେତେବେଳର ଉଚ୍ଚବର୍ଗଙ୍କ ଅବଦାନର ଯଥାର୍ଥ ଅନୁଶୀଳନ ଓ କଳନା ଏ ପର୍ଯ୍ୟନ୍ତ କରାଯାଇପାରିନାହିଁ । ଉଦାହରଣ ସ୍ୱରୂପ ଓଡ଼ିଆ ମୁଦ୍ରଣ ତଥା ପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶନ କ୍ଷେତ୍ର ସେମାନଙ୍କର ଉଦାର ଅନୁଦାନ ଓ ଏପରି କି ବେଳେବେଳେ ସକ୍ରିୟ ସହଯୋଗ ଫଳରେ ହିଁ ସମୃଦ୍ଧ ହୋଇପାରିଥିଲା ଓ ତା ଭିତର ଦେଇ ଓଡ଼ିଆ ଭାଷାଭାଷୀମାନଙ୍କ ମଧ୍ୟରେ ଭାବଗତ ବନ୍ଧନ, ଓଡ଼ିଆମାନଙ୍କର ଆପଣାକୁ ଏକ ଗୋଷ୍ଠୀ ରୂପରେ ପରିକଳ୍ପନା ହୋଇପାରିଥିଲା ଦୃଢ଼ୀଭୂତ; 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର

Digitized by srujanika@gmail.com

ସଙ୍କଳନ ଓ ପ୍ରକାଶନ ପରି ବିରାଟ ପରିକଳ୍ପନା ସେ ଦିନ ହୋଇପାରିଥିଲା ବାସ୍ତବାୟିତ, ଯାହା ତାହାର ସଙ୍କଳକ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । କେବଳ ସେତିକି ନୁହେଁ, ସେହି ଉଚ୍ଚବର୍ଗଙ୍କ - ବିଶେଷଭାବରେ ରାଜା ଓ ଜମିଦାରଙ୍କ- ସ୍ଥିତି ବିଂଶ ଶତକର ଚତୁର୍ଥ ଦଶକର ଶେଷ ଆଡ଼କୁ ସାମନ୍ତବାଦୀ-ବିରୋଧୀ ଆନ୍ଦୋଳନ ଫଳରେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିବାରୁ ଓ ସେଇ କାରଣରୁ ସେମାନଙ୍କଠାରୁ ଆସୁଥିବା ଆର୍ଥିକ ଅନୁଦାନ ପ୍ରାୟ ବନ୍ଦ ହୋଇଯାଇଥିବାରୁ ତାହାର ଶେଷ ଖଣ୍ଡର ପ୍ରକାଶନ ମଧ୍ୟ ବିଳମ୍ବ ହୋଇଥିଲା ବୋଲି ସେ ସ୍ପଷ୍ଟ ଭାବରେ ତାହାର ଅବତରଣିକାରେ ଉଲ୍ଲେଖ କରିଛନ୍ତି (ଦ୍ର: 'ଭାଷାକୋଷ', ସପ୍ତମ ଖଣ୍ଡ, ଅବତରଣିକା, ପୃ.୩) । ସେହି ଭାଷାକୋଷ ହିଁ ତ ହୋଇପାରିଥିଲା ଓଡ଼ିଆ ଅସ୍ମିତାର ଏକ ଶଙ୍କୁ ବା Icon । ଏହି ଦୃଷ୍ଟିକୋଣରୁ ଓ ଏହି ପରିପ୍ରେକ୍ଷୀରେ ହିଁ ମଧୁସୂଦନଙ୍କ ଉଚ୍ଚବର୍ଗଙ୍କ ପ୍ରତି ଆଭିମୁଖ୍ୟର ପର୍ଯ୍ୟାଲୋଚନା ଆବଶ୍ୟକ ।

ଏଇଠି ଟିକିଏ ଅବାନ୍ତର ହେଲେ ହେଁ କହିଦେବାର କଥା, ଓଡ଼ିଶାର - ଭାରତର ଅନ୍ୟାନ୍ୟ ଅଞ୍ଚଳର ବିଷୟରେ ଏଠାରେ କୌଣସି ଅଭିମତ ଦିଆଯାଉ ନାହିଁ - ପାରମ୍ପରିକ ସାମନ୍ତବାଦ ସମ୍ପର୍କରେ ଆମର ଅନେକ ଭ୍ରମଧାରଣା ରହିଛି ଓ 'ସାଆଁନ୍ତିଆ' ଶବ୍ଦର ଉଚ୍ଚାରଣ ମାଧ୍ୟମରେ ଆମେ କେବଳ ସେଇ ସାମନ୍ତବାଦର ଅନ୍ଧକାରମୟ ଦିଗଟି ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିଆସୁଛୁ । ସାମନ୍ତବାଦ ପ୍ରତି ଏପରି ଦୃଷ୍ଟିକୋଣ ସୃଷ୍ଟି ହେବା ମୂଳରେ ରହିଛି ତିନୋଟି ପ୍ରଧାନ କାରଣ:

(କ) ଔପନିବେଶିକ ଶାସନର ଯଥାର୍ଥତା ପ୍ରତିପାଦନ ଉଦ୍ଦେଶ୍ୟରେ ବ୍ରିଟିଶ ପ୍ରଶାସକମାନଙ୍କର ସାମନ୍ତବାଦର କେବଳ ଦୁର୍ବଳତା ତଥା ଅନ୍ଧକାରମୟ ଦିଗଟି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ । ଉଦାହରଣ ସ୍ୱରୂପ ଓଡ଼ିଶାବାସୀଙ୍କର ଅତ୍ୟନ୍ତ ପ୍ରିୟ ବ୍ରିଟିଶ୍ ପ୍ରଶାସକ ଜନ୍ ବିମ୍ସ ତାଙ୍କ ସ୍ମୃତିକଥାରେ ସେ ଦିନ ଲେଖିଥିଲେ, "When the English conquered Orissa in 1803 with two regiments of native troops from Madras, the Marathas fled westwards through the hill country back to their own land. ... In the course, however, of his inquiries Colonel Harcourt and the Chief Commissioner, Mr. Melvil, learnt of the exdistence of a number of independent or semi-independent chieftains, each ruling a small tract of territory in those wild hills. Not understanding the status of those men, and assuming them to be far more powerful than they really were, Harcourt and Melvil executed on behalf of the British Government treaties of alliance with each of them, by virtue of which they were to be confirmned

Digitized by srujanika@gmail.com

in their possessions on payment of a *peshkash,* or small annual tribute. One cannot read without a smile in these treaties a solemn promise on the part of each of these microscopic potentates not to wage war against the British Government- as though a gnat should promise not to fight an elephant" (Beames, John, 1961, pp. 259-60) । ଏଥିରେ ଓଡ଼ିଶାର ସାମନ୍ତତନ୍ତ୍ର ପ୍ରତି ତାଙ୍କର ପ୍ରତିକୂଳ ମନୋବୃତ୍ତି ତଥା ତାଚ୍ଛଲ୍ୟର ସ୍ପଷ୍ଟ ପ୍ରତିଫଳନ ରହିଛି । ସେଥିରେ ସେ ତ କେବଳ ବ୍ରିଟିଶ ସରକାର ଓ ସେନାବାହିନୀର ଶକ୍ତିମତ୍ତା, ସେମାନଙ୍କ ହାତରେ ଥିବା ଅସ୍ତ୍ରଶସ୍ତ୍ରଦ୍ୱାରା ହିଁ ବ୍ରିଟିଶ ଔପନିବେଶିକ ଶାସନର ଯଥାର୍ଥତା ପ୍ରତିପାଦନ କରିବାପାଇଁ ଚେଷ୍ଟା କରିଛନ୍ତି ! ସେଇଥିପାଇଁ ହୁଏତ ପୁରୀର ଗୋବିନ୍ଦଦ୍ୱାଦଶୀ ସମୟର ଦୁର୍ଘଟଣାପାଇଁ ଯେ କୌଣସି ବ୍ରିଟିଶ୍ ପ୍ରଶାସକଙ୍କୁ ନୁହେଁ, କେବଳ ପୁରୀର ରାଜା ଦିବ୍ୟସିଂହ ଦେବଙ୍କୁ ହିଁ ଦାୟୀ କରିଥିଲେ (ଦାଶ, ଗଗନେନ୍ଦ୍ରନାଥ, ୨୦୦୬, ପୃ.୨୩୯-୪୦) । ସେହିପରି ଅନୁଗୁଳ ରାଜା ସୋମନାଥ ସିଂହଙ୍କ ସମ୍ପର୍କରେ ତାଙ୍କ ମନ୍ତବ୍ୟ ବି ତାଚ୍ଛଲ୍ୟବ୍ୟଞ୍ଜକ ଓ ଭ୍ରମାତ୍ମକ (ତତ୍ରୈବ, ପୃ.୨୪୦-୪୧) ।

(ଖ) ରୁଷରେ ରାଜତନ୍ତ୍ର ଓ ସାମନ୍ତବାଦ ବିରୋଧରେ - ମନେରଖିବାପାଇଁ ହେବ କାର୍ଲ ମାର୍କସ୍‌ଙ୍କ ସୂଚିତ ପୁଞ୍ଜିବାଦ ବିରୋଧରେ ନୁହେଁ - ସାମ୍ୟବାଦୀମାନଙ୍କ ବା କମ୍ୟୁନିଷ୍ଟମାନଙ୍କର ବିଜୟଲାଭ ଓ ସେଠାରେ ସାମ୍ୟବାଦୀ ଶାସନର ପ୍ରତିଷ୍ଠା ପରେ ଭାରତୀୟ ସାମ୍ୟବାଦୀମାନେ ବି ତାହାଦ୍ୱାରା ବିଶେଷଭାବରେ ଅନୁପ୍ରେରିତ ହୋଇ ଭାରତୀୟ ସାମନ୍ତବାଦର ବିରୋଧ କରି କେବଳ ତାହାର ଅନ୍ଧକାରମୟ ଦିଗଟି ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲେ ।

(ଗ) ନିଜ ନିଜର କ୍ଷୁଦ୍ର କ୍ଷୁଦ୍ର ସ୍ୱାର୍ଥକୁ ଅଗ୍ରପ୍ରାଧାନ୍ୟ ଦେଇ ତଥା ଦୁର୍ନୀତିରେ ଆକଣ୍ଠ ବୁଡ଼ିରହି ସ୍ୱାଧୀନତା ପରେ ଭାରତରେ ଗଣତନ୍ତ୍ରକୁ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ବିଫଳ କରିଦେଇଥିବା ରାଜନୀତିକ ନେତାଗଣ ତଥା ଉଚ୍ଚବର୍ଗର ବ୍ୟକ୍ତିଗଣଙ୍କର ପ୍ରଚାର ମାଧ୍ୟମରେ ନିଜ ନିଜର ଅନ୍ଧକାରମୟ ଦିଗ ଉପରୁ ଜନସାଧାରଣଙ୍କ ଦୃଷ୍ଟିକୁ କୌଶଳକ୍ରମେ ଅପସାରଣ କରି ତାହାକୁ ଅତୀତର ସେଇ ରାଜା-ଜମିଦାରମାନଙ୍କ କେବଳ ସେଇ ଅନ୍ଧକାରମୟ ଦିଗଟି ଉପରେ ନିବଦ୍ଧ ରଖିବାର ଧାରାବାହିକ ପ୍ରଚେଷ୍ଟା ।

ପ୍ରକୃତରେ ଓଡ଼ିଶାରେ ସାମନ୍ତବାଦର ଏଇ ଅନ୍ଧକାରମୟ ଦିଗଟିର ପ୍ରଧାନ ସୃଷ୍ଟି-ଉତ୍ସ ଥିଲା ବ୍ରିଟିଶ ବା ଔପନିବେଶିକ ଶାସନ, ଯାହା ସାଧାରଣତଃ ଅଜ୍ଞାତ । ମଧ୍ୟ-ଯୁଗରେ ଓଡ଼ିଶାର ସାମନ୍ତରାଜାମାନେ ପରସ୍ପର ସହ ଯୁଦ୍ଧବିଗ୍ରହରେ ଲିପ୍ତ ଥିବାରୁ

Digitized by srujanika@gmail.com

ନିଜ ନିଜର ସେନାବାହିନୀ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ ଥିଲେ; ସେନାବାହିନୀ ହିଁ ଥିଲା ସେମାନଙ୍କର ଶକ୍ତିର ମୂଳ ଉତ୍ସ । ଆଉ ସେଇ ସେନାବାହିନୀ ତ ଗଠିତ ହୋଇଥିଲା ମୂଳତଃ ପ୍ରଜାମାନଙ୍କୁ - ବିଶେଷଭାବରେ ଆଦିମ ଜନଜାତିମାନଙ୍କୁ - ନେଇ । ତେଣୁ ସେଇ ପ୍ରଜାମାନଙ୍କୁ ସର୍ବଦା ସନ୍ତୁଷ୍ଟ ରଖିବା ଥିଲା ସେଇ ସାମନ୍ତମାନଙ୍କର ପ୍ରାଥମିକ କର୍ତ୍ତବ୍ୟ ମାତ୍ର । ସେ ହେତୁ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବା ସେମାନଙ୍କ ପକ୍ଷରେ ସମ୍ଭବ ନ ଥିଲା; ଅନ୍ତତଃ ଏତେ ସହଜ ନ ଥିଲା । କିନ୍ତୁ ବ୍ରିଟିଶ ସରକାର ସେମାନଙ୍କର ପରସ୍ପର ମଧ୍ୟରେ ହେଉଥିବା ଯୁଦ୍ଧବିଗ୍ରହକୁ ବନ୍ଦ କରିଦେଇ ଓ ସେମାନଙ୍କ ସେନାବାହିନୀକୁ ପ୍ରାୟ ଭାଙ୍ଗିଦେଇ ପ୍ରତ୍ୟେକକୁ ସୁରକ୍ଷା ଦେବାର ଦାୟିତ୍ୱ ସ୍ୱୟଂ ଗ୍ରହଣ କଲେ । ଫଳରେ ସାମନ୍ତମାନେ ନିଜର, ନିଜ ବଂଶର ଓ ଶେଷରେ ନିଜ ରାଜ୍ୟର ସୁରକ୍ଷାପାଇଁ ପ୍ରଜାମାନଙ୍କ ଉପରେ ନିର୍ଭର କରିବାର ଆଉ କୌଣସି କାରଣ ରହିଲା ନାହିଁ । ତାହା ହିଁ ସେମାନଙ୍କୁ ଯୋଗାଇଦେଲା ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବାପାଇଁ ସୁବର୍ଣ୍ଣ ସୁଯୋଗ । କେବଳ ସେତିକି ନୁହେଁ, ଏଇ ସାମନ୍ତମାନଙ୍କୁ ସଭ୍ୟ ଓ ସୁଶିକ୍ଷିତ କରାଇବାପାଇଁ ସେମାନଙ୍କୁ ବିଲାତ ଓ ଇଉରୋପ ଯିବାପାଇଁ ମଧ୍ୟ ବ୍ରିଟିଶ ପ୍ରଶାସନ ଉତ୍ସାହିତ ଓ ଅନୁପ୍ରେରିତ କଲା ବା ପଠାଇବାପାଇଁ ତତ୍ପରତା ପ୍ରକାଶ କଲା । ସେମାନଙ୍କ ମଧ୍ୟରୁ - ଯେପରି ମୟୂରଭଞ୍ଜର ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପରି – ଅଳ୍ପ କେତେକ ବ୍ୟତିକ୍ରମଙ୍କୁ ବାଦ୍ ଦେଲେ ଅନ୍ୟମାନେ ଇଉରୋପର ବିଭିନ୍ନ ରାଜାସାମନ୍ତମାନେ ବାସ କରୁଥିବା ସୁଦୃଶ୍ୟ ପ୍ରାସାଦଗୁଡିକ ତଥା ବିଳାସମୟ ଜୀବନଯାତ୍ରା ଦେଖି ସେଇମାନଙ୍କ ସହ ସମାନ ହେବାକୁ ଓ ସେହିପରି ବିଳାସବ୍ୟସନରେ ଚଳିବାପାଇଁ ଇଚ୍ଛା କଲେ ଓ ସୁଦୃଶ୍ୟ ପ୍ରାସାଦ ନିର୍ମାଣରେ ଲାଗିଗଲେ, ଅନେକ ସମୟରେ ଇଉରୋପରୁ କାରିଗରମାନଙ୍କୁ ଅଣାଇ । ତେଣୁ ଓଡ଼ିଶାର ଅଧିକାଂଶ ରାଜପ୍ରାସାଦ ମାତ୍ର ଊନବିଂଶ ବା ବିଂଶ ଶତକରେ ହିଁ ନିର୍ମିତ । ଆଉ ସେଥିପାଇଁ ସେମାନେ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବାପାଇଁ ବି ଅକୁଣ୍ଠିତ ହୋଇପଡ଼ିଲେ । କାରଣ ଅଭୟଦାତା ବ୍ରିଟିଶ୍ ସରକାର ଥାଉ ଥାଉ ଆଉ ତ ନିଜର, ନିଜ ବଂଶର ବା ରାଜ୍ୟର ସୁରକ୍ଷାପାଇଁ ପ୍ରଜାମାନଙ୍କ ଉପରେ ନିର୍ଭର କରିବାର କୌଣସି କାରଣ ବି ନ ଥିଲା ।

ସ୍ମରଣ ରଖିବାପାଇଁ ହେବ, ମଧ୍ୟ-ଯୁଗରେ ଓଡ଼ିଶାରେ ରାଜା ବା ଜମିଦାରମାନଙ୍କଦ୍ୱାରା ବହୁ ଦେବମନ୍ଦିର ନିର୍ମିତ ହୋଇଥିଲା । ପ୍ରସ୍ତର-ନିର୍ମିତ ସେ ସବୁ ଅଥବା ସେ ସବୁର ଅବଶେଷ ଏବେ ବି ଦେଖିବାପାଇଁ ମିଳେ । କିନ୍ତୁ ରାୟବେଣିଆ ପରି ମାତ୍ର ଅଳ୍ପ କେତକ ବ୍ୟତିକ୍ରମକୁ ବାଦ୍ ଦେଲେ ମଧ୍ୟ-ଯୁଗୀୟ ଦେଶୀୟ ରାଜାମାନଙ୍କଦ୍ୱାରା

Digitized by srujanika@gmail.com

ପ୍ରସ୍ତର-ନିର୍ମିତ ବିଶାଳ ରାଜପ୍ରାସାଦ ବା ତାର ଅବଶେଷ କ୍ୱଚିତ ଦେଖିବାପାଇଁ ମିଳେ । ତାର ଏକ କାରଣ ହେଉଛି, ବ୍ରିଟିଶ ରାଜତ୍ୱ ପୂର୍ବରୁ, ସେଇସବୁ ରାଜାମାନେ ପ୍ରଜାମାନଙ୍କ ସହ ନିଜକୁ ଚିହ୍ନିତ କରୁଥିଲେ, ପ୍ରଜାମାନଙ୍କ ପରି ମାଟିର ଧୂଳିଆ ଘରେ, ହୁଏତ ବା ବଡ଼ ବଡ଼ ଖଞ୍ଜାମାନଙ୍କରେ ରହୁଥିଲେ; ପ୍ରଜାମାନଙ୍କଠାରୁ ସେମାନଙ୍କର ଜୀବନଯାତ୍ରାର ଶୈଳୀ ବିଶେଷ ଭିନ୍ନ ବି ନ ଥିଲା, ଯାହା ବ୍ରିଟିଶ ଶାସନ କାଳରେ ହିଁ ହୋଇଗଲା । କାରଣ ବ୍ରିଟିଶ୍ ଅଧିକାର ପର୍ଯ୍ୟନ୍ତ ମୋଗଲ ଦରବାରର ବିଳାସବ୍ୟସନ ସେମାନଙ୍କୁ ଆଦୌ ସ୍ପର୍ଶ କରିପାରିନଥିଲା । ସେ ପର୍ଯ୍ୟନ୍ତ ପଡ଼ୋଶୀ ରାଜାମାନଙ୍କ ଆକ୍ରମଣରୁ ନିଜକୁ, ନିଜ ବଂଶକୁ ଓ ନିଜ ରାଜ୍ୟକୁ ସୁରକ୍ଷିତ ରଖିବା ଚିନ୍ତାରେ ପ୍ରାୟ ସର୍ବଦା ବ୍ୟସ୍ତ ଓ ବିବ୍ରତ ଥିବା ଏଇ ସାମନ୍ତ ରାଜାମାନଙ୍କ ହାତରେ ବିଳାସବ୍ୟସନରେ ମାତିବାପାଇଁ ସୁଯୋଗ ବା ସମୟ ତ ନ ଥିଲା । ମଧୁସୂଦନଙ୍କଦ୍ୱାରା ଅନୁପ୍ରେରିତ ହୋଇ ସେଇ ଦେଶୀୟ ରାଜାମାନେ ସେଇ ବ୍ରିଟିଶ୍ ପ୍ରଭାବକୁ ଯଦିବା ସାମାନ୍ୟ ପରିମାଣରେ ପ୍ରତିହତ କରି ଓଡ଼ିଆ ଜନସାଧାରଣଙ୍କ ସହ ନିଜକୁ ଚିହ୍ନିତ କରିବାପାଇଁ ଆଗେଇଆସିଲେ, ସେମାନଙ୍କ ବିଳାସବ୍ୟସନପୂର୍ଣ୍ଣ ଜୀବନଯାତ୍ରାରୁ କାଟି କିଛି ଅର୍ଥ ଉତ୍କଳ ସମ୍ମିଳନୀପାଇଁ – ଅନ୍ୟ କଥାରେ ଓଡ଼ିଆ ଅସ୍ମିତାର ସଂରଚନା ବା ଦୃଢ଼ୀକରଣପାଇଁ – ବିନିଯୋଗ କରିବାପାଇଁ ବାହାରିଲେ ତେବେ ସେଥିପାଇଁ ତ ମଧୁସୂଦନଙ୍କ ନିକଟରେ ଓଡ଼ିଆମାନେ କୃତଜ୍ଞ ହେବା ଉଚିତ । ନୁହେଁ କି ?

(୬)

(୬.) ଗୋପବନ୍ଧୁ ମଧୁସୂଦନଙ୍କଠାରୁ ପାଖାପାଖି ତିରିଶ ବର୍ଷ କନୀୟାନ ଥିଲେ ଓ ମଧୁସୂଦନଙ୍କ ମୃତ୍ୟୁର ପ୍ରାୟ ଆଠ ବର୍ଷ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଶାସନ ପୁରୀର ପ୍ରସିଦ୍ଧ ଷୋଳ ଶାସନର ଅନ୍ତର୍ଗତ ଯେପରି ନଥିଲା, ସେହିପରି ଗୋପବନ୍ଧୁଙ୍କର ନ ଥିଲା ଶାସନୀ ବ୍ରାହ୍ମଣପଣିଆ । ସେ ପୁଣି ଥିଲେ ଏକ ସାଧାରଣ ମଧ୍ୟବିତ୍ତ ପରିବାରର ସନ୍ତାନ । ତାଙ୍କର ନା ଥିଲା କୌଣସି ଆଭିଜାତ୍ୟ ଓ ସେ ହେତୁ ତାଙ୍କର ନା ଥିଲା ଆଭିଜାତ୍ୟର ଅହଂକାର; ନ ଥିଲା ବି ସଂଭ୍ରାନ୍ତପଣିଆ ଯାହାସବୁ ଥିଲା ମଧୁସୂଦନଙ୍କର । ପୁଣି ତା ସହ ତାଙ୍କ ପକ୍ଷରେ ନ ଥିଲା ମଧ୍ୟ ଓଡ଼ିଆମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅଗ୍ରସୂରୀ ହୋଇ ନିଜକୁ ଅସାଧାରଣ (Megalomaniac) ବୋଲି ଭାବିବାର ସେପରି କୌଣସି ବଳିଷ୍ଠ କାରଣ । ମଧୁସୂଦନଙ୍କ ତୁଳନାରେ ତାଙ୍କର ଆନୁଷ୍ଠାନିକ ଶିକ୍ଷାଗତ ଯୋଗ୍ୟତା ବି ସାମାନ୍ୟ କମ୍ ଥିଲା । ତା ସତ୍ତ୍ୱେ ରାଜନୀତି ବା ଲୋକସେବା କ୍ଷେତ୍ରରେ ମଧୁସୂଦନଙ୍କ ବିରାଟ କର୍ମମୟ

Digitized by srujanika@gmail.com

ଜୀବନରେ ସେ ହିଁ ହୋଇପଡ଼ିଥିଲେ ତାଙ୍କର ପ୍ରଧାନ ପ୍ରତିପକ୍ଷ, ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ । ତାଙ୍କୁ ବାଦ୍ ଦେଇ ମଧୁସୂଦନଙ୍କ ଜୀବନର ଓ ତାଙ୍କ ଅବଦାନର କଳନା ଓ ଅବବୋଧ ଆଦୌ ସମ୍ଭବ ନୁହେଁ । ତେଣୁ ଏଠାରେ କେବଳ ପ୍ରାସଙ୍ଗିକ ଭାବରେ ରାଜନୀତି କ୍ଷେତ୍ରରେ ଗୋପବନ୍ଧୁଙ୍କ ଆବିର୍ଭାବର, ତାଙ୍କ ରାଜନୀତିକ ଆଦର୍ଶ ଓ କର୍ମଯୋଜନାର ତଥା ସେ ସବୁ କ୍ଷେତ୍ରରେ ମଧୁସୂଦନଙ୍କ ସହ ତାଙ୍କର ଦୃଷ୍ଟିକୋଣଗତ ପାର୍ଥକ୍ୟର ମାତ୍ର କେତୋଟି ଦିଗ ସମ୍ପର୍କରେ ସାମାନ୍ୟ/ସୂଚନାତ୍ମକ ଆଲୋକପାତ କରାଯିବ ।

ସେ ବଢ଼ିଥିଲେ ଜଣେ ସାଧାରଣ ଓଡ଼ିଆ ଭାବରେ । କୁହାଯାଇଛି, ତାଙ୍କର ନ ଥିଲା ବ୍ରାହ୍ମଣପଣିଆ । ସେଇଥିପାଇଁ ତ ପୁରୀର ବ୍ରାହ୍ମଣ ଶାସନରେ ସେ ପର୍ଯ୍ୟନ୍ତ ଅସ୍ପୃଶ୍ୟ ହୋଇ ରହିଥିବା ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତର ପାରାୟଣ କରିବାପାଇଁ ବା ତାହାକୁ ସମର୍ପଣ କରାଯାଇଥିବା ଅନ୍ନଭୋଗ ଭକ୍ଷଣପାଇଁ ତାଙ୍କ ମନରେ ଲେଶ ମାତ୍ର କୁଣ୍ଠା ନ ଥିଲା, ବରଂ ଥିଲା ଆଗ୍ରହ (ଦାସ, ପଣ୍ଡିତ ନୀଳକଂଠ, ୨୦୦୩, ପୃ.୧୯-୨୦) । ସେ ସାଧାରଣ ଓଡ଼ିଆମାନଙ୍କ ମଧ୍ୟରୁ ନିଜକୁ ଜଣେ ବୋଲି ମନେକରୁଥିବାରୁ ବି.ଏ. ପରୀକ୍ଷା-ପତ୍ରରେ କୃଷ୍ଣ ସିଂହ ମହାଭାରତରୁ, ହୁଏତ ବା ଶିଷ୍ଟଜନାନୁମୋଦିତ ନ ହୋଇଥିଲେ ମଧ୍ୟ, ଜନସାଧାରଣ ବ୍ୟବହାର କରୁଥିବା ଶବ୍ଦ ସମ୍ବଳିତ

"ସଭାରେ ବସିଅଛନ୍ତି କର୍ପୂରମାଳିଆ,
ଗାଣ୍ଡିଟାମାନ ତାଙ୍କର ଯେସନ ଓଳିଆ ।"

ପଙ୍‌କ୍ତିଟି ଉଦ୍ଧାର କରି ସେଥି ସକାଶେ ପରୀକ୍ଷାରେ ଅସଫଳ ବି ହୋଇଥିଲେ । ସେଇଥିପାଇଁ ହିଁ ସମାଜର ସଂଖ୍ୟାଧିକ ନିମ୍ନବର୍ଗର ଲୋକଙ୍କ ସହ ଅତି ସହଜରେ ଓ ଅନାୟାସରେ ମିଶିପାରୁଥିଲେ; ସେମାନଙ୍କ ସହ ନିଜକୁ ଚିହ୍ନିତ ଓ ସାମିଲ୍ କରିପାରୁଥିଲେ । ସେମାନଙ୍କର ଓ ତାଙ୍କ ମଧ୍ୟରେ ନ ଥିଲା କିଛି ବ୍ୟବଧାନ । ହୁଏତ ସେଇଥିପାଇଁ ପରବର୍ତ୍ତୀ କାଳରେ ନବ୍ୟସୃଷ୍ଟ ବା ହଠାତ୍ ଅତ୍ୟନ୍ତ ଲୋକପ୍ରିୟ ହୋଇଥିବା ଗଣତାନ୍ତ୍ରିକ ଆଦର୍ଶକୁ ଗ୍ରହଣ କରିନେବା ତାଙ୍କ ପକ୍ଷରେ ଅତ୍ୟନ୍ତ ସ୍ୱାଭାବିକ ହୋଇପଡ଼ିଥିଲା । ସେ ମୂଳତଃ ଥିଲେ ଜଣେ ମାନବତାବାଦୀ । ଉଚ୍ଚ-ଶିକ୍ଷାଦୀକ୍ଷାହୀନ, ବନ୍ୟା, ମରୁଡ଼ି ଓ ଦୁର୍ଭିକ୍ଷ ପରି ପ୍ରାକୃତିକ ବିପାକ-ପ୍ରପୀଡ଼ିତ ଦୀନଦରିଦ୍ର, ଦୁଃଖୀ (ଓଡ଼ିଆ), ବୁଭୁକ୍ଷୁ ଜନସାଧାରଣଙ୍କର ଦୁଃଖ ଅପନୋଦନ କରିବା, ସେମାନଙ୍କର ସେବା କରିବା ତ ହୋଇପଡ଼ିଥିଲା ତାଙ୍କ ଜୀବନର ବ୍ରତ । ବୋଧହୁଏ ଏଇ କାରଣରୁ ମହାତ୍ମା ଗାନ୍ଧୀ ଓ ତାଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ଏକ ଆତ୍ମିକ ବନ୍ଧନ ଓ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ପ୍ରତି ଏକ ଆକର୍ଷଣ ଅନୁଭବ କରିବା ତଥା ତାହାକୁ ଗ୍ରହଣ କରିନେବା ହୋଇଥିଲା ତାଙ୍କ ପକ୍ଷରେ ଏକାନ୍ତ ଭାବରେ ସହଜ ଓ ସ୍ୱାଭାବିକ ।

Digitized by srujanika@gmail.com

ଅବଶ୍ୟ ଜନସେବା ପ୍ରତି ତାଙ୍କର ସମସ୍ତ ଅଙ୍ଗୀକାରବଦ୍ଧତା ମଧ୍ୟରେ ଓଡ଼ିଆ ଭାଷାକୈନ୍ଦ୍ରିକ ଓଡ଼ିଆ ଜାତିପ୍ରେମ ବି ତାଙ୍କର ମୂଳରୁ ରହିଥିଲା । ସେ ପୁରୀ ଜିଲ୍ଲା ସ୍କୁଲରେ ଛାତ୍ର ଥିବା ସମୟରେ ସେତେବେଳେ ସଦ୍ୟ ସଂରଚିତ ଓଡ଼ିଆ ଜାତୀୟତାବାଦ/ଅସ୍ମିତାର ଅନ୍ୟତମ ଶଙ୍କୁ (ବା icon) ହୋଇପଡ଼ିଥିଲେ ଉପେନ୍ଦ୍ର ଭଞ୍ଜ (ଦ୍ର: Dash, G.N., 2011 especially pp. 182-89) । ତେଣୁ ସେଇ ଉପେନ୍ଦ୍ର ଭଞ୍ଜଙ୍କ ସମର୍ଥନରେ ଆଧୁନିକ କବିଙ୍କୁ ବିଦ୍ରୂପ କରି ସାମୟିକପତ୍ର, 'ଇନ୍ଦ୍ରଧନୁ'ରେ କବିତା ବି ଲେଖିଥିଲେ ସେ । କେବଳ ସେତିକି ନୁହେଁ, କଟକ ରେଭେନ୍‌ସା କଲେଜରେ ଛାତ୍ର ଥିବା ସମୟରେ ବି ଓଡ଼ିଆ ଭାଷା ପ୍ରତି କଲିକତା ବିଶ୍ୱବିଦ୍ୟାଳୟର ବୈମାତୃକ ଆଚରଣର ବିରୋଧରେ (ବନ୍ଧୁ ବ୍ରଜସୁନ୍ଦରଙ୍କ ସହ) ତାଙ୍କର ସଫଳ ସଂଗ୍ରାମ ମଧ୍ୟରେ ବି ଏହି ଓଡ଼ିଆ ଜାତିପ୍ରେମ ଆହୁରି ସ୍ପଷ୍ଟ ଭାବରେ ପ୍ରତିଭାତ ଓ ପ୍ରତିଫଳିତ ହୋଇଥିଲା (ଦ୍ର: ଦାଶ ଦେବେନ୍ଦ୍ର କୁମାର, ୨୦୧୦କ, ପୃ.୧୦-୧୩) । ପରବର୍ତ୍ତୀ କାଳରେ ତାଙ୍କର ଏହି ଓଡ଼ିଆ ଭାଷା ଓ ଜାତି ପ୍ରେମ ଆହୁରି ତୀବ୍ର ହୋଇଥିଲା ସିନା ହ୍ରାସ ପାଇନଥିଲା । ତାଙ୍କ ସାହିତ୍ୟକୃତିରେ ବି ଉପଲବ୍ଧ ତାହାର ପ୍ରତିଫଳନ । ତେବେ ଏହି ଓଡ଼ିଆ ଜାତିପ୍ରେମ ସହ ସେ ବି ମହାଭାରତୀୟ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ହୋଇଥିଲେ । ତେଣୁ ୧୯୦୬ରେ ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନର ପ୍ରାରମ୍ଭରେ ଗାନ କରାଯାଇଥିବା ତାଙ୍କଦ୍ୱାରା ରଚିତ 'ପ୍ରାର୍ଥନା' ସଙ୍ଗୀତର ପ୍ରାନ୍ତରେ ଥିଲା,

"ଘେନି ଅପୂର୍ବ ଉତ୍ସାହ ଯେ,
ଭାରତର ମହାଜାତୀୟ ତରଙ୍ଗେ ମିଶୁ ଉତ୍କଳ ପ୍ରବାହ ଯେ ।"

ପଙ୍‌କ୍ତିଟି (ତତ୍ରୈବ, ପୃ.୧୬; ନାୟକ, ସ୍ମରଣ କୁମାର,୨୦୦୪, ପୃ.୧୬୬) ।

ଉଭୟ ଉତ୍କଳ ଓ ମହାଭାରତୀୟ ଜାତୀୟତାବାଦର ସହାବସ୍ଥାନ ସାମାନ୍ୟ ଅସ୍ୱାଭାବିକ ବୋଲି ହେଉଥିଲେ ହେଁ, ସତ୍ୟ ଓ ସ୍ୱାଭାବିକ (ଦ୍ର: ଦାଶ, ଗଗନେନ୍ଦ୍ର ନାଥ, ୨୦୧୪କ, ପୃ.୨୪୩-୪୭) । କାରଣ ଓଡ଼ିଶାକୁ ବା ଓଡ଼ିଆ ଭାଷାଭାଷୀଅଞ୍ଚଳକୁ ସେ ପ୍ରାୟ ସର୍ବଦା ଭାରତର ଅଂଶବିଶେଷ ବୋଲି ଦେଖୁଥିଲେ । ସେ କାରଣରୁ ମହାତ୍ମା ଗାନ୍ଧୀଙ୍କଦ୍ୱାରା ଅନୁପ୍ରେରିତ ହୋଇ ଭାରତୀୟ ଜାତୀୟ କଂଗ୍ରେସରେ ଉତ୍କଳ ସମ୍ମିଳନୀର ଅସ୍ତିତ୍ୱକୁ/ଆତ୍ମସତ୍ତାକୁ, ପରୋକ୍ଷରେ ବା ପ୍ରତ୍ୟକ୍ଷରେ ହେଉ, ଲୀନ କରାଇଦେବା ବି ନ ଥିଲା ତାଙ୍କ ପକ୍ଷରେ ଆଦୌ ଏକ ଅସ୍ୱାଭାବିକ କାର୍ଯ୍ୟ ।

Digitized by srujanika@gmail.com

ତେବେ ମୂଳରୁ ତାଙ୍କର ଓଡ଼ିଆ ଜାତିପ୍ରେମ ଥିଲେ ମଧ୍ୟ ପ୍ରଥମେ ସେ ବ୍ରିଟିଶଶାସନର-ବିରୋଧୀ ନ ଥିଲେ । ଉଦାହରଣ ସ୍ୱରୂପ ସେ ୧୯୦୩ରେ ବି.ଏ. ପରୀକ୍ଷା ଦେବାର ଅବ୍ୟବହିତ ପରେ ଲେଖିଥିଲେ,

"ସୁସଭ୍ୟ ଇଂରେଜ ରାଜ-ପିତୃ ସୁଶାସନେ,
ଶତ ବର୍ଷ ଅନ୍ତେ ଏବେ ଉତ୍କଳ ଭୁବନେ,
ଫଳିଲା ପାଶ୍ଚାତ୍ୟ ଶିକ୍ଷା ସୁମଙ୍ଗଳ ଫଳ
ସମବେତ ଉଦ୍ୟମର ଅଦଭୂତ ବଳ ।" (ଦ୍ର: ଦାଶ, ଦେବେନ୍ଦ୍ର କୁମାର, ୨୦୧୦, ପୃ.୧୪; ନାୟକ, ସ୍ମରଣ କୁମାର, ୨୦୦୪, ପୃ.୧୬୪) । ଏଥିରୁ ମନେହୁଏ ଯେ ବ୍ରିଟିଶ ଶାସନ ସମ୍ପର୍କରେ ତାଙ୍କ ମନ ଅତ୍ୟନ୍ତ ଅନୁକୂଳାତ୍ମକ ଥିଲା । ଏପରି କି ପରେ ୧୯୧୨ରେ ପୁରୀ ଜିଲ୍ଲା ଶିକ୍ଷା ସମ୍ମିଳନୀରେ ସେ ସମ୍ରାଟ ପଞ୍ଚମ ଜର୍ଜଙ୍କ ଉକ୍ତି ଉଦ୍ଧାର କରିବାପାଇଁ ବି କୁଣ୍ଠିତ ହୋଇନଥିଲେ (ଦ୍ର: ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ, ୧୯୭୫, ପୃ.୧୭୧) । ତା ସହ ତାଙ୍କ ମନ ଅବଶ୍ୟ ହିନ୍ଦୁଭାବରେ ବି ଅନୁପ୍ରେରିତ ଥିଲା । ତାଙ୍କ ସହ ଲୋକସେବକ ମଣ୍ଡଳ ମାଧ୍ୟମରେ ସମ୍ପର୍କାନ୍ୱିତ ଲାଲା ଲଜପତ ରାୟ ମଧ୍ୟ ତାହା ଲକ୍ଷ୍ୟ କରିପାରିଥିଲେ ଓ ତାଙ୍କ ଅକାଳ ତିରୋଧାନରେ ଶୋକ ପ୍ରକାଶ ଅବକାଶରେ ଲେଖିଥିଲେ, "He was possessed of a deep religious faith of the extreme orthodox type and by his high personal character showed that what helped men to be good and pure was not belief in creeds and doctrines but religion lived. The will he dictated on his death bed makes a provision for the continuation of his family *deval* worship." (Rath, Radhanath, no date, Pandit Gopabandhu Das. Life-sketch and messages on his death. । ଏହା ହୁଏତ ଥିଲା ତାଙ୍କ ଉପରେ ପଡ଼ିଥିବା ହିନ୍ଦୁ-ଜାତୀୟତାବାଦର ପରୋକ୍ଷ ଫଳଶ୍ରୁତି (ଦ୍ର: Dash, G.N., 1978, p.371/2014, pp.466-67 । ହିନ୍ଦୁ-ଜାତୀୟତାବାଦ ସମ୍ପର୍କରେ ଅଧିକ ଜାଣିବାପାଇଁ ଦ୍ର: ଦାଶ, ଗଗନେନ୍ଦ୍ର ନାଥ, ୨୦୧୪କ,ପୃ.୨୭୪-୩୨୬) । ଅବଶ୍ୟ ତାଙ୍କର ଏଇ ହିନ୍ଦୁଭାବରେ ବି ଲାଗିଥିଲା ସଙ୍କୀର୍ଣ୍ଣତାର ନୁହେଁ, ଉଦାରତାର ସ୍ପର୍ଶ । ତାର ଏକ କାରଣ ହେଉଛି, ସେ ମୂଳତଃ ଥିଲେ ମାନବତାବାଦୀ । ସେ କାରଣରୁ ୧୯୦୭ରେ ପ୍ରକାଶିତ ବ୍ରାହ୍ମଣ ସମିତି ଛାତ୍ରାବାସରେ ସମବେତ ଛାତ୍ରମାନଙ୍କ ପ୍ରତି କବିତାରେ ସେ ଲେଖିଥିଲେ,

Digitized by srujanika@gmail.com

"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ,
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।"

(ଦ୍ର: ଦାଶ, ଦେବେନ୍ଦ୍ର କୁମାର, ୨୦୧୦କ, ପୃ.୯୭-୯୮; ନାୟକ, ସ୍ମରଣ କୁମାର ୨୦୦୪, ପୃ.୧୮୧) ।

କିନ୍ତୁ ଚକ୍ରଧରପୁର ଉତ୍କଳ ସମ୍ମିଳନୀ ସମୟରେ ସେ ସମ୍ପୂର୍ଣ୍ଣ ଭାବରେ ବ୍ରିଟିଶ-ବିରୋଧୀ ଭୂମିକା ନେଇଥିଲେ । ତେଣୁ ବର୍ତ୍ତମାନ ପ୍ରଶ୍ନ ହେଉଛି ଠିକ୍ କେବେ ସେ ବ୍ରିଟିଶଶାସନ-ବିରୋଧୀ ହୋଇପଡ଼ିଲେ ? ତା ପୁଣି କାହିଁକି ଓ କିପରି ? ଅର୍ଥାତ୍ କେଉଁ (କେଉଁ) କାରଣରୁ ତାଙ୍କ ମନରେ ବ୍ରିଟିଶବିରୋଧୀ ଚିନ୍ତାଧାରା ଜାଗ୍ରତ ହେଲା ଓ ତା ବି ହେଲା ହଠାତ୍ ନା ଧୀରେ ଧୀରେ ? ତା ଅବଶ୍ୟ ବିଶେଷ ଅଧ୍ୟୟନ ଓ ଗବେଷଣାସାପେକ୍ଷ, ଯାହା ମୁଁ ଏ ପର୍ଯ୍ୟନ୍ତ କରିପାରିନାହିଁ । ତେବେ ମୋର ଧାରଣା ଯେ ୧୯୦୫ରେ ବଙ୍ଗ-ଭଙ୍ଗ ଜନିତ ସ୍ୱଦେଶୀ ଆନ୍ଦୋଳନ ହିଁ ହୁଏତ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ପରୋକ୍ଷ, ଭୂମିକା ଗ୍ରହଣ କରିଥିଲା ଓ ତାଙ୍କ ମନରେ ଏପରି ଏକ ସଚେତନତା ସୃଷ୍ଟିକରିପାରିଥିଲା । ଅବଶ୍ୟ ୧୯୦୫ର ଠିକ୍ ସେଇ ବଙ୍ଗ-ବିଭାଜନ ସହ ଓଡ଼ିଶାରେ ସମ୍ବଲପୁରର ମିଶ୍ରଣ ଓ ସେଠାରେ ଓଡ଼ିଆ ଭାଷାର ପ୍ରଚଳନ ହେତୁ ସେ ବରଂ ବ୍ରିଟିଶ୍-ସରକାରଙ୍କ ନିକଟରେ କୃତଜ୍ଞ ହୋଇଥିବା ସ୍ୱାଭାବିକ ଥିଲା । (ସେତେବେଳର ଗୋପବନ୍ଧୁଙ୍କର ମନୋଭାବ ଜାଣିବାପାଇଁ କୌଣସି ଉପାଦାନ ମୁଁ ଅବଶ୍ୟ ସଂଗ୍ରହ କରିପାରିନାହିଁ । ତେବେ ଭାରତଚନ୍ଦ୍ର ନାୟକଙ୍କ ଆତ୍ମଜୀବନୀରୁ ଜଣାଯାଏ ୧୯୦୫ର ଅକ୍ଟୋବର ୧୬ ତାରିଖକୁ ବଙ୍ଗରେ ଶୋକଦିବସ ରୂପେ ପାଳନ କରାଯାଇଥିବା ସମୟରେ କଲିକତା-ପ୍ରବାସୀ ସମ୍ବଲପୁରର ଛାତ୍ରମାନେ ସେଦିନ ଆନନ୍ଦୋତ୍ସବ ପାଳନ କରିଥିଲେ । କିନ୍ତୁ ଗୋପବନ୍ଧୁଙ୍କର ଅନୁଗାମୀ ଓ ତାଙ୍କର ପଟ୍ଟଶିଷ୍ୟ ପଣ୍ଡିତ ନୀଳକଣ୍ଠ ସେମାନଙ୍କୁ ଆନନ୍ଦୋତ୍ସବ ପାଳନ ନ କରି ବରଂ ବଙ୍ଗବାସୀଙ୍କ ପରି ସେ ଦିନଟିକୁ ଶୋକଦିବସ ରୂପେ ପାଳନ କରିବାପାଇଁ ପ୍ରବର୍ତ୍ତାଇବାର ଅସଫଳ ପ୍ରଚେଷ୍ଟା କରିଥିଲେ, ଯାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ (ଦ୍ର: ପାଢ଼ୀ, ଶଙ୍କର ପ୍ରସାଦ ଓ ସୂପକାର ଶ୍ରଦ୍ଧାକର, ୧୯୯୬, ପୃ.୬୫-୬୬) ।

ତା ପରେ ସତ୍ୟବାଦୀ ବିଦ୍ୟାଳୟକୁ ସ୍ୱୀକୃତି ଦେବାରେ ସରକାରଙ୍କ ପ୍ରାଥମିକ କୁଣ୍ଠା ଓ ବିଶେଷ ଭାବରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଆଦି ବ୍ରିଟିଶ ଶାସନର ଅନ୍ୟାନ୍ୟ କେତେକ ଅପାରଗତା ତଥା ଦୋଷଦୁର୍ବଳତା ପ୍ରତି ସେ କ୍ରମଶଃ ଅଧିକରୁ ଅଧିକ ସଚେତନ ହେଉଥିଲେ ଯଦିଓ ତା ସ୍ପଷ୍ଟ ରୂପ ପରିଗ୍ରହ କରିପାରୁନଥିଲା । ୧୯୧୯-

Digitized by srujanika@gmail.com

୨୦ରେ ଓଡ଼ିଶାରେ, ବିଶେଷ ଭାବରେ ପୁରୀ ଜିଲ୍ଲାରେ (ଡଭାର ଅଞ୍ଚଳରେ) ପଡ଼ିଥିବା ଭୀଷଣ ଦୁର୍ଭିକ୍ଷ ଓ ତାହାର ପ୍ରତିକାରପାଇଁ ବ୍ରିଟିଶ ସରକାରଙ୍କର ଅନାଗ୍ରହ ମଧ୍ୟ ସେହି ବ୍ରିଟିଶ ବିରୋଧୀ ମନୋଭାବକୁ ତୀବ୍ର କରିବାପାଇଁ ଯୋଗାଇଦେଇଥିଲା ଇନ୍ଧନ । କାରଣ ତାଙ୍କର ବ୍ରିଟିଶ ବିରୋଧୀ ମନୋଭାବର ଅନ୍ତରାଳରେ ତ ଥିଲା ଲୋକସାଧାରଣଙ୍କର ବା ସାଧାରଣ ଜନତାର ଦୁଃଖଶୋକ ଅପନୋଦନର ବ୍ରତ । ତେଣୁ ଦୁର୍ଭିକ୍ଷ-ପ୍ରପୀଡ଼ିତ ଅସହାୟ ଜନସାଧାରଣଙ୍କର ଦୁଃଖ ଅପନୋଦନପାଇଁ, ତାର ପ୍ରତିକାରପାଇଁ ବ୍ରିଟିଶ ସରକାରଙ୍କ ଅନାଗ୍ରହ ଓ ସମ୍ପୂର୍ଣ୍ଣ ଉଦାସୀନତା ତାଙ୍କ ବ୍ରିଟିଶ-ବିରୋଧୀ ମନୋଭାବରେ ଇନ୍ଧନ ଯୋଗାଇଥିବା ଥିଲା ଅତ୍ୟନ୍ତ ସ୍ୱାଭାବିକ । ବରଂ ମହାତ୍ମା ଗାନ୍ଧୀ ସେତେବେଳେ ଦୁର୍ଭିକ୍ଷ ପ୍ରପୀଡ଼ିତ ଜନସାଧାରଣଙ୍କପାଇଁ ସହାୟତାର ହାତ ବଢ଼ାଇ ଆର୍ଥିକ ସାହାଯ୍ୟ ଓ ସେମାନଙ୍କର ସେବା କରିବାପାଇଁ ଠକ୍କର ବାପା ନାମରେ ପରିଚିତ ତାଙ୍କର ଅନୁଗାମୀ ଅମୃତଲାଲ ଠକ୍କରଙ୍କୁ ଓଡ଼ିଶାକୁ ପଠାଇ (ଦାଶ, ପଣ୍ଡିତ, ସୂର୍ଯ୍ୟନାରାୟଣ, ୧୯୭୫, ପୃ.୨୯୨-୯୩) ହୋଇପାରିଥିଲେ ଗୋପବନ୍ଧୁଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ । ଉଭୟଙ୍କ ମଧ୍ୟରେ ତା ମାଧ୍ୟମରେ ସ୍ଥାପିତ ହୋଇପାରିଥିଲା ଯେପରି ଏକ ଆତ୍ମିକ ବନ୍ଧନ । ତେଣୁ ଗୋପବନ୍ଧୁ ଯେତେବେଳେ ତାଙ୍କର ବ୍ରିଟିଶବିରୋଧୀ ମନୋଭାବକୁ ଦୃଢ଼ ତଥା ଶାଣିତ ଭାବରେ ପରିପ୍ରକାଶର କୌଣସି ସ୍ପଷ୍ଟ ଯୋଜନା କରିପାରୁନଥିଲେ ଠିକ୍ ସେତିକିବେଳେ ଭାରତର ରାଜନୀତିକ ରଙ୍ଗମଞ୍ଚରେ ମହାତ୍ମା ଗାନ୍ଧୀଙ୍କ ଆବିର୍ଭାବ ହିଁ ଗୋପବନ୍ଧୁଙ୍କର ବ୍ରିଟିଶ ଶାସନ ବିରୋଧୀ ମନୋଭାବକୁ ତଥା ତାହାର ବିରୋଧ କରିବାର କାର୍ଯ୍ୟକ୍ରମକୁ ସ୍ପଷ୍ଟ ରୂପରେଖ ଦେଇଥିଲା । ତେଣୁ ସେ ଦିନ ଅସହଯୋଗ ଦୀକ୍ଷାରେ ଦୀକ୍ଷିତ ହୋଇ ନାଗପୁର ଜାତୀୟ କଂଗ୍ରେସର ଅଧିବେଶନରୁ ପ୍ରତ୍ୟାଗତ ଗୋପବନ୍ଧୁ ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ବ୍ରିଟିଶ-ବିରୋଧୀ ଭୂମିକା ଗ୍ରହଣ କରିଥିବା ବି ଅତ୍ୟନ୍ତ ସ୍ୱାଭାବିକ ଥିଲା । (ଅବଶ୍ୟ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିକୋଣ ସହ ଗୋପବନ୍ଧୁଙ୍କ ଦୃଷ୍ଟିକୋଣର ବହୁ ସାମଞ୍ଜସ୍ୟ ଥିଲେ ମଧ୍ୟ ଗୋପବନ୍ଧୁ ମୂଳତଃ ଭାବପ୍ରବଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । କିନ୍ତୁ ମଧୁସୂଦନଙ୍କ ପରି ମହାତ୍ମା ଗାନ୍ଧୀ ଥିଲେ ଅତ୍ୟନ୍ତ ଯୁକ୍ତିପ୍ରବଣ ।)

(୭)

(୭.) ରାଜନୀତି କ୍ଷେତ୍ରରେ ଗୋପବନ୍ଧୁଙ୍କ ଆବିର୍ଭାବର, ତାଙ୍କ ରାଜନୀତିକ ଆଦର୍ଶ ଓ କର୍ମଯୋଜନା ସମ୍ପର୍କରେ କେବଳ ପ୍ରାସଙ୍ଗିକ ଭାବରେ ସଂକ୍ଷିପ୍ତ ସୂଚନା ଦେବା ପରେ ବର୍ତ୍ତମାନ ରାଜନୀତିକ କ୍ଷେତ୍ରରେ ମଧୁବାବୁ ଓ ଗୋପବନ୍ଧୁଙ୍କ ମଧ୍ୟରେ

Digitized by srujanika@gmail.com

ହୋଇଥିବା ଆଦର୍ଶଗତ ପାର୍ଥକ୍ୟ, ବିରୋଧ ତଥା ସଂଘର୍ଷ ସମ୍ପର୍କରେ ସାମାନ୍ୟ ଆଲୋକପାତ କରାଯାଉ । ସେ ପ୍ରସଙ୍ଗରେ ଦେବେନ୍ଦ୍ର କୁମାର ଦାଶଙ୍କର ଗୋଟିଏ ପ୍ରଶ୍ନ ହେଉଛି, "ଦ୍ୱିତୀୟତଃ ଉତ୍କଳ ସମ୍ମିଳନୀର କ୍ଷମତା ସଂଘର୍ଷରେ (ଯଦି ଥାଏ ?) ଗୋପବନ୍ଧୁଙ୍କ ବିଜୟ କଣ ଆକସ୍ମିକ ଥିଲା ?" (ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ପୃ.ବ) । ଏହି ତଥାକଥିତ 'କ୍ଷମତା ସଂଘର୍ଷ'ର ଶୀର୍ଷବିନ୍ଦୁ ଥିଲା ଚକ୍ରଧରପୁର ଉତ୍କଳ ସମ୍ମିଳନୀ, ତେଣୁ ପ୍ରଥମେ ସେହି ଚକ୍ରଧରପୁର ଉତ୍କଳ ସମ୍ମିଳନୀକୁ ମୁଖ୍ୟତଃ କେନ୍ଦ୍ର କରି ଆଲୋଚନା କରାଯାଉ । ସେହି ଅଧିବେଶନରେ ପାଖାପାଖି ୨୦୦ ପ୍ରତିନିଧି ଓ ୬୦୦ ଦର୍ଶକ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଥିଲେ ସିଂହଭୂମିର, ଯେଉଁମାନଙ୍କ ଉପରେ ସ୍ଥାନୀୟ ନେତା ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କର ଅଖଣ୍ଡ ପ୍ରଭାବ ଥିଲା (ଦ୍ର: The Oriya, 4/1, January 5, 1921, p.2 and 4/2, January 12, 1921, pp. 12 & 13) ।

ଦେବେନ୍ଦ୍ର କୁମାରଙ୍କ ଉପରୋକ୍ତ ପ୍ରଶ୍ନରେ 'କ୍ଷମତା ସଂଘର୍ଷ' ଓ 'ଗୋପବନ୍ଧୁଙ୍କ ବିଜୟ' ପରି ଅଭିବ୍ୟକ୍ତି ବ୍ୟବହୃତ ହୋଇଥିବାରୁ ସେ ମଧୁସୂଦନ ଓ ଗୋପବନ୍ଧୁଙ୍କ ମଧ୍ୟରେ ବ୍ୟକ୍ତିଗତ ସ୍ତରରେ ବିରୋଧ ଥିବାର ସୂଚନା ଦେଇଛନ୍ତି ବୋଲି ଧାରଣା ହୋଇପାରେ । ଅବଶ୍ୟ ୧୯୦୪ରେ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ତାଙ୍କୁ ବହିଷ୍କାର କରାଯାଇଥିବାର (ଦ୍ର: ଦାଶ, ଦେବେନ୍ଦ୍ରକୁମାର, ୨୦୧୦କ, ପୃ.୧୫-୧୬) ରାଜନୀତିକ ପ୍ରତିଶୋଧ ଯେପରି ସେ ଦିନ ଗୋପବନ୍ଧୁ ନେଉଥିଲେ ବୋଲି ଆପାତଃ ମନେହୋଇପାରେ । ପୁଣି ଚକ୍ରଧରପୁର ଅଧିବେଶନରେ ସଭାପତି ପଦପାଇଁ ଜଗବନ୍ଧୁ ସିଂହଙ୍କ ନାମ ପ୍ରସ୍ତାବିତ ହେବା ସମୟରେ ସେହି ପ୍ରସ୍ତାବର ପ୍ରସ୍ତାବକ ଓ ସମର୍ଥକମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବେ ସଭାପତି ହେବାକୁ ନାସ୍ତି କରିଦେଇଥିବାରୁ ସେଠାରେ ଅନୁପସ୍ଥିତ ମଧୁସୂଦନଙ୍କୁ ଅତ୍ୟନ୍ତ ଅବାନ୍ତର ଭାବରେ ତୀବ୍ର ସମାଲୋଚନା କରିଥିଲେ (ଦ୍ର: The Oriya, 4/1, January 5, 1921, p.2) । ତା ସହ ପୁଣି ଅଧିବେଶନର ଦ୍ୱିତୀୟ ଦିବସରେ ପ୍ରତିନିଧି ଓ ଦର୍ଶକମାନେ (ଯେତେଦୂର ଅନୁମିତ ହୁଏ, ଉତ୍କଳମାତା ବା ଉତ୍କଳ-ଜନନୀଙ୍କ ନାମରେ କୌଣସି ଜୟଧ୍ୱନି ନଦେଇ) ଗାନ୍ଧିଜୀ ଓ ଗୋପବନ୍ଧୁଙ୍କ ନାମରେ ମଧ୍ୟେ ମଧ୍ୟେ ଜୟଧ୍ୱନି ଦେଇଥିଲେ (ଦ୍ର: The Oriya, 4/2, January 12, 1921, pp. 12 & 14) । ଏହା ମାଧ୍ୟମରେ ସେମାନେ ଯେପରି ଦୁଇ ଜାତୀୟତାବାଦ ତଥା ଦୁଇ ଅନୁଷ୍ଠାନ ମଧ୍ୟରେ ହେଉଥିବା ସଂଘାତକୁ ଏକ ବ୍ୟକ୍ତି-ସଂଘର୍ଷରେ ପରିଣତ କରିଦେବାର ପ୍ରଚେଷ୍ଟା କରୁଥିଲେ ବୋଲି ମୁଁ ସ୍ୱୀକାର ବି କରୁଛି ।

Digitized by srujanika@gmail.com

କିନ୍ତୁ ସେହି ସଭାମଞ୍ଚରେ ମାତ୍ର ରାତିକ ମଧ୍ୟରେ ପଟା/ଭୂମିକା ପରିବର୍ତ୍ତନ କରିଥିବା - ଅର୍ଥାତ୍ ପୂର୍ବ ରାତିରେ ବିଷୟ ନିର୍ବାଚନ କମିଟିରେ ବ୍ରଜସୁନ୍ଦରଙ୍କ ପ୍ରସ୍ତାବକୁ ସମର୍ଥନ ଜଣାଇ ତା ପର ଦିନ ସଭାମଞ୍ଚ ଉପରୁ ବ୍ରଜସୁନ୍ଦରଙ୍କ ପ୍ରସ୍ତାବକୁ ବିରୋଧ କରିଥିବା (ଦ୍ର: The Oriya, 4/2, January 12, 1921, p.13) - ସିଂହଭୂମିର ପ୍ରତିନିଧିମାନଙ୍କ ଉପରେ ବିଶେଷ ପ୍ରଭାବଥିବା ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ଏକ ଅଭିଯୋଗର ଉତ୍ତରରେ ଗୋପବନ୍ଧୁଙ୍କ ପ୍ରସ୍ତାବର ତୀବ୍ର ବିରୋଧ କରୁଥିବା ବ୍ରଜସୁନ୍ଦର ତାହା ବ୍ୟକ୍ତିଗତ ବିରୋଧ ନୁହେଁ, କିନ୍ତୁ ଏକ ନୀତିଗତ ବିରୋଧ ବୋଲି ଦୃଢ଼ ଓ ସ୍ପଷ୍ଟ ଭାବରେ କହିଥିଲେ । ତେଣୁ ମୁଁ ତାହାକୁ ମୂଳତଃ କ୍ଷମତା-ସଂଘର୍ଷ ନ କହି ଆଦର୍ଶଗତ ସଂଘର୍ଷ ବୋଲି ହିଁ କହିବି । ସେହି ଚକ୍ରଧରପୁର ଅଧିବେଶନରେ ନିଜ ପ୍ରସ୍ତାବ ଉପସ୍ଥାପନ କରି ଗୋପବନ୍ଧୁ ଯାହା ସେ ଦିନ କହିଥିଲେ, ତାର ମୂଳ ସ୍ୱର ବି ଥିଲା ଆଦର୍ଶଗତ ବିରୋଧର ସ୍ୱର (ଦ୍ର: ମିଶ୍ର, ପୂର୍ଣ୍ଣଚନ୍ଦ୍ର, ୨୦୧୦, ପୃ. ୨୯-୩୦, The Oriya, 4/2, January 12, 1921, pp.12-13) ।

ତା ବ୍ୟତୀତ ମାତ୍ର ଅଳ୍ପ କାଳ ପୂର୍ବେ ୧୯୧୮ରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ୧୩ଶ ଅଧିବେଶନର ଅବ୍ୟବହିତ ପରେ ବିଶ୍ୱନାଥ କରଙ୍କ ସମ୍ପାଦିତ 'ଉତ୍କଳ ସାହିତ୍ୟ' ପୃଷ୍ଠାରେ ମଧୁବାବୁଙ୍କୁ ତୀବ୍ର ସମାଲୋଚନା କରିଥିବା ବାଗ୍ମୀପ୍ରବର ବିଶ୍ୱନାଥ କର ଓ ଆଡ଼ଭୋକେଟ୍ ଚିନ୍ତାମଣି ଆଚାର୍ଯ୍ୟ ମଧ୍ୟ ଗୋପବନ୍ଧୁଙ୍କ ପ୍ରସ୍ତାବର ବିରୋଧ କରିବାପାଇଁ ବ୍ରଜସୁନ୍ଦର ଦାସଙ୍କ ନେତୃତ୍ୱରେ ଚକ୍ରଧରପୁରରେ ଉପସ୍ଥିତ ହୋଇଥିଲେ । କାରଣ ସେମାନେ ବ୍ୟକ୍ତି ମଧୁସୂଦନଙ୍କୁ ତଥା ତାଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଆଭିମୁଖ୍ୟ ଓ ପରିଚାଳନାକୁ ମଧ୍ୟ ବିରୋଧ କରୁଥିଲେ । ସମ୍ମିଳନୀର ଆଭିମୁଖ୍ୟ ଓ ପରିଚାଳନାରେ ପରିବର୍ତ୍ତନ ହୋଇ ତା ବ୍ୟକ୍ତି-କୈନ୍ଦ୍ରିକ ନ ହୋଇ ଓଡ଼ିଶା-କୈନ୍ଦ୍ରିକ ହେଉ, କିନ୍ତୁ 'ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅସ୍ତିତ୍ୱ ରହୁ' ନୀତିକୁ ସେମାନେ ସେଦିନ ସମର୍ଥନ କରୁଥିଲେ ଓ ସେଇ କାରଣ ତଥା ସେଇ ଦୃଷ୍ଟିରୁ ହିଁ ସେମାନେ ଗୋପବନ୍ଧୁଙ୍କ ପ୍ରସ୍ତାବର ବିରୋଧ କରୁଥିଲେ । ଅବଶ୍ୟ ସେଦିନ ସେମାନଙ୍କର ବାଗ୍ମିତା ଓ ଆଡ଼ଭୋକେସି ଭାରତୀୟ ଜାତୀୟ କଂଗ୍ରେସର ସର୍ବଗ୍ରାସୀ କବଳରୁ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅସ୍ତିତ୍ୱ ବା ସ୍ଥିତିକୁ ରକ୍ଷା କରିବାପାଇଁ ଅସମର୍ଥ ହୋଇଥିଲା । ତେବେ ତା ତ ଏକ ସ୍ୱତନ୍ତ୍ର ବିଷୟ, ଯାହା ବି ନିମ୍ନରେ ଆଲୋଚିତ ହେବ । କିନ୍ତୁ ତା ପୂର୍ବରୁ ଉଭୟ ମଧୁବାବୁ ଓ ଗୋପବନ୍ଧୁଙ୍କ ମଧ୍ୟରେ 'ବ୍ୟକ୍ତିଗତ' ବିରୋଧ ବିଷୟରେ ମୁଁ ବହୁ ବର୍ଷ ପୂର୍ବେ, ୧୯୮୧ରେ ସୁରେନ୍ଦ୍ର ମହାନ୍ତିଙ୍କ

Digitized by srujanika@gmail.com

'କୁଳବୃଦ୍ଧ'ର ଆଲୋଚନା ପ୍ରସଙ୍ଗରେ ଯାହା ଲେଖିଥିଲି ତାହାର ଏକ ଉଦ୍ଧୃତି ଏଠାରେ ଦିଆଯାଇପାରେ, କାରଣ ଦେବେନ୍ଦ୍ର କୁମାର ଦାଶ ମୋର ସେଇ ଆଲୋଚନାକୁ ତାଙ୍କ ବିଚାର-ପରିସରର ଅନ୍ତର୍ଭୁକ୍ତ କରିନାହାଁନ୍ତି ଓ ମୋର ସେ ଦିନର ସେଇ ବକ୍ତବ୍ୟ ଏବେ ବି ତାର ଓଜନ ହରାଇନାହିଁ ବୋଲି ମୋର ବିନୀତ ମତ ।

"ପୁସ୍ତକର ବିଭିନ୍ନ ସ୍ଥାନରେ ଉଲ୍ଲେଖ ଥିଲେ ମଧ୍ୟ ... ... ଏହି ଆଦର୍ଶଗତ ସଂଘର୍ଷରେ ମଧୁସୂଦନଙ୍କ ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ରୂପେ 'କୁଳବୃଦ୍ଧ'ର ରଙ୍ଗମଞ୍ଚରେ ଗୋପବନ୍ଧୁଙ୍କୁ ଅବତୀର୍ଣ୍ଣ କରାଇବାରେ କିଞ୍ଚିତ କୁଣ୍ଠା, ତାଙ୍କୁ ଅନ୍ତରାଳରେ ରଖାଇବାରେ କିଞ୍ଚିତ ପ୍ରବଣତା ଏଥିରେ ଲକ୍ଷ୍ୟ କରାଯାଇପାରେ । କିନ୍ତୁ ଗୋପବନ୍ଧୁଙ୍କୁ ବାଦ୍ ଦେଇ ବା ମଧୁସୂଦନଙ୍କ ଆଦର୍ଶର ପ୍ରଧାନ ପ୍ରତିପକ୍ଷ ରୂପେ ତାଙ୍କୁ ଠିଆ ନ କରାଇ ମଧୁସୂଦନଙ୍କ ପୂର୍ଣ୍ଣାଙ୍ଗ ଜୀବନଚରିତ ରଚନା କରିବା ସମ୍ଭବ ନୁହେଁ ।

ପୁଣି ଏଇ ସଂଘର୍ଷର ଚିତ୍ର ଦେବା ସମୟରେ ମଧୁସୂଦନଙ୍କୁ, ତାଙ୍କ ନେତୃତ୍ୱକୁ ଓ ତାଙ୍କ ଆଦର୍ଶକୁ ବିରୋଧ କରୁଥିବା ବ୍ୟକ୍ତି, ନେତୃତ୍ୱ ଓ ଆଦର୍ଶ ପ୍ରତି ଲେଖକ ଯେତିକି ଉଦାର ଓ ସହନଶୀଳ ହେବାର କଥା ତା ହୋଇପାରିନାହାଁନ୍ତି । ... ... ମଧୁସୂଦନ ଓ ଗୋପବନ୍ଧୁଙ୍କ ମଧ୍ୟରେ ହୋଇଥିବା ସଂଘର୍ଷକୁ ବ୍ୟକ୍ତିଗତ କଳିକଜିଆ ନୁହେଁ, ଆଦର୍ଶଗତ ସଂଘର୍ଷ ବୋଲି ବିଚାର କରାଯିବା ଉଚିତ । ବ୍ୟକ୍ତିଗତ ଭାବରେ ଉଭୟଙ୍କ ମଧ୍ୟରେ ବେଶ୍ ସଦ୍ଭାବ ଥିଲା ବୋଲି ଅନୁମାନ କରିବାପାଇଁ ଯଥେଷ୍ଟ କାରଣ ଅଛି । ମୟୂରଭଞ୍ଜ ରାଜ୍ୟର ସରକାରୀ ଓକିଲ (state pleader) ଭାବରେ ଗୋପବନ୍ଧୁ ଯୋଗ ଦେବା ପଛରେ ଯେତେଦୂର ସମ୍ଭବ ମଧୁସୂଦନଙ୍କର ପ୍ରଚ୍ଛନ୍ନ ହାତ ଥିଲା । ମୟୂରଭଞ୍ଜ ରାଜ୍ୟରେ ଉଚ୍ଚ ରାଜକର୍ମଚାରୀ ଭାବରେ ବଙ୍ଗାଳୀମାନେ ନିଯୁକ୍ତି ପାଇବାରୁ ଓଡ଼ିଶାରେ ତାର ତୀବ୍ର ସମାଲୋଚନା ହୁଏ । ତେଣୁ ମହାରାଜା ଶ୍ରୀରାମଚନ୍ଦ୍ର ଜଣେ ଯୋଗ୍ୟ ତଥା ସଚ୍ଚୋଟ ଓଡ଼ିଆ ଲୋକ ଖୋଜି ବାହାର କରିବାକୁ ମଧୁସୂଦନଙ୍କୁ ଅନୁରୋଧ କରନ୍ତି । ଏଇ ଚାଲେଞ୍ଜ୍‌ର ଜବାବରେ ମଧୁସୂଦନ ଗୋପବନ୍ଧୁଙ୍କୁ ପଠାଇଥିଲେ ମୟୂରଭଞ୍ଜ । ପୁଣି ୧୯୧୮ର ଉତ୍କଳ ସମ୍ମିଳନୀରେ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନେ ମଧୁସୂଦନଙ୍କୁ ଯେପରି ସାହାଯ୍ୟ କରିଥିଲେ ତାର ସୂଚନା ପୂର୍ବେ ଦିଆଯାଇଛି । ଗୋପବନ୍ଧୁଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ମଧୁସୂଦନ ତାଙ୍କ ପାଖକୁ ଏକ ଚିଠିରେ ଲେଖିଥିଲେ. "I am anxious for your health ... You are the only person with whom I should like to pray in my death bed" (ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ, ୧୯୭୬, ପୃ.୪୨୪ ଓ ପରିଶିଷ୍ଟ- ୧/୧୯୮୮, ପୃ.୪୨୨ ଓ ପରିଶିଷ୍ଟ-୧) ।

Digitized by srujanika@gmail.com

ଗୋପବନ୍ଧୁଙ୍କ ମୃତ୍ୟୁରେ ଏକ ବାର୍ତ୍ତା ଦେଇ ମଧୁସୂଦନ କହିଥିଲେ, 'କେତେ ବର୍ଷ ଆମେ ଦୁହେଁ ଏକାଠି ବସି କଥାବାର୍ତ୍ତା ହୋଇନାହୁଁ, ଓଡ଼ିଶାର ଭବିଷ୍ୟତ ଏକତ୍ର ବିଚାର କରିନାହୁଁ । ଆମ୍ଭମାନଙ୍କ ଜୀବନ ଅଲଗା ହେଲେ କ'ଣ ହେବ, ଆମ୍ଭମାନଙ୍କ ମତଦ୍ୱୈଧ ଥିଲେ କ'ଣ ହେବ ଗୋପବନ୍ଧୁଙ୍କ ଜୀବନ ମହତ, ଏହା ଉତ୍କଳର ଜାତୀୟ ସମ୍ପଦ ।' (ତତ୍ରୈବ, ୧୯୭୬, ପୃ.୪୨୩/୧୯୮୮, ପୃ.୪୨୦) । ଏଥିରୁ ଉଭୟଙ୍କ ମଧ୍ୟରେ ବ୍ୟକ୍ତିଗତ ସଦ୍ଭାବ ଓ ଆନ୍ତରିକତା ଥିବାର ସ୍ପଷ୍ଟ ସୂଚନା ମିଳେ । ଲେଖକ 'କୁଳବୃଦ୍ଧ'ରେ ମଧ୍ୟ ଏକାଧିକ ସ୍ଥାନରେ ଏହାର ସୂଚନା ଦେଇଅଛନ୍ତି ।" (ଦାଶ, ଗଗନେନ୍ଦ୍ର ନାଥ, ୨୦୦୪, ପୃ.୧୯୭-୯୮) । ଶେଷରେ ମଧୁସୂଦନ ତାଙ୍କ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଆଦର୍ଶଗତ ଓ ନୀତିଗତ ସମସ୍ତ ବିରୋଧର ଊର୍ଦ୍ଧ୍ୱକୁ ଯାଇ ଗୋପବନ୍ଧୁଙ୍କ ଘନିଷ୍ଠ ସହଯୋଗୀ ପଣ୍ଡିତ ନୀଳକଣ୍ଠଙ୍କୁ ଓଡ଼ିଶାର ଉତ୍ତର ନେତୃତ୍ୱର ଦାୟିତ୍ୱ ଦେବାଦ୍ୱାରା ମଧ୍ୟ ସୂଚିତ ହୁଏ ଯେ ଉଭୟଙ୍କ ମଧ୍ୟରେ ବ୍ୟକ୍ତିଗତ କଳିକଜିଆ ନ ଥିଲା ।

(୮)

(୮.) ବର୍ତ୍ତମାନ ଆମେ ପୁଣିଥରେ ଚକ୍ରଧରପୁର ଉତ୍କଳ ସମ୍ମିଳନୀ ନିକଟକୁ ଫେରିଆସିବା । ପ୍ରକୃତପକ୍ଷେ ୧୯୦୩ରେ ମଧୁବାବୁଙ୍କର ଓଡ଼ିଆମାନଙ୍କର ରାଜନୀତିକ ଚେତନାକୁ ଜାଗ୍ରତ କରିବା ଓ ଏକ ରାଜନୀତିକ ସଙ୍ଗଠନ ନିର୍ମାଣ କରିବା ପ୍ରଚେଷ୍ଟାର ସୁଦୂରପ୍ରସାରୀ ଫଳ ହୋଇଥିଲା ଚକ୍ରଧରପୁର ଉତ୍କଳ ସମ୍ମିଳନୀର ଅବ୍ୟବହିତ ପୂର୍ବେ ନାଗପୁର କଂଗ୍ରେସରେ ଭାଷାସୂତ୍ରରେ ପ୍ରଦେଶ ଗଠନକୁ ସ୍ୱୀକୃତି ଦିଆଯାଇ ଓଡ଼ିଆ ପ୍ରତିନିଧିମାନଙ୍କୁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଜରିଆରେ କଂଗ୍ରେସରେ ଯୋଗ ଦେବାକୁ ସୁଯୋଗ ଦିଆଗଲା, ଯଦିଓ ସେ ପର୍ଯ୍ୟନ୍ତ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇନଥିଲା ଓ ବିହାର ସହ ଯୁକ୍ତ ହୋଇ ରହିଥିଲା । କଂଗ୍ରେସର ସେଇ ନିଷ୍ପତ୍ତିରେ ଉଲ୍ଲସିତ ଓ ଉତ୍‌ଫୁଲ୍ଲିତ ଓଡ଼ିଆ ପ୍ରତିନିଧିମାନେ ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରସ୍ତାବକ୍ରମେ ଭାରତୀୟ ଜାତୀୟ କଂଗ୍ରେସର ଉଦ୍ଦେଶ୍ୟ ଓ ଆକାଂକ୍ଷାକୁ ମଧ୍ୟ ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆକାଂକ୍ଷା ସହ ଯୁକ୍ତ କରାଯାଉ ବୋଲି ବହୁ ଭୋଟରେ ସ୍ଥିର କରିଥିଲେ । ଅବଶ୍ୟ ତା ପରେ ୧୯୨୧ର ଆଦ୍ୟରେ ସ୍ୱତନ୍ତ୍ର ଭାବରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ବି ଗଠିତ ହୋଇଥିଲା । ତେଣୁ ଏଠାରେ ବିନୀତ ଭାବରେ ପ୍ରଶ୍ନ କରାଯାଇପାରେ ଯେ, ଯେତେବେଳେ ସ୍ୱତନ୍ତ୍ରଭାବରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଠନର ଅତ୍ୟନ୍ତ ଉଜ୍ଜ୍ୱଳ ସମ୍ଭାବନା ଥିଲା ତଥା ସେ ଉଦ୍ଦେଶ୍ୟରେ ପୁରୀ ଓ

Digitized by srujanika@gmail.com

ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ଗଠନର ଅୟମାରମ୍ଭ ବି ହୋଇସାରିଥିଲା ବୋଲି ସ୍ପଷ୍ଟ ସୂଚନା ଦେଇସାରି ସଭାମଞ୍ଚ ଉପରୁ ଗୋପବନ୍ଧୁଙ୍କ ପ୍ରସ୍ତାବକୁ ବ୍ରଜସୁନ୍ଦର ସେ ଦିନ ବିରୋଧ କରିଥିଲେ (ଦ୍ର: The Oriya, 4/2, January 12, 1921, p.13) ସେତେବେଳେ ଓ ତା ସତ୍ତ୍ୱେ ଗୋପବନ୍ଧୁଙ୍କ ପକ୍ଷରେ ଚକ୍ରଧରପୁର ଉତ୍କଳ ସମ୍ମିଳନୀର ଅଧିବେଶନରେ ଏପରି ଏକ ପ୍ରସ୍ତାବ ଆଣି ଉତ୍କଳ ସମ୍ମିଳନୀର ଅସ୍ତିତ୍ୱକୁ/ଆତ୍ମସତ୍ତାକୁ, ପରୋକ୍ଷରେ ବା ପ୍ରତ୍ୟକ୍ଷରେ ହେଉ, ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟରେ ଲୀନ କରାଇଦେବା କେତେଦୂର ଉଚିତ ହୋଇଥିଲା, କେତେଦୂର ସ୍ପୃହଣୀୟ ଥିଲା ? ଏହା କଣ ଥିଲା ଏକ ସୁଚିନ୍ତିତ ରାଜନୀତିକ କୌଶଳ (political strategy) ବା କର୍ମଯୋଜନା ନା କଂଗ୍ରେସର ନିଷ୍ପତ୍ତିରେ ଉଲ୍ଲାସର ତଥା କୃତଜ୍ଞତାବୋଧଜନିତ (ତା ସହ ବି ମିଶିଯାଇଥିଲା ମାତ୍ର ଅଳ୍ପ ଦିନ ପୂର୍ବେ ପୁରୀ-ଦୁର୍ଭିକ୍ଷ ସମୟରେ ମହାତ୍ମା ଗାନ୍ଧୀଙ୍କ ସହାୟତାପାଇଁ ଗୋପବନ୍ଧୁଙ୍କର କୃତଜ୍ଞତାବୋଧଜନିତ) ଭାବପ୍ରବଣତାର ପ୍ରାବଲ୍ୟ ଓ ତାର ପ୍ରକାଶ୍ୟ ପରିପ୍ରକାଶ ?

ଏହା ଫଳରେ ଚକ୍ରଧରପୁରର ଓଡ଼ିଆ ହାଇସ୍କୁଲ କେବଳ ବନ୍ଦ ହେଲା ନାହିଁ, ସିଂହଭୂମିରେ ଓଡ଼ିଆ ଆନ୍ଦୋଳନ କଣ ବ୍ୟାହତ ହୋଇନଥିଲା କି ? ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକର ୩୦ଶ, ୩୧ଶ, ୩୨ଶ ଓ ୩୩ଶ ଅଧ୍ୟାୟରେ ହିଁ ତାହାର ସ୍ପଷ୍ଟ ସୂଚନା ମିଳେ (ଦ୍ର: ମିଶ୍ର, ପଣ୍ଡିତ ଗୋଦାବରୀଶ, ୨୦୦୬, ପୃ.୧୫୯-୭୭) । ତେଣୁ ଜାତୀୟ କଂଗ୍ରେସକୁ ସେ ଦିନ ଓଡ଼ିଶାକୁ ଆବାହନ କରିବା ସହ ଉତ୍କଳ ସମ୍ମିଳନୀକୁ ବସ୍ତୁତଃ ବିସର୍ଜନ କରିଦେବାର କୌଣସି ଯଥାର୍ଥ ଆବଶ୍ୟକତା ସେତେବେଳେ ଥିଲା କି ? ବିଶେଷଭାବରେ ପୁଣି ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସରେ ଓଡ଼ିଆମାନଙ୍କର କୌଣସି ଆଧିପତ୍ୟ ତ ଦୂରର କଥା କ୍ଷୀଣତମ ପ୍ରଭାବ ମଧ୍ୟ ନଥିଲା । ଉଦାହରଣ ସ୍ୱରୂପ ଏହି ଘଟଣାର ବର୍ଷେ ବି ନ ଯାଉଣୁ ସିଂହଭୂମି ଜିଲ୍ଲା କଂଗ୍ରେସ କମିଟି ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଅଧୀନରେ ରହିବ ବୋଲି ସିଂହଭୂମିର ସଂଖ୍ୟାଧିକ କଂଗ୍ରେସ ସଦସ୍ୟଙ୍କ ଅଭିମତ ତଥା ଗୋପବନ୍ଧୁ ଓ ବିହାରର ରାଜେନ୍ଦ୍ର ପ୍ରସାଦଙ୍କ ମଧ୍ୟରେ ହୋଇଥିବା ରାଜିନାମା ସତ୍ତ୍ୱେ ସିଂହଭୂମିର ଓଡ଼ିଆ ଭାଷାଭାଷୀ ଓ ଓଡ଼ିଆ-ପ୍ରେମୀ କଂଗ୍ରେସ ପ୍ରତିନିଧିମାନଙ୍କୁ ୧୯୨୧ ଡିସେମ୍ବରରେ ହେଉଥିବା ଅହମଦାବାଦ କଂଗ୍ରେସରେ ଯୋଗଦେବାକୁ ଉତ୍କଳ ପ୍ରାଦେଶିକ କଂଗ୍ରେସ ବାଟେ ନୁହେଁ, ସେମାନଙ୍କ ଇଚ୍ଛା ବିରୁଦ୍ଧରେ ବିହାର ପ୍ରାଦେଶିକ କଂଗ୍ରେସ କମିଟି ବାଟେ ଯିବାପାଇଁ ଅନ୍ୟାୟରେ ବାଧ୍ୟ କରିଥିଲେ, ଭାରତୀୟ ଜାତୀୟ

Digitized by srujanika@gmail.com

କଂଗ୍ରେସର ସମ୍ପାଦକ ପଣ୍ଡିତ ମୋତିଲାଲ ନେହୁରୁ, ବିହାରର ରାଜେନ୍ଦ୍ରପ୍ରସାଦଙ୍କ ପ୍ରଭାବ ବା ପ୍ରରୋଚନାରେ । ତା ଭିତରେ ଜାତୀୟ କଂଗ୍ରେସର କର୍ତ୍ତୃପକ୍ଷଙ୍କ ଓଡ଼ିଶା-ବିରୋଧୀ ମନୋଭାବ/ଆଭିମୁଖ୍ୟ ଅବଶ୍ୟ ପ୍ରକାଶ ପାଇଥିଲା । ଏହାର ବିସ୍ତାରିତ ବିବରଣୀ ପୁଣି ଦେଇଛନ୍ତି ସେଇ ଗୋପବନ୍ଧୁଙ୍କ ଅନୁଗାମୀ ଓ ଭକ୍ତ ତଥା ଚକ୍ରଧରପୁର ଉତ୍କଳ ସମ୍ମିଳନୀ ଅଭ୍ୟର୍ଥନାସମିତିର ଉପ-ସଭାପତି (ମିଶ୍ର, ପୂର୍ଣ୍ଣଚନ୍ଦ୍ର, ୨୦୧୦, ପୃ.୨୯) ତଥା ସାଧାରଣ ଅଧିବେଶନରେ ଗୋପବନ୍ଧୁ ତାଙ୍କ ପ୍ରସ୍ତାବକୁ ଆଗତ କରିବା ପୂର୍ବରୁ ତାହାକୁ ବିଷୟ ନିର୍ବାଚନ କମିଟିରେ ଆଗତ କରିଥିବା ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କର 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକର 'ସିଂହଭୂମିର ଜାଗରଣ' ଶୀର୍ଷକ ୩୨ଶ ଅଧ୍ୟାୟରେ (ଦ୍ର: ମିଶ୍ର, ପଣ୍ଡିତ ଗୋଦାବରୀଶ, ୨୦୦୬, ପୃ.୧୭୧-୭୨; ଆହୁରି ମଧ୍ୟ ଦ୍ର: ମହାନ୍ତି, ସନ୍ତୋଷ କୁମାର, ୨୦୧୧, ପୃ.୨୭-୨୮) । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ସେତେବେଳେ ମଧ ଭାରତୀୟ ଜାତୀୟ କଂଗ୍ରେସ ମଞ୍ଚରୁ ନ୍ୟାୟବିଚାର ପାଇବା ଓଡ଼ିଆମାନଙ୍କ ପକ୍ଷରେ ସମ୍ଭବପର ନ ଥିଲା ।

ଅଥଚ ଭାରତୀୟ ଜାତୀୟ କଂଗ୍ରେସରେ ଏକ ପ୍ରଦେଶ ଭାବରେ ଓଡ଼ିଶାର ସ୍ୱତନ୍ତ୍ର ଓ ସ୍ୱାଧୀନ ସ୍ଥିତିପାଇଁ ମହାତ୍ମା ଗାନ୍ଧୀଙ୍କୁ ସମସ୍ତ କୃତିତ୍ୱ ଦେଇ ଉତ୍କଳମଣି ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା'ରେ ଲେଖିଥିଲେ,

"ଭାରତେ ଉତ୍କଳ ମହା ପୁଣ୍ୟ ଧାମ,
ଭାରତ ପାଞ୍ଜିରେ ନ ଥିଲା ତା ନାମ,
*** *** *** ***
ଭାରତ ଜାତୀୟ ମହାସମ୍ମିଳନେ,
ନ ବସେ ଉତ୍କଳ ସ୍ୱତନ୍ତ୍ର ଆସନେ,
*** *** *** ***
ଅସହଯୋଗର ପବିତ୍ର ସରିତ,
ଉତ୍କଳର ବକ୍ଷେ ହେଲା ପ୍ରବାହିତ ।
ଗାନ୍ଧି ଭଗୀରଥ ନିଜ ପୁଣ୍ୟ ଫଳେ,
ଆଣିଲେ ଅସଙ୍ଗ ଜାହ୍ନବୀ ଉତ୍କଳେ ।" ଇତ୍ୟାଦି । କିନ୍ତୁ ସେ କୃତିତ୍ୱର ବେଶ କିଛି ଅଂଶ ମଧୁସୂଦନଙ୍କର ପ୍ରାପ୍ୟ କାରଣ ପ୍ରଥମେ ସେଇଥିପାଇଁ କ୍ଷେତ୍ର ତ ପ୍ରସ୍ତୁତ କରିସାରିଥିଲେ ମଧୁସୂଦନ, ଯାହାକୁ ଆଜି ସ୍ୱୀକାର କରିବାପାଇଁ ହିଁ ହେବ ।

Digitized by srujanika@gmail.com

(୯)

(୯.) ଏଠାରେ ସୂଚାଇଦେବା ବି ଉଚିତ ହେବ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମହାତ୍ମା ଗାନ୍ଧୀ ଓ ଜଓ୍ୱାହରଲାଲ ନେହୁରୁଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟ ଅନୁରୂପ ନୀତି ଗ୍ରହଣ କରି ଭାରତର ସ୍ୱାଧୀନତାକୁ ଅଗ୍ର-ପ୍ରାଧାନ୍ୟ ଦେଇଥିଲା । ସେତେବେଳେ ଆନ୍ତର୍ଜାତିକ କ୍ଷେତ୍ରରେ - ବା macro levelରେ - କଂଗ୍ରେସର ନେତୃବୃନ୍ଦ ପୂର୍ଣ୍ଣପ୍ରାଣରେ ଫାସିଷ୍ଟ ଶକ୍ତିର ପରାଜୟ ଓ ମିତ୍ରଶକ୍ତିର ବିଜୟକାମନା କରୁଥିଲେ ମଧ୍ୟ ଭାରତର ସ୍ୱାଧୀନତାକୁ ଅଗ୍ର-ପ୍ରାଧାନ୍ୟ ଦେଇ ବ୍ରିଟିଶ ସରକାର ପ୍ରଥମେ ଭାରତକୁ ସ୍ୱାଧୀନତା ଦେଲେ ହିଁ ଭାରତ ପୂର୍ଣ୍ଣପ୍ରାଣରେ ମିତ୍ରଶକ୍ତି ସହ ସହଯୋଗ କରିବ ଓ ଫାସିଷ୍ଟମାନଙ୍କୁ ବିରୋଧ କରି ଜାପାନ ବିରୋଧରେ ଯୁଦ୍ଧ କରିବ ବୋଲି ଘୋଷଣା କରିଥିଲେ । କିନ୍ତୁ ବ୍ରିଟିଶ ସରକାର କଂଗ୍ରେସର ସେ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଜାତୀୟ କଂଗ୍ରେସ ପ୍ରଥମେ ଫାସିଷ୍ଟମାନଙ୍କୁ ବିରୋଧ ନ କରି ୧୯୪୨ର ଅଗଷ୍ଟ ୮ ତାରିଖରେ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା ତଥା ବ୍ରିଟିଶ୍ ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିଲା । ଅନୁରୂପ ଭାବରେ ତାର ବହୁ ପୂର୍ବରୁ ମଧୁସୂଦନ ଉତ୍କଳ ସମ୍ମିଳନୀ ମାଧ୍ୟମରେ ପ୍ରଥମେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକ ଶାସନାଧୀକରଣ (ଓ ସ୍ୱତନ୍ତ୍ର ପ୍ରଦେଶ ରୂପରେ ତାର ସ୍ୱୀକୃତି) ଚାହୁଁଥିଲେ, ତାହାକୁ ଦେଇଥିଲେ ଅଗ୍ରପ୍ରାଧାନ୍ୟ । ଆଉ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ତାହା ହିଁ ତ ତାଙ୍କର ଓ ତାଙ୍କ ଅନୁଗାମୀମାନଙ୍କର ଆଭିମୁଖ୍ୟ ଥିଲା । ଥରେ ତା ହୋଇସାରିବା ପରେ ହିଁ ଭାରତର ସ୍ୱାଧୀନତାପାଇଁ ଓଡ଼ିଆମାନେ ବାହାରିବାରେ ତାଙ୍କର କୌଣସି ଆପତ୍ତି ହିଁ ନ ଥିଲା । କାରଣ ସେ ବି ଥିଲେ ମୂଳରୁ ମହାଭାରତୀୟ ଜାତୀୟତାବାଦୀ । ସେଇଥିପାଇଁ ତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଗାନ କରାଯାଇଥିବା ଅନ୍ୟତମ ପ୍ରାରମ୍ଭ ସଙ୍ଗୀତ ଥିଲା ରାଧାନାଥଙ୍କଦ୍ୱାରା, ଓଡିଆ ନୁହେଁ, କିନ୍ତୁ ସଂସ୍କୃତ ଭାଷାରେ, ରଚିତ, "ସର୍ବେଷାଂ ନୋ ଜନନୀ ଭାରତ ... ..." (ଦ୍ର: ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ପୃ.୬୩) । ତେବେ ହୁଏତ ବା ସ୍ୱାଧୀନତା ପରେ ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଶାକୁ ସହଜରେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଯେ ଦେବ ସେ ସମ୍ପର୍କରେ ତଥାପି ମଧୁସୂଦନଙ୍କ ମନରେ ଥିଲା ସନ୍ଦେହ । ଆଉ ସେପରି ସନ୍ଦେହ ମଧ୍ୟ ବେଶ୍ କିଛି ପରିମାଣରେ ଯେ ଅମୂଳକ ନ ଥିଲା ତା ପରେ ୧୯୨୮ର କଲିକତା କଂଗ୍ରେସ ସମୟରେ ତାହା ସ୍ପଷ୍ଟ ଭାବରେ ଜଣାଯାଇଥିଲା, ଯାହା ନିମ୍ନରେ ସୂଚିତ ବି ହେବ । ତେଣୁ ସେ ଦିନ ଯଦି ଜାତୀୟ କଂଗ୍ରେସର ନେତୃବୃନ୍ଦ ଭାରତର ସ୍ୱାଧୀନତାକୁ ଅଗ୍ର-ପ୍ରାଧାନ୍ୟ ଦେଇ ଠିକ୍ ସିଦ୍ଧାନ୍ତ

Digitized by srujanika@gmail.com

ନେଇଥିଲେ ତେବେ ଆଜି ସ୍ୱୀକାର କରିବାପାଇଁ ହେବ ଯେ ତା ପୂର୍ବରୁ ମଧୁବାବୁ ଓ ଚକ୍ରଧରପୁର ଉତ୍କଳ ସମ୍ମିଳନୀ ମଣ୍ଡପରେ ତାଙ୍କର ଅନୁଗାମୀ ବ୍ରଜସୁନ୍ଦର ଆଦି ମଧ୍ୟ ଓଡ଼ିଶାର ସ୍ୱାର୍ଥକୁ ଅଗ୍ର-ପ୍ରାଧାନ୍ୟ ଦେଇ ଠିକ୍ ସିଦ୍ଧାନ୍ତ ନେଇଥିଲେ । ତାହାକୁ ବି ଆଜି ଅସ୍ୱୀକାର କରାଯାଇପାରେ ନାହିଁ । ସେ ତ ତୁଳନାତ୍ମକ ଭାବରେ ଆଉ ଏକ କ୍ଷୁଦ୍ର ସ୍ତରରେ ବା micro levelରେ - ଓଡ଼ିଆ ଭାଷାଭାଷୀ ଅଞ୍ଚଳ କ୍ଷେତ୍ରରେ - ହିଁ ପରେ, ବହୁ ପରେ କଂଗ୍ରେସ ଗ୍ରହଣ କରିଥିବା ସେଇ ନୀତିର ପ୍ରୟୋଗ କରିଚାଲିଥିଲେ । ବହୁ ପୂର୍ବେ ତାଙ୍କଦ୍ୱାରା ସ୍ଥିରୀକୃତ ନୀତିର ସମ୍ପ୍ରସାରଣ ଥିଲା ୧୯୪୨ରେ ଭାରତର ସ୍ୱାଧୀନତା ସମ୍ପର୍କରେ କଂଗ୍ରେସ ଗ୍ରହଣ କରିଥିବା ନୀତି । ଏଥିରୁ ଜଣାଯାଏ ତାଙ୍କ ଅଗ୍ରଗାମୀତ୍ୱ । ସେଇ ଦୃଷ୍ଟିକୋଣରୁ ବିଚାର କଲେ ସେ ତ ଥିଲେ ଜଣେ ଦୂରଦ୍ରଷ୍ଟା ।

(୧୦)

(୧୦.) ଏଠାରେ ପୁଣି ସୂଚାଇଦେବା ଆବଶ୍ୟକ ଯେ ମଧୁସୂଦନଙ୍କର ବୟସାଧିକ୍ୟ ତଥା ଅସୁସ୍ଥତା ବ୍ୟତୀତ ୧୯୦୭ ଡିସେମ୍ବରରେ ଭାରତୀୟ ଜାତୀୟ କଂଗ୍ରେସର ସୁରତ ଅଧିବେଶନରେ ନରମପନ୍ଥୀ ଓ ଚରମପନ୍ଥୀମାନଙ୍କ ମଧ୍ୟରେ କ୍ଷମତା-ସଂଘର୍ଷ ହେତୁ ଯେଉଁ ଅପ୍ରୀତିକର ପରିସ୍ଥିତିର ଉଦ୍ଭବ ହୋଇଥିଲା ଚକ୍ରଧରପୁରରେ ତାହାର ପୁନରାବୃତ୍ତିର ଆଶଙ୍କା କରି ମଧୁସୂଦନଙ୍କ କେତେକ ଅନୁଗାମୀ ବୋଧହୁଏ ତାଙ୍କୁ ସେ ଦିନ ସେଠାକୁ ଯିବାକୁ ବାରଣ କରିଥିଲେ । ପୂର୍ବ ବର୍ଷ କଲିକତା କଂଗ୍ରେସରେ ଗୃହୀତ ପ୍ରସ୍ତାବ - ବିଶେଷଭାବରେ ବୟକଟ ଶବ୍ଦର ଅର୍ଥ ସମ୍ପର୍କିତ ମତାନ୍ତର - ଥିଲା ସୁରତ କଂଗ୍ରେସର ହୋଇଥିବା କ୍ଷମତା-ସଂଘର୍ଷର କେନ୍ଦ୍ରବିନ୍ଦୁ । ବୟକଟ ଶବ୍ଦର ବ୍ୟାପକ ଅର୍ଥ ଗ୍ରହଣ କରିବାରେ ନରମପନ୍ଥୀମାନଙ୍କର ନେତା ଫିରୋଜସାହା ମେହେତା କୁଣ୍ଠିତ ହେବାରୁ (ଲୋକମାନ୍ୟ) ବାଳ ଗଙ୍ଗାଧର ତିଳକଙ୍କ ନେତୃତ୍ୱରେ ଖପର୍ଦ୍ଦେ ଓ ଅରବିନ୍ଦ ଘୋଷ (ଶ୍ରୀ ଅରବିନ୍ଦ) ପ୍ରଭୃତି ଚରମପନ୍ଥୀମାନେ ସେ ଅଧିବେଶନର ସଭାପତି ପଦପାଇଁ ଆସିଥିବା ରାସବିହାରୀ ଘୋଷ ସଭାପତି ହେବାରେ ଆପତ୍ତି ଉଠାଇଥିଲେ । ତାହା ହେତୁ ଭୀଷଣ ଗଣ୍ଡଗୋଳ ହେବାରୁ ପ୍ରଥମ ଦିନ ବାଗ୍ମୀପ୍ରବର ସୁରେନ୍ଦ୍ରନାଥ ବାନାର୍ଜୀ ମଧ୍ୟ ରାସବିହାରୀ ଘୋଷ ସଭାପତିତ୍ୱ କରନ୍ତୁ ବୋଲି ତାଙ୍କର ସମର୍ଥନ-ପ୍ରସ୍ତାବ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରିବାରେ ବି ଅସମର୍ଥ ହୋଇପଡ଼ିଥିଲେ ଓ ଅଧିବେଶନକୁ ମଧ୍ୟ ସ୍ଥଗିତ କରାଯାଇଥିଲା । ଦ୍ୱିତୀୟ ଦିନ ରାସବିହାରୀ ଘୋଷଙ୍କ ପରିବର୍ତ୍ତେ ଲାଲା ଲାଜପତ ରାୟ ସଭାପତିତ୍ୱ କରନ୍ତୁ ବୋଲି ତିଳକ ଏକ ସଂଶୋଧନ

Digitized by srujanika@gmail.com

ପ୍ରସ୍ତାବ ଆଗତ କରିବାପାଇଁ ଚେଷ୍ଟା କଲେ । କିନ୍ତୁ ତାଙ୍କୁ ତା କରିବାର ସୁଯୋଗ ଦିଆଗଲାନାହିଁ । ଏହି ସମୟରେ, ଯେତେଦୂର ଅନୁମିତ ହୁଏ ଅରବିନ୍ଦଙ୍କ ଇଙ୍ଗିତରେ, କୌଣସି ବ୍ୟକ୍ତି ପଟେ ମରାଠୀ ଜୋତା ମଞ୍ଚ ଉପରକୁ ନିକ୍ଷେପ କଲେ । ଜୋତାଟି ଫିରୋଜସାହ ମେହେତାଙ୍କ ଦେହରେ ବାଜି ତା ପରେ ଛିଟିକି ଆସି ସୁରେନ୍ଦ୍ରନାଥଙ୍କ ଦେହରେ ବାଜିଲା । ତା ପରେ ବିଷମ ଗଣ୍ଡଗୋଳ ହୋଇ ସଭା ଭାଙ୍ଗିଗଲା । ସେ ଗଣ୍ଡଗୋଳ ମଧ୍ୟରେ ସେଇ ଜୋତାଟିକୁ ହାତରେ ଧରି ସୁରେନ୍ଦ୍ରନାଥ ଉଚ୍ଚ କଣ୍ଠରେ କହିବାର ଶୁଣାଯାଇଥିଲା, "ମୁଁ ଗତ ଚାଳିଶ ବର୍ଷ ଧରି କରିଆସିଥିବା ଲୋକସେବାର ଏହା ହିଁ ତ ପୁରସ୍କାର" ।

ମଧୁସୂଦନଙ୍କର (ତଥା ଗୋପବନ୍ଧୁଙ୍କ) ଅନୁଗାମୀମାନେ ନିଶ୍ଚୟ ଏ ସବୁ ଖବର ଅବଶ୍ୟ ରଖିଥିଲେ । ସେହିପରି ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ କଣ ହେବାକୁ ଯାଉଛି ତାହା ମଧ୍ୟ ସେମାନେ ପୂର୍ବରୁ କିଛି ପରିମାଣରେ ଅନୁମାନ କରିପାରିଥିଲେ । ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଅନମନୀୟ ବ୍ୟକ୍ତିତ୍ୱସମ୍ପନ୍ନ ମଧୁସୂଦନ ସଭାପତିତ୍ୱ କରିଥିଲେ ଉତ୍କଳ ସମ୍ମିଳନୀର ସ୍ଥାପୟିତା ଭାବରେ ତାହା ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟର ପରିପନ୍ଥୀ ବୋଲି କହି ସେ ଗୋପବନ୍ଧୁଙ୍କୁ ତାଙ୍କ ପ୍ରସ୍ତାବ ଆଗତ କରିବାର ସୁଯୋଗ ଯେତେଦୂର ସମ୍ଭବ ଦେଇନଥାନ୍ତେ । ଗୋପବନ୍ଧୁଙ୍କ ଭକ୍ତମାନେ ସେଠାରେ ମଧୁସୂଦନଙ୍କୁ ଦେଖି ପୁଣି ଗୋପବନ୍ଧୁଙ୍କୁ ପ୍ରସ୍ତାବ ଆଗତ କରିବାର ସୁଯୋଗ ଦିଆନଯିବାରୁ ଅଧିକ ଉତ୍‌କ୍ଷିପ୍ତ ତଥା ଉତ୍ୟକ୍ତ ହୋଇ ସେପରି ଏକ ଅପ୍ରୀତିକର ଘଟଣା ଘଟାଇବାର ଆଶଙ୍କା ଆଦୌ ନ ଥିଲା ବୋଲି ନୁହେଁ, ଯେପରି ସେ ଦିନ ତିଳକଙ୍କୁ ପ୍ରସ୍ତାବ ଆଗତ କରିବାର ସୁଯୋଗ ଦିଆ ନ ଯିବାରୁ ସୁରତ କଂଗ୍ରେସରେ ହୋଇଥିଲା ଲଙ୍କାକାଣ୍ଡ । ପୁଣି ଚକ୍ରଧରପୁର ଉତ୍କଳ ସମ୍ମିଳନୀର ଅଧିବେଶନର ସମୟକୁ ଦୁଇ ଦୁଇ ଥର ଘୁଞ୍ଚାଇ ଦିଆଯାଇଥିଲା । ଶେଷ ଥର ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନର ସମୟକୁ ଆଖି ଆଗରେ ରଖି ହିଁ ଘୁଞ୍ଚାଇଦିଆଯାଇଥିବାରୁ ଏପରି ଆଶଙ୍କା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅମୂଳକ ନ ଥିଲା ବୋଲି କୁହାଯାଇପାରେ ।

କେବଳ ସେତିକି ନୁହେଁ, ଚକ୍ରଧରପୁର ଉତ୍କଳ ସମ୍ମିଳନୀର ଅବ୍ୟବହିତ ପରେ ୧୯୨୧ ଜାନୁଆରୀ ୮ ତାରିଖରେ ଲର୍ଡ଼ ସିନ୍‌ହାଙ୍କ ଗଭର୍ଣ୍ଣର ପଦ ଓ ମଧୁବାବୁଙ୍କ ମନ୍ତ୍ରୀପଦ ପ୍ରାପ୍ତିରେ ସେମାନଙ୍କୁ ଅଭିନନ୍ଦନ ଜଣାଇବାପାଇଁ କଟକ ଟାଉନ ହଲରେ ଅନୁଷ୍ଠିତ ସଭାକୁ ମଧ୍ୟ ହରେକୃଷ୍ଣ ମହତାବ ଆଦି ଭଣ୍ଡୁର କରିବାର ତଥା ପରୋକ୍ଷରେ ମଧୁସୂଦନଙ୍କୁ ଅପମାନିତ କରିବା ଉଦ୍ୟମରୁ (ମହତାବ, ହରେକୃଷ୍ଣ, ୧୯୮୭, ପୃ.୩୧-୩୩; ଦାଶ, ସୂର୍ଯ୍ୟନାରାୟଣ, ୧୯୮୮, ପୃ.୩୫୯-୬୦ ଓ The Oriya,

Digitized by srujanika@gmail.com

4/2, January 1921, p.14) ଚକ୍ରଧରପୁରଠାରେ ଏପରି ଅପ୍ରୀତିକର ଘଟଣା ଯେ ଘଟିଥାଆନ୍ତା ତା ସ୍ପଷ୍ଟ ହୋଇଯାଏ । (ପୁଣି ସେତେବେଳକୁ ଚକ୍ରଧରପୁରରେ ମଧୁସୂଦନଙ୍କ ପକ୍ଷ ସମର୍ଥନ କରିବାପାଇଁ ଉପସ୍ଥିତ ବାଲେଶ୍ୱରର ମୁକୁନ୍ଦ ପ୍ରସାଦ ଦାସ ମଧ୍ୟ ହଠାତ୍ ପକ୍ଷ ପରିବର୍ତ୍ତନ କରି ଅସହଯୋଗୀ ଭୂମିକାରେ ଅବତୀର୍ଣ୍ଣ ହୋଇସାରିଥିଲେ ।)

ସେପରି ଏକ ଅପ୍ରୀତିକର ଘଟଣାକୁ ଏଡ଼ାଇ ଦେବା ଉଦ୍ଦେଶ୍ୟରେ ମଧୁସୂଦନଙ୍କ ଅନୁଗାମୀମାନେ ହୁଏତ ତାଙ୍କୁ ଚକ୍ରଧରପୁର ଯିବାରୁ ନିବୃତ୍ତ କରିବାରେ ସମର୍ଥ ହୋଇଥିଲେ । ପୁଣି ଏପରି ଏକ ଘଟଣା ଘଟିବାର ସମ୍ଭାବନା ଯେ ଥିଲା ତାହା ଆଉ ଏକ ଘଟଣାରୁ ବି ପରୋକ୍ଷରେ ସ୍ପଷ୍ଟ ହୋଇଯାଏ । ସେଇ ଚକ୍ରଧରପୁର ଅଧିବେଶନର ଦ୍ୱିତୀୟ ଦିବସରେ, ଅର୍ଥାତ୍ ୧୯୨୦ର ୩୧ ଡିସେମ୍ବରରେ ସେଇ ସଭାମଞ୍ଚରେ ଅନୁଷ୍ଠିତ ହୋଇଥିଲା ନିଖିଳ ଉତ୍କଳ ଛାତ୍ରସମ୍ମିଳନୀ । ତାର ପୂର୍ବ ରାତିରେ ସେଇ ଛାତ୍ରସମ୍ମିଳନୀର ବିଷୟ ନିର୍ବାଚନ କମିଟିରେ ସମ୍ମିଳନୀରେ ଅସହଯୋଗ ପ୍ରସ୍ତାବ ଆଗତ ଓ ଗ୍ରହଣ କରିବାପାଇଁ ଛାତ୍ରମାନଙ୍କୁ ନିବୃତ୍ତ କରିବାରେ ଅସମର୍ଥ ହୋଇ ସମ୍ମିଳନୀର ସମ୍ପାଦକ ବିଚିତ୍ରାନନ୍ଦ ଦାସ ନିଜର ଇସ୍ତଫା ପ୍ରଦାନ କରିଥିଲେ । ଆଉ ୩୧ ତାରିଖରେ ସମ୍ମିଳନୀ ଆରମ୍ଭ ହେବାର ଅବ୍ୟବହିତ ପରେ ସଭାପତି ବିଶ୍ୱନାଥ କର ମଧ୍ୟ ନିଜର ଭାଷଣ ପ୍ରସଙ୍ଗରେ ପ୍ରଥମେ ଛାତ୍ରମାନଙ୍କୁ ସେହି ଅସହଯୋଗ ପ୍ରସ୍ତାବ ଆଗତ ଓ ଗ୍ରହଣ ନ କରିବାକୁ ପୁଣି ଥରେ ବୁଝାଇପାରିବାରେ ନିଷ୍ଫଳ ପ୍ରଚେଷ୍ଟା କରିଥିଲେ । ତେଣୁ ସେ ମଧ୍ୟ ସଭାପତି ପଦରୁ ନିଜର ଇସ୍ତଫା ଦେଇ ସଭାମଞ୍ଚ ପରିତ୍ୟାଗ କରିଥିଲେ । ତା ପରେ ଅଭ୍ୟର୍ଥନା ସଭାର ସଭାପତିଙ୍କ ସଭାପତିତ୍ୱରେ ସେ ଦିନ ଛାତ୍ରମାନେ ଅସହଯୋଗ ପ୍ରସ୍ତାବ ଆଗତ ଓ ଗ୍ରହଣ କରିଥିଲେ (ଦ୍ର: The Oriya, 4/1, January 5, 1921, p.2) । ତେଣୁ ଚକ୍ରଧରପୁରରେ ଉତ୍କଳ ସମ୍ମିଳନୀର ସଭାମଞ୍ଚରେ ମଧୁସୂଦନଙ୍କ ଉପସ୍ଥିତି ଯେ ଅତ୍ୟନ୍ତ ଅପ୍ରୀତିକର ଓ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥାଆନ୍ତା ସେ ବିଷୟରେ ସନ୍ଦେହ ରହେନାହିଁ । କିନ୍ତୁ ତାହାର କୌଣସି ଆବଶ୍ୟକତା ତ ସେ ଦିନ ନ ଥିଲା । ତେଣୁ ସେଥିପାଇଁ ମଧୁସୂଦନଙ୍କୁ ଚକ୍ରଧରପୁର ସମ୍ମିଳନୀର ସଭାମଞ୍ଚରୁ ଅବାନ୍ତର ଭାବରେ ଯେଉଁ ତୀବ୍ର ସମାଲୋଚନା କରାଯାଇଥିଲା ତାର କୌଣସି ଯଥାର୍ଥତା ସେ ଦିନ ଯେପରି ନ ଥିଲା ସେହିପରି ଆଜି ବି ନାହିଁ । ହୁଏତ ବା ଏହିପରି ତୀବ୍ର ସମାଲୋଚନା ମାଧ୍ୟମରେ ସେପରି ଅପ୍ରୀତିକର ଘଟଣା ଘଟାଇବାକୁ ଯୋଜନା କରିଥିବା ପ୍ରତିନିଧିମାନେ ନିଜର ଅରମାନ୍ ହିଁ ମେଣ୍ଟାଇଥିଲେ ।

Digitized by srujanika@gmail.com

(୧୧)

(୧୧.) ତା ପରେ ପୁଣି ମୋର ବିନୀତ ମତରେ ତଥାକଥିତ 'କ୍ଷମତା ସଂଘର୍ଷ'ରେ ଗୋପବନ୍ଧୁଙ୍କର ଏ ବିଜୟ ଆଦୌ ଆକସ୍ମିକ ନ ଥିଲା, ବରଂ ଥିଲା ବେଶ୍ କିଛି ପରିମାଣରେ ପ୍ରତ୍ୟାଶିତ । କାରଣ ସେଦିନ 'ବର୍ଷକ ମଧ୍ୟରେ ସ୍ୱରାଜ୍ୟ ମିଳିଯିବ' ବୋଲି ମହାତ୍ମା ଗାନ୍ଧିଙ୍କ ପ୍ରତିଶ୍ରୁତି-ଭିତ୍ତିକ ଅସହଯୋଗ ଆନ୍ଦୋଳନର ପ୍ରଳୟ ପ୍ଳାବନରେ ଭାସିଯାଇଥିବା, କବିଙ୍କ ଭାଷାର 'ବହୁଶୀର୍ଷ ପଶୁ' ଜନତାର ପୁରୋଭାଗରେ ହିଁ ଥିଲେ ଗୋପବନ୍ଧୁ । (ଅବାନ୍ତର ବୋଲି ମନେହେଲେ ହେଁ, ପ୍ରସଙ୍ଗକ୍ରମେ ନରଓ୍ୱେର ବିଖ୍ୟାତ ନାଟ୍ୟକାର ଓ ଆଧୁନିକ ନାଟକର ଆଦି ଓଁକାର ଧ୍ୱନି ଉଚ୍ଚାରଣ କରିଥିବା ହେନରିକ୍ ଇବସେନ୍ (Ibsen)ଙ୍କ ୧୮୮୨ରେ - ଅର୍ଥାତ୍ କଲିକତାରୁ ମଧୁସୂଦନ ଓଡ଼ିଶା ଫେରିଆସିବାର ମାତ୍ର ଦୁଇ ବର୍ଷ ପରେ ଓ ଚକ୍ରଧରପୁର ସମ୍ମିଳନୀର ମାତ୍ର ୩୮ ବର୍ଷ ପୂର୍ବେ - ଲିଖିତ An Enemy of the People ବା ଗଣଶତ୍ରୁ ନାଟକର ହିରୋ Dr. Stockmannଙ୍କ ନିମ୍ନ ସଂଳାପକୁ ଏଠାରେ ଉଦ୍ଧାର କରାଯାଇପାରେ, "The most dangerous enemy of truth and freedom amongst us is the compact majority-- yes, the damned compact Liberal majority--that is it! ... ... The majority never has right on its side. Never, I say! That is one of these social lies against which an independent, intelligent man must wage war. Who is it that constitute the majority of the population in a country? Is it the clever folk, or the stupid? I don't imagine you will dispute the fact that at present the stupid people are in an absolutely overwhelming majority all the world over. But, good Lord!--you can never pretend that it is right that the stupid folk should govern the clever ones! ... ... The majority has might on its side--unfortunately; but right it has not. I am in the right-- I and a few other scattered individuals." (Act IV) । ଇବସେନ୍‌ଙ୍କ ନାଟକର ସେଇ ହିରୋଙ୍କ ମଧ୍ୟରେ ସେଦିନ ଉତ୍କଳ ସମ୍ମିଳନୀର ଅଧିବେଶନରେ ପରାଜିତ ମଧୁସୂଦନଙ୍କୁ ଆବିଷ୍କାର କରାଯାଇପାରେ । Dr. Stockmannଙ୍କ ଉକ୍ତି ତ ଥିଲା ସେ ଦିନ ମଧୁସୂଦନଙ୍କର ଉକ୍ତି । ତା ସହ ସେଇ 'ବହୁଶୀର୍ଷ ପଶୁ' ଜନତା କିପରି ହଠାତ୍ ପରିବର୍ତ୍ତିତ ହୋଇଯାଏ ବା ଜନତାକୁ କିପରି ହଠାତ୍ ପରିବର୍ତ୍ତିତ କରିଦିଆଯାଇପାରେ ତାହା ତ ବହୁ ପୂର୍ବେ ଆଉ ଜଣେ ବିଖ୍ୟାତ ନାଟ୍ୟକାର ସେକ୍ସପିଅର ତ ତାଙ୍କର Julius Caesar ନାଟକର ୩ୟ ଅଙ୍କ ୨ୟ ଦୃଶ୍ୟରେ Mark Antonyଙ୍କ ପ୍ରସିଦ୍ଧ "Friends,

Digitized by srujanika@gmail.com

Romans, countrymen! lend me your ears; ..." ଭାଷଣ/ସଂଳାପ ମାଧ୍ୟମରେ ଦେଖାଇଦେଇଥିଲେ । ଇବସେନ୍‌ଙ୍କ ନାଟକ ସହ ପରିଚୟ ଥାଉ ବା ନଥାଉ ଇଂରାଜୀରେ ଏମ୍.ଏ. ପାସ୍ କରିଥିବା ମଧୁସୂଦନ ନିଶ୍ଚୟ ସେକ୍ସପିଅରଙ୍କ Julius Caesar ନାଟକର ଏହି ଅତି ପ୍ରସିଦ୍ଧ ଉକ୍ତି ସହ ଭଲ ଭାବରେ ପରିଚିତ ଥିଲେ ଓ ଏପରି କି ତାହା ରହିଯାଇଥିଲା ତାଙ୍କ ସ୍ମୃତିରେ । ତେଣୁ ଜନତା ଜନାର୍ଦ୍ଦନଙ୍କ ପ୍ରତି ସମସ୍ତ ଶ୍ରଦ୍ଧା, ସହାନୁଭୂତି ଓ ସଦିଚ୍ଛା ସତ୍ତ୍ୱେ ଜନତାର ବିଚାର ଉପରେ ମଧୁସୂଦନ ବୋଧହୁଏ ବିଶେଷ ଆସ୍ଥାବାନ ନ ଥିଲେ ।

ପୁଣି, ଏବେ ତା ଠିକ ଉପଲବ୍ଧି କରାଯାଇପାରୁନଥିଲେ ବି ପ୍ରଥମ ବିଶ୍ୱଯୁଦ୍ଧୋତ୍ତର ପୃଥିବୀରେ ହିଁ ଗଣତନ୍ତ୍ର ଏକ ଉତ୍ତମ ଶାସନ ବ୍ୟବସ୍ଥା ଭାବରେ ହଠାତ୍ ଲୋକପ୍ରିୟ ହୋଇଯାଇଛି ଓ ଏପରି କି ସର୍ବଶ୍ରେଷ୍ଠ ଶାସନ-ବ୍ୟବସ୍ଥାର ମାନ୍ୟତା ପାଇପାରିଛି । ତାର ଏକ କାରଣ ହେଉଛି, ଗଣତାନ୍ତ୍ରିକ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍‌ସ ଓ ଆମେରିକାଦ୍ୱାରା ପ୍ରଥମ ବିଶ୍ୱଯୁଦ୍ଧରେ ଅଷ୍ଟ୍ରିଆ ଓ ଜର୍ମାନୀ ସାମ୍ରାଜ୍ୟର ପରାଜୟ (ଓ ପ୍ରଥମରୁ ଗଣତାନ୍ତ୍ରିକ ରାଷ୍ଟ୍ରର ପକ୍ଷରେ ରହିଥିଲେ ମଧ୍ୟ ରୁଷ ସାମ୍ରାଜ୍ୟରେ ବିପ୍ଳବ ଓ ପରିଣତିରେ ତାର ବିଲୟ) । Hans-Hermann Hoppeଙ୍କ ଉକ୍ତି ଅନୁଯାୟୀ, "World War I marks one of the greate watersheds of modern history. With its end the transformation of the entire Western world from monarchical rule and sovereign kings to democratic-republican rule and sovereign people that began with the French Revolution was completed." (Hoppe, 2001, Introduction, p.ix). "However, with an early involvement and the ultimate official entry into the war by the United States in April 1917, the war took on a new ideological dimension. The United States have been founded as a republic, and the democratic principle, inherent in the idea of republic ... ... At the time of World War I, this truimphant ideology of an expansionist democratic republicanism has found its very personification in then U.S. President Wilson. Under Wilson's administration, the European war became an ideological mission- to make the world safe for democracy and free of dynastic rules." (Ibid, Introduction, p.x).

କିନ୍ତୁ ୧୯୧୮ ପୂର୍ବେ ଗଣତନ୍ତ୍ର ଏକ ଉତ୍ତମ ଶାସନ-ବ୍ୟବସ୍ଥା ସମ୍ପର୍କରେ ପାଶ୍ଚାତ୍ୟ ଜଗତରେ ବି ବହୁ ବୁଦ୍ଧିଜୀବୀ ସନ୍ଦିହାନ ହିଁ ଥିଲେ (Hans-Hermann

Digitized by srujanika@gmail.com

Hoppeଙ୍କ ଦ୍ୱାରା ୨୦୦୧ରେ ପ୍ରକାଶିତ Democracy: The God that Failed ପୁସ୍ତକ ଦ୍ରଷ୍ଟବ୍ୟ) । ଆଧୁନିକ ନାଟକର ଅନ୍ୟତମ ପ୍ରଥମ ପ୍ରବକ୍ତା ଇବସେନ୍ ଥିଲେ ସେଇମାନଙ୍କ ମଧ୍ୟରୁ ଜଣେ । ତେଣୁ ତାଙ୍କ ନାଟକର ନାୟକ ସେପରି ଭାବଧାରାର ପ୍ରବକ୍ତା ହେବା ସ୍ୱାଭାବିକ କଥା ଥିଲା । ମଧୁସୂଦନଙ୍କର ଇବସେନ୍ଙ୍କ ନାଟକ ସହ ପରିଚୟ ଥାଉ ବା ନଥାଉ ପାଶ୍ଚାତ୍ୟ ଜଗତରେ ସେତେବେଳେ ପ୍ରଚଳିତ ଚିନ୍ତାଧାରାର ପ୍ରଭାବ ତାଙ୍କ ଉପରେ ପଡ଼ିଥିବା ଅତ୍ୟନ୍ତ ସ୍ୱାଭାବିକ ଥିଲା । ୧୮୪୮ରେ ଜନ୍ମଗ୍ରହଣ କରି ଓ ୧୮୮୦ରେ - ଅର୍ଥାତ୍ ସେହି Ibsenଙ୍କ An Enemy of the People ନାଟକ ଲିଖିତ ହେବାର ମାତ୍ର ଦୁଇବର୍ଷ ପୂର୍ବରୁ - ଲୋକସେବା ବା ରାଜନୀତିକ କାର୍ଯ୍ୟକ୍ରମ ହାତକୁ ନେଇ ଏତେବେଳକୁ ଉତ୍ତର-ସତୁରୀରେ ପାଦ ଦେଇସାରିଥିବା ମଧୁବାବୁ ବୟସାଧିକ କାରଣରୁ କ୍ଳାନ୍ତ ଓ ଅବସନ୍ନଗ୍ରସ୍ତ ହୋଇ ପ୍ରଥମ ବିଶ୍ୱଯୁଦ୍ଧୋତ୍ତର କାଳରେ, ଚକ୍ରଧରପୁର ସମ୍ମିଳନୀ ସଭାମଞ୍ଚରେ, ଆଉ ତାଙ୍କ ରାଜନୀତିକ ଆଦର୍ଶ ଓ କୌଶଳକୁ ସହସା ପରିବର୍ତ୍ତନ କରିଦେଇ ହଠାତ୍ ଲୋକପ୍ରିୟ ହୋଇଉଠିଥିବା ଗଣତାନ୍ତ୍ରିକ ଆଦର୍ଶକୁ ଗ୍ରହଣ କରିନେବା ମାନସିକତାରେ ନ ଥିବା ମଧ୍ୟ ସ୍ୱାଭାବିକ ।

କିନ୍ତୁ ୧୮୭୭ରେ ଜନ୍ମଗ୍ରହଣ କରି ମଧୁବାବୁଙ୍କଠାରୁ ପାଖାପାଖି ତିରିଶ ବର୍ଷ କନୀୟାନ ହୋଇଥିବା ଗୋପବନ୍ଧୁଙ୍କ ପକ୍ଷରେ ହଠାତ୍ ହାତପାଆନ୍ତାରେ ମିଳିଯାଇଥିବା ଗଣତାନ୍ତ୍ରିକ ଆଦର୍ଶକୁ ଜାବୁଡ଼ି ଧରିବା ଓ ଜନତା-ଜନାର୍ଦ୍ଦନଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିବା ତଥା ସେମାନଙ୍କୁ ଏକ ରାଜନୀତିକ ଅସ୍ତ୍ର ରୂପେ ବ୍ୟବହାର କରିବା ଓ ଏପରିକି ସେମାନଙ୍କ ବିଚାରକୁ ଆଖିବୁଜି ଗ୍ରହଣ କରିନେବା ଆଦୌ ଅସ୍ୱାଭାବିକ ନ ଥିଲା, ବରଂ ଥିଲା ଏକାନ୍ତ ପ୍ରତ୍ୟାଶିତ । ଉଭୟଙ୍କ ପାରିବାରିକ ପୃଷ୍ଠଭୂମି ପୁଣି ଉଭୟଙ୍କ ଦୃଷ୍ଟିକୋଣକୁ ପ୍ରଭାବିତ କରି ନିର୍ଦ୍ଦିଷ୍ଟ ଦିଗରେ ଗତି କରିବାପାଇଁ, ନିର୍ଦ୍ଦିଷ୍ଟ ରାଜନୀତିକ ଆଦର୍ଶ ଓ କୌଶଳ ଅବଲମ୍ବନ କରିବାପାଇଁ ସେମାନଙ୍କୁ ଅନୁପ୍ରେରିତ କରିଥିବ । ତା ପରେ ଗୋପବନ୍ଧୁ ବହୁ ଦିନ ଜୀବିତ ନ ଥିଲେ ବି ତାଙ୍କ ମୃତ୍ୟୁର ମାତ୍ର ଅଳ୍ପ କେତେ ବର୍ଷ ପରେ ତାଙ୍କର ଦୁଇ ଜଣ ରାଜନୀତିକ ପ୍ରିୟ ଶିଷ୍ୟ, ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ସେଇ ଜନତା-ଜନାର୍ଦ୍ଦନଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରି ମଧ୍ୟ ଦଳୀୟ କ୍ଷମତାଯୁଦ୍ଧରେ ସେହି ସଂଖ୍ୟାଧିକତାର ଦ୍ୱାହୀ ମାଧ୍ୟମରେ ସମ୍ପୂର୍ଣ୍ଣ ଭାବରେ ପରାଜିତ ହୋଇ ରାଜନୀତିକ କ୍ଷେତ୍ରରେ ତା' କେତେ ବିପଜ୍ଜନକ ହୋଇପାରେ ତାହା ହିଁ ଅଙ୍ଗେ ନିଭାଇଥିଲେ ତଥା ଶେଷକୁ ଜାତୀୟ କଂଗ୍ରେସରୁ ବିତାଡ଼ିତ ବି ହୋଇଥିଲେ

Digitized by srujanika@gmail.com

(ଦ୍ର: ଦାଶ, ଗଗନେନ୍ଦ୍ର ନାଥଙ୍କର ଏଇ ସଙ୍କଳନରେ/ପୁସ୍ତକରେ ସ୍ଥାନିତ "'ଭାତ' ଓ 'ପରକଲମ'ର ପୃଷ୍ଠଭୂମି ସନ୍ଧାନରେ" ପ୍ରବନ୍ଧ ।)

ସେଦିନ 'ବର୍ଷକ ମଧ୍ୟରେ ସ୍ୱରାଜ୍ୟ ମିଳିଯିବ' ବୋଲି ମହାତ୍ମା ଗାନ୍ଧିଙ୍କ ପ୍ରତିଶ୍ରୁତି-ଭିତ୍ତିକ ଅସହଯୋଗ ଆନ୍ଦୋଳନର ପ୍ରଳୟ ପ୍ଲାବନରୁ ସୃଷ୍ଟ ଭାବପ୍ରବଣତାର ଆତିଶଯ୍ୟରୁ ନିଜକୁ ସେଇ ସ୍ରୋତରେ ଭାସିଯିବାକୁ ଦେଇଥିଲେ ଗୋପବନ୍ଧୁ, ହୁଏତ ବା ନିଜର ଅଜ୍ଞାତସାରରେ । କିନ୍ତୁ ଏକ ସୁଚିନ୍ତିତ ରାଜନୀତିକ କୌଶଳରୂପେ କିଛି ପରିମାଣରେ ସେଇ ସ୍ରୋତର ପ୍ରତିକୂଳରେ ହିଁ ଗତି କରିବାପାଇଁ ଚାହୁଁଥିଲେ ମଧୁସୂଦନ ଓ ତାଙ୍କ ଅନୁଗାମୀମାନେ । କାରଣ ମୂଳତଃ ଗୋପବନ୍ଧୁ ଭାବପ୍ରବଣ ଓ ମଧୁସୂଦନ ଯୁକ୍ତିପ୍ରବଣ ବ୍ୟକ୍ତିତ୍ୱର ଅଧିକାରୀ ହିଁ ଥିଲେ । ପୁଣି ତାର ଅନ୍ୟ ଐତିହାସିକ କାରଣ ବି ଥିଲା । ମୁଁ ବହୁ ବର୍ଷ ପୂର୍ବେ, ୧୯୮୧ରେ ସୁରେନ୍ଦ୍ର ମହାନ୍ତିଙ୍କ 'କୁଳବୃଦ୍ଧ'ର ଆଲୋଚନା ପ୍ରସଙ୍ଗରେ ଏ ପ୍ରଶ୍ନର ଉତ୍ତର ସୂଚନାତ୍ମକ ଭାବରେ ଓ ସର୍ଜନାତ୍ମକ ସାହିତ୍ୟର ପ୍ରକାଶଭଙ୍ଗୀରେ (କାରଣ ମୋ ଆଲୋଚନାର ବିଷୟବସ୍ତୁ ଥିଲା 'କୁଳବୃଦ୍ଧ') ବ୍ୟକ୍ତ କରିଥିଲି । ତେଣୁ ପ୍ରାସଙ୍ଗିକ ଭାବରେ ମୋର ସେ ଦିନର ସେଇ ଆଲୋଚନାରୁ ଆଉ ଏକ ଦୀର୍ଘ ଉଦ୍ଧୃତି ଏଠାରେ ଦିଆଯାଇପାରେ ।

"ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ ଉତ୍କଳର ଜାତୀୟଜୀବନର ଦୁଇ ସ୍ୱତନ୍ତ୍ର ଗୋଷ୍ଠୀ ବା ଶ୍ରେଣୀ, ଦୁଇ ବିଭିନ୍ନ ସମୟ ତଥା ଦୁଇ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ପ୍ରତୀକ ଥିଲେ । ଓଡ଼ିଶା ରୂପକ ପବିତ୍ର ଯଜ୍ଞକୁଣ୍ଡରେ ଜାତୀୟ ଜୀବନର ବହ୍ନିକୁ ପ୍ରଜ୍ଜ୍ୱଳିତ କରିବାର ମହା ଦାୟିତ୍ୱ ନେଇ ଓ କଣ୍ଠରେ ବରାଭୟର ମନ୍ତ୍ର ଉଚ୍ଚାରଣ କରି ଦେବଦୂତ ସ୍ୱର୍ଗରୁ ଧରାବତରଣ କରିବାପରି ମଧୁସୂଦନ କଲିକତାରୁ ଆସିଥିଲେ ଓଡ଼ିଶା । ଗୋପବନ୍ଧୁ କିନ୍ତୁ ଏଇ ଦେଶର ମାଟିରୁ ଜନ୍ମଲାଭ କରି ଓ ସେଇ ମାଟିରୁ ରସ ଗ୍ରହଣ କରି ନିଜକୁ ପରିପୁଷ୍ଟ କରିଥିଲେ ସେଇ ଯଜ୍ଞକୁଣ୍ଡରେ ବଳି ହେବାର ଦୁର୍ବାର କାମନା ନେଇ । ଉଚ୍ଚଶିକ୍ଷିତ, ସମ୍ଭ୍ରାନ୍ତ, ଅଭିଜାତ, ଉଚ୍ଚବିତ୍ତ ଓ ଉଚ୍ଚ-ମଧ୍ୟବିତ୍ତ ଶ୍ରେଣୀକୁ ନେତୃତ୍ୱ ଦେଇ ସେମାନଙ୍କର ନେତା ଭାବରେ ଓ ସେମାନଙ୍କର ସହାୟତାରେ ଉତ୍କଳର ଜାତୀୟଜୀବନକୁ ତାର ବାଲ୍ୟ ଓ ଶୈଶବାବସ୍ଥାରେ ରକ୍ଷା ଓ ଲାଳନପାଳନ କରିଥିଲେ ମଧୁସୂଦନ । ଗୋପବନ୍ଧୁ କିନ୍ତୁ ଶେଷ-କୈଶୋର ଓ ଆଦ୍ୟ-ଯୌବନରେ ପାଦ ଦେଇଥିବା ଉତ୍କଳ ଜାତୀୟ ଜୀବନର ପରମ ସୁହୃଦ, ଅନ୍ତରଙ୍ଗ ବନ୍ଧୁ ଓ ପ୍ରିୟ ସଖାର ଭୂମିକା ଗ୍ରହଣ କରି ଓ ତାକୁ ବିରାଟ କର୍ମ ପ୍ରେରଣାରେ ଉଦବୁଦ୍ଧ କରି ବିଶାଳ କର୍ମକ୍ଷେତ୍ରରେ ପ୍ରବେଶ କରାଇଥିଲେ । ଏହି କର୍ମରେ ଅର୍ଦ୍ଧ-ଶିକ୍ଷିତ, ଅଶିକ୍ଷିତ, ପରିଚୟହୀନ, ନିମ୍ନ-ମଧ୍ୟବିତ୍ତ ଓ

Digitized by srujanika@gmail.com

ନିମ୍ନବିତ୍ତ ଓ ଦରିଦ୍ର ଜନସାଧାରଣଙ୍କୁ ସେ ବାନ୍ଧବ ଭାବରେ ପାଇଥିଲେ । ବାଲ୍ୟ ଓ ଶୈଶବାବସ୍ଥାର ରକ୍ଷାକବଚ ଓ ଲାଳନପାଳନ-କର୍ତ୍ତାର ଭୂମିକା ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଯୌବନର ସଖାର ଆବଶ୍ୟକତା ସେ ପୂରଣ କରିପାରେ ନାହିଁ । ଯୌବନର ସଖାର ପ୍ରଭାବକୁ ତା କେବେ ବି କ୍ଷୁଣ୍ଣ କରିପାରେ ନାହିଁ । ଯୌବନର ଆରମ୍ଭରେ ବାଲ୍ୟ-ଓ-ଶୈଶବର ରକ୍ଷାକବଚ, ଲାଳନ-ପାଳନ-କର୍ତ୍ତା ଓ ଆଦ୍ୟ-ଯୌବନର ସଖା ଏଇ ଉଭୟଙ୍କ ମଧ୍ୟରେ ସଂଘର୍ଷ ହୋଇଥାଏ । ସେତେବେଳେ କୌଣସି ଗୋଟିଏ ଶକ୍ତିର ପ୍ରଭାବକୁ ଅସ୍ୱୀକାର କରିବା ସମ୍ଭବ ହୋଇପାରେ ନାହିଁ । ପରିଣତିରେ କିନ୍ତୁ ବାଲ୍ୟ ଓ ଶୈଶବର ରକ୍ଷାକବଚ, ଲାଳନ-ପାଳନ-କର୍ତ୍ତାଙ୍କ ପ୍ରଭାବ ଅପେକ୍ଷା ଯୌବନର ସଖାଙ୍କ ପ୍ରଭାବର ଶକ୍ତି ବିଶେଷ ଭାବରେ ଅନୁଭୂତ ହୁଏ, ସମସ୍ତ ଦ୍ୱନ୍ଦ୍ୱ-ସଂଘର୍ଷର ଅବସାନ ହୁଏ । ଉତ୍କଳ ଜାତୀୟ ଜୀବନ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ ହୋଇଥିଲା । ୧୯୦୩ଠାରୁ ଆରମ୍ଭ କରି ୧୯୨୦ ପର୍ଯ୍ୟନ୍ତ ଏକ ଦିଗରେ ରକ୍ଷାକବଚ ତଥା ଲାଳନପାଳନକର୍ତ୍ତା ଓ ଅନ୍ୟ ଦିଗରେ ଅନ୍ତରଙ୍ଗ ବନ୍ଧୁ ଏହି ଉଭୟଙ୍କ ପ୍ରଭାବରେ ଉତ୍କଳର ଜାତୀୟଜୀବନ ପ୍ରତିନିୟତ ଯେପରି ଦ୍ୱିଧା ବିଭକ୍ତ ହେଉଥିଲା । ତା ଉପରେ ପ୍ରଭାବ ବିସ୍ତାର କରିବାପାଇଁ ଉଭୟ ଶକ୍ତି ମଧ୍ୟରେ ହେଉଥିବା ସଂଘର୍ଷ ଥିଲା ତା ଜୀବନର ପରମ ସତ୍ୟ ।

୧୯୨୧ରେ ଏଇ ପରିସ୍ଥିତିର, ଏଇ ସଂଘର୍ଷର ଅବସାନ ହେଲା । ଉତ୍କଳର ଜାତୀୟଜୀବନ ତାର ରକ୍ଷାକବଚ ଓ ଲାଳନପାଳନକର୍ତ୍ତାଙ୍କ ଶାସନଦଣ୍ଡକୁ ଅସ୍ୱୀକାର କରି ଅନ୍ତରଙ୍ଗ ବନ୍ଧୁଙ୍କ ନିର୍ଦ୍ଦେଶକୁ ସାଦରେ ଗ୍ରହଣ କରିନେଲା । ତେଣୁ ସୁରେନ୍ଦ୍ର ମହାନ୍ତି ଯଥାର୍ଥରେ ୧୯୨୧କୁ 'ଓଡିଶା ଇତିହାସର ଏକ ଜଳବିଭାଜିକା ରେଖା' ରୂପେ ଅଭିହିତ କରିଛନ୍ତି (ପୃ.୧୬୬) । କିନ୍ତୁ 'କୁଳବୃଦ୍ଧ'ରେ ୧୯୦୩ରୁ ୧୯୨୧ ପର୍ଯ୍ୟନ୍ତ ଦୁଇ ପରସ୍ପର ବିରୋଧୀ ଶକ୍ତି ଓ ଆଦର୍ଶ ମଧ୍ୟରେ ପ୍ରଭାବ ବିସ୍ତାରପାଇଁ ଚାଲିଥିବା ସଂଘର୍ଷର ସ୍ପଷ୍ଟ ଚିତ୍ର ଆଙ୍କିବାରେ ସମର୍ଥ ହୋଇପାରିନାହାଁନ୍ତି । ମଧ୍ୟାହ୍ନ ଗଗନରୁ ଢଳିପଡୁଥିବା ମଧୁସୂଦନଙ୍କ ନେତୃତ୍ୱ ଓ ମଧ୍ୟାହ୍ନ-ଗଗନ-ଅଭିମୁଖୀ ଗୋପବନ୍ଧୁଙ୍କ ନେତୃତ୍ୱ ମଧ୍ୟରେ ଆଦର୍ଶଗତ ସଂଘର୍ଷର ଚିତ୍ର 'କୁଳବୃଦ୍ଧ'ରେ ଅସ୍ପଷ୍ଟ ରହିଯାଇଛି ।" (ଦାଶ, ଗଗନେନ୍ଦ୍ର ନାଥ, ୨୦୦୫, ପୃ.୧୯୬-୯୭ । ଅବଶ୍ୟ ମଣିଷର ଜୀବନ ସହ ଉତ୍କଳର ଜାତୀୟ ଜୀବନର ତୁଳନାର ସୀମାବଦ୍ଧତା ସ୍ୱୀକାର୍ଯ୍ୟ ଓ ତା ମାତ୍ର ଏକ ସୀମିତ ସମୟକୁ କେନ୍ଦ୍ର କରି କରାଯାଇପାରେ ବୋଲି ଏଠାରେ ସ୍ପଷ୍ଟ ଭାବରେ ସୂଚାଇ ଦେବା ଉଚିତ । କାରଣ ୧୯୨୧ ପରବର୍ତ୍ତୀ କାଳପାଇଁ ଆଉ ଏପରି ତୁଳନା ସ୍ପୃହଣୀୟ ବା ସମ୍ଭବ ନୁହେଁ ।)

Digitized by srujanika@gmail.com

(୧୨)

(୧୨.) ଦେବେନ୍ଦ୍ର କୁମାର ଦାଶ ଉତ୍‌ଥାପନ କରିଥିବା ଆଉ ଗୋଟିଏ ପ୍ରଶ୍ନ ଉତ୍କଳ ସମ୍ମିଳନୀର ପରବର୍ତ୍ତୀ ପର୍ଯ୍ୟାୟ ସମ୍ପର୍କରେ । ସେ କହନ୍ତି, "... ପରବର୍ତ୍ତୀ ଅବସ୍ଥାରେ ସମ୍ମିଳନୀର ଅବସ୍ଥା କଣ ହେଲା ?" ଓ "ପ୍ରବୋଧ କୁମାର ମିଶ୍ର ଓ ଅଳ୍ପ କେତେ ଜଣ ଇତିହାସ ଲେଖକଙ୍କୁ ଛାଡ଼ିଦେଲେ ଉତ୍କଳ ସମ୍ମିଳନୀର ପରବର୍ତ୍ତୀ ଅଧିବେଶନଗୁଡ଼ିକ ସମ୍ପର୍କରେ ଅନ୍ୟ କେହି ପ୍ରାୟତଃ ଆଲୋଚନା କରିନାହାଁନ୍ତି ।" (ଦାଶ, ୨୦୦୫, ପୃ.ବ) । ପୁଣି, "ଚକ୍ରଧରପୁର ପରବର୍ତ୍ତୀ ଅଧିବେଶନଗୁଡ଼ିକର ଦୀପ୍ତି ମ୍ଳାନ ହୋଇପାରେ, ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଦୀପ୍ତିହୀନ କୁହାଯାଇପାରିବ କି ?" (ଦାଶ, ୨୦୦୫, ପୃ.ଭ) । ତେବେ ମୁଁ ବି ୧୯୭୮ରେ ଲିଖିତ Jagannatha and Oriya Nationalism ପ୍ରବନ୍ଧରେ ୧୯୨୩ରେ ସମ୍ମିଳନୀ ପୁନରଭ୍ୟୁତ୍‌ଥାନ କରାଯାଇଥିଲା ବୋଲି ସ୍ପଷ୍ଟ ସୂଚନା ଦେଇଥିଲି (ଦ୍ର: Dash, G.N., 1978, p.372/2014, p.468) । ଅବଶ୍ୟ ଆଲୋଚ୍ୟ 'ଉତ୍କଳ ସମ୍ମିଳନୀ' ପୁସ୍ତକରେ ମଧ୍ୟ ଏ ସମ୍ପର୍କରେ କୌଣସି ଉପାଦାନ ବା ତଥ୍ୟ ନାହିଁ । କିନ୍ତୁ ପ୍ରକାଶ ଅପେକ୍ଷାରେ ଥିବା ପରବର୍ତ୍ତୀ ଖଣ୍ଡରୁ ସେ ସବୁ ଉପାଦାନ ବା ତଥ୍ୟ ମିଳିପାରିବ ବୋଲି ଆଶା କରାଯାଇପାରେ ।

ପ୍ରଥମରୁ କହିରଖିବା ଉଚିତ ଯେ ସେ ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀ ଓ ଭାରତୀୟ ଜାତୀୟ କଂଗ୍ରେସ ଏ ଦୁଇଟି ଅନୁଷ୍ଠାନକୁ କେନ୍ଦ୍ର କରି ଆଲୋଚନା ଅପେକ୍ଷା ଓଡ଼ିଆ-ଜାତୀୟତାବାଦ ଓ ମହାଭାରତୀୟ ଜାତୀୟତାବାଦକୁ କେନ୍ଦ୍ର କରି ଆଲୋଚନା ଅଧିକ ସ୍ପୃହଣୀୟ ଓ ଅଧିକ ଫଳପ୍ରସୂ ହେବ ବୋଲି ମୋର ବିନୀତ ମତ, କାରଣ ପୂର୍ବୋକ୍ତ ଦୁଇଟି ଅନୁଷ୍ଠାନ ମୂଳତଃ ଓ ମୁଖ୍ୟତଃ ଏ ଦୁଇ ଶକ୍ତି ବା ଦୁଇଟି ସ୍ୱତନ୍ତ୍ର ଜାତୀୟତାବାଦର ପ୍ରତିନିଧିତ୍ୱ ହିଁ କରୁଥିଲେ । (ଅବଶ୍ୟ ଏ ଦୁଇଟି ଅନୁଷ୍ଠାନର ନେତୃତ୍ୱ ନେଇଥିବା ଅଧିକାଂଶ ବ୍ୟକ୍ତିମାନଙ୍କ ପକ୍ଷରେ ଓ ଦୃଷ୍ଟିରେ ଅଧିକାଂଶ କ୍ଷେତ୍ରରେ ଏ ଦୁଇଟି ସ୍ୱତନ୍ତ୍ର ଜାତୀୟତାବାଦ ମଧ୍ୟରେ ପ୍ରକୃତ ବିରୋଧ ନ ଥିଲା ଥିଲା ଆପାତ-ବିରୋଧ । ଉଭୟ ମଧ୍ୟରେ ବିରୋଧାଭାସ ସୃଷ୍ଟି ହୋଇଥିଲା ମୁଖ୍ୟତଃ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କାହାକୁ ଅଗ୍ର-ପ୍ରାଧାନ୍ୟ ଦିଆଯିବ ବା ଉଦ୍ଦେଶ୍ୟ ସାଧନପାଇଁ କେଉଁ ରାଜନୀତିକ କୌଶଳ (strategy) ଅବଲମ୍ବନ କରାଯିବ ତାହାକୁ କେନ୍ଦ୍ର କରି ।)

ଉତ୍କଳ ସମ୍ମିଳନୀ ସମ୍ପର୍କୀୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା ୧୯୨୮ରେ ସାଇମନ୍ କମିସନଙ୍କୁ କେନ୍ଦ୍ର କରି । ସାରା ଭାରତରେ ତଥା ଓଡିଶାରେ ମଧ୍ୟ ସାଇମନ୍

Digitized by srujanika@gmail.com

କମିଶନଙ୍କୁ କଂଗ୍ରେସ ବିରୋଧ କରିଥିଲା । ସେତେବେଳେ ପୁଣି ଥରେ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଗୋପବନ୍ଧୁଙ୍କ ପ୍ରସ୍ତାବକୁ ଦୃଢ଼ ବିରୋଧ କରିଥିବା ସେଇ ବ୍ରଜସୁନ୍ଦର ଦାସଙ୍କ ନେତୃତ୍ୱରେ କନିକା ରାଜା ଆଦି ଓଡ଼ିଆ ଜାତୀୟତାବାଦରେ ଉଦବୁଦ୍ଧ ନେତୃବୃନ୍ଦ - ଆନୁଷ୍ଠାନିକ ଭାବରେ ଉତ୍କଳ ସମ୍ମିଳନୀ ପକ୍ଷରୁ ହେଉ ବା ନ ହେଉ - ମଧୁସୂଦନଙ୍କ ପ୍ରେରଣାରେ କଂଗ୍ରେସର ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବରେ ଉପେକ୍ଷା ଓ ଅବଜ୍ଞା କରି ଓଡ଼ିଆ ଅସ୍ମିତା/ଜାତୀୟଜୀବନ ସଂରଚନାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ ଓ ଏକ ନୂତନ ଅଧ୍ୟାୟ ରଚନା କଲେ । (କନିକା ରାଜା ଚକ୍ରଧରପୁର ଅଧିବେଶନରେ ଯୋଗଦେଇ ନ ଥିଲେ । ତା ସତ୍ତ୍ୱେ ସେ ଅଧିବେଶନରେ ତାଙ୍କୁ ଏକ କମିଟିର ସଭ୍ୟ କରାଯାଇଥିଲା । ସେ କିନ୍ତୁ ସମ୍ମିଳନୀର ପରିବର୍ତ୍ତିତ ଲକ୍ଷ୍ୟ/ଆଦର୍ଶକୁ ଗ୍ରହଣ କରୁନଥିବାରୁ ସେ କମିଟିରୁ ଓହରି ଯାଇଥିଲେ ।) ପ୍ରଦୀପ ନିର୍ବାପିତ ହେବା ପୂର୍ବରୁ ସମ୍ପୂର୍ଣ୍ଣ ଦୀପ୍ତିରେ ପ୍ରଜ୍ୱଳିତ ହେବା ପରି ଉତ୍କଳ ସମ୍ମିଳନୀ ସତେ ଯେପରି କଂଗ୍ରେସ ପ୍ରଭାବରୁ ନିଜକୁ ମୁକ୍ତ କରି ପୁଣି ଥରେ ନିଜସ୍ୱ ଦୀପ୍ତିରେ ପୂର୍ଣ୍ଣ ଉଦ୍ଭାସିତ ହୋଇଉଠିଥିଲା । କାରଣ ଚକ୍ରଧରପୁର ଅଧିବେଶନ ପୂର୍ବର ପ୍ରାଣଶକ୍ତି ସମ୍ମିଳନୀର ଆଉ ନ ଥିଲା । ସମ୍ମିଳନୀର ନେତୃବୃନ୍ଦ ୧୯୨୮ର ଡିସେମ୍ବର ଦ୍ୱିତୀୟ ସପ୍ତାହରେ ପାଟନାଠାରେ ସାଇମନ କମିସନଙ୍କୁ ସ୍ୱାଗତ କରିବା, ଭେଟିବା ତଥା ସ୍ମାରକପତ୍ର ଦେବା ଫଳରେ ସାରା ଭାରତରେ ପ୍ରାୟ ସର୍ବତ୍ର ବିରୋଧର ସମ୍ମୁଖୀନ ହୋଇଥିବା କମିସନ୍ ଯେ ଅତ୍ୟନ୍ତ ପ୍ରୀତ ଓ ଓଡ଼ିଆମାନଙ୍କ ଦାବି ପ୍ରତି ଅତ୍ୟନ୍ତ ସହାନୁଭୂତିଶୀଳ ହୋଇପଡ଼ିଥିଲେ ତା ଆଉ ବୁଝାଇ କହିବାର ଆବଶ୍ୟକତା ନାହିଁ (ଦ୍ର: ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ, ୧୯୮୮, ପୃ. ୪୨୩-୨୯ ଓ ମହାପାତ୍ର, ଜଷ୍ଟିସ୍ ହରିହର, ୨୦୦୪, ପୃ.୨୭୯-୮୦) । ଶୁଣାଯାଏ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲେ ଆର୍ଥନୀତିକ ଦୃଷ୍ଟିରୁ ତାହା କିପରି ସ୍ୱାବଲମ୍ବୀ ହୋଇପାରିବ ବୋଲି କମିଶନଙ୍କ ପ୍ରଶ୍ନର ଉତ୍ତରରେ ବ୍ରଜସୁନ୍ଦର ସେ ଦିନ କୁଆଡ଼େ ଦର୍ପିତ ଉତ୍ତର ଦେଇ କହିଥିଲେ, "We will tax, tax and tax ourselves until we make the province financially viable." ବା ସେହିପରି କିଛି । ଏପରି ଉତ୍ତର ତଥା ଓଡ଼ିଆମାନଙ୍କର ଜାତିପ୍ରୀତି କୁଆଡ଼େ ସେ ଦିନ କମିଶନଙ୍କୁ ମୁଗ୍ଧ କରିଦେଇଥିଲା । ତେଣୁ କମିସନ (ପରବର୍ତ୍ତୀ କାଳରେ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ହୋଇଥିବା) ତାର ଅନ୍ୟତମ ସଭ୍ୟ ଅଟ୍‌ଲିଙ୍କ ଅଧ୍ୟକ୍ଷତାରେ ଓଡ଼ିଆମାନଙ୍କ ଦାବିପ୍ରତି ସହାନୁଭୂତିଶୀଳ ଏକ ସବ୍-କମିଟିର ଗଠନ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବହୁ ଦିନର ସ୍ୱପ୍ନକୁ ସାକାର କରିଦେବାପାଇଁ ଏକ ଦୃଢ଼ ପଦକ୍ଷେପ ହିଁ ନେଇଥିଲେ ।

Digitized by srujanika@gmail.com

କମିସନଙ୍କର ଓଡ଼ିଆମାନଙ୍କ ଦାବି ପ୍ରତି ସହାନୁଭୂତିଶୀଳ ମନୋଭାବ ହିଁ ସେଇ ୧୯୨୮ର ଡିସେମ୍ବର ଶେଷ ସପ୍ତାହରେ କଲିକତା କଂଗ୍ରେସ ଅଧିବେଶନରେ ପଣ୍ଡିତ ମୋତିଲାଲ ନେହୁରୁଙ୍କ ଉପସ୍ଥାପିତ ଓଡ଼ିଶା-ବିରୋଧୀ ମନୋଭାବ/ଆଭିମୁଖ୍ୟ ସମ୍ବଳିତ ରିପୋର୍ଟର ତଥା ଓଡ଼ିଆମାନଙ୍କ ପ୍ରତି ତାଚ୍ଛଲ୍ୟସୂଚକ ମନ୍ତବ୍ୟର ପ୍ରତିବାଦରେ ଅଧିବେଶନରେ ଯୋଗଦେଇଥିବା ଓଡ଼ିଆ କଂଗ୍ରେସୀ ପ୍ରତିନିଧି/ନେତାମାନଙ୍କୁ ଯେପରି ପରୋକ୍ଷରେ ବାଧ୍ୟ କରିଥିଲା ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ଆନୁଷ୍ଠାନିକ ଭାବରେ କଂଗ୍ରେସର ସଭାସ୍ଥଳ ବର୍ଜନ କରିବାପାଇଁ । ନଚେତ୍ ଓଡ଼ିଶାରେ ଜାତୀୟ କଂଗ୍ରେସର ତଥା ସେମାନଙ୍କର ରାଜନୀତିକ ସ୍ଥିତି ବିପନ୍ନ ହୋଇପଡ଼ିବାର ଆଶଙ୍କା ନିଶ୍ଚୟ ଥିଲା । ସେତେବେଳେ ସ୍ପଷ୍ଟ ହୋଇଥିଲା ଯେ ୧୯୨୦ରେ ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଶାର ସ୍ୱାତନ୍ତ୍ର୍ୟକୁ ଦେଇଥିବା ସ୍ୱୀକୃତି ଥିଲା ତାତ୍କାଳିକ ଅସ୍ଥାୟୀ ସ୍ୱୀକୃତି ମାତ୍ର । (ଏ ସମ୍ପର୍କରେ କିଛି ବିବରଣପାଇଁ, ଦ୍ର: ଦାଶ, କୈଳାସ ଚନ୍ଦ୍ର, ୨୦୦୩, ପୃ.୩୩-୩୭, ବିଶେଷ ଭାବରେ ପୃ.୩୬ରେ ପ୍ରଦତ୍ତ ୩ୟ ପ୍ରସ୍ତାବ) । କିନ୍ତୁ ଏପରି ଅସ୍ଥାୟୀ ସ୍ୱୀକୃତି ପାଇବାର ବର୍ଷେ ବି ନ ଯାଉଣୁ ସିଂହଭୂମ ଜିଲ୍ଲାର ଓଡ଼ିଆ ପ୍ରତିନିଧିମାନଙ୍କୁ ୧୯୨୧ ଡିସେମ୍ବରରେ ହେଉଥିବା ଅହମଦାବାଦ କଂଗ୍ରେସରେ ଯୋଗଦେବାକୁ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ବିହାର ପ୍ରାଦେଶିକ କଂଗ୍ରେସ କମିଟି ବାଟେ ଯିବାପାଇଁ ଅନ୍ୟାୟରେ ବାଧ୍ୟ କରିବା ଭିତରେ ଜାତୀୟ କଂଗ୍ରେସର ସମ୍ପାଦକ ସେଇ ପଣ୍ଡିତ ମୋତିଲାଲ ନେହୁରୁଙ୍କ ଓଡ଼ିଶା-ବିରୋଧୀ ଆଭିମୁଖ୍ୟକୁ ପୁଣି ଥରେ ଏଠାରେ ସ୍ମରଣ କରାଯାଇପାରେ ।

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଗୋପବନ୍ଧୁ ଜାତୀୟ କଂଗ୍ରେସ ଓ ଅସହଯୋଗ ଆନ୍ଦୋଳନର ଯଜ୍ଞକୁଣ୍ଡରେ ସତ୍ୟବାଦୀ ବନବିଦ୍ୟାଳୟ, ଚକ୍ରଧରପୁର ଓଡ଼ିଆ ହାଇସ୍କୁଲ, ସିଂହଭୂମିରେ ଓଡ଼ିଆ ଆନ୍ଦୋଳନ ଓ ଏପରି କି ଉତ୍କଳ ସମ୍ମିଳନୀକୁ ବି ଆହୁତି ଢାଳିଦେବା ପରେ ମଧ୍ୟ ଓ ଏପରି କି କଲିକତା ବିଶ୍ୱବିଦ୍ୟାଳୟର ନେତୃତ୍ୱରେ ପ୍ରଥମ ଥରପାଇଁ ସ୍ନାତକୋତ୍ତର ସ୍ତରରେ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପନା ଓ ଗବେଷଣା କାର୍ଯ୍ୟକ୍ରମ ଉପରେ ଅସହଯୋଗର ନିରୁତ୍ସାହ-ଜନକ ବାରି ସେଚନ କରିଦେବା ପରେ ବି (ଓ ଉତ୍କଳ ସମ୍ମିଳନୀ ସ୍ଥାପନର ଚଉଠ-ଶତାବ୍ଦୀ ପରେ ମଧ୍ୟ) ସେ ଦିନ ୧୯୨୮ର କଂଗ୍ରେସ ମଞ୍ଚରୁ ଓଡ଼ିଆମାନଙ୍କ ପକ୍ଷରେ ନ୍ୟାୟବିଚାର ପାଇବା ତଥାପି ସମ୍ଭବପର ନ ଥିଲା; ବରଂ ବିଦେଶୀ ବ୍ରିଟିଶ୍ ସରକାରଙ୍କଠାରୁ ନ୍ୟାୟବିଚାର ମିଳିବାର ସମ୍ଭାବନା ଅପେକ୍ଷାକୃତ ଅଧିକ ହିଁ ଥିଲା । ତେଣୁ ସେ ଦିନ ବି ମଧୁସୂଦନ ଓ ତାଙ୍କ ଅନୁଗାମୀ ବ୍ରଜସୁନ୍ଦର ଆଦିଙ୍କ

Digitized by srujanika@gmail.com

ଗୃହୀତ ପନ୍ଥା ଓ କୌଶଳର ଉପଯୋଗିତା ପୁଣି ଥରେ ପ୍ରମାଣିତ ହୋଇଥିଲା । ଅବଶ୍ୟ ଗୋପବନ୍ଧୁ ଏତେ ବେଳକୁ ଆଉ ଜୀବିତ ନ ଥିଲେ । ଓଡ଼ିଆମାନେ ସେ ଦିନ କଂଗ୍ରେସ ସଭାସ୍ଥଳ ବର୍ଜନ କରିବା ଫଳରେ ହିଁ ୧୯୨୮ରେ ମୋତିଲାଲ ନେହୁରୁ ଓ ଜାତୀୟ କଂଗ୍ରେସ ଓଡ଼ିଶାର ସ୍ୱାତନ୍ତ୍ର୍ୟକୁ କୁଣ୍ଠିତ ଭାବରେ ସ୍ଥାୟୀ (?) ସ୍ୱୀକୃତି ଦେବାକୁ ଅଗତ୍ୟା ଯେପରି ବାଧ୍ୟ ହୋଇଥିଲେ ।

କେବଳ ସେତିକି ନୁହେଁ, ସାଇମନ୍ କମିସନ୍‌ଙ୍କ ସହାନୁଭୂତିଶୀଳ ସୁପାରିଶର ପରବର୍ତ୍ତୀ କାଳରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ସମ୍ପର୍କିତ କେତେକ ପ୍ରଶ୍ନର ବିଚାର ପାଇଁ ଗଠିତ ଓଡନେଲ୍ କମିଟିକୁ ପଣ୍ଡିତ ନୀଳକଣ୍ଠ ପ୍ରଥମେ ଏକ ଦୀର୍ଘ ସ୍ମାରକପତ୍ର ପ୍ରେରଣ କରିବା ପରେ ମଧ୍ୟ କିପରି ନିଜେ କମିଟି ନିକଟରେ ସାକ୍ଷ୍ୟ ଦେବାକୁ ଜାମ୍‌ସେଦପୁର ପର୍ଯ୍ୟନ୍ତ ଯାଇ (୧୯୩୨ର ଜାନୁଆରୀ ୧୦ ତାରିଖରେ) ଶେଷ ମୁହୂର୍ତ୍ତରେ ବି ଜାତୀୟ କଂଗ୍ରେସର ନେତାମାନଙ୍କ ଓଡ଼ିଶା ବିରୋଧୀ ସାଂଗଠନିକ ଷଡ଼ଯନ୍ତ୍ର ଫଳରେ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ସାକ୍ଷ୍ୟ ଦେଲେ ନାହିଁ ବା ଦେଇପାରିଲେ ନାହିଁ (ଦ୍ର: ଦାସ, ପଣ୍ଡିତ ନୀଳକଣ୍ଠ, ୨୦୦୩, ପୃ. ୧୧୧-୧୧୨ ଓ ମହାପାତ୍ର, ଜଷ୍ଟିସ ହରିହର, ୨୦୦୪, ପୃ.୨୮୦-୮୧) ତା ମଧ୍ୟ ଏ ପ୍ରସଙ୍ଗରେ ସ୍ମରଣୀୟ । କାରଣ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବାପାଇଁ ବିଦେଶୀ ବ୍ରିଟିଶ୍ ସରକାରଙ୍କର ସହାନୁଭୂତିଶୀଳ ମନୋବୃତ୍ତି ସତ୍ତ୍ୱେ କଂଗ୍ରେସର କେତେକ ପ୍ରଭାବଶାଳୀ ବ୍ୟକ୍ତି ତଥାପି ତା ଚାହୁଁନଥିଲେ । ୧୯୨୧ ଡିସେମ୍ବରରେ ଜାତୀୟ କଂଗ୍ରେସର ଅହମଦାବାଦ ଅଧିବେଶନରେ ଯୋଗଦେବାପାଇଁ ସିଂହଭୂମିର ଓଡ଼ିଆ ପ୍ରତିନିଧିମାନଙ୍କୁ ବିହାରର ଯେଉଁ ରାଜେନ୍ଦ୍ରପ୍ରସାଦଙ୍କ ପ୍ରରୋଚନାରେ ମୋତିଲାଲ ନେହୁରୁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ବାଟେ ନୁହେଁ, ବିହାର ପ୍ରାଦେଶିକ କମିଟି ବାଟେ ଯିବାକୁ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଓ ଅନ୍ୟାୟରେ ବାଧ୍ୟ କରିଥିଲେ ବୋଲି ପଣ୍ଡିତ ନୀଳକଣ୍ଠଙ୍କ କନିଷ୍ଠ ସହଯୋଗୀ ପଣ୍ଡିତ ଗୋଦାବରୀଶ କହନ୍ତି ସେଇ ରାଜେନ୍ଦ୍ରପ୍ରସାଦ ଏବେ ପୁଣି ଥରେ ଖଳ-ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଓଡନେଲ୍ କମିଟି ନିକଟରେ ତାଙ୍କର ସାକ୍ଷ୍ୟ-ପ୍ରଦାନ ଅଭିପ୍ରାୟକୁ ବ୍ୟର୍ଥ କରିଦେଇଥିଲେ ବୋଲି ପଣ୍ଡିତ ନୀଳକଣ୍ଠ ବି ଲେଖିଛନ୍ତି । କିନ୍ତୁ ଏଇ ପଣ୍ଡିତ ନୀଳକଣ୍ଠ ତ ଉତ୍କଳମଣି ଗୋପବନ୍ଧୁଙ୍କ ଘନିଷ୍ଠ ସହଯୋଗୀ ଭାବରେ ଓଡ଼ିଶାର ତାତ୍କାଳିକ ସ୍ୱାର୍ଥକୁ ପଛରେ ପକାଇ ଭାରତୀୟ ଜାତୀୟ କଂଗ୍ରେସକୁ ସେ ଦିନ ଓଡ଼ିଶାକୁ ଆବାହନ କରିଆଣିବାର ନେତୃତ୍ୱ ନେଇଥିଲେ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ । (ଏଠାରେ ସ୍ମରଣ ରଖିବା ଉଚିତ ଯେ ସେଦିନ

Digitized by srujanika@gmail.com

ଚକ୍ରଧରପୁରର ଉତ୍କଳ ସମ୍ମିଳନୀର ସାଧାରଣ ଅଧିବେଶନରେ ୩ୟ ନିର୍ଦ୍ଧାରଣ "ଭାରତୀୟ ଜାତୀୟ ମହାସମିତିର ପ୍ରକୃତି ଏବଂ ଗଠନ ବଦଳାଇବାକୁ ନିଯୁକ୍ତ ହୋଇଥିବା ସବ୍‌କମିଟି ତାଙ୍କ ରିପୋର୍ଟରେ ଭାଷାସୂତ୍ରରେ କଂଗ୍ରେସ ପ୍ରଦେଶ ଗଠନର ଯେ ବିଧାନ ଗ୍ରହଣ କରିଅଛନ୍ତି, ଏ ସମ୍ମିଳନୀ ତାହା ସର୍ବାନ୍ତଃକରଣରେ ସମର୍ଥନ କରୁଅଛନ୍ତି ।" ପ୍ରସ୍ତାବର ଅନୁମୋଦକ ଥିଲେ ସେଇ ପଣ୍ଡିତ ନୀଳକଣ୍ଠ । ନାଗପୁର ଜାତୀୟ କଂଗ୍ରେସରେ ଗୃହୀତ 'ଭାଷାସୂତ୍ରରେ ପ୍ରଦେଶ ଗଠନ' ଅଭିବ୍ୟକ୍ତିର ଯେ ସୀମାବଦ୍ଧତା ଥିଲା ତଥା ତାର ବ୍ୟାଖ୍ୟା ଯେ ପରିସ୍ଥିତି ଭେଦରେ ବଦଳିଯାଇପାରେ ତା ସେ ଦିନ ନା ବୁଝିପାରିଥିଲେ ଗୋପବନ୍ଧୁ ନା ତାଙ୍କ ଅନୁଗାମୀମାନେ ! ଉଦାହରଣ ସ୍ୱରୂପ ଦିଲ୍ଲୀସ୍ଥ ସାହିତ୍ୟ ଏକାଡେମୀ ବିଳମ୍ବରେ ହେଲେ ମଧ୍ୟ ଯେଉଁ ମୈଥିଳୀ ଭାଷାର ସାହିତ୍ୟକୁ ସ୍ୱୀକୃତି ଦେଲେ, ସେହି ମୈଥିଳୀ ଭାଷାଭାଷୀ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା କଣ ସେ ଦିନ ଦିଆଯାଇପାରିଥିଲା ନା ଭବିଷ୍ୟତରେ ତା ଦିଆଯିବାର କ୍ଷୀଣତମ ସମ୍ଭାବନା ବି ଥିଲା ?) ବିଷୟଟିକୁ ଏଇ ଦୃଷ୍ଟିକୋଣରୁ ଦେଖିବାର ଆବଶ୍ୟକତା ଅଛି । ଏ ସବୁରୁ ସ୍ପଷ୍ଟ ଜଣାଯାଏ ଯେ ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ଚଳାଇରଖି ଜାତୀୟ ସ୍ତରରେ ଲାଭବାନ ହେଉଥିବା ସମୟରେ ରାଜେନ୍ଦ୍ର ପ୍ରସାଦ ଓ ମୋତିଲାଲ ନେହୁରୁଙ୍କ ପରି ସେଇ ଜାତୀୟ ସ୍ତରର ନେତାମାନେ ଓଡ଼ିଆମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିରଖିବାପାଇଁ ଆଦୌ କୁଣ୍ଠିତ ହେଉନଥିଲେ ।

ତେବେ ସେ ଦିନ ଓଡନେଲ୍ କମିଟି ନିକଟକୁ ଏକ ସ୍ମାରକପତ୍ର ପ୍ରେରଣ କରିବା ତଥା ତାଙ୍କ ନିକଟରେ ସାକ୍ଷ୍ୟ ଦେବାପାଇଁ ଜାମସେଦପୁର ପର୍ଯ୍ୟନ୍ତ ଯିବା ଭିତର ଦେଇ ପଣ୍ଡିତ ନୀଳକଣ୍ଠ ଯେପରି - ସଚେତନ ଭାବରେ ହେଉ ବା ନ ହେଉ - ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ମଧୁସୂଦନଙ୍କ ଅନୁଗାମୀ ବ୍ରଜସୁନ୍ଦର ଆଦିଙ୍କ ଆଭିମୁଖ୍ୟର, ସେମାନଙ୍କ ପ୍ରଦର୍ଶିତ ପନ୍ଥା ଓ କୌଶଳର ଉପଯୋଗିତାକୁ ତଥା ସେମାନଙ୍କ ପ୍ରଦତ୍ତ ଦିଗଦର୍ଶନକୁ ସ୍ୱୀକୃତି ଦେଉଥିଲେ, ହୁଏତ ବା ପରୋକ୍ଷରେ । ନୁହେଁ କି ? କାରଣ ଏହି ଓଡନେଲ୍ କମିଟିର ଗଠନ ତ କୌଣସି କଂଗ୍ରେସ ନେତାଙ୍କର ନୁହେଁ, ସେଇ ବ୍ରଜସୁନ୍ଦର ଆଦିଙ୍କ ଉଦ୍ୟମର ଫଳଶ୍ରୁତି ହିଁ ଥିଲା । ଏ ସତ୍ୟକୁ ଆଜି ଅସ୍ୱୀକାର କରାଯାଇପାରେ କି ? ଅବଶେଷରେ ଜାତୀୟ ସ୍ତରରେ ପ୍ରଭାବଶାଳୀ କଂଗ୍ରେସ ନେତାମାନଙ୍କର ଓଡ଼ିଶା ବିରୋଧୀ ସମସ୍ତ ଚକ୍ରାନ୍ତକୁ ବ୍ୟର୍ଥ କରିଦେଇ ବ୍ରିଟିଶ ସରକାର ହିଁ ୧୯୩୬ରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେଇଥିଲେ । ଏହା ହିଁ ତ ସତ୍ୟ । ଏଇଥିରୁ ହିଁ ସ୍ପଷ୍ଟ ଜଣାଯାଏ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇବାରେ

Digitized by srujanika@gmail.com

ମଧୁସୂଦନଙ୍କର ପୁରୋଦୃଷ୍ଟି, ଆଭିମୁଖ୍ୟ ଓ ଭୂମିକାର ଗୁରୁତ୍ୱ ଓ ସାର୍ଥକତା । କେବଳ ସେତିକି ନୁହେଁ, ତଥାକଥିତ 'କ୍ଷମତା-ସଂଘର୍ଷ' ହୋଇଥିଲା ଯେଉଁ ସିଂହଭୂମିର ଚକ୍ରଧରପୁରରେ ଓ ଯେଉଁ ସିଂହଭୂମିବାସୀଙ୍କ ସଂଖ୍ୟାଧିକ ପ୍ରତିନିଧିମାନଙ୍କର ଭୋଟ୍ ମାଧ୍ୟମରେ ତଥା ଦର୍ଶକ-ଜନତାଙ୍କ ସମର୍ଥନରେ ସେଦିନ ସେଥିରେ ଗୋପବନ୍ଧୁ ବିପୁଳ ବିଜୟ ଲାଭ କରିପାରିଥିଲେ, ଭାଗ୍ୟର ନିଷ୍ଠୁର ପରିହାସରେ (ତଥା ଭାରତୀୟ ଜାତୀୟ କଂଗ୍ରେସର ଜାତୀୟ ସ୍ତରରେ ପ୍ରଭାବଶାଳୀ ବିହାରୀ ନେତାମାନଙ୍କର ଚକ୍ରାନ୍ତରେ) ସେଇ ସିଂହଭୂମି ଓ ସେହି ସିଂହଭୂମିବାସୀମାନେ ସବୁଦିନପାଇଁ ପରବର୍ତ୍ତୀ କାଳର ରାଜନୀତିକ ଓଡ଼ିଶାର ବାହାରେ ହିଁ ରହିଗଲେ । ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁଙ୍କ ଭୂମିକା ଓ ବିଜୟର ଏହା କଣ ନ ଥିଲା ପରୋକ୍ଷ ଫଳଶ୍ରୁତି ?

(ପୁଣି ଏଠାରେ ଅବାନ୍ତର ହେଲେ ମଧ୍ୟ କହିବା ବୋଧହୁଏ ଉଚିତ ହେବ ଯେ ମୋର ବ୍ୟକ୍ତିଗତ ମତରେ ସେ ଦିନରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ - ବୋଧହୁଏ ଓଡ଼ିଆମାନଙ୍କ ସଂଖ୍ୟାନ୍ୟୂନତା, ଦାରିଦ୍ର୍ୟ ଓ ବିଭିନ୍ନ କ୍ଷେତ୍ରରେ ଅନଗ୍ରସରତା ତଥା ହୀନମନ୍ୟତା ଆଦି କାରଣରୁ - ଭାରତୀୟ ଜାତୀୟ କଂଗ୍ରେସର ମଞ୍ଚରେ ଓଡ଼ିଆମାନଙ୍କୁ ନ୍ୟାୟବିଚାର ମିଳିବାରେ ସର୍ବଦା କେବଳ କୁଣ୍ଠା ହିଁ ପ୍ରକାଶ ପାଇଛି । ୧୯୫୫ର ସୀମା କମିଶନ ରିପୋର୍ଟ ତାହାର ଆଉ ଏକ ଉଦାହରଣ । ମଧୁସୂଦନଙ୍କ ପରେ ମଧ୍ୟ ଯେଉଁ କତିପୟ ଓଡ଼ିଆ ନିର୍ଭୀକ ଭାବରେ କଂଗ୍ରେସ ମଞ୍ଚରେ ଓଡ଼ିଆମାନଙ୍କର ଦାବି ଉପସ୍ଥାପନ କରିବାପାଇଁ ବାହାରିଛନ୍ତି ସେମାନେ ସମସ୍ତେ ପ୍ରାୟ କଂଗ୍ରେସର ସାଂଗଠନିକ ଚକ୍ରାନ୍ତର ଶରବ୍ୟ ହୋଇ କଂଗ୍ରେସରୁ ବିତାଡ଼ିତ ବି ହୋଇଛନ୍ତି, ଏପରି କି ଓଡ଼ିଶାରେ ଭାରତୀୟ ଜାତୀୟ କଂଗ୍ରେସର ଚେରକୁ ବିଶେଷ ଭାବରେ ଦୃଢ଼ କରିଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପଟ୍ଟଶିଷ୍ୟ ଓ ଅନୁଗାମୀ ପଣ୍ଡିତ ନୀଳକଣ୍ଠ ତଥା ପଣ୍ଡିତ ଗୋଦାବରୀଶ ଓ ତାର ବହୁ ପରେ ବିଜୁ ପଟ୍ଟନାୟକ ମଧ୍ୟ ଏପରି ସାଂଗଠନିକ ଚକ୍ରାନ୍ତର ଶରବ୍ୟ ହୋଇଛନ୍ତି । ତାର କାରଣ କଂଗ୍ରେସର ସଂଗଠନରେ ଓଡ଼ିଆମାନଙ୍କର ପ୍ରାୟ କୌଣସି ବଳିଷ୍ଠ ଭୂମିକା ବା ପ୍ରତିନିଧିତ୍ୱ ରହିପାରୁନଥିଲା । ଆଉ ଯେଉଁମାନଙ୍କ ହାତରେ ତାର ନିୟନ୍ତ୍ରଣ ରହୁଥିଲା ସେମାନଙ୍କୁ କେବଳ 'ହାଁ ଜୀ' କରିପାରୁଥିବା ବ୍ୟକ୍ତିମାନେ ହିଁ ଓଡ଼ିଶାରେ କଂଗ୍ରେସର ସାଂଗଠନିକ ଚକ୍ରାନ୍ତରେ ତିଷ୍ଠି ପାରୁଥିଲେ, କୌଣସି ସ୍ୱାଭିମାନୀ ଓଡ଼ିଆ ନୁହେଁ ।)

୧୯୭୮ରେ ପ୍ରକାଶିତ ମୋର Jagannatha and Oriya Nationalism ପ୍ରବନ୍ଧରେ ମୁଁ ମୁଖ୍ୟତଃ ଉପରେ ସୂଚିତ ଓଡ଼ିଆ-ଜାତୀୟତାବାଦ ଓ ମହା-ଭାରତୀୟ

Digitized by srujanika@gmail.com

ଜାତୀୟତାବାଦକୁ କେନ୍ଦ୍ର କରି ସେଇ ଦୃଷ୍ଟିକୋଣରୁ ହିଁ ଆଲୋଚନା କରିଥିଲି । ସେ ଦିନ ସେ ସମ୍ପର୍କରେ ସଂକ୍ଷେପରେ ତଥା ସୂଚନାତ୍ମକ ଭାବରେ ମୁଁ କହିଥିଲି, 'Though it emerged victorious the Indian nationalism could never overwhelm Oriya nationalism which always maintained its separate existence till today. It may be mentioned that Utkala Sammilani as separate from Indian National Congress was revived in 1923 A.D. Both the forces ran in two parallel courses and came to conflict at times. Though always dominated by Indian nationalism the Oriya nationalism continued to remain a strong force, the creation of separate Orissa province in 1936 A.D. providing it further impetus.' (Dash, G.N., 1978, p.372 / 2014, p.468) ଓ ଆହୁରି ମଧ୍ୟ, 'Even the Advocates of the Indian nationalism in Orissa did neither ignore nor forget the historic tie between the Oriyas and Lord Jagannatha. This is because many of them, as mentioned earlier, were primarily committed to Oriya nationalism and in their hearts remained committed to it even after their conversion to the cause of Indian nationalism. To them the contradiction between the two forces did not exist and they were supplementary in nature.' (Dash, G.N., 1978, p.373 / 2014, p.469) ଇତ୍ୟାଦି । ମୋର ଏଇ ସୂଚନାତ୍ମକ ଅଭିମତ ଏବେ ବି ମୋଟାମୋଟି ଠିକ ଅଛି ବୋଲି ମୁଁ ମନେ କରେ । ଅବଶ୍ୟ ଦେବେନ୍ଦ୍ର କୁମାର ଦାଶଙ୍କ ସୂଚିତ ଚର୍ଚ୍ଚା-ନିବନ୍ଧଗୁଡ଼ିକ (ଦାଶ, ୨୦୦୫, ପୃ.ଳ) ପ୍ରକାଶ ପାଇବା ପୂର୍ବରୁ ହିଁ ମୋର ଏଇ ପ୍ରବନ୍ଧ ପ୍ରକାଶ ପାଇଥିଲେ ହେଁ ମୋର ଏଇ ପ୍ରବନ୍ଧକୁ କେବଳ ନିବେଦିତା ମହାନ୍ତିଙ୍କ ବ୍ୟତୀତ ଅନ୍ୟ କେହି ଓ ଏପରି କି ଦେବେନ୍ଦ୍ର କୁମାର ଦାଶ ମଧ୍ୟ ସେହି ବିଷୟକ ଆଲୋଚନା-ପରିସରକୁ ଆଣିନାହାଁନ୍ତି ।

(୧୩)

(୧୩.) ଅବାନ୍ତର ବୋଲି ମନେ ହେଲେ ମଧ୍ୟ ଏଠାରେ ସର୍ବପ୍ରଥମେ ସୂଚାଇ ଦେବା ଉଚିତ ଯେ କୌଣସି ବ୍ୟକ୍ତିବିଶେଷଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ବିଚାର ପ୍ରସଙ୍ଗରେ ଓ ବିଶେଷ ଭାବରେ ତାଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର କୌଣସି ନିର୍ଦ୍ଦିଷ୍ଟ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ଓ ତାହା ତାଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ଦୁର୍ବଳ ଦିଗ କହି

Digitized by srujanika@gmail.com

ତାଙ୍କୁ ପ୍ରତିକୂଳ ସମାଲୋଚନା କରିବା ପୂର୍ବରୁ କେବଳ ଗୋଟିଏ ତୁଳାଦଣ୍ଡରେ ତାହା ବିଚାର କରିବା ଉଚିତ । ସେଇ ତୁଳାଦଣ୍ଡଟି ହେଉଛି ତାଙ୍କର କାମ କେତେଦୂର ସମସାମୟିକ ରାଜନୀତିକ-ଆର୍ଥନୀତିକ-ସାମାଜିକ ଆଦର୍ଶଦ୍ୱାରା ପ୍ରଭାବିତ ହୋଇଥିଲା ବା କେତେଦୂର କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥରେ ପରିଚାଳିତ ହୋଇଥିଲା । (ଆଜିର ସାମାଜିକ ଆଦର୍ଶରେ ବହୁ-ବିବାହ ଏକ ଘୃଣ୍ୟ କାର୍ଯ୍ୟ ବୋଲି ପରିଗଣିତ ତଥା ବେଆଇନ୍ । କିନ୍ତୁ ସେତେବେଳର ସାମାଜିକ ଆଦର୍ଶ ଓ ସେତେବେଳେ ପ୍ରଚଳିତ ପରମ୍ପରାଦ୍ୱାରା ପ୍ରଭାବିତ ହୋଇ ବାମଣ୍ଡାର ରାଜା ବାସୁଦେବ ସୁଢଳ ଦେବ ବହୁ-ବିବାହ କରିଥିଲେ । କିନ୍ତୁ କେବଳ ସେଇଥିପାଇଁ ତାଙ୍କ ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରି ତାଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ବହୁ ଉଜ୍ଜ୍ୱଳ ଦିଗ ସମ୍ପର୍କରେ ଉଦାସୀନ ରହିବା ସ୍ପୃହଣୀୟ ହେବ କି ?)

ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ସମ୍ପର୍କରେ ଏ ବିଷୟ ଅବତାରଣା କରିବାର କାରଣ ହେଉଛି, ପ୍ରଥମ ବିଶ୍ୱ-ଯୁଦ୍ଧୋତ୍ତର ପୃଥିବୀରେ ଦୁଇଟି ରାଜନୀତିକ-ଆର୍ଥନୀତିକ ଆଦର୍ଶ ବା ବିଚାରଧାରା ହଠାତ୍ ଲୋକପ୍ରିୟ ହୋଇପଡ଼ିଥିଲା: ଗଣତାନ୍ତ୍ରିକ ଓ ସମାଜବାଦୀ (ବା ଆହୁରି ସ୍ପଷ୍ଟଭାବରେ କହିଲେ ସାମ୍ୟବାଦୀ) ବିଚାରଧାରା । ତେବେ ୧୯୪୯ରେ ସାମ୍ୟବାଦୀ ବିଚାରଧାରା ଉପରୁ ଆସ୍ଥା ଓ ବିଶ୍ୱାସ ହରାଇଥିବା (ଓ ସେମାନଙ୍କର ସାମ୍ୟବାଦୀ-ସ୍ୱପ୍ନଭଙ୍ଗ ଘଟିଥିବା) ଛଅଜଣ ବିଶିଷ୍ଟ ବୁଦ୍ଧିଜୀବୀଙ୍କ ଲେଖା ରିଚାର୍ଡ୍ କ୍ରସମାନ୍‌ଙ୍କ (Richard Crossman) ସମ୍ପାଦନାରେ The God that Failed ନାମକ ଏକ ବହୁ ଚର୍ଚ୍ଚିତ ପୁସ୍ତକରେ ପ୍ରକାଶ ପାଇଥିଲା । ତାର ଠିକ୍ ଚାଳିଶ ବର୍ଷ ପରେ ସୋଭିଏଟ୍ ଇଉନିଅନର ପତନ ହେଲା । ତା ପରେ ସାମ୍ୟବାଦୀ ବିଚାରଧାରାର ପ୍ରଭାବ ଭାରତରେ ତଥା ସାରା ବିଶ୍ୱରେ ବହୁ ପରିମାଣରେ ତିରୋହିତ ହୋଇଯାଇଛି ବୋଲି କୁହାଯାଇପାରେ । ସେହିପରି ସ୍ୱାଧୀନ ଭାରତରେ ଗଣତନ୍ତ୍ରର ପରୀକ୍ଷାନିରୀକ୍ଷା ଯେ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଯାଇଛି, ତାହା କେତେକ ଅନ୍ତର୍ଦୃଷ୍ଟିସମ୍ପନ୍ନ ବୁଦ୍ଧିଜୀବୀ ଉପଲବ୍ଧି କରିପାରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ମାତ୍ର ଅଳ୍ପ କେତେକ ତାହାକୁ ପ୍ରକାଶ୍ୟରେ ସ୍ୱୀକାର କରିବାପାଇଁ ପ୍ରସ୍ତୁତ । (ଏବେ ଓଡିଶାରେ ସାରଥିବାବା ଓ ତ୍ରାହି-ଅଚ୍ୟୁତ ଆଶ୍ରମର ସଂଖ୍ୟାହୀନ ସମର୍ଥକ ଯେପରି ହଠାତ୍ ବିରୋଧୀ ଭୂମିକାରେ ଅବତୀର୍ଣ୍ଣ ହୋଇପଡିଲେ, ତା କେବଳ ସେକ୍ସପିଅରଙ୍କ Julius Caesar ନାଟକର Mark Antonyଙ୍କ ସେଇ ପ୍ରସିଦ୍ଧ ସଂଳାପ ସ୍ମରଣ କରାଇଦିଏ ନାହିଁ, ସେଇମାନଙ୍କ ହାତରେ ଦେଶର ଭବିଷ୍ୟତ କେତେଦୂର ସୁରକ୍ଷିତ ସେଇ ଅତ୍ୟନ୍ତ

Digitized by srujanika@gmail.com

ଅପ୍ରୀତିକର ପ୍ରଶ୍ନର ସାମ୍ନା ବି କରାଇଦିଏ ।) ୨୦୦୧ରେ ପ୍ରକାଶ ପାଇଛି Hans-Hermann Hoppeଙ୍କ Democracy the God that Failed ପୁସ୍ତକ । ହୁଏତ ବା ସେ ପୁସ୍ତକ ପ୍ରକାଶନର ଚାଳିଶ ବର୍ଷ ପରେ ଲୋକେ ମଧ୍ୟ ଗଣତାନ୍ତ୍ରିକ ବିଚାରଧାରା ଉପରୁ ଆସ୍ଥା ଓ ବିଶ୍ୱାସ ସମ୍ପୂର୍ଣ୍ଣରୂପେ ହରାଇ ବସିବେ । ସେତେବେଳେ ମଧ୍ୟ ବର୍ତ୍ତମାନର ସିଦ୍ଧାନ୍ତ ବଦଳିଯିବାର ସମ୍ଭାବନା ରହିଛି । ତେଣୁ ଆଜି ମଧୁସୂଦନ ଓ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ର ବିଚାର ସମୟରେ ସେମାନଙ୍କର ରାଜନୀତିକ-ସାମାଜିକ ପରିବେଶକୁ ବିଚାରକୁ ନେବା ତ ଅତ୍ୟାବଶ୍ୟକ ।

(୧୪)

(୧୪.) ବହୁବର୍ଣ୍ଣବିଭାରେ ବିମଣ୍ଡିତ, ବହୁ ଦିଗ ଓ ପରସ୍ପର ବିରୋଧାଭାସ-ସମନ୍ୱିତ ବହୁ ବିସ୍ମୟୋଦ୍ଦୀପକ ତଥା ବିଚିତ୍ର ଘଟଣାବହୁଳ ଓ କର୍ମତତ୍ପର ମଧୁସୂଦନଙ୍କ ବ୍ୟକ୍ତିସତ୍ତା ଯେ ଅତ୍ୟନ୍ତ ଜଟିଳ ଓ ବିବାଦୀୟ (controversial) ଥିଲା ତା ଜଣା କଥା । କାଳେ କାଳେ ଓ ଦେଶେ ଦେଶେ ନେତୃତ୍ୱର ଦାୟିତ୍ୱ ନେଇଥିବା ବ୍ୟକ୍ତିମାନେ ତ ବିବାଦୀୟ ହୋଇଥାନ୍ତି । ମଧୁସୂଦନଙ୍କ କ୍ଷେତ୍ରରେ ଏ ନୀତିର ବ୍ୟତିକ୍ରମ ଯେ ହୋଇନାହିଁ ସେଥିରେ ବିସ୍ମୟର କୌଣସି କାରଣ ନାହିଁ । ଯୌବନରେ ପତ୍ନୀହୀନ ହୋଇଥିବା ଓ ଚିର ରୁଗ୍‌ଣ ମଧୁସୂଦନ ମଧ୍ୟ ଥିଲେ କ୍ଷଣକୋପୀ, ଚିଡ଼୍‌ଚିଡ଼ା । ତା ବ୍ୟତୀତ ଓଡ଼ିଆମାନଙ୍କପାଇଁ ବହୁ ତ୍ୟାଗ ସ୍ୱୀକାର କରିଥିବା ତଥା ଓଡ଼ିଆମାନଙ୍କ ମଧ୍ୟରେ ବହୁ କ୍ଷେତ୍ରରେ ଅଗ୍ରସୂରୀ ହେବାର ଗୌରବ ଲାଭ କରିଥିବା ମଧୁସୂଦନଙ୍କ ଚରିତ୍ରରେ ସ୍ୱାଭାବିକ ଭାବରେ ଅନ୍ତତଃ କିଛି ପରିମାଣରେ 'ହାମ୍ ବଡ଼ା, ସବ୍ ଜାନ୍‌ତା' ସ୍ୱଭାବ (megalomania) ଥିବାର ଯଥେଷ୍ଟ କାରଣ ଥିଲା ଓ ବେଳେବେଳେ ତା ହୁଏତ 'ହଠାତ୍' ଆତ୍ମପ୍ରକାଶ କରୁଥିଲା । ତା ମଧ୍ୟ ନ ଥିଲା ଅତ୍ୟନ୍ତ ଅପ୍ରତ୍ୟାଶିତ । ତା ସତ୍ତ୍ୱେ ଓଡ଼ିଆ ଜାତୀୟଜୀବନର ବିକାଶରେ ତାଙ୍କର ଅଗ୍ରଗାମିତା ଓ ଦୂରଦୃଷ୍ଟି, ତ୍ୟାଗର ତୁଳନାହୀନତା ଓ ମହନୀୟତା ତଥା ଅବଦାନର ବିପୁଳତା ଓ ଗୁରୁତ୍ୱ ଦୃଷ୍ଟେ ତାଙ୍କ ଚରିତ୍ର/ବ୍ୟକ୍ତିସତ୍ତାର ସେଇ କେତେକ ସେପରି ଗୁରୁତ୍ୱପୂର୍ଣ୍ଣ ନ ଥିବା ଦୁର୍ବଳତାକୁ ଆଜି ଗୁରୁତ୍ୱ ଦେବାର ବା ତାହା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାର କୌଣସି ଆବଶ୍ୟକତା ନାହିଁ । ପୁଣି ଗୋପବନ୍ଧୁଙ୍କ ସହ ତାଙ୍କ ସମ୍ପର୍କରେ ମଧ୍ୟ ବେଳେବେଳେ ତାଙ୍କ ଚରିତ୍ରରେ ଥିବା ସେଇ ସେଇ ଦିଗର ସ୍ପର୍ଶ ଲାଗୁନଥିଲା ତା ନୁହେଁ । ତେଣୁ ମଧୁସୂଦନ-ଗୋପବନ୍ଧୁ ସମ୍ପର୍କରେ ମଧ୍ୟ ରହିଛି ଜଟିଳତାର ସ୍ପର୍ଶ । ସେଥିରେ ଥିବା ବିରୋଧାଭାସର ଅନ୍ତରାଳରେ

Digitized by srujanika@gmail.com

ପ୍ରକୃତ ବିରୋଧ ନ ଥିଲା ବୋଲି ଭାବିବାର ବହୁ ବଳିଷ୍ଠ କାରଣ ତ ବିଦ୍ୟମାନ, ସେଥିରେ ପୁଣି ଉଭୟ ଥିଲେ ଅତ୍ୟନ୍ତ ଉଦାରମନା । ଏଠାରେ ସୂଚାଇଦେବା ଆବଶ୍ୟକ ଯେ ୧୯୨୦-୨୧ରେ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଉତ୍କଳମଣି ଗୋପବନ୍ଧୁଙ୍କ ଘନିଷ୍ଠ ସହଯୋଗୀ ଭାବରେ ଓଡ଼ିଶାର ତାତ୍କାଳିକ ସ୍ୱାର୍ଥକୁ ଉପେକ୍ଷା କରି ଓ ଉତ୍କଳଗୌରବ ମଧୁସୂଦନଙ୍କ ଅନୁଗାମୀମାନଙ୍କୁ ବିରୋଧ କରି ଯେଉଁ ପଣ୍ଡିତ ନୀଳକଣ୍ଠ ଭାରତୀୟ ଜାତୀୟ କଂଗ୍ରେସକୁ ଓଡ଼ିଶାକୁ ଆବାହନ କରିବାରେ ନେତୃତ୍ୱ ନେଇଥିଲେ ସେଇ ପଣ୍ଡିତ ନୀଳକଣ୍ଠଙ୍କୁ ଉତ୍କଳଗୌରବ ମଧୁସୂଦନ ତାଙ୍କ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଙ୍କର ଉତ୍ତରାଧିକାରୀ ବା ଓଡ଼ିଶାର ରାଜନୀତିକ ନେତୃତ୍ୱପାଇଁ ମନୋନୀତ କରିଯାଇଥିଲେ । ମଧୁସୂଦନଙ୍କ ଉଦାରତାର ଆଉ କି ଅଧିକ ପ୍ରମାଣ ଦିଆଯାଇପାରେ ?

ସେହିପରି ମୂଳତଃ ମାନବତାବାଦୀ ତଥା ଏକ ଭାବପ୍ରବଣ ବ୍ୟକ୍ତିତ୍ୱର ଅଧିକାରୀ ଗୋପବନ୍ଧୁଙ୍କର କେତେକ ରାଜନୀତିକ ଆଭିମୁଖ୍ୟ, ଭୂମିକା ଓ କୌଶଳର ଉପଯୋଗିତା ଓ ଔଚିତ୍ୟ ସମ୍ପର୍କରେ ସନ୍ଦେହ ଓ ବିତର୍କର ଅବକାଶ ଥିଲେ ହେଁ, ତାଙ୍କର ଉଭୟ ଓଡ଼ିଆ ତଥା ଭାରତୀୟ ଜାତିପ୍ରୀତି ସମ୍ପର୍କରେ ସନ୍ଦେହ କରିବାର ଅବକାଶ ଯେପରି ନାହିଁ, ସେହିପରି ଜାତି ପାଇଁ ତାଙ୍କ ତ୍ୟାଗର ପଟାନ୍ତର ମଧ୍ୟ ବିରଳ । ମଧୁସୂଦନ ମହାଭାରତୀୟ ଜାତୀୟତାରୁ ରାଜନୀତିକ କର୍ମଜୀବନ ଆରମ୍ଭ କରି କ୍ରମେ ଓଡ଼ିଆ ଜାତୀୟତାରେ ଆତ୍ମଦାନ କରିଥିଲେ । ପକ୍ଷାନ୍ତରରେ ଗୋପବନ୍ଧୁ ଓଡ଼ିଆ ଜାତୀୟତାରୁ କର୍ମଜୀବନ ଆରମ୍ଭ କରି କ୍ରମେ ଅଧିକରୁ ଅଧିକ ମହାଭାରତୀୟ ଜାତୀୟତାରେ ଅବଗାହନ କରିଥିଲେ । ତେଣୁ ଉଭୟଙ୍କର ରାଜନୀତିକ ବିଚାରଧାରା ଓ କୌଶଳ ସ୍ୱତନ୍ତ୍ର ହେବା ଥିଲା ଏକାନ୍ତ ସ୍ୱାଭାବିକ । ଉଭୟ ଥିଲେ ପରସ୍ପରର ପରିପୂରକ ବ୍ୟକ୍ତିତ୍ୱ ଓ ଚରିତ୍ର ।

(୧୫)

(୧୫.) ଉତ୍କଳଗୌରବ ମଧୁସୂଦନ (ତଥା ବ୍ରଜସୁନ୍ଦର ଆଦି ତାଙ୍କ ଅନୁଗାମୀମାନଙ୍କ) ଓ ଉତ୍କଳମଣି ଗୋପବନ୍ଧୁ (ତଥା ନୀଳକଣ୍ଠ ଆଦି ତାଙ୍କ ଅନୁଗାମୀମାନଙ୍କ) ସମ୍ପର୍କରେ ଆଲୋଚନା ଅବ୍ୟାହତ ରହୁ; ସେ ସମ୍ପର୍କରେ ନୂଆ ନୂଆ ପ୍ରଶ୍ନ ଉତ୍‌ଥାପିତ ହେଉ; ଅଧିକରୁ ଅଧିକ ଅନୁସନ୍ଧାନ କରାଯାଉ; ନୂତନ ନୂତନ ତଥ୍ୟ ଓ ଉପାଦାନ ପଦାକୁ ଆସି ସେ ବିଷୟକ ଏକ ପୂର୍ଣ୍ଣାଙ୍ଗ ଚିତ୍ର ନିର୍ମିତ ହେଉ; ସେ ଦିଗରେ ଦେବେନ୍ଦ୍ର କୁମାର, କୈଳାସ ଚନ୍ଦ୍ର ଦାଶ ଓ ଅନ୍ୟମାନେ ସକ୍ରିୟ ରହନ୍ତୁ; ଓଡ଼ିଆମାନେ ସେମାନଙ୍କର ପିତୃପୁରୁଷଙ୍କୁ ଚିହ୍ନନ୍ତୁ ଓ ସେମାନଙ୍କ ସ୍ମୃତିରେ ମସ୍ତକ ଅବନତ କରନ୍ତୁ ।

Digitized by srujanika@gmail.com

[ଟିପ୍ପଣୀ:- ଏ ପ୍ରବନ୍ଧର ପ୍ରାଥମିକ ରୂପ 'ଝଙ୍କାର'(୬୨/୭), ୨୦୧୦ ଅକ୍ଟୋବର ସଂଖ୍ୟାରେ 'ଉତ୍କଳ ସମ୍ମିଳନୀ ଓ ମଧୁବାବୁ' ଶୀର୍ଷକରେ ପ୍ରକାଶ ପାଇଥିଲା । ଏହା କିଛି ପରିମାଣରେ ତାହାର ପରିବର୍ଦ୍ଧିତ ଓ ପରିବର୍ତ୍ତିତ ରୂପ । ଏହାକୁ ଆହୁରି ସମ୍ପ୍ରସାରିତ ଓ ଆହୁରି କିଛି ପରିମାଣରେ ପରିବର୍ଦ୍ଧିତ କରିବାର ପ୍ରାଥମିକ ଯୋଜନା ଥିବା ସତ୍ତ୍ୱେ ମୋର ସ୍ୱାସ୍ଥ୍ୟ ତଥା ଦୃଷ୍ଟିଶକ୍ତିର ହାନି ହେତୁ ତା ଆଉ ସମ୍ଭବ ହୋଇପାରିଲା ନାହିଁ । ତେଣୁ ତାହାକୁ ବର୍ତ୍ତମାନ ରୂପରେ ପ୍ରକାଶ କରାଯାଉଛି ।]

ଉପାଦାନ ପଞ୍ଜିକା

- ଠାକୁର, ରବୀନ୍ଦ୍ର ନାଥ, ୧୯୬୧କ, ଛିନ୍ନ ପତ୍ରାବଲୀ, ରବୀନ୍ଦ୍ର ରଚନାବଲୀ, (ଜନ୍ମଶତବାର୍ଷିକୀ ସଂସ୍କରଣ), ୧୧ଶ ଖଣ୍ଡ ।
- ଠାକୁର, ରବୀନ୍ଦ୍ର ନାଥ, ୧୯୬୧ଖ, ଭାଷାବିଚ୍ଛେଦ, ରବୀନ୍ଦ୍ର ରଚନାବଲୀ, (ଜନ୍ମଶତବାର୍ଷିକୀ ସଂସ୍କରଣ), ୧୪ଶ ଖଣ୍ଡ, (ପ୍ରଥମ ପ୍ରକାଶ-୧୮୯୮) ।
- ଦାଶ, କୈଳାସ ଚନ୍ଦ୍ର, ୨୦୦୩, ଓଡିଶା ବାହାରେ ଓଡିଆ ଜାଗୃତି । ଭୁବନେଶ୍ୱର, ପବ୍ଲିଶିଂ ହାଉସ୍ ।
- ଦାଶ, ଗଗନେନ୍ଦ୍ର ନାଥ, ୨୦୦୫, ନିର୍ବାଚିତ ପ୍ରବନ୍ଧ ସଙ୍କଳନ । କଟକ, ବିଦ୍ୟାପୁରୀ ।
- ଦାଶ, ଗଗନେନ୍ଦ୍ର ନାଥ, ୨୦୦୬, ସରସ୍ୱତୀ ଫକୀରମୋହନ : ସାହିତ୍ୟ ଓ ବ୍ୟକ୍ତିତ୍ୱ । କଟକ, ଗ୍ରନ୍ଥମନ୍ଦିର ।
- ଦାଶ, ଗଗନେନ୍ଦ୍ର ନାଥ, ୨୦୧୪କ, ପୁନଶ୍ଚ ଜନଶ୍ରୁତି କାଞ୍ଚିକାବେରୀ । ରମା ଦେବୀ, ଭୁବନେଶ୍ୱର ।
- ଦାଶ, ଗଗନେନ୍ଦ୍ର ନାଥ, ୨୦୧୪କ, ପୁନଶ୍ଚ ଜନଶ୍ରୁତି କାଞ୍ଚିକାବେରୀ । ରମା ଦେବୀ, ଭୁବନେଶ୍ୱର ।
- ଦାଶ, ଗଗନେନ୍ଦ୍ର ନାଥ, ୨୦୧୪ଖ, ନବ ଦିଗନ୍ତର ଆହ୍ୱାନରେ । ରମା ଦେବୀ, ଭୁବନେଶ୍ୱର ।
- ଦାଶ, ଗଗନେନ୍ଦ୍ର ନାଥ, ୨୦୧୪ଗ, 'ଭାତ' ଓ 'ପରକଲମ'ର ପୃଷ୍ଠଭୂମି ସନ୍ଧାନରେ (ଦୁଇ ପଣ୍ଡିତ କଥା) । (ଝଙ୍କାର, ୬୬/୧; ୬୬/୨ ଓ ଦ୍ର: ଏଇ ସଙ୍କଳନ) ।

Digitized by srujanika@gmail.com

- ଦାଶ, ଦେବେନ୍ଦ୍ର କୁମାର, ୨୦୦୫, ଉତ୍କଳ ସମ୍ମିଳନୀ । ରାଉରକେଲା, ପ୍ରଗତି ଉତ୍କଳ ସଂଘ ।
- ଦାଶ, ଦେବେନ୍ଦ୍ର କୁମାର, ୨୦୧୦କ, ଉତ୍କଳମଣି ଗୋପବନ୍ଧୁ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ । କବିତା) କଟକ, ଗ୍ରନ୍ଥମନ୍ଦିର (ପ୍ରଥମ ମୁଦ୍ରଣ ୨୦୦୩) ।
- ଦାଶ, ଦେବେନ୍ଦ୍ର କୁମାର,(ସଂ.)୨୦୧୦ଖ, ଉତ୍କଳଗୌରବ ମଧୁସୂଦନଙ୍କ ଓଡ଼ିଆ ରଚନାବଳୀ । ରାଉରକେଲା, ପ୍ରଗତି ଉତ୍କଳ ସଂଘ ।
- ଦାଶ, ପଣ୍ଡିତ, ସୂର୍ଯ୍ୟନାରାୟଣ, ୧୯୭୫, ଉତ୍କଳମଣି ଗୋପବନ୍ଧୁ । କଟକ, ଗ୍ରନ୍ଥମନ୍ଦିର ।
- ଦାଶ, ପଣ୍ଡିତ, ସୂର୍ଯ୍ୟନାରାୟଣ, ୧୯୮୮, ଦେଶପ୍ରାଣ ମଧୁସୂଦନ । କଟକ, ଗ୍ରନ୍ଥମନ୍ଦିର ।
- ଦାସ, ପଣ୍ଡିତ ନୀଳକଂଠ, ୨୦୦୩, ଆତ୍ମଜୀବନୀ । କଟକ, ଗ୍ରନ୍ଥମନ୍ଦିର ।
- ନାୟକ, ସ୍ମରଣ କୁମାର, ୨୦୦୪, ପଣ୍ଡିତ ଗୋପବନ୍ଧୁ ଗ୍ରନ୍ଥାବଳୀ କଟକ, ଜଗନ୍ନାଥ ରଥ ।
- ପାଢ଼ୀ, ଶଙ୍କର ପ୍ରସାଦ ଓ ସୂପକାର, ଶ୍ରଦ୍ଧାକର, ୧୯୯୬, ଓଡ଼ିଆ ଭାଷା ଆନ୍ଦୋଳନ ।
- ମହତାବ, ହରେକୃଷ୍ଣ, ୧୯୮୭, ସାଧନାର ପଥେ, ପ୍ରଥମ ଭାଗ । କଟକ, ହରେକୃଷ୍ଣ ମହତାବ ଫାଉଣ୍ଡେସନ ।
- ମହାପାତ୍ର, ଜଷ୍ଟିସ୍ ହରିହର, ୨୦୦୪, ଜୀବନ ଓ ଜୀବିକା । ଭୁବନେଶ୍ୱର, ଲାର୍କ ବୁକ୍ସ ।
- ମହାନ୍ତି, ସୁରେନ୍ଦ୍ର, ୧୯୮୨, ଅନ୍ଧଦିଗନ୍ତ । କଟକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ।
- ମହାନ୍ତି, ସୁରେନ୍ଦ୍ର, ୧୯୭୮, କୁଳବୃଦ୍ଧ । ଭୁବନେଶ୍ୱର/କଟକ, ଲାର୍କ ବୁକ୍ସ ।
- ମିଶ୍ର, ପଣ୍ଡିତ ଗୋଦାବରୀଶ, ୨୦୦୬, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ । କଟକ, ଗ୍ରନ୍ଥମନ୍ଦିର ।
- ମିଶ୍ର, ପୂର୍ଣ୍ଣଚନ୍ଦ୍ର, ୨୦୧୦, ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁଙ୍କ ଭୂମିକା । ସମାଜ, ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା, ୨୦୧୦ ।
- ମୁଖୋପାଧ୍ୟାୟ, ପ୍ରଭାତକୁମାର, ୧୯୬୧, ରବୀନ୍ଦ୍ର ଜୀବନୀ, ୨ୟ ଖଣ୍ଡ, ବିଶ୍ୱଭାରତୀ ।

Digitized by srujanika@gmail.com

- Beames, John, 1961, Memoirs of a Bengal Civilian. London, Chatto & Windus.
- Chandra, Sudhir, 1982, Regional Consciousness in 19th Century India, Economic and Political Weekly (August, 7).
- Chandra, Sudhir, 1994, The Oppressive Present: Literature and Social Consciousness in Colonial India. OUP.
- Dash, D. K. 1998, Madhusudan Das: The Man and His Missions (Rourkela, Pragati Utkala Sangha).
- Dash, G.. N. 1978/2014, Jagannatha and Oriya Nationalism. in: The Cult of Jagannath and Regional Tradition of Orissa. ed. by A. Eschmann et al.. New Delhi, Manohar.
- Dash, G N., 2011, The Centre Was Out There in the South, in Ghumsar. in: Centres Out There. (*Facets of Subregional Identities in Orissa)* eds. Hermann Kulke, Georg Berkemer. New Delhi, Manohar.
- Hoppe, Hans-Hermann 2001, Democracy, the God that Failed. Transaction Publishers (U.S.A. & U.K.).
- Kar, Purushottam, 1987, Indian National Congress and Orissa. Cuttack, Kitab Mahal.
- Mukherjee, Prabhat, 1957, History of the Freedom Movement in Orissa, Vol. II (1857-1911).
- Patnaik, Sudhakar, 1957, History of the Freedom Movement in Orissa, Vol. III (1911-1930).
- Rath, Radhanath, (no date) Pandit Gopabandhu Das. Liefsketch and messages on his death. Reprinted from "The People" of 28th June 1928 from Lahore with Lalaji's Editorial note. Cuttack, Gopabandhu Sahitya Mandir.

■■

Digitized by srujanika@gmail.com

'ଭାତ' ଓ 'ପରକଲମ'ର ପୃଷ୍ଠଭୂମି ସନ୍ଧାନରେ

(ଦୁଇ ପଣ୍ଡିତ କଥା)

(୧)

ଆପାତତଃ 'ଭାତ' ଓ 'ପରକଲମ' ନାଟକ ଦୁଇଟି ମଧ୍ୟରେ କୌଣସି ଯୋଗସୂତ୍ର ଥିବାର ମନେହୁଏନାହିଁ । 'ଭାତ'ର ଲେଖକ କାଳିଚରଣ ପଟ୍ଟନାୟକ ଓ 'ପରକଲମ'ର ଲେଖକ ଗୋପାଳ ଛୋଟରାୟ ଦୁଇ ସ୍ୱତନ୍ତ୍ର ବ୍ୟକ୍ତି । 'ଭାତ' ନାଟକ ପ୍ରଥମେ ଅଭିନୀତ ହୋଇଥିଲା ଡିସେମ୍ବର ୧୯୪୪ରେ, ସ୍ୱାଧୀନତାର ପୂର୍ବେ ତ 'ପରକଲମ' ନାଟକ ଅଭିନୀତ ହେଲା ପାଖାପାଖି ତାର ଗୋଟିଏ ଦଶକର ଅଳ୍ପ ପୂର୍ବେ ଓ ସ୍ୱାଧୀନତା ପରେ, ୧୯୫୪ରେ । ପୁଣି 'ଭାତ' ଆର୍ଥନୀତିକ ବିଷୟକୁ ଉପଜୀବ୍ୟ କରି ରଚିତ ହୋଇଥିବା ସମୟରେ 'ପରକଲମ' ରାଜନୀତିକ ବିଷୟକୁ (ସ୍ୱାଧୀନ ଭାରତରେ ଗଣତନ୍ତ୍ରର ପରୀକ୍ଷାନିରୀକ୍ଷା ଓ ତାର ଭବିଷ୍ୟତକୁ) କେନ୍ଦ୍ର କରି ରଚିତ । ଏପରି କି ଉଭୟ ନାଟକର ନାମକରଣ ମଧ୍ୟରେ ବି କୌଣସି ସାମଞ୍ଜସ୍ୟ ନାହିଁ; ଭାତ ଖାଦ୍ୟଦ୍ରବ୍ୟ ବିଶେଷ ହୋଇଥିବା ସମୟରେ, ଏକଦା ଲେଖିବା କାମରେ ବ୍ୟବହୃତ ହେଉଥିବା ପରକଲମ ସହ ତାର କି ସମ୍ପର୍କ ବା ଥାଇପାରେ ? ତେଣୁ ଆପାତତଃ ଉଭୟ ନାଟକ ମଧ୍ୟରେ କୌଣସି ଯୋଗସୂତ୍ର ନାହିଁ । ତେବେ ସର୍ବସାଧାରଣରେ ଗୋଚରୀଭୂତ ହେଉନଥିଲେ ମଧ୍ୟ ଉଭୟ ନାଟକ ମଧ୍ୟରେ ପ୍ରକୃତରେ ଏକ ନିବିଡ଼ ଯୋଗସୂତ୍ର ବିଦ୍ୟମାନ । ସେଇ ଯୋଗସୂତ୍ର ସମ୍ପର୍କରେ ଆଲୋକପାତ କରିବା ବା ସୂଚନା ଦେବା ମାଧ୍ୟମରେ ଏ ଦୁଇଟି ନାଟକର ପ୍ରକୃତ ଅବବୋଧକୁ ସହଜ କରିଦେବା ହିଁ ଏ ପ୍ରବନ୍ଧର ସୀମିତ ଉଦ୍ଦେଶ୍ୟ । ତେବେ ଆନୁଷଙ୍ଗିକ ଭାବରେ ଓଡ଼ିଶା ରାଜନୀତିର ଏକ ସ୍ୱଳ୍ପ ଚର୍ଚ୍ଚିତ ଅଧ୍ୟାୟ ଉପରେ ମଧ୍ୟ କିଛି ଆଲୋକପାତ କରାଯିବ ।

'ଭାତ' ୧୯୪୪ର ଶେଷରେ ପ୍ରଥମେ ଅଭିନୀତ ହୋଇଥିଲା ବୋଲି କୁହାଯାଇଛି । ପୁଣି ୧୯୪୫ରେ ହୋଇଥିବା ଭାତ ନାଟକର ପ୍ରଥମ ସଂସ୍କରଣରେ

Digitized by srujanika@gmail.com

'କଥାପଦେ' ତଳେ ନାଟ୍ୟକାର ଲେଖିଛନ୍ତି, "ଏଇ ଭାତ ନିଅଣ୍ଟିଆ ବେଳେ ଦିନେ ସଞ୍ଜଟାରେ ବସାକୁ ଫେରୁଚି, ମନ ହେଲା ଲେଖିବି 'ଭାତ' । ସେଇଟା ଭାଦ୍ରବ ମାସ । ଲେଖା ଆରମ୍ଭ କରିଦେଲି ।" ନାଟକ ଲେଖା ଶେଷ ହୋଇ ତା ପ୍ରଥମେ ଅଭିନୀତ ହୁଏ ୧୯୪୪ର ଡିସେମ୍ବରରେ । ଏଇଥିରୁ ସ୍ପଷ୍ଟ ଜଣାଯାଏ ଯେ 'ଭାତ' ସମସାମୟିକ ପୃଷ୍ଠଭୂମିରେ ରଚିତ ଓ ସେ ପୃଷ୍ଠଭୂମିର ସମୟ ହେଉଛି ୧୯୪୪ ଖ୍ରୀଷ୍ଟାବ୍ଦ । ପୁଣି କାଳିଚରଣଙ୍କ, "ଏଇ ଭାତ ନିଅଣ୍ଟିଆବେଳେ ... ..." ଅଭିବ୍ୟକ୍ତିର ଅର୍ଥ ପୁରାତନ ବର୍ଷରେ ଅମଳ ହୋଇଥିବା ଧାନ (ଓ ଚାଉଳ) ଶେଷ ହେବା ଓ ନୂତନ ବର୍ଷର ଅମଳର ପୂର୍ବେ ପ୍ରତିବର୍ଷ ସାଧାରଣ ଲୋକେ ଯେଉଁ ସାମୟିକ ଅନ୍ନାଭାବର ସମ୍ମୁଖୀନ ହେଉଥିଲେ ତା ନୁହେଁ; ଏହା ପ୍ରକୃତରେ ଏକ ନିର୍ଦ୍ଦିଷ୍ଟ ସମୟରେ (୧୯୪୩-୪୪ରେ) ଅନ୍ନାଭାବଜନିତ ଦୁର୍ଭିକ୍ଷ ପରିସ୍ଥିତି । ସେଇ ପ୍ରଥମ ସଂସ୍କରଣର ପ୍ରଚ୍ଛଦପଟରେ ଦୁର୍ଭିକ୍ଷପ୍ରପୀଡ଼ିତ ଏକ କଙ୍କାଳସାର ମନୁଷ୍ୟର ଛବି ତଥା ନାଟକର 'ଉପକ୍ରମ'ରେ ପ୍ରଦତ୍ତ, "ଭାତ, ଭାତ ଭାତ ..." ସଙ୍ଗୀତ ଓ ପ୍ରଥମ ଅଙ୍କ, ଦ୍ୱିତୀୟ ଦୃଶ୍ୟ (୧/୨)ରୁ ତାର ସ୍ପଷ୍ଟ ସୂଚନା ବି ମିଳିଥାଏ । ସେହିପରି ଭଜନ ପଧାନର ସଂଳାପ, "ଆଜି ତ ଶହ ଶହ ଲୋକ ପେଟ ଭୋକରେ ମରୁଛନ୍ତି । ଘରେ ଘରେ ବାଡ଼ି ମରୁଡ଼ି; ..." (୪/୨) ମଧ୍ୟ ତାହାର ସୂଚନା କରେ । ସେଇ ଦୁର୍ଭିକ୍ଷରେ ଜୀବନହାନୀର ନିର୍ଦ୍ଦିଷ୍ଟ ସଂଖ୍ୟା ବର୍ତ୍ତମାନ ଲେଖକ ନିକଟରେ ନଥିଲେ ମଧ୍ୟ ଓଡ଼ିଶାର ଗୋପାଳ ଛୋଟରାୟ, ଗଙ୍ଗାଧର ରଥ, ନୀଳମଣି ରାଉତରାୟ, ଅଲେଖ ପ୍ରସାଦ ଦାସ, ଗୋକୁଳମୋହନ ରାୟଚୂଡ଼ାମଣି, ଶ୍ରୀରାମ ଚନ୍ଦ୍ର ଦାଶ ଆଦି ବହୁ ବ୍ୟକ୍ତିଙ୍କ ଆତ୍ମଜୀବନୀ/ସ୍ମୃତିକଥାରୁ ତା କେତେ ଭୟାବହ ହୋଇଥିଲା ତା ସ୍ପଷ୍ଟ ଭାବରେ ଜଣାଯାଏ । ଉଦାହରଣରେ ସେ ସମୟର ଚିତ୍ର ଦେଇ ଗଙ୍ଗାଧର ରଥ କହନ୍ତି, "୪୩' ଜୁନ୍ ଜୁଲାଇ ବେଳକୁ କଟକରେ ଚାଉଳ ଦର ହୁ ହୁ ହୋଇ ବଢ଼ିଲା । ତିନି ବର୍ଷ ଆଗେ ଓଡ଼ିଶାରେ ଚାଉଳ ଟଙ୍କାରେ ଆଠ ସେର ଭାଉରେ ମିଳୁଥିଲା । ବର୍ତ୍ତମାନ ଟଙ୍କାଟିଏ ଦେଲେ ତିନି ସେର ଚାଉଳ ପାଇବା କଷ୍ଟକର ହେଲା । ... ।" ଇତ୍ୟାଦି (ରଥ, ୧୯୯୪, ପୃ.୧୩୬) । ତା ପରେ ପୁଣି ୧୯୪୩-୪୪ର ଚିତ୍ର ଦେଇ ଗଙ୍ଗାଧର ରଥ କହନ୍ତି, "ସେହି ସମୟରେ ଓଡ଼ିଶାର ଚାରିଆଡ଼େ ଅଭାବ, ଅନଟନ ଓ ଅନାହାର ମୃତ୍ୟୁର ନୀରବ ଶୋଭାଯାତ୍ରା ଚାଲିଥାଏ ।" (ରଥ, ଗଙ୍ଗାଧର ୧୯୯୪, ପୃ.୧୪୩) । ଏଥିରୁ 'ଭାତ' ନାଟକର ଆର୍ଥନୀତିକ ପୃଷ୍ଠଭୂମି ଆହୁରି ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ ହୋଇଯାଏ । ଏହି ଦୁର୍ଭିକ୍ଷ ପରିସ୍ଥିତି ଅନୁଧ୍ୟାନ କରିବାପାଇଁ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଭୋକଉପବାସରେ ବ୍ରହ୍ମପୁର ରେଳ ଷ୍ଟେସନରେ ବାସୀ ବରା ଖାଇ ଓ ରୋଗ ଧରି

Digitized by srujanika@gmail.com

ଫେରିଆସି ଓଡ଼ିଶା କମ୍ୟୁନିଷ୍ଟ ଦଳର ପ୍ରାଣ-ପ୍ରତିଷ୍ଠାତା ଓ ଓଡ଼ିଆ ସାହିତ୍ୟରେ ସାମ୍ୟବାଦୀ ଚିନ୍ତାଧାରାର ପ୍ରବର୍ତ୍ତକ ଭଗବତୀ ଚରଣ ପାଣିଗ୍ରାହୀଙ୍କର ଅକାଳ ମୃତ୍ୟୁ ମଧ୍ୟ ହୋଇଥିଲା ୨୩ ଅକ୍ଟୋବର ୧୯୪୩ରେ (ରାଏଚୂଡ଼ାମଣି, ଗୋକୁଳମୋହନ ୧୯୭୭, ପୃ.୧୦୯ ଓ ରଥ, ଗଙ୍ଗାଧର ୧୯୯୪, ପୃ. ୧୩୮-୪୨)। ଏଠାରେ କହିଦେବାର କଥା, ଯେତେଦୂର ଜଣାଯାଏ, 'ଭାତ' ହେଉଛି ଆର୍ଥନୀତିକ ସମସ୍ୟା-କୈନ୍ଦ୍ରିକ ପ୍ରଥମ ଓଡ଼ିଆ ନାଟକ ।

'ଭାତ'ର ବହୁ ପରେ, ସ୍ୱାଧୀନତା ଲାଭ (୧୯୪୭) ଓ ନୂତନ ସମ୍ବିଧାନ (୧୯୫୦) ଅନୁଯାୟୀ ପ୍ରବର୍ତ୍ତିତ ଗଣତନ୍ତ୍ର ଶାସନର ସାବାଳକ ଭୋଟ ପ୍ରଥା ମାଧ୍ୟମରେ ହୋଇଥିବା ପ୍ରଥମ ସାଧାରଣ ନିର୍ବାଚନ (୧୯୫୨)ର ଅଳ୍ପ ପରେ, ୧୯୫୪ରେ, 'ପରକଲମ' ପ୍ରଥମେ ଅଭିନୀତ ହୁଏ । ସେଇ ୧୯୫୪ ବା ତାର ଆଖପାଖ ନାଟକଟିର ପୃଷ୍ଠଭୂମି ବୋଲି ନାଟକରେ ପରୋକ୍ଷରେ ଯେପରି ସୂଚିତ । ତେଣୁ ତାର ପୃଷ୍ଠଭୂମି ସେଇ ୧୯୫୪ର ଆଖପାଖ ବୋଲି ମନରେ ଧାରଣା ହେବା ସ୍ୱାଭାବିକ । ଅବଶ୍ୟ ସେତେବେଳେ (ଅର୍ଥାତ୍ ୧୯୫୪ରେ) ସେଇ ଗଣତନ୍ତ୍ର ଶାସନ ସମ୍ପର୍କୀୟ ଅଭିଜ୍ଞତା ଓ ଅନୁଭୂତି ଥିଲା ଏକାନ୍ତ ଭାବରେ ସୀମାବଦ୍ଧ । କାରଣ ତାର ମାତ୍ର ଅଳ୍ପ ଦିନ ପୂର୍ବେ ହୋଇଥିଲା ଭାରତର ପ୍ରଥମ ସାଧାରଣ ନିର୍ବାଚନ । କିନ୍ତୁ ନାଟକଟିର ପରିଣତିରେ ଆଶାବାଦର ସ୍ପର୍ଶ ଦିଆଯାଇଥିଲେ ମଧ୍ୟ ସେଥିରେ ଭାରତୀୟ ଗଣତନ୍ତ୍ରର ବାସ୍ତବ ଓ ନଗ୍ନ ରୂପ ସ୍ପଷ୍ଟ ଭାବରେ ଉଦ୍‌ଘାଟିତ ହୋଇଛି ତଥା ଗଣତନ୍ତ୍ରର ଅନ୍ଧାରି କୋଣଅନୁକୋଣ, ଦୁର୍ନୀତି ଆଦି ପ୍ରତି ସୂଚନାରେ ଅଙ୍ଗୁଳି ମାତ୍ର ନିର୍ଦ୍ଦେଶ କରାଯାଇଥିଲେ ମଧ୍ୟ ତା ଭବିଷ୍ୟତରେ ତାର ସମସ୍ତ ବିଭତ୍ସତା ଓ ଅଶ୍ଳୀଳତା ସହ ପ୍ରତିଭାତ ହେବାର ଓ ପରିଣାମରେ ଗଣତନ୍ତ୍ର ବିଫଳ ହେବାର ଆଶଙ୍କା ବି ସୂଚନାରେ ଦିଆଯାଇଛି । ତାହା ଅବଶ୍ୟ ସେତେବେଳେ ସୀମିତ ଅନୁଭୂତି ଓ ଅଭିଜ୍ଞତା ଭିତ୍ତିରେ ସାଧାରଣତଃ ଚିନ୍ତା କରାଯାଇପାରୁନଥିଲା । ସେ ଦିନ ବରଂ ଆଶାବାଦର ସ୍ୱପ୍ନ ହିଁ ସମସ୍ତଙ୍କୁ ଘାରିଥିଲା ଓ ତାହାର ପ୍ରଭାବରେ ନାଟ୍ୟକାର ହୁଏତ ବା ଇଚ୍ଛା ବିରୁଦ୍ଧରେ ବାଧ୍ୟ ହୋଇ କୃତ୍ରିମ ଭାବରେ ସେଇ ଆଶାବାଦର ସ୍ପର୍ଶରେ ହିଁ ନାଟକଟିର ଶେଷ ଦୃଶ୍ୟର ପରଦା ପକାଇଦେଇଛନ୍ତି । ଅବଶ୍ୟ ଇତି ମଧ୍ୟରେ ଗଣତନ୍ତ୍ରର ସେ ସବୁ ଦୋଷଦୁର୍ବଳତା ବହୁଗୁଣିତ ହୋଇ ପ୍ରକାଶ୍ୟରେ ସ୍ୱୀକାର କରାଯାଉନଥିଲେ ମଧ୍ୟ ଭାରତରେ ଗଣତନ୍ତ୍ର ଶାସନ ଯେ ବିଫଳ ହୋଇଯାଇଛି ସେଥିରେ କୌଣସି ପ୍ରଜ୍ଞାସମ୍ପନ୍ନ ବ୍ୟକ୍ତିର ସନ୍ଦେହ ନାହିଁ । ଏ ସବୁ କଣ ସ୍ୱାଧୀନତା ପରବର୍ତ୍ତୀ ମାତ୍ର ସାତ ବର୍ଷରେ ଓ ସମ୍ବିଧାନସମ୍ମତ ପ୍ରଥମ ସାଧାରଣ

Digitized by srujanika@gmail.com

ନିର୍ବାଚନ ପରର ମାତ୍ର ଦେଢ଼/ଦୁଇ ବର୍ଷର ସୀମାବଦ୍ଧ ଅନୁଭୂତି ଓ ଅଭିଜ୍ଞତା ଭିତ୍ତିରେ ଦିବ୍ୟଦ୍ରଷ୍ଟା ସ୍ରଷ୍ଟା ସେ ଦିନ, ଅର୍ଥାତ୍ ୧୯୫୪ରେ, ତାଙ୍କ ଦିବ୍ୟଦୃଷ୍ଟିରେ ଦେଖିପାରିଥିଲେ ନା ତାର ଅନ୍ୟ କୌଣସି ବାସ୍ତବ ଭିତ୍ତିଭୂମି ରହିଛି ? – ଏ ପ୍ରଶ୍ନ ସମାଲୋଚକର ମନକୁ ଆଲୋଡ଼ିତ କରିବା ସ୍ୱାଭାବିକ । ତେବେ ଏଠାରେ କହିରଖିବା ଉଚିତ ହେବ ଯେ ମୁଁ ଯେତେଦୂର ଜାଣେ, ମନୋରଞ୍ଜନ ଦାସଙ୍କ ୧୯୪୭ରେ ରଚିତ 'ଅଗଷ୍ଟ ନ' ଓ ୧୯୫୦ରେ ରଚିତ 'ଅବରୋଧ'କୁ ବାଦ ଦେଲେ 'ପରକଲମ' ହେଉଛି ଆଧୁନିକ ରାଜନୀତିକ ସମସ୍ୟା-କୈନ୍ଦ୍ରିକ, ଅନ୍ତତଃ ଗାଣତାନ୍ତିକ ଶାସନ ସମସ୍ୟା-କୈନ୍ଦ୍ରିକ, ପ୍ରଥମ ଓଡ଼ିଆ ନାଟକ ।

ତେବେ ଭାରତର ବ୍ରିଟିଶ ସରକାରଙ୍କ ୧୯୩୫ର ଆଇନ୍ ଅନୁଯାୟୀ ଭାରତରେ ତଥା ମାତ୍ର ୧୯୩୬ରେ ସୃଷ୍ଟ କ୍ଷୁଦ୍ର ଓଡ଼ିଶା ପ୍ରଦେଶରେ ବି ସୀମିତ ଭୋଟ ଅଧିକାର ମାଧ୍ୟମରେ ସ୍ୱାୟତ୍ତ ଶାସନ ବା ଗଣତନ୍ତ୍ରର ସୀମାବଦ୍ଧ ପରୀକ୍ଷାନିରୀକ୍ଷା ୧୯୩୭ରୁ ୧୯୪୪ ମଧ୍ୟରେ ହୋଇଥିଲା । ତେଣୁ ୧୯୫୪ରେ ରଚିତ ଏ ନାଟକରେ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ବିଫଳତାର ଯେଉଁ ସୂଚନା ଓ ଚିତ୍ର ବ୍ୟକ୍ତ ତା ପଛରେ ମୁଖ୍ୟତଃ ସେଇ ୧୯୩୭ରୁ ୧୯୪୪ ମଧ୍ୟବର୍ତ୍ତୀ ଅନୁଭୂତି ଅଭିଜ୍ଞତାର ପ୍ରତିଫଳନ ଥିଲା ବୋଲି ଅନୁମିତ ହୁଏ । ଅର୍ଥାତ୍ ଅତୀତର ଅନୁଭୂତି ଅଭିଜ୍ଞତାକୁ ନାଟ୍ୟକାର ସେ ଦିନ ସମକାଳ ତଥା ଭବିଷ୍ୟତ ଉପରେ ଅତ୍ୟନ୍ତ ସଫଳତାର ସହ ଆରୋପ କରିପାରିଥିଲେ ଓ ସେହିଠାରେ ହିଁ ରହିଛି ସ୍ରଷ୍ଟା ଭାବରେ ଗୋପାଳ ଛୋଟରାୟଙ୍କ ମହତ୍ତ୍ୱ । 'ପରକଲମ' ରଚନାର ବହୁତ ପରେ ନାଟ୍ୟକାର ୧୯୯୫ରେ ପ୍ରକାଶିତ ନିଜର ଆତ୍ମଜୀବନୀ 'ପଥିକ'ରେ 'ପରକଲମ' ରଚନା ପୃଷ୍ଠଭୂମିର ସ୍ପଷ୍ଟ ସୂଚନା ଦେଇ ଯାହା କହିଛନ୍ତି ସେଇ ଦୀର୍ଘ ବିବରଣୀ ମଧ୍ୟ ତାହାକୁ ସମର୍ଥନ କରେ ଓ ତାହାର ସମୟକୁ ଆହୁରି ନିର୍ଦ୍ଦିଷ୍ଟ କରିଦିଏ । 'ପରକଲମ'ରେ ସୂଚିତ ଓ ସେଇ ସମୟରେ ଓଡ଼ିଶାରେ ହୋଇଥିବା ଦୁର୍ଭିକ୍ଷର ପଛରେ ଥିବା କାରଣର ଏକ ଦୀର୍ଘ ବିବରଣୀ ପ୍ରଦାନ କରି ପରିଶେଷରେ ସେ କହନ୍ତି, "... ଏହା ହେଉଚି ଏ ଶତାବ୍ଦୀର ଚତୁର୍ଥ ଦଶକର କଥା । ପଞ୍ଚମ ଦଶକର ପ୍ରାରମ୍ଭରେ ହୁଏତ ବାଉନ ବା ତେପନ ମସିହାରେ ଦୈନିକ ସମ୍ବାଦପତ୍ର 'ସମାଜ'ରେ ଗୋଟିଏ ରିପୋର୍ଟ ପ୍ରକାଶ ପାଇଲା । ଏଇ ରିପୋର୍ଟରେ ବର୍ଣ୍ଣନା କରାଯାଇଥିଲା ଯେ, ଓଡ଼ିଶା କ୍ୟାଡରର ଜଣେ ଆଇ.ସି.ଏସ୍. ଅଫିସର୍ ଶ୍ରୀଯୁକ୍ତ ଅହମଦ, ଓଡ଼ିଶାର ସେନସସ (census) ଅଫିସର ଥିଲେ । ସେ ଚତୁର୍ଥ ଦଶନ୍ଧିର ସେନସସ୍ (census) ରିପୋର୍ଟରେ ଉଲ୍ଲେଖ କରିଯାଇଛନ୍ତି ଯେ, ଏ ଦଶନ୍ଧିର ପ୍ରାରମ୍ଭରେ ଉତ୍ତର ଓଡ଼ିଶାରେ ଯେଉଁ ଦୁର୍ଭିକ୍ଷ

Digitized by srujanika@gmail.com

ଘୋଟି ପ୍ରାୟ ପନ୍ଦର ହଜାର ଲୋକ ମୃତ୍ୟୁ ମୁଖରେ ପଡ଼ିଲେ, ସେ ଦୁର୍ଭିକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଘଟି ନାହିଁ । ଏହା ହେଉଚି ଏକ ମନୁଷ୍ୟକୃତ ଦୁର୍ଭିକ୍ଷ: (Man-Made-famine) । ଏଇ କଥାଟି ସେ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଯାଇଚନ୍ତି । ... ... ତେବେ 'ସମାଜ'ରେ ସେନସସ୍ ରିପୋର୍ଟ-ପଢ଼ିସାରିବା ପରେ ମୋର ହୃଦ୍‌ବୋଧ ହେଲା ଯେ, ଏଇ ଦୁଃଖଦାୟକ ଘଟଣାଟିକୁ କେନ୍ଦ୍ର କରି ଗୋଟିଏ ନାଟକ ରଚନା କରିବା ମୋର ଉଚିତ । ନାଟକଟିଏ ଲେଖିଲି, ଏଇ ନାଟକର ନାମ ହେଉଚି 'ପରକଲମ' । ୫।୮।୫୪ ମସିହାରେ ଏଇ ନାଟକଟି କଟକ ଜନତା ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଥିଲା ।" (ଛୋଟରାୟ, ୧୯୯୫, ପୃ.୯୯-୧୦୦) ।

ଅନ୍ୟ କଥାରେ 'ଭାତ' ପରି 'ପରକଲମ'ର ପୃଷ୍ଠଭୂମିରେ ରହିଛି ମଧ୍ୟ ସେଇ ୧୯୪୧-୪୪ର (ଦ୍ୱିତୀୟ ପାରଳା ମନ୍ତ୍ରୀମଣ୍ଡଳ ୨୪ ନଭେମ୍ବର ୧୯୪୧- ୩୦ ଜୁନ୍ ୧୯୪୪) ରାଜନୀତିକ-ଆର୍ଥନୀତିକ ଘଟଣାବଳି, ଅର୍ଥାତ୍ ଗଣତନ୍ତ୍ରରେ କ୍ଷମତା ରାଜନୀତିର ନଗ୍ନ ରୂପ ତଥା ୧୯୪୩-୪୪ରେ ହୋଇଥିବା ମନୁଷ୍ୟସୃଷ୍ଟ ଅନ୍ନାଭାବଜନିତ ଦୁର୍ଭିକ୍ଷ । ଅର୍ଥାତ୍ ଉଭୟ ନାଟକ ମଧ୍ୟରେ ରହିଛି ପୃଷ୍ଠଭୂମିଗତ ଯୋଗସୂତ୍ର । ତେଣୁ ଉଭୟ ନାଟକର ପୃଷ୍ଠଭୂମି ମୋଟାମୋଟି ସମାନ ଓ ଉଭୟର ରଚନା ମୂଳରେ ରହିଛି ସେଇ ଏକ ଅନ୍ନାଭାବଜନିତ ଦୁର୍ଭିକ୍ଷ । ଅବଶ୍ୟ 'ଭାତ' ଓ 'ପରକଲମ'ରେ ଏ ଅନ୍ନାଭାବର ଭିନ୍ନ ଭିନ୍ନ କାରଣ ଦିଆଯାଇଥିବାରୁ ଉଭୟ ମଧ୍ୟରେ ଯୋଗସୂତ୍ର ଅଛି ବୋଲି ହଠାତ୍ ଜଣାପଡ଼େନାହିଁ । କେବଳ ସେତିକି ନୁହେଁ, 'ଭାତ' ଓ 'ପରକଲମ' ଦୁଇଟିଯାକ ସାହିତ୍ୟକୃତିର ପୃଷ୍ଠଭୂମିରେ ଥିବା ଅନ୍ନାଭାବଜନିତ ଦୁର୍ଭିକ୍ଷକୁ ବା ତାର କାଳକୁ ସ୍ପଷ୍ଟ ଭାବରେ କେଉଁଠାରେ ନିର୍ଦ୍ଦେଶ କରାଯାଇନାହିଁ । ପୁଣି ଉଭୟ ନାଟକର ମୁଖ୍ୟ-ବକ୍ତବ୍ୟ ବା ବାର୍ତ୍ତା (message) ମଧ୍ୟ ଭିନ୍ନ ଓ ସ୍ୱତନ୍ତ୍ର । ସେ କାରଣରୁ ବି ଉଭୟ ମଧ୍ୟରେ ଏପରି ଯୋଗସୂତ୍ର ଥିବାର ହଠାତ୍ ମନେହୁଏ ନାହିଁ ।

(୨)

(୨.୦). ହଠାତ୍ ଅବାନ୍ତର ବୋଲି ମନେହେଲେ ହେଁ, ଉଭୟ ନାଟକର ପୃଷ୍ଠଭୂମିର ଓ ତା ଭିତରେ ବିଶେଷ ଭାବରେ 'ପରକଲମ' ପୃଷ୍ଠଭୂମିର ସହଜ ଅବବୋଧ ଓ ଉଭୟ ମଧ୍ୟରେ ଥିବା ସେହି ଯୋଗସୂତ୍ରକୁ ଆହୁରି ଅର୍ଥଦ୍ୟୋତକ ଓ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ତଥା ଗୋପାଳ ଛୋଟରାୟଙ୍କ ଦୀର୍ଘ ବିବରଣୀରେ ଥିବା ଅସ୍ପଷ୍ଟତା, ପରସ୍ପର-ବିରୋଧ ଓ ଭ୍ରମ-ଧାରଣା ଦୂରୀକରଣପାଇଁ ୧୯୩୭ରୁ ଆରମ୍ଭ କରି ୧୯୪୪ର ମଧ୍ୟ

Digitized by srujanika@gmail.com

ଭାଗ ପର୍ଯ୍ୟନ୍ତ ଓଡ଼ିଶା ଇତିହାସର ଏକ ସ୍ୱଳ୍ପ-ଚର୍ଚ୍ଚିତ ଅଧ୍ୟାୟ ଉପରେ କିଞ୍ଚିତ ଆଲୋକପାତ କରିବା ବା ତତ୍କାଳୀନ ରାଜନୀତିକ ଘଟଣାବଳୀର ବିବରଣୀ କିଞ୍ଚିତ ବିସ୍ତାରିତ ଭାବରେ ଦେବା ଆବଶ୍ୟକ । ପ୍ରସଙ୍ଗାନୁରୋଧରେ ପଡ଼ୋଶୀ ବଙ୍ଗ ପ୍ରଦେଶର କେତେକ ଘଟଣାବଳୀର ସଂକ୍ଷିପ୍ତ ବିବରଣୀ ମଧ୍ୟ ଦିଆଯିବ ।

(୨.୧). ତେବେ ତା ପୂର୍ବରୁ ସୂଚନା ଦେବା ଆବଶ୍ୟକ ଯେ ୧୯୨୦-୨୧ରେ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଉତ୍କଳମଣି ଗୋପବନ୍ଧୁଙ୍କ ଘନିଷ୍ଠ ସହଯୋଗୀ ଭାବରେ ଉତ୍କଳଗୌରବ ମଧୁସୂଦନଙ୍କ ଅନୁଗାମୀମାନଙ୍କୁ ବିରୋଧ କରି ଉଭୟ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ଭାରତୀୟ ଜାତୀୟ କଂଗ୍ରେସକୁ ଓଡ଼ିଶାକୁ ଆବାହନ କରିବାରେ ନେତୃତ୍ୱ ନେଇଥିଲେ । ଏଠାରେ ସ୍ମରଣ ରଖିବା ଉଚିତ ଯେ ଗୋପବନ୍ଧୁ ସାଧାରଣ ଅଧିବେଶନରେ ୨ୟ ନିର୍ଦ୍ଧାରଣ ("ସମ୍ମିଳନୀର ବର୍ତ୍ତମାନ ଯେ ଉଦ୍ଦେଶ୍ୟ ନିରୂପିତ ହୋଇଅଛି, ତାହା ସ୍ଥିର ରଖାଯାଇ ଭାରତ ଜାତୀୟ ମହାସମିତିର ଯେ ଉଦ୍ଦେଶ୍ୟ ଓ ଆକାଂକ୍ଷା ତାହା ଏହି ସମ୍ମିଳନୀର ଉଦ୍ଦେଶ୍ୟ ଓ ଆକାଂକ୍ଷା ରୂପେ ଗୃହୀତ ହେଉ ।") ପ୍ରସ୍ତାବ ଆଗତ କରିବା ପୂର୍ବରୁ ତାହାକୁ ବିଷୟ ନିର୍ବାଚନ କମିଟିରେ ପଣ୍ଡିତ ଗୋଦାବରୀଶ ହିଁ ଆଗତ କରିଥିଲେ । ପୁଣି ପଣ୍ଡିତ ନୀଳକଣ୍ଠ ସାଧାରଣ ଅଧିବେଶନରେ ୩ୟ ନିର୍ଦ୍ଧାରଣ ("ଭାରତୀୟ ଜାତୀୟ ମହାସମିତିର ପ୍ରକୃତି ଏବଂ ଗଠନ ବଦଳାଇବାକୁ ନିଯୁକ୍ତ ହୋଇଥିବା ସବ୍‌କମିଟି ତାଙ୍କ ରିପୋର୍ଟରେ ଭାଷାସୂତ୍ରରେ କଂଗ୍ରେସ ପ୍ରଦେଶ ଗଠନର ଯେ ବିଧାନ ଗ୍ରହଣ କରିଅଛନ୍ତି, ଏ ସମ୍ମିଳନୀ ତାହା ସର୍ବାନ୍ତଃକରଣରେ ସମର୍ଥନ କରୁଅଛନ୍ତି ।") ପ୍ରସ୍ତାବର ଅନୁମୋଦକ ହିଁ ଥିଲେ, ଯାହା ମଧ୍ୟ ଏ ପ୍ରସଙ୍ଗରେ ତାତ୍ପର୍ଯ୍ୟପୂର୍ଣ୍ଣ । ଏଠାରେ ଆହୁରି ସୂଚନା ଦେବା ଆବଶ୍ୟକ ଯେ ସତ୍ୟବାଦୀ ବନବିଦ୍ୟାଳୟରେ ଉଭୟେ ସହକର୍ମୀ ଥିବା ସମୟରୁ ହିଁ ପଣ୍ଡିତଯୁଗଳ ନୀଳକଣ୍ଠ ଓ ଗୋଦାବରୀଶଙ୍କ ମଧ୍ୟରେ ଏକ ତିକ୍ତ-ମଧୁର ସମ୍ପର୍କ (love and hate relationship) ରହିଆସିଥିଲା ।

୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ବୋଲି ଘୋଷିତ ହେବା ସମୟରେ ପଣ୍ଡିତ ନୀଳକଣ୍ଠ ଥିଲେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି । ତା ପରେ ଆସିଲା ୧୯୩୭ର ପ୍ରାଦେଶିକ ବିଧାନସଭାପାଇଁ ନିର୍ବାଚନ । ଚାରିଗୋଟି ରାଜନୀତିକ ଦଳ ଏ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ: (୧) ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ ଓଡ଼ିଶା ଜାତୀୟ ଦଳ, (୨) ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ନେତୃତ୍ୱରେ ସ୍ୱାଧୀନ ଦଳ, (୩) କନିକା ଟିକାଏତ୍ ଶୈଳେନ୍ଦ୍ରନାରାୟଣ

Digitized by srujanika@gmail.com

ଭଞ୍ଜଦେଓଙ୍କ ନେତୃତ୍ୱରେ ସଂଯୁକ୍ତ ଦଳ ଓ (୪) ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ କଂଗ୍ରେସ ଦଳ । ସେତେବେଳେ କଂଗ୍ରେସର ପୂର୍ବ ମର୍ଯ୍ୟାଦା ଓ ପ୍ରତିଷ୍ଠା ଆଉ ନ ଥାଏ । କଂଗ୍ରେସ-ଭିନ୍ନ ଅନ୍ୟ ଦଳଗୁଡ଼ିକରେ ରାଜା, ଜମିଦାର ଓ ଅନ୍ୟାନ୍ୟ ବହୁ ପ୍ରଭାବପ୍ରତିପତ୍ତିଶାଳୀ, ଅଭିଜାତ ତଥା ସମ୍ଭ୍ରାନ୍ତବର୍ଗ ଥିବାରୁ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କରିପାରିବ ବୋଲି କେନ୍ଦ୍ର ଓ ପ୍ରଦେଶର ବହୁ କଂଗ୍ରେସ ନେତା ବିଶ୍ୱାସ କରିପାରୁନଥିଲେ । ସେ କାରଣରୁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବାକୁ ମଧ୍ୟ ବହୁ ବିଶିଷ୍ଟ ବ୍ୟକ୍ତିଙ୍କର କୁଣ୍ଠା ଥାଏ । କିନ୍ତୁ ପଣ୍ଡିତ ନୀଳକଣ୍ଠ ଦୃଢ଼ ଆତ୍ମବିଶ୍ୱାସ ସହ କଂଗ୍ରେସ ଦଳର ନେତୃତ୍ୱ ନେଲେ । ଡାକ୍ତର ରାଧାଚରଣ ପଣ୍ଡାଙ୍କର ଏକ ପ୍ରଶ୍ନର ଉତ୍ତରରେ ପଣ୍ଡିତ ଗୋଦାବରୀଶ ୧୯୫୪ର ଜୁନ୍ ମାସରେ ଲେଖିଥିଲେ, "୧୯୩୭ ନିର୍ବାଚନରେ ପଣ୍ଡିତ ନୀଳକଣ୍ଠ ଦାସ କଂଗ୍ରେସକୁ ଜୟଯୁକ୍ତ କରାଇଲେ । ସେ ନେତୃତ୍ୱ ନେଇନଥିଲେ, ଓଡ଼ିଶାରେ ମହତାବ, ବିଶ୍ୱନାଥ ଦାସ ପ୍ରଭୃତି ଗୋଟାଏ ସ୍ୱାଧୀନ ଦଳ ଗଢ଼ି ନିର୍ବାଚନ ଲଢ଼ିଥାଆନ୍ତେ । ସେଥିପାଇଁ ୧୯୩୭ ନିର୍ବାଚନ ପୂର୍ବରୁ ବାଣପୁରରେ ମୋ ଘରେ ବିଶ୍ୱନାଥ ଦାସଙ୍କ ଚେଷ୍ଟାରେ ଏକ ବୈଠକ ବସିଥିଲା । ସେ ବୈଠକରେ ମହତାବ, ସେ, ନିତ୍ୟାନନ୍ଦ କାନୁନ୍‌ଗୋ, ମୁକୁନ୍ଦପ୍ରସାଦ ଦାସ ପ୍ରଭୃତି ସବୁ ଜିଲାର ୧୪ଜଣ ନେତା ଉପସ୍ଥିତ ହୋଇ କଂଗ୍ରେସ ଛାଡ଼ି ସ୍ୱାଧୀନ ଦଳ ଗଠନପାଇଁ ସ୍ଥିର ହେଲା । ମାତ୍ର ପଣ୍ଡିତ ନୀଳକଣ୍ଠ ଦାସ କଂଗ୍ରେସ ପକ୍ଷରୁ ନିର୍ବାଚନ ଲଢ଼ିବାକୁ ବାହାରିଲେ । ମହତାବ, ଭାଗିରଥୀ ମହାପାତ୍ର ଆଦି ନିଜର ଦମ୍ଭ ରଖି ସେଥିରେ ଯୋଗ ଦେଲେ ନାହିଁ । ବିଶ୍ୱନାଥ, ନିତ୍ୟାନନ୍ଦ ଇଚ୍ଛା ବିରୁଦ୍ଧରେ ଯୋଗ ଦେଲେ । ମୁଁ କଂଗ୍ରେସ ପ୍ରାର୍ଥୀ ଅବଶ୍ୟ ହେଲି । ବୈଠକ ମୋ ଘରେ ବସିଲେ ସୁଦ୍ଧା ମୁଁ ସ୍ୱାଧୀନ ଦଳ ଗଢ଼ିବା ସପକ୍ଷରେ ନଥିଲି । ନିର୍ବାଚନରେ ପଣ୍ଡିତ ନୀଳକଣ୍ଠ ସବୁ କଂଗ୍ରେସ ପ୍ରାର୍ଥୀଙ୍କୁ ସାହାଯ୍ୟ କଲେ; ମାତ୍ର ମୋ ବିରୁଦ୍ଧରେ ନାନା ଚେଷ୍ଟା କଲେ । ମୋ ପ୍ରତିପକ୍ଷ ହରିବନ୍ଧୁ ପରିଡ଼ାଙ୍କୁ ସେ ଭିତିରି ସାହାଯ୍ୟ କରୁଥିଲେ ।" ଇତ୍ୟାଦି (ମହାନ୍ତି, ସନ୍ତୋଷକୁମାର, ୨୦୧୧, ପୃ.୧୩-୧୪) । ଏ ବକ୍ତବ୍ୟ ବହୁ ପରିମାଣରେ ବିଶ୍ୱାସଯୋଗ୍ୟ ।

ଓଡ଼ିଶା ବିଧାନସଭାପାଇଁ ୧୯୩୭ ଜାନୁଆରୀରେ ନିର୍ବାଚନ ହେଲା । ମୋଟ ଷାଠିଏଗୋଟି ଆସନ ମଧ୍ୟରୁ ଚାରିଟି ଆସନପାଇଁ ସଦସ୍ୟମାନେ ସରକାରଙ୍କଦ୍ୱାରା ମନୋନୀତ ହେବାର ବ୍ୟବସ୍ଥା ଥିବାରୁ ଛପନଟି ଆସନପାଇଁ ହିଁ ପ୍ରତିଦ୍ୱନ୍ଦ୍ୱିତା ହେଲା । କଂଗ୍ରେସ ଚାଳିଶିଟି ଆସନପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ବିସ୍ମୟକର ଭାବରେ ଛତିଶିଟିରେ ବିଜୟ ଲାଭ କରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଲାଭ କଲା । ପାରଳା ମହାରାଜାଙ୍କ ଜାତୀୟ

Digitized by srujanika@gmail.com

ଦଳ ଉଣେଇଶିଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ଚାରିଟିରେ ବିଜୟ ଲାଭ କରିଥିଲା । ପଣ୍ଡିତ ନୀଳକଣ୍ଠ କଂଗ୍ରେସ ଦଳର ନେତୃତ୍ୱ ନେଇଥିଲେ ମଧ୍ୟ ଏ ନିର୍ବାଚନରେ ନିଜେ କୌଣସି ଆସନରୁ ପ୍ରାର୍ଥୀ ହୋଇନଥିଲେ । ଏ ନିର୍ବାଚନରେ ପଣ୍ଡିତ ନୀଳକଣ୍ଠ ଅକ୍ଳାନ୍ତ ପରିଶ୍ରମ କରି ଓ ସେ କାଳର ଗମନାଗମନର ପରିପ୍ରେକ୍ଷୀରେ ଘୂର୍ଣ୍ଣୀଝଡ଼ ପରି ସେତେବେଳର ରାଜନୀତିକ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରି କିପରି କଂଗ୍ରେସକୁ ଜିତାପଟ ଆଣି ଦେଇଥିଲେ ତାର କିଛି ଚିତ୍ତାକର୍ଷକ ବିବରଣୀ ଦେଇଛନ୍ତି ଚିନ୍ତାମଣି ମିଶ୍ର (ମିଶ୍ର, ଚିନ୍ତାମଣି, ୧୯୮୫, ପୃ.୨୫-୪୨) ।

କଂଗ୍ରେସର ବହୁ ତୁଙ୍ଗ ନେତାଙ୍କର ନିରୁତ୍ସାହଜନକ ମନୋଭାବ ସତ୍ତ୍ୱେ ତାଙ୍କରି ଆତ୍ମବିଶ୍ୱାସ ଓ ନେତୃତ୍ୱ ବଳରେ ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ଲାଭ କରିଥିବାରୁ ସେ 'ପ୍ରଧାନମନ୍ତ୍ରୀ' (- ସେ ପଦ ପରେ ପରିବର୍ତ୍ତିତ ହୋଇ ୧୯୪୯ ନଭେମ୍ବରରେ 'ମୁଖ୍ୟମନ୍ତ୍ରୀ' ପଦରେ ପରିଣତ ହେଲା -) ହେବେ ବୋଲି ସ୍ୱାଭାବିକ ଭାବରେ ପଣ୍ଡିତ ନୀଳକଣ୍ଠ ଆଶା କରିଥିଲେ । କିନ୍ତୁ ସେ ନିଜେ ଜଣେ ବିଧାୟକ/ ବ୍ୟବସ୍ଥାପକ ହୋଇନଥିବା ଦ୍ୱାହୀରେ ତାଙ୍କୁ ସେ ପଦବୀରୁ ବଞ୍ଚିତ କରାଗଲା ଓ ବିଶ୍ୱନାଥ ଦାଶ ପ୍ରଧାନମନ୍ତ୍ରୀ ପଦ ପାଇବେ ବୋଲି ନିଷ୍ପତ୍ତି ନିଆଗଲା । କେବଳ ସେତିକି ନୁହେଁ, ନିର୍ବାଚନରେ ତାଙ୍କରି ନେତୃତ୍ୱରେ କଂଗ୍ରେସ ଦଳର ଏପରି ଅପ୍ରତ୍ୟାଶିତ ବିଜୟର ଅବ୍ୟବହିତ ପରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ମଧ୍ୟ ସେ ହରେକୃଷ୍ଣ ମହତାବଙ୍କଦ୍ୱାରା ଗୋଟିଏ ଭୋଟ ବ୍ୟବଧାନରେ ପରାସ୍ତ ହେଲେ ଓ ତା ପରେ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଆଉ ଦଳର ନେତୃତ୍ୱକୁ ହାତରେ ରଖିପାରିଲେ ନାହିଁ । ଅର୍ଥାତ୍ ଦଳକୁ କ୍ଷମତାକୁ ଆଣିବାରେ ସଫଳ ହେବା ପରେ ସେ ଉଭୟ ସରକାର ଓ ଦଳର ନେତୃତ୍ୱପାଇଁ ପ୍ରତିଯୋଗିତାରେ ଶୋଚନୀୟ ଭାବରେ ପରାସ୍ତ ହେଲେ । ଏଥିରେ ସେ ଅତ୍ୟନ୍ତ କ୍ଷୁବ୍ଧ ହେବା ଅତ୍ୟନ୍ତ ସ୍ୱାଭାବିକ କଥା ଥିଲା ଓ କଂଗ୍ରେସ ଅନୁଷ୍ଠାନ ପ୍ରତି ତାଙ୍କ ମନ ବିରୂପ ହୋଇଉଠିଲା । ଆହୁରି ମଧ୍ୟ ପ୍ରଥମେ ପାରଳା ମହାରାଜାଙ୍କଦ୍ୱାରା ଗଠିତ ସ୍ୱଳ୍ପକାଳ ସ୍ଥାୟୀ ମନ୍ତ୍ରୀମଣ୍ଡଳ ଗଠନ କରାଯିବା ପରେ ଯେତେବେଳେ ବିଶ୍ୱନାଥ ଦାଶଙ୍କ ପ୍ରଧାନମନ୍ତ୍ରୀତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରାଗଲା ସେତେବେଳେ ପଣ୍ଡିତ ନୀଳକଣ୍ଠ ଏକ ବିଧିବ୍ୟବସ୍ଥାଗତ କାରଣରୁ ବାଦ୍ ପଡ଼ିବା ପରେ ସେ ପଦପାଇଁ ଆଶାୟୀ ପଣ୍ଡିତ ଗୋଦାବରୀଶଙ୍କ ସେ ଆଶା ବି ପୂରଣ ହେଲା ନାହିଁ । (ଅବଶ୍ୟ ପଣ୍ଡିତ ନୀଳକଣ୍ଠଙ୍କ ଅନୁଗାମୀମାନଙ୍କ ସମର୍ଥନ ମିଳିଥିଲେ ହୁଏତ ବା ପଣ୍ଡିତ ଗୋଦାବରୀଶ ପ୍ରଧାନମନ୍ତ୍ରୀ ହୋଇପାରିଥାଆନ୍ତେ । କିନ୍ତୁ ବିଶ୍ୱନାଥ ଦାଶ ଆପାତତଃ ପ୍ରଧାନମନ୍ତ୍ରୀ ହେଲେ

Digitized by srujanika@gmail.com

ବି ଶୀଘ୍ର ଏକ ଉପନିର୍ବାଚନ ଜରିଆରେ ପଣ୍ଡିତ ନୀଳକଣ୍ଠଙ୍କୁ ବିଧାନସଭାକୁ ନିର୍ବାଚିତ କରାଇ ତାଙ୍କୁ ହିଁ ପ୍ରଧାନମନ୍ତ୍ରୀ କରାଇବେ- ଏହିପରି ଏକ ଭିତିରି ବୁଝାମଣା ପଣ୍ଡିତ ନୀଳକଣ୍ଠ ଓ ବିଶ୍ୱନାଥଙ୍କ ମଧ୍ୟରେ ହେବାରୁ ନୀଳକଣ୍ଠଙ୍କ ସମର୍ଥକମାନେ ବିଶ୍ୱନାଥଙ୍କୁ ସମର୍ଥନ କଲେ । କିନ୍ତୁ ଥରେ ପ୍ରଧାନମନ୍ତ୍ରୀ ହେବା ପରେ ବିଶ୍ୱନାଥ ଭିତିରି ବୁଝାମଣାର ଏ ସର୍ତ୍ତଟି ବିସ୍ମୃତ ହୋଇଗଲେ । ଦ୍ର:- ରାଉତରାୟ, ନୀଳମଣି, ୨୦୦୧, ପୃ.୧୦୧ ଓ ୧୦୪-୦୫ ଓ ମହାପାତ୍ର, ଜଷ୍ଟିସ୍ ହରିହର, ୨୦୦୪, ପୃ. ୨୮୯-୯୧)। ଫଳରେ ପଣ୍ଡିତଯୁଗଳଙ୍କ ମଧ୍ୟରୁ କେହି ବି ପ୍ରଧାନମନ୍ତ୍ରୀ ହୋଇପାରିଲେ ନାହିଁ । ତା ପରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦପାଇଁ ପଣ୍ଡିତ ଗୋଦାବରୀଶ ପ୍ରତିଦ୍ୱନ୍ଦ୍ୱିତା କରି ରାଧାକୃଷ୍ଣ ବିଶ୍ୱାସରାୟଙ୍କଦ୍ୱାରା ପରାଜିତ ବି ହେଲେ । ଏଥିରେ ସେ ବି କ୍ଷୁବ୍ଧ ହେଲେ ଓ କଂଗ୍ରେସ ଅନୁଷ୍ଠାନ ପ୍ରତି ତାଙ୍କ ମନ ବି ବିରୂପ ହୋଇଉଠିଲା । ଓଡ଼ିଶାରେ ଏହିପରି ଭାବରେ ନିଗୃହୀତ ହୋଇ ପରିଶେଷରେ ହୁଏତ ସେମାନେ ନିଜର ରାଜନୀତିକ ସତ୍ତା ଓ ସ୍ଥିତିର ସୁରକ୍ଷାପାଇଁ ସୁଭାଷ ବୋଷଙ୍କ ଅନୁଗାମୀ ହେଲେ । ପରିଣାମରେ ୧୯୪୧ ଅଗଷ୍ଟରେ ପଣ୍ଡିତ ନୀଳକଣ୍ଠ କଂଗ୍ରେସରୁ ବହିଷ୍କୃତ ବି ହେଲେ ।

ପ୍ରଚଣ୍ଡ ଓଡ଼ିଆ ଜାତୀୟତାବାଦୀ ହୋଇ ମଧ୍ୟ ସେ ଦିନ ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଓଡ଼ିଶାର ତାତ୍କାଳିକ ସ୍ୱାର୍ଥକୁ ପଛରେ ପକାଇ, ଉତ୍କଳଗୌରବ ମଧୁସୂଦନଙ୍କ ନେତୃତ୍ୱକୁ ବିରୋଧ କରି ଓ ଉତ୍କଳ ସମ୍ମିଳନୀକୁ ବସ୍ତୁତଃ ବିସର୍ଜନ କରିଦେଇ ଉତ୍କଳମଣି ଗୋପବନ୍ଧୁଙ୍କର ଦୁଇ ଘନିଷ୍ଠ ସହଯୋଗୀ ଭାବରେ ଯେଉଁ ଦୁଇ ପଣ୍ଡିତ ବା ପଣ୍ଡିତଯୁଗଳ ଭାରତୀୟ ଜାତୀୟ କଂଗ୍ରେସକୁ ଓଡ଼ିଶାକୁ ଆବାହନ କରି ଆଣିଥିଲେ ଓ ଓଡ଼ିଶାରେ କଂଗ୍ରେସ ସଂଗଠନକୁ ବିଶେଷଭାବରେ ଦୃଢ଼ୀଭୂତ କରିପାରିଥିଲେ କାଳର ନିଷ୍ଠୁର ପରିହାସରେ ମାତ୍ର ଦୁଇଟି ଦଶକ ପାର ହେଉ ନ ହେଉଣୁ ସେଇ ପଣ୍ଡିତଯୁଗଳ ଗାଣତାନ୍ତ୍ରିକ କ୍ଷମତା ରାଜନୀତିର -(ବା ଅନ୍ୟକଥାରେ ଦଳୀୟ ସାଂଗଠନିକ ରାଜନୀତିର)- ଛକାପଞ୍ଝା ଖେଳରେ ଅପାରଗତା କାରଣରୁ ସେଇ କଂଗ୍ରେସ ସଂଗଠନର ଉଭୟ ପ୍ରାଦେଶିକ ତଥା କେନ୍ଦ୍ରୀୟ ସ୍ତରରେ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଅବହେଳିତ, ଉପେକ୍ଷିତ ଓ ଅପାଂକ୍ତେୟ ହୋଇପଡ଼ିଥିଲେ । ଚଉଠ ଶତାବ୍ଦୀ ପୂର୍ବେ ଉତ୍କଳମଣି ଗୋପବନ୍ଧୁଙ୍କଦ୍ୱାରା ତ୍ୟାଗମନ୍ତ୍ରରେ ଦୀକ୍ଷିତ ହୋଇଥିବା ପଣ୍ଡିତଯୁଗଳଙ୍କର ଓଡ଼ିଶାର ଜନସାଧାରଣ ନିକଟରେ ଅତି ଉଜ୍ଜ୍ୱଳ ଭାବମୂର୍ତ୍ତି ଥିବା ସତ୍ତ୍ୱେ କଂଗ୍ରେସ ସଂଗଠନରେ ଲାଞ୍ଛିତ ଓ ବଞ୍ଚିତ ହେବାରୁ ବୋଧହୁଏ ତ୍ୟାଗ, ମୂଲ୍ୟବୋଧ ଓ ନୀତିନିଷ୍ଠତା ଉପରୁ ସେମାନଙ୍କର ବିଶ୍ୱାସ ଅନ୍ତତଃ କିଛି ପରିମାଣରେ ତୁଟିଗଲା ଓ ସେମାନଙ୍କର ସେଦିନ ବିଶ୍ୱାସ ହେଲା ଯେ କ୍ଷମତା-ରାଜନୀତିରେ ତ୍ୟାଗ,

Digitized by srujanika@gmail.com

ଯୋଗ୍ୟତା, କର୍ମଦକ୍ଷତା, ଅଙ୍ଗୀକାରବଦ୍ଧତା ଓ ନିଷ୍ଠା ସମ୍ପୂର୍ଣ୍ଣ ଭାବରେ ଅବାନ୍ତର । ସେମାନେ ସେଦିନ ସିନିକ୍ (cynic) ହୋଇପଡ଼ିଥିବା ଅତ୍ୟନ୍ତ ସ୍ୱାଭାବିକ କଥା ଥିଲା । ପଣ୍ଡିତଯୁଗଳଙ୍କର ଜୀବନରେ ୧୯୩୭-୩୮ ଯେପରି ହୋଇପଡ଼ିଥିଲା ଏକ ଜଳବିଭାଜିକା ରେଖା । ତା ପରେ ପଣ୍ଡିତ ନୀଳକଣ୍ଠ ଯେପରି ରକ୍ତମୁଖା ବାଘ ପରି ହୋଇ କବିଙ୍କ ଭାଷାରେ "ପ୍ରତିକ୍ଷଣେ ଦେବ ପାଞ୍ଚିଲେ ପ୍ରତିଶୋଧ ଭିଆଣ" ଓ କଳେ-ବଳେ-କୌଶଳେ କ୍ଷମତା ଦଖଲ କରିବାପାଇଁ ବଦ୍ଧପରିକର ହେଲେ । ଉଭୟ ପଣ୍ଡିତଙ୍କ ମଧ୍ୟରେ ବିରୋଧ ଥିବା ସତ୍ତ୍ୱେ ସେଥିରେ ତାଙ୍କର ସହଯୋଗୀ ହେଲେ ପଣ୍ଡିତ ଗୋଦାବରୀଶ । ସେମାନେ କ୍ଷମତା ଦଖଲ କରିବାର ସୁଯୋଗ ପ୍ରତୀକ୍ଷାରେ ରହିଲେ ଓ ସେ ସୁଯୋଗ ଆସିଲା ୧୯୩୯ର ନଭେମ୍ବରରେ, ଯେତେବେଳେ ଭାରତ ସରକାର ନିର୍ବାଚିତ ପ୍ରତିନିଧିମାନଙ୍କ ମତାମତ ନ ନେଇ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧଘୋଷଣା କରିବା ପ୍ରତିବାଦରେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ । ତା ପରେ ପଣ୍ଡିତଯୁଗଳଙ୍କର, ବିଶେଷ ଭାବରେ ପଣ୍ଡିତ ନୀଳକଣ୍ଠଙ୍କର, ମୁଖ୍ୟ କାର୍ଯ୍ୟକ୍ରମ ହେଲା ଯେ କୌଣସିମତେ ଓଡ଼ିଶାରେ ଏକ ବିକଳ୍ପ ବେ-କଂଗ୍ରେସୀ ସରକାର ଗଠନ କରାଇ କ୍ଷମତା ଦଖଲ କରିବା । ସେମାନଙ୍କର ସେ ପ୍ରଚେଷ୍ଟାର ଫଳ ସ୍ୱରୂପ ଦୁଇବର୍ଷ ପରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଏକ ବେ-କଂଗ୍ରେସୀ ମିଳିତ କିନ୍ତୁ ସଂଖ୍ୟାଲଘୁ ସରକାର ୨୪ ନଭେମ୍ବର ୧୯୪୧ରେ ଗଠିତ ହେଲା (ଓ ୧୯୪୪ ଜୁନ୍ ୩୦ ପର୍ଯ୍ୟନ୍ତ କ୍ଷମତାରେ ରହିଲା) । ସେଥିରେ ମୁସ୍ଲିମ୍ ଲିଗ୍‌ର ଶୋଭାନ ଖାଁଙ୍କ ସହ ପଣ୍ଡିତ ଗୋଦାବରୀଶ ମଧ ଏକ ମନ୍ତ୍ରୀ ହେଲେ । ପଣ୍ଡିତ ନୀଳକଣ୍ଠ ଏହି ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗ ନ ଦେଲେ ମଧ ସରକାରଙ୍କ ଜାତୀୟ ଯୁଦ୍ଧସାମୁଖ୍ୟ (National War Front)ର ମୁଖ୍ୟ (Chief Executive Officer) ପଦରେ ରହିଲେ । ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଶାକୁ ଆସିବାରେ ଭଗୀରଥର ଭୂମିକା ଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କ ଭାଷାରେ, "ପାରଳା ମହାରାଜାଙ୍କ ମନ୍ତ୍ରୀମଣ୍ଡଳ ଗଠନ ନୀଳକଣ୍ଠବାବୁଙ୍କର କଂଗ୍ରେସ ବିରୁଦ୍ଧରେ ବିଦ୍ରୋହର ପରିଣାମ ବ୍ୟତୀତ ଅନ୍ୟ କିଛି ନୁହେଁ । ଦଳଗତ ରାଜନୀତିଦ୍ୱାରା କଂଗ୍ରେସରେ ତାଙ୍କୁ ତଣ୍ଟିଚିପି ରାଜନୈତିକ ହତ୍ୟା କରାଗଲା । ମରଣର ଉପକଣ୍ଠରେ ତାଙ୍କୁ ପହଞ୍ଚାଇଦିଆଗଲା । ରାଜନୈତିକ କ୍ଷେତ୍ରରେ ଶ୍ୱାସରୁଦ୍ଧ ହୋଇ ଛଟପଟରେ ପ୍ରାଣ ଯିବା ଅପେକ୍ଷା ବିଦ୍ରୋହ କରିବାକୁ ସେ ଜୀବନର ବିକାଶ ବୋଲି ମନେ କରିଥିଲେ । ମୋର ବିଶ୍ୱାସ ଏହା ଛଡ଼ା ତାଙ୍କର ଗତ୍ୟନ୍ତର ନଥିଲା । ଓଡ଼ିଶାରେ କଂଗ୍ରେସ ବିରୁଦ୍ଧରେ ବିଦ୍ରୋହ

Digitized by srujanika@gmail.com

କରି ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିବାରେ ସେ ଅସୀମ ଧୈର୍ଯ୍ୟ ଓ ସାହସର ପରିଚୟ ଦେଇଛନ୍ତି ।" (ମିଶ୍ର, ଗୋବିନ୍ଦଚନ୍ଦ୍ର, ୧୯୫୮, ଜାତୀୟ ଜୀବନର ଆତ୍ମବିକାଶ, ୩ୟ ଭାଗ, ପୃ.୨୦୧) ।

କଂଗ୍ରେସର ଗୃହୀତ ନୀତି ବିରୁଦ୍ଧରେ ଯିବା କିନ୍ତୁ ତା ସହ ଜାତୀୟତାବାଦୀ ହୋଇରହିବା ମଧ୍ୟରେ ସେଦିନ ବିରୋଧାଭାସ ହୁଏତ ଥିଲା, କିନ୍ତୁ ପ୍ରକୃତ ବିରୋଧ ନଥିଲା । ସେଦିନ ତାର ପ୍ରକୃଷ୍ଟ ଉଦାହରଣ ଥିଲେ ନିଜେ ସୁଭାଷ ଚନ୍ଦ୍ର ବୋଷ । ମହାତ୍ମାଗାନ୍ଧୀଙ୍କ ବିରୋଧ ସତ୍ତ୍ୱେ ସାଧାରଣ ଲୋକଙ୍କ ମଧ୍ୟରେ ଅତି ଉଜ୍ଜ୍ୱଳ ଭାବମୂର୍ତ୍ତି ଥିବାରୁ ସେ ବହୁ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇ ୧୯୩୯ ମାର୍ଚ୍ଚରେ (୧୦ ତାରିଖରେ) କଂଗ୍ରେସର ସର୍ବ-ଭାରତୀୟ ତ୍ରିପୁରୀ ଅଧିବେଶନରେ ସଭାପତି ହେବା ପରେ ପରେ ଦଳୀୟ ସାଂଗଠନିକ ଛକାପଞ୍ଝା ଖେଳରେ ଅପାରଗତା ହେତୁ ଏପ୍ରିଲ ମାସରେ (୨୨-୨୩ ତାରିଖରେ) ପଦତ୍ୟାଗ କରିବାପାଇଁ ବାଧ୍ୟ ହୋଇଥିଲେ ଓ ଏପରି କି ୧୧ ଅଗଷ୍ଟରେ ପ୍ରାଦେଶିକ ସଭାପତି ପଦରୁ ତଥା କଂଗ୍ରେସ ଦଳରୁ ବହିଷ୍କୃତ ମଧ୍ୟ ହୋଇଥିଲେ । ଅଳ୍ପ ଦିନ ପରେ ତାଙ୍କ ଭାଇ ଶରତଚନ୍ଦ୍ର ବୋଷ ବି କଂଗ୍ରେସ ବିଧାୟକଦଳର ନେତା ତଥା କଂଗ୍ରେସ ଦଳରୁ ମଧ୍ୟ ବହିଷ୍କୃତ ହେଲେ । ଏଠାରେ ବୋଷ ଭ୍ରାତୃଯୁଗଳ ଓ ପଣ୍ଡିତଯୁଗଳ, ଦୁଇ ଭାଇ ଓ ଦୁଇ ପଣ୍ଡିତଙ୍କ ଅନୁଭୂତି ଓ ଅଭିଜ୍ଞତା ମଧ୍ୟରେ ସାମଞ୍ଜସ୍ୟ ଲକ୍ଷ୍ୟ କରିବାର ବିଷୟ । 'ବେନି ଜନେ ପଡ଼ିଛି ସମଦଶା' । ସେହିପରି ସେଦିନ ପଣ୍ଡିତଯୁଗଳ କଂଗ୍ରେସର ଗୃହୀତ ନୀତି ବିରୁଦ୍ଧରେ ଯାଇ ବି କେବଳ ଜାତୀୟତାବାଦୀ ନଥିଲେ, ଲୋକସାଧାରଣଙ୍କ ମଧ୍ୟରେ ନିଜର ସେଇ ଜାତୀୟତାବାଦୀ ତଥା ଉଜ୍ଜ୍ୱଳ ଭାବମୂର୍ତ୍ତି ବଜାୟ ରଖିବାକୁ ସ୍ୱାଭାବିକ ଭାବରେ ସୁଭାଷଙ୍କ ସହ ଯୋଗଦେବାକୁ ମଧ୍ୟ ଉଚିତ ମଣିଥିଲେ । ତେବେ 'ସମଦଶା' ବ୍ୟତୀତ ସୁଭାଷଙ୍କ (ଓ ତାଙ୍କ ଭାଇଙ୍କ) ସହ ଏ ପଣ୍ଡିତଯୁଗଳଙ୍କର ସମ୍ପର୍କର ସ୍ୱରୂପ କ'ଣ ଥିଲା ? ସେମାନେ ସେଦିନ କଣ ସମ୍ପୂର୍ଣ୍ଣ ଭାବରେ ସୁଭାଷଙ୍କ ଅନୁଗାମୀ ହୋଇପଡ଼ିଥିଲେ ? ନା ସୁଭାଷଙ୍କ ନୀତିକୁ ଏମାନେ ଆଂଶିକ ଭାବରେ ମାତ୍ର ଗ୍ରହଣ କରି ଆଂଶିକ ଭାବରେ ତାଙ୍କଠାରୁ ନିଜର ଦୂରତ୍ୱ ରଖିଥିଲେ ? ସେତେବେଳେ ପ୍ରକୃତରେ କ'ଣ ଥିଲା ସୁଭାଷଙ୍କ କର୍ମଯୋଜନା ? ଏସବୁ ପ୍ରଶ୍ନ ପଚାରିବାର କାରଣ ହେଉଛି, ଓଡ଼ିଶାରେ ଏପରି ମନ୍ତ୍ରୀମଣ୍ଡଳ ଗଠନରୁ ଏ ପଣ୍ଡିତଯୁଗଳ ସରକାରଙ୍କ ଯୁଦ୍ଧୋଦ୍ୟମର ସହାୟତା କରିବାପାଇଁ ମଧ୍ୟ ରାଜି ଥିଲେ ବୋଲି ବି ମନେ ହୋଇଥିଲା ଓ ତା କଣ ସେଦିନ ସୁଭାଷଚନ୍ଦ୍ରଙ୍କ ଅନୁମୋଦିତ ନୀତି ଥିଲା ?

Digitized by srujanika@gmail.com

କଂଗ୍ରେସର ଗୃହୀତ ନୀତି ବିରୁଦ୍ଧରେ ଯାଇ ଏପରି ଏକ ମନ୍ତ୍ରୀମଣ୍ଡଳ ଗଠନର ଯଥାର୍ଥତା ପ୍ରତିପାଦନ ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ତାଙ୍କ 'ଆତ୍ମଜୀବନୀ'ରେ ଲେଖିଛନ୍ତି, "ଏହା ୧୯୩୯ ମସିହାର କଥା, ଠିକ୍ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧର ଆସନ୍ନ କାଳ। ସୁଭାଷ ବୋଷ ନିଜ ୩୮/୨ ଏଲଗିନ୍ ରୋଡ଼୍ ଘରକୁ ଆମକୁ ଡକାଇଥିଲେ। ଯଦୁମଣି ମଙ୍ଗରାଜ, ମୁଁ ଓ ଗୋଦାବରୀଶ ଯାଇଥିଲୁ। ... ସେ କହିଲେ, 'ଏ ମହାଯୁଦ୍ଧରେ ଜାପାନ ଜିଣିବାର ଖୁବ୍ ସମ୍ଭାବନା ଅଛି। ସେତେବେଳକୁ ଅନ୍ତତଃ ବଙ୍ଗ, ଓଡ଼ିଶା, ବିହାର ଓ ଆସାମ- ଏହି ଚାରି ପ୍ରଦେଶର ରାଜତ୍ୱ ଆମ ଲୋକଙ୍କ ହାତରେ ଥିବା ଦରକାର। ... ଓଡ଼ିଶାରେ ତୁମେମାନେ ଯାଇ ମନ୍ତ୍ରୀମଣ୍ଡଳ ଗଢ଼। .. .. ।" (ଦାସ, ପଣ୍ଡିତ ନୀଳକଣ୍ଠ, ୨୦୦୩, ପୃ.୧୩୧-୩୨)। ପଣ୍ଡିତ ଗୋଦାବରୀଶ ମଧ୍ୟ ଉଣାଅଧିକେ ନୀଳକଣ୍ଠଙ୍କ ବକ୍ତବ୍ୟକୁ ସମର୍ଥନ କରି କହନ୍ତି "ସୁଭାଷ ଚନ୍ଦ୍ର ବୋଷଙ୍କ ସହିତ ଆଲୋଚନାରେ ସ୍ଥିର ହୋଇଥିଲା ଯେ ବଙ୍ଗ, ଓଡ଼ିଶା ଓ ଆସାମ ଜଗିବାକୁ ହେବ, ଯେପରି ଜାପାନ ଆକ୍ରମଣ କରି ଆସିବା ବେଳେ ଗାଦି ମାଡ଼ି ବସିରହିପାରିବ ନାହିଁ। ଭାରତ ଜାତୀୟ ସେନା ସୁଭାଷଙ୍କ ନେତୃତ୍ୱରେ ଆସିବେ ଓ ଶାସନଭାର ମିଳିତ ମନ୍ତ୍ରୀମଣ୍ଡଳ ହାତେ ଦେଇଯିବେ। ସେ ନିଜେ ଦିଲ୍ଲୀ ଯାଇ ଶାସନଗାଦି ଅଧିକାର କରିବେ। ... ଜେଲକୁ ଚାଲିଯାଇ ଇଂରେଜଙ୍କ ବାହୁଚ୍ଛାୟା ତଳେ ଆଶ୍ରୟ ନେଇ ପ୍ରାଣ ରକ୍ଷା କରିବା ଓ ଇଂରେଜଙ୍କ ସାହାଯ୍ୟରେ ପରେ ଶାସନଗାଦି ଲାଭ କରିବା ଆମମାନଙ୍କର ମତ ନ ଥିଲା। କଂଗ୍ରେସ ଇଂରେଜ ସରକାରଙ୍କ ବାହୁଚ୍ଛାୟା ତଳେ ରହି ପରେ ଶାସନ ଗାଦି ଲାଭ କରିବା ଫଳରେ ଦେଶରେ ଦୁର୍ନୀତି ଲାଞ୍ଚମିଛ ଅପଶାସନ ଚାଲିଛି।" (ମହାନ୍ତି, ସନ୍ତୋଷକୁମାର, ୨୦୧୧, ପୃ.୧୮)।

ପଣ୍ଡିତ ନୀଳକଣ୍ଠଙ୍କ (ଓ ଗୋଦାବରୀଶଙ୍କ ମଧ୍ୟ) ଏପରି ବକ୍ତବ୍ୟ ବିଭିନ୍ନ କାରଣରୁ ବିଶ୍ୱାସଯୋଗ୍ୟ ବୋଲି ମନେହୁଏ ନାହିଁ। ପଣ୍ଡିତ ନୀଳକଣ୍ଠ ୧୯୩୯ର ଘଟଣା ବର୍ଣ୍ଣନା କରିଛନ୍ତି। ଏହା ୧୯୩୯ ନଭେମ୍ବର ୯ ତାରିଖରେ କଂଗ୍ରେସ ମନ୍ତ୍ରୀମଣ୍ଡଳର ଇସ୍ତଫା ଦେବାର ପରେ ଓ ୧୯୪୧ର ୨୪ ନଭେମ୍ବରରେ ବିକଳ୍ପ ପାରଳା ମନ୍ତ୍ରୀମଣ୍ଡଳ ଗଠନ ପୂର୍ବବର୍ତ୍ତୀ କାଳର (ପ୍ରକୃତରେ ୧୯୪୧ ଜାନୁଆରୀରେ ସୁଭାଷ କଲିକତାରୁ ପଳାୟନ କରିବା ପୂର୍ବର) ଘଟଣା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ବେଳର କଥା। ସେତେବେଳେ ଜର୍ମାନୀ ସହ ସହଯୋଗ କରି ସୋଭିଏଟ୍ ଇଉନିଅନ୍ ବି ପୋଲାଣ୍ଡ ଆକ୍ରମଣ କରିଥିଲା ଓ କମ୍ୟୁନିଷ୍ଟମାନେ ସୋଭିଏଟ୍ ଇଉନିଅନ୍ (ଓ ଜର୍ମାନୀ) ପକ୍ଷ ସମର୍ଥନରେ ବ୍ରିଟିଶ ସରକାରଙ୍କୁ ବିରୋଧ ଅବଶ୍ୟ କରୁଥିଲେ। ତେବେ ମିତ୍ରଶକ୍ତି ବିରୋଧରେ ଜାପାନ

Digitized by srujanika@gmail.com

ଯୁଦ୍ଧରେ ଯୋଗ ଦେବାର ନିଶ୍ଚିତତା ଆଦୌ ଜଣାନଥାଏ । ତାହା ହୁଏତ ସମ୍ଭାବନା ମଧ୍ୟରେ ଆବଦ୍ଧ ଥାଏ । ସୁଭାଷ କଲିକତାରୁ ପଳାୟନ କରନ୍ତି ୧୯୪୧ ଜାନୁଆରୀରେ । (ସେ ମସ୍କୋରେ ପହଞ୍ଚନ୍ତି ୩୧ ମାର୍ଚ୍ଚ; ବର୍ଲିନ ଅଭିମୁଖେ ପ୍ରସ୍ଥାନ କରନ୍ତି ୧ ଏପ୍ରିଲ; ଜର୍ମାନୀ ସୋଭିଏଟ୍ ରୁଷ ଆକ୍ରମଣ କରେ ୨୨ ଜୁନ୍‌ରେ ।) ସୁଭାଷ କଲିକତା ତ୍ୟାଗ କରିବାର ଦଶ ମାସ ତଥା ପାରଳା ମନ୍ତ୍ରୀମଣ୍ଡଳ ଗଠିତ ହୋଇସାରିବାର ପ୍ରାୟ ମାସକ ପରେ ହିଁ ଜାପାନ ୧୯୪୧ ଡିସେମ୍ବରରେ ହଠାତ୍ ପର୍ଲ ହାରବର୍ ଆକ୍ରମଣ କରି ଯୁଦ୍ଧରେ ଯୋଗଦିଏ । ପୁଣି ଜାପାନ ଆକ୍ରମଣରେ ୧୯୪୨ ଫେବୃଆରୀରେ ସିଙ୍ଗାପୁରର ପତନ ପରେ ହିଁ ଆଜାଦହିନ୍ଦ୍ ଫୌଜ ଗଠନର ସମ୍ଭାବନା ଦେଖାଗଲା, ଯାହାର ନେତୃତ୍ୱ ବର୍ଷକରୁ ଅଧିକ କାଳ ପରେ ସୁଭାଷ ନେଲେ । ସୁଭାଷ ଜାପାନ ଅଭିମୁଖେ ବୁଡ଼ାଜାହାଜରେ ଜର୍ମାନୀର କିଲ୍ ବନ୍ଦର ତ୍ୟାଗ କରନ୍ତି ସିଙ୍ଗାପୁର ପତନର ପ୍ରାୟ ବର୍ଷକ ପରେ, ୧୯୪୩ର ୮ ଫେବୃଆରୀରେ; ଦକ୍ଷିଣ-ପୂର୍ବ-ଏସିଆରେ ପହଞ୍ଚନ୍ତି ମେ' ମାସରେ ଓ ଶେଷରେ, ସିଙ୍ଗାପୁରରେ ୨ ଜୁଲାଇରେ । ଏ ସବୁ ଯେ ଘଟିବ ତାହା ସେତେବେଳେ (ଅର୍ଥାତ୍ ୧୯୩୯ ନଭେମ୍ବର ୯ ତାରିଖ ଓ ୧୯୪୧ ଜାନୁଆରୀ ମଧ୍ୟବର୍ତ୍ତୀ କାଳରେ) ଜଣା ନଥିଲା । ଜାପାନ ଯେ ୨ୟ ବିଶ୍ୱଯୁଦ୍ଧରେ ମିତ୍ରଶକ୍ତି ବିରୁଦ୍ଧରେ ଯୋଗ ଦେବ; ଜାପାନୀ ଆକ୍ରମଣରେ ସିଙ୍ଗାପୁର ଓ ବର୍ମାର ପତନ ହେବ; ଜାପାନ ସହାୟତାରେ ଆଜାଦହିନ୍ଦ ଫୌଜ ଗଠିତ ହେବ; ପୁଣି ସୁଭାଷ ତାର ନେତୃତ୍ୱ ନେବେ ଓ ଶେଷରେ ସୁଭାଷଙ୍କ ନେତୃତ୍ୱରେ ଆଜାଦହିନ୍ଦ ଫୌଜ ପୂର୍ବ ପଟରୁ ଭାରତ ଆକ୍ରମଣ କରିବ ତା କଣ ତାର ପ୍ରାୟ ଦୁଇ ବର୍ଷ ପୂର୍ବରୁ ସୁଭାଷ ବୋଷ ଜାଣିସାରିଥିଲେ ଓ ତା ପୂର୍ବରୁ ତାର ସୂଚନା ପଣ୍ଡିତ ନୀଳକଣ୍ଠ ଓ ଗୋଦାବରୀଶଙ୍କୁ ଦେଇଥିଲେ ? ତେଣୁ ଏପରି ଦାବି ବିଶ୍ୱାସଯୋଗ୍ୟ ମନେହୁଏ ନାହିଁ । ଅବଶ୍ୟ ସୁଭାଷ ସେତେବେଳକୁ ଫରୱାର୍ଡ଼ ବ୍ଲକ୍ ଗଠନ କରିସାରିଥିଲେ ଓ କଂଗ୍ରେସରୁ ବହିଷ୍କୃତ । ତେଣୁ ସେ ହୁଏତ ଓଡ଼ିଶାରେ ତାଙ୍କ ଫରୱାର୍ଡ଼ ବ୍ଲକ ପ୍ରତି ଅନୁରକ୍ତ ଏକ ବିକଳ୍ପ ସରକାର ଗଠନ କରି କ୍ଷମତା ଦଖଲର ଓ କ୍ଷମତାରେ ରହି ଗୋପନରେ ବ୍ରିଟିଶ ଯୁଦ୍ଧୋଦ୍ୟୋଗର ବିରୋଧ କରିବାପାଇଁ ପରାମର୍ଶ ଦେଇପାରିଥାଆନ୍ତି (ଯାହା ପରେ ପଣ୍ଡିତ ନୀଳକଣ୍ଠ କରିଥିବାର ପ୍ରମାଣ ମଧ୍ୟ ମିଳେ); କିନ୍ତୁ ଆଜାଦହିନ୍ଦ ଫୌଜର ସାହାଯ୍ୟାର୍ଥେ ନୁହେଁ, ଯାହା ପଣ୍ଡିତଯୁଗଳ ଦାବି କରନ୍ତି । ସେମାନଙ୍କର ଏପରି ଦାବି ପଛରେ ଥିଲା ପରବର୍ତ୍ତୀ ଘଟଣାବଳିର ଆଲୋକରେ ନିଜ ପୂର୍ବ କାର୍ଯ୍ୟର ଯଥାର୍ଥତା ପ୍ରତିପାଦନ (ବା legitimation) । ଅବଶ୍ୟ ଆଜାଦହିନ୍ଦ୍ ଫୌଜର ଗଠନ ପରେ ସେମାନେ ତାହାକୁ ଗୋପନରେ ସହାୟତାର ଚିନ୍ତା/କାର୍ଯ୍ୟ

Digitized by srujanika@gmail.com

କରିଥାଇପାରିଥାନ୍ତି ଆଉ ସେପରି କିଛି ବିବରଣୀ ବି ମିଳେ । ପଣ୍ଡିତ ଗୋଦାବରୀଶଙ୍କ ଅସମାପ୍ତ ଆତ୍ମଜୀବନୀର ପରିକଳ୍ପିତ ଦ୍ୱିତୀୟ ଭାଗର ୧୭ଶ 'ଓଡ଼ିଶା ଉପକୂଳ' ଶୀର୍ଷକ ପରିଚ୍ଛେଦରୁ ମଧ୍ୟ ତାର ସାମାନ୍ୟ ସୂଚନା ହୁଏତ ମିଳେ । କିନ୍ତୁ ତା ନିଶ୍ଚୟ ୧୯୪୧ ନଭେମ୍ବରରେ ପାରଳା ମନ୍ତ୍ରୀମଣ୍ଡଳ ଗଠନର ବହୁ ପରବର୍ତ୍ତୀ ମାତ୍ର ଗୋଟିଏ ବର୍ଷର କଥା, ଅର୍ଥାତ୍ ୧୯୪୩ର ଜୁଲାଇ ୨ ତାରିଖରେ ସୁଭାଷ ସିଙ୍ଗାପୁରରେ ପହଞ୍ଚିବା ପରଠାରୁ ୧୯୪୪ର ଜୁନ୍ ୩୦ ପର୍ଯ୍ୟନ୍ତ ପାରଳା ମନ୍ତ୍ରୀମଣ୍ଡଳ କ୍ଷମତାରେ ରହିଥିବା କାଳର କଥା ।

ତେବେ ସେଇ ପଣ୍ଡିତ ନୀଳକଣ୍ଠ ତାଙ୍କ 'ଆତ୍ମଜୀବନୀ' ଲେଖିବା ପୂର୍ବେ ୧୯୫୨ରେ ଓଡ଼ିଶା ବିଧାନସଭାରେ ତାଙ୍କ ବିରୋଧରେ ହୋଇଥିବା 'ଦେଶଦ୍ରୋହ' ଅଭିଯୋଗ ଖଣ୍ଡନ କରିବା ପ୍ରସଙ୍ଗରେ ଭିନ୍ନ ଏକ କାରଣ ଦର୍ଶାଇ କଂଗ୍ରେସର ସାମ୍ପ୍ରଦାୟିକ ରାଜନୀତିକୁ ପ୍ରତିହତ କରି ମୁସ୍ଲିମ୍ ଲିଗ୍ର ଭାରତ-ବିଭାଜନ ଉଦ୍ୟମକୁ ପଣ୍ଡ କରିବା ଉଦ୍ଦେଶ୍ୟରେ ହିଁ ସୁଭାଷ ବୋଷଙ୍କ ପରାମର୍ଶରେ ଏପରି ମନ୍ତ୍ରୀମଣ୍ଡଳ ଗଠନ କରାଯାଇଥିଲା ବୋଲି ଦାବି କରିଥିଲେ (Ghosh, 1991, pp.49-51), ଯାହା ଅଧିକ ବିଶ୍ୱାସଯୋଗ୍ୟ । ପୁଣି ୧୯୪୧ ଡିସେମ୍ବରରେ ହିନ୍ଦୁମହାସଭା ଓ ଫଜଲୁଲ୍ ହକ୍ଙ୍କ କୃଷକ-ପ୍ରଜା ପାର୍ଟିର କେତେକ ବ୍ୟବସ୍ଥାପକଙ୍କ ସହାୟତାରେ ସୁଭାଷଙ୍କ ଭାଇ ଫରଓ୍ୱାର୍ଡ଼ ବ୍ଲକ୍ର ଶରତ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ବଙ୍ଗ ପ୍ରଦେଶରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେବାର ଅବ୍ୟବହିତ ପୂର୍ବେ ନିଜେ ଶରତ ଚନ୍ଦ୍ର ବୋଷ ଗ୍ରେପ୍ତାର ହେବାରୁ ତା ଆଉ ହୋଇପାରିନଥିଲା (Chatterji, Joya, 1996, p.123) । ପରିଣାମରେ କାର୍ଯ୍ୟକାରୀ ହୋଇପାରିନଥିଲେ ବି ବଙ୍ଗରେ ଶରତ ବୋଷଙ୍କ ନେତୃତ୍ୱରେ ଏପରି ମନ୍ତ୍ରୀମଣ୍ଡଳ ଗଠନର ଯୋଜନା ହିଁ ପରୋକ୍ଷରେ ପଣ୍ଡିତ ନୀଳକଣ୍ଠଙ୍କ ଏଇ ଶେଷୋକ୍ତ ଦାବିକୁ ସମର୍ଥନ କରେ ।

ମୋଟ ଉପରେ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ପୂର୍ବ ପରି ଦେଶପ୍ରେମୀ ଓ ଜାତୀୟତାବାଦୀ ହୋଇ ରହିଥିଲେ ହେଁ, ସେମାନଙ୍କର ସେ ଦିନର ସେଇ ଭୂମିକା ଫଳରେ, ବିଶେଷ ଭାବରେ ୧୯୪୨ ଅଗଷ୍ଟ ପରବର୍ତ୍ତୀ 'ଭାରତ ଛାଡ଼' ଆନ୍ଦୋଳନ ଦମନର ପ୍ରତିକ୍ରିୟାରେ, ଓଡ଼ିଶାର ଜନମାନସରେ ସେମାନଙ୍କର ଭାବମୂର୍ତ୍ତି କିଛି କାଳପାଇଁ ବହୁ ପରିମାଣରେ ତାର ଔଜ୍ଜ୍ୱଲ୍ୟ ହରାଇଲା । ପୂର୍ବେ ଓଡ଼ିଶାର କ୍ଷମତା ରାଜନୀତିର ଅନ୍ୟାନ୍ୟ ଖେଳଓ୍ୱାର୍ଡ଼ଙ୍କ ନିକଟରେ ଥରେ ପରାସ୍ତ ହୋଇଥିଲେ ହେଁ, ଏଇ ପଣ୍ଡିତଯୁଗଳ ତଥାପି ଓଡ଼ିଶାର ଜନମାନସରେ ସେଇମାନଙ୍କ ସହ ସମାନ

Digitized by srujanika@gmail.com

ହୋଇଯାଇନଥିଲେ ଓ ସ୍ୱତନ୍ତ୍ର ଆସନର ଅଧିକାରୀ ହୋଇରହିଥିଲେ । ଏବେ କିନ୍ତୁ ଅତୀତରେ ସେମାନେ କରିଥିବା ସମସ୍ତ ତ୍ୟାଗ ଓ ସେମାନଙ୍କର ବିଦ୍‌ବତ୍ତାର ଖ୍ୟାତି ସତ୍ତ୍ୱେ ଓଡ଼ିଶାର ଜନମାନସରେ ସେମାନେ ସତେ ଯେପରି କ୍ଷମତା ରାଜନୀତିର ଅନ୍ୟାନ୍ୟ ଖେଳଓ୍ୱାଡ଼ିଙ୍କ ସହ ଅନେକ ପରିମାଣରେ କେବଳ ସମାନ ହୋଇଗଲେ ନାହିଁ, ଶେଷରେ ସେମାନଙ୍କ ନିକଟରେ ପୁଣି ଥରେ ଶୋଚନୀୟ ଭାବରେ ପରାସ୍ତ ବି ହୋଇଗଲେ ।

(୨.୨). ପ୍ରସଙ୍ଗକ୍ରମେ କହିବା ଉଚିତ ଯେ ୧୯୪୩-୪୪ରେ ପଡ଼ୋଶୀ ବଙ୍ଗ ପ୍ରଦେଶରେ ଏକ ଭୟାବହ ଅନ୍ନାଭାବଜନିତ ଲୋକକ୍ଷୟକାରୀ ଦୁର୍ଭିକ୍ଷ ଦେଖାଦେଇଥିଲା । ଆଉ ତାର ପୃଷ୍ଠଭୂମିରେ ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଲୋକକ୍ଷୟର ନିର୍ଦ୍ଦିଷ୍ଟ ଆକଳନ କରାଯାଇପାରିନଥିଲେ ମଧ୍ୟ ଏଥିରେ ୧୫ ଲକ୍ଷରୁ ୪୦ ଲକ୍ଷ ପର୍ଯ୍ୟନ୍ତ ଲୋକଙ୍କ ପ୍ରାଣହାନି ହୋଇଥିଲା ବୋଲି କୁହାଯାଏ । ଅବଶ୍ୟ ବହୁତ ପରେ ଅମର୍ତ୍ତ୍ୟ ସେନ୍ କହନ୍ତି ଯେ ଏ ସମୟରେ ବଙ୍ଗରେ ଖାଦ୍ୟଶସ୍ୟ ବା ଖାଦ୍ୟପଦାର୍ଥର ଅଭାବ ପ୍ରକୃତରେ ନ ଥିଲା; କେବଳ ତାର ଅସମ୍ଭବ ମୂଲ୍ୟବୃଦ୍ଧି ଘଟିଥିଲା । ତେଣୁ ଗରିବ ଲୋକେ ତା କିଣିବାପାଇଁ ଅସମର୍ଥ ହୋଇପଡ଼ିଥିଲେ ମାତ୍ର । କିନ୍ତୁ ବର୍ତ୍ତମାନ ପ୍ରସଙ୍ଗରେ ସେ ସବୁ ଅପ୍ରାସଙ୍ଗିକ ବା ଅବାନ୍ତର । କାରଣ ଯାହା ବର୍ତ୍ତମାନ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ତା ହେଉଛି ଏହା ପ୍ରାକୃତିକ ବା ମନୁଷ୍ୟକୃତ ଯାହା ହେଉ ନା କାହିଁକି ଏଥିରେ ଏତେ ସଂଖ୍ୟାରେ ଅନ୍ନାହାରଜନିତ ମୃତ୍ୟୁ ଘଟିଥିଲା ଓ ଖାଦ୍ୟପଦାର୍ଥର ଅସମ୍ଭବ ମୂଲ୍ୟବୃଦ୍ଧି ହେତୁ ଗୋପନରେ ତା ମହଜୁଦ ରଖୁଥିବା ମୁନାଫାଖୋର ବ୍ୟବସାୟୀମାନେ ଏହି ଦୁର୍ଭିକ୍ଷରେ ଲାଭବାନ ହୋଇଥିଲେ । ସେହିପରି ଏହି ଦୁର୍ଭିକ୍ଷପାଇଁ ସରକାରୀ ଉଦାସୀନତାକୁ ଦାୟୀ କରାଯାଉଥିଲେ ମଧ୍ୟ ଅମର୍ତ୍ତ୍ୟ ସେନ୍‌ଙ୍କ ମତରେ ସେ ସମୟରେ ବଙ୍ଗକୁ ଧାନ ଓ ଚାଉଳ ରପ୍ତାନୀ ତୁଳନାତ୍ମକ ଭାବରେ ଅଧିକ ଥିଲା । ତେଣୁ ପ୍ରକୃତ ସମସ୍ୟା ଥିଲା ଉପଲବ୍ଧ ଧାନଚାଉଳର ସୁଷମ ବଣ୍ଟନ/ବିତରଣ ବା ବିକ୍ରୟ ବ୍ୟବସ୍ଥାରେ । ହୁଏତ ସେଇ ସ୍ତରରେ ସରକାରୀ ଉଦାସୀନତା ରହିଥିଲା, ହୁଏତ ବା ମହଜୁଦକାରୀଙ୍କ ପ୍ରଭାବରେ । ମଧୁସୂଦନ ମହାନ୍ତିଙ୍କଠାରୁ ଶୁଣିଥିବା କଥା ଭିତ୍ତିରେ ଗୋପାଳ ଛୋଟରାୟ ମଧ୍ୟ ଲେଖିଛନ୍ତି, "... ବଙ୍ଗଳାର ଗଭର୍ଣ୍ଣର ସାର୍ ଆଲେକ୍‌ଜାଣ୍ଡର ଓଡ଼ିଶାରୁ ସଂଗୃହୀତ ଖାଦ୍ୟଭଣ୍ଡାରକୁ ବିକ୍ରିପାଇଁ ସଙ୍ଗେସଙ୍ଗେ ଛାଡ଼ି ନଦେବାକୁ ଆଦେଶ ଦେଲେ । ଫଳରେ ଧାନଚାଉଳ ଦର ବଢ଼ିବାକୁ ଲାଗିଲା ଓ ସେହି ବର୍ଦ୍ଧିତ ଦରରେ ଲୋକମାନେ କ୍ରୟ କରିବାକୁ ବାଧ୍ୟ ହେଲେ । ଏହି ପ୍ରକ୍ରିୟାରେ ଯେଉଁ ବିପୁଳ ଧନଲାଭ ହେଲା, ତା ଗଭର୍ଣ୍ଣର ପକେଟସ୍ଥ କଲେ ।" (ଛୋଟରାୟ, ୧୯୯୫, ପୃ.୯୮) । କାରଣ ଏପରି ଅବ୍ୟବସ୍ଥାର ପରିଣାମରେ ସେଇ

Digitized by srujanika@gmail.com

ମହଜୁଦକାରୀମାନେ ତ ହୋଇଥିଲେ ଅସମ୍ଭବ ଭାବରେ ଲାଭବାନ । ଏହା ମୁଖ୍ୟତଃ ମୁସ୍ଲିମ୍ ଲିଗ୍ ଦଳର ଖ୍ୱାଜା ନାଜିମୁଦ୍ଦିନ ବଙ୍ଗର ପ୍ରଧାନମନ୍ତ୍ରୀ ଥିବା ସମୟରେ ହିଁ ଘଟିଥିଲା, ଯାହା ଏ ପ୍ରସଙ୍ଗରେ ତାତ୍ପର୍ଯ୍ୟପୂର୍ଣ୍ଣ । (ମୁସ୍ଲିମ୍ ଲିଗ୍ ଦଳର ଖ୍ୱାଜା ନାଜିମୁଦ୍ଦିନ ଏପ୍ରିଲ ୧୯୪୩ରୁ ମାର୍ଚ୍ଚ ୧୯୪୫ ପର୍ଯ୍ୟନ୍ତ ବଙ୍ଗର ପ୍ରଧାନମନ୍ତ୍ରୀ ଥିଲେ ।) ବର୍ତ୍ତମାନ ପ୍ରସଙ୍ଗରେ ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ ମଧ୍ୟ ଥିଲା ବଙ୍ଗର ଏହି ଭୟାବହ ଦୁର୍ଭିକ୍ଷ ସହ ଓଡ଼ିଶାର ସମ୍ପୃକ୍ତି ।

କଲିକତା ଭାରତରେ ଇଂରାଜୀ ଗଣମାଧ୍ୟମର ପ୍ରଧାନ କେନ୍ଦ୍ର ଥିବାରୁ ସମଗ୍ର ଦେଶରେ ବଙ୍ଗର ଏହି ଦୁର୍ଭିକ୍ଷ ଜନସଚେତନତା ସୃଷ୍ଟି କରି ବଙ୍ଗର ଓ ଏପରି କି ଭାରତୀୟ ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ମନ ଉପରେ ଗଭୀର ରେଖାପାତ କରିଥିଲା । ଏ ଦିଗରେ ବାମପନ୍ଥୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସରକାରଙ୍କଦ୍ୱାରା ବ୍ୟାଜ୍ୟାପ୍ତ ହୋଇଥିବା ଚିତ୍ରକର ଚିତ୍ତପ୍ରସାଦଙ୍କ ଚିତ୍ର-ପରିଶୋଭିତ Hungry Bengal (1943) ପୁସ୍ତକ ବ୍ୟତୀତ ସେ ସମୟରେ ବିଜନ ଭଟ୍ଟାଚାର୍ଯ୍ୟ ପ୍ରଥମେ ଲେଖିଲେ ଏକାଙ୍କ ନାଟକ 'ଜବାନବନ୍ଦୀ' (୧୯୪୩) ଓ ତା ପରେ ଅତି ପ୍ରସିଦ୍ଧ ହୋଇପଡ଼ିଥିବା ନାଟକ 'ନବାନ୍ନ' (୧୯୪୪) । ବାମପନ୍ଥୀ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ୧୯୪୩ରେ ସ୍ଥାପିତ Indian Peoples Theatre Association (IPTA)ଙ୍କଦ୍ୱାରା ଶମ୍ଭୁ ମିତ୍ରଙ୍କ ନିର୍ଦ୍ଦେଶନାରେ ସେଇ ନାଟକର ସଫଳ ଅଭିନୟ ମଧ୍ୟ ୧୯୪୪ରେ ହୋଇପାରିଥିଲା । ପୁଣି ସେଇ ନାଟକକୁ ଖ୍ୟାତନାମା ନଟ ଶାନ୍ତି ବର୍ଦ୍ଧନ ରୂପାନ୍ତରିତ କରିଥିଲେ ପ୍ରସିଦ୍ଧ ନୃତ୍ୟନାଟ୍ୟ 'ଭୁଖା ହୈ ବେଙ୍ଗଲ'ରେ ଯାହା IPTA ଦ୍ୱାରା ବଙ୍ଗର ବାହାରେ ମଧ୍ୟ ଅଭିନୀତ ହୋଇ ବଙ୍ଗ ଦୁର୍ଭିକ୍ଷର ଭୟାବହତା ସମ୍ପର୍କରେ ସମଗ୍ର ଭାରତରେ କେବଳ ବୁଦ୍ଧିଜୀବୀମାନଙ୍କୁ ସଚେତନ କରିନଥିଲା, ସୃଷ୍ଟି କରିପାରିଥିଲା ଜନସଚେତନତା । ପରବର୍ତ୍ତୀ କାଳରେ ବଲରାଜ ସାହାନୀ ଅଭିନୀତ ପ୍ରସିଦ୍ଧ ହିନ୍ଦୀ ଚଳଚିତ୍ର 'ଦୋ ବିଘା ଜମିନ୍' ବି ଏହି ଦୁର୍ଭିକ୍ଷ ପୃଷ୍ଠଭୂମିରେ ନିର୍ମିତ । ଏହି ଦୁର୍ଭିକ୍ଷର ପୃଷ୍ଠଭୂମିରେ ପ୍ରସିଦ୍ଧ ବଙ୍ଗୀୟ ସାହିତ୍ୟକୃତି ମଧ୍ୟରେ ଅଛି, ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ 'ଅଶନି ସଙ୍କେତ' ଓ ଅମଲେନ୍ଦୁ ଚକ୍ରବର୍ତ୍ତୀଙ୍କ 'ଅକାଲେର ସନ୍ଧାନେ' ଯାହା ମଧ୍ୟ ଯଥାକ୍ରମେ ସତ୍ୟଜିତ ରାୟ ଓ ମୃଣାଳ ସେନ୍‌ଙ୍କ ଦ୍ୱାରା ଚଳଚିତ୍ରରେ ରୂପାନ୍ତରିତ ହୋଇ ଖ୍ୟାତି ଲାଭ କରିଛି । ଭବାନୀ ଭଟ୍ଟାଚାର୍ଯ୍ୟଙ୍କ ଇଂରାଜୀ ଉପନ୍ୟାସ So Many Hungers (1947) ବି ଏ ପ୍ରସଙ୍ଗରେ ଉଲ୍ଲେଖନୀୟ । ବଙ୍ଗ ଦୁର୍ଭିକ୍ଷର ଭୟାବହତା କିପରି ବଙ୍ଗର ଓ ଭାରତୀୟ ବୁଦ୍ଧିଜୀବୀମାନଙ୍କ ମନରେ ଗଭୀର ରେଖାପାତ କରି ସମଗ୍ର ଦେଶରେ ଜନସଚେତନତା ସୃଷ୍ଟି କରିପାରିଥିଲା ତା ଏ ସବୁରୁ ଜଣାଯାଏ ।

Digitized by srujanika@gmail.com

ମୋଟଉପରେ ବଙ୍ଗର ଦୁର୍ଭିକ୍ଷ ଏହିପରି ଭାବରେ କିଛି ପରିମାଣରେ ସାରା ଭାରତର ଦୃଷ୍ଟି ଆକର୍ଷଣରେ ସମର୍ଥ ହୋଇପାରିଥିଲା ତଥା ପ୍ରକୃତ ଅଭାବ ନ ଥିଲେ ବି ବଙ୍ଗକୁ ଧାନଚାଉଳ ରପ୍ତାନୀ ସମ୍ପର୍କରେ ବଙ୍ଗ ସରକାର ଓ ଏପରି କି ଭାରତ ସରକାରଙ୍କ ଉପରେ ଚାପ ମଧ୍ୟ ସୃଷ୍ଟି କରିପାରିଥିଲା ବିଶେଷ ଭାବରେ ବାମପନ୍ଥୀମାନଙ୍କ ଦିଗରୁ, ଯାହା ମଧ୍ୟ ଏ ପ୍ରସଙ୍ଗରେ ନିଶ୍ଚିତ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ଏତେବେଳକୁ (ଅର୍ଥାତ୍ ୧୯୪୧ ଜୁନ୍‌ରେ ଜର୍ମାନୀ ସୋଭିଏଟ୍ ରୁଷ ଆକ୍ରମଣ କରିବା ପରେ) ବାମପନ୍ଥୀ କମ୍ୟୁନିଷ୍ଟମାନେ ହଠାତ୍ ସେମାନଙ୍କର ଆଭିମୁଖ୍ୟ ପରିବର୍ତ୍ତନ କରି ବିଶ୍ୱଯୁଦ୍ଧକୁ 'ଜନଗଣଙ୍କ ଯୁଦ୍ଧ' (ବା People's War) ଆଖ୍ୟାରେ ଆଖ୍ୟାୟିତ କରି ବ୍ରିଟିଶ ଯୁଦ୍ଧ ଉଦ୍ୟମକୁ କେବଳ ସକ୍ରିୟ ସାହାଯ୍ୟ କରୁନଥିଲେ, ଏପରି କି ତା ସହ କଂଗ୍ରେସର 'ଭାରତ ଛାଡ଼' (ବା Quit India) ଆନ୍ଦୋଳନକୁ ବିରୋଧ ମଧ୍ୟ କରିଥିଲେ । ତେଣୁ ବାମପନ୍ଥୀମାନଙ୍କୁ ସନ୍ତୁଷ୍ଟ କରିରଖିବା ହୋଇପଡ଼ିଥିଲା ଭାରତ ସରକାରଙ୍କର ଅନ୍ୟତମ କାର୍ଯ୍ୟକ୍ରମ ।

(୨.୩). ଗୋପାଳ ଛୋଟରାୟ ଓଡ଼ିଶାର ଦୁର୍ଭିକ୍ଷର କାରଣ ସମ୍ପର୍କରେ ବିସ୍ତାରିତ ବିବରଣୀ ଦେଇ କହନ୍ତି, "ସେତେବେଳେ ପଡ଼ିଶା ବଙ୍ଗଳାପ୍ରଦେଶରେ ବର୍ଣ୍ଣନାତୀତ ଦୁର୍ଭିକ୍ଷ ଦେଖାଦେଇଥାଏ । ... ଓଡ଼ିଶାରୁ ଖାଦ୍ୟ ସଂଗ୍ରହପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରି ଇସ୍ପାହାନ ଖାଁ ନାମକ ଜଣେ ପରଚେଜିଙ୍ଗ୍ ଏଜେଣ୍ଟଙ୍କୁ ବଙ୍ଗଳା ସରକାର ଓଡ଼ିଶାକୁ ପଠାଇଲେ । ସେ ବର୍ଷ ଓଡ଼ିଶାରେ ଭଲ ଫସଲ ଅମଳ ହୋଇଥାଏ । ବାଲେଶ୍ୱର ଜିଲ୍ଲାର ଉତ୍ତର ଅଞ୍ଚଳରେ ଖାଦ୍ୟ ଭରପୂର । ବୁଦ୍ଧିମାନ ଖାଁ ଦେଖିଲେ, ସେ ଯଦି ଓଡ଼ିଶା ସରକାରଙ୍କ କୌଣସି କର୍ମକର୍ତ୍ତାଙ୍କଠାରୁ ପ୍ରଚୁର ଅର୍ଥ ବିନିମୟରେ ଫ୍ରି ଟ୍ରେଡ୍ ଲାଇସେନ୍‌ସ ହାସଲ କରିପାରିବେ, ତେବେ ରାତାରାତି ଧାନଚାଉଳର ମୂଲ୍ୟ ପାଞ୍ଚ ଛ'ଗୁଣ ବଢ଼ାଇଦେଇ ଓଡ଼ିଶାର ସୀମାନ୍ତ ଏପଟୁ ବଙ୍ଗଳା ସୀମାନ୍ତ ସେ ପାଖକୁ ଅଳ୍ପ ସମୟ ମଧ୍ୟରେ ହଜାର ହଜାର ବସ୍ତା ଧାନଚାଉଳ ରପ୍ତାନୀ କରିଦେଇପାରିବେ । ତାହା ହିଁ ହେଲା । .. ପ୍ରାୟ ମାସେ ଦେଢ଼ ମାସ ମଧ୍ୟରେ ଦେଖାଗଲା ଉତ୍ତର ବାଲେଶ୍ୱରର ହାଟବଜାରରେ ଧାନଚାଉଳ ଆଉ ମିଳୁ ନାହିଁ । ବଡ଼ ଚାଷୀ ଓ ମହାଜନମାନେ ଚଢ଼ା ଦରରେ ପର୍ଚେଜିଙ୍ଗ୍ ଏଜେଣ୍ଟଙ୍କୁ ସବୁ ବିକି ଦେଉଛନ୍ତି । ସବୁଆଡ଼େ ହାହାକାର ଖେଳିଗଲା । ଖାଦ୍ୟବିନା ମୃତ୍ୟୁର କରାଳ ଛାୟା ବ୍ୟାପୀ ଗଲା । ... ..." (ଛୋଟରାୟ, ୧୯୯୫, ପୃ.୯୭) ଓ "ସୀମା ଏପଟେ ଉତ୍ତର ବାଲେଶ୍ୱରରେ ଫ୍ରିଟ୍ରେଡ୍ ଲାଇସେନ୍‌ସ ପାଇ ଇସ୍ପାନ୍ ଖାଁ ଲକ୍ଷ ଲକ୍ଷ ବସ୍ତା ଖାଦ୍ୟଶସ୍ୟ ବଙ୍ଗଳାଦେଶକୁ ବୋହିନେବା ଫଳରେ ଏଠି କୃତ୍ରିମ ଦୁର୍ଭିକ୍ଷ ସୃଷ୍ଟି ହୋଇ ଏ ଅଞ୍ଚଳରେ ଲୋକେ ପୋକ ମାଛି ପରି

Digitized by srujanika@gmail.com

ମରିବାକୁ ଲାଗିଲେ । କିନ୍ତୁ ଏଇ ଫ୍ରିଟ୍ରେଡ୍ ଲାଇସେନ୍‌ସ ଦେଲା କିଏ ? ଓଡ଼ିଶା ସରକାର - ନା ସରକାରଙ୍କର କୌଣସି ବିଭାଗ ନା କେହି ବ୍ୟକ୍ତିବିଶେଷ ?.. ... ଏତିକି ବେଳେ ମଧୁବାବୁଙ୍କଠାରୁ ଶୁଣିଲି ପ୍ରିମିୟର ଗଜପତି କୃଷ୍ଣଚନ୍ଦ୍ର ଦେବ ଦିଲ୍ଲୀ ଚାଲିଯାଇଛନ୍ତି । ଯିବାର କାରଣ ସେ ଯାହା କହିଲେ, ସେଥିରେ ମୁଁ ସ୍ତବ୍ଧ ହୋଇଗଲି । ସେ ପ୍ରିମିୟର ହୋଇ ମଧ୍ୟ ଫ୍ରିଟ୍ରେଡ୍ ଲାଇସେନ୍‌ସକୁ ରଦ୍ଦ କରିବାପାଇଁ କୁଆଡ଼େ ତାଙ୍କ ପକ୍ଷରେ ସମ୍ଭବ ହୋଇପାରିଲା ନାହିଁ । ଏଇ ସଂଖ୍ୟାଲଘୁ ମିଳିତ ମନ୍ତ୍ରୀମଣ୍ଡଳ ତ ଭାରତ ସରକାରଙ୍କ ପରାମର୍ଶରେ ଗଠିତ ହୋଇଥିଲା, ସେଥିପାଇଁ ସେ ସେତେବେଳର ଫୁଡ୍-ମେମ୍ବର (ଖାଦ୍ୟମନ୍ତ୍ରୀ) ସାର୍ ଯୋଗେନ୍ଦ୍ର ସିଂଙ୍କ ସହିତ ପରାମର୍ଶ କରିବାପାଇଁ ଦିଲ୍ଲୀ ଯାଇଛନ୍ତି । କିନ୍ତୁ ଦୁର୍ଭାଗ୍ୟର କଥା, ଦିଲ୍ଲୀରେ ଛ'ଦିନ ପର୍ଯ୍ୟନ୍ତ ସେ ସାର୍ ଯୋଗେନ୍ଦ୍ର ସିଂଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇପାରିଲେ ନାହିଁ । ସପ୍ତମ ଦିନ ସେ ତାଙ୍କ ସହିତ ସାକ୍ଷାତ କରି କଟକ ଫେରିଆସି ସାଙ୍ଗେସାଙ୍ଗେ ଗଭର୍ଣ୍ଣରଙ୍କ ନିକଟରେ ତାଙ୍କ ଇସ୍ତଫାପତ୍ର ପ୍ରଦାନ କଲେ ।" (ଛୋଟରାୟ, ୧୯୯୫, ପୃ.୯୮-୯୯) । ମୋଟ ଉପରେ ଗୋପାଳ ଛୋଟରାୟଙ୍କ ବକ୍ତବ୍ୟରୁ ଜଣାଯାଏ ଯେ ଇସ୍ପାହାନ/ଇସ୍ପାନ ଖାଁ'ର ଲାଭଖୋର ମନୋବୃତ୍ତି ଓ ଓଡ଼ିଶାରେ କେହି ଲାଞ୍ଚଖୋର ରାଜନେତାଙ୍କ ବା ପ୍ରଶାସକଙ୍କ ହେତୁ ଏ ମାନବକୃତ ଦୁର୍ଭିକ୍ଷ ହୋଇଥିଲା । ଓଡ଼ିଶାର ଏହି ରାଜନେତାଙ୍କୁ/ପ୍ରଶାସକଙ୍କୁ ନିୟନ୍ତ୍ରଣ କରିବାପାଇଁ ଓଡ଼ିଶାର ସ୍ୱୟଂ ପ୍ରଧାନମନ୍ତ୍ରୀ ଅସମର୍ଥ ହୋଇଥିଲେ କାରଣ କେନ୍ଦ୍ର ବା ବ୍ରିଟିଶ୍ ସରକାରଙ୍କ ସମର୍ଥନ ସେଇ ରାଜନେତାଙ୍କ/ପ୍ରଶାସକଙ୍କ ପଛରେ ଥିଲା । ଏ କାରଣରୁ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇଥିଲେ । ଅବଶ୍ୟ ଏହି ରାଜନେତାଙ୍କ/ପ୍ରଶାସକଙ୍କ ନାମ ଛୋଟରାୟ କହିନାହାଁନ୍ତି କାରଣ ତା' ତାଙ୍କୁ ଜଣା ନ ଥିଲା ବୋଲି ସେ କହନ୍ତି । ଗୋପାଳ ଛୋଟରାୟଙ୍କ ସ୍ମୃତିକଥା 'ପଥିକ'ରେ ସ୍ଥାନ ପାଇଥିବା ୧୯୪୨-୪୪ର ଇସ୍ପାହାନ/ଇସ୍ପାନ ଖାଁ' ହିଁ ୧୯୫୪ରେ 'ପରକଲମ' ନାଟକରେ ଇସମାଇଲ୍ ଖାଁ ଚରିତ୍ରରେ ଆବିର୍ଭୂତ ହୋଇଛନ୍ତି । ତେବେ ଗୋପାଳ ଛୋଟରାୟଙ୍କ ଏ ବିବରଣୀ ଖଣ୍ଡିତ ଓ କେବଳ ଆଂଶିକ ଭାବରେ ସତ୍ୟ । କାରଣ ଫ୍ରି-ଟ୍ରେଡ୍ ଲାଇସେନ୍‌ସ ଯୋଗୁଁ ଉତ୍ତର ଓଡ଼ିଶା ବା ବାଲେଶ୍ୱରରେ ହୁଏତ ମନୁଷ୍ୟକୃତ ଦୁର୍ଭିକ୍ଷ ଦେଖାଦେଇଥିଲା, କିନ୍ତୁ ତା ବ୍ୟତୀତ, ଅନ୍ୟାନ୍ୟ ସ୍ଥାନରେ ପୁରୀ ଜିଲ୍ଲା ଓ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ମଧ୍ୟ ଖାଦ୍ୟାଭାବ ଓ ଦୁର୍ଭିକ୍ଷ ଦେଖାଦେଇଥିଲା । (କୁହାଯାଇଛି ଯେ ଭଗବତୀ ଚରଣ ପାଣିଗ୍ରାହୀ ଗଞ୍ଜାମର ଦୁର୍ଭିକ୍ଷପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନରେ ଯାଇ ସେଠାରେ ବାସୀ ବରା ଖାଇ ଫେରିଆସି ମୃତ୍ୟୁମୁଖରେ ପଡ଼ିଥିଲେ ।) ପୁଣି ଏହା ଚିତ୍ରଟିର ସରଳୀକରଣ

Digitized by srujanika@gmail.com

ମାତ୍ର । ତେଣୁ ଗଭୀରତର ଅନୁଶୀଳନର ଆବଶ୍ୟକତା ଅଛି । ପୁଣି ମୁଁ ଜାଣିବାରେ ସାର୍ ଯୋଗେନ୍ଦ୍ର ସିଂହ ସେତେବେଳେ Food Member ନ ଥିଲେ । ହୁଏତ ବା ପାରଳା ମହାରାଜାଙ୍କ ସହ ତାଙ୍କର ଅନ୍ୟ କିଛି ବ୍ୟକ୍ତିଗତ ସମ୍ପର୍କ ଥିଲା ।

ସେ ପ୍ରସଙ୍ଗରେ ସୁନୀତ ଘୋଷଙ୍କ ବିବରଣୀ ମଧ୍ୟ ଏଠାରେ ବିଚାର୍ଯ୍ୟ । ସେ କହନ୍ତି, "While all these vicious extra-parliamentary ways tarnished the image of the Coalition serious personal differences cropped up between Nilakantha Das and Godavaris Misra threatening the very existence of the Ministry. One of the issues related to the export of rice to the famine-stricken Bengal. Misra was in favour of sending rice to Bengal while Das opposed it. They also fell out over a proposal to earmark Rs. 80,000/- for the revival of ancient culture and preservation of old records. Das was very keen about it but the cabinet did not agree because of financial reasons. Allegations of diverse nature were levelled against Misra in protest of which he had started a hunger strike. Somehow Misra was also not pulling on well with the Prime Minister. In the circumstances Das advised the Prime Minister to drop Misra from the cabinet. His obvious intention was to find a berth for himself. The Prime Minister at first requested Pandit Misra to resign. Misra having refused to comply with the request, the Prime Minister advised the Governor to sack him. But when he found the Governor unresponsive to his request Prime Minister decided to resign. His idea was that after the Ministry had fallen with his resignation he will again approach the Governor to invite him to form another Ministry when he would conveniently exclude Misra from the list of ministers. But the Raja little knew that he would be outwitted by the governor. As per the scheme the Maharaja cut his own nose to spite Misra. The Ministry fell. But when Parlakhemundi again approached the Governor he was asked to prove his majority in the House which he could not do. Orissa came under governor's rule for the Second time from 1944 to 1946." (Ghosh, 1991, pp.46-47).

Digitized by srujanika@gmail.com

ଗୋପାଳ ଛୋଟରାୟ ଓ ସୁନୀତ ଘୋଷଙ୍କ ବକ୍ତବ୍ୟକୁ ମିଳାଇ ବିଚାର କଲେ ପଣ୍ଡିତ ଗୋଦାବରୀଶ ହିଁ ଜଣେ ଖଳନାୟକ, ଯେ ଉତ୍କୋଚ ବିନିମୟରେ ଫ୍ରି-ଟ୍ରେଡ୍ ଲାଇସେନ୍ସ ଦେଇ ଓଡ଼ିଶାର ଦୁର୍ଭିକ୍ଷର କାରଣ ହୋଇଥିଲେ ବୋଲି ହଠାତ୍ ମନେହୋଇପାରେ । ସମସାମୟିକ ଓଡ଼ିଆ ଗଣମାଧ୍ୟମରେ, ବିଶେଷ ଭାବରେ ପଣ୍ଡିତ ନୀଳକଣ୍ଠଙ୍କ ଦୈନିକ 'ନବଭାରତ'ରେ, ସେ ଲାଞ୍ଚ ନେଇଥିବାର ଅଭିଯୋଗ ବି ହୋଇଥିଲା ଓ ପ୍ରତିବାଦରେ ସେ ଅନଶନ ସତ୍ୟାଗ୍ରହ ମଧ୍ୟ କରିଥିଲେ । (ଦ୍ର:- ମହାନ୍ତି, ସନ୍ତୋଷକୁମାର,୨୦୧୧, ପୃ.୧୦-୧୧, ପ୍ରଶ୍ନ, ନ.୧୯ ।) ସତ୍ୟବାଦୀର ପଞ୍ଚସଖାମାନଙ୍କ ମଧ୍ୟରୁ ଜଣକ ବିରୁଦ୍ଧରେ ଆଉ ଜଣେ ଏପରି ଅଭିଯୋଗ ଆଣିଥିବାରୁ ବହୁ ଲୋକ ତା ବିଶ୍ୱାସ କରିବା ସ୍ୱାଭାବିକ ଥିଲା । ନୀଳମଣି ରାଉତରାୟ ବି ଲେଖିଛନ୍ତି, "ଧାନଚାଉଳ ଅଭାବର ଅନ୍ୟ ଏକ ମୁଖ୍ୟ କାରଣ ସେତେବେଳେ ଖବରକାଗଜରେ ପଢ଼ିବାକୁ ମିଳୁଥାଏ ଯେ ଓଡ଼ିଶାରେ ପାରଳାଖେମୁଣ୍ଡି ମହାରାଜାଙ୍କର ତତ୍କାଳୀନ ମନ୍ତ୍ରୀମଣ୍ଡଳ ବଙ୍ଗଳାର ଇସ୍ପାହାନୀ କମ୍ପାନୀ ନାମକ ଗୋଟିଏ ବ୍ୟବସାୟୀସଂସ୍ଥା ସହିତ କିଛି ଭିତିରି କାରବାର କରି ଓଡ଼ିଶାରୁ ବଙ୍ଗଳାକୁ ଧାନଚାଉଳ ବୋହିନେବାର ସୁବିଧା ଦେଇଥିଲେ ।" (ରାଉତରାୟ, ନୀଳମଣି, ୨୦୦୧, ପୃ.୧୫୦) । ତେଣୁ 'ପରକଲମ' ନାଟକର ଆଚାର୍ଯ୍ୟ ଚରିତ୍ରର ଅନ୍ତରାଳରେ ପଣ୍ଡିତ ଗୋଦାବରୀଶ ବା ଅନ୍ୟ କେହି ରାଜନେତା ଥିବାର ସନ୍ଦେହ ବି କାହାର କାହାର ହୋଇପାରେ । କାରଣ 'ପରକଲମ'ରେ ଆଚାର୍ଯ୍ୟ ହିଁ ସତର ଲକ୍ଷ ଟଙ୍କା ଉତ୍କୋଚ ବିନିମୟରେ ଇସମାଇଲ ଖାଁ'ଙ୍କୁ ଓଡ଼ିଶାରୁ ବଙ୍ଗପ୍ରଦେଶକୁ ତିନି ମାସପାଇଁ ଚାଉଳ ରପ୍ତାନୀ କରିବାକୁ ଲାଇସେନ୍ସ ଦେଇଥିଲେ । ତେଣୁ ସେ ବିଷୟରେ ବିଶେଷ ଆଲୋଚନାର ଆବଶ୍ୟକତା ବି ରହିଛି ।

କିନ୍ତୁ ଏପରି ଫ୍ରି-ଟ୍ରେଡ୍ ଲାଇସେନ୍ସ ପଛରେ କେନ୍ଦ୍ର ସରକାରଙ୍କ ଦୃଢ଼ ସମର୍ଥନ ଥିଲା ଓ ତାକୁ ରଦ୍ଦ କରିବାକୁ କେନ୍ଦ୍ର ସରକାର ମଧ୍ୟ ଆଦୌ ଚାହୁଁନଥିଲେ ବୋଲି ବି ଜଣାଗଲା । ତେଣୁ ଚିତ୍ରଟି ଆପାତତଃ ଯେତେ ସରଳ ମନେ ହେଉଛି ତାହା ସେତିକି ସରଳ ନୁହେଁ ଓ ତାହା ଜଟିଳ । ତେଣୁ ପଣ୍ଡିତ ଗୋଦାବରୀଶଙ୍କ ଉପରେ ସମସ୍ତ ଦୋଷ ହଠାତ୍ ଢାଳିଦେବା ଉଚିତ ହେବ ନାହିଁ ଓ ସେପରି ବକ୍ତବ୍ୟକୁ ସନ୍ଦେହ କରିବାର କାରଣ ରହିଛି । (ମୁଁ ବ୍ୟକ୍ତିଗତ ସୂତ୍ରରୁ ଜାଣେ ପଣ୍ଡିତ ଗୋଦାବରୀଶ ମିଶ୍ର ୧୯୪୩ ଜୁଲାଇ ୪ ତାରିଖରେ ସେତେବେଳର କଟକ ଜିଲ୍ଲାର -ବର୍ତ୍ତମାନର ଯାଜପୁର ଜିଲ୍ଲାର ଛତିଆ ନିକଟବର୍ତ୍ତୀ- ବୈରୀକୁ ଗସ୍ତ କରିଥିଲେ । ବୈରୀ ମାଇନର ସ୍କୁଲର ପୁରସ୍କାର ବିତରଣ ସଭାରେ ମନ୍ତ୍ରୀ ପଣ୍ଡିତ ମିଶ୍ର ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା । ସେଠାରେ

Digitized by srujanika@gmail.com

ତତ୍କାଳୀନ ଓଡ଼ିଶାର ଜଣେ ବିଶିଷ୍ଟ ବ୍ୟବସାୟୀ ରଙ୍ଗଲାଲ ମୋଦିଙ୍କର ଧାନ ମିଲ୍ ଥିଲା । ସେଇ ଧାନ ମିଲ୍‌ରୁ ଶ୍ରୀ ମୋଦି ଚୋରାରେ କଲିକତାକୁ ଧାନ/ଚାଉଳ ରପ୍ତାନୀ କରୁଥିବାର ଅଭିଯୋଗ ସରକାରଙ୍କ ନିକଟରେ ପହଞ୍ଚିଲା । ମୋଦି ସେତେବେଳର ବିଧାନସଭାର ଜଣେ ସଭ୍ୟ ମଧ୍ୟ ଥିଲେ । ଆଉ ବିଧାନ ସଭାରେ ସରକାରଙ୍କ ସଂଖ୍ୟା-ଗରିଷ୍ଠତା ନ ଥିଲା । ତା ସତ୍ତ୍ୱେ ଅଭିଯୋଗଟି ଆପାତ-ପ୍ରମାଣଯୋଗ୍ୟ ବୋଲି ବିବେଚିତ ହେବାରୁ ମୋଦିଙ୍କୁ ଗ୍ରେପ୍ତାର କରିବାପାଇଁ ଜାମିନ୍-ବିହୀନ ପରଓ୍ୱାନା ବା ଓ୍ୱାରଣ୍ଟ ଜାରି ହେଲା । କିନ୍ତୁ ଶ୍ରୀ ମୋଦି କୌଣସି ସୂତ୍ରରୁ ତା ଜାଣିପାରି ଗୋପନରେ ବୈରୀରୁ କୌଣସି ଅଜ୍ଞାତ ସ୍ଥାନକୁ ପଳାୟନ କଲେ । ବୈରୀ ମାଇନର ସ୍କୁଲର ପୁରସ୍କାର ବିତରଣ ସଭା ଶେଷ ହେବା ପରେ ସେଠାରେ ଉପସ୍ଥିତ ଥିବା ଗୋରା ବା ଇଂରେଜ ପୋଲିସ୍ ସୁପରିନ୍‌ଟେନ୍‌ଡେଣ୍ଟ ପଣ୍ଡିତ ମିଶ୍ରଙ୍କୁ ସେ ସମ୍ପର୍କରେ ଅବଗତ କରାଇଲେ । ପଣ୍ଡିତ ମିଶ୍ର ଏହା ଶୁଣି ରାଗରେ ଅଗ୍ନିଶର୍ମା ହୋଇ ଗୋରା ପୋଲିସ୍ ସୁପରିନ୍‌ଟେନ୍‌ଡେଣ୍ଟଙ୍କୁ ତାଙ୍କ ଅପାରଗତାପାଇଁ ଅତ୍ୟନ୍ତ କଟୁ ଭାଷାରେ ତିରସ୍କାର କରିଥିଲେ । ଏ ଲେଖକ ସେଠାରେ ଉପସ୍ଥିତ ଥିବା ତାର ପିତାଙ୍କଠାରୁ ଏ ବିରବଣ ଏକାଧିକ ବାର ଶୁଣିଛି । ତେଣୁ ପଣ୍ଡିତ ମିଶ୍ର ଉତ୍କୋଚ ବିନିମୟରେ ଫ୍ରି-ଟ୍ରେଡ୍ ଲାଇସେନ୍‌ସ ଅଥବା ଚୋରା ଚାଲାଣ ମାଧ୍ୟମରେ ବଙ୍ଗକୁ ଧାନ/ଚାଉଳ ରପ୍ତାନୀକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗଟି ସତ୍ୟ ହୋଇଥିବାର ସମ୍ଭାବନା ନାହିଁ ବୋଲି ଏ ଲେଖକର ବିନୀତ ମତ ।)

ପୁଣି ଏ କ୍ଷେତ୍ରରେ ପାରଳା ମହାରାଜାଙ୍କ ଭୂମିକା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସନ୍ଦେହାତୀତ ନୁହେଁ । ତାର ଦୁଇଟି କାରଣ ଅଛି ।

(କ) ସେ ଉତ୍ତର ଓଡ଼ିଶାରେ ପଡ଼ିଥିବା ଦୁର୍ଭିକ୍ଷପ୍ରପୀଡ଼ିତ ଅଞ୍ଚଳର ପରିଦର୍ଶନ ନୁହେଁ, ନିଜର ବ୍ୟବସାୟିକ ଲାଭକ୍ଷତିକୁ ଓ ତେଣୁ ଉତ୍କାମଣ୍ଡକୁ ଯିବାକୁ ଅଗ୍ରାଧିକାର ଦେଇଥିଲେ, କାରଣ ସେଠାରେ ହେଉଥିବା ଘୋଡ଼ାଦୌଡ଼ ପ୍ରତିଯୋଗିତାରେ ତାଙ୍କର ଗୋଟିଏ ଘୋଡ଼ା ଅଂଶ ଗ୍ରହଣ କରିବାର ଥିଲା (ରାଉତରାୟ, ନୀଳମଣି, ୨୦୦୧, ପୃ.୧୫୧-୫୨) ।

(ଖ) ପୁଣି ସେ ମଧ୍ୟ ଡେଲାଙ୍ଗରେ ଥିବା ତାଙ୍କ ଜମିଦାରୀରୁ ବଙ୍ଗ ପ୍ରଦେଶକୁ ଚୋରାରେ ଚାଉଳ ରପ୍ତାନୀ କରୁଥିଲେ ଯାହା କଲେକ୍ଟର ଏଲ୍.ପି.ସିଂହଙ୍କ ଆଦେଶରେ ସେତେବେଳର ଯୋଗାଣ ସୁପରଭାଇଜର ପଦବୀରେ ଥିବା ଶ୍ରୀରାମଚନ୍ଦ୍ର ଦାଶ ବୈତରଣୀ ରୋଡ଼ ଷ୍ଟେସନ୍‌ଠାରେ ଜବତ କରି କଟକ ଆଣି ବିକ୍ରି କରାଇଦେଇଥିଲେ । ତାର ଫଳ ସ୍ୱରୂପ ପ୍ରଧାନମନ୍ତ୍ରୀ ପାରଳା ମହାରାଜାଙ୍କ କୋପ ଦୃଷ୍ଟିରେ ପଡ଼ି ଉଭୟ ସିଂହ ଓ ଦାଶଙ୍କ

Digitized by srujanika@gmail.com

ବୃତ୍ତିଗତ ଉନ୍ନତି ବାଧାପ୍ରାପ୍ତ ହୋଇଥିଲା । (ଦାଶ, ଶ୍ରୀରାମଚନ୍ଦ୍ର, ୧୯୯୨, ପୃ.୯୯-୧୦୦ । ତେବେ ଶ୍ରୀରାମଚନ୍ଦ୍ର ଦାଶଙ୍କ ବକ୍ତବ୍ୟ ଅନୁଯାୟୀ ପାରଳା ମହାରାଜା ୧୯୪୪ରେ ଯୋଗାଣ ମନ୍ତ୍ରୀ ଥିଲେ ଯଦିଓ ଗଙ୍ଗାଧର ରଥଙ୍କ ବକ୍ତବ୍ୟାନୁଯାୟୀ ପଣ୍ଡିତ ଗୋଦାବରୀଶ ହିଁ ଥିଲେ ଯୋଗାଣ ମନ୍ତ୍ରୀ, ରଥ, ଗଙ୍ଗାଧର ୧୯୯୪, ପୃ.୧୩୪) । ଅବଶ୍ୟ ଶ୍ରୀ ରାମଚନ୍ଦ୍ର ଦାଶ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ନିକଟବର୍ତ୍ତୀ ଓ ଅତ୍ୟନ୍ତ ପ୍ରିୟ ଥିବାରୁ ମଧ୍ୟ ପାରଳା ମହାରାଜାଙ୍କ କୋପ ଦୃଷ୍ଟିରେ ପଡ଼ିଥାଇପାରନ୍ତି ।

ଏ ପ୍ରସଙ୍ଗରେ ଗଙ୍ଗାଧର ରଥଙ୍କ ବିବରଣୀ ଗୋପାଳ ଛୋଟରାୟଙ୍କ ବିବରଣୀ ଅପେକ୍ଷା ଆହୁରି ଅଧିକ ବିସ୍ତାରିତ ତଥା ବ୍ୟାପକ ଦୃଷ୍ଟିଭଙ୍ଗୀରୁ ଲିଖିତ ଓ ସତ୍ୟର ଅଧିକ ନିକଟବର୍ତ୍ତୀ ବୋଲି ମନେହୁଏ । ସେ କହନ୍ତି, "ବଙ୍ଗଳାର ଖାଦ୍ୟାଭାବ ଓ ଅନାହାର ମୃତ୍ୟୁ ଓଡ଼ିଶା ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଥିଲା । ଉତ୍ତର ବାଲେଶ୍ୱର ଓ ଗଞ୍ଜାମର କେତେକ ଅଞ୍ଚଳରେ ଭୀଷଣ ତିରୋଟ ଅବସ୍ଥା ଦେଖାଦେଇଥାଏ । ବଙ୍ଗଳାରେ ଧାନଚାଉଳର ଅତ୍ୟଧିକ ଦର ବୃଦ୍ଧି ହେତୁ, ମହଯୁଦକାରୀ ଓ ଚୋରା ବେପାରୀମାନେ ଓଡ଼ିଶାରୁ କଲିକତାକୁ ଅପର୍ଯ୍ୟାପ୍ତ ଚାଉଳ ରପ୍ତାନୀ କରୁଥାନ୍ତି । ବଙ୍ଗଳା ପରିସ୍ଥିତିର ସୁଯୋଗ ନେଇ ଓଡ଼ିଶାରେ କୃତ୍ରିମ ଅଭାବ ଓ ଦରବୃଦ୍ଧି ଘଟୁଥାଏ । କଲିକତା ସହର ପୂର୍ବାଞ୍ଚଳର ଯୁଦ୍ଧଘାଟି । ଏଣୁ କଲିକତାକୁ ଚୋରା ଚାଉଳ ରପ୍ତାନୀ ରୋକିବାକୁ ଓଡ଼ିଶା ସରକାର ଅମଙ୍ଗ ଓ ଅକ୍ଷମ ଥିଲେ । ଚୋରା ବେପାରୀ ଓ ମହଯୁଦକାରୀମାନଙ୍କୁ ଜବତ କରିବାପାଇଁ ଓଡ଼ିଶା ମନ୍ତ୍ରୀମାନଙ୍କର ନୈତିକ ସାହସ ବି ନ ଥାଏ ।" (ରଥ, ଗଙ୍ଗାଧର, ୧୯୯୪, ପୃ.୧୩୫) । "ପରିସ୍ଥିତିର ମୁକାବିଲା କରିବାପାଇଁ ଆମେମାନେ ଓଡ଼ିଶାବ୍ୟାପୀ ଖାଦ୍ୟଆନ୍ଦୋଳନ ଆରମ୍ଭ କଲୁ । ଭଗବତୀ ପାଣିଗ୍ରାହୀ ଜନ-ଖାଦ୍ୟ କମିଟି ଗଠନ କରି ମହଯୁଦକାରୀମାନଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଲେ । ... କଟକ ସହରରେ ଯେଉଁ ଜନ-ଖାଦ୍ୟ କମିଟି ଗଠିତ ହେଲା, ତାର ସଭାପତି ହେଲେ ପ୍ରଖ୍ୟାତ ଆଡ଼ଭୋକେଟ୍ ହରିହର ମହାପାତ୍ର, ସମ୍ପାଦକ ମୁଁ ନିଜେ... ।" (ରଥ, ଗଙ୍ଗାଧର, ତତ୍ରୈବ) । ତା ପରେ ସେ ପୁଣି କହନ୍ତି, "ଥରେ ଖାଦ୍ୟଆନ୍ଦୋଳନ ସଂକ୍ରାନ୍ତରେ ଦୁଇ ହଜାର ଲୋକଙ୍କର ଏକ ଶୋଭାଯାତ୍ରା ନେଇ ମୁଁ ଓ ରାମଚନ୍ଦ୍ର ମିଶ୍ର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଏକ ଦାବିପତ୍ର ଦେବାଲାଗି ତାଙ୍କ କୋଠିରେ ପହଞ୍ଚିଲୁ । ... ଏହି ଶୋଭାଯାତ୍ରାର ପ୍ରାୟ ସପ୍ତାହକ ପରେ ଏଲ୍.ପି. ସିଂଙ୍କ ଆଦେଶରେ କଟକ ମାଲଗୋଦାମର ସୁପ୍ରସିଦ୍ଧ ଚାଉଳ ବ୍ୟବସାୟୀ ଇସ୍ପାହାନୀଙ୍କୁ କଳାବଜାର ଅଭିଯୋଗରେ ଗିରଫ କରାଗଲା । ଇସ୍ପାହାନୀ ବଙ୍ଗଳାର ମୁଖ୍ୟମନ୍ତ୍ରୀ ସୁରାବର୍ଦ୍ଦି ସାହେବଙ୍କର ବନ୍ଧୁ ଓ ବିଭିନ୍ନ ସ୍ତରରେ ତାଙ୍କର

Digitized by srujanika@gmail.com

ରାଜନୈତିକ ସମ୍ପର୍କ ଅତି ଗଭୀର । ତା ପରେ ଦେଖାଗଲା, ଜନ-ଖାଦ୍ୟ କମିଟିର ସଭାପତି ଆଡ଼ଭୋକେଟ୍ ହରିହର ମହାପାତ୍ର ଇସ୍ପାହାନୀଙ୍କ ତରଫରୁ ମୋକଦ୍ଦମା ଲଢୁଛନ୍ତି । କେହି କେହି ପଚାରିବାରୁ ଆଡଭୋକେଟ୍ ମହାପାତ୍ର କହିଲେ, ମୁଦାଲାକୁ ପ୍ରତିରକ୍ଷଣ କରିବା ତାଙ୍କର ବୃତ୍ତିଗତ କର୍ତ୍ତବ୍ୟ ।" (ରଥ, ଗଙ୍ଗାଧର, ୧୯୯୪, ପୃ.୧୩୬) । ଅବଶ୍ୟ ତାଙ୍କର ଏପରି ଭୂମିକାର ଯାଥାର୍ଥ୍ୟ ପ୍ରତିପାଦନ କରି ଗଙ୍ଗାଧର ରଥଙ୍କ ପୂର୍ବରୁ ଜଷ୍ଟିସ୍ ମହାପାତ୍ର ଲେଖିସାରିଥିଲେ, "ଯୁଦ୍ଧ ଆତଙ୍କର ସୁବିଧା ନେଇ ବଡ଼ ବଡ଼ ବ୍ୟବସାୟୀମାନେ ଜିନିଷପତ୍ରର, ବିଶେଷକରି ଚାଉଳର କୃତ୍ରିମ ଅନଟନ ଆରମ୍ଭ କରିଦେଲେ । ପରମିଟ୍ ଚାଲୁ ହେଲା । ସେହି ସଂକ୍ରାନ୍ତରେ ଅନେକ ଗିରଫଦାର ହେଲା, ଅନେକଙ୍କ ବିରୁଦ୍ଧରେ କେସ୍ ହେଲା । ଜାମିନ୍‌ପାଇଁ ବ୍ୟାକୁଳ ହୋଇ ଆମ ଓକିଲଙ୍କ ପାଖକୁ ଦଉଡ଼ିଲେ । ଏଲ୍.ପି. ସିଂହ (ଆଇ.ସି.ଏସ୍) କଟକର କଲେକ୍ଟର ଥାଆନ୍ତି । ସ୍ୱାଧୀନଚେତା, ଦେଶପ୍ରେମୀ । ଚାକିରିରେ ମଧ୍ୟ ସଚ୍ଚୋଟ । ସେ ମୁଁ ସ୍ଥିର କଲୁ, ଯାହାର ଜାମିନ୍ ମଞ୍ଜୁର ହେବ, ସେ ଗରିବପିଲାଙ୍କ ପଢ଼ାରେ କିଛି ସାହାଯ୍ୟ କରିବେ । କେତେ ହଜାର ଟଙ୍କା କଲେକ୍ଟରଙ୍କ ଜରିଆରେ ଆଦାୟ ହୋଇ ରେଭେନସା କଲେଜରେ ଗୋଟିଏ ପାଣ୍ଠି କରାଯାଇଥିଲା ।" (ମହାପାତ୍ର, ଜଷ୍ଟିସ୍ ହରିହର, ୨୦୦୪, ପୃ.୩୧୫-୧୬) । ଅନ୍ୟ କଥାରେ ଜଷ୍ଟିସ୍ ହରିହର ମହାପାତ୍ରଙ୍କ ବକ୍ତବ୍ୟ ଅନୁଯାୟୀ ତାଙ୍କର ଏପରି ଭୂମିକାର ପଛରେ ଅର୍ଥଲୋଭ ନ ଥିଲା; ଥିଲା ବରଂ ସମାଜସେବା ମନୋବୃତ୍ତି ।

ସେ ଯାହା ହେଉ, ଯେତେଦୂର ଅନୁମିତ ହୁଏ ଗଙ୍ଗାଧର ରଥ ସୂଚିତ ସେହି ମୁଦାଲା ଥିଲେ, ହୁଏତ ମିର୍ଜା ଅହମଦ୍ ଇସ୍ପାହାନୀ (Mirza Ahmed Ispahani) ଅଥବା ତାଙ୍କର କନିଷ୍ଠ ଭ୍ରାତା ହାଜୀ ମିର୍ଜା ଇସ୍ପାହାନୀ (Haji Mirza Ispahani) । ମୋଟଉପରେ ଗଙ୍ଗାଧର ରଥଙ୍କ ବକ୍ତବ୍ୟ ହେଉଛି, ଓଡ଼ିଶାରେ ମନୁଷ୍ୟକୃତ ଦୁର୍ଭିକ୍ଷର ପଛରେ ବଙ୍ଗର ଦୁର୍ଭିକ୍ଷର ଭୟାବହତା ହେତୁ ବଙ୍ଗ ସରକାରଙ୍କ ସେ ସମ୍ପର୍କୀୟ ଦୃଢ଼ ଦାବି; ସେଥିପ୍ରତି ଭାରତର ବୁଦ୍ଧିଜୀବୀମାନଙ୍କ ସମର୍ଥନ ସହ ସେଥିରେ ପୁଣି ଭାରତର ପୂର୍ବାଞ୍ଚଳରେ ମିତ୍ର-ପକ୍ଷର ସେନାଛାଉଣୀ କଲିକତା ଥିବାରୁ ହିଁ ସେ ବିଷୟରେ ଭାରତ ସରକାରଙ୍କ ସଚେତନତା, ସ୍ପର୍ଶକାତରତା ଓ ବଙ୍ଗ ପ୍ରତି ସହାନୁଭୂତିଶୀଳତା ତଥା ଲାଭଖୋର ବ୍ୟବସାୟୀ ଇସ୍ପାହାନୀଙ୍କ ପ୍ରଚଣ୍ଡ ପ୍ରଭାବ ସମ୍ମିଳିତ ଭାବରେ ହିଁ ଥିଲା । ଗଙ୍ଗାଧର ରଥ ଜଣେ କମ୍ୟୁନିଷ୍ଟଭାବାପନ୍ନ ବାମପନ୍ଥୀ ଭାବରେ ସେ ସବୁ ଖବର ଅବଶ୍ୟ ରଖିଥିବାର ମନେହୁଏ । ତେଣୁ ଏ କ୍ଷେତ୍ରରେ ଗୋପାଳ ଛୋଟରାୟଙ୍କ ବକ୍ତବ୍ୟ

Digitized by srujanika@gmail.com

ଅପେକ୍ଷା ଗଙ୍ଗାଧର ରଥଙ୍କର ଏ ବକ୍ତବ୍ୟ ଆହୁରି ଅଧିକ ବିଶ୍ୱାସଯୋଗ୍ୟ ଓ ସତ୍ୟର ଅଧିକ ନିକଟବର୍ତ୍ତୀ ବୋଲି ମନେହୁଏ । (ଭାରତୀୟ ବାମପନ୍ଥୀମାନେ ସେତେବେଳେ ମୁଖ୍ୟତଃ ବଙ୍ଗ ପ୍ରତି ହିଁ ସହାନୁଭୂତିଶୀଳ ହୋଇପଡ଼ିଥିଲେ । କିନ୍ତୁ ଭଗବତୀ ଚରଣ ପାଣିଗ୍ରାହୀ ଓ ଗଙ୍ଗାଧର ରଥ ବାମପନ୍ଥୀ ହୋଇଥିବା ସତ୍ତ୍ୱେ ସେମାନେ ସେତେବେଳେ ଓଡ଼ିଶାରୁ ବଙ୍ଗକୁ ଧାନ/ଚାଉଳ ରପ୍ତାନୀକୁ ବିରୋଧ କରିଥିବା କିଛି ପରିମାଣରେ ବିସ୍ମୟଜନକ ମନେହେଲେ ମଧ୍ୟ ପ୍ରଶଂସନୀୟ ଥିଲା ।)

ତେବେ ରଥଙ୍କ ବକ୍ତବ୍ୟ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଭ୍ରମପ୍ରମାଦରହିତ ନୁହେଁ, କି ସମ୍ପୂର୍ଣ୍ଣ ବି ନୁହେଁ । କାରଣ ଇସ୍ପାହାନୀ ସୁରାବର୍ଦ୍ଦି ସାହେବଙ୍କର ବନ୍ଧୁ ହୋଇଥାଇପାରନ୍ତି, କିନ୍ତୁ ସେତେବେଳକୁ ସୁରାବର୍ଦ୍ଦି ବଙ୍ଗର ପ୍ରଧାନମନ୍ତ୍ରୀ ନ ଥିଲେ । ପ୍ରକୃତପକ୍ଷେ ମୁସ୍ଲିମ୍ ଲିଗ୍ ଦଳର ଖ୍ୱାଜା ନାଜିମୁଦ୍ଦିନ ଏପ୍ରିଲ ୧୯୪୩ରୁ ମାର୍ଚ୍ଚ ୧୯୪୫ ପର୍ଯ୍ୟନ୍ତ ବଙ୍ଗର ପ୍ରଧାନମନ୍ତ୍ରୀ ଥିଲେ । ତା ପରେ ହିଁ ସୁରାବର୍ଦ୍ଦି ବଙ୍ଗର ପ୍ରଧାନମନ୍ତ୍ରୀ ହୋଇଥିଲେ । ପୁଣି ଇସ୍ପାହାନୀ (କ) କଟକ ମାଲଗୋଦାମର ସୁପ୍ରସିଦ୍ଧ ଚାଉଳ ବ୍ୟବସାୟୀ ଓ (ଖ) ବିଭିନ୍ନ ସ୍ତରରେ ତାଙ୍କର ରାଜନୈତିକ ସମ୍ପର୍କ ଅତି ଗଭୀର ବୋଲି କହିବାଦ୍ୱାରା ତାଙ୍କ ସମ୍ପର୍କରେ ଅତି ଅଳ୍ପ କଥା କୁହାଗଲା । ଅବାନ୍ତର ବୋଲି ମନେ ହେଲେ ହେଁ ଏଠାରେ ଇସ୍ପାହାନୀ ପରିବାର ସମ୍ପର୍କରେ ସାମାନ୍ୟ ଅଧିକ ବିବରଣୀ ଦେବା ଆବଶ୍ୟକ । ବର୍ତ୍ତମାନ ଅତି ଧନାଢ୍ୟ ବ୍ୟବସାୟିକ ପ୍ରତିଷ୍ଠାନ (କର୍ପୋରେଟ୍ ହାଉସ୍) ଇସ୍ପାହାନୀ ପରିବାରର ଏକ ବ୍ୟକ୍ତି ସେ ଦିନରୁ ଚାରି ପୁରୁଷ ପୂର୍ବେ ୧୮୨୦ରେ ପାରସ୍ୟର (ବର୍ତ୍ତମାନର ଇରାନର) ଇସ୍ପାହାନ ଅଞ୍ଚଳରୁ ଆସି ମୁମ୍ବାଇରେ ବ୍ୟବସାୟ ଆରମ୍ଭ କରିଥିଲେ । ତାଙ୍କର ପୌତ୍ର ତାଙ୍କ ବ୍ୟବସାୟର ମୁଖ୍ୟ କାର୍ଯ୍ୟାଳୟ ମାଡ୍ରାସକୁ ସ୍ଥାନାନ୍ତର କରି ଢାକାଠାରେ ତାର ଏକ ଶାଖା ମଧ୍ୟ ସ୍ଥାପନ କରିଥିଲେ । ତାଙ୍କର ପୁତ୍ର ମିର୍ଜା ମହମ୍ମଦ ଇସ୍ପାହାନୀ (୧୮୭୧-୧୯୨୫/୨୬) ୧୯୦୦ରେ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନର ମୁଖ୍ୟ-କାର୍ଯ୍ୟାଳୟ କଲିକତାରେ ସ୍ଥାପନ କରିଥିଲେ । ଦେଶ-ବିଭାଜନ ପରେ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ପାକିସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା । କଟକରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପ୍ରକୃତ ପରିଚୟ ପ୍ରସଙ୍ଗରେ ଯେଉଁ ଦୁଇଜଣଙ୍କ ନାମ ଉପରେ ଉଲ୍ଲେଖ କରାଯାଇଛି ସେ ଦୁଇ ଜଣ ତାଙ୍କର ପୁଅ । ତାଙ୍କର ଆଉ ଏକ ପୁଅ ମଧ୍ୟ ଥିଲେ ଯାହାଙ୍କର ନାମ ମିର୍ଜା ଆବୋଲ ହାସାନ୍ ଇସ୍ପାହାନୀ (Mirza Abol Hasan Ispahani) । ସେ ବିଲାତର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଓ ବାରିଷ୍ଟରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ତତ୍କାଳୀନ ଭାରତୀୟ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସେ ମୁସ୍ଲିମ୍ ଲିଗ୍

Digitized by srujanika@gmail.com

ଦଳର ଜଣେ ପ୍ରଭାବଶାଳୀ ନେତା ଓ ଜିନ୍ନାଙ୍କର ସମର୍ଥକ ତଥା ଅତ୍ୟନ୍ତ ନିକଟବର୍ତ୍ତୀ ଥିଲେ । ସେ ପ୍ରଥମେ ଭାରତୀୟ ସମ୍ବିଧାନ ସଭାର ସଦସ୍ୟ ଓ ଦେଶ-ବିଭାଜନ ପରେ ପାକିସ୍ତାନ ସମ୍ବିଧାନ ସଭାର ସଦସ୍ୟ ବି ଥିଲେ । ପରେ ସେ ଆମେରିକା ଓ ଇଂଲଣ୍ଡରେ ଯଥାକ୍ରମେ ପାକିସ୍ଥାନର ରାଷ୍ଟ୍ରଦୂତ ଓ ହାଇ-କମିଶନର ମଧ୍ୟ ହୋଇଥିଲେ । ତାଙ୍କର ବଡ଼ ଭାଇ ମିର୍ଜା ଅହମଦ୍ ଇସ୍ପାହାନୀ (Mirza Ahmed Ispahani) ପାକିସ୍ଥାନରେ ପ୍ରଥମେ ଓରିଏଣ୍ଟ ଏଆରୱେ ସ୍ଥାପନ କରିଥିଲେ, ଯାହା ପରେ ପାକିସ୍ଥାନ ଇଣ୍ଟରନାସନାଲ ଏଆରଲାଇନ୍‌ସରେ ପରିଣତ ହୋଇଥିଲା । ତା ପରେ ସେ ମଧ୍ୟ ସେହି ପାକିସ୍ଥାନ ଇଣ୍ଟରନାସନାଲ ଏଆରଲାଇନ୍‌ସର ଅଧ୍ୟକ୍ଷ ପଦରେ ସର୍ବାଧିକ କାଳ ରହିଥିଲେ । ଏହି ବିବରଣୀରୁ ୧୯୪୩-୪୪ରେ ଇସ୍ପାହାନୀ ପରିବାରର ସମ୍ପଦ ଓ ରାଜନୀତିକ କ୍ଷମତା ତଥା ପ୍ରତିଷ୍ଠା ଓ ପ୍ରଭାବକୁ ସହଜରେ କଳନା କରାଯାଇପାରେ । ଆଉ ବର୍ତ୍ତମାନ ପ୍ରସଙ୍ଗରେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ କଥାରେ ତାଙ୍କ ପରିବାରର ବ୍ୟବସାୟିକ ସ୍ୱାର୍ଥ ରକ୍ଷା କରିବାରେ ମୁସ୍ଲିମ୍ ଲିଗ୍ ଦଳ ଓ ତାର ସର୍ବମୟ କର୍ତ୍ତା ସ୍ୱୟଂ ମହମ୍ମଦ ଆଲୀ ଜିନ୍ନା, ବଙ୍ଗରେ ଶାସନ କରୁଥିବା ମୁସ୍ଲିମ୍ ଲିଗ୍ ସରକାର ଓ ଏପରି କି ତାଙ୍କ ପ୍ରଭାବରେ ଭାରତ ସରକାର ମଧ୍ୟ ବିଶେଷ ଭାବରେ ଆଗ୍ରହୀ ଥିବାରେ ବିସ୍ମୟର ଆଦୌ କୌଣସି କାରଣ ନ ଥିଲା । ଆଉ ଠିକ୍ ଏହି ସମୟରେ ତାଙ୍କ ପରିବାରର ବ୍ୟବସାୟିକ ସ୍ୱାର୍ଥରକ୍ଷା ସହିତ ଓତପ୍ରୋତ ଭାବରେ ତ ଜଡ଼ିତ ହୋଇପଡ଼ିଥିଲା ଓଡ଼ିଶାରୁ ଦୁର୍ଭିକ୍ଷପ୍ରପୀଡିତ ବଙ୍ଗକୁ ଖାଦ୍ୟଶସ୍ୟର ରପ୍ତାନୀ । ଇସ୍ପାହାନୀ ପରିବାରର ସମ୍ପଦ, ପ୍ରତିଷ୍ଠା ଓ ପ୍ରଭାବ ଦୃଷ୍ଟେ ଓଡ଼ିଶା ସରକାର ଇସ୍ପାହାନୀଙ୍କୁ ଫ୍ରି-ଟ୍ରେଡ ଲାଇସେନ୍‌ସ ଦେବା ବା କଟକର ପ୍ରଖ୍ୟାତ ଆଡଭୋକେଟ୍ (ପରେ ଜଷ୍ଟିସ୍) ହରିହର ମହାପାତ୍ର ତାଙ୍କ ତରଫରୁ ମୋକଦ୍ଦମା ଲଢ଼ିବାରେ ବିସ୍ମିତ ହେବାର କୌଣସି କାରଣ ବି ନ ଥିଲା ।

ଏକ ଦିଗରେ (ଓଡ଼ିଶାରୁ) ବଙ୍ଗକୁ ଖାଦ୍ୟଶସ୍ୟ ରପ୍ତାନୀ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଉପରେ ବଙ୍ଗର ଏପରି କି ସାରା ଭାରତର ବୁଦ୍ଧିଜୀବୀ ମହଲ, ବିଶେଷ ଭାବରେ ବାମପନ୍ଥୀମାନେ ଯେପରି ଚାପ ସୃଷ୍ଟି କରିପାରିଥିଲେ ସେହିପରି ଠିକ୍ ସେହି କାର୍ଯ୍ୟକ୍ରମରେ ଅନ୍ୟଦିଗରେ ଜିନ୍ନାଙ୍କ ନେତୃତ୍ୱରେ ମୁସ୍ଲିମ୍ ଲିଗ୍ ଦଳ (ଓ ବଙ୍ଗରେ ଶାସନ କରୁଥିବା ମୁସ୍ଲିମ୍ ଲିଗ୍ ସରକାର) ମଧ୍ୟ ଭାରତ ସରକାରଙ୍କ ଉପରେ ଚାପ ସୃଷ୍ଟିରେ ସମର୍ଥ ହୋଇଥିଲେ । ବିଶ୍ୱଯୁଦ୍ଧ କାଳୀନ ପରିସ୍ଥିତିରେ ଏପରି ଉଭୟ ଚାପ ଫଳରେ ମୁଣ୍ଡ ନୁଆଁଇବା ଭାରତ ସରକାରଙ୍କ ପକ୍ଷରେ ଆଦୌ ଅସ୍ୱାଭାବିକ ନ ଥିଲା । ବିଶେଷ ଭାବରେ ସେତେବେଳେ ଭାରତ ସରକାର ଜିନ୍ନାଙ୍କୁ ଯେ କୌଣସି ମତେ ତୁଷ୍ଟ

Digitized by srujanika@gmail.com

କରିବାପାଇଁ ହିଁ ଚାହୁଁଥିଲେ । ନୀଳମଣି ରାଉତରାୟ ମଧ୍ୟ ସ୍ୱୀକାର କରନ୍ତି, "କାର୍ଯ୍ୟତଃ ଯୁଦ୍ଧକାଳରେ ବ୍ରିଟିଶ୍ ସୈନ୍ୟ ଓ କଲିକତା ମହାନଗରୀ ଲୋକଙ୍କ ସ୍ୱାର୍ଥପାଇଁ ଆମ ଲୋକଙ୍କୁ ଅତି ନିଷ୍ଠୁର ଭାବରେ ମୃତ୍ୟୁମୁଖକୁ ଠେଲିଦେଇଥିଲେ । ଯୁଦ୍ଧରେ ରେଙ୍ଗୁନ୍ ସହର ଜାପାନୀମାନଙ୍କ ହାତରେ ପଡ଼ିଯିବା ପରେ ବର୍ମାରୁ ଧାନଚାଉଳ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । କଲିକତାକୁ କରାଗଲା ପୂର୍ବାଞ୍ଚଳରେ ମିତ୍ରପକ୍ଷର ସେନାଛାଉଣୀ । ନିଷ୍ପତ୍ତି କରାଗଲା ବ୍ରିଟିଶ ସୈନ୍ୟମାନଙ୍କୁ ଭଲରେ ଖୁଆଇପିଆଇ ହେପାଜତରେ ରଖିବାକୁ ହେବ । ଆଉ ମଧ୍ୟ ଉତ୍କଟ ଖାଦ୍ୟାଭାବ କାରଣରୁ କଲିକତା ମହାନଗରୀରେ ଗଣବିଦ୍ରୋହ ହେବାର ଭୟ କରାଗଲା । ସରକାର ଯୁଦ୍ଧବେଳେ କୌଣସିମତେ ସେଠାରେ ଗଣବିଦ୍ରୋହ ବା ଜନଅସନ୍ତୋଷ ନ କରାଇବାକୁ ନିଷ୍ପତ୍ତି କଲେ । ତେଣୁ ଅନ୍ୟ ଅଞ୍ଚଳରେ ଲୋକେ ପଛେ ପୋକମାଛି ପରି ମରନ୍ତୁ, ଯୁଦ୍ଧ ଉଦ୍ୟମର ଅଙ୍ଗାଙ୍ଗୀ କାର୍ଯ୍ୟକ୍ରମ ରୂପେ ଚାରିଆଡୁ କଲିକତାକୁ ଧାନଚାଉଳ ବୁହାଚାଲିଲା । ଏହି ନିଷ୍ଠୁର ସତ୍ୟ ୧୯୪୩ ପରେ ନିଯୁକ୍ତ ବେଙ୍ଗଲ ଦୁର୍ଭିକ୍ଷ କମିଶନଙ୍କ ରିପୋର୍ଟରେ ପ୍ରତିଫଳିତ ହୋଇଛି ।" (ରାଉତରାୟ, ନୀଳମଣି, ୨୦୦୧, ପୃ.୧୫୦) । ଗଙ୍ଗାଧର ରଥଙ୍କ ଉକ୍ତି ମଧ୍ୟ ଏହାକୁ ପ୍ରକାରାନ୍ତରରେ ସମର୍ଥନ କରେ ।

ତେଣୁ କେବଳ ଉତ୍କୋଚ ବିନିମୟରେ ଓଡ଼ିଶା ସରକାରଙ୍କ କୌଣସି କର୍ମକର୍ତ୍ତା ବା ଏପରି କି ପଣ୍ଡିତ ଗୋଦାବରୀଶ ତାହା କରିଥିବାର ଧାରଣା ବା ବିଶ୍ୱାସଦ୍ୱାରା ବିଷୟଟି ଓ ଚିତ୍ରଟି ଯେତେ ସରଳ ମନେହେଉଛି ତାହା ନୁହେଁ ଓ ପ୍ରକୃତରେ ତାହା ଅତ୍ୟନ୍ତ ଜଟିଳ ଥିଲା । ଓଡ଼ିଶାରୁ ବଙ୍ଗକୁ ଧାନଚାଉଳ ରପ୍ତାନୀ ଅବ୍ୟାହତ ରଖିବା କାର୍ଯ୍ୟକ୍ରମରେ କୌଣସି ନିର୍ବାଚିତ ସଂଖ୍ୟାଗରିଷ୍ଠ ଦଳର ନେତୃତ୍ୱରେ ଗଠିତ ଓଡ଼ିଶା ସରକାରଙ୍କୁ ବଳି ପକାଇବାପାଇଁ ବି ଭାରତ ସରକାର ଆଦୌ ଦ୍ୱିଧା ବୋଧ କରିନଥାନ୍ତେ । ଗୋପାଳ ଛୋଟରାୟଙ୍କ ବକ୍ତବ୍ୟ ଏହାକୁ ପରୋକ୍ଷରେ ସମର୍ଥନ ହିଁ କରେ । ଆଉ ପାରଳା ମହାରାଜାଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଗଠିତ ସେତେବେଳର ଓଡ଼ିଶା ସରକାର ତ ଥିଲା ସଂଖ୍ୟାଲଘୁ ମିଳିତ ସରକାର । ଭାରତ ସରକାରଙ୍କ ପରୋକ୍ଷ ସହାୟତା ବଳରେ 'ଢୋକେ ପିଇ ଦଣ୍ଡେ ଜୀଇ' ନୀତି ଥିଲା ତା ପକ୍ଷରେ ଏକାନ୍ତ ସତ୍ୟ । କେବଳ ସେତିକି ନୁହେଁ, ଏହି ସରକାରର ମୁଖ୍ୟ-ଉପଦେଷ୍ଟା ପଣ୍ଡିତ ନୀଳକଣ୍ଠ ଓ ଅନ୍ୟତମ ମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମଧ୍ୟ ପୂର୍ବେ ନେତାଜୀ ସୁଭାଷଙ୍କ ଅନୁଗାମୀ ଥିବାରୁ ଏମାନେ ମୂଳରୁ ଭାରତ ସରକାରଙ୍କ ସନ୍ଦେହ ଘେରରେ ତ ଥିଲେ । ଆଉ ସୁଭାଷ ଆଜାଦହିନ୍ଦ ଫୌଜର ନେତୃତ୍ୱ ନେବା ପରେ ଭାରତ ସରକାର ଏମାନଙ୍କୁ

Digitized by srujanika@gmail.com

କ୍ଷମତାରୁ ବିଦା କରିବାର ସୁଯୋଗର ପ୍ରତୀକ୍ଷାରେ ଥିବା ସ୍ୱାଭାବିକ ଥିଲା । ସେଥିରେ ପୁଣି ପଣ୍ଡିତ ନୀଳକଣ୍ଠ ନିଜେ ଜାତୀୟ ଯୁଦ୍ଧସାମୁଖ୍ୟର ମୁଖ୍ୟ ଥାଇ ବି ଗୋପନରେ ବ୍ରିଟିଶ ଯୁଦ୍ଧୋଦ୍ୟୋଗର ବିରୋଧିତା କରୁଥିବାର କିଛି କିଛି ପ୍ରମାଣ ମଧ୍ୟ ବ୍ରିଟିଶ ସରକାରଙ୍କ ହସ୍ତଗତ ହୋଇଥିଲା । ଉଦାହରଣ ସ୍ୱରୂପ ୧୯୪୨ ଜୁନ୍ ୧୪ ତାରିଖରେ ସେ ତେଲାଙ୍ଗର ଏକ ସଭାରେ "ବର୍ତ୍ତମାନ ବ୍ରିଟିଶ ସରକାରଙ୍କୁ ସହାୟତା କରିବାର ସମୟ ନୁହେଁ" ବୋଲି କହିଥିଲେ (Chose, 1991, p.48) । ଆହୁରି ମଧ୍ୟ 'ଈଶ୍ୱର (ଇଂଲଣ୍ଡର) ରାଜାଙ୍କୁ ରକ୍ଷା କରନ୍ତୁ' (God save the King) ପରିବର୍ତ୍ତେ 'ଈଶ୍ୱର ଜାତିକୁ ରକ୍ଷା କରନ୍ତୁ' (God save the Nation) ହିଁ ଯୁଦ୍ଧସାମୁଖ୍ୟର ସ୍ଲୋଗାନ ହେଉ ବୋଲି ସେ ଜିଦ୍ ଧରିଥିଲେ ଓ ତାହା ଓଡ଼ିଶା ଲାଟଙ୍କର ଗ୍ରହଣୀୟ ନ ହେବାରୁ ୧୯୪୩ରେ ଯୁଦ୍ଧସାମୁଖ୍ୟରୁ ଇସ୍ତଫା ଦେଇଥିଲେ (Ghose, 1991, p.51; ଅନ୍ୟ ସୂତ୍ରରୁ ମଧ୍ୟ ଏହାର ସମର୍ଥନ ମିଳେ) । ତାଙ୍କ ପରାମର୍ଶରେ ଚାଲୁଥିବା ପାରଳା ମହାରାଜାଙ୍କ ମନ୍ତ୍ରୀମଣ୍ଡଳ ପ୍ରତି ଭାରତ ସରକାରଙ୍କ ଆଦୌ କୌଣସି ଦରଦ ଇ ନ ଥିଲା, ଯାହା ପାରଳା ମହାରାଜା ଓ ପଣ୍ଡିତ ନୀଳକଣ୍ଠ ବୁଝିବାରେ ସମର୍ଥ ହୋଇପାରିନଥିଲେ । ତେଣୁ ଭାରତ ସରକାର ଯେଉଁ ସୁଯୋଗର ପ୍ରତୀକ୍ଷାରେ ଥିଲେ, ତାକୁ ନିଜେ ପାରଳା ମହାରାଜା ହିଁ ଇସ୍ତଫା ଦେଇ ଯୋଗାଇଦେଇଥିଲେ, ଯେତେଦୂର ମନେହୁଏ ପଣ୍ଡିତ ନୀଳକଣ୍ଠଙ୍କ ପରାମର୍ଶରେ । ତେଣୁ ଥରେ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଇଦେବା ପରେ ସେ ପୁଣି ଥରେ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଇଚ୍ଛା କରିଥିଲେ ମଧ୍ୟ ପାରଳା ମହାରାଜାଙ୍କୁ ଆଉ ସେ ସୁଯୋଗ ମିଳିଲା ନାହିଁ, ଯାହା ପୂର୍ବେ ଉଦ୍ଧୃତ ସୁନୀତ ଘୋଷଙ୍କ ଦୀର୍ଘ ବିବରଣୀରେ ସୂଚିତ । କିନ୍ତୁ ପଣ୍ଡିତ ଗୋଦାବରୀଶ ଏହା ଭଲ ଭାବରେ ବୁଝିପାରିଥିଲେ, ହୁଏତ ବ୍ରିଟିଶ ପ୍ରଶାସକଗୋଷ୍ଠୀ ସହ ତାଙ୍କର ସୁସମ୍ପର୍କ ଥିବାରୁ । ତେଣୁ ଯେତେଦିନ ସମ୍ଭବ କ୍ଷମତାରେ ରହି ଓଡ଼ିଶାପାଇଁ ଯେତେ ଭଲ କାମ କରାଯାଇପାରେ ତା କରିବା ଶ୍ରେୟ ବୋଲି ସେ ବୋଧହୁଏ ଚାହିଁଥିଲେ । (ସମ୍ଭବ ହେଲେ କ୍ଷମତାରେ ରହି ସୁଭାଷ ବୋଷଙ୍କୁ ଗୋପନରେ ସହାୟତା କରିବା ବି ସେତିକିବେଳେ ତାଙ୍କ ଯୋଜନାର ଅନ୍ତର୍ଭୁକ୍ତ ହୋଇଥାଇପାରେ ।) ତେଣୁ ଓଡ଼ିଶାରେ ଦୁର୍ଭିକ୍ଷ ହୋଇଥିବା ସତ୍ତ୍ୱେ ଓଡ଼ିଶାରୁ ବଙ୍ଗକୁ ଧାନଚାଉଳ ରପ୍ତାନୀ ଯେତେ ଦୁଃଖଦାୟକ ହେଲେ ମଧ୍ୟ ପରିସ୍ଥିତିର ଚାପରେ ତାହା ପ୍ରତି ଆଖିବୁଜିଦେବାକୁ ସେ ବୋଧହୁଏ ବାଧ୍ୟ ହୋଇଥିଲେ ।

Digitized by srujanika@gmail.com

(୩)

(୩.୧). ମନେହୁଏ ଯେ ଅନ୍ୟ, ବିଶେଷ ଭାବରେ ବ୍ୟକ୍ତିଗତ, କାରଣରୁ ହିଁ ପଣ୍ଡିତ ନୀଳକଣ୍ଠ ଓ ପାରଳା ମହାରାଜା ଦୁଇଜଣଯାକ ପଣ୍ଡିତ ଗୋଦାବରୀଶଙ୍କୁ ମନ୍ତ୍ରୀମଣ୍ଡଳରୁ ବିଦା କରିବାପାଇଁ ଚାହୁଁଥିଲେ । ପଣ୍ଡିତ ଗୋଦାବରୀଶ ତାଙ୍କର କର୍ମଦକ୍ଷତା ହେତୁ (ଓ ମନେହୁଏ କିଛି ପରିମାଣରେ ଇଂରାଜୀ ଭାଷା ଓ ସାହିତ୍ୟରେ ତାଙ୍କର ଦକ୍ଷତା ହେତୁ) ଉଚ୍ଚପଦସ୍ଥ ବ୍ରିଟିଶ ପ୍ରଶାସକମାନଙ୍କ ଅତି ପ୍ରିୟ ଥିଲେ ଓ ସେ କାରଣରୁ ସେ ଦୁଇଜଣଙ୍କୁ ଅର୍ଥାତ୍ ପଣ୍ଡିତ ନୀଳକଣ୍ଠ ଓ ପାରଳା ମହାରାଜାଙ୍କୁ, ବିଶେଷ ଖାତିର କରୁନଥିଲେ । ହୁଏତ ସେ କାରଣରୁ ହିଁ ପଣ୍ଡିତ ନୀଳକଣ୍ଠ ଓ ପାରଳା ମହାରାଜା ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବିଦା କରିବାପାଇଁ ଚାହୁଁଥିଲେ । ହୁଏତ ବା ପଣ୍ଡିତ ଗୋଦାବରୀଶଙ୍କୁ ମନ୍ତ୍ରୀମଣ୍ଡଳରୁ ବିଦା କରି ୧୯୪୩ରେ ଯୁଦ୍ଧ-ସାମୁଖ୍ୟର ମୁଖ୍ୟ ପଦରୁ ଇସ୍ତଫା ଦେବାକୁ ବାଧ ହୋଇଥିବା ପଣ୍ଡିତ ନୀଳକଣ୍ଠଙ୍କ 'ନବଭାରତ'ରେ ପଣ୍ଡିତ ଗୋଦାବରୀଶ ଉତ୍କୋଚ ନେଇଥିବାର ଅଭିଯୋଗ ହେଉଥିଲା (ମହାନ୍ତି, ସନ୍ତୋଷକୁମାର, ୨୦୧୧, ପୃ.୧୦) । ଏ ପ୍ରସଙ୍ଗରେ ଚିନ୍ତାମଣି ମିଶ୍ର ପ୍ରକାରାନ୍ତରରେ ସୁନୀତ ଘୋଷଙ୍କୁ ସମର୍ଥନ କରି କହନ୍ତି, "ପାରଳାଖେମୁଣ୍ଡି ମହାରାଜାଙ୍କ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଇଥାଏ । ଖାଲି ପଣ୍ଡିତ ଗୋଦାବରୀଶଙ୍କୁ ହଇରାଣ କରିବାକୁ ମହାରାଜା ମନ୍ତ୍ରୀମଣ୍ଡଳ ଭାଙ୍ଗି ଦେଇଥାନ୍ତି । ପଣ୍ଡିତ ନୀଳକଣ୍ଠ ମହାରାଜାଙ୍କୁ ମତାଇ ଏହା କରାଇଲେ ବୋଲି ସେତେବେଳେ ଗୁଜବ ଉଠିଥିଲା । ମୁଁ ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରିନାହିଁ । କେବଳ ଏତିକି ଜାଣେ ଯେ ଦୁଇ ପଣ୍ଡିତଙ୍କ ମନୋମାଳିନ୍ୟର ମାତ୍ରା ଏତେବେଳକୁ ଭାରି ବଢ଼ିଯାଇଥାଏ । ଏ ଦୁହିଁଙ୍କର ମନୋମାଳିନ୍ୟ ପାଞ୍ଚବର୍ଷ ପୂର୍ବେ ମୁଇଁ ତୁଟାଇଥିଲି, ଏଥର ଯେଉଁ ଫଟାଫଟି ହେଲା ତା ମୂଳରେ କ'ଣ ଥିଲା ସେ ବିଷୟ ଜଣାପଡ଼ିଲା ନାହିଁ । ... ଏତିକି ଜାଣେ ମନ୍ତ୍ରୀମଣ୍ଡଳରୁ ବଡ଼ ପଣ୍ଡିତେ ଯାହା ଫାଇଦା ଉଠାଇବାକୁ ବସିଥିଲେ, ସାନ ପଣ୍ଡିତେ ସେଥିରେ ବାଧା ଦେଲେ ।" (ମିଶ୍ର, ଚିନ୍ତାମଣି, ୧୯୮୫, ପୃ.୧୩୯) । ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରିବା କାଳରୁ ପଣ୍ଡିତଯୁଗଳଙ୍କ ମଧ୍ୟରେ ତିକ୍ତ-ମଧୁର ସମ୍ପର୍କ ଥିଲା ବୋଲି ପୂର୍ବେ କୁହାଯାଇଛି । ସେତେବେଳେ ବି ପଣ୍ଡିତ ଗୋଦାବରୀଶଙ୍କ ବିରୁଦ୍ଧରେ ଅଭିଯୋଗ ଆଣି କିନ୍ତୁ ତାକୁ କାବ୍ୟରସରେ ରସାଣିତ କରି ଓ ସତ୍ୟବାଦୀର ଛାତ୍ରମାନଙ୍କୁ ଉପଲକ୍ଷ କରି ପଣ୍ଡିତ ନୀଳକଣ୍ଠ ଲେଖିଥିଲେ,

"ସରଳ କୋମଳ କୁତୁକ ବେଭାରେ ଦିନୁ ଦିନ ମୋର ବିଶ୍ୱାସ ଖସେ,
ପରାଣ ଦେବାକୁ ବିକଳ ମୋ ମନ ପୀରତି ନ ପାଏ ବନ୍ଧୁ ବିଳାସେ ।

Digitized by srujanika@gmail.com

**** **** ****

ସରଳ ପୀରତି ପରାଣ ତବ ହେ କି ଶୁଣିବ ? ମୁହିଁ କହିବି କିସ ?
ଜଗତରେ ଯେତେ ଅନୁଭବ ଜାଣେ ବିଶ୍ୱାସରେ ତହିଁ ମିଶିଛି ବିଷ ।"

(କୋଣାର୍କେ, ମାୟାଦେବୀ, ପ୍ରାରମ୍ଭ ଭାଷଣ ।)

ତେବେ ଏ ଅଭିଯୋଗର ସ୍ୱରୂପ ଥିଲା ଭିନ୍ନ । କାରଣ ଏଥିରେ ଅଭିଯୋଗ ସହ ସାମାନ୍ୟ ହେଲେ ବି ଭାବପ୍ରବଣତା ଓ ଅଭିମାନର ମିଶ୍ରଣ ମଧ୍ୟ ହୋଇଥିଲା । ତେବେ ଏବେ 'ନବ ଭାରତ'ର ପୃଷ୍ଠାରେ ତାଙ୍କ ଅଭିଯୋଗ ଥିଲା କେବଳ ପ୍ରତ୍ୟକ୍ଷ ନୁହେଁ, ପ୍ରଚଣ୍ଡ ଓ ତାଙ୍କ ଆକ୍ରମଣାତ୍ମକ ବ୍ୟକ୍ତିତ୍ୱସୁଲଭ; ସେଥିରେ ଆଦୌ ଲାଗିନଥିଲା ଭାବପ୍ରବଣତା ଓ ଅଭିମାନର ସ୍ପର୍ଶ ।

(୩.୨.୧). ସୁନୀତ ଘୋଷ, ଗୋପାଳ ଛୋଟରାୟ, ନୀଳମଣି ରାଉତରାୟ ଓ ଗଙ୍ଗାଧର ରଥ ଓଡ଼ିଶାର ସେଇ ଐତିହାସିକ ଦୁର୍ଭିକ୍ଷ ସମ୍ପର୍କରେ ସେମାନଙ୍କ ବକ୍ତବ୍ୟ ରଖିବା ସମୟରେ ପଣ୍ଡିତ ଗୋଦାବରୀଶ ଅବଶ୍ୟ ଜୀବିତ ନ ଥିଲେ । ତେବେ ସେମାନେ ସେମାନଙ୍କ ବକ୍ତବ୍ୟ ରଖିବାର ବହୁ ପୂର୍ବରୁ ୧୯୪୬ରେ ରଚିତ ରାଜନୀତିକ ରଚନା 'କଙ୍କାଳର ଆର୍ତ୍ତନାଦ'ରେ ପଣ୍ଡିତ ଗୋଦାବରୀଶ ରଖିଯାଇଛନ୍ତି ସେହି ଦୁର୍ଭିକ୍ଷ ବିଷୟରେ ଆତ୍ମସମର୍ଥନମୂଳକ ତାଙ୍କର ସଂକ୍ଷିପ୍ତ ବକ୍ତବ୍ୟ (ଦ୍ର: ମିଶ୍ର, ପଣ୍ଡିତ ଗୋଦାବରୀଶ, ୧୯୬୩) । 'କଙ୍କାଳର ଆର୍ତ୍ତନାଦ', ୧ମ ଭାଗ, ୧୨୬ ଓ ୧୨୭ ଉପ-ବିଭାଗରେ ପଣ୍ଡିତ ଗୋଦାବରୀଶ ମିଳିତ ମନ୍ତ୍ରୀମଣ୍ଡଳଦ୍ୱାରା ବଙ୍ଗକୁ ଚାଉଳ ରପ୍ତାନୀର, ଠିକ୍ ଯଥାର୍ଥତା ପ୍ରତିପାଦନ କରିବାର ପ୍ରଚେଷ୍ଟା କରିନଥିଲେ ମଧ୍ୟ କେବଳ ତା'ର, ବାଧ୍ୟବାଧକତାକୁ ବୁଝାଇଦେବାର ଉଦ୍ୟମ କରିଥିଲେ । ଯଥା, ତା'ର ୧୨୬ ଉପ-ବିଭାଗରେ ଓଡ଼ିଶାରୁ ବାହାରକୁ ଚାଉଳ ରପ୍ତାନୀ ବିଷୟରେ କୁହାଯାଇଛି, "ଯେଉଁ ଭାଗଟା ବାହାରକୁ ଯାଏ, ତାର ସଠିକ ପରିମାଣ ସ୍ଥିର କରିବା ସହଜ ନୁହେଁ । ଆମ ପ୍ରଦେଶ ଉତ୍ତରରେ ବଙ୍ଗପ୍ରଦେଶ ଓ ଦକ୍ଷିଣରେ ମାନ୍ଦ୍ରାଜପ୍ରଦେଶକୁ ଲାଗିଛି । ସେ ଉଭୟ ନଅଣ୍ଟିଆ ପ୍ରଦେଶ । ଉଭୟ ପ୍ରଦେଶରୁ ବେପାରୀ ଆସି ପ୍ରତିଦିନ ହଜାର ହଜାର ଶଗଡ଼ ଧାନଚାଉଳ ସଡ଼କବାଟେ ନେଇଯାନ୍ତି । ମୁଣ୍ଡବୋଝିଆ ମଧ୍ୟ କିଛି ନିଅନ୍ତି । ଏହି ଉଭୟ ବାଟରେ ଯାଉଥିବା ଧାନଚାଉଳର ପରିମାଣ ଜାଣିବା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ । କେବଳ ରେଳଗାଡ଼ିରେ ଯାହା ଯାଏ, ତାହାର ହିସାବ ମିଳିପାରେ ।" ଏହା ପରେ ତା'ର ୧୨୭ ଉପ-ବିଭାଗରେ ସେ ପୁଣି କହନ୍ତି, "୧୯୪୨-୪୩ କୃଷିବର୍ଷ ଶେଷ ଆଡ଼କୁ ଓଡ଼ିଶା ସରକାର, ରେଳବାଟେ ଓଡ଼ିଶାରୁ ବାହାରକୁ ରପ୍ତାନୀ ହୋଇଯାଉଥିବା ଧାନଚାଉଳର

Digitized by srujanika@gmail.com

ପୂର୍ବ ତିନି ବର୍ଷର ହିସାବ ନେଇ, ଦେଖିଲେ ଯେ ତାହା ଚାଉଳ ଆକାରରେ ବାର୍ଷିକ ଏକୋଇଶ ଲକ୍ଷ ପଚିଶ ହଜାର ମହଣ ପଡୁଛି ।" ଏପରି ହିସାବକୁ ପଣ୍ଡିତ ଗୋଦାବରୀଶ କିଛିଟା ବିଦ୍ରୂପାତ୍ମକ ଭାବରେ ତାଙ୍କ 'ଅନ୍ନଛତ୍ର' ଗଳ୍ପରେ 'ତଥ୍ୟମିତି' ବିଦ୍ୟା ବୋଲି ନାମକରଣ କରିଛନ୍ତି । ତା ପରେ ପରେ ସେ ପୁଣି କହନ୍ତି, "ସୁତରାଂ, ସେ ଚାଉଳଟା ବଳକା ଏବଂ ଓଡ଼ିଶାରେ ଲୋକଙ୍କ ଖାଦ୍ୟପାଇଁ ଦରକାର ହେଉନାହିଁ ବୋଲି କେନ୍ଦ୍ର-ସରକାର ଧରିନେଲେ; କିନ୍ତୁ ୧୯୪୨ ମସିହା ଅକ୍ଟୋବର ଓ ନଭେମ୍ବର ମାସରେ ତୋଫାନ ହେବା ଯୋଗେ ଓଡ଼ିଶାରେ ଫସଲହାନୀ ହୋଇଥିଲା । ଅତଏବ, ପ୍ରାଦେଶିକ ସରକାର ୧୯୪୩-୪୪ ବର୍ଷ ଏକୋଇଶ ଲକ୍ଷ ପଚିଶ ହଜାର ମହଣ ପରିବର୍ତ୍ତେ ଜଗିରଖି ମୋଟ ସତର ଲକ୍ଷ ମହଣ ଚାଉଳ ବାହାରକୁ ଛାଡ଼ିଲେ । ସେତେବେଳେ ଆମ ଓଡ଼ିଆ କଂଗ୍ରେସ ନେତାମାନେ ସରକାରଙ୍କୁ ଦେଶଦ୍ରୋହୀ ଇତ୍ୟାଦି ବୋଲି ଗାଳିଦେଇ ହୁଲସ୍ଥୁଲ ପକାଇଲେ । ୧୯୪୪ ମସିହା ଜୁନ୍ ମାସରେ ମିଳିତ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ । ତା ପରେ ୧୯୪୪-୪୫ ବର୍ଷ ପ୍ରାଦେଶିକ ସରକାର ତେଇଶ ଲକ୍ଷ ମହଣ ଛାଡ଼ିଲେ ।" (ଉପରେ କରାଯାଇଥିବା ରେଖାଙ୍କନ ବର୍ତ୍ତମାନ ଲେଖକକୃତ) । ଏହି ବକ୍ତବ୍ୟର ଏକମାତ୍ର ଅର୍ଥ ହେଉଛି, ମିଳିତ ସରକାର ଇସ୍ତଫା ଦେବାରୁ ହିଁ ଲାଟଙ୍କ ଜରିଆରେ ଓଡ଼ିଶାର ଶାସନ ଭାର ହାତକୁ ନେଇଥିବା କେନ୍ଦ୍ରରେ ଥିବା ବ୍ରିଟିଶ ସରକାର ହିଁ ଆହୁରି ଅଧିକ ପରିମାଣର ଚାଉଳ ଓଡ଼ିଶାରୁ ବାହାରକୁ ରପ୍ତାନୀ କରିବାର ସୁଯୋଗ ପାଇଗଲେ, ଯଦିଓ ସେତେବେଳକୁ ଓଡ଼ିଶାରେ ଦୁର୍ଭିକ୍ଷ ପରିସ୍ଥିତିର ସମ୍ପୂର୍ଣ୍ଣ ଅବସାନ ହୋଇନଥିଲା । ଅନ୍ୟ କଥାରେ ତାଙ୍କ ମତରେ ପ୍ରତିକୂଳ ସମାଲୋଚନା ସତ୍ତ୍ୱେ ମିଳିତ ମନ୍ତ୍ରୀ-ମଣ୍ଡଳ ଇସ୍ତଫା ଦେବା ଆଦୌ ଉଚିତ ନ ଥିଲା । ସେତେବେଳେ ବଙ୍ଗପ୍ରଦେଶକୁ ଧାନଚାଉଳ ରପ୍ତାନୀ କରାଇବା କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା ତଥା ସେଥିପାଇଁ ପ୍ରାଦେଶିକ ସରକାର କେନ୍ଦ୍ର ସରକାରଙ୍କ ପ୍ରବଳ ଚାପର ସମ୍ମୁଖୀନ ହୋଇଥିଲେ ବୋଲି ଯେପରି ବ୍ୟଞ୍ଜନାରେ ସୂଚାଇ ଦିଆଯାଇଥିଲା, ଯାହା ପୂର୍ବେ କରାଯାଇଥିବା ଆଲୋଚନାରୁ ବି ଜଣାଯାଏ । ଏପରି ପ୍ରବଳ ଚାପ ସତ୍ତ୍ୱେ ବି ପ୍ରାଦେଶିକ ସରକାର 'ତଥ୍ୟମିତି'ର ତଥ୍ୟକୁ ଉପେକ୍ଷା କରି ଅପେକ୍ଷାକୃତ କମ୍ ପରିମାଣର (ଏକୋଇଶ ଲକ୍ଷ ପଚିଶ ହଜାର ମହଣ ପରିବର୍ତ୍ତେ ମାତ୍ର ସତର ଲକ୍ଷ ମହଣ) ଚାଉଳ ରପ୍ତାନୀ କରିଥିଲେ । ତେଣୁ ଉତ୍କୋଚ ନିକଟରେ ନୁହେଁ, ଯେତେ ଦୁଃଖଦାୟକ ହେଲେ ମଧ୍ୟ କିଛି ପରିମାଣରେ କେନ୍ଦ୍ର ସରକାରଙ୍କ ଚାପ ନିକଟରେ ମୁଣ୍ଡ ନୁଆଁଇବାକୁ ପଣ୍ଡିତ ଗୋଦାବରୀଶ ବୁଦ୍ଧିମାନର କାର୍ଯ୍ୟ ବୋଲି ଭାବିଥିଲେ । କେବଳ ସେତିକି ନୁହେଁ,

Digitized by srujanika@gmail.com

ପରେ ଡାକ୍ତର ରାଧାଚରଣ ପଣ୍ଡାଙ୍କର ଏକ ପ୍ରଶ୍ନର ଉତ୍ତରରେ ସେ ବି କହିଥିଲେ, "୧୯୪୩ର ଦୁର୍ଭିକ୍ଷ ବେଳେ ଭାରତ ସରକାର ଅବାଧ ବାଣିଜ୍ୟ ହଠାତ୍ ଚଳାଇଲେ, ଭାରତର ଅନ୍ୟାନ୍ୟ ଅଞ୍ଚଳକୁ ବଞ୍ଚାଇବାପାଇଁ । ମନ୍ତ୍ରୀମଣ୍ଡଳ ଏହା ଆଶଂକା ନ କରି ଧାନଚାଉଳ କିଣି ସଂଗ୍ରହ କରିନଥିଲେ । ମାତ୍ର ଭାରତ ସରକାରଂକ ଆଦେଶ ଆସିବା ସଂଗେ ଲାଟଂକୁ ସଂମତ କରାଇ ଯଥେଷ୍ଟ କିଣା ହୋଇ ମହଜୁଦ ଥିବା ରିପୋର୍ଟ ଦେଲେ । ଫଳରେ ଧାନ ଚାଉଳ କିଛି ରହିଗଲା, ନୋହିଲେ ଘୋର ଦୁର୍ଭିକ୍ଷ ଘୋଟିଥାନ୍ତା । (ଦ୍ର: ମହାନ୍ତି, ସନ୍ତୋଷକୁମାର, ୨୦୧୧, ପୃ.୩୧) ।"

(୩.୨.୨). କେବଳ ସେତିକି ନୁହେଁ, 'କଙ୍କାଳର ଆର୍ତ୍ତନାଦ' ଓ ଉପରର ବକ୍ତବ୍ୟ ବ୍ୟତୀତ ପଣ୍ଡିତ ଗୋଦାବରୀଶ ୧୯୪୫ରୁ ୧୯୫୧ ମଧ୍ୟରେ ରଚିତ ତିନୋଟି ଗଳ୍ପ, 'ଅନ୍ନଛତ୍ର', 'ସେବତୀର ଶବ' ଓ 'ପୁଆଣିଘର' ମାଧ୍ୟମରେ ବି ସେହି ଦୁର୍ଭିକ୍ଷର ବାସ୍ତବ ତଥା ମର୍ମସ୍ପର୍ଶୀ ଚିତ୍ର ପ୍ରଦାନ କରି ଅଥବା ତାର ସୂଚନା ଦେଇ ତାର କାରଣ ସମ୍ପର୍କରେ ନିଜର ବକ୍ତବ୍ୟ ସହ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଉତ୍ତର ବି ରଖିଯାଇଛନ୍ତି । ପ୍ରଥମ ଓ ଦ୍ୱିତୀୟ ଗଳ୍ପ ତାଙ୍କ 'ନଅଟି ଗଳ୍ପ' ଓ ତୃତୀୟଟି ତାଙ୍କ 'ପୁଆଣିଘର' ଗଳ୍ପ-ସଙ୍କଳନର ଅନ୍ତର୍ଗତ (ଦ୍ର: ମିଶ୍ର, ପଣ୍ଡିତ ଗୋଦାବରୀଶ, ୧୯୭୫) । ବଙ୍ଗ ଭାଷାରେ ସେଇ ଦୁର୍ଭିକ୍ଷକୁ ଆଧାର କରି ରଚିତ ଓ ପୂର୍ବେ-ସୂଚିତ ବହୁ ସାହିତ୍ୟକୃତି ପରି ଏ ମଧ୍ୟରୁ କରୁଣ ରସାତ୍ମକ ପ୍ରଥମ ଦୁଇଟି ଗଳ୍ପ ସର୍ବ-ଭାରତୀୟ ଦୃଷ୍ଟି ଆକର୍ଷଣର କଥା ଦୂରେ ଥାଉ, ଏ ପର୍ଯ୍ୟନ୍ତ ଓଡ଼ିଆ ସମାଲୋଚକ ବା ବୁଦ୍ଧିଜୀବୀମାନଙ୍କ ବିଶେଷ ଦୃଷ୍ଟି ଆକର୍ଷଣରେ ସମର୍ଥ ହୋଇପାରିନାହିଁ ବୋଲି ମନେହୁଏ । ପୁଣି ଏହି ତିନୋଟି ଗଳ୍ପ 'ଭାତ' ଓ 'ପରକଳମ' ପରି କେବଳ ସେଇ ଦୁର୍ଭିକ୍ଷର ପୃଷ୍ଠଭୂମିରେ ରଚିତ ନୁହେଁ, ତାର ଲେଖକଙ୍କୁ ବି ସେଇ 'ମାନବ-କୃତ' ଦୁର୍ଭିକ୍ଷପାଇଁ ଦାୟୀ କରାଯାଇଥିବାରୁ ସେହି ତିନୋଟି ଗଳ୍ପ ସମ୍ପର୍କରେ ବିସ୍ତାରିତ ଆଲୋଚନାର ଆବଶ୍ୟକତା ରହିଛି । ତେବେ ସେ ହେତୁ ନିମ୍ନରେ ଗଳ୍ପଗୁଡ଼ିକର କଥାବସ୍ତୁର ତଥା ସାହିତ୍ୟିକ ବିଚାର ପରିବର୍ତ୍ତେ କେବଳ ଗଳ୍ପଗୁଡ଼ିକରେ ପ୍ରଦତ୍ତ ଦୁର୍ଭିକ୍ଷର ଭୟାବହତା ଓ ସେ ବିଷୟରେ ଲେଖକଙ୍କର ଅତୀବ ସଚେତନତା ତଥା ଦୁର୍ଭିକ୍ଷର କାରଣ ଓ ଲେଖକଙ୍କ ପ୍ରତି ହୋଇଥିବା ଅଭିଯୋଗ ସମ୍ପର୍କରେ ତାଙ୍କ ବକ୍ତବ୍ୟ ଆଦି ପ୍ରସଙ୍ଗରେ ହିଁ ଆଲୋଚନାକୁ ସୀମିତ ରଖାଯିବ ।

'ଅନ୍ନଛତ୍ର' ଗଳ୍ପଟି ପ୍ରକୃତରେ ସେଇ ଐତିହାସିକ ଦୁର୍ଭିକ୍ଷର ପୃଷ୍ଠଭୂମିରେ ତଥା ଦୁର୍ଭିକ୍ଷକୁ ଆଧାର କରି ହିଁ ରଚିତ । ଅବଶ୍ୟ ନଅଟି ଭାଗ ବିଶିଷ୍ଟ ଏ ଗଳ୍ପର ପ୍ରଥମ ଭାଗଟି କିଛି ପରିମାଣରେ ପ୍ରବନ୍ଧ-ଧର୍ମୀ (-ଯେଉଁ ଧର୍ମ ସୁରେନ୍ଦ୍ର ମହାନ୍ତିଙ୍କ ବହୁ ଗଳ୍ପରେ

Digitized by srujanika@gmail.com

ଦୃଷ୍ଟିଗୋଚର ହୁଏ-) ଓ ସେଇ ଭାଗରେ ଗୋଦାବରୀଶ ଏ ଗଳ୍ପର ଐତିହାସିକ ପୃଷ୍ଠଭୂମି ଆଙ୍କିବାର ତଥା ସେଇ ଦୁର୍ଭିକ୍ଷର କାରଣ ଓ ଚିତ୍ର ଦେବାର ପ୍ରଚେଷ୍ଟା କରିଛନ୍ତି ବିସ୍ତାରିତ ଭାବରେ । ଗଳ୍ପଟିର ଅନ୍ୟ ଭାଗରେ ମଧ୍ୟ ତତ୍କାଳୀନ ଓଡ଼ିଶାର ରାଜନୀତିକ, ଆର୍ଥନୀତିକ, ପ୍ରଶାସନିକ ଓ ସାମାଜିକ ଅବସ୍ଥାର ବାସ୍ତବ ଓ ଜୀବନ୍ତ ଚିତ୍ର ହିଁ ରହିଛି ।

ବିଭିନ୍ନ ସାମୟିକ କାରଣରୁ ବ୍ୟତିକ୍ରମ ଯେ ହୋଇପାରେ ତା ନ ଭାବି, ନ ଚିନ୍ତି କେବଳ 'ତଥ୍ୟମିତି'-ବିଦ୍ୟା ପ୍ରତିପାଦିତ ତଥ୍ୟାନୁଯାୟୀ ଓଡ଼ିଶା ବଳକା ପ୍ରଦେଶ ତଥା ପ୍ରତି ବର୍ଷ ଓଡ଼ିଶା ବାହାରକୁ ଓଡ଼ିଶା ୨୦ ଲକ୍ଷ ମହଣ ଧାନ ରପ୍ତାନୀ କରିବାର ନଜିର ଆଧାରରେ ନିଜର ବଡ଼ପଣିଆ ପ୍ରତିପାଦନ ପ୍ରତ୍ୟାଶୀ ମନ୍ତ୍ରୀ ଦିଲ୍ଲୀରେ କହିଛନ୍ତି, "କିଛି ପରୁଆ ନାହିଁ, ଆମେ ଓଡ଼ିଶାରୁ ଚାରି ଲକ୍ଷ ମହଣ ଚାଉଳ ଏଇ ମାସକ ଭିତରେ ବଙ୍ଗପ୍ରଦେଶକୁ ପଠାଇ ଦେଉଚୁ । ଏଟା ତ ଆମର ପରମ ଭାଗ୍ୟର କଥା ।" ବୋଲି ଗଳ୍ପଟିର ୧ମ ଭାଗରେ କୁହାଯାଇଛି । (ଏଠାରେ ସ୍ମରଣ କରାଇଦେବା ଉଚିତ ଯେ, 'ଭାତ' ନାଟକରେ ବି ରହିଛି ତାର ପ୍ରତିଫଳନ । ତାର ଦ୍ୱିତୀୟ ଅଙ୍କ ପ୍ରଥମ ଦୃଶ୍ୟରେ ଜମିଦାର ଅନନ୍ତଙ୍କୁ କହିଛନ୍ତି, ".. ସେଦିନ ଆମରି ଜଣେ ନେତା ଘୋଷଣା କରିଛନ୍ତି Surplus Province ...") । କିନ୍ତୁ କେଉଁ ମନ୍ତ୍ରୀ ଏପରି ପ୍ରତିଶ୍ରୁତି ଦେଇ ପ୍ରଶଂସା ଅର୍ଜନ କରିଥିଲେ ତାହା ପଣ୍ଡିତ ଗୋଦାବରୀଶ ସ୍ପଷ୍ଟ କରି ନ ଥିଲେ ବି ସେ ନିଜେ ସେଇ ମନ୍ତ୍ରୀ ହୋଇନଥିବେ ବୋଲି ମନେହୁଏ । ହୁଏତ ବା ସେ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ପାରଳା ମହାରାଜାଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ଯଦିଓ ତାହା ନିର୍ଦ୍ଦିଷ୍ଟ ଭାବରେ କେବଳ ଭବିଷ୍ୟତର ଗବେଷଣା ହିଁ କହିପାରିବ । ସେ ହେତୁ, "ଯେଉଁ ସଡ଼କରେ ଶଗଡ଼ କଷ୍ଟେମଷ୍ଟେ ଚାଲେ, ଆଜି ତା ଉପରେ ଭଁ ଭଁ ଡାକ ଛାଡ଼ି, ପ୍ରକାଣ୍ଡ ପ୍ରକାଣ୍ଡ ମଟର ଗାଡ଼ିମାନ ଚାଲୁଛି । ... ... ଚୌକିଦାର ଉପରକୁ କୌଣସି କର୍ମଚାରୀର ପାଦ ଯେଉଁ ସବୁ ମଫସଲିଆ ବାଟରେ କେବେ ପଡ଼ି ନ ଥିଲା, ଆଜି ଗଣ୍ଡା ଗଣ୍ଡା ବଡ଼ବଡ଼ ହାକିମ ସେ ସବୁକୁ ନିଜ ନିଜ ପଦସ୍ପର୍ଶରେ କୃତାର୍ଥ କରୁଛନ୍ତି । ଖାଦ୍ୟ କର୍ମୀମାନେ ଦ୍ୱାର ଦ୍ୱାର ବୁଲି ପ୍ରଚାର କରିବାରେ ଲାଗିଛନ୍ତି, 'କେହି ଧାନ ଚାଉଳ ସାଇତି ରଖ ନାହିଁ । ଯାହା ଘରେ ଯେତେ ବଳକା ଅଛି, ଦାଣ୍ଡକୁ କାଢ଼ି ଦିଅ ।' କିଏ ନିଜେ କାଢୁଛି ତ ଆଉ କାହା ଘରୁ ହାକିମମାନେ ଜବରଦସ୍ତି ଯାଇ କାଢ଼ିପକାଉଛନ୍ତି । ସେଥିପାଇଁ ସାମୟିକ-ଆଇନ (ସାମରିକ-ଆଇନ ?) ମଧ୍ୟ ଜାରି ହୋଇଛି ।

ଏସବୁ ଫଳରେ ମନେ ହେଉଛି ଯେ ଓଡ଼ିଶାର ସୌଭାଗ୍ୟ ରବି ଉଦୟ ହୋଇଆସୁଛି । ଯାହା କେବେ କଳ୍ପନାରେ ସୁଦ୍ଧା ଦେଖାଯାଇ ନଥିଲା, ଏବେ ସାକ୍ଷାତ

Digitized by srujanika@gmail.com

ଘଟିଛି । ଆଧୁନିକ ଯୁଗରେ ମା ଲକ୍ଷ୍ମୀ, କାଗଜ ବାହନରେ ଲକ୍ଷ ଲକ୍ଷ ପଲ୍ଲୀ ଗ୍ରାମମାନ ଆଡ଼କୁ ଚାଲିଛନ୍ତି । ଆଉ ସେମାନଙ୍କ ସଙ୍ଗେ ସଙ୍ଗେ ଆସୁଛନ୍ତି ଶହ ଶହ ବେପାରୀ, ସହସ୍ର ସହସ୍ର ମାପୁଣୀ । ... ଧାନ ଚାଉଳ ମାପ ଗ୍ରାମେ ଗ୍ରାମେ ଚାଲିଛି । ଓଡ଼ିଶାର ସବୁ ନଦୀର ମୁହଁ ଯେପରି ବଙ୍ଗ ଉପସାଗରକୁ, ଏସବୁ ସେହିପରି ପ୍ରବଳ ସ୍ରୋତରେ ବଙ୍ଗ ପ୍ରଦେଶ ଆଡ଼କୁ ଛୁଟିଛି ।" ଆହୁରି ପୁଣି, "ଓଡ଼ିଶାରେ ମଧ୍ୟ ଅନ୍ନକଷ୍ଟ ପଡ଼ିଛି । ଏ କଥା କହିବା ମନା ହୋଇଯାଇଛି..." । ପରିଣତିରେ, "... ସବୁ ବର୍ଷ ପରି, ଗଡ୍ଡାଳିକା ପ୍ରବାହରେ, କୋଡ଼ିଏ ଲକ୍ଷ ମହଣ ଉପରେ ବାହାରକୁ ଚାଲିଗଲା । ତା ବାଟ କେହି ରୋକିଲେ ନାହିଁ, ପାରି ମଧ୍ୟ ନ ଥାନ୍ତେ । ମଧ୍ୟପ୍ରଦେଶର ପାଣି ଗଡ଼ି ପ୍ରବଳ ସ୍ରୋତରେ ବହିଆସେ ଓଡ଼ିଶାକୁ । ତାକୁ ଅଟକାଇବା ଅସମ୍ଭବ । ଓଡ଼ିଶାର ଚାଉଳ ସେହିପରି ବଙ୍ଗ, ବିହାର, ମାନ୍ଦ୍ରାଜକୁ ଯିବ ହିଁ ଯିବ । ଅତଏବ ଚାଲି ମଧ୍ୟ ଗଲା । ଯେତେବେଳେ ଆପେ ଆଉ ନ ଗଲା, ଚାରି ମାସ କାଳ କେନ୍ଦ୍ର ସରକାରଙ୍କ ହୁକୁମରେ ଟେଣ୍ଡା, ଶେଣା, ଯନ୍ତ, ପମ୍ପ- ସବୁ ଲଗାଇ ବୁହାହେଲା ।" ଏଇ ସବୁ ଉଦ୍ଧୃତି ଭିତରେ ଥିବା ଶାଣିତ ବ୍ୟଙ୍ଗ ଓ ବିଦ୍ରୂପ ମାଧ୍ୟମରେ ଗାଳ୍ପିକ ଓଡ଼ିଶାର ତତ୍କାଳୀନ ବାସ୍ତବ ରାଜନୀତିକ-ଆର୍ଥନୀତିକ ଚିତ୍ର ଦେବା ସହ ରେଖାଙ୍କିତ ଅଂଶ ମଧ୍ୟରେ ହିଁ ଦେଇଥିଲେ ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗର ସ୍ପଷ୍ଟ ଉତ୍ତର, ସେ ଯେପରି ସୂଚାଇ ଦେଇଥିଲେ ନିଜର ଅସହାୟତା ।

ତା ପରେ ଗଳ୍ପର ସେଇ ୧ମ ଭାଗରେ ବଙ୍ଗରେ ଭୟାବହ ଦୁର୍ଭିକ୍ଷର ସୂଚନା ଦେଇ ଇଂରେଜ ସରକାର ବଙ୍ଗ ପ୍ରଦେଶକୁ ଚାରି ଆଡୁ ଖାଦ୍ୟଶସ୍ୟ ବୋହୁଥିବାର ତଥା ତାହା ସବୁ "କେଉଁଆଡ଼େ ଅନନ୍ତ ଗର୍ଭରେ ଯାଇ ଲୀନ" ହେଉଥିବାର ସୂଚନା ଦେଇ "କିଏ ଖାଉଛି, କାହା ପେଟକୁ ଯାଉଛି ବୁଝିବା ଅସମ୍ଭବ ହୋଇପଡ଼ିଲାଣି" ବୋଲି କହିବା ଭିତରେ ଯେପରି ବଙ୍ଗରେ ଖାଦ୍ୟଶସ୍ୟର ପ୍ରକୃତ ଅଭାବ ନ ଥିଲା ଓ କେବଳ ତାର ସୁକ୍ଷମ ବିତରଣ ନ ହେବାରୁ ଲୋକକ୍ଷୟ ହେଲା ବୋଲି ହିଁ କୁହାଯାଇଥିଲା, ଅବଶ୍ୟ ବ୍ୟଞ୍ଜନାରେ । ପୁଣି ତାହାକୁ ଗଳ୍ପଟିର ୭ମ ଭାଗରେ ହାଡୁ ନାୟକ ଓ ଦନେଇ ରଥଙ୍କ କଥୋପକଥନ ମଧ୍ୟରେ ବି ଅତି ସ୍ପଷ୍ଟ ଭାବରେ କୁହାଯାଇଥିଲା । ଯଥା ଲରିରେ ଖାଦ୍ୟଶସ୍ୟ ବୁହାଯାଉଥିବାର ଦେଖି ହାଡୁ ନାୟକ ପଚାରିଛି, "ଏ ସବୁ ଯାଉଚି କୁଆଡ଼େ ?" ଉତ୍ତରରେ ଦନେଇ ରଥେ କହିଛନ୍ତି, "ଆରେ କହୁଚନ୍ତି କଣ ନା, ବଙ୍ଗଦେଶରେ ଦୁର୍ଭିକ୍ଷ ପଡ଼ିଚି । ସେଇଠୁକୁ ପରା ବୋହି ଲାଗିଚନ୍ତି ।" ହାଡୁ ନାୟକ ତା ପରେ ମନ୍ତବ୍ୟ ଦେଇଛି, "ମୁଁ ତ ଶୁଣିଲି ବଙ୍ଗ ଦେଶଟାଯାକ ବେପାରୀମାନେ ଧାନଚାଉଳ

Digitized by srujanika@gmail.com

ସବୁ ଖାଲି ଛପେଇ ଦେଇଚନ୍ତି । ଟଙ୍କାକୁ ଚାଉଳ ସେରେ ଚୋରା ବଜାରରେ ବିକୁଛନ୍ତି । ମୁଁ କଲିକତାରେ ଦିନ ପନ୍ଦରଟା ଥିଲି କି ନା ସବୁ ଭିତିରି ଖବର ପାଇଚି ।" ଦନେଇ ରଥେ ତାର ଉତ୍ତରରେ କହିଛନ୍ତି, "କେଜାଣି ବାବୁ! ଏଠୁ ତ ସବୁ ବୋହିନେଲେ । ଏ ସୁନାର ଦେଶଟାକୁ ଚୂନା କରିଦେଲେ । ସବୁଆଡ଼େ ହାହାକାର । ଯୁଆଡ଼େ ଯିବ ଖାଲି କଙ୍କାଳ ।" ଏଠାରେ ଏତିକି କହିବାର କଥା ଯେ ବହୁ ପରେ ଠିକ୍ ସେଇ ସିଦ୍ଧାନ୍ତରେ ପହଞ୍ଚିଥିଲେ ଅମର୍ତ୍ତ୍ୟ ସେନ୍ । ଅନ୍ୟ କଥାରେ ପ୍ରକୃତରେ ବଙ୍ଗ ପ୍ରଦେଶରେ ପ୍ରକୃତ ଅଭାବ ନ ଥିଲେ ବି ସେଠାରେ କୃତ୍ରିମ ଅଭାବ ସୃଷ୍ଟି କରାଯାଇ ସେଠାକୁ ଖାଦ୍ୟଶସ୍ୟ ଚାଲାଣ ହେଉଥିବା ସମ୍ପର୍କରେ ପଣ୍ଡିତ ଗୋଦାବରୀଶ ଅତ୍ୟନ୍ତ ସଚେତନ ଥିଲେ ବି ତାହାକୁ ପ୍ରତିରୋଧ କରିବାର ଶକ୍ତି ତାଙ୍କର ନ ଥିଲା ବୋଲି ସେ ଯାହା କହିଛନ୍ତି ତା ବିଶ୍ୱାସଯୋଗ୍ୟ ବୋଲି ମନେହୁଏ ।

ସେହିପରି ଗଳ୍ପର ୪ର୍ଥ ଭାଗରେ ନୂଆ ଗାଁର 'ଭାଗବତ ଘରେ' ପର୍ଚେଜିଂ ଏଜେଣ୍ଟଙ୍କ ଅର୍ଥ ଦାନରେ ମାଂସଭୋଜିର ସବିଶେଷ ବର୍ଣ୍ଣନା ସହ ଭୋକଉପବାସରେ ସଢୁଥିବା ସୀତା ଓ ତାର ପୁଅ ଭୋଜି ପରେ ଫୋପଡ଼ା ଯାଇଥିବା ଅଇଁଠା ଖଲିପତ୍ର ପାଖରେ ଯୁଦ୍ଧରତ ଶ୍ୱାନମାନଙ୍କ ମେଳରେ ବସି ସେଇ ଅଇଁଠା ଖଲି ଚାଟୁଥିବାର କରୁଣ ଦୃଶ୍ୟର ବର୍ଣ୍ଣନା କେବଳ ନାହିଁ, ଭୋଜିରେ ଯୋଗ ଦେଇଥିବା ଲୋକମାନଙ୍କ ମଧ୍ୟରେ କଳହର ଚିତ୍ରରେ ଜଣେ ବ୍ୟକ୍ତିର ବକ୍ତବ୍ୟ ହେଉଛି, "ତୁମେ ଦଳେ ଖୁବ୍ ଚାଲାକ ଅଛ । ସାରୁ ପରିବା ପରି ମାଛରେ ମିଶୁଚ, ପୁଣି ଶାଗରେ ମଧ୍ୟ ଯାଇ ଗୋଳେଇ ହେଉଚ । କାଲି କହୁଥିଲ, ଜମିଦାରୀ ପ୍ରଥା ଧ୍ୱଂସ ହେଉ; ଆଜି ବଡ଼ ଜମିଦାର ବାଛି କୁଣ୍ଢେଇ ଧରୁଚ । ସେଆଡ଼େ ଗାଁ ଗାଁ ବୁଲି ଧାନଚାଉଳ ଛାଡ଼ ନାଇଁ ବୋଲି କହୁଚ; ମାତ୍ର ଚାଲିଗଲାବେଳେ ଆଖି ବୁଜି ଠିଆ ହେଇଯାଉଚ । ଆମେ ତ ଦେଶସାରା ପଞ୍ଚାଏ ପଡ଼ିଚୁ, ଗାଈ ନୋହୁ କି ମାଈ ନୋହୁ ।" ଏ ଉକ୍ତି ମଧ୍ୟରେ ଅଛି ରାଜନୀତିକ ସୁବିଧାବାଦୀମାନଙ୍କ ମୁଖା ଖୋଲିଦେବାର ପ୍ରୟାସ । ପୁଣି ଗଳ୍ପର ୮ମ ଭାଗରେ ବଣିକ ସଂଘଦ୍ୱାରା ପରିଚାଳିତ ଅନ୍ନଛତ୍ର ସମ୍ପର୍କରେ କୁହାଯାଇଛି, "ସେହିପରି ଛତ୍ରରେ ସବୁ ଜଞ୍ଜାଳ ମଧ୍ୟରେ କର୍ମକର୍ତ୍ତାଙ୍କର ମାତ୍ର ଏକରକମ ଭାବନା, କିପରି ରେଲଡବାକୁ ଚାଉଳବସ୍ତା ଯୋଗେଇବେ ।" ଆହୁରି ପୁଣି ୯ମ ଭାଗରେ ଡାକ୍ତର ଅନ୍ନଛତ୍ରର ଜଣେ କର୍ମଚାରୀଙ୍କୁ କହିଛନ୍ତି, "ନ ମରି ବଞ୍ଚିବାର ଉପାୟ କଣ ଏଇ ? ଜାତିଟାକୁ ବଞ୍ଚାଇବାକୁ ଚାହାନ୍ତି ତ, ଧାନଚାଉଳ ରପ୍ତାନୀ ବନ୍ଦ କରନ୍ତୁ । ଏ ମହାଜନମାନେ ଖାଲି ନିଜ ନିଜର ଭଣ୍ଡାର ବଢ଼ାଇବାରେ ଲାଗିଚନ୍ତି, ଆଉ କିଛି

Digitized by srujanika@gmail.com

ଦେଖୁନାହାନ୍ତି । ଶୁଖିଲାରେ ବାଲିଆ ପିଟୁଚନ୍ତି କି ନା । ସେମାନେ କାହିଁକି ବୁଝିବେ, କିଏ ମଲା କିଏ ଜିଇଲା ?" ତାର ଉତ୍ତରରେ କର୍ମଚାରୀ କହିଛନ୍ତି, "ଏ ଅନ୍ନଛତ୍ରଟା ଖାଲି ଗୋଟାଏ ଲୋକଦେଖାଣିଆ କାରଖାନା ସିନା !"

ମୋଟ ଉପରେ ଗଳ୍ପଟିରେ ଏକ ଦିଗରେ ରହିଛି, ଓଡ଼ିଶାର ତତ୍କାଳୀନ ବାସ୍ତବ ସମସ୍ୟା ସମ୍ପର୍କରେ ଅତୀବ ସଚେତନତା । ବାସ୍ତବ ସମସ୍ୟା ବା ଦୁର୍ଭିକ୍ଷର ପ୍ରକୃତ କାରଣ ଥିଲେ, ପ୍ରାଦେଶିକ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଥିବା କେନ୍ଦ୍ର ସରକାର, ପ୍ରକୃତ ଅଭାବ ନ ଥିଲେ ମଧ୍ୟ ବଙ୍ଗ ପ୍ରଦେଶକୁ ଖାଦ୍ୟଶସ୍ୟ ଚାଲାଣ କରୁଥିବା ଲାଭଖୋର ବ୍ୟବସାୟୀମାନେ, ଦିଲ୍ଲୀରେ ପ୍ରଶଂସା ପ୍ରତ୍ୟାଶୀ ଓଡ଼ିଶାର କୌଣସି ମନ୍ତ୍ରୀ ଓ ରାଜନୀତିକ ସୁବିଧାବାଦୀମାନେ । ଗଳ୍ପଟିର ଅନ୍ୟ ଦିଗରେ ଅଛି, କରାଳ ମୁଖ ବ୍ୟାଦାନ କରିଥିବା ଦୁର୍ଭିକ୍ଷ ହାଡୁ ନାୟକର ସ୍ତ୍ରୀ ସୀତାକୁ ଓ ପୁତ୍ର ବୁଧିଆକୁ ଗ୍ରାସ କରିଥିବାର ଜୀବନ୍ତ ତଥା କରୁଣ ରସସିକ୍ତ ଚିତ୍ର ।

କରୁଣ ରସସିକ୍ତ 'ସେବତୀର ଶବ' ଗଳ୍ପଟିର ପୃଷ୍ଠଭୂମିରେ ସେଇ ୧୯୪୩ର ଦୁର୍ଭିକ୍ଷଜନିତ ଜୀବନହାନୀର ବାସ୍ତବ ଚିତ୍ର ସହ ଓଡ଼ିଶାରୁ ବଙ୍ଗ ପ୍ରଦେଶକୁ ଚାଉଳ ରପ୍ତାନୀ, ଓଡ଼ିଶାରେ ତଜ୍ଜନିତ ଜୀବନହାନି ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ବର୍ମା ଆକ୍ରମଣର ଚିତ୍ର ବି ଦିଆଯାଇଛି । ସେଇ ଗଳ୍ପରେ ଗାଳ୍ପିକ ଦୁର୍ଭିକ୍ଷକୁ କେନ୍ଦ୍ର କରି ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପର୍କରେ ନିଜର କୌଣସି ଉତ୍ତର ବା ସ୍ୱତନ୍ତ୍ର ବକ୍ତବ୍ୟ ଅବଶ୍ୟ ରଖି ନାହାନ୍ତି; ତେବେ ତାର ପ୍ରକୃତ କାରଣକୁ ବ୍ୟଞ୍ଜନାତ୍ମକ ତଥା ବିଦ୍ରୂପାତ୍ମକ ଭାବରେ ସୂଚାଇ ଦେଇଛନ୍ତି । "୧୯୪୩ ମସିହାର ଶରତ କାଳଟାଯାକ ଯମ ଦେବତା ଓଡ଼ିଶାର ଉପକୂଳ ଅଞ୍ଚଳମାନଙ୍କରେ କର ସଂଗ୍ରହରେ ଲାଗିଛନ୍ତି । ଖାଦ୍ୟ ଅଭାବରେ ଶହ ଶହ ଲୋକ ମରୁଛନ୍ତି । ... ... ଯେଉଁଠାରେ ଦରିଦ୍ର ଲୋକେ ଖାଇବାକୁ ପାଆନ୍ତି ନାହିଁ, ଜର ହଇଜା ଆଦି ମହାମାରୀମାନଙ୍କର ଆବିର୍ଭାବ ସେହିଠାରେ ହିଁ ହୋଇଥାଏ; ଏମାନଙ୍କ ଭଳି ଦୁର୍ଭିକ୍ଷର ଅନ୍ତରଙ୍ଗ ବନ୍ଧୁ ଆଉ କେହି ନୁହନ୍ତି । ଚିତ୍ରଗୁପ୍ତଙ୍କ ପାଖେ କଣ କରୁଥିବେ କେଜାଣି, ସରକାରୀ କାଗଜପତ୍ର ତିଆରି କରିବା କର୍ମଚାରୀଙ୍କ ଆଗେ ଦୁର୍ଭିକ୍ଷକୁ ପଛରେ ପକାଇଦେଇ, ଏହିମାନେ ଯାଇ ଠିଆହୋଇଯାନ୍ତି । ତେଣୁ ସରକାରୀ ଅଦାଲତର ବିଚାରରେ ଅପରାଧୀ ହୁଅନ୍ତି ଏହିମାନେ; ଦୁର୍ଭିକ୍ଷ ସୁନା ପୁଅ ହୋଇ ଖସିଯାଏ ।" ଆହୁରି ମଧ୍ୟ, "୧୯୪୩ ମସିହା ଶରତ ଋତୁର ଦୁଇ ମାସ କାଳ ଓଡ଼ିଶାରେ ଜର, ହଇଜା, ଆମାଶୟ, ହୃଦରୋଗ ପ୍ରତିଦିନ ପଞ୍ଚାକୁ ପଞ୍ଚା ଲୋକ ବୋହିନେବାରେ ଲାଗିଲେ । ଖାଦ୍ୟର ଅଭାବ ସରକାରୀ ଦୃଷ୍ଟିରେ ପଡ଼ିପାରିଲା ନାହିଁ । ଅତଏବ ପୁରପଲ୍ଲୀ ସବୁଆଡୁ ଧାନଚାଉଳ ଆଦି ଛଣାହୋଇ

Digitized by srujanika@gmail.com

ବାହାରକୁ ଚାଲିଯିବାରେ ଲାଗିଲା ।" ମୋଟଉପରେ ସରକାରୀ ରିପୋର୍ଟରେ ବିଭିନ୍ନ ରୋଗକୁ ପ୍ରାଣହାନିର କାରଣ ବୋଲି ଦର୍ଶାଯାଇଥିଲେ ମଧ୍ୟ ତା ପ୍ରକୃତରେ ଅନ୍ନାଭାବଜନିତ ବୋଲି ଗାଳ୍ପିକ ପଣ୍ଡିତ ଗୋଦାବରୀଶ ସଚେତନ ବି ଥିଲେ ।

ଏ ଗଳ୍ପରେ ସେ ଆଙ୍କିଥିବା ଦୁର୍ଭିକ୍ଷର ଲୋମହର୍ଷକ ଚିତ୍ରର କିଛି ହେଉଛି, "ଖାଦ୍ୟ ଅଭାବରେ ଶହ ଶହ ଲୋକ ମରୁଛନ୍ତି । କିଏ କେଉଁଠାରେ ଢଳି ପଡୁଛି । ଯିଏ ଯେଉଁଠାରେ ପଡୁଛି, ପଡ଼ିରହୁଛି । ସହରମାନଙ୍କରେ ଅବଶ୍ୟ ମେହେନ୍ତର ଦିନକେ ଥରେ ଉଠାଇ ନେଉଛନ୍ତି; କିନ୍ତୁ ମଫସଲ ଅଞ୍ଚଳରେ ସର୍ବତ୍ର ମଡ଼ା ପଡ଼ିରହି ସଢୁଛନ୍ତି । କେଉଁଠାରେ ମୁଣ୍ଡ ଗଡୁଛି, କେଉଁଠାରେ କଙ୍କାଳ ପଡ଼ିଛି, କେଉଁଠାରେ ଅବା କୁକୁର ବିଲୁଆ ନରମାଂସ ଖାଇବା ଲାଗି ନିଜ ନିଜ ମଧ୍ୟରେ କଳି କରି ଆକାଶ ଫଟାଉଛନ୍ତି । ପୁଣି ଆଉ କେଉଁଠାରେ ଶାଗୁଣା ପଲ ବେଢ଼ିରହୁଛନ୍ତି ।"

ପୁଣି 'ଅନ୍ନଛତ୍ର' ଗଳ୍ପ ପରି 'ସେବତୀର ଶବ' ଗଳ୍ପରେ ବି ରହିଛି ଦୁର୍ଭିକ୍ଷ ପ୍ରପୀଡ଼ିତ ବୁଭୁକ୍ଷୁ ଜନତାଙ୍କର ଆର୍ତ୍ତନାଦ ଅଥବା କୁଢ଼ କୁଢ଼ ମଡ଼ା ଭିତରେ ବି ବଙ୍ଗକୁ ପର୍ଚେଜିଂ ଏଜେଣ୍ଟ ବା ଚାଉଳ ରପ୍ତାନୀର ଅନୁମତି ପ୍ରାପ୍ତ ଜଣେ ବ୍ୟବସାୟୀ ବାଲେଶ୍ୱର ସହରର ଏକ ଚାଉଳ କାରଖାନାରେ ଯେପରି ବାବୁଭାୟା ଓ ଧୋବଧାଉଳିଆଙ୍କୁ ଭୂରି ଭୋଜନରେ ଆପ୍ୟାୟିତ କରୁଥିଲେ ତାହା ପ୍ରତି ତୀବ୍ର କଟାକ୍ଷ । ଏଥିରେ ବି ଫୁଟିଉଠିଛି, ଓଡ଼ିଶାର ତତ୍କାଳୀନ ବାସ୍ତବ ଦୁଃଖଦ ଅବସ୍ଥା ସମ୍ପର୍କରେ ଅତୀବ ସଚେତନତା ତଥା ଦୁର୍ଭିକ୍ଷ ପ୍ରପୀଡ଼ିତ ବୁଭୁକ୍ଷୁ ଜନତା ପ୍ରତି ଗାଳ୍ପିକଙ୍କ କରୁଣାର୍ଦ୍ର ହୃଦୟର ମମତ୍ୱବୋଧ ।

ମୋଟ ଉପରେ ଏହିପରି ଦୁଇଟି ଗଳ୍ପ ମାଧ୍ୟମରେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଉତ୍ତରକୁ ବା ବକ୍ତବ୍ୟକୁ ବାଦ୍ ଦେଲେ ବି ଓଡ଼ିଶାରେ ସେତେବେଳେ ହୋଇଥିବା ଦୁର୍ଭିକ୍ଷଜନିତ ଜୀବନହାନୀର କରୁଣ ଚିତ୍ର ଆଙ୍କିଥିବା ଓ ତାର ପ୍ରକୃତ କାରଣ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେବାରେ ଅକୁଣ୍ଠିତ ଲେଖକ ପଣ୍ଡିତ ଗୋଦାବରୀଶ ନିଜେ ଜଣେ ଖଳ-ନାୟକ ସାଜି ଓ କେବଳ ଉତ୍କୋଚ ବିନିମୟରେ ଦୁର୍ଭିକ୍ଷର କାରଣ ହୋଇଥିବେ ବୋଲି ମନ ସହଜରେ କହେ ନାହିଁ ।

ପଣ୍ଡିତ ଗୋଦାବରୀଶ ଦୁର୍ଭିକ୍ଷ ସମୟରେ ଉତ୍କୋଚ ନେଇ ଫ୍ରି-ଟ୍ରେଡ ଲାଇସେନ୍‌ସ ଦେଇଥିବାର ଅଭିଯୋଗ କରିଥିଲେ ପଣ୍ଡିତ ନୀଳକଣ୍ଠ ତାଙ୍କ 'ନବଭାରତ' ପୃଷ୍ଠାରେ । ଏବେ ସେ ଅଭିଯୋଗର ଜବାବ ଦେଲେ ପଣ୍ଡିତ ଗୋଦାବରୀଶ ତାହାକୁ ସ୍ୱଭାବ ସୁଲଭ ଭାବରେ ରସସିକ୍ତ କରି ବ୍ୟଞ୍ଜନା ମାଧ୍ୟମରେ ଓ ତା ସହ ପ୍ରତି-ଅଭିଯୋଗର ମିଶ୍ରଣ କରି, ତାଙ୍କ ଗଳ୍ପ 'ପୁଆଣିଘର'ରେ । (ସାମାନ୍ୟ ଅବାନ୍ତର ହେଲେ ହେଁ, ଏଠାରେ

Digitized by srujanika@gmail.com

କହିଦେବାର କଥା ଏହା ଏକ ଆତ୍ମଜୀବନୀମୂଳକ ଗଳ୍ପ, ଯଦିଓ ପଣ୍ଡିତ ଗୋଦାବରୀଶଙ୍କ ପୁତ୍ର ଓ 'ଗୋଦାବରୀଶ ଗ୍ରନ୍ଥାବଳୀ'ର ସଙ୍କଳକ ରଘୁନାଥ ମିଶ୍ର, ତାର 'ସୂଚନା'ରେ ଏହି ଗଳ୍ପ ଅଥବା ଗଳ୍ପ-ସଙ୍କଳନ ସମ୍ପର୍କରେ, ବିଭ୍ରାନ୍ତିକର ମନ୍ତବ୍ୟ ଦେଇ କହନ୍ତି, "ଏ ନବଯୁଗରେ ସାମାଜିକ ରଚି କିପରି ଶିଷ୍ଟ, ସମୀଚୀନ ଓ ପରିମାର୍ଜିତ ରହିପାରିବ ତାର ସୂଚନା ଗଳ୍ପ ମାଧ୍ୟମରେ ପୁଆଣୀଘର ଦେଇଛି ।" ପ୍ରକୃତରେ ଏଇ ଗଳ୍ପବର୍ଣ୍ଣିତ କେତେକ ବିଷୟ ଓ ଏପରିକି ଏହାର ଭାଷା ସହ ତାଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ'ର କେତେକ ଅଂଶ ବିଶେଷର ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । କେତୋଟି ଉଦାହରଣ ଦିଆଯାଉ । 'ପୁଆଣିଘର'ର ନୀଳାମ୍ବର ଚରିତ୍ର ପଛରେ ଆତ୍ମଗୋପନ କରିଛନ୍ତି ପଣ୍ଡିତ ନୀଳକଣ୍ଠ; ଉଭୟ ନାମରେ ଥିବା 'ନୀଳ' ଶବ୍ଦ ତାତ୍ପର୍ଯ୍ୟପୂର୍ଣ୍ଣ । ସେହିପରି ଗଙ୍ଗାଧର ଚରିତ୍ର ପଛରେ ଆତ୍ମଗୋପନ କରିଛନ୍ତି ନିଜେ ଗୋଦାବରୀଶ; ଉଭୟ ନାମରେ ଭାରତର ଦୁଇ ପ୍ରଧାନ ନଦୀର ନାମ ହିଁ ରହିଛି । ତା ବ୍ୟତୀତ ନୀଳାମ୍ବରଙ୍କ ମାଛ ଖାଇବାରେ ପ୍ରବଳ ଆଗ୍ରହ ଓ ତାଙ୍କ ଲମ୍ବା ଦାଢ଼ିର ସୂଚନା ମାଧ୍ୟମରେ ବି ପଣ୍ଡିତ ନୀଳକଣ୍ଠ ସ୍ପଷ୍ଟ ବାରିହୋଇପଡ଼ନ୍ତି । ପୁଣି ଗୋଦାବରୀଶଙ୍କ ଆତ୍ମଜୀବନୀର ୨୬ତମ 'କିଏ କଣ ?' ପରିଚ୍ଛେଦରେ ବର୍ଣ୍ଣିତ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶଙ୍କ ମଧ୍ୟରେ ଥିବା ସମ୍ପର୍କର ବିବରଣୀ ତଥା 'ପୁଆଣିଘର'ର ୨ୟ ଭାଗରେ ବର୍ଣ୍ଣିତ ନୀଳାମ୍ବର ଓ ଗଙ୍ଗାଧରଙ୍କ ମଧ୍ୟରେ ଥିବା ସମ୍ପର୍କର ବିବରଣୀ ମଧ୍ୟରେ ବିଶେଷ ସାମ୍ୟ ପରିଲକ୍ଷିତ ହୁଏ । ସେହିପରି ଆତ୍ମଜୀବନୀର ୨୮ତମ 'ସତ୍ୟବାଦୀ ଜୀବନରେ ସନ୍ଧ୍ୟା' ପରିଚ୍ଛେଦରେ ବର୍ଣ୍ଣିତ ତାଙ୍କ ପି.ଆର୍.ଏସ୍. ବୃତ୍ତିପାଇଁ ପ୍ରବନ୍ଧ ଲେଖା ଘଟଣାଟି 'ପୁଆଣିଘର'ରେ 'ଦ୍ରୌପଦୀ ବିବାହ' ନାଟକ ଲେଖା ଘଟଣାରେ ରୂପାନ୍ତରିତ ହୋଇଛି ମାତ୍ର । ସେ ପ୍ରସଙ୍ଗରେ ଆତ୍ମଜୀବନୀରେ ଗୋଦାବରୀଶଙ୍କୁ ନୀଳକଣ୍ଠଙ୍କ ଷଡ଼ଯନ୍ତ୍ରର ସୂଚନା ରାମଚନ୍ଦ୍ର ଦେଇଥିବା ସମୟରେ 'ପୁଆଣିଘର'ରେ ନୀଳାମ୍ବରଙ୍କ ଷଡ଼ଯନ୍ତ୍ରର ସୂଚନା ଦେଇଛନ୍ତି ଲକ୍ଷ୍ମଣ, ରାମାୟଣର ରାମଚନ୍ଦ୍ରଙ୍କ କନିଷ୍ଠ ଭ୍ରାତା ।)

ପଣ୍ଡିତ ଗୋଦାବରୀଶଙ୍କ ଆତ୍ମଜୀବନୀ ଅସମାପ୍ତ ରହିଥିବାରୁ ସେଥିରେ ସେ ମନ୍ତ୍ରୀ ଥିବା ସମୟର ବିବରଣ ନ ଥିବା ସମୟରେ 'ପୁଆଣିଘର'ରେ ତା' ସ୍ଥାନ ପାଇଛି, କିନ୍ତୁ ଗଳ୍ପ ଛଳରେ ବା ଗଳ୍ପ ମାଧ୍ୟମରେ । ପ୍ରକୃତରେ ପଣ୍ଡିତ ଗୋଦାବରୀଶ ମନ୍ତ୍ରୀ ଥିବା ସମୟରେ ତାଙ୍କ ସହ ପଣ୍ଡିତ ନୀଳକଣ୍ଠଙ୍କ ସମ୍ପର୍କକୁ କେନ୍ଦ୍ର କରି ହିଁ ଏ ଗଳ୍ପ ରଚିତ । ସେଥିରେ ପଣ୍ଡିତ ଗୋଦାବରୀଶଙ୍କୁ ଦୋଷମୁକ୍ତ କରାଯାଇ ସେ ଉତ୍କୋଚ ଆଦୌ ନେଉ ନଥିବାର କୁହାଯାଇଛି, ଗଳ୍ପର ଗଙ୍ଗାଧର ଚରିତ୍ରଙ୍କୁ ଉଦ୍ଦେଶ୍ୟ କରି ଗଳ୍ପର ଅନ୍ୟତମ

Digitized by srujanika@gmail.com

ଚରିତ୍ର ଧଡ଼ି ନାୟକର, "ବାବୁ ଟଙ୍କା ଟୋକର କଥା ଉଠେଇଲେ । ହଜୁର ତ ଟଙ୍କାପଇସା ଛୁଇଁମା ଲୋକ ବେକ୍ତି ନୁହଁନ୍ତି ।" ଉକ୍ତି ମଧ୍ୟରେ । ଅନ୍ୟ ପକ୍ଷରେ ସେ ଗଳ୍ପରେ ପଣ୍ଡିତ ଗୋଦାବରୀଶଙ୍କ ନାମରେ ପଣ୍ଡିତ ନୀଳକଣ୍ଠ ହିଁ ଉତ୍କୋଚ ନେବାର ଉଦ୍ୟମ କରିଥିବା କିନ୍ତୁ ପଣ୍ଡିତ ଗୋଦାବରୀଶ ତାର ସଫଳ 'ପ୍ରତିରୋଧ' କରିପାରିଥିବା ସୂଚିତ । ଅବଶ୍ୟ ଉଭୟ ପଣ୍ଡିତଙ୍କ ମଧ୍ୟରେ ଏତେବେଳକୁ ଥିବା ସମସ୍ତ ତିକ୍ତତା ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ପଣ୍ଡିତ ଗୋଦାବରୀଶଙ୍କର ତଥାପି ଥିବା ଶ୍ରଦ୍ଧା ବା ସମ୍ମାନବୋଧ ହେତୁ ପରିଶେଷରେ ନୀଳକଣ୍ଠ ଉତ୍କୋଚ ନେବାର ଉଦ୍ୟମ ସତ୍ତ୍ୱେ ପ୍ରକୃତରେ ସେ ତା ନେଇପାରିନଥିବାର ସୂଚନା ମଧ୍ୟରେ ଗଳ୍ପ ତାର ଶେଷ ପରିଣତି ଆଡ଼କୁ ଆଗେଇ ଚାଲିଛି । ପୂର୍ବେ ଉଦ୍ଧୃତ ଚିନ୍ତାମଣି ମିଶ୍ରଙ୍କ ଉକ୍ତିରେ ତାହାର ସୂଚନା ବି ଗର୍ଭିତ । ଗଳ୍ପଟିରେ ସେହି ଦୁର୍ଭିକ୍ଷ ସମ୍ପର୍କରେ ପ୍ରତ୍ୟକ୍ଷରେ କିଛି କୁହାଯାଇନଥିଲେ ବି ତାର ବ୍ୟଞ୍ଜନା ରହିଛି ବୋଲି ମନେ ହୁଏ । ଏ ଗଳ୍ପରେ ଭୂଷଣ୍ଡପୁର ସମ୍ପର୍କରେ କୁହାଯାଇଛି, "ଦଶସହସ୍ରାଧିକ ବର୍ଗମାଇଲ ପରିମିତ ଭୂଭାଗର ସମଗ୍ର ଆମଦାନି ଓ ରପ୍ତାନି ନିମନ୍ତେ ତାହା ହିଁ ଚିଲିକାର ଉତ୍ତର ଉପକୂଳରେ ଏକମାତ୍ର ବନ୍ଦର ଥିଲା କହିଲେ ଚଳେ ।" ଏ ଉକ୍ତି ମଧ୍ୟରେ କଥିତ ସମୟର ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳରେ ଥିବା ବାଲେଶ୍ୱର ବନ୍ଦରର ସୂଚନା ଦିଆଯାଇଛି କି ନାହିଁ, ତା ଅଧିକ ଗବେଷଣାସାପେକ୍ଷ । ତେବେ ଗଳ୍ପର ୧ମ ଭାଗ ଶେଷରେ ଗଙ୍ଗାଧର ନୀଳାମ୍ବରଙ୍କୁ କରିଥିବା ପ୍ରଶ୍ନ, "... ରହିଲ କୁଠେଇ, ବଙ୍ଗଳାରେ ?" ଓ ନୀଳାମ୍ବରଙ୍କ ଉତ୍ତର, "ନାଇଁ, ଓଡ଼ିଶାରେ । ... ଶୁଅ ଶୁଅ ! .. ନୋହିଲେ ବିହାର, ମାନ୍ଦ୍ରାଜ କେତେ କାଢ଼ିବ ।" ମଧ୍ୟରେ ବଙ୍ଗକୁ ଚାଉଳ ରପ୍ତାନୀର ବ୍ୟଞ୍ଜନା ଅଛି ବୋଲି ମନେହୁଏ । ସେହିପରି ଗଳ୍ପରେ ଥିବା କଲିକତାର ଯୋଗେନ୍ଦ୍ରନାଥ ଦତ୍ତ ଓ ମହେନ୍ଦ୍ରନାଥ ଦତ୍ତ ଚରିତ୍ରଦ୍ୱୟ ମଧ୍ୟରେ କଲିକତାର ମିର୍ଜା ଅହମଦ୍ ଇସ୍ଫାହାନୀ ଓ ତାଙ୍କର କନିଷ୍ଠ ଭ୍ରାତା ହାଜୀ ମିର୍ଜା ଇସ୍ଫାହାନୀ ଭ୍ରାତୃଯୁଗଳ ଆତ୍ମଗୋପନ କରିଛନ୍ତି କି ନାହିଁ ତଥା ଓଡ଼ିଶାରୁ କଲିକତାକୁ ତାଙ୍କର ଧାନଚାଉଳ ଚାଲାଣ ବି ଚିଲିକାରୁ ମାଛ ଚାଲାଣରେ ରୂପାନ୍ତରିତ ହୋଇଛି କି ନାହିଁ ଓ ଶେଷରେ ଇସ୍ଫାହାନୀଙ୍କଦ୍ୱାରା କଲିକତାକୁ ଧାନଚାଉଳ ଚାଲାଣଦ୍ୱାରା ଉଦ୍ଦେଶ୍ୟମୂଳକ ନ ହୋଇଥିଲେ ବି ଓଡ଼ିଶାରେ ହୋଇଥିବା ଅନ୍ନାଭାବ ଜନିତ ହଜାର ହଜାର ଲୋକଙ୍କ ମୃତ୍ୟୁ ଆଦି ମହେନ୍ଦ୍ରନାଥ ଦତ୍ତର ମାଡ଼ରେ ଉଦ୍ଦେଶ୍ୟମୂଳକ ନ ହୋଇ ବି ଜଣେ କେଉଟର ମୃତ୍ୟୁରେ ରୂପାନ୍ତରିତ ହୋଇଛି କି ନାହିଁ ଆଦି ପ୍ରଶ୍ନର ଉତ୍ତର ଭବିଷ୍ୟତ ଗବେଷଣାର ଅପେକ୍ଷା ରଖେ । ଗଳ୍ପର ୫ମ ଭାଗର ଶେଷରେ ନୀଳାମ୍ବରଙ୍କ, "ମୁଁ କଣ ନେବି ? ଆମର ଗୋଟାଏ ପାଣ୍ଠି ଅଛି ।

Digitized by srujanika@gmail.com

ଗଙ୍ଗାଧର ଦାସ ତାର କୋଷାଧ୍ୟକ୍ଷ । ଟଙ୍କାଟା ସେଇ ପାଣ୍ଠିକି ଚାଲିଯିବ ।" ଉକ୍ତି 'ପରକଲମ'ର ୩ୟ ଅଙ୍କ, ୪ର୍ଥ ଦୃଶ୍ୟରେ ରାଜେନ୍ଦ୍ରଙ୍କ ପ୍ରତି ଆଚାର୍ଯ୍ୟଙ୍କର, "ଇସମାଇଲ ଖାଁ'ଠାରୁ ମୁଁ ଟଙ୍କା ଆଣିଚି ସତ, କିନ୍ତୁ ତମ ପରି ନିର୍ବୋଧ ଏ କଥା କିପରି ବୁଝିବ ଯେ, ଏ ଟଙ୍କା ମୁଁ ଆଣିଚି ଆମ ଦଳକୁ ବଞ୍ଚାଇରଖିବାପାଇଁ ।" ଉକ୍ତି ସ୍ମରଣ କରାଇଦିଏ । ମୋଟ ଉପରେ ଗଳ୍ପଟିରେ ସେ ସମୟର ଦୁଇ ପଣ୍ଡିତଙ୍କ ମଧ୍ୟରେ ଥିବା ତିକ୍ତତାର ସ୍ପଷ୍ଟ ପ୍ରତିଫଳନ ରହିଛି ।

(୩.୩). ଦୁଇ ପଣ୍ଡିତଙ୍କ ମଧ୍ୟରେ ଏପରି ତିକ୍ତତା ଉପୁଜିବା ଫଳରେ ହିଁ ପାରଳା ମନ୍ତ୍ରୀମଣ୍ଡଳର ପତନ ହୋଇଥିଲା । ୧୯୪୬ର ନିର୍ବାଚନରେ ଦୁଇ ପଣ୍ଡିତ କୌଣସି ଆସନରୁ ପ୍ରାର୍ଥୀ ହୋଇ ନ ଥିଲେ । ୧୯୪୬ରୁ ୧୯୫୧ ପର୍ଯ୍ୟନ୍ତ ଦୁଇ ପଣ୍ଡିତ ରାଜନୀତି ଛାଡ଼ି ସାହିତ୍ୟ ସେବାରେ ମନୋନିବେଶ କରି ନିଜ ନିଜର ଭାବମୂର୍ତ୍ତିର ପୂର୍ବ ଔଜଲ୍ୟ ଫେରାଇ ଆଣିବାରେ କିଛି ପରିମାଣରେ ସଫଳ ବି ହୋଇଥିଲେ । ତା ପରେ ୧୯୫୧ରେ ଦୁଇ ପଣ୍ଡିତ ପୁଣି ଥରେ ଅତୀତର ତିକ୍ତତା ଭୁଲି ପରସ୍ପର ସହ ହାତ ମିଳାଇଲେ ଓ ସ୍ୱାଧୀନ ଜନସଂଘ ନାମକ ଏକ ଦଳ ଗଠନ କରି ବିଧାନସଭାକୁ ନିର୍ବାଚିତ ହେଲେ । କିନ୍ତୁ ଅଳ୍ପ ଦିନ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ପୁଣି ଥରେ କଂଗ୍ରେସରେ ଯୋଗଦାନ କରିଥିବାବେଳେ ପଣ୍ଡିତ ଗୋଦାବରୀଶ କିନ୍ତୁ ଗଣତନ୍ତ୍ର ପରିଷଦରେ ଯୋଗଦାନ କରିଥିଲେ । ତେବେ ସେ ସବୁ ଭିନ୍ନ ବିଷୟ ଓ ଏଠାରେ ଅବାନ୍ତର ।

(୪)

(୪.୧). ଉଭୟ 'ଭାତ' ଓ 'ପରକଲମ' ନାଟକଦ୍ୱୟର ମଧ୍ୟରେ ଥିବା ପୃଷ୍ଠଭୂମିଗତ ଯୋଗସୂତ୍ର ଉପରେ ଏପରି ବିସ୍ତାରିତ ଆଲୋଚନା ପରେ ବର୍ତ୍ତମାନ ଆମେ ପୁଣି ସେଇ ନାଟକ ଦୁଇଟି ନିକଟକୁ ଫେରିଆସି ସଫଳ ସାହିତ୍ୟକୃତି ଭାବରେ ସେ ଦୁଇଟି ଉପରେ କିଞ୍ଚିତ ଆଲୋକପାତ କରିବା । ଦୁଇଟିଯାକ ହିଁ ପାରମ୍ପରିକ ନାଟକ । ଅନ୍ୟ ସମାଲୋଚକମାନେ ଯାହା କହନ୍ତୁ ନା କାହିଁକି, ମୋର ବିନୀତ ମତରେ ନିଛକ ସାହିତ୍ୟ ଦୃଷ୍ଟିରୁ ବିଚାର କଲେ 'ଭାତ'ରେ ଜମିଦାର ଓ 'ପରକଲମ'ରେ ଆଚାର୍ଯ୍ୟ ଚରିତ୍ର ହିଁ ମୁଖ୍ୟ ଚରିତ୍ର (protagonist) । ଅନ୍ୟ ଚରିତ୍ରମାନେ (ଯଥା 'ଭାତ'ରେ ଜୟୀ ଓ ରମା ତଥା ବିଜୟା ଓ ଅନନ୍ତ ଚରିତ୍ର, 'ପରକଲମ'ରେ ରାଜେନ୍ଦ୍ର ଓ ଗୀତା ଚରିତ୍ର ଆଦି) ସେମାନଙ୍କ ଛାୟା ତଳେ ଆଶ୍ରିତ ଓ ପରିବର୍ଦ୍ଧିତ ତଥା ସେ ଦୁଇଟି ଚରିତ୍ରକୁ କେନ୍ଦ୍ର କରି ତାଙ୍କରି ଚାରି କଡ଼ରେ ହିଁ ଘୂରିବୁଲୁଛନ୍ତି; ସେମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ ଥିଲେ

Digitized by srujanika@gmail.com

ମଧ୍ୟ ଉଭୟ ନାଟକର ବିଷୟ-ବିନ୍ୟାସରେ ସେମାନେ ଏଇ ଦୁଇଟି ମୁଖ୍ୟ ଚରିତ୍ର ଉପରେ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ । ତାର କାରଣ ଏ ଦୁଇଟି ଚରିତ୍ର ହିଁ ନାଟକର ବିଷୟ-ବିନ୍ୟାସରେ ଘଟଣା ପ୍ରବାହକୁ ନିୟନ୍ତ୍ରଣ କରିଛନ୍ତି । ସେଥିରେ ପୁଣି, 'ପରକଲମ'ରେ ରାଜେନ୍ଦ୍ର ଓ ଗୀତା ଚରିତ୍ର ଅପେକ୍ଷା ମନ୍ଦର ମହାନ୍ତି, ମୁକୁନ୍ଦ ଓ ରାଧୁ ପାଣି ପରି ଅନ୍ୟ ଗୌଣ-ଚରିତ୍ରଗୁଡ଼ିକର ଚିତ୍ରଣରେ ନାଟ୍ୟକାର ଅଧିକ ଦକ୍ଷତା ଦେଖାଇଥିବାରୁ ସେଗୁଡ଼ିକର ଔଜ୍ଜ୍ୱଲ୍ୟ ନିକଟରେ ରାଜେନ୍ଦ୍ର ଓ ଗୀତା ଚରିତ୍ର ନିଷ୍ପ୍ରଭ ଦେଖାଯାଆନ୍ତି । ଆହୁରି ପୁଣି ଉଭୟ ନାଟକରେ ପୃଷ୍ଠଭୂମି ବ୍ୟତୀତ ଉଭୟ ନାଟକର ମୁଖ୍ୟ-ଚରିତ୍ର ଦୁଇଟି ବି ହୁଏତ ସୂଚନାତ୍ମକ ଅଥବା ସ୍ପଷ୍ଟ ଭାବରେ ସେ ସମୟରେ ହୋଇଥିବା ଅନ୍ନାଭାବ ଓ ଦୁର୍ଭିକ୍ଷର କାରଣ ରୂପେ ହିଁ ପରିକଳ୍ପିତ । ତେଣୁ ନିଛକ ସାହିତ୍ୟିକ ଦୃଷ୍ଟିକୋଣରୁ ମଧ୍ୟ ଉଭୟଙ୍କ ମଧ୍ୟରେ ରହିଛି ନିବିଡ଼ ଯୋଗସୂତ୍ର । (ଅବଶ୍ୟ 'ଭାତ' ଓ 'ପରକଲମ'ରେ ଅନ୍ନାଭାବ ଓ ଦୁର୍ଭିକ୍ଷର ଭିନ୍ନ ଭିନ୍ନ କାରଣ ଦିଆଯାଇଛି ।)

'ଭାତ'ରେ ଜମିଦାରଙ୍କୁ ଦୁର୍ଭିକ୍ଷର କାରଣ ବୋଲି ସେତେ ସ୍ପଷ୍ଟ ଭାବରେ କୁହାଯାଇ ନ ଥିଲେ ହେଁ, ପରୋକ୍ଷରେ ତାର ସୂଚନା କିନ୍ତୁ ଦିଆଯାଇଛି । ତାର ପ୍ରମାଣ ହେଉଛି, ସେଥିରେ ଥିବା "ମରଣର ଚିତା ମନ୍ଥନ କରି ଅକାଳ ମଡ଼ାରେ ! ଉଠରେ ଚେଇଁ ..." (୪/୨) ପରି ଶକ୍ତିଶାଳୀ ସଙ୍ଗୀତ । ୧୯୪୩-୪୪ର ଦୁର୍ଭିକ୍ଷର କାରଣ କିନ୍ତୁ ଠିକ୍ ତା ନ ଥିଲା । ପ୍ରକୃତରେ ଜମିଦାର ଦୁର୍ଭିକ୍ଷର କାରଣ ହୋଇନପାରନ୍ତି । ତେଣୁ ନାଟ୍ୟକାର ଅସଲ କାରଣର ସୂଚନା ବି କରିନାହାଁନ୍ତି । କେବଳ ପ୍ରଜାମାନଙ୍କୁ ସାହାଯ୍ୟ କରିବାର ଓ ଦୁର୍ଭିକ୍ଷ ନିରାକରଣର ଶକ୍ତି ଜମିଦାରଙ୍କର ଥିଲା, ତା ପୁଣି ସୀମିତ ଭାବରେ, ହୁଏତ ମାତ୍ର ନିର୍ଦ୍ଦିଷ୍ଟ ଏକ ଜମିଦାରୀର ସୀମାସରହଦ ମଧ୍ୟରେ । 'ଭାତ'ରେ ଅବଶ୍ୟ ନାଟକର ପ୍ରାୟ ଶେଷ ପର୍ଯ୍ୟନ୍ତ ଜମିଦାର ପ୍ରଜାମାନଙ୍କୁ ସାହାଯ୍ୟ କରିବା ତଥା ଦୁର୍ଭିକ୍ଷର ନିରାକରଣପାଇଁ ଆଦୌ କୌଣସି ଆଗ୍ରହ ଦେଖାଇ ନାହାଁନ୍ତି ଓ ସେଇ ଭୂମିକାରେ ହିଁ ପ୍ରତି-ଶକ୍ତି ସହ ତାଙ୍କର ସଂଘର୍ଷର ଅବତାରଣା କରାଯାଇ ତାଙ୍କୁ ମୁଖ୍ୟ-ଚରିତ୍ରର ଭୂମିକାରେ ଅବତୀର୍ଣ୍ଣ କରାଯାଇଛି । ଏହା ପଛରେ ସେ ସମୟର ଓଡ଼ିଶାରେ ବାମପନ୍ଥୀମାନଙ୍କ ସାମନ୍ତବାଦ-ବିରୋଧୀ ଭୂମିକାର ପ୍ରଭାବକୁ ସହଜରେ ଆବିଷ୍କାର କରାଯାଇପାରେ । ମନେ ରଖିବାପାଇଁ ହେବ ଯେ ସେତେବେଳେ ଓଡ଼ିଶାର ବାମପନ୍ଥୀମାନେ କେତେକ ପରିମାଣରେ ସୋଭିଏଟ୍ ରୁଷରେ ହୋଇଥିବା ବିପ୍ଳବର ପ୍ରଭାବରେ ତଥା କେତେକ ପରିମାଣରେ ସ୍ୱାଭାବିକ କାରଣରୁ ପୁଞ୍ଜିପତି-ବିରୋଧୀ ଭୂମିକା ଅପେକ୍ଷା ବହୁ ଅଧିକ ପରିମାଣରେ ସାମନ୍ତବାଦ-ବିରୋଧୀ ଭୂମିକାରେ ହିଁ

Digitized by srujanika@gmail.com

ଅବତୀର୍ଣ୍ଣ ହୋଇଥିଲେ । ତେଣୁ ଏ ନାଟକରେ ଜମିଦାରଙ୍କୁ ମୁଖ୍ୟ-ଚରିତ୍ର ଭୂମିକାରେ ଅବତୀର୍ଣ୍ଣ କରାଯାଇଥିବା ଭିତରେ ସେଥିରେ ଲାଗିଛି ବାମପନ୍ଥୀ ଚିନ୍ତାଧାରାର ସ୍ପର୍ଶ । ପୁଣି ତାର ସ୍ପଷ୍ଟ ପ୍ରତିଫଳନ ବି ରହିଛି, ସେଇ ପୂର୍ବୋକ୍ତ "ମରଣର ଚିତା ମନ୍ଥନ କରି ଅକାଳ ମଡ଼ାରେ! ..." ସଙ୍ଗୀତର, "ରାଜା ସାଉକାର ତୁମେ ତ ଗଢ଼ିଛ, ଘଡ଼ା ପୋତି ଆଜି ବସିଛି ଯିଏ," ପଙ୍‌କ୍ତି ଓ ବିଶେଷ ଭାବରେ ତା ପରେ ପରେ ଶ୍ରମିକଙ୍କୁ ଉଦ୍ଦେଶ୍ୟ କରି ହିଁ ଲିଖିତ, "ତୁମ କରଣୀରେ, ଚାରଣା ମୂଳରେ ଏଇ ଘର ଗଢ଼ା ମନେ କି ନାହିଁ?" ପଙ୍‌କ୍ତିଟିରେ । ସେହିପରି ଆଉ ଏକ ସଙ୍ଗୀତ "ଚାଲ ରେ, ଆଗେ ବଢ଼ି ଚାଲ.." (୪/୪)ର "ମୁଣ୍ଡ ଝାଳ ତୁଣ୍ଡେ ମାରି ଖଟୁ ତୁ ମୂଲିଆ, ଅରଜନ ଖାଏ ତୋର ଶେଠ ଗଉନ୍ତିଆ" ପଙ୍‌କ୍ତି ମଧ୍ୟରେ ବି ସେ ସମୟର ସେଇ ବାମପନ୍ଥୀ ସାମନ୍ତବାଦ-ବିରୋଧୀ ତଥା ପୁଞ୍ଜିପତି-ବିରୋଧୀ ଚିନ୍ତାଧାରାର ସ୍ପର୍ଶ ଲାଗିଛି । ସେ କାରଣରୁ ଏହି ନାଟକ ମାନବକୃତ ଦୁର୍ଭିକ୍ଷ-କୈନ୍ଦ୍ରିକ ବକ୍ତବ୍ୟ (message) ଆଧାରିତ ନ ହୋଇ ସାମନ୍ତବାଦ-ବିରୋଧୀ ତଥା ଅତି ସାମାନ୍ୟ ପରିମାଣରେ ହେଲେହେଁ, ପୁଞ୍ଜିପତି-ବିରୋଧୀ ବକ୍ତବ୍ୟ ଆଧାରିତ ହୋଇଯାଇଛି । (ଅନ୍ୟ କଥାରେ ନାଟ୍ୟକାର ତାଙ୍କର ପରବର୍ତ୍ତୀ କାଳର ନାଟକ 'ରକ୍ତମାଟି'ରେ ଅତି ସ୍ପଷ୍ଟ ଭାବରେ ଯେଉଁ ପୁଞ୍ଜିପତି-ବିରୋଧୀ ବାର୍ତ୍ତା ଦେଇଛନ୍ତି ତାହାର ପୂର୍ବସୂଚନା 'ଭାତ'ରେ ହିଁ ପରିଲକ୍ଷିତ ହୁଏ ।) ମୋଟ ଉପରେ ନାଟକରେ ଦୁର୍ଭିକ୍ଷ ଗୌଣ ହୋଇଯାଇ ତା ଦେଇଛି ଏକ ସାମନ୍ତବାଦ-ବିରୋଧୀ ବାର୍ତ୍ତା (message) । ଅବଶ୍ୟ ତା ବ୍ୟତୀତ 'ଭାତ'ରେ କୃଷକ ନେତାଙ୍କ ସଂଳାପ ମଧ୍ୟରେ ଗାନ୍ଧିବାଦର ସ୍ପର୍ଶ ବି ସାମାନ୍ୟ ପରିମାଣରେ ଲାଗିଛି । ଜମିଦାର ତାଙ୍କ ପୁଅ ବାହାଘର ଉଦ୍ଦେଶ୍ୟରେ ମାଗଣ ଦେବାପାଇଁ ପ୍ରଜାମାନଙ୍କ ଉପରେ ଅନ୍ୟାୟରେ କରୁଥିବା ଦାବିକୁ ପ୍ରତ୍ୟାଖ୍ୟାନ କରିବା ସହ ଜମିଦାରଙ୍କ ଲାଠିଆଳଙ୍କୁ ପ୍ରଜାମାନଙ୍କ ଘର ଲୁଟ୍ କରିବା, ଘରେ ଘରେ ନିଆଁ ଲଗାଇଦେବାର ନିର୍ଦ୍ଦେଶର ପ୍ରତିବାଦରେ କୃଷକନେତା କହିଛି, "ଅସୀମ ଦୟା ଆପଣଙ୍କର; ଲାଠିଆଳ ଦର୍କାର ନାହିଁ । ... ଏଇ କାଙ୍ଗାଳଗୁଡ଼ିକର ଶେଷ ଖୁଦମୁଠିକ ଆଉ ଆମ କଙ୍କାଳସାର ଚାଳର ଶେଷ କୁଟାଖିଅକ ଜଳିପୋଡ଼ି ଆମର ଜମିଦାର ପୁଅଙ୍କ ବାହାଘର ଭୋଜି ରୋସଣୀରେ ଲାଗୁ । ..."(୫/୧) । ଏହା ଜମିଦାରଙ୍କ ଅନ୍ୟାୟ ଓ ନିଷ୍ଠୁର ଆଦେଶର ଅହିଂସ ପ୍ରତିବାଦ । ତେବେ ସେହିପରି ପରିଣତିରେ ଜମିଦାରଙ୍କ ହୃଦୟ ପରିବର୍ତ୍ତନ ଦେଖାଇଦେବା ଭିତରେ ଗାନ୍ଧିବାଦର ସ୍ପର୍ଶ ବି ଲାଗିଛି ବୋଲି ମନେହୋଇପାରେ । କିନ୍ତୁ ସେଥିରେ ପ୍ରକୃତରେ ସାଧାରଣ ଦର୍ଶକମାନଙ୍କୁ

Digitized by srujanika@gmail.com

ଆଖି ଆଗରେ ରଖି କୃତ୍ରିମ ଭାବରେ ଜୟୀ-ରମା ଓ ଅନନ୍ତ-ବିଜୟାଙ୍କୁ କେନ୍ଦ୍ର କରି ରୋମାଣ୍ଟିକ-ସ୍ପର୍ଶ କେବଳ ଦିଆଯାଇନାହିଁ (ଓ ସେ ଉଦ୍ଦେଶ୍ୟରେ କେତେକ ସଙ୍ଗୀତର ସଂଯୋଜନା କେବଳ କରାଯାଇନାହିଁ), ପୁଣି ସାଧାରଣ ଦର୍ଶକଙ୍କର ପ୍ରତ୍ୟାଶା ପୂରଣପାଇଁ ନାଟକଟିକୁ ମିଳନାନ୍ତକ ତଥା ସୁଖାନ୍ତକ ବି କରାଯାଇଛି । ଆଉ ସେଇଥିପାଇଁ ବି ହୁଏତ ନାଟକରେ କୃତ୍ରିମ ଭାବରେ ଖଞ୍ଜାଯାଇଛି ଜମିଦାରଙ୍କ ହୃଦୟ ପରିବର୍ତ୍ତନର ମୋଟିଫ୍ । ଏପରି କି ନିଛକ ସାହିତ୍ୟ ଦୃଷ୍ଟିରୁ ବିଚାର କଲେ ବି ଜମିଦାରଙ୍କ ଏପରି ହଠାତ୍ ହୃଦୟ ପରିବର୍ତ୍ତନ ହେତୁ ସେଥିରେ ସାମାନ୍ୟ ପରିମାଣରେ ହେଲେ ମଧ୍ୟ ଲାଗିଛି କୃତ୍ରିମତାର ସ୍ପର୍ଶ ଓ ଜମିଦାର ଚରିତ୍ରଟି ଅନ୍ତତଃ କିଛି ପରିମାଣରେ ହୋଇପଡ଼ିଛି ଦୁର୍ବଳ । ଏହିସବୁ କାରଣରୁ ନାଟକଟିରେ ଉପସ୍ଥାପିତ ଦୁର୍ଭିକ୍ଷର ଚିତ୍ର ଓ ସେ ସମ୍ପର୍କୀୟ ବକ୍ତବ୍ୟ ଓ ଆବେଦନ ବହୁ ପରିମାଣରେ ଅସ୍ପଷ୍ଟ ହୋଇଯାଇ ତାର ଗୁରୁତ୍ୱ ହରାଇବସିଛି ।

ପକ୍ଷାନ୍ତରରେ କିନ୍ତୁ 'ପରକଲମ'ରେ ସେଇ ପାରମ୍ପରିକ ନାଟକର ଅନୁସରଣରେ ରାଜେନ୍ଦ୍ର-ଗୀତା ଓ ବିଜୟ-ସେବତୀକୁ ଆଧାର କରି ଦିଆଯାଇଥିବା ରୋମାଣ୍ଟିକ-ସ୍ପର୍ଶର ମାତ୍ରା ଓ ଗୁରୁତ୍ୱ ଅନେକ କମ୍ । ସେଥିରେ ପୁଣି ରାଜନୀତିକ ନେତାମାନଙ୍କୁ ଓ ସେମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ଆଚାର୍ଯ୍ୟଙ୍କୁ ଦୁର୍ଭିକ୍ଷର କାରଣ ରୂପେ ସ୍ପଷ୍ଟ ଭାବରେ ଚିତ୍ରଣ କରାଯାଇଛି । ୧୯୪୩-୪୪ର ଦୁର୍ଭିକ୍ଷ ସମ୍ପର୍କରେ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଆତ୍ମଜୀବନୀରେ ତାହା ହିଁ ଅତି ସ୍ପଷ୍ଟ ଭାବରେ କୁହାଯାଇଥିବାରୁ ଏହା ସେଇ ଐତିହାସିକ ଦୁର୍ଭିକ୍ଷ ଆଧାରିତ । ପୁଣି ଶେଷ ମୁହୂର୍ତ୍ତରେ ପରିବର୍ତ୍ତିତ ହୋଇଯାଇଥିବା ଜମିଦାର ଚରିତ୍ର ତୁଳନାରେ ନେତା ଆଚାର୍ଯ୍ୟ ଚରିତ୍ର ଶେଷ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଯାଇ ଆହୁରି ବଳିଷ୍ଠ ଓ ଆହୁରି ଉଜ୍ଜ୍ୱଳ ହୋଇପାରିଛି । ପୁଣି 'ପରକଲମ'ରେ ସେଇ ମାନବକୃତ ଦୁର୍ଭିକ୍ଷର ମୂଳରେ କେବଳ ରାଜନୀତିକ ନେତା ଓ ବିଶେଷ ଭାବରେ ଆଚାର୍ଯ୍ୟଙ୍କୁ ହିଁ ଉପସ୍ଥାପନ କରାଯାଇନାହିଁ, ଆହୁରି ତଳେଇ କରି ଅନୁଶୀଳନ କଲେ ସେଇ ମାନବକୃତ ଦୁର୍ଭିକ୍ଷର ପ୍ରକୃତ କାରଣ ରୂପେ ଗଣତନ୍ତ୍ର ଶାସନକୁ ହିଁ ନାଟ୍ୟକାର ଯେପରି ପ୍ରକାରାନ୍ତରରେ ଦାୟୀ କରିଛନ୍ତି । ସମାଲୋଚକ ଯତୀନ୍ଦ୍ର ନାଥ ମହାନ୍ତି ନାଟକର ୧ମ ଅଙ୍କ ୬ଷ୍ଠ ଦୃଶ୍ୟରେ ଥିବା ମୁକୁନ୍ଦର ସଂଳାପରୁ ଦେଇଥିବା ଏକ ଉଦ୍ଧୃତି, "ତାଙ୍କ ଘଡ଼ି ପୂରିଗଲାଣି; ଘିଅପିଠା ଠେକି ପରି ତାଙ୍କ ଠେକିରେ ସର ପଡ଼ିଗଲାଣି । ଯେ ନୂଆ ସରକାର ଗଢ଼ିବେ, ସେ ନୂଆ ଠେକି ଆଣି ବସେଇବେ । ତାଙ୍କ ଠେକିରେ ସର ପଡ଼ିଲା ବେଳକୁ ଆଉରି ପାଞ୍ଚ

Digitized by srujanika@gmail.com

ବରଷ । ଏମିତି ଖାଲି ଗୋଟାକୁ ଗୋଟା ଠେକିରେ ସର ପଡୁଥିବ - ଏଣେ ଆମ ଠେକି ମାଙ୍କଡ଼ଚିତ୍ ।" (୧ମ ଅଙ୍କ / ୬ଷ୍ଠ ଦୃଶ୍ୟ, ପୃ.୩୬୨; ମହାନ୍ତି, ଯତୀନ୍ଦ୍ର ମୋହନ, ୨୦୦୦, ମୁଖବନ୍ଧ, ପୃ.୨୪) ଏ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ । ତେବେ ସେଇ ଅଙ୍କ ଓ ସେଇ ଦୃଶ୍ୟରେ ମୁକୁନ୍ଦର, "ଶୋଷ ସିନା ପାଣି ପାଖକୁ ଯାଏ, ହେଲେ ପାଣି କେମିତି ଶୋଷ ପାଖକୁ ଆସୁଚି ?" ପ୍ରଶ୍ନ ଓ ଉତ୍ତରରେ ଶର୍ମାଙ୍କର, "ପାଣି କାହିଁକି ଶୋଷ ପାଖକୁ ଆସୁଚି ?- ଏଇ କଥାଟା ଉଠାଇ ତୁମେ ଗଣତନ୍ତ୍ର ଶାସନର ମୂଳଦୁଆକୁ ହଲାଇ ଦେଇଛ । ଏ ପ୍ରଶ୍ନର ଉତ୍ତର ତମେ ଯାହାଠାରୁ ପାଇବ, ତାକୁଇ ତୁମ ଭୋଟ ଦିଅ ।" ୧/୬ (ପୃ.୩୬୬) ଉକ୍ତି ଗଣତନ୍ତ୍ର ଶାସନ ସମ୍ପର୍କରେ ଆହୁରି ଅଧିକ ପ୍ରାସଙ୍ଗିକ, ଅଧିକ ସ୍ପଷ୍ଟ, ଅଧିକ ଶାଣିତ, ଅଧିକ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ତଥା ତା'ର ପ୍ରମାଣ । ଆଜି ପର୍ଯ୍ୟନ୍ତ ମୁକୁନ୍ଦଙ୍କ ସେଇ ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ଭାରତୀୟ ଗଣତନ୍ତ୍ର ଦେଇପାରିଥିଲା ପରି ମନେହୁଏ ନାହିଁ ।

ଏଠାରେ ସ୍ମରଣ କରାଇଦେବା ଉଚିତ ଯେ ଆଉ ଜଣେ ଇଉରୋପୀୟ ନାଟ୍ୟକାର, ପ୍ରକୃତରେ ଆଧୁନିକ ନାଟକର ଆଦ୍ୟ ଓଁକାର ଉଚ୍ଚାରଣ କରିଥିବା, ନରୱେ'ର ହେନରିକ୍ ଇବସେନ୍, 'ପରକଲମ' ରଚନାର ୭୨ବର୍ଷ ପୂର୍ବେ ୧୮୮୨ରେ ତାଙ୍କ An Enemy of the People ବା 'ଗଣଶତ୍ରୁ' ନାଟକରେ ମୁଖ୍ୟ ଚରିତ୍ର ଡକ୍ଟର ଷ୍ଟକମାନଙ୍କ "The most dangerous enemy of truth and freedom amongst us is the compact majority -- yes, the damned compact Liberal majority-- that is it! ... .. The majority never has right on its side. Never, I say! That is one of these social lies against which an independent, intelligent man must wage war. Who is it that constitute the majority of the population in a country? Is it the clever folk, or the stupid? I don't imagine you will dispute the fact that at present the stupid people are in an absolutely overwhelming majority all the world over. But, good Lord!-- you can never pretend that it is right that the stupid folk should govern the clever ones! .. ... The majority has might on its side--unfortunately; but right it has not."(୪ର୍ଥ ଅଙ୍କ) ଉକ୍ତିରେ ଗଣତନ୍ତ୍ର ଶାସନର ଦୁର୍ବଳତା ଦେଖାଇବାର ପ୍ରଚେଷ୍ଟା କରିଥିଲେ ଅତି ସ୍ପଷ୍ଟ ଭାବରେ, କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଏକ ଦୃଷ୍ଟିକୋଣରୁ । ତାର ୭୨ ବର୍ଷ ପରେ ଓଡ଼ିଶାର ନାଟ୍ୟକାର ଗୋପାଳ ଛୋଟରାୟ ମଧ୍ୟ ତାହା ହିଁ ଦେଖାଇଦେଲେ

Digitized by srujanika@gmail.com

ସମ୍ପୂର୍ଣ୍ଣ ଭିନ୍ନ ଏକ ପରିବେଶରେ, ସମ୍ପୂର୍ଣ୍ଣ ଭିନ୍ନ ଏକ (ପୁଣି ଗୌଣ) ଚରିତ୍ର ମୁଖରେ ଓ ସମ୍ପୂର୍ଣ୍ଣ ଭିନ୍ନ ଏକ ଦୃଷ୍ଟିକୋଣରୁ । ଏହା 'ପରକଲମ'ର ନାଟ୍ୟକାରଙ୍କ ପକ୍ଷରେ କିଛି କମ୍ ମହତ୍ତ୍ୱପୂର୍ଣ୍ଣ ବା ଗୌରବାବହ ନୁହେଁ ।

ସେତେବେଳେ ଘଟୁଥିବା ପ୍ରକୃତ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଚିତ୍ର ଦେଇ ଗୋପାଳ ଛୋଟରାୟ ଲେଖିଛନ୍ତି, "କଟକ ରେଳଷ୍ଟେସନକୁ ଯାଇ ଏଇ ଆଖିରେ ଦେଖିଛି, ଖାଦ୍ୟ ବିନା ଉପବାସକ୍ଳିଷ୍ଟ ଯୁବତୀମାନେ ମେଦିନୀପୁର ଓ ଉତ୍ତର ବାଲେଶ୍ୱର ଅଞ୍ଚଳରୁ ଟ୍ରେନରେ କଟକ ଅଞ୍ଚଳକୁ ଆସି କେବଳ ଟଙ୍କା ନୁହେଁ (କାରଣ ଟଙ୍କାର ମୂଲ୍ୟ ସେତେବେଳେ କିଛି ନ ଥିଲା) ନିଜର ସବୁକିଛି ବିନିମୟରେ ମାତ୍ର ଦୁଇ ତିନି ସେର ଚାଉଳ ଯୋଗାଡ଼ କରି ନିଜର ପରିବାରକୁ ଅନ୍ତତଃ ଦୁଇ ତିନି ଦିନ ବଞ୍ଚାଇପାରିବାର ଆଶ୍ୱାସନାରେ ଅନ୍ୟ ଟ୍ରେନରେ ଫେରିଯାଉଥିଲେ ।" (ଛୋଟରାୟ, ୧୯୯୫, ପୃ.୯୮) । ଏହି ବିବରଣୀର "ନିଜର ସବୁକିଛି ବିନିମୟରେ" ଅଭିବ୍ୟକ୍ତି ଏତେ ସ୍ପଷ୍ଟ ଯେ ତାହାକୁ ଆଉ ଅଧିକ ବୁଝାଇବାର ଆବଶ୍ୟକତା ନାହିଁ । 'ପରକଲମ' ନାଟକର ବହୁ ସ୍ଥାନରେ ଓ ବିଶେଷ ଭାବରେ ଗ୍ରାମ୍ୟ ଯୁବତୀ ସେବତୀକୁ ଇସମାଇଲ୍ ଖାଁ'ଙ୍କ କମ୍ପାନୀରେ ଉଚ୍ଚ ଚାକିରି କରୁଥିବା ଶଶି ଚାଉଳର ଲୋଭ ଦେଖାଇ ପ୍ରଲୋଭିତ କରିବା ଘଟଣାରେ ଛୋଟରାୟଙ୍କ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ପରୋକ୍ଷରେ ପ୍ରତିଫଳିତ ହୋଇଛି (ତୃତୀୟ ଅଙ୍କ ୧ମ ଓ ୨ୟ ଦୃଶ୍ୟ) ।

ସ୍ୱାଧୀନତା ପୂର୍ବର ସୀମିତ ଗଣତନ୍ତ୍ରର ପରୀକ୍ଷାନିରୀକ୍ଷା ମଧ୍ୟରେ ତାର ଦୋଷଦୁର୍ବଳତା ସ୍ପଷ୍ଟ ଭାବରେ ଦେଖିପାରୁଥିବା କେତେକ ଦିବ୍ୟଦ୍ରଷ୍ଟା ସାହିତ୍ୟସ୍ରଷ୍ଟା ଭବିଷ୍ୟତରେ ତାହା ବିଫଳ ହେବାର ଆଶଙ୍କାଗ୍ରସ୍ତ ହୋଇପଡିଥିଲେ । ନାଟ୍ୟକାର ଗୋପାଳ ଛୋଟରାୟ ତା ମଧ୍ୟରୁ ଜଣେ । ଏଠାରେ ମନେ ରଖିବାପାଇଁ ହେବ ଯେ ଭାରତୀୟ ଗଣତନ୍ତ୍ର ଉପରେ ବହୁ ଦିନ ଧରି ତାର କୃଷ୍ଣଛାୟା ବିସ୍ତାର କରିଥିବା ଅର୍ଥ (ବା ଅନ୍ୟ ଅନୁଗ୍ରହ) ବିନିମୟରେ ଦଳବଦଳ ବା 'ଆୟା ରାମ, ଗୟା ରାମ' ରାଜନୀତିର ପ୍ରଥମ ଦୃଷ୍ଟାନ୍ତ ଓଡ଼ିଶାରେ ହିଁ ଆତ୍ମପ୍ରକାଶ କରିଥିଲା ଓ ଓଡ଼ିଶା ଏ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ୧୯୩୭ ନିର୍ବାଚନ ଫଳ ଘୋଷିତ ହେବାର ପରେ ପରେ ହିଁ କଂଗ୍ରେସ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିବା ଯାଜପୁରର ବୀରକିଶୋର ବେହେରା ଦଳବଦଳ କରି ପାରଳା ମହାରାଜାଙ୍କ ଜାତୀୟ ଦଳରେ ଯୋଗ ଦେଇଥିଲେ (ଦ୍ର: Ghosh, 1991, p.32) । ତାହା ବ୍ୟତୀତ ୧୯୪୧ ନଭେମ୍ବରରେ କ୍ଷମତାକୁ ଆସିଥିବା ପାରଳା ମହାରାଜାଙ୍କ ସଂଖ୍ୟାଲଘୁ ସରକାରକୁ ଶକ୍ତିଶାଳୀ କରିବା ଲକ୍ଷରେ

Digitized by srujanika@gmail.com

ଆହୁରି ବିଧାୟକମାନଙ୍କୁ ଦଳବଦଳପାଇଁ ଉତ୍ସାହିତ ବା ପ୍ରଲୋଭିତ କରିବାର କେତେକ ଉଦ୍ୟମ ଓ ତା ମଧ୍ୟରେ ବିଧାୟକମାନଙ୍କୁ ଖରିଦ କରିବା ଉଦ୍ୟମର ଉଦାହରଣ ମଧ୍ୟ ସୁନୀତ ଘୋଷ ଦେଇଛନ୍ତି (Ghosh, 1991, pp.45-46) । ତାର ପ୍ରତିଫଳନ ମିଳେ 'ପରକଲମ'ର ଶେଷ ଦୃଶ୍ୟ (୩/୪)ରେ ରାଜେନ୍ଦ୍ରଙ୍କ ସଂଳାପ "ସେଥିପାଇଁ ଆଜି ପାଞ୍ଚଲକ୍ଷ ଟଙ୍କା ଖର୍ଚ୍ଚ କରି ମୋ ବିରୁଦ୍ଧରେ ପଚାଶ ଜଣ ମେମ୍ବରଙ୍କୁ ଖରିଦ କରିବାର ଚେଷ୍ଟା କରୁଥିଲେ" ଭିତରେ । ମୋଟ ଉପରେ ନାଟକଟିରେ ଗଣତନ୍ତ୍ର-ଶାସନ ହୋଇପଡ଼ିଛି ମୁଖ୍ୟ ସମସ୍ୟା ଓ ଦୁର୍ଭିକ୍ଷ ତାର ସମସ୍ତ ଭୟାବହତା ସତ୍ତ୍ୱେ ଏକ ଗୌଣ ସମସ୍ୟାରେ ପରିଣତ ହୋଇଯାଇଛି । ଅର୍ଥାତ୍ 'ପରକଲମ'ରେ ଗଣତନ୍ତ୍ର-ଶାସନର ଦୁର୍ବଳତା ବା ବିଫଳତା ଦେଖାଇଦେବାପାଇଁ ଦୁର୍ଭିକ୍ଷକୁ ଦୃଷ୍ଟାନ୍ତ ରୂପରେ ହିଁ ବ୍ୟବହାର କରାଯାଇଛି । ନାଟ୍ୟକାରଙ୍କର ମୂଳ ଉଦ୍ଦେଶ୍ୟ ଯାହା ଥାଉ ନା କାହିଁକି ନାଟକଟିର ମୂଳ ବା ମୁଖ୍ୟ ବକ୍ତବ୍ୟ କିନ୍ତୁ ଦୁର୍ଭିକ୍ଷ-ଆଧାରିତ ନ ହୋଇ ହୋଇଯାଇଛି ଗଣତନ୍ତ୍ର ଶାସନ-କୈନ୍ଦ୍ରିକ ।

୪.୨. 'ଭାତ' ନାଟକର ନାମକରଣ ଏତେ ଅର୍ଥଦ୍ୟୋତକ ଓ ସ୍ପଷ୍ଟ ଯେ ସେ ସମ୍ପର୍କରେ ଅଧିକ ସୂଚନା ଅନାବଶ୍ୟକ । କିନ୍ତୁ 'ପରକଲମ'ର ନାମକରଣ ସମ୍ପର୍କରେ ସାମାନ୍ୟ ସୂଚନା ଦେବା ଆବଶ୍ୟକ । ଯୁଦ୍ଧ ବେଳା । କେବଳ ଭାତର ଅଭାବ ବା ଅନ୍ନାଭାବ ହୋଇନଥାଏ, ପିତଳ (ବା ଏପରି କି ଶିଶା ବା ସୀସା lead) ନିର୍ମିତ ନିବ୍ ବି ସହଜରେ ବା ସ୍ୱଳ୍ପ ମୂଲ୍ୟରେ ମିଳୁନଥିବାରୁ ସେତେବେଳେ ବହୁ ସାଧାରଣ ଲୋକ ପରକଲମ (ଓ ଏକ ପ୍ରକାରର କାଠିକଲମର ମଧ୍ୟ) ବ୍ୟବହାର କରୁଥିଲେ । ତେଣୁ 'ପରକଲମ' ନାଟକରେ ତାର ନାମକରଣର ଯେଉଁ କାରଣର ସୂଚନା ଲେଖକ ନାଟକ ମଧ୍ୟରେ ଦେଇଥାଆନ୍ତୁ ନା କାହିଁକି (-ଯାହା ଅତ୍ୟନ୍ତ ଅସ୍ୱାଭାବିକ ମନେହୁଏ-) ସେଇ ନାମରୁ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳୀନ ପୃଷ୍ଠଭୂମିର ସୂଚନା ମିଳିଥାଏ, ଯାହା ନିଶ୍ଚିତ ଭାବରେ ଥିଲା ହୁଏତ ଅନ୍ନାଭାବ ସହ ବହୁ ଆବଶ୍ୟକୀୟ ପଦାର୍ଥର ଅଭାବର ମୂଳରେ । ଏହି ନାମକରଣ ମଧ୍ୟରେ ତାର ପରୋକ୍ଷ ସୂଚନା ମିଳେ ହୁଏତ ବା ଲେଖକଙ୍କ ଅଜ୍ଞାତସାରରେ ।

(୫)

୫.୧. ସେତେବେଳେ କେବଳ ନିବ୍ ଥିବା କଲମର ଅଭାବ ନଥିଲା, କାଗଜର ଅଭାବ ମଧ୍ୟ ଥିଲା । ପ୍ରସଙ୍ଗକ୍ରମେ ଏଠାରେ ସୂଚାଇ ଦେବା ଉଚିତ ହେବ

Digitized by srujanika@gmail.com

ଯେ ମୁଁ ପିଲାଦିନେ, ବୋଧହୁଏ ୧୯୪୪-୪୫ରେ, ଅଳ୍ପ ଦିନ ପାଇଁ ଆମ ପରିବାର ସହ କଟକର ଜଗନ୍ନାଥ ବଲ୍ଲଭଠାରେ ଗୋଟିଏ ଭଡ଼ାଘରେ ରହୁଥିଲି । ଯୁଦ୍ଧବେଳ; କାଗଜ ମିଳୁନଥାଏ (ଏ ସମ୍ପର୍କରେ ଦ୍ରଷ୍ଟବ୍ୟ ଦାଶ, ଶ୍ରୀରାମଚନ୍ଦ୍ର, ୧୯୯୨, ପୃ.୯୭-୯୮) । ତେଣୁ ଓଡ଼ିଶା ଥିଏଟର୍ସରେ ଅଭିନୀତ ହେଉଥିବା 'ଭାତ' ନାଟକର ପ୍ରଚାରପତ୍ର ବଡ଼ବଡ଼ ପତ୍ର ଉପରେ -ବୋଧହୁଏ ଶିଆଳି ଲତାର ପତ୍ର ଉପରେ- ଛପା ଯାଇ ବିତରଣ କରାଯାଉଥିଲା । ଗୋଟିଏ ଏକ-ବଳଦିଆ ଗାଡ଼ିରେ ଡ୍ରମ ବଜାଇ ପତ୍ର ଉପରେ ଛପାଯାଇଥିବା ପ୍ରଚାରପତ୍ର ବା ବିଜ୍ଞାପନ କଟକର ସାନବଡ଼ ବିଭିନ୍ନ ରାସ୍ତାରେ ବଣ୍ଟାଯାଉଥିଲା । ମୁଁ ସେ ବିଜ୍ଞାପନରୁ କିଛି ମଧ୍ୟ ସଂଗ୍ରହ କରି କିଛି ଦିନ ସାଇତି ରଖିଥିଲି ।

୫.୨. ମୋର ଯାହା ମନେ ଅଛି, ୧୯୫୪-୫୫ରେ, ମୁଁ ସ୍କୁଲ୍‌ରେ ପଢୁଥିବା ସମୟରେ, ଏକ ସର୍ବଭାରତୀୟ ନାଟକ ପ୍ରତିଯୋଗିତାରେ ଓଡ଼ିଆ ନାଟକର ପ୍ରତିନିଧିତ୍ୱ କରିବାପାଇଁ 'ପରକଲମ' ନାଟକ ମନୋନୀତ ହୋଇଥିଲା । ଓଡ଼ିଶାରେ ଓଡ଼ିଆ ନାଟକଗୁଡ଼ିକ ମଧ୍ୟରୁ ପ୍ରାଣବନ୍ଧୁ କରଙ୍କଦ୍ୱାରା ପ୍ରସ୍ତୁତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଉପନ୍ୟାସର ନାଟ୍ୟରୂପ ଏହା ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । ଶେଷରେ 'ପରକଲମ' ମନୋନୀତ ହୋଇଥିଲେ ମଧ୍ୟ ଏ ମନୋନୟନ ବିବାଦୀୟ ହୋଇପଡ଼ିଥିଲା ଓ ସେତେବେଳର ଖବର କାଗଜରେ 'ପରକଲମ' ଓ 'ମାଟିର ମଣିଷ'ର ପକ୍ଷ ସମର୍ଥନ କରି କେତେକ ସମ୍ବାଦ/ଲେଖା ବି ପ୍ରକାଶିତ ହୋଇଥିଲା ।

(୬)

୧୯୪୩-୪୪ରେ ଅବିଭାଜିତ ବୃହଦାୟତନ ଓ ବହୁ ଲୋକସଂଖ୍ୟାବିଶିଷ୍ଟ ତଥା ଶିକ୍ଷା ଓ ଶିଳ୍ପାୟନ ଆଦିରେ ଓଡ଼ିଶା ଅପେକ୍ଷା ବହୁତ ଆଗୁଆ ବଙ୍ଗ ପ୍ରଦେଶରେ ଦୁର୍ଭିକ୍ଷ କେବଳ ଅଧିକ ଲୋକକ୍ଷୟକାରୀ ନଥିଲା, ବଙ୍ଗର ବୁଦ୍ଧିଜୀବୀ ବିଶେଷ ଭାବରେ ବଙ୍ଗୀୟ ସାହିତ୍ୟିକମାନଙ୍କୁ ତା ତୁଳନାତ୍ମକ ଭାବରେ ଅଧିକ ଆକୃଷ୍ଟ, କ୍ରିୟାଶୀଳ ତଥା ପ୍ରଭାବଶାଳୀ କରିଥିଲା, ଯାହା ଫଳରେ ତାହା ସର୍ବଭାରତୀୟ ଦୃଷ୍ଟି ଆକର୍ଷଣରେ ସମର୍ଥ ମଧ୍ୟ ହୋଇଥିଲା ।

ସେହିପରି ପୁଣି ଓଡ଼ିଶା ଇତିହାସର ସେଇ ଅତ୍ୟନ୍ତ ଭୟାବହ ଓ ବହୁ ଗୁଣରେ ଅଧିକ ଲୋକକ୍ଷୟକାରୀ ନ'ଅଙ୍କ ଦୁର୍ଭିକ୍ଷ ବହୁ ଓଡ଼ିଆ ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ମନ ଉପରେ ଗଭୀର ରେଖାପାତ କରିପାରିଛି ଓ ସେମାନଙ୍କୁ ମଧ୍ୟ କରିପାରିଛି କ୍ରିୟାଶୀଳ । ସମକାଳରେ 'ଉତ୍କଳଦୀପିକା'ର ପୃଷ୍ଠାରେ ପ୍ରକାଶିତ ଏକାଧିକ କବିତା

Digitized by srujanika@gmail.com

ବା ପଦ୍ୟ ତଥା ଦ୍ୱାରିକାନାଥ ଚକ୍ରବର୍ତ୍ତୀ ଓ ଗୋପାଳ ହାଲଦାରଙ୍କ ରଚିତ ପୁସ୍ତିକା, କେତେକ ଲୋକଗୀତି, ଅନନ୍ତ ଦାସଙ୍କ ପଦ୍ୟାକାରରେ ଲିଖିତ ଆତ୍ମକଥା ବ୍ୟତୀତ ପରବର୍ତ୍ତୀ କାଳରେ ସେଇ ପୃଷ୍ଠଭୂମିରେ ରଚିତ କେତେକ ପ୍ରସିଦ୍ଧ ସାହିତ୍ୟକୃତି, କାଳିନ୍ଦୀଚରଣଙ୍କ 'ମୁକ୍ତାଗଡ଼ର କ୍ଷୁଧା' ଓ 'ଅମରଚିତା', କାହ୍ନୁଚରଣଙ୍କ 'ହା ଅନ୍ନ' (ହୁଏତ ଯାହା ଲେଖିବାର ତାତ୍କାଳିକ ପ୍ରେରଣାର ଉତ୍ସ ଥିଲା ୧୯୧୫-୧୬ରେ ନିକଟବର୍ତ୍ତୀ ଗଡ଼ଜାତଗୁଡ଼ିକରୁ ଆସି ସୋନପୁରରେ ରୁଣ୍ଡ ହୋଇଥିବା ଦୁର୍ଭିକ୍ଷ-ପ୍ରପୀଡ଼ିତ ବୁଭୁକ୍ଷୁ ଜନତା) ଓ 'ଶାସ୍ତି', ରାମକୃଷ୍ଣ ନନ୍ଦଙ୍କ 'ସନାତନ' ଗାଥାକବିତା ଓ ମାୟାଧର ମାନସିଂହଙ୍କର 'ଦୁର୍ଭିକ୍ଷ' ନାଟକ, ରାଧାମୋହନ ଗଡ଼ନାୟକଙ୍କ 'ମରିନାହିଁ ସେ ତ ମରଣଜୟୀ' ଗାଥାକବିତା, ଜଗନ୍ନାଥ ପ୍ରସାଦ ଦାସଙ୍କ 'ଦେଶ କାଳ ପାତ୍ର'ର ଅଂଶବିଶେଷ ପ୍ରଭୃତି ତାର ପ୍ରମାଣ । ଏପରି କି ଓଡ଼ିଆ ଭାଷାରେ ନ'ଅଙ୍କ ଶବ୍ଦଟି ଦୁର୍ଭିକ୍ଷ ଶବ୍ଦର ଏକ ପ୍ରତିଶବ୍ଦରେ ବି ପରିଣତ ହୋଇଯାଇଛି ଓ ସେଥିରୁ ସାଧାରଣ ଅର୍ଥରେ ନ'ଅଙ୍କିଆ ଶବ୍ଦଟି ବି ବ୍ୟୁତ୍ପନ୍ନ ହୋଇଛି ।

ତୁଳନାରେ କିନ୍ତୁ ୧୯୪୩-୪୪ର ଦୁର୍ଭିକ୍ଷ ଓଡ଼ିଆ ବୁଦ୍ଧିଜୀବୀ, ବିଶେଷ ଭାବରେ ସର୍ଜନାତ୍ମକ ସାହିତ୍ୟିକମାନଙ୍କ ବିଶେଷ ଦୃଷ୍ଟି ଆକର୍ଷଣରେ ସମର୍ଥ ହୋଇପାରିନାହିଁ ବୋଲି ମନେହୁଏ । ଅବଶ୍ୟ ସେତେବେଳେ ଏହି ଦୁର୍ଭିକ୍ଷର ପୃଷ୍ଠଭୂମିରେ ବା ତାହାକୁ ଆଧାର କରି ଓଡ଼ିଆରେ କେବଳ ଯେ 'ଭାତ' ଓ 'ପରକଲମ' ନାଟକଦ୍ୱୟ ତଥା ଗୋଦାବରୀଶଙ୍କ 'ଅନ୍ନଛତ୍ର', 'ସେବତୀର ଶବ' ଓ 'ପୁଆଣିଘର' ଗଳ୍ପ ରଚିତ ହୋଇଥିଲା ତା ନୁହେଁ, ସୁରେନ୍ ମହାନ୍ତିଙ୍କ 'କ୍ଷୁଧାମୁକ୍ତି' ନାଟିକା (ଦ୍ର: ଶତପଥୀ, ବିଜୟ କୁମାର, ୧୯୯୫, ପୃ.୫୨୨) ଓ ମନମୋହନ ମିଶ୍ରଙ୍କ କେତେକ କବିତା (ରଥ, ବ୍ରଜନାଥ, ୨୦୦୮, ୨୩୦-୩୨ ଓ ଦ୍ର: ପୃ. ୧୧୮-୧୯) ମଧ୍ୟ ସେଇ ବିଷୟ ଆଧାରିତ । ସଚ୍ଚି ରାଉତରାୟଙ୍କ 'ପାଣ୍ଡୁଲିପି'ସ୍ଥ 'ରାମନାମ ସତ୍ୟ ହୈ' କବିତା, 'ପ୍ରତିମା ନାୟକ' କବିତାର "ଊଣିଶ୍ୱଶ ତେୟାଳିଶ ପୁଣି, ଚାଟିନେଲା ଯାହା କିଛି ଥିଲା ବାକି..." ଓ 'ଲାବଣ୍ୟବତୀକୁ ଚନ୍ଦ୍ରଭାନୁର ଚିଟାଉ' କବିତାର "ମନ୍ୱନ୍ତର । ନାହିଁ ଭାତ ନାହିଁ ରୁଟି, ୪୫,୦୦.୦୦୦୦ କଣ୍ଠରେ ଗୋଟିଏ ଶବ୍ଦ- ଦିଅ ଅନ୍ନ, ଆଉ ଅନ୍ନ, ..." ପଙ୍କ୍ତିରେ ମଧ୍ୟ ତାର ପ୍ରତିଫଳନ ପରିଲକ୍ଷିତ ହୁଏ । ସେହିପରି ମନୋଜ ଦାସଙ୍କ 'ଆବିଷ୍କାର' ଗଳ୍ପ (ଦ୍ର: ଜେନା, ସଂଗ୍ରାମ ୨୦୧୦, ପୃ.୧୩୪-୩୮) ବି ସେଇ ଦୁର୍ଭିକ୍ଷ ବିଷୟକ । ହୁଏତ ସେଇ ଦୁର୍ଭିକ୍ଷର ପୃଷ୍ଠଭୂମିରେ ରଚିତ ବା ତାହାକୁ ଆଧାର କରି ରଚିତ ଆଉ କେତେକ

Digitized by srujanika@gmail.com

ସଫଳ ସାହିତ୍ୟକୃତି ମଧ୍ୟ ଅଛି । କିନ୍ତୁ ସେ ସବୁ ସେପରି ଦୃଷ୍ଟି ଆକର୍ଷଣରେ ସମର୍ଥ ହୋଇଥିବା ପରି ମନେହୁଏନାହିଁ । ସଫଳ ସାହିତ୍ୟକୃତି ମଧ୍ୟରେ କେବଳ 'ଭାତ' ଓ 'ପରକଲମ' ନାଟକଦ୍ୱୟ ମାତ୍ର ଓଡ଼ିଆ ବୁଦ୍ଧିଜୀବୀ ତଥା ସର୍ବସାଧାରଣଙ୍କ ବିଶେଷ ଦୃଷ୍ଟି ଆକର୍ଷଣରେ ସମର୍ଥ ହୋଇଥିଲେ ମଧ୍ୟ ପ୍ରଥମଟିର ମୁଖ୍ୟ ବକ୍ତବ୍ୟ ସାମନ୍ତବାଦ-ବିରୋଧୀ ହୋଇଥିବା ସମୟରେ ଦ୍ୱିତୀୟଟିର ମୁଖ୍ୟ ବକ୍ତବ୍ୟ ଥିଲା ଗଣତନ୍ତ୍ର-ଶାସନ-କୈନ୍ଦ୍ରିକ । ତେଣୁ ଉଭୟ ସାହିତ୍ୟ କୃତିରେ ସେଇ ଐତିହାସିକ ଦୁର୍ଭିକ୍ଷ ବହୁ ପରିମାଣରେ ତାର ଗୁରୁତ୍ୱ ହରାଇବସିଛି । ବରଂ ପରବର୍ତ୍ତୀ କାଳର ଗୋପାଳ ଛୋଟରାୟ, ଗଙ୍ଗାଧର ରଥ ଓ ନୀଳମଣି ରାଉତରାୟ ଆଦିଙ୍କ ଆତ୍ମଜୀବୀନୀ/ସ୍ମୃତିକଥାରେ ହିଁ ସେହି ଦୁର୍ଭିକ୍ଷର ଚିତ୍ର କେତେକାଂଶରେ ଧରାଯାଇଛି । କହିଦେବାର କଥା, ବଙ୍ଗ ତୁଳନାରେ ଓଡ଼ିଶାର ଦୁର୍ଭିକ୍ଷ ସ୍ୱଳ୍ପ ଲୋକକ୍ଷୟକାରୀ ହୋଇପାରିଥାଏ । କିନ୍ତୁ ମାତ୍ର ଦଶ ବର୍ଷରୁ କମ୍ କାଳ ପୂର୍ବେ ସ୍ୱତନ୍ତ୍ର ହୋଇଥିବା ଗଡ଼ଜାତ ମିଶ୍ରଣ ପୂର୍ବର ଖଣ୍ଡିତ, କ୍ଷୁଦ୍ର ଓ ତୁଳନାତ୍ମକ ଭାବରେ ସ୍ୱଳ୍ପ ଲୋକସଂଖ୍ୟା ବିଶିଷ୍ଟ ଓଡ଼ିଶା ପକ୍ଷରେ ତା ନିଶ୍ଚୟ ଭୟାବହ ହିଁ ଥିଲା । ତା ସତ୍ତ୍ୱେ ବି ସମକାଳୀନ ବା ପରବର୍ତ୍ତୀ କାଳର ପ୍ରସିଦ୍ଧ (ବା ଦୃଷ୍ଟି ଆକର୍ଷଣ କରିପାରିଥିବା) ସର୍ଜନାତ୍ମକ ଓଡ଼ିଆ ସାହିତ୍ୟକୃତିରେ ତାହା ବିଶେଷ ଭାବରେ ସ୍ଥାନ ପାଇପାରିନାହିଁ, ଯଦିଓ ୧୯୪୩-୪୪ର ସେଇ ଐତିହାସିକ ଦୁର୍ଭିକ୍ଷ ଓଡ଼ିଆ ସାହିତ୍ୟ ଜଗତରେ ଅବଶ୍ୟ କେତେକ ପଦଚିହ୍ନ ଛାଡ଼ିଯାଇଛି ।

[ଏହା ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ ସ୍ୱାଦର ପ୍ରବନ୍ଧ । କାରଣ ଏହି ପ୍ରବନ୍ଧରେ ପ୍ରଦତ୍ତ ଓଡ଼ିଶା ଇତିହାସର ଏକ ସ୍ୱଳ୍ପ-ଚର୍ଚ୍ଚିତ ଚିତ୍ରଟି ମୁଖ୍ୟତଃ କେତେକ ଆତ୍ମଜୀବନୀ /ସ୍ମୃତିକଥା ଆଧାରରେ ପ୍ରସ୍ତୁତ । ଓଡ଼ିଶାର ଇତିହାସର ସଂରଚନାରେ ଉପାଦାନ ଭାବରେ ଆତ୍ମଜୀବନୀ/ସ୍ମୃତିକଥାର ଗୁରୁତ୍ୱ ଏ ମଧ୍ୟରେ ସୂଚିତ । ତେବେ ମୁଖ୍ୟତଃ ଆତ୍ମଜୀବନୀ/ ସ୍ମୃତିକଥା-ଭିତ୍ତିକ ହୋଇଥିବାରୁ ଚିତ୍ରଟି ହୁଏତ ଖଣ୍ଡିତ ଓ/ବା ପ୍ରମାଦିକ ହୋଇଯାଇଛି । ସମସାମୟିକ ସମ୍ବାଦପତ୍ର, ପତ୍ରିକା ଓ ସରକାରୀ ସୂତ୍ରରୁ ସେ ସମ୍ପର୍କୀୟ ଅଧିକ ଉପାଦାନ ସଂଗ୍ରହ କରାଯାଇ ଚିତ୍ରଟିକୁ ପୂର୍ଣ୍ଣାଙ୍ଗ ଓ/ବା ପ୍ରମାଦରହିତ କରିବାର ପ୍ରଚେଷ୍ଟା କରାଯାଇପାରେ । ଭବିଷ୍ୟତରେ କୌଣସି ଗବେଷକ ସେ ଆହ୍ୱାନକୁ ଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଏ ପ୍ରବନ୍ଧ ପ୍ରଥମେ 'ଝଙ୍କାର'ର ୨୦୧୪ ଏପ୍ରିଲ୍(୬୬/ ୧) ଓ ମେ'(୬୬/୨) ସଂଖ୍ୟା ଦୁଇଟିରେ ପ୍ରକାଶ ପାଇଥିଲା । ଏଥିପାଇଁ ତଥ୍ୟ ସଂଗ୍ରହରେ ସହାୟତା କରିଥିବାରୁ ଲେଖକ ଦେବେନ୍ଦ୍ର କୁମାର ଦାଶ, ଶ୍ରୀଚରଣ ମହାନ୍ତି ଓ ଗୌରାଙ୍ଗ ଚରଣ ଦାଶଙ୍କ ନିକଟରେ କୃତଜ୍ଞ ।]

Digitized by srujanika@gmail.com

ଉପାଦାନ ପଞ୍ଜିକା

- ଦାଶ, ଦେବେନ୍ଦ୍ର କୁମାର (ସଂ), ୨୦୦୫, ଉତ୍କଳ ସମ୍ମିଳନୀ (୧୯୦୩-୧୯୩୬), ପ୍ରଥମ ଖଣ୍ଡ । ରାଉରକେଲା । ପ୍ରଗତି ଉତ୍କଳ ସଂଘ ।
- ଦାସ, ଅଲେଖ ପ୍ରସାଦ, ୧୯୯୪, ଜୀବନର ଡାକ । କଲକଲା, ଅଲେଖ ପ୍ରସାଦ ଦାସ ।
- ଦାସ, ପଣ୍ଡିତ ନୀଳକଣ୍ଠ, ୨୦୦୩, ଆତ୍ମଜୀବନୀ । କଟକ, ଷ୍ଟୁଡେଣ୍ଟସ୍ ଷ୍ଟୋର ।
- ଦାଶ, ଶ୍ରୀରାମ ଚନ୍ଦ୍ର, ୧୯୯୨, ମୋ ଅକୁହା କାହାଣୀ । କଟକ, ଷ୍ଟୁଡେଣ୍ଟସ୍ ଷ୍ଟୋର ।
- ଛୋଟରାୟ, ଗୋପାଳ, ପରକଲମ । (ଦ୍ର: ଆଧୁନିକ ଓଡ଼ିଆ ନାଟକ, ସଂ. ମହାନ୍ତି, ଯତୀନ୍ଦ୍ରମୋହନ, ୨୦୦୦) ।
- ଛୋଟରାୟ, ଗୋପାଳ, ୧୯୯୫, ପଥିକ । କଟକ, ବିଦ୍ୟାପୁରୀ ।
- ଜେନା, ସଂଗ୍ରାମ, (ସଂ). ୨୦୧୦, କ୍ଷୁଧା । କଟକ, ପାଣ୍ଡୁଲିପି ।
- ପଟ୍ଟନାୟକ, କାଳିଚରଣ, ୧୯୪୫, ଭାତ । କଟକ, ନାରାୟଣଚନ୍ଦ୍ର ଦାସ ।
- ମହାନ୍ତି, ଯତୀନ୍ଦ୍ର ମୋହନ (ସଂ), ୨୦୦୦, ଆଧୁନିକ ଓଡ଼ିଆ ନାଟକ । ନୂଆ ଦିଲ୍ଲୀ, ସାହିତ୍ୟ ଅକାଦେମି ।
- ମହାନ୍ତି, ସନ୍ତୋଷ କୁମାର (ସଂ.), ୨୦୧୧, ପଣ୍ଡା-ପଣ୍ଡିତ ପତ୍ରାବଳି । କଟକ, ଅଗ୍ରଦୂତ ।
- ମହାପାତ୍ର, ଜଷ୍ଟିସ୍ ହରିହର, ୨୦୦୪, ଜୀବନ ଓ ଜୀବିକା । ଭୁବନେଶ୍ୱର, ଲାର୍କ ବୁକ୍ସ (୧ମ ମୁଦ୍ରଣ ୧୯୮୭) ।
- ମିଶ୍ର, ପଣ୍ଡିତ ଗୋଦାବରୀଶ, ୨୦୦୬, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ । କଟକ, ଗ୍ରନ୍ଥମନ୍ଦିର ।
- ମିଶ୍ର, ପଣ୍ଡିତ ଗୋଦାବରୀଶ, ୧୯୭୫, ଗୋଦାବରୀଶ ଗ୍ରନ୍ଥାବଳୀ, ଦ୍ୱିତୀୟ ଖଣ୍ଡ । କଟକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ।
- ମିଶ୍ର, ପଣ୍ଡିତ ଗୋଦାବରୀଶ, ୧୯୬୩, ଗୋଦାବରୀଶ ଗ୍ରନ୍ଥାବଳୀ, ତୃତୀୟ ଖଣ୍ଡ । କଟକ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ।

Digitized by srujanika@gmail.com

- ମିଶ୍ର, ଗୋବିନ୍ଦଚନ୍ଦ୍ର (୧୯୫୮) ଜାତୀୟ ଜୀବନର ଆତ୍ମପ୍ରକାଶ (ତୃତୀୟ ଖଣ୍ଡ) । କଟକ, ଗୋବିନ୍ଦ ଚନ୍ଦ୍ର ମିଶ୍ର ।
- ମିଶ୍ର, ଚିନ୍ତାମଣି ୧୯୮୫, ଅର୍ଦ୍ଧ ଶତାବ୍ଦୀର ଅନୁଭୂତି (ଦ୍ୱିତୀୟ ଭାଗ) । କଟକ, ନବଜୀବନ ପୁସ୍ତକାଳୟ ।
- ରଥ, ଗଙ୍ଗାଧର ୧୯୯୪, ଭୁଲିନାହିଁ । କଟକ, ଅଳକା ।
- ରଥ, ବ୍ରଜନାଥ (ସଂ) ୨୦୦୮, ବିପ୍ଳବୀ ମନମୋହନ ସ୍ମୃତି ସଞ୍ଚୟନ । ବାଲେଶ୍ୱର, ସୁବର୍ଣ୍ଣ ଶ୍ରୀ ।
- ରାଉତରାୟ, ନୀଳମଣି, ୨୦୦୧, ସ୍ମୃତି ଓ ଅନୁଭୂତି । କଟକ, ଗ୍ରନ୍ଥମନ୍ଦିର ।
- ରାଉତରାୟ, ସଚ୍ଚି, ୨୦୦୧, ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ । ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ ।
- ରାଏଚୂଡ଼ାମଣି, ଗୋକୁଳମୋହନ, ୧୯୭୭, ଇତିହାସର ପଦକ୍ଷେପ । କଟକ, ଉଦୟନାଥ ।
- ଶତପଥୀ, ବିଜୟ କୁମାର, ୧୯୯୫, ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା । କଟକ, ଓଡ଼ିଶା ବୁକ୍‌ଷ୍ଟୋର ।
- Chatterji, Joya, 1996, Bengal Divided. New Delhi, Foundation Books.
- Dora, Gobardhan, 2003, Thesaurus of Events and Dates of Orissa. Bhubaneswar, Lavanyavati Dora.
- Ghosh, Sunit, 1991, Orissa in Turmoil. Bhubaneswar, Bookland International.
- Ibsen, Henerik, 1882, An Enemy of the People.

■■

Digitized by srujanika@gmail.com

କାହାଣୀ : ଜଣେ ଗବେଷକର

ଆଜି ୨୫ ଫେବୃଆରୀ ୨୦୧୧ । ମମତା ବାନାର୍ଜୀ ସଂସଦରେ/ ଲୋକସଭାରେ ରେଲ୍ ବଜେଟ୍ ପେଶ୍ କରୁଛନ୍ତି । ମୁଁ କିନ୍ତୁ ଟିଭିରେ ରେଲ ବଜେଟ୍‌ର ଦୃଶ୍ୟଭାଗ ବା ଶ୍ରାବ୍ୟଭାଗ କେଉଁଥିରେ ମନ ନ ଦେଇ ଗୋଟାଏ ସିନେମା ଦେଖୁଥିଲି । ଆଗକୁ ଯିବା ପୂର୍ବରୁ ଏଇଠି କହିରଖେ ମୁଁ ଏବେ ବେଳେବେଳେ ଟିଭିରେ ସିନେମା ଦେଖୁଛି । ପୂର୍ବେ ଯେତେବେଳେ ଛାତ୍ର ଥିଲି ବା ତା ପରେ ଯେତେବେଳେ ନୌକରୀ ବା ଦାସତ୍ୱ କଲି (– ତା ସତରେ ନୌକରୀ ବା ଦାସତ୍ୱ ନୁହେଁ ତ ଆଉ କଅଣ ? କାରଣ ଅବସର ନେବାର ପନ୍ଦର ବର୍ଷ ହେଲାଣି, କିନ୍ତୁ ମୋ ଚାକିରିକାଳର କେତେକ ପ୍ରାପ୍ୟ ଏବେ ବି ପାଇପାରୁନାହିଁ –) ସେତେବେଳେ ସିନେମା ଦେଖିବାର ପ୍ରବଳ ଇଚ୍ଛା ଥିଲେ ମଧ୍ୟ ସୁଯୋଗ ଅଭାବରୁ ଦେଖିପାରିନାହିଁ । ହୁଏତ ସମୟର ଅଭାବ ଅଥବା ଅର୍ଥର ଅଭାବ ବା ଅନ୍ୟ ପ୍ରକାରର ଅସୁବିଧା ହେତୁ ।

ଅଧ୍ୟାପକ-ଜୀବନରେ ପାଦ ଦେବା ପୂର୍ବରୁ ଗବେଷଣା କାର୍ଯ୍ୟ ଆରମ୍ଭ କରିଥିଲି ଓ ଅଧ୍ୟାପକଟିଏ ହେବା ପରେ ତା ବନ୍ଦ ହେବା ପରିବର୍ତ୍ତେ ଚାଲିରହିଲା । ଗବେଷଣା ପରି ଏକ ଚଷ୍ଟୁକୁଟିବା କାମରେ ହାତ ଦେଇଥିବା ଲୋକର ତ ସବୁବେଳେ ସମୟର ଅଭାବ ହୁଏ । ତେଣୁ ଗବେଷଣା କଥା ଛଡ଼ା ଆଉ କୌଣସି କଥା, ଆଉ ତା ଭିତରେ ଘର କଥା, ବୁଝିବାକୁ ମୋର ବେଳ ନଥାଏ କି ସେଥିପାଇଁ ପ୍ରବୃତ୍ତି ବି କେବେ ନଥିଲା । ଘରଣୀ ସ୍ୱେଚ୍ଛାରେ ସେ ସବୁ ଦାୟିତ୍ୱ ମୁଣ୍ଡ ଉପରକୁ ନେଇ ଆଜି ପର୍ଯ୍ୟନ୍ତ ମୋ ଘର ଚଳାଇ ଆସିଛନ୍ତି ବୋଲି ସେ ଘର ଚାଲେ । କେବଳ ସେ ହିଁ ଆମ ପିଲାମାନଙ୍କ କଥା ବୁଝିଥିବାରୁ ସେମାନେ ତ ଆଜି ମଣିଷ ହୋଇପାରିଛନ୍ତି । ଆମେ ଗବେଷକମାନେ ସମସ୍ତେ ତ ସତ୍ୟର ସନ୍ଧାନରେ ଅଯଥା ଖାଲି ପଣ୍ଡଶ୍ରମ କରି ଜୀବନସାରା ଦଉଡୁଛୁ । ସତ୍ୟ ତ କେଉଁ ଏକ ଗୁହାରେ ଲୁଚିଛି । ତାକୁ ଖୋଜି ପାଇବା କଣ ଏତେ ସହଜ ? ତାକୁ କିଏ ପାଇଛି ଯେ ମୁଁ ପାଇବି ? ଚଷ୍ଟୁ କୁଟି କିଏ କଣ କେବେ ଚାଉଳ ପାଇଲାଣି

Digitized by srujanika@gmail.com

ଯେ ମୁଁ ତା ପାଇଥାନ୍ତି । ଆମେ ସମସ୍ତେ କେବଳ ତ ସେ ସତ୍ୟକୁ 'ମୁଁ ହେଇ ପାଇଛି', 'ମୁଁ ହେଇ ପାଇଛି' ବୋଲି କହି ହୁରି ପକାଇବାରେ ଲାଗିଛୁ, ସେ ଦିନ ଆର୍କିମିଡିଜ୍ 'ଇଉରେକା', 'ଇଉରେକା' କହି ଚିତ୍କାର କରିଥିଲା ପରି । ପୁଣି ଓଡ଼ିଶାରେ ମୋ ପରି ଯେଉଁମାନେ ମାନବବିଦ୍ୟା ବା ସମାଜବିଜ୍ଞାନର ଗବେଷଣା କରନ୍ତି ସେମାନେ ତ ସତ୍ୟ ପଛରେ ଦଉଡ଼ି ଦଉଡ଼ି ସାଂସାରିକ ଉନ୍ନତି କରିପାରନ୍ତି ନାହିଁ; ସାଂସାରିକ ସଫଳତା ତ ସେମାନଙ୍କ ଭାଗ୍ୟରେ ନଥାଏ । ସେମାନେ ସେପରି ଗବେଷଣାରୁ କିଛି ବି ପାଆନ୍ତି ନାହିଁ, ନାଁ ଯଶଖ୍ୟାତି, ନାଁ ସମ୍ମାନସ୍ୱୀକୃତି, ନାଁ ପଦପଦବୀ, ନାଁ ଅର୍ଥ । କେବଳ ଦଉଡ଼ିବା ହିଁ ସାର ହୁଏ । ବରଂ ଉପେକ୍ଷା, ଲାଞ୍ଛନା ଓ ବଞ୍ଚନା ସେମାନଙ୍କର ପ୍ରାପ୍ୟ ବୋଲି ସମସ୍ତେ ଧରିନେଇଛନ୍ତି । ତେଣୁ ସେମାନେ ଘରେ ଘରଣୀମାନଙ୍କର ନାନାଦି ଧିକ୍କାର ବଚନ ଶୁଣି ଶୁଣି କର୍ଣ୍ଣ ପବିତ୍ର କରନ୍ତି । ଅବଶ୍ୟ ମୋର ସେପରି ଦୁର୍ଭାଗ୍ୟ ହୋଇନାହିଁ । କାରଣ ମୋର ବିଶେଷ ଶିକ୍ଷାଦୀକ୍ଷାହୀନ ଘରଣୀଙ୍କୁ ମୁଁ ପ୍ରତିଦିନ କିଛି ସମୟ ଧରି ଭାଷଣ ଦେଇ ଦେଇ ବିଶ୍ୱାସ କରାଇଦେଇଛି ଯେ ମୁଁ ଗୋଟାଏ ବିରାଟ କିଛି କରୁଛି । ଘରଣୀଙ୍କର ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ଥିବାରୁ ମୋ କଥାକୁ ସେ ଆଜି ପର୍ଯ୍ୟନ୍ତ ବିଶ୍ୱାସ କରିଆସିଛନ୍ତି । ମୋର କେତେକ ପୂର୍ବତନ ଛାତ୍ରଛାତ୍ରୀ ମଧ୍ୟ ଏ କାମରେ ମତେ ସକ୍ରିୟ ସାହାଯ୍ୟ ସହଯୋଗ କରିଆସିଛନ୍ତି । ସେମାନେ ମଧ୍ୟ ସାର୍ ଜଣେ ବିରାଟ ଗବେଷକ ବୋଲି ଗବେଷଣା କି ପଦାର୍ଥ ତା ବୁଝିବାରେ ଅସମର୍ଥ ମୋ ଘରଣୀଙ୍କ ମନରେ ଏକ ମିଥ୍ୟା ବିଶ୍ୱାସ ସୃଷ୍ଟି କରିପାରିଛନ୍ତି- ସେମାନଙ୍କର ମୋ ପ୍ରତି ଶ୍ରଦ୍ଧା ବା ଭକ୍ତି ଅଥବା ଏପରି କି ଜୀବନ-ଯୁଦ୍ଧରେ ହାରିଯାଇଥିବା ସାର୍‌ଙ୍କ ପ୍ରତି କରୁଣା ହେତୁ । ମୋର କେତେକ ସମଧର୍ମା ବନ୍ଧୁ ମଧ୍ୟ ସେପରି କାର୍ଯ୍ୟରେ ମତେ ସାହାଯ୍ୟ କରନ୍ତି । ସେଥିରେ ଘରଣୀଙ୍କ ମନରେ ଆନନ୍ଦ ହେବାର କଥା । ସ୍ୱାମୀଙ୍କର କୃତିତ୍ୱରେ ଆନନ୍ଦ ହେବା ତ ଘରଣୀମାନଙ୍କର ଧର୍ମ । ତା ଫଳରେ ଆମ ଘରେ ସେଇ ସମଧର୍ମା ବନ୍ଧୁମାନଙ୍କର ଆଦର ଆପ୍ୟାୟନ ଓ ଚା' ଓ ଜଳପାନ ଆଦି କର୍ମ ନିର୍ବିଘ୍ନରେ ଚାଲେ । ସେମାନେ ସେଇ ସୁଯୋଗକୁ ହାତଛଡ଼ା ନ କରିବାପାଇଁ ମୋର କୃତିତ୍ୱର ଅଧିକରୁ ଅଧିକ ପ୍ରଶଂସା କରନ୍ତି । ମୋର ଆଉ ସେଥିରେ ଆପତ୍ତିର କି କାରଣ ବା ଥାଇପାରେ ? ଆମ ସମସ୍ତଙ୍କ ଏପରି ଷଡ଼ଯନ୍ତର ଜାଲରେ ଛନ୍ଦିହୋଇପଡ଼ିଥିବା ମୋର ଘରଣୀ ତେଣୁ ମୋର ପୈତୃକ ପୁରାତନ ଅର୍ଦ୍ଧ-ଭଗ୍ନ ଘରେ ରହି ମଧ୍ୟ ତା ଆମ ଭାଗ୍ୟରେ ଥିଲା (ଓ ସେଥିପାଇଁ ମୁଁ ଆଦୌ ଦାୟୀ ନୁହେଁ) ବୋଲି ଭାବି ଭାଗ୍ୟକୁ ଆଦରି ସେ ଘରେ ଆନନ୍ଦରେ ରହିଆସୁଛନ୍ତି । ଧୀର ମନ୍ଥର ଗତିରେ ମୋ ଗବେଷଣା ବି ତା ବାଟରେ ଚାଲିଛି ।

Digitized by srujanika@gmail.com

ଏଇଠି କହିଦିଏ, ଟିଭି-ଯୁଗର ଅଭ୍ୟୁଦୟ ପରେ ଟିଭିଟିଏ ବି ମୋର ନ ଥିଲା; ତା କିଣିବାର ସାମର୍ଥ୍ୟ ବି ଦିନାକେତେ ମୋର ନ ଥିଲା । କାରଣ ଗବେଷକର କେବଳ ସମୟର ଅଭାବ ନୁହେଁ, ଅର୍ଥର ବି ବେଶ୍ ଅଭାବ ହୁଏ । ଗବେଷକ ହୋଇଥିବାରୁ ମତେ ବି ତ ଗବେଷଣାପାଇଁ ବହି, ଜର୍ଣ୍ଣାଲ୍ କିଣିବାପାଇଁ ଅର୍ଥ ବ୍ୟୟ କରିବାପାଇଁ ପଡୁଥିଲା ବା ବିଭିନ୍ନ ସ୍ଥାନରେ ଥିବା ପୁସ୍ତକାଳୟ, ଅଭିଲେଖାଗାର ଆଦିକୁ ଯିବାକୁ ହେଉଥିଲା । ଏପରି କି ବେଳେବେଳେ ବିଭିନ୍ନ ବ୍ୟକ୍ତିଙ୍କ ଘରକୁ ବି ଯିବାକୁ ହେଉଥିଲା, ତା ପୁଣି ତାଙ୍କ ସୁବିଧା ଓ ମର୍ଜିକୁ ଜଗି, ତାଙ୍କ ଘରେ ଥିବା କେତେକ ଦୁଷ୍ପ୍ରାପ୍ୟ ବା ଦୁର୍ଲଭ ପୁରୁଣା ବହି ବା ପତ୍ରପତ୍ରିକା ଦେଖିବାପାଇଁ । କାରଣ ସେତେବେଳେ ତ ଏବକା ପରି ଇଣ୍ଟରନେଟ୍‌ଯୁଗର ଅଭ୍ୟୁଦୟ ହୋଇନଥିଲା । ତେଣୁ ବହି ଓ ଜର୍ଣ୍ଣାଲ୍ କିଣିବା ବା ବିଭିନ୍ନ ସ୍ଥାନକୁ ଯିବା ବିନା ମାନବବିଦ୍ୟା ବା ସମାଜବିଜ୍ଞାନ କ୍ଷେତ୍ରରେ ଗବେଷଣା କରିବା ଆଦୌ ସମ୍ଭବ ନ ଥିଲା । ପୁଣି କିଣିଥିବା ବହି, ଜର୍ଣ୍ଣାଲ୍ ଆଦିର ରକ୍ଷଣାବେକ୍ଷଣପାଇଁ ମଧ୍ୟ ଅର୍ଥବ୍ୟୟର ଆବଶ୍ୟକ ଥିଲା । ତା ବ୍ୟତୀତ ପ୍ରବନ୍ଧ ଟାଇପ୍ କରାଇବା, ତାକୁ ରେଜେଷ୍ଟ୍ରି ଡାକଯୋଗେ ପଠାଇବା ପରି ଛୋଟଛୋଟ କଥା ନ କହିବା ବରଂ ଉଚିତ । ଏଣେ କିନ୍ତୁ ଖାତା ଦେଖିବା, ପ୍ରଶ୍ନ ତିଆରି କରିବା, ପରୀକ୍ଷାର ଅଧ୍ୟକ୍ଷଭାବେ ପରୀକ୍ଷା ପରିଚାଳନା ଆଦି କାମ ମାଧ୍ୟମରେ କିଛି ଅର୍ଥ ଉପାର୍ଜନ କରିବାର ସ୍ପୃହା ବି ମୋର ନଥିଲା । ତେଣୁ ଘରଣୀଙ୍କୁ ଆଜି ପର୍ଯ୍ୟନ୍ତ ତାଙ୍କ ମନମୁତାବକ ଖଣ୍ଡେ ଦାମିକା ଶାଢ଼ୀ ବି କିଣି ଦେଇପାରିନାହିଁ । ସେ କଥା ଆଜି ଥାଉ; ଆଉ ଦିନେ ସେ ଗବେଷଣାର କଥା – ଗବେଷଣାର କଥା ନୁହେଁ ତ, ସେ ବ୍ୟଥାର କଥା – କହିବି ।

ବହୁ ବିଳମ୍ବରେ ଯେତେବେଳେ କଳା-ଧଳା ଟିଭିଟିଏ କିଣିଲି ସେତେବେଳେ ଏପରି କେବଲ୍-ଯୁଗର ଆରମ୍ଭ ହୋଇନଥିଲା ବା ମୁଁ ଚାକିରି କରିଥିବା ଜାଗାରେ କେବଲ୍ ନବାର ସୁବିଧା ନ ଥିଲା । ପୁଣି ସେଇ ଗୋଟିଏ ମାତ୍ର ଦୂରଦର୍ଶନ କାର୍ଯ୍ୟକ୍ରମରେ ସପ୍ତାହରେ ଥରେ (ବା ପରେ ଦୁଇଥର) ଯେତେବେଳେ ସିନେମା ପରିବେଷିତା/ ପ୍ରଦର୍ଶିତ ହେଉଥିଲା ଠିକ୍ ସେତିକି ବେଳେ ବାଦ ସାଧିଲା ପରି ଇଲେକ୍‌ଟ୍ରିକ ଲାଇନ୍ କଟିଯାଉଥିଲା । ଆଉ ସିନେମା ଦେଖା ସକ୍ ସେଇଠି ମରିଯାଉଥିଲା । ଏପରି ଭାବରେ ଚାକିରି କାଳ ଶେଷ ହେଲା । ତେଣୁ ଚାକିରି ସ୍ଥାନରୁ ଆସି ପୁରୁଣା ଭୁବନେଶ୍ୱରର ପୈତୃକ ଅର୍ଦ୍ଧଭଗ୍ନ ଘରେ ଅଗତ୍ୟା ଆସ୍ଥାନ ଜମାଇଲି । ଘରଣୀଙ୍କୁ ବୁଝାଇଦେଇପାରିଥିଲି ଯେ ଏଇ ପୁରୁଣା ପୈତୃକ ଘରେ ଆଭିଜାତ୍ୟର ସ୍ପର୍ଶ ଲାଗିଛି । ସେ ବି ସେଥିରେ ଖୁସି । ରହସ୍ୟରେ ବନ୍ଧୁମାନଙ୍କୁ ଇଂରାଜୀରେ କହୁଥିଲି This old man resides in

Digitized by srujanika@gmail.com

an old house with old world charm in old Bhubaneswar. ଏଇଠି old world charm କଥାଟାକୁ ଟିକିଏ ବ୍ୟାଖ୍ୟା କରିବା ଦରକାର । ପୁରୁଣା ଘର ତେଣୁ ଉଇ, ମୂଷା (ସେ ତ ଗଣେଶଙ୍କର ବାହନ ଓ ଜଣେ ଗବେଷକର ଘରେ ତ ତାର ପୂର୍ଣ୍ଣ ସ୍ୱାଧୀନତା ରହିବା ଦରକାର), ମଶା (ସେ କାହାର ବାହନ କି କଣ ମତେ ଜଣା ନାହିଁ), ଗୋଧି, ନେଉଳ, ଶାଳିଆପତନୀ ଆଦି ନିର୍ଭୟରେ ମୋ ଘରେ ବିଚରଣ କରନ୍ତି । ସେମାନଙ୍କୁ ବାଧା ଦେବାର ଶକ୍ତି ବିଚରା ଗବେଷକର କାହୁଁ ଆସିବ ? ଘରଯାକ ପୁଣି ମୋର ଅନେକ ପୁରୁଣା, ଧତରା ବହି ଓ ପତ୍ରପତ୍ରିକା ଆଦିରେ ଭର୍ତ୍ତି ହୋଇ ସେଥିରେ ବାସୋପଯୋଗୀ ସ୍ଥାନର ପରିସର କେବଳ ସୀମିତ ଓ ସଂକୀର୍ଣ୍ଣ ହୋଇପଡ଼ିଛି ନୁହେଁ, ସେ ସବୁରେ ପରସ୍ତ ପରସ୍ତ ଧୂଳି ବି ଜମିଯିବାରେ ଲାଗିଛି । କାରଣ ସେ ସବୁକୁ ଝଡ଼ାଝଡ଼ି କରିବାପାଇଁ ଏ ଗବେଷକ ବିଚରାକୁ ସମୟ ବି ମିଳେ ନାହିଁ । ତେଣୁ ଅନେକଙ୍କୁ ତାହା ମଧ୍ୟ 'ଭଦ୍ରଲୋକ'ଙ୍କ ପକ୍ଷରେ ବାସସ୍ଥାନର ଅଯୋଗ୍ୟ ବୋଲି ବି ମନେହୋଇପାରେ । (ମତେ ଅବଶ୍ୟ ଭଦ୍ରଲୋକ ତାଲିକାରେ ରଖିବାକୁ ଅନେକଙ୍କ ମନରେ କୁଣ୍ଠା ବି ରହିଛି । ଆଉ ସେଥିରେ ବି ମୋର ତିଳେ ହେଲେ ବି ଆପତ୍ତି ନାହିଁ । କାରଣ ମୋର ତ ପଦପଦବୀ, କ୍ଷମତା ବା ସମ୍ପଦ କିଛି ବି ନାହିଁ । ଆଉ ଜଣେ ନିଷ୍ଠାପର ଓ ସତ୍ୟସନ୍ଧାନୀ ଗବେଷକ ତ ଆମ ସମାଜରେ ଭଦ୍ରଲୋକ ହୋଇପାରେ ନାହିଁ ।) କେବଳ ସେଇଥିପାଇଁ କଥାଟାକୁ ମୁଁ ଇଂରାଜୀରେ କହେ । ଇଂରାଜୀରେ କହିଲେ ଓଡ଼ିଶାରେ ସେ ବକ୍ତବ୍ୟର ମୂଲ୍ୟ ଓ ଗୁରୁତ୍ୱ ଯେ ବଢ଼ିଯିବ ଓ ତା ସମ୍ମାନଜନକ ହୋଇଯିବ ତା ଅବଶ୍ୟ ମତେ ମାଲୁମ ଅଛି ।

ଦିନେ ଘରେ ନ ଥିଲି । କୌଣସି କାମରେ ତିନିଚାରି ଦିନପାଇଁ ବାହାରକୁ ଯାଇଥିଲି । ସେତିକି ବେଳେ ଦିଲ୍ଲୀରେ ରହୁଥିବା ପୁଅ ଘରକୁ ଆସିଲା । ତିନିଚାରି ଦିନ ପରେ ମୁଁ ଘରେ ଆସି ପହଞ୍ଚି ଦେଖେ ତ ପୁଅ ମୋର ସେଇ କଳା-ଧଳା ପୁରୁଣା ଟିଭି ପରିବର୍ତ୍ତେ ଏକ ବଡ଼ ରଙ୍ଗୀନ୍ ଟିଭିରେ କେବଲ୍ ଜରିଆରେ ବିଭିନ୍ନ ଚାନେଲର କାର୍ଯ୍ୟକ୍ରମ ଦେଖୁଛି । ଦେଖି ତ ପ୍ରଥମେ ମୁଁ ଅବାକ୍ ହୋଇଗଲି । ମୋ ପୁଅ ତଥା ଘରଣୀ ମୋର କେତେକ ଦୁର୍ବଳତାର କଥା ଓ ତା ମଧ୍ୟରେ ଦେଶବିଦେଶର ଖବରାଖବର ବା ସମ୍ବାଦ ଜାଣିବାପାଇଁ ମୋର ବିଶେଷ ଆଗ୍ରହର କଥା ଭଲ ଭାବରେ ଜାଣିଛନ୍ତି । ତେଣୁ ପୁଅକୁ ଯେତେବେଳେ ଏପରି କାଣ୍ଡର ତାତ୍ପର୍ଯ୍ୟ ପଚାରିଲି ସେ ସେଇ କାର୍ଯ୍ୟକ୍ରମରୁ ଆଖି ନ ଉଠାଇ କହିଲା, "ଏଣିକି ତୁମେ ବିବିସି ଆଦି କାର୍ଯ୍ୟକ୍ରମରୁ ସବୁ ସମ୍ବାଦ ଯଥାଶୀଘ୍ର ପାଇପାରିବ । ସେଥିପାଇଁ ହିଁ ଏ ବ୍ୟବସ୍ଥା ।" ମୋ ପୁରୁଣା ଟିଭି କୁଆଡ଼େ ଗଲା ବୋଲି

Digitized by srujanika@gmail.com

ପଚାରନ୍ତେ, ସେ କହିଲା ଯେ ସେ ମାନଧାତା ଅମଳର ଟିଭିରେ କଣ କିଛି ଦିଶୁଥିଲା ? ତେଣୁ ତାକୁ ଖୁଡ଼ାବାଲାକୁ ବିକ୍ରି କରାଗଲା ଓ ନୂଆ ରଙ୍ଗୀନ ଟିଭି କିଣାଗଲା । ଏପରି ପରିବର୍ତ୍ତନରେ ଅତି ପ୍ରସନ୍ନ ଦିଶୁଥିବା ଘରଣୀ ମତେ ଅନ୍ତରାଳକୁ ଡାକିନେଇ କହିଲେ, "ଏତେ ଦିନକେ ପୁଅ ଘରକୁ ଆସିଛି । ସାଢ଼େ କ୍ରିକେଟ ଖେଳ ଚାଲିଛି । ରୋଜଗାରିଆ ପୁଅ ଯଦି ତା ଦେଖିବାପାଇଁ ଇଚ୍ଛା କରି କଣ କଲା, ତା ସାଙ୍ଗରେ ଆଉ ଝକର ଝକର ହୁଅନା । ତା ମନ କଷ୍ଟ ହେବ ।" ଅବଶ୍ୟ ମୋର ବହୁ ସାଙ୍ଗସାଥୀ ଓ ପୂର୍ବତନ ସହକର୍ମୀଙ୍କ ଘରେ ଶୋଭାପାଉଥିବା ବଡ଼ବଡ଼ ରଙ୍ଗୀନ ଟିଭି ଦେଖି ଓ ମଝେ ମଝେ ସେମାନଙ୍କ ଘରଣୀମାନଙ୍କଠାରୁ ସେଥିରେ ବିଭିନ୍ନ ଚାନେଲ୍ ମାଧ୍ୟମରେ ଦେଖାଯାଉଥିବା ଧାରାବାହିକଗୁଡ଼ିକର ରଙ୍ଗୀନ ଚିତ୍ର ଓ ତାର ଚିତ୍ତାକର୍ଷଣକାରୀ ଶକ୍ତିର ବର୍ଣ୍ଣନା ଶୁଣି ଶୁଣି ମୁହଁ ଶୁଖାଇପକାଉଥିବା ଘରଣୀଙ୍କ ପୂର୍ଣ୍ଣ ସମର୍ଥନ ପୁଅର ଏପରି କାର୍ଯ୍ୟ ପଛରେ ଅଛି ବୋଲି ଜାଣି ଆଉ ସେ ବିଷୟରେ କିଛି ଉଚ୍ଚବାଚ କଲି ନାହିଁ । ସତରେ ! ମୁଁ ତ ତାଙ୍କ ମନୋରଞ୍ଜନ ପାଇଁ ଜୀବନସାରା ବିଶେଷ କିଛି କରିପାରିଲି ନାହିଁ । କେତେ ଥର ବା ତାଙ୍କୁ ହଲରେ ସିନେମା ଦେଖାଇଛି ? ଅଳ୍ପ କେତେ ଥର ମାତ୍ର । ଏବେ ଯଦି ତାଙ୍କର ଯୋଗା, ରୋଜଗାରିଆ ପୁଅ ତାଙ୍କ ପାଇଁ କିଛି କଲା ସେଥିରେ ବାଧାଦେବା ତ ଦୂରର କଥା, ଉଚ୍ଚବାଚ କରିବାର କି ନୈତିକ ଅଧିକାର ବା ମୋର ଅଛି ?

ତେଣୁ ଏବେ ମୁଁ ପ୍ରତିଦିନ ରଙ୍ଗୀନ ଟିଭିରେ ବିଭିନ୍ନ ଚାନେଲ୍ ଜରିଆରେ ଦେଶବିଦେଶର ଖବରାଖବର ଜାଣୁଛି । ଦେଖି ବେଳେବେଳେ ରାଗିଯାଇ ରାଜନୀତିକ ନେତା, ପ୍ରଶାସକ ଆଦି ବହୁ ଲୋକଙ୍କୁ ବଡ଼ ପାଟିରେ ଗାଳି ବି ଦଉଛି । ନ ଜାଣିଥିବା ଲୋକେ ପ୍ରାୟ ଭାବନ୍ତି ଯେ ମୁଁ କାହା ସହ କଳି କରୁଛି । ବେଳବେଳେ ସିନେମା ମଧ୍ୟ ଦେଖୁଛି । କୌଣସି ସିନେମା ଅବଶ୍ୟ ମୁଁ ଏକାବେଳକେ ପୂରା ଦେଖେ ନାହିଁ । କାରଣ ସେଥିପାଇଁ ମୋର ଧୈର୍ଯ୍ୟର ଅଭାବ ରହିଛି । ପୁଣି ମୋ କର୍ମସୂଚିରେ କ୍ରମାନୁଯାୟୀ ଗବେଷଣା, ଖବର, ବିଶ୍ରାମ ଓ ସିନେମା ଅଗ୍ରାଧିକାର ପାଏ । ତେଣୁ ଟିଭିରେ ଖବର ଜାଣିବାକୁ ମୁଁ ସବୁବେଳେ ଖବର-ଚାନେଲ୍‌କୁ ଅଗ୍ରାଧିକାର ଦିଏ । ତା ଛଡ଼ା ବିଶ୍ରାମ ସମୟରେ ସିନେମା ନ ଦେଖି ଶୋଇବାକୁ ମଧ୍ୟ ମୁଁ ପସନ୍ଦ କରେ । ତେଣୁ ଯେତେବେଳେ ମୋର ବେଳ ଓ ମନ ହେଲା ତଥା ସେତେବେଳେ ଯାହା ହାବୁଡ଼ରେ ପଡ଼ିଲା ସେଇ ସିନେମାର ଏଠାରୁ ସେଠାରୁ, ଆରମ୍ଭରୁ, ମଝିରୁ ଏହିପରି କିଛି କିଛି ଅଂଶ ଦେଖେ । ବେଳେବେଳେ ଏହିପରି ଦେଖି ଦେଖି କେତୋଟି ସିନେମା ବି ପୂରା ଦେଖା ହୋଇଗଲାଣି । ଏହିପରି ଭାବରେ ଅବସରକାଳୀନ ଜୀବନ କଟାଉଛି ।

Digitized by srujanika@gmail.com

ଆଜି କିନ୍ତୁ ମମତା ବାନାର୍ଜୀଙ୍କ ବଜେଟ ଭାଷଣ ନ ଶୁଣି ସିନେମା ଦେଖୁଥିବାରୁ ଘରଣୀ ବିସ୍ମିତ ହେଲେ । କାରଣ ଅତୀତରେ ଏପରି ଘଟଣା କେବେ ବି ଘଟିନାହିଁ । ଟିଭି-ଯୁଗର ଅଭ୍ୟୁଦୟ ପୂର୍ବରୁ ଖବରକାଗଜରୁ ବଜେଟ ସମ୍ପର୍କୀୟ ଓ ନିର୍ବାଚନ ସମ୍ପର୍କୀୟ ସମସ୍ତ ବିବରଣୀ ମୁଁ ଟିକିନିଖି ପଢ଼ିବାର ବଦଭ୍ୟାସ ସହ ସେ ଖୁବ୍ ପରିଚିତ ଥିଲେ । ଏପରି କି ସେତେବେଳେ ଏକାଧିକ ଖବରକାଗଜ ଓ ଖବର-ପତ୍ରିକା ମଧ୍ୟ ମୁଁ କିଣିଆଣି ପଢୁଥିବାରୁ ସେ ମଧ୍ୟେ ମଧ୍ୟେ ବିରକ୍ତ ମଧ୍ୟ ହେଉଥିଲେ । ଟିଭି-ଯୁଗର ଅଭ୍ୟୁଦୟ ପରେ ସେ ବଦଭ୍ୟାସ କମିବା ପରିବର୍ତ୍ତେ ବହୁଗୁଣରେ ବଢ଼ିଯାଇଥିବାର ମଧ୍ୟ ସେ ଲକ୍ଷ୍ୟ କରିଥିଲେ । ତାଙ୍କର ଅବଶ୍ୟ ସେ ସବୁ ପ୍ରତି କୌଣସି ଆକର୍ଷଣ କେବେ ନ ଥିଲା, ଏବେ ବି ନାହିଁ । ମୁଁ ତାଙ୍କୁ ଯେତେ ବୁଝାଏ ଯେ "ଏହା ମାଧ୍ୟମରେ ଆମ ଭବିଷ୍ୟତର ନିଷ୍ପତ୍ତି ହେଉଛି ଓ ଆମ ଭବିଷ୍ୟତ ଏ ସବୁ ଉପରେ ନିର୍ଭରଶୀଳ", ତା ସେ ଏ କାନରେ ପୂରାଇ ସେ କାନରେ ବାହାର କରି, "ସମସ୍ତଙ୍କପେଇଁ ଯାହା ହବ, ତା ତ ଆମପେଇଁ ହବ; ଆମେ କଣ ତାକୁ ଆଉ ବଦଳାଇପାରିବା ?" ପରି ଶସ୍ତା ମନ୍ତବ୍ୟମାନ ପ୍ରକାଶ କରନ୍ତି । ଅବଶ୍ୟ ଏବେ ମୁଁ ମଝିରେ ମଝିରେ ସିନେମା ଦେଖୁଥିବାର ମଧ୍ୟ ସେ ଲକ୍ଷ୍ୟ କରିପାରିଛନ୍ତି । ତା କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଖବର ବଦଳରେ କେବେ ବି ନୁହେଁ । ସେ ଭଲ ଭାବରେ ଜାଣିଛନ୍ତି ଯେ ମୋ'ପାଇଁ 'ଖବର ଆଗ ଓ ସିନେମା ପଛ ।' ତେଣୁ ମୁଁ ଟିଭିରେ ମମତା ବାନାର୍ଜୀ ସଂସଦରେ ରେଲ୍ ବଜେଟ୍ ପେଶ୍ କରିବାର ଦୃଶ୍ୟ ନ ଦେଖି ଓ ତାଙ୍କ ଭାଷଣ ନ ଶୁଣି ସିନେମା ଦେଖୁଥିବାରୁ ସେ ପ୍ରକୃତରେ ବିସ୍ମିତ ହେଲେ । ସତେ ଯେପରି ସେ ସପ୍ତାଶ୍ଚର୍ଯ୍ୟ ବାହାରେ ଆଉ ଏକ ଅଷ୍ଟମ ଆଶ୍ଚର୍ଯ୍ୟ ଦେଖିଲେ । ଅନ୍ତତଃ ସେପରି ମୁଖଭଙ୍ଗୀ କରି ଓ ସେପରି ସ୍ୱରରେ ପଚାରିଲେ, "ହଇ ହୋ, ତୁମେ ଆଜି ରେଲ୍ ବଜେଟ୍ ଭାଷଣ ନ ଶୁଣି କି ନ ଦେଖି ଏ କି ସିନେମା ବସି ଦେଖୁଛ ?" ମୁଁ ମୋର ସିନେମା ଉପରୁ ଆଖି ନ ଉଠାଇ ଉତ୍ତର ଦେଲି, "ଆହେ, ରେଲ୍ ବଜେଟ୍ ମୋର ଆଉ କି କାମରେ ଲାଗିବ ଭଲା ? ରେଲ ଗାଡ଼ିରେ ମୋର ଆଉ କୁଆଡ଼େ ଯିବାର ଯୋଜନା ନାହିଁ କି ସେଥିପାଇଁ ସମ୍ବଳ ମଧ୍ୟ ନାହିଁ । ମୋର ତ କେବଳ ଏବେ ସେ ପୁରକୁ ଟିକେଟ୍ କାଟିବା ବେଳ ଆସିଗଲା । ସେ ଟିକେଟ୍ କଣ ରେଳ ଷ୍ଟେସନର ଟିକେଟ୍ କାଉଣ୍ଟରରୁ ନା ମମତା ବାନାର୍ଜୀଙ୍କ ଭାଷଣରୁ ମତେ ମିଳିବ ? ପୁଣି ମୁଁ ସେ ପୁରକୁ କେଉଁ ଗାଡ଼ିରେ ଯିବି, ତା ପାସେଞ୍ଜର ନା ଏକ୍ସପ୍ରେସ୍, ତା ଦୁରନ୍ତ ନା ଜନଶତାବ୍ଦୀ ନାଁ କରମଣ୍ଡଳ, ସେଥିରେ ମତେ ବିନା-ରିଜର୍ଭେସନରେ ନା ରିଜର୍ଭେସନରେ ଯିବାକୁ ହେବ, ସେ ରିଜର୍ଭେସନ ଏସି (ବାତାନୁକୂଳ) ପ୍ରଥମ ଶ୍ରେଣୀ ନା ଏସି ଦ୍ୱିତୀୟ ଶ୍ରେଣୀ

Digitized by srujanika@gmail.com

ନା ସାଧାରଣ ଦ୍ୱିତୀୟ ଶ୍ରେଣୀ ତାର କି ଖବର ବା ଏଇ ବଜେଟରୁ ମତେ ମିଳିବ ? ଯଦି ଏସି ପ୍ରଥମ ଶ୍ରେଣୀରେ ରାଜଧାନୀ ବା କରମଣ୍ଡଳ ବା ଦୁରନ୍ତ ଗାଡ଼ିର ବେଗରେ ବିନା କଷ୍ଟରେ ସେ ପୁରରେ ପହଞ୍ଚିଯାଆନ୍ତି ତା ହେଲେ ସତରେ କେତେ ଭଲ ନ ହୁଅନ୍ତା ? ତା ନ ହୋଇ ଯଦି ସାଧାରଣ ଦ୍ୱିତୀୟ ଶ୍ରେଣୀରେ ବିନା-ରିଜର୍ଭେସନରେ ଲୋକ ଭର୍ତ୍ତି ହୋଇଥିବା ଓ ଝାଡ଼ାବାନ୍ତିରେ ଅତି ଅପରିଷ୍କାର ଓ ଦୁର୍ଗନ୍ଧଯୁକ୍ତ ଡବା ବା କମ୍ପାଟମେଣ୍ଟରେ ଜାଗା ନ ଥିଲେ ବି ଠିଆ ହୋଇ ବା ଖୁନ୍ଦିଖାନ୍ଦି ହୋଇ ବସି ଧକଡ଼ଚକଡ଼ ହୋଇ ବାରମ୍ବାର ଗାଡ଼ି ଲେଟ୍ ହୋଇ ଅର୍ଥାତ୍ ଘୋଷରା ହୋଇ ସେ ପୁରରେ ପହଞ୍ଚିବାର ଯନ୍ତ୍ରଣା ଭୋଗ ହବ ତା ହେଲେ ମୋ ଭାଗ୍ୟ ଚୋରଚଣ୍ଡାଳଙ୍କୁ ବି ନ ହେଉ । ସେ ସବୁ ବିଷୟକ କୌଣସି ଖବର ତ ଏ ରେଲ୍ ବଜେଟ୍‌ରୁ ମତେ ମିଳିବ ନାହିଁ । ତେଣୁ ସେଥିରେ ମୋର କି ଦରକାର ?" ମୋର ଏ ଅନର୍ଗଳ ଭାଷଣ ଶୁଣି ଘରଣୀ ତ ପ୍ରଥମେ ଥ' ହୋଇଗଲେ । ତା'ପରେ ଛାତିରେ ଛେପ ପକାଇ, 'ଦୁର୍ଗା ଦୁର୍ଗା' କହି ମୁହଁ ମୋଡ଼ିଦେଇ ଓ ନାସିକା କୁଞ୍ଚନ କରି, "ଏ ଭରା ଦି ପହରେ ଏ ଅଲକ୍ଷଣା କଥାଗୁଡ଼ାକ ତମ ତୁଣ୍ଡକୁ କାହିଁକି ଆସୁଛି ?" ବୋଲି ଅନୁଚ୍ଚ ସ୍ୱରରେ ଚିତ୍କାରଟିଏ ମଧ୍ୟ କଲେ ।

ଜୀବନ ସାରା ଶ୍ରେଣୀଗୃହରେ ଭାଷଣ ଦେଇ ଦେଇ ଟଙ୍କା ରୋଜଗାର କରିଥିବା ଓ ତା ଛଡ଼ା ବେଳେବେଳେ ସାହିତ୍ୟ ସଭାରେ ଭାଷଣ ଦେଇ ଶସ୍ତା ବାଃ ବାଃ ଓ ଏତେ ତାଳି ରୋଜଗାର କରିଥିବା ମୁଁ ମଧ୍ୟ ସହଜରେ ଛାଡ଼ିବା ଜନ୍ତୁ ନୁହେଁ । ମୁଁ ମୋ ଭାଷଣ ଶୁଣାଇ ଚାଲିଲି, "ଦିନେ ତ ସେଇ ଅଲକ୍ଷଣା ଘଟଣା ଘଟିବ ଇ ଘଟିବ । ତାକୁ ନା ମୁଁ ବନ୍ଦ କରିପାରିବି, ନା ତୁମେ ବନ୍ଦ କରିପାରିବ । ତୁମକୁ ତ ଦିନେ ତାକୁ ସାମନା କରିବାକୁ ହେବ । ସେଥିରେ ଏତେ ବିଚଳିତ ହେବାର ଅଥବା ଚିଡ଼ିଯିବାର ବା କଣ ଅଛି ? ତୁମେ କଣ ଭାଗବତର ସେଇ ବାଣୀ ପାଶୋରି ପକେଇଲଣି ?

'ମର୍ତ୍ତ୍ୟମଣ୍ଡଳେ ଦେହ ବହି । ଦେବତା ହୋଇଲେ ମରଇ ॥'

ବା

'ମରଣ କାଳେ ନିଦ୍ରା ଗଲେ । ଯମ କି ଛାଡ଼ିଦେବ ଭଲେ ॥'

ପୁଣି କବି ରାଧାନାଥ ମଧ୍ୟ ଲେଖିଛନ୍ତି-

'କେହି ରହିନାହିଁ ରହିବେ ନାହିଁ ଟି ଭବରଙ୍ଗ-ଭୂମି ତଳେ,
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ ॥'

Digitized by srujanika@gmail.com

'ମନବୋଧ ଚଉତିଶା'ରେ କବି ଭକ୍ତଚରଣ ତ କହିଛନ୍ତି,

'ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ ।
ଘଟ ଛୁଟିଲେ ତତେ କହିବେ ଭୂତ ରେ ॥
ଘର ଘରଣୀ ଦେହ କିଳାଉଥିବେ ।'"

ମୁଁ ଏତିକି ମାତ୍ର କହିଛି, ଘରଣୀ ଏତେ ବଡ଼ ଗର୍ଜନ କଲେ ଯେ ମୋର ଭାଷଣବାଜି ତତ୍‌କ୍ଷଣାତ ବନ୍ଦ ହୋଇଗଲା । କୌଣସି ସାହିତ୍ୟ ସଭାର ସଭାପତି ମୋର ଦୁରନ୍ତ ପ୍ରକୃତି ଜାଣିଥିବାରୁ ବିଳମ୍ୱ ହେଉଥିଲେ ମଧ୍ୟ ମଝିରେ ମୋ ଭାଷଣ ବନ୍ଦ କରିବାର ଦୁଃସାହସ କେବେ କରନ୍ତି ନାହିଁ ଓ ମୋ ଭାଷଣ ଶେଷ ହେବା ପର୍ଯ୍ୟନ୍ତ ବାଧ୍ୟ ହୋଇ ଅପେକ୍ଷା କରନ୍ତି । ପୁଣି ଏଇ ସବୁ କଥା କହି କହି ସାହିତ୍ୟ ସଭାମାନଙ୍କରେ ଏତେ ତାଳି ଓ ବାଃ ବାଃ ବି ପାଇଛି । କିନ୍ତୁ ଘରଣୀଙ୍କ ସେ ଗର୍ଜନ ଓ ଉଗ୍ରରୂପ ପାଖରେ ମୋ ଦୁରନ୍ତପଣିଆ କିଛି ବି କାମ କଲା ନାହିଁ । ସେ ଗର୍ଜନ କରି କହୁଥିଲେ, "ଏଁ, କଣ କହିଲ ? କଣ କହିଲ ?" ମନେ ହେଲା ଆମ ଘରେ ଗୋଟାଏ ବଜ୍ର ପଡ଼ିଲା । ଘରଣୀ କହି ଚାଲିଥିଲେ, "ତା ହେଲେ ଜୀବ୍‌ନସାରା ଏଇ ସବୁ ଛେନାଗୁଡ଼, ନିଆଁରଡ଼, ଚୁଲୀପାଉଁଶ ଗବେଷଣା ଚାଲିଛି ? ଏଣିକି ଆସନ୍ତୁ ତୁମର ସେ ଛାତ୍ରଛାତ୍ରୀ ଓ ସାଙ୍ଗସାଥୀ । ତାଙ୍କୁ ସବୁ ଗୋଟି ଗୋଟି କରି ପଚାରୁଛି, ଏଇ ଗବେଷଣାପାଇଁ ସାର୍‌ଙ୍କର ଏତେ ପ୍ରଶଂସା ଓ ବନ୍ଧୁଙ୍କର ଏତେ ଗୁଣଗାନ ?" ଘରଣୀଙ୍କ ପାଟିରୁ ଯେପରି ଅନର୍ଗଳ ଲାଭା ଉଦ୍‌ଗୀରଣ ହେଉଛି । ମୁଁ ତ ବଡ଼ ବିପଦରେ ପଡ଼ିଲି । ଭାବିଲି, ଆଜିଠୁଁ ଜାଣ ମୋର ଛାତ୍ରଛାତ୍ରୀ ଓ ସାଙ୍ଗସାଥିଙ୍କର ଦାନାପାଣି ଏ ଘରୁ ଉଠିଲା । ସୁଲୋଚନା ଦେବୀଙ୍କ ପେଟେଣ୍ଟ ମେଡିସିନ୍ ପ୍ରୟୋଗରେ ବାବୁ ଚନ୍ଦ୍ରମଣିଙ୍କର ଯେଉଁ ହାଲତ୍ ହୋଇଥିଲା ମୋର ଅବସ୍ଥା ତାଠାରୁ ବଳିଗଲା ବୋଲି ମୋର ଅନ୍ତତଃ ମନେହେଲା । ଏବେ କରେ କଣ ? ଘରଣୀଙ୍କୁ ମନେଇବା ଏବେ ଆଉ ଏତେ ସହଜ ହେବ ନାହିଁ ବୋଲି ଜାଣିଲି । ପତ୍ରପତ୍ରିକା ପୃଷ୍ଠାରେ ଓ ସଭାସମିତିରେ କେତେ ଯୁକ୍ତିତର୍କ କରିଆସିଛି ସାରା ଜୀବନ । ତର୍କରେ ବଡ଼ ବଡ଼ ମହାରଥୀଙ୍କୁ ମଧ୍ୟ ହରାଇଦେଇଛି । କିନ୍ତୁ ମୋର ଚକ୍ଷୁକୁଟାର ଅନ୍ୟନାମ ଗବେଷଣାର ଦ୍ୱାହୀରେ ମୋର ସବୁ ପ୍ରକାର ଅବିଚାର ଓ ଅତ୍ୟାଚାରକୁ ଏ ପର୍ଯ୍ୟନ୍ତ ବିନା ପ୍ରତିବାଦରେ ମୁଣ୍ଡପାତି ସହ୍ୟ କରି ଆସିଥିବା ଘରଣୀଙ୍କର ସେ ଉଗ୍ର ରୂପ ଓ ଭୀଷଣ ଗର୍ଜନ ପରେ ଆଉ କିଛି ଯୁକ୍ତିତର୍କ କରିବାପାଇଁ ସାହସ କୁଳେଇଲା ନାହିଁ । ମହାଭାରତରେ ଭଗବାନ ଶ୍ରୀକୃଷ୍ଣ ବି କୁଆଡ଼େ ଦୁଇ ଦୁଇ ଥର ତାଙ୍କ ବିଶ୍ୱରୂପ ଦେଖାଇଥିଲେ, ଥରେ କୁରୁ ରାଜସଭାରେ ଦୁର୍ଯ୍ୟୋଧନ ଆଦିଙ୍କୁ ଓ ଆଉଥରେ କୁରୁକ୍ଷେତ୍ରର

Digitized by srujanika@gmail.com

ଯୁଦ୍ଧ ପଡ଼ିଆରେ ଅର୍ଜୁନଙ୍କୁ । କିନ୍ତୁ ଘରଣୀଙ୍କର ଉଗ୍ରରୂପ ଦର୍ଶନର ମୋର ସେଇ ପ୍ରଥମ ଅନୁଭୂତି । ମୋର ସପ୍ତଶତୀ ଚଣ୍ଡୀର ସେଇ ଶ୍ଳୋକଗୁଡ଼ିକ ହଠାତ୍ ମନେ ପଡ଼ିଗଲା,

"ତସ୍ୟା ନାଦେନ ଘୋରେଣ କୃତ୍ସ୍ନମାପୂରିତଂ ନଭଃ ।
ଅମାୟତାତିମହତା ପ୍ରତିଶବ୍ଦୋ ମହାନଭୂତ୍ ।।
ଚୁକ୍ଷୁଭୁଃ ସକଳା ଲୋକାଃ ସମୁଦ୍ରାଶ୍ଚ ଚକମ୍ପିରେ ।
ଚଚାଲ ବସୁଧା ଚେଲୁଃ ସକଲାଶ୍ଚ ମହୀଧରାଃ ।।"

ଗୁରୁ ପରଶୁରାମଙ୍କ ଅଭିଶାପ ହେତୁ ସଙ୍କଟ କାଳରେ ମହାବୀର କର୍ଣ୍ଣ ତାଙ୍କଠାରୁ ଶିକ୍ଷା କରିଥିବା ସମସ୍ତ ଯୁଦ୍ଧବିଦ୍ୟା ହଠାତ ବିସ୍ମୃତ ହେବା ପରି ଏତେ ଦିନ ପରିଶ୍ରମ କରି ଅର୍ଜନ କରିଥିବା ମୋର ସମସ୍ତ ପାଣ୍ଡିତ୍ୟ ଓ ବିତର୍କ-କୌଶଳ ହଠାତ୍ ଯେପରି କୁଆଡ଼େ ଉଭେଇଗଲା । କିଛି ନ କହି ପ୍ରଥମେ ଚୁପଚାପ ଚାନେଲ୍ ବଦଳେଇ ଡିଡି-ଲୋକସଭା ବା ଆଉ କୋଉ ଖବର-ଚାନେଲ ଖୋଲି (ସେଇ ଭୟଗ୍ରସ୍ତ ଅବସ୍ଥାରେ ଓ ସେ ବିପଦସଙ୍କୁଳ ମୁହୂର୍ତ୍ତରେ କଣ କରିଥିଲି ତା ଆଉ ମୋର ସ୍ମରଣ ନାହିଁ) ମମତା ବାନାର୍ଜୀଙ୍କ ବଜେଟ ଭାଷଣର ଚିତ୍ର ଦେଖିବା ଓ ତା ଶୁଣିବା କାମରେ ମନୋନିବେଶ କଲି, ଦେଖିଲେ ଯେପରି ମନେ ହେବ ଯେ ସେଇ ବଜେଟ ଭାଷଣ ମୁଁ ପିଇଯାଉଛି, କୋକାକୋଲା ବା ସେହିପରି କିଛି ଥଣ୍ଡା ପାନୀୟ ପିଇଗଲା ପରି । ପ୍ରକୃତରେ ମୋର ଏପରି ଆଚରଣ ଉପରେ ତ ମୋର ଓ ଆମ ଘରକୁ ନିତ୍ୟ ଯାତାୟାତ କରୁଥିବା ମୋର ଛାତ୍ରଛାତ୍ରୀ ଓ ସାଙ୍ଗସାଥିଙ୍କର ଭବିଷ୍ୟତ ଆଗମନ ନିର୍ଭର କରୁଛି । ଆଉ ଅବସରକାଳୀନ ଜୀବନରେ ସେମାନେ ନ ଆସିଲେ ତ ବଞ୍ଚିବା ଦୁର୍ବିସହ ହୋଇପଡ଼ିବ । ମୁଁ ଆଉ କୁଆଡ଼େ ଦୃଷ୍ଟି ନିକ୍ଷେପ ନ କରି ଏକ ମନରେ ବଜେଟ ଭାଷଣର ଚିତ୍ର ଦେଖୁଛି ଓ ଭାଷଣ ଶୁଣୁଛି, କିଛି ସମୟର ନିରବତା ପରେ ପ୍ରଥମେ ଫଁ' କରି ଗୋଟାଏ ଦୀର୍ଘ ନିଃଶ୍ୱାସର ଶବ୍ଦ ଶୁଭିଲା । କିନ୍ତୁ ମୁଁ ଭୟରେ ଆଉ ସେ ଆଡ଼କୁ ଚାହିଁଲି ନାହିଁ । କିଛି ସମୟ ପରେ କଣେଇ କରି ଚାହିଁ ଦେଖିଲି ଯେ ଘରଣୀ ସେଠାରୁ ଚାଲିଗଲେଣି । ମୁଁ ବି ସାମାନ୍ୟ ଟିକିଏ (ମାତ୍ର ଅଳ୍ପ ଟିକିଏ) ଆଶ୍ୱସ୍ତ ହେଲି ।

ତାର କିଛି ସମୟ ପରେ କିଛି ସାହସ ସଞ୍ଚୟ କରି ଘରଣୀ ଶୁଣିପାରିବା ଭଳି କିନ୍ତୁ ଅନୁଚ୍ଚ କଣ୍ଠରେ କହିଲି, "ବାଃ ବାଃ ମମତା ବାନାର୍ଜୀ ଏତେ ଦିନକେ ଗୋଟାଏ ଭଲ କାମ କଲା । ବରିଷ୍ଠ ନାଗରିକମାନେ ତ ଏଣିକି ଆଉରି ଶସ୍ତାରେ ରେଳଯାତ୍ରା କରିପାରିବେ । ସେଥିରେ ପୁଣି ଏଣିକି ଷାଠିଏ ବର୍ଷ ହେଲେ, ସ୍ତ୍ରୀଲୋକମାନେ ହେବେ ବରିଷ୍ଠ ନାଗରିକ ବା ନାଗରିକା । ଅଳ୍ପ ଖର୍ଚ୍ଚରେ ରେଳଯାତ୍ରାର ସମସ୍ତ ସୁଯୋଗ

Digitized by srujanika@gmail.com

ପାଇପାରିବେ ।” ତା ପରେ କିଛି ସମୟ ଅପେକ୍ଷା କରି ଘରଣୀଙ୍କ ଆଡୁ କୌଣସି ପ୍ରତିକ୍ରିୟା ନ ଆସିବାରୁ ମୁଁ ପୁଣି କହିଲି, “ମୁଁ ତ ପୂର୍ବରୁ ବରିଷ୍ଠ ନାଗରିକ ହୋଇସାରିଛି । ଏବେ ତ ତୁମେ ହୋଇଗଲ । ଏଥରକ ଚାଲ ଅଳ୍ପ ଖର୍ଚ୍ଚରେ କିଛି ତୀର୍ଥ କରିଆସିବା । ପ୍ରଥମେ ଯିବା ଦକ୍ଷିଣ ଭାରତ । କାରଣ ଉତ୍ତର ଭାରତ ଅପେକ୍ଷା ସେଠାରେ ଅଳ୍ପ ଖର୍ଚ୍ଚରେ ରହିବା ଓ ଖାଇବାର ସୁବିଧା ମିଳିବ । ମୁଁ ତ ଭାବୁଛି, ପ୍ରଥମେ ଯିବା ସେତୁବନ୍ଧ ରାମେଶ୍ୱର ।” ଏଥରକ ଘରଣୀ ଥୋପ ଗିଳିଲେ ବୋଲି ମନେ ହେଲା । ଧୀର ସ୍ୱରରେ ସ୍ୱଗତୋକ୍ତି କରିବା ପରି କାହାକୁ ଉଦ୍ଦେଶ୍ୟ ନ କରି ଯେପରି ମନକୁ ମନ କହିଲେ, “ଯେଉଁମାନଙ୍କର ସେପରି ଭାଗ୍ୟ ଅଛି ସେମାନେ ସିନା ତୀର୍ଥବ୍ରତ, ଧର୍ମକର୍ମ କରୁଚନ୍ତି । ମୋ ଭାଗ୍ୟରେ ତ ନାହିଁ । ସେ କଥା ଭାବିହେଇ ଆଉ ଲାଭ କଅଣ ? କଥାରେ ଅଛି, ‘ମନ ତଉ୍ୱ କଲେ ଗଡ଼ିଆ ଗଙ୍ଗା’ । ମୋର ତ

‘ସକଳ ତୀର୍ଥ ତୋ ଚରଣେ । ବଦ୍ରିକା ଯିବି କି କାରଣେ ?’”

ଭାଗବତରୁ ଏ ପଦକ ଉଚ୍ଚାରଣ କରିବା ବେଳେ ଘରଣୀଙ୍କର କଣ୍ଠ ଓଦା ଶୁଭୁଥିଲା । ଘରଣୀଙ୍କର ଏ ଉକ୍ତିରେ ବହୁ ବର୍ଷର ପୁଞ୍ଜିଭୂତ ବେଦନା ଯେପରି ପ୍ରତିଧ୍ୱନିତ ହେଉଥିଲା, ନିଦାଘରେ କୋକିଳର ଶେଷ କୁହୂ ଧ୍ୱନି ପରି । ମୁଁ ଜାଣିପାରୁଥିଲି ଯେ ଘରଣୀଙ୍କର ଆଖିରେ ଲୁହ ଟଳମଳ ହେଉଛି, ଯାହାକୁ ସେ ସମ୍ବରଣ କରୁଛନ୍ତି କଷ୍ଟରେ । ମୋ ମନ ବି ସହାନୁଭୂତିରେ ବିଗଳିତ ଓ ବିଷାଦଗ୍ରସ୍ତ ହୋଇପଡ଼ିଲା । ହଠାତ୍ ଯେପରି ମୋର ଚୈତନ୍ୟୋଦୟ ହେଲା । ମୁଁ ମନକୁ ମନ ଭାବିଲି ‘ଆରେ ! ମୁଁ ଚଣ୍ଡାଳ, ମୂଢ଼ ! ଗବେଷଣାର ଦ୍ୱାହୀରେ ଆଜି ପର୍ଯ୍ୟନ୍ତ କଣ କରିଚାଲିଛି ! କେବଳ କରିଚାଲିଛି ଅତ୍ୟାଚାର । ମୋ ପରି ନିଷ୍ଠୁର ଲୋକର ହାତ ଧରି ଘରଣୀ କଣ ଅବା ପାଇଲେ ? ଶେଷକୁ ତାଙ୍କର ସବୁଠାରୁ ବେଦାନଦାୟକ, ସ୍ପର୍ଶକାତର ସ୍ଥାନରେ ଆଘାତ ଦେଇ ବା ପିନକଣ୍ଟା ଫୋଡ଼ି ଏ କି ଲାଭ ବା ମୁଁ ପାଇଲି ? ଏପରି ନ କହିଥିଲେ କଣ ଚଳି ନଥାନ୍ତା ? ମତେ ଧିକ, ଶତ ଧିକ ! ମୋ ଗବେଷଣାକୁ ବି ଧିକ ! ଏତେ ଦିନ ଗୋଟାଏ ମରୀଚିକା ପଛରେ ହିଁ ମୁଁ ଗୋଡ଼ାଇଛି । ମୋର ଧର୍ମକର୍ମରେ ବିଶ୍ୱାସ ନାହିଁ ବୋଲି ମୋର ବିଶ୍ୱାସକୁ ଜବରଦସ୍ତ ଘରଣୀଙ୍କ ମୁଣ୍ଡରେ ଲଦିବାର କି ନୈତିକ ଅଧିକାର ମୋର ଥିଲା ବା ଅଛି ? ଆରେ ! ମୋ ପରି ଓଲୁ ପୁଣି ଆଉ କିଏ ଅଛି ? ଏଇଠି ମୋରି ଘରେ ତ ରହିଛି ସତ୍ୟ, ପରମ ସତ୍ୟ । ଆଉ ମୁଁ ଓଲୁ ! ମହା ଓଲୁ ! ଗବେଷଣା ନାମରେ ତାକୁ ଅନ୍ୟ ଆଡ଼େ ଖୋଜିବୁଲୁଛି । ରବୀନ୍ଦ୍ରନାଥଙ୍କ ‘ବୈରାଗ୍ୟ’ କବିତାର ପଂକ୍ତିଗୁଡ଼ିକ ହଠାତ୍ ମନେ ପଡ଼ିଗଲା,

Digitized by srujanika@gmail.com

"କହିଲ ଗଭୀର ରାତ୍ରେ ସଂସାରେ ବିରାଗୀ,
'ଗୃହ ତେୟାଗିବ ଆମି ଇଷ୍ଟଦେବ ଲାଗି ।
କେ ଆମାରେ ଭୁଲାଇୟା ରେଖେଛେ ଏଖାନେ ?'
ଦେବତା କହିଲା, 'ଆମି' -- ଶୁନିଲ ନା କାନେ ।
ସୁପ୍ତିମଗ୍ନ ଶିଶୁଟିରେ ଆଁକାଡିୟା ବୁକେ,
ପ୍ରେୟସୀ ଶଯ୍ୟାର ପ୍ରାନ୍ତେ ଘୁମାଇଛେ ସୁଖେ ।
କହିଲ, 'କେ ତୋରା ଓରେ ! ଆମାର ଛଲନା ?'
ଦେବତା କହିଲା, 'ଆମି' -- କେହ ଶୁନିଲ ନା ।
ଡାକିଲ ଶୟନ ଛାଡ଼ି, 'ତୁମି କୋଥା ପ୍ରଭୂ ?'
ଦେବତା କହିଲା, 'ହେଥା ।' - ଶୁନିଲ ନା ତବୁ ।
ସ୍ୱପନେ କାଁଦିଲ ଶିଶୁ ଜନନୀରେ ଟାନି-
ଦେବତା କହିଲା, 'ଫିର ।' - ଶୁନିଲ ନା ବାଣୀ ।
ଦେବତା ନିଃଶ୍ୱାସ ଛାଡ଼ି କହିଲେନ, 'ହାୟ
ଆମାରେ ଛାଡ଼ିୟା ଭକ୍ତ ଚଲିଲ କୋଥାୟ ?'"

ତେଣୁ ମୁଁ ଯଥାସମ୍ଭବ ନରମ କଣ୍ଠରେ କହିଲି, "କିହୋ ! ତୀର୍ଥ କରିବା, ଧର୍ମକର୍ମ କରିବା ଆମ ଭାଗ୍ୟରେ ନାହିଁ କାହିଁକି ? ନିଶ୍ଚୟ ଅଛି । ମୁଁ ତ କହୁଛି ଏଇ ଦୁଇତିନି ମାସ ଭିତରେ ଆମେ ନିଶ୍ଚୟ ସେତୁବନ୍ଧ ରାମେଶ୍ୱର ଯିବା ।" ମୋର ମନେ ହେଲା ଘରଣୀ ଯେପରି ମୋ କଥାକୁ ବିଶ୍ୱାସ କରିପାରୁ ନାହାଁନ୍ତି । ମୋ ପରି ନାସ୍ତିକ ସ୍ୱଭାବର ଲୋକର ପୁଣି ତୀର୍ଥଯାତ୍ରା ! ତେଣୁ ମୁଁ ଏଥରକ ଦୃଢ଼ କଣ୍ଠରେ ଘୋଷଣା କଲି, "ମୁଁ ତ କହୁଛି ଆମେ ଯିବା । ଆମେ ଯିବା, ଯିବା, ଯିବା । କେହି ଆମକୁ ଅଟକେଇ ପାରିବେନାହିଁ ।" ଏଥରକ ଘରଣୀ ମୋ କଥାରେ ଯେପରି ବିଶ୍ୱାସ କରିବାପାଇଁ ଆରମ୍ଭ କଲେ । ତାଙ୍କର ସେ ବିଶ୍ୱାସକୁ ଆହୁରି ଦୃଢ଼ୀଭୂତ କରିବାପାଇଁ ମୁଁ କହିଲି, "ବୁଝିଲ, ମୁଁ ଏଣିକି ସେ ଗବେଷଣା-ପୋଥିରେ ଡୋର ବାନ୍ଧିଦେବି । ଆଉ ଗବେଷଣା କରିବି ନାହିଁ । ସେ ବହିପତ୍ର, ଜର୍ଣ୍ଣାଲ, ପତ୍ରପତ୍ରିକା ଆଦି କୋଉ ଲାଇବ୍ରେରୀକୁ ଦେଇଦେବି ବା ଠୁଙ୍ଗାବାଲାକୁ ବିକ୍ରି କରିଦେବି । ସେଥିରୁ କି ଲାଭ ବା ମୁଁ ଆଜି ପର୍ଯ୍ୟନ୍ତ ପାଇଛି, ନା ଯଶଖ୍ୟାତି, ନା ସମ୍ମାନସ୍ୱୀକୃତି ନା ପଦପଦବୀ, ନା ଅର୍ଥ ? ତା ସବୁ ପୁଣି କେବଳ ଓଡ଼ିଆରେ ଲେଖା ହୋଇଥିବାରୁ କେହି କ୍ୱଚିତ୍ ମୋ ଲେଖାକୁ ପଢ଼େ ଓ ତା ଜାଣେ । କାରଣ ସେପରି ଗବେଷଣାତ୍ମକ ଲେଖା ପଢ଼ିବାପାଇଁ ଦରକାର ପୂର୍ବ-ପ୍ରସ୍ତୁତି ଓ ପରିଶ୍ରମ ।

Digitized by srujanika@gmail.com

ପ୍ରଫେସରମାନଙ୍କୁ ଯାଚିକରି ପଢ଼ିବାପାଇଁ ମୋ ପ୍ରବନ୍ଧ ଦେଲେ, ସେମାନେ ପଢ଼ିବେ ବୋଲି କେବଳ ଶୁଖିଲା ପ୍ରତିଶ୍ରୁତି ହିଁ ଦିଅନ୍ତି । ପରେ ପଚାରିଲେ, 'ନାହିଁ, ପଢ଼ିପାରିନାହିଁ, କିନ୍ତୁ ନିଶ୍ଚେ ଶୀଘ୍ର ପଢ଼ିବି' ବୋଲି କେବଳ ଆଶ୍ୱାସନା ହିଁ ଦିଅନ୍ତି । କାରଣ ଇଂରାଜୀରେ ଲିଖିତ ଉଚ୍ଚ ପଦବୀରେ ଅବସ୍ଥାପିତ ନାମବଡ଼ା ଲୋକଙ୍କ ପ୍ରବନ୍ଧ ନ ପଢ଼ି ମୋ ପରି ଅନାମଧେୟ ଲୋକର ଓଡ଼ିଆ ପ୍ରବନ୍ଧ ପଢ଼ି ସେମାନଙ୍କୁ କି ଲାଭ ବା ମିଳିବ ? ତେଣୁ ସେ ସବୁ ତ କେବଳ ଚକ୍ଷୁକୁଟା ଛଡ଼ା ଆଉ କିଛି ବି ନୁହେଁ । ତେବେ ବହୁତ ଚକ୍ଷୁ ତ କୁଟିସାରିଲିଣି । ତେଣୁ ଆଉ ଚକ୍ଷୁ କୁଟିବାପାଇଁ ଇଚ୍ଛା ବି ନାହିଁ । ଗବେଷଣା କରି ବ୍ୟର୍ଥ ତ ହେଲି; ତା ଆଉ କରିବି ବା କାହିଁକି ? କିଛି ବି ତ ପାଇଲି ନାହିଁ । ପାଇଲି, କେବଳ ଉପେକ୍ଷା ଓ ଅବଜ୍ଞା । ଯେତିକି ଗଙ୍ଗା ଗଲି ସେତିକି ଫଳ ପାଇଲି । ଆଉ ନୁହେଁ । 'ନ ଗଙ୍ଗଦତ୍ତ ପୁନରେପି କୂପମ୍' ।" ଘରଣୀ ଟିକେ ପରେ ତାଙ୍କର ସେ ଭଙ୍ଗା କଣ୍ଠକୁ ସଫା କରିବା ସ୍ୱରରେ କହିଲେ, "ଆହେ ! ମୁଁ କଣ ସେ କଥା କହୁଛି । ମୋ'ପେଇଁ ତୁମ ଗବେଷଣା କାହିଁକି ବନ୍ଦ ହେବ ? ନାହିଁ, ନାହିଁ, ତୁମର ସେ ଗବେଷଣା ସେମିତି ଚାଲିଥାଉ । ତୁମ ଛାତ୍ରଛାତ୍ରୀ ଓ ସାଙ୍ଗସାଥୀ ଆସନ୍ତୁ । ମୁଁ କଣ ମନାକରୁଛି ? ତୁମର ଏତେ ଦିନର ଗୋଟାଏ ସକ୍ ।" ଘରଣୀଙ୍କ ମନରେ ଅଧିକ କଷ୍ଟ ନ ଦେବାପାଇଁ ମୁଁ ଆଉ ପ୍ରକାଶ୍ୟରେ କିଛି କହିଲି ନାହିଁ । ତେବେ ମନେ ମନେ କହୁଥିଲି, "ମାର ଗୋଲି ଏପରି ସକ୍‌କୁ । ଏଇ ସକ୍‌ର ଦ୍ୱାହୀରେ ତ ଘରଣୀଙ୍କ ଉପରେ କମ୍ ଅବିଚାର କରିନାହିଁ । ଯଥେଷ୍ଟ ହୋଇଗଲା । ଆଉ ନୁହେଁ, ଆଉ ନୁହେଁ । ଏଣିକି ଏ ଚକ୍ଷୁକୁଟା କାମ ବନ୍ଦ ହେଲା ।" ମୋର ଗବେଷଣା ନାମକ ଚକ୍ଷୁକୁଟାର ମହାଯଜ୍ଞରେ ନିଜକୁ ତିଳତିଳ କରି ଆହୁତି ଦେଇଚାଲିଥିବା ଘରଣୀଙ୍କପାଇଁ କରୁଣା ନୁହେଁ, ସହାନୁଭୂତି ନୁହେଁ, ଭୟ ବି ନୁହେଁ, ମୋ ମନରେ ଜାଗ୍ରତ ହେଲା କେବଳ ଭକ୍ତି, ବିଶୁଦ୍ଧା ଭକ୍ତି । ସେଠାରେ ଭକ୍ତିତଦ୍ଗତ ହୃଦୟରେ ନତଜାନୁ ହୋଇ ସେଇ ସପ୍ତଶତୀ ଚଣ୍ଡୀର ଇନ୍ଦ୍ର ଆଦି ଦେବତାମାନଙ୍କ ଭାଷାରେ ତାଙ୍କୁ ଉଦାତ୍ତ କଣ୍ଠରେ ସ୍ତୁତି କରିବାପାଇଁ ଇଚ୍ଛା ହେଉଥିଲା,

"ରୌଦ୍ରାୟୈ ନମୋ ନିତ୍ୟାୟୈ ଗୌର୍ଯୈ ଧାତ୍ର୍ୟୈ ନମୋ ନମଃ
ଜ୍ୟୋତ୍ସ୍ନାୟୈ ଚେନ୍ଦୁରୂପିଣ୍ୟୈ ସୁଖାୟୈ ସତତଂ ନମଃ ।

*** *** *** ***

ଅତିସୌମ୍ୟାତିରୌଦ୍ରାୟୈ ନତାସ୍ତସ୍ୟୈ ନମୋ ନମଃ,
ନମୋଜଗତପ୍ରତିଷ୍ଠାୟୈ ଦେବ୍ୟୈ କୃତ୍ୟୈ ନମୋ ନମଃ ।"

■■

Digitized by srujanika@gmail.com

ଲେଖକଙ୍କର ଆଉ କେତେକ ପୁସ୍ତକ

୧୯୭୯. ଜନଶ୍ରୁତି କାଞ୍ଚିକାବେରୀ ।
୧୯୮୨. Descriptive Morphology of Oriya.
୧୯୮୩. ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା ।
୧୯୮୪. ସ୍ୱଦେଶରେ ସ୍ମୃତି ।
୧୯୯୩. ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ
୧୯୯୮. Hindus and Tribals.
୨୦୦୫. ନିର୍ବାଚିତ ପ୍ରବନ୍ଧ ସଙ୍କଳନ ।
୨୦୦୬. ସରସ୍ୱତୀ ଫକୀରମୋହନ:ସାହିତ୍ୟ ଓ ବ୍ୟକ୍ତିତ୍ୱ
୨୦୧୦. Jagannatha and the Gajapati Kings of Orissa.
A Compendium of Late Medieval Texts.
୨୦୧୪. ନବଦିଗନ୍ତର ଆହ୍ୱାନରେ ।
୨୦୧୪. ପୁନଶ୍ଚ ଜନଶ୍ରୁତି କାଞ୍ଚିକାବେରୀ ।
୨୦୧୫. ଓଡ଼ିଆର ସ୍ୱାଭିମାନ ଓ ଅନ୍ୟାନ୍ୟ ପ୍ରବନ୍ଧ (କିଞ୍ଚିତ୍ ଅପ୍ରିୟ କଥନ) ।

ପ୍ରକାଶ ଅପେକ୍ଷାରେ

ଅଜଣା ପଥ ଯେ ଡାକେ । (ପ୍ରବନ୍ଧ ସଙ୍କଳନ)
ଶିକ୍ଷାଜୀବୀର କଥା । (ସ୍ମୃତି କଥା)
ଓଡ଼ିଆ ଭାଷା ଓ ସାହିତ୍ୟ (ଭାଷା ଓ ସମୀକ୍ଷା) । (ପ୍ରବନ୍ଧ ସଙ୍କଳନ)

Digitized by srujanika@gmail.com

ନବ ଦିଗନ୍ତର ସନ୍ଧାନରେ (ଫ୍ରାନ୍ସର କାଲେ ବନ୍ଦରରୁ ଇଂଲିସ୍ ଚାନେଲ୍ ବାଟଦେଇ ଇଂଲଣ୍ଡର ଡୋଭର୍ ବନ୍ଦର ଅଭିମୁଖେ ଲେଖକ, ୧୯୭୫) ।

ପ୍ରକାଶିକା:
ରମାଦେବୀ, ୩୨୪- ଶ୍ରୀରାମ ନଗର, ଭୁବନେଶ୍ୱର-୭୫୧୦୦୨

ବିତରକ:
ଶିକ୍ଷାସନ୍ଧାନ, ଏନ୍. ଡି. -୭, ଭି. ଆଇ. ପି. ଏରିଆ,
ଆଇ. ଆର୍. ସି. ଭିଲେଜ, ଭୁବନେଶ୍ୱର-୭୫୧୦୧୫,

ISBN:978-93-5258-205-1

Digitized by srujanika@gmail.com